ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ନଭେମ୍ବର, ୨୦୧୮ ସଂସ୍କରଣ



କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା


ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଦୀପାବଳୀ ଉତ୍ସବ ଏବଂ କାର୍ତ୍ତିକପୂର୍ଣ୍ଣିମୀ ଉପଲକ୍ଷେ ଆହ୍ୱାନର ଅଗଣିତ ପାଠକପାଠିକା, ଲେଖକଲେଖିକା, ଶୁଭାକାଂକ୍ଷୀ ବନ୍ଧୁ ମାନଙ୍କୁ ତଥା ସମସ୍ତ ଓଡ଼ିଶାବାସୀଙ୍କୁ ଆହ୍ୱାନ ଇ-ପତ୍ରିକା ତରଫରୁ ଅନେକ ଶୁଭେଚ୍ଛା ।**

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଯେଉଁ ବନ୍ଧୁମାନେ ଇମେଲ୍ ମାଧ୍ୟମରେ ଲେଖା ପଠାଇଥିବେ ସେମାନଙ୍କୁ ତୁରନ୍ତ ଇମେଲ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ଆପଣମାନେ ଜାଣନ୍ତି ଏହି ପତ୍ରିକା କୌଣସି ବ୍ୟବସାୟିକ ବା ଲାଭଜନକ ପତ୍ରିକା ନୁହେଁ, ତେଣୁ ଏହାକୁ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକାଶନ କରିବା, କାର୍ଯ୍ୟବ୍ୟସ୍ତତା ଭିତରେ ସମ୍ଭବ ହେଉନାହିଁ, ତେଣୁ ପ୍ରାୟତଃ ପ୍ରତ୍ୟେକ ମାସରେ କିଛି ଦିନ ବିଳମ୍ବ ହେଉଛି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ କ୍ଷମାପ୍ରାର୍ଥୀ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଊଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୫ |
| କାହାଣୀ ବିଭାଗ | | ୨୨ |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୨୩ |
| ନିୟମ | ସୁଭ୍ରାଂଶୁ ମହାନ୍ତି | ୨୮ |
| ବନ୍ଧୁ | ସୁଷମା ପରିଜା | ୩୩ |
| ପାପ ଉପାଖ୍ୟାନ | ବିନୟ ମହାପାତ୍ର | ୪୩ |
| କ୍ଳାନ୍ତ ବିହଙ୍ଗ | ସଂସ୍କୃତି ମହାନ୍ତି | ୪୮ |
| ଉତିଷ୍ଠିତ ଜାଗ୍ରତ | ପ୍ରମୋଦ କୁମାର ପଣ୍ଡା | ୫୨ |
| ଅପବାଦ | ଡା ଆରତୀ ମିଶ୍ର | ୫୭ |
| କିଏ ଆପଣା | ପ୍ରିୟଙ୍କା ସାହୁ | ୭୮ |
| ଚିଠି | ଲିନାରାଣୀ ଧଳ ମଙ୍ଗରାଜ | ୮୩ |
| ନଭାବ କାହାକୁ ଛୋଟ | ପ୍ରେମଶୀଳା ରାଉତ | ୯୧ |

 Magazine Downloaded from www.aahwaan.com


| | | |
|---|---|---|
| ଦୁଇଟି କ୍ଷୁଦ୍ରଗଳ୍ପ | ସୁଧାଂଶୁଶେଖର ଦ୍ୱିବେଦୀ | ୯୩ |
| ବୋଉର ପଣତକାନି | ପ୍ରଶାନ୍ତ କୁମାର ନାଥ | ୯୬ |
| ମନୋଭାବ | ସରୋଜିନୀ ସାହୁ | ୯୮ |
| ଗୁଲୁଗୁଲା ବନାମ ଚିକେନ୍ ପକୋଡ଼ା | ଅନୁସୂୟା ଜେନା | ୧୦୦ |
| ଗାଁ ମୁରବୀ | ସୀତାରାମ ଦାଶ | ୧୦୫ |
| ଚିତାଗ୍ନିର କୋହ | ଜ୍ୟୋତିରଞ୍ଜନ ମହାରଣା | ୧୦୭ |
| ମନର କଥା | ହିତେଶ୍ ମହାପାତ୍ର | ୧୧୫ |
| ସମ୍ବାଦ | ଅନସୂୟା ପଣ୍ଡା | ୧୨୧ |
| ମୁଁ ମୋ ପ୍ରେମିକ | ରୁଖ୍ସାର ବେଗମ୍ | ୧୨୫ |
| ପୁନଶ୍ଚ ଇନ୍ଦ୍ରଧନୁ | ଦୀପକ ଷଡ଼ଙ୍ଗୀ | ୧୨୭ |
| ଅଭିଶପ୍ତ ଶୈଶବ | ସସ୍ମିତା ମହାନ୍ତି | ୧୨୯ |
| ବଜ୍ରଶପଥ(ଏକାଙ୍କିକା) | ନୂତନ କୁମାର ବେହେରା | ୧୩୨ |
| **କବିତା ବିଭାଗ** | | **୧୪୧** |
| ଶୁଭ ଦୀପାବଳୀ | ଧୀରେନ୍ଦ୍ର କୁମାର | ୧୪୨ |

 Magazine Downloaded from www.aahwaan.com


| | | |
|---|---|---|
| ବସନ୍ତ | ପ୍ରଫୁଲ୍ଲ କୁମାର ଗୋଛାୟତ | ୧୪୩ |
| ଚିତ୍ରକର | ନରେଶ କୁମାର ବେହେରା | ୧୪୫ |
| କି ଉତ୍ତର ଦେବ ? | ହୃଦୟାନନ୍ଦ ପଧାନ | ୧୪୬ |
| କାର୍ତ୍ତିକ ପୂର୍ଣ୍ଣିମା | ନୃସିଂହ ଚରଣ ବେହେରା | ୧୪୮ |
| ସ୍ୱର... ଏକ ମିଠା ସମ୍ପର୍କର | ସ୍ମିତା ତ୍ରିପାଠୀ | ୧୪୯ |
| ବାଲ୍ୟକାଳ ବନ୍ଧୁ | ଶ୍ରୀରାଜଶେଖର ସି ‘ଚିମା’ | ୧୫୧ |
| ସୁରଭି | ଜଗନ୍ନାଥ ତରେଇ | ୧୫୨ |
| ଉପହାର | ନିରୁପମା ନାୟକ | ୧୫୩ |
| ଆଜିର ସମୟ | ସୌମ୍ୟାସୁଚରିତା ସେଣ | ୧୫୫ |
| # ମି ଠୁ | କାର୍ତ୍ତିକ ପାଣିଗ୍ରାହୀ | ୧୫୬ |
| ସ୍ମୃତି | ସୌମ୍ୟରଞ୍ଜନ ସ୍ୱାଇଁ | ୧୫୭ |
| ମୃଣ୍ମୟୀ ପ୍ରତିମା | ଶରତ କୁମାର ଦାସ | ୧୫୮ |
| ହେ ଅଟଳ ଫେରିଆସ | ଡମ୍ବରୁଧର ବାଗ | ୧୬୧ |
| ବୃକ୍ଷ ଓ ନାରୀ | ସନ୍ତୋଷ ପଟ୍ଟନାୟକ | ୧୬୨ |

 Magazine Downloaded from www.aahwaan.com


| | | |
|---|---|---|
| ବର୍ଷା | ଅଜୟ କୁମାର ବେହେରା | ୧୬୩ |
| କର୍ମଫଳ | ହୃଷିକେଶ ଜାଲି | ୧୬୪ |
| ଶୀତ | ବିଜୟ କୁମାର ପଣ୍ଡା | ୧୬୫ |
| ଝିଅ | ସୁଶାନ୍ତ କୁମାର ଧଳ | ୧୬୬ |
| ମଦ୍ୟପାନ ଅଟେ ମନ୍ଦ | ମହେଶ୍ୱର ସାହୁ | ୧୬୭ |
| ଚାରୋଟି ସନେଟ୍ | ଡଃ ଦୀପାଞ୍ଜଳି ସାହୁ | ୧୬୯ |
| ଆଜି ଭାରି ମନେପଡ଼େ | ପ୍ରଶାନ୍ତ କୁମାର ନାଥ | ୧୭୦ |
| ପ୍ରଜାପତିର ଡେଣା | ଅଶ୍ୱିନୀ ଦାଶ | ୧୭୧ |
| ବନ୍ଧକ ପଡ଼ିଛି | ରାମ କଲତା | ୧୭୨ |
| ଶ୍ରାବଣୀ | ଅର୍ପିତା ରଣା | ୧୭୩ |
| ମୋ ଭାଇ | କେଶରୀ ପ୍ରସାଦ ମହାନ୍ତି | ୧୭୪ |
| କିନ୍ନର | ଦୀପକ କୁମାର ଦାସ | ୧୭୫ |
| ନିଶିଦ୍ଧ ନୀରବତା | ନବୀନ ସାହୁ | ୧୭୬ |
| ଜୀବନସାଥୀ | ରାମ ପ୍ରସାଦ ସିଂହ | ୧୭୭ |

 Magazine Downloaded from www.aahwaan.com


| | | |
|---|---|---|
| ଛାଇ | ପ୍ରିୟଙ୍କା ନାୟକ | ୧୭୮ |
| ମୁଁ ଆଉ ତୁ | ପ୍ରସନ୍ନ ପ୍ରୟାସ ଭୁଏ | ୧୭୯ |
| କୋଡ଼ିଏ ଟଙ୍କା | ସନାତନ ସରକାର | ୧୮୦ |
| ଠକ କାଳିଆ | ପ୍ରିୟଙ୍କା ସାହୁ | ୧୮୨ |
| ଶୀତର ମହାସୁଷୁପ୍ତିରେ ସେ | ସମ୍ବିତ ସତ୍ୟପ୍ରକାଶ ମିଶ୍ର | ୧୮୩ |
| ପ୍ରିୟତମା | ସୌମ୍ୟରଞ୍ଜନ ପାଲ୍ | ୧୮୫ |
| ଜୀବନ ରାସ୍ତା | ଆଶୁତୋଷ ମେହେର | ୧୮୬ |
| ତୁମେ ପଥର ମଣିଷ | ସାଗର ନାୟକ | ୧୮୭ |
| ପ୍ରୀତିଭରା ସ୍ମୃତି | ଭାଗିରଥୀ ଯାନୀ | ୧୮୮ |
| ଭୁଲି କି ପାରିବି ? | ଅନିଲ୍ କୁମାର ମହାରଣା | ୧୯୦ |
| ସିନ୍ଦୂର | ତୁଷାରକାନ୍ତ ପ୍ରସାଦ | ୧୯୨ |
| ଅମାନିଆ ବର୍ଷା | ପବିତ୍ର ଦାସ | ୧୯୩ |
| ଜୀବନ | ସୌରଭ ପାଣିଗ୍ରାହୀ | ୧୯୪ |
| ଦୁର୍ନୀତିର ଚେର | ସୁରେଶଚନ୍ଦ୍ର ପଣ୍ଡା | ୧୯୬ |

Magazine Downloaded from www.aahwaan.com


| | | |
|---|---|---|
| ଶୀତ ଆସିଥିବ | ଶ୍ରୀ ସତ୍ୟବ୍ରତ ସାହୁ | ୧୯୮ |
| ହେ କଲମ | ଗୌରୀ ପଣ୍ଡା | ୨୦୦ |
| ସରିଲା ସପନ | ସନ୍ତୋଷ ପଟ୍ଟନାୟକ | ୨୦୨ |
| ପୁଣି ଦେଖାହେବ ଆର ଜନମରେ | ତୁଷାରକାନ୍ତ ଓଝା | ୨୦୩ |
| ତୁମେ ନାହଁ ବୋଲି | ରବୀନ୍ଦ୍ରନାଥ ମହାରଣା | ୨୦୪ |
| ଦେଇନାହଁ ଧରା | ଅର୍ଚ୍ଚନା ପଟ୍ଟନାୟକ | ୨୦୬ |
| ଗାନ୍ଧୀ ହସିଲେ | ଶ୍ରୀଧର ପଟ୍ଟନାୟକ | ୨୦୭ |
| ଆଦ୍ୟାନ୍ତ ସାଥୀ | ରୋଜା ପଣ୍ଡା | ୨୦୮ |
| ନାଉରୀ | ଧୀରେନ୍ଦ୍ର କୁମାର ପ୍ରଧାନ | ୨୧୦ |
| କିଏ ତୁ ରୂପସୀ | ବେଦବ୍ୟାସ ମାଝୀ | ୨୧୧ |
| କଷ୍ଟ | ରିଭୁ ଆଭୂଷଣ ପଣ୍ଡା | ୨୧୨ |
| ଜୀବନ | ହିମାଂଶୁ ଭୂଷଣ ଜେନା | ୨୧୩ |
| ହସ ଧାରେ | ପ୍ରଭାତିମଞ୍ଜରୀ ବେହେରା | ୨୧୪ |
| ସ୍ମୃତି | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୧୫ |

Magazine Downloaded from www.aahwaan.com


| | | |
|---|---|---|
| ଖୁସିରେ ଅଛି ମୁଁ | ଜୟନ୍ତ କୁମାର ସାହୁ | ୨୧୬ |
| ତିତ୍‌ଲି | ଚିନ୍ମୟ କୁମାର ବେବର୍ତ୍ତା | ୨୧୭ |
| ମିଛ ପରିଚୟ | ଧୀରେନ୍ ବାଗ୍ | ୨୧୮ |
| ହେ ଯନ୍ତ୍ରମାନବ | ନରେନ୍ଦ୍ର ସାହୁ | ୨୧୯ |
| ପ୍ରେମର ଅଲିଭା ଜୁଇ | କଣ୍ଟୁରି ଚରଣ ରାଉତ | ୨୨୧ |
| ପ୍ରଶ୍ନଟିଏ ତୁମ ପାଇଁ... | ଗଙ୍ଗାସୁନନ୍ଦିନୀ ରୁପମା ଗୁରୁ | ୨୨୨ |
| ଏବେ ଫେରିବାର ବେଳ | ନାରାୟଣ ମହାଳିକ | ୨୨୩ |
| ଆଖିଲାଗେ ତାରା ପରି | ସୁଦର୍ଶନ ସାହୁ | ୨୨୫ |
| ନୂଆ ନୂଆ ଶୀତ | ଡଃ ଆଲୋକ କୁମାର ରାୟ | ୨୨୬ |
| ଦୁଇଟି ପ୍ରେମାଞ୍ଜଳୀ | ରାଜେଶ ପୂଝାରୀ | ୨୨୭ |
| ପ୍ରିୟା ମୋର | ଆଲୋକ କୁମାର ରାଉତ | ୨୨୮ |
| ନୀରବ ପ୍ରତ୍ୟୟ | ସିପ୍ରା ନାମତା | ୨୨୯ |
| ପାନ୍ଥଶାଳା | ଦେବବ୍ରତ ଜେନା | ୨୩୧ |
| ପଢ଼ିବା ଆମେ ପାଠ | ସୁଦାମ ଗୌଡ଼ | ୨୩୨ |

 Magazine Downloaded from www.aahwaan.com


| | | |
|---|---|---|
| ଦୀପାବଳୀ | ଦିବ୍ୟ ଦିପ୍ତିମୟ ବେହେରା | ୨୩୩ |
| ବାପା ! ମୁଁ ତୁମକୁ ବହୁତ ଭଲପାଏ | ଜ୍ୟୋତିରଞ୍ଜନ ସାହୁ | ୨୩୪ |
| ଭଲ ଦିନ କେବେ | ଅଜୟ କୁମାର ମହାନ୍ତି | ୨୩୬ |
| ସ୍ୱଚ୍ଛତା | ରାଜେନ୍ଦ୍ର ନାରାୟଣ ସେନାପତି | ୨୩୮ |
| ଜୀବନପଥ | ପ୍ରଶାନ୍ତ ପ୍ରଧାନ | ୨୩୯ |
| ହେ ମୃତ୍ୟୁର ଦୂତ | ଜିତେନ୍ଦ୍ର କୁମାର କହଁର | ୨୪୧ |
| ଚାଲ ଦୀପଟିଏ ଜାଳିବା | ସଚ୍ଚିଦାନନ୍ଦ ବାରିକ | ୨୪୩ |
| ଚିଠିଟିଏ ତୋ ପାଇଁ | ପ୍ରଦୀପ ବନ୍ଧ | ୨୪୫ |
| ମୁଁ | ନିର୍ମଳ କୁମାର ଦଳାଇ | ୨୪୭ |
| ବନ୍ଧୁତା | ଅଜୟ କୁମାର ବେହେରା | ୨୪୯ |
| ପ୍ଲାଷ୍ଟିକ୍ ସଚେତନ | ଶାରଦା ପ୍ରସନ୍ନ ସାହୁ | ୨୫୧ |
| କହି କି ପାରିବ | ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ | ୨୫୩ |
| ଆସିବ ଫଗୁଣ ଯେବେ | ଶୁଭକାନ୍ତ ମଲ୍ଲିକ | ୨୫୬ |
| ଫେରିଆସ ପ୍ରିୟା | ପର୍ଶୁରାମ ସାହୁ | ୨୫୭ |

 Magazine Downloaded from www.aahwaan.com


| | | |
|---|---|---|
| ଚାଲରେ ଟେକି ମଥା | ଜୟଶ୍ରୀ ମହାରଣା | ୨୫୮ |
| ହସିବ ମାଟି ମାଆ | ବି. ନିରୁପମା | ୨୫୯ |
| ସ୍ୱପ୍ନର ଘର | ଡଃ ଅମରେଶ ପଟ୍ଟନାୟକ | ୨୬୦ |
| ଦ୍ୱାଦଶ ଲଘୁ କବିତା | ଶ୍ରୀ ରମା କାନ୍ତ ମିଶ୍ର | ୨୬୧ |
| ସନ୍ଦେଶ ଏକ ପୂର୍ଣ୍ଣତାର | ଶୁଭକାନ୍ତ ଗୌଡ଼ | ୨୬୪ |
| ମାଛ ରଙ୍ଗା ଚଢ଼େଇ | ରାମ ପ୍ରସାଦ ସିଂହ | ୨୬୫ |
| ଆଉ ଟିକେପରେ | ରାହାସ କୁମାର ବେହେରା | ୨୬୬ |
| ପୋଡ଼ିଯାଇଥିବା ସ୍ୱପ୍ନ | ଲକ୍ଷ୍ମୀଧର ସୁବୁଦ୍ଧି | ୨୬୭ |
| **ସମ୍ବଲପୁରୀ ବିଭାଗ** | | **୨୬୮** |
| ଶିରି ହନୁମାନ ଚାଲିଶା | ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଡ଼ିଆ | ୨୬୯ |
| ହେଇଯିବା ଅତୀତ୍ | କବି ପ୍ରସାଦ | ୨୭୮ |
| ଜଏ ଜବାନ୍ ଜଏ କିଷାନ୍ | କ୍ଷମାନିଧି ସାହୁ | ୨୭୯ |
| ରିଜର୍ଭେସନ୍ | ଏମ୍. ବିଜୟ କୁମାର | ୨୮୦ |
| ମୁଁଇ କାଳିର୍ ଭକତ୍ | ରଞ୍ଜନ୍ କୁମାର ସାହୁ | ୨୮୧ |

| | | |
|---|---|---|
| ଦାଦନ୍ | ଆକାଶ ଚୌହାନ୍ | ୨୮୩ |
| **ପ୍ରବନ୍ଧ ବିଭାଗ** | | **୨୯୦** |
| କେତେ ଆବଶ୍ୟକ ସର୍ଦ୍ଦାରଙ୍କ ମୂର୍ତ୍ତି | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୨୯୧ |
| ପଞ୍ଜୁକ | ସନ୍ତୋଷ ପଟ୍ଟନାୟକ | ୨୯୫ |
| ନାରାୟଣଙ୍କ ନାମ ମହିମା | ପ୍ରତିଭା ପ୍ରିୟଦର୍ଶିନୀ | ୨୯୯ |
| ଆମ ସହ ମହାପ୍ରଭୁ | ଶ୍ରୀ ଅଖଣ୍ଡ | ୩୦୩ |
| ଗୃହରେ ବିଦ୍ୟୁତ ସୁରକ୍ଷା | ଶ୍ରୀ ରମା କାନ୍ତ ମିଶ୍ର | ୩୦୫ |
| ପ୍ରାପ୍ତିସ୍ୱୀକାର 'ପ୍ରେମ... ପଳାଶ ଫୁଲର' | | ୩୦୭ |
| ବିଶେଷ ସୂଚନା | | ୩୦୮ |
| ଲେଖା ପଠାଇବା ସୂଚନା | | ୩୦୯ |


**ଆଗାମୀ ସଂସ୍କରଣ ନିମନ୍ତେ ଆପଣଙ୍କ ଲେଖା ଡିସେମ୍ବର ୩ ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।**

 Magazine Downloaded from www.aahwaan.com

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ନଭେମ୍ବର ମାସର ସଂସ୍କରଣ ଆପଣଙ୍କୁ ଭେଟି ଦେବାର ସମୟ ଆସିଯାଇଛି । ଆପଣଙ୍କୁ ଏହି ପତ୍ରିକା ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଚେଷ୍ଟା କରୁଥିବା ସମସ୍ତ ବନ୍ଧୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଆମେ ଭାଷା ଆନ୍ଦୋଳନ ଚଳାଇବା ପଛରେ ରହିଛି ଆପଣଙ୍କ ନିରବଚ୍ଛିନ୍ନ ଅବଦାନ । ଲେଖକ ଲେଖିକା ମାନଙ୍କ ପ୍ରୋତ୍ସାହନ ଓ ଉତ୍ସାହ ଯୋଗୁଁ ଆହ୍ୱାନ ସମ୍ଭବ ହୋଇ ପାରୁଛି ସେଇଥିପାଇଁ ମୁଁ ଏହି ପତ୍ରିକାରେ ଲେଖା ପ୍ରକାଶିତ କରୁଥିବା ସମସ୍ତ ବନ୍ଧୁଙ୍କୁ ମୋ ହୃଦୟରୁ ଧନ୍ୟବାଦ ଜଣାଉଛି ।

ଆଜି ନଭେମ୍ବର ୧୪ ତାରିଖ, ଶିଶୁ ଦିବସ । ଆମେ ସମସ୍ତେ ମାନସିକ ସ୍ତରରେ ବର୍ତ୍ତମାନ ଜଣେ ଜଣେ ଶିଶୁ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ସାହିତ୍ୟିକର ପ୍ରୌଢ଼ତ୍ୱ ନଥାଏ । ଶୈଶବ ସୁଲଭ ଚପଳତା ନଥିଲେ କୌଣସି କଥାକାହାଣୀ ପାଠକୀୟ ସ୍ୱୀକୃତି ପାଏନାହିଁ । ଶିଶୁଟିଏ ପରି ନୂତନତ୍ୱର ସନ୍ଧାନ ହିଁ ଆମର ଆବଶ୍ୟକତା । ଆଶା କରୁଛି ଆମ ଆହ୍ୱାନ ଇ-ଓଡ଼ିଆ ପରିବାରର ସମସ୍ତ ସଦସ୍ୟସଦସ୍ୟା ନିଜ ହୃଦୟରେ ଶିଶୁଟିଏ ପରି ଚପଳତା ଏବଂ ଉତ୍ସାହ ସବୁବେଳେ ରଖିବେ । ଏହି ସଂସ୍କରଣକୁ ଉପସ୍ଥାପନ କରିବାପୂର୍ବରୁ ଆସନ୍ତୁ ଧ୍ୟାନ ଦେବା ବିଗତ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

 Magazine Downloaded from www.aahwaan.com

ଏକ ମାସରେ ହୋଇଥିବା କିଛି ଘଟଣା ଯାହା ଜନମାନସକୁ ଆଲୋଡ଼ିତ କରିଛି ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳୀ

ଗୁଜୁରାତର ସର୍ଦ୍ଦାର ସରୋବର ବନ୍ଧ ଉପରେ ଭାରତର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୮୨ ମିଟର ଉଚ୍ଚ ପ୍ରତିମୂର୍ତ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପଟେଲଙ୍କ ଜନ୍ମଦିନ ୩୦ ଅକ୍ଟୋବର ଦିନ ଉନ୍ମୋଚନ କରି ଦେଶକୁ ଏକ ବିରାଟ ଉପହାର ଦେଇଛନ୍ତି । ଭାରତ ସ୍ୱାଧୀନ ହେବା ସମୟରେ ଦେଶ ଅନ୍ୟୁନ ପାଞ୍ଚଶହରୁ ଅଧିକ ରାଜତନ୍ତ୍ରୀୟ ଅଞ୍ଚଳରେ ବିଭକ୍ତ ହୋଇଥିଲା ଏବଂ ସେ ସବୁ ଅଞ୍ଚଳକୁ ଏକତ୍ରିତ କରି ଭାରତୀୟ ଗଣତନ୍ତ୍ରର ସ୍ଥାପନାରେ ସର୍ଦ୍ଦାରଙ୍କ ଭୂମିକା ଅତୁଳନୀୟ । ଭାରତୀୟ ଇତିହାସରେ କିନ୍ତୁ ସର୍ଦ୍ଦାର ପଟେଲଙ୍କୁ ସମୁଚିତ ସମ୍ମାନ ମିଳିନାହିଁ । କିଛି ଐତିହାସିକଙ୍କ ମତରେ ଭାରତ ସ୍ୱାଧୀନ ହେବା ପରିପ୍ରେକ୍ଷୀରେ ସେହି ସମୟରେ କଂଗ୍ରେସ ଦ୍ୱାରା ପ୍ରଧାନମନ୍ତ୍ରୀ ପଦବୀ ପାଇଁ ହୋଇଥିବା ନିର୍ବାଚନରେ କାଳେ ଶ୍ରୀ ପଟେଲ ସର୍ବାଧିକ ଜନମତ ପାଇଥିଲେ, କିନ୍ତୁ କେଜାଣି କାହିଁକି ତାଙ୍କୁ ପ୍ରଧାନମନ୍ତ୍ରୀ କରାଗଲା ନାହିଁ । ଶୁଣିବାକୁ ମିଳୁଛି ଯେ ନେହେରୁଙ୍କୁ ପ୍ରଧାନମନ୍ତ୍ରୀ କରିବାପାଇଁ ଉଭୟ ନେହେରୁ ଓ ମହାତ୍ମାଗାନ୍ଧୀ ଜିଦ୍ ଧରି ବସିଥିଲେ ଏବଂ ଦେଶର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଶ୍ରୀ ପଟେଲ୍ ଏହି ମହାନ ତ୍ୟାଗ କରିଥିଲେ । ଅବଶ୍ୟ ଏହି ତଥ୍ୟ କେତେ ସତ ବା ମିଛ ତାହା ଆମେ ଜାଣିନୁ, କିନ୍ତୁ ଯେହେତୁ ଏହାକୁ ଅନେକ ଐତିହାସିକ ତଥ୍ୟ ବୋଲି ପ୍ରମାଣିତ କରୁଛନ୍ତି, ତେଣୁ ଯଦି ଏମିତି

 Magazine Downloaded from www.aahwaan.com

କିଛି ହୋଇଥାଏ ତା ହେଲେ ତାହା ଆମ ସମୁଦାୟ ଗଣତନ୍ତ୍ରପ୍ରତି ବିଦ୍ରୁପ ବୋଲି ଧରି ନିଆଯିବ ନାହିଁ କାହିଁକି ?

ସେ ଯା ହେଉ, ଦେଶ ସ୍ୱାଧୀନ ହେବାର ସାତଟି ଦଶକପରେ ବର୍ତ୍ତମାନ ଶ୍ରୀ ପଟେଲଙ୍କ ଏକ ସମ୍ପୂର୍ଣ୍ଣ ଅବୟବ ସମେତ ମୂର୍ତ୍ତି ସ୍ଥାପିତ ହୋଇଛି । ଏହି ମୂର୍ତ୍ତି ଏବଂ ଏହା ସଂଲଗ୍ନ ଅନ୍ୟାନ୍ୟ ବ୍ୟବସ୍ଥା ସବୁର ସ୍ଥାପନରେ ଅନ୍ୟୁନ ତିନିହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଜଣାଯାଇଛି । ଏହି ପରିମାଣର ଅର୍ଥକୁ ନେଇ ମୂର୍ତ୍ତି ନିର୍ମାଣ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ବିରୋଧୀ ଦଳ ଶାସକ ଦଳକୁ ଆକ୍ଷେପ କରିଛନ୍ତି । ଏହାର ବିରୋଧ ମଧ୍ୟ କରିଛନ୍ତି । କିନ୍ତୁ ଶେଷ ସୂଚନା ମିଳିବା ପର୍ଯ୍ୟନ୍ତ, ମୂର୍ତ୍ତି ଉନ୍ମୋଚନ ହେବାର ପ୍ରଥମ ଦଶ ଦିନରେ ଅନ୍ୟୁନ ଦୁଇ କୋଟି ଟଙ୍କା ଆଦାୟ ହୋଇଥିବା ଜଣାଯାଇଛି । ଏହି ମୂର୍ତ୍ତି ଯେ ସାମାନ୍ୟ ମୁର୍ତ୍ତିଟିଏ ନୁହେଁ ବରଂ ଆଗାମୀ ଦିନରେ ଏହା ସମସ୍ତ ଅଞ୍ଚଳ ପାଇଁ ଜୀବିକାର କେନ୍ଦ୍ରବିନ୍ଦୁ ହେବ ଏଥିରେ ଦ୍ୱିମତ ନାହିଁ ।

## *ଦୀପାବଳିରେ ବାଣ ଫୁଟାଇବା ନିଷେଧ କଲେ ସୁପ୍ରିମ୍ କୋର୍ଟ୍*

ଭାରତର ରାଜଧାନୀ ଏବଂ ଏହା ସଂଲଗ୍ନ ରାଜଧାନୀ କ୍ଷେତ୍ର ଅଞ୍ଚଳରେ ଦିନକୁ ଦିନ କ୍ରମବର୍ଦ୍ଧିଷ୍ଣୁ ବାୟୁ ପ୍ରଦୁଷଣକୁ ଆଖି ଆଗରେ ରଖି ସୁପ୍ରିମ କୋର୍ଟ୍ ଦିପାବଳୀରେ ଅଳ୍ପ ପ୍ରଦୁଷଣ କରୁଥିବା ବାଣ ଫୁଟାଇବା ଏବଂ ସଂଧ୍ୟା ଆଠଟାରୁ ଦଶଟା ମଧ୍ୟରେ ହିଁ ବାଣ ଫୁଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଅନେକ ସଂଗଠନ ଏହାକୁ ସର୍ବୋଚ୍ଚ ନ୍ୟାୟାଳୟର ଅନ୍ୟାନପୂର୍ଣ୍ଣ ନିର୍ଦ୍ଦେଶ ବୋଲି କହିଥିଲେ ସୁଦ୍ଧା ଏହାର ଆବଶ୍ୟକତା ଦିଲ୍ଲୀ

 Magazine Downloaded from www.aahwaan.com

ଏବଂ ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ରରେ ଦୈନିକ ପ୍ରଦୁଷଣ ସହୁଥିବା ବ୍ୟକ୍ତିମାନେ ଉପଲବ୍ଧି କରିଥିବେ । ଅବଶ୍ୟ ଦୀପାବଳି ପୂର୍ବଦିନ ବାୟୁପ୍ରଦୁଷଣର ମାନକ ଯାହା ଥିଲା ଦିପାବଳୀ ପରଦିନ ତାହାଠାରୁ ଢେର୍ କମ ଥିଲା ବୋଲି ଗଣମାଧ୍ୟମରେ ପ୍ରଚାର ହେବାପରେ କିଛି ସଂଗଠନ ସର୍ବୋଚ୍ଚ ନ୍ୟାୟାଳୟକୁ ସମାଲୋଚନା କରି କହିଥିଲେ ଯେ ଦିପାବଳୀ ଦ୍ୱାରା ପ୍ରଦୁଷଣ କମ ହୋଇଛି । ସେ ଯା ହେଉ, ଦୀପାବଳୀ ନାମ ହିଁ ଜଣାଉଛି ଯେ ଏହା ଦୀପ ଜଳାଇ ପାଳନ କରିବା ଏକ ପର୍ବ । ଆମେ ଯଥା ସମ୍ଭବ ପ୍ରଦୁଷଣ କମ କରିବାକୁ ଚେଷ୍ଟା କରିବା ଉଚିତ ।

### *ଠଗ୍ସ ଅଫ୍ ହିନ୍ଦୋସ୍ତାନ୍ ନିରାଶ କରିଲା*

ଦୀପାବଳୀ ଅବସରରେ ମୁକ୍ତିଲାଭ କରିଥିବା ବହୁପ୍ରତିକ୍ଷିତ ଚଳଚ୍ଚିତ୍ର ଠଗ୍ସ ଅଫ୍ ହିନ୍ଦୋସ୍ତାନ ଦର୍ଶକମାନଙ୍କୁ ନିରାଶ କରିଛି । ମିଷ୍ଟର୍ ପର୍ଫେକ୍ସନିଷ୍ଟ କୁହାଉଥିବା ଅମୀର୍ ଖାନଙ୍କ ଏହି ଚଳଚ୍ଚିତ୍ରରେ ବର୍ଷୀୟାନ ଅଭିନେତା ଅମିତାଭ ବଚ୍ଚନ ସମେତ କ୍ୟାଟ୍ରିନା କୈଫ୍ ରହିଛନ୍ତି । ଦର୍ଶକଙ୍କୁ ଲୋଭାଇବା ଭଳି ସମସ୍ତ ଉପାଦାନ ଏଥିରେ ରହିଛି ବୋଲି ବାରମ୍ବାର କହୁଥିବା ସତ୍ତ୍ୱେ ଏହା ଦର୍ଶକ ମାନଙ୍କୁ ଆମୋଦିତ କରି ପାରିନାହିଁ । ବିଗତ ବର୍ଷମାନଙ୍କରେ ମୁକ୍ତି ଲାଭ କରୁଥିବା ଅଧିକାଂଶ ଚଳଚ୍ଚିତ୍ର ଶହେ କୋଟି କିମ୍ବା ତଦୁର୍ଦ୍ଧ ପରିମାଣର ଅର୍ଥ ଲାଭ କରୁଥିବା ବେଳେ ଏହି ଚଳଚ୍ଚିତ୍ର ସେଭଳି କୌଣସି ସ୍ତରରେ ପହଞ୍ଚି ପାରିବ ନାହିଁ ବୋଲି ଚଳଚ୍ଚିତ୍ର ସମୀକ୍ଷକମାନେ ମତ ଦେଇଛନ୍ତି ।

### *ଓଡ଼ିଶାରେ ଆୟୋଜିତ ହୋଇଛି ମେକ୍ ଇନ୍ ଓଡ଼ିଶା ଏନ୍‌କ୍ଲେଭ୍*

 Magazine Downloaded from www.aahwaan.com

ଓଡ଼ିଶା ସରକାର ରାଜ୍ୟରେ ଶିଳ୍ପର ଦ୍ରୁତପ୍ରଗତି ପାଇଁ ଅନେକ ପ୍ରକାରର ପ୍ରଚେଷ୍ଟା ଚଳାଇଛନ୍ତି, ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଆୟୋଜିତ ହେଉଛି, ମେକ୍ ଇନ୍ ଓଡ଼ିଶା ଏନ୍‌କ୍ଲେଭ୍ । ଏଥିରେ ଦେଶ ବିଦେଶର ଅନେକ ବ୍ୟବସାୟିକ ସଂସ୍ଥା ଯୋଗଦେଇ ଓଡ଼ିଶାରେ ଆଗାମୀ ଦିନରେ ନିବେଶ କରିବାପାଇଁ ମନ ବଳାଇଛନ୍ତି । ମୁକେଶ ଅମ୍ବାନୀ ହୁଅନ୍ତୁ ବା ଟାଟା ବା ବିର୍ଲା ବା ଆଦାନୀ, ପ୍ରାୟ ଅଧିକାଂଶ ବ୍ୟବସାୟ ପରିବାର ଆମ ରାଜ୍ୟରେ ଅର୍ଥ ନିବେଶ କରିବାପାଇଁ ଇଚ୍ଛୁକ ବୋଲି ଦେଖି ଖୁସି ଲାଗୁଛି । ଆଶା କରୁଛି ଆଗାମୀ ଦିନରେ ଆମ ରାଜ୍ୟରେ ଦ୍ରୁତ ପ୍ରଗତି ହେବ ଏବଂ ରାଜ୍ୟରେ ବେରୋଜଗାରୀ ସମସ୍ୟା ରହିବ ନାହିଁ ।

*ମଧ୍ୟପ୍ରଦେଶ ନିର୍ବାଚନ ପାଇଁ କଂଗ୍ରେସର ଯୋଜନା*

ମଧ୍ୟପ୍ରଦେଶରେ ହେବାକୁ ଥିବା ବିଧାନ ସଭା ନିର୍ବାଚନ ପାଇଁ କଂଗ୍ରେସ ଦଳ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଆଗଭର ହୋଇଛନ୍ତି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନିର୍ବାଚନୀ ଇସ୍ତାହାରରେ ଜନତାଙ୍କୁ ଲୋଭାଇବା ଭଳି ଅନେକ ଯୋଜନାର ଉଲ୍ଲେଖ ରହିଛି । କଂଗ୍ରେସ ଶାସନକୁ ଆସିଲେ ଚାଷୀମାନଙ୍କ ଋଣ ଛାଡ଼ କରିବା ଠାରୁ ଆରମ୍ଭ କରି ଏକ ଟଙ୍କାରେ ଚାଉଳ ଯୋଗାଇବା, ବେରୋଜଗାର ଯୁବକଯୁବତୀଙ୍କୁ ମାସିକ ଭତ୍ତା ଦେବା ଇତ୍ୟାଦି ଏଥିରେ ରହିଛି ।

ଆମ ଦେଶର ଜନତା ସ୍ୱାଧୀନ ହେବାର ସାତ ଦଶକ ପରେ ସୁଦ୍ଧା ପରିବର୍ତ୍ତନକୁ ସ୍ୱୀକାର କରିବାକୁ ଚାହୁଁ ନାହାନ୍ତି କାହିଁକି ? କାହିଁକି ରାଜନୈତିକ ଦଳ କେବଳ ମାଗଣା ପଦାର୍ଥ ସବୁ ଦେବାର ଲୋଭ

 Magazine Downloaded from www.aahwaan.com

ଦେଖାଇ ଭୋଟ୍ ପାଇବାକୁ ଚେଷ୍ଟା କରୁଛନ୍ତି । ଯେଉଁ ଋଣ ଛାଡ଼ କରିବା କଥା କଂଗ୍ରେସ ଦଳ ବା ଯେ କୌଣସି ରାଜନୈତିକ ଦଳ ନିଜ ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରୁଛନ୍ତି ସେମାନେ ସେ ଅର୍ଥ କେଉଁଠୁ ପାଇବେ ? ଅର୍ଥାତ କରଦାତାଙ୍କ ପଇସାରେ ସେମାନେ ଗଙ୍ଗା ଗାଧୋଇବେ ଏବଂ ଆମଠୁ ବଳି ଅଧିକ ମୂର୍ଖ କିଏ ଅଛି ? ତଥାପି ସେଇ ପ୍ରଲୋଭନର ଶୀକାର ହୋଇ ଆମେ ଭୋଟ୍ ଦେଇ ଚାଲିଛେ ।

ନୁଆ କର୍ମନିଯୁକ୍ତି ସୃଷ୍ଟି କରିବା କଥା କେହି କହୁନାହାନ୍ତି ? କେବଳ ମାଗଣାରେ ପୋଷାକ, ସାଇକେଲ, ମୋବାଇଲ୍, ଘର, ବିଜୁଳି ଆଉ କେତେ କଣ । ଏ ସବୁ ପାଉଥିବା ଲୋକ ଆନୁଗତ୍ୟ ଦେଖାଇ ଯୋଗ୍ୟ ଅଯୋଗ୍ୟ ଅଣଦେଖା କରି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେଉଛନ୍ତି । ଏହିଭଳି ସମସ୍ତ ମାଗଣା ଦିଆଯାଉଥିବା ବ୍ୟବସ୍ଥାକୁ ବନ୍ଦ କରିଦିଆଗଲେ ରାଜନୈତିକ ଦଳମାନେ ଅନ୍ୟ ସବୁ ବିଷୟକୁ ପ୍ରାଧାନ୍ୟ ଦେବେ । ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଅଧିକ ରୋଜଗାରର ଉପାୟ, ସ୍ଥାୟୀ ବସବାସର ବ୍ୟବସ୍ଥା, ସୁଯୋଗ୍ୟ ଶିକ୍ଷାନୁଷ୍ଠାନ, ଉପଯୁକ୍ତ ସ୍ୱାସ୍ଥ୍ୟସେବା ଇତ୍ୟାଦିକୁ ଅଣଦେଖା କରାଯାଉଛି, ଏବଂ ଏହା କେବଳ ଆମପରି ମୂର୍ଖ ଜନତାଙ୍କ ପାଇଁ ହିଁ ହେଉଛି । ପାଞ୍ଚଶହ ଟଙ୍କା ଆଉ ବୋତଲେ ମଦ ମିଳିଗଲେ, କିଏ ଶାସନ କରୁଛି ଆମକୁ କଣ ଜଣା ?

## *ଚିତ୍ତ ଜେନା ଆଉ ନାହାନ୍ତି*

ପ୍ରଖ୍ୟାତ ଓଡ଼ିଆ ଚଳଚ୍ଚିତ୍ର କଣ୍ଠଶିଳ୍ପୀ ଶ୍ରୀ ଚିତ୍ତ ଜେନା, ବିଗତ କେଇଦିନ ହେବ ସ୍ୱାସ୍ଥ୍ୟଜନିତ କାରଣରୁ ପୀଡ଼ିତ ହୋଇ ରହିବା ପରେ

 Magazine Downloaded from www.aahwaan.com

ଇହଧାମ ତ୍ୟାଗ କରିଛନ୍ତି । ସେ ଜଣେ ଏମିତି କଣ୍ଠଶିଳ୍ପୀ, ଯେ କେବଳ 'ପ୍ରିୟା' ଶବ୍ଦ ଥିବା ଗୀତ ସବୁ ଗାଇ ସେଇ ସବୁ ଗୀତକୁ ଅମର କରିଦେଇଛନ୍ତି । ମୋ ପ୍ରିୟାଠାରୁ କିଏ ଅଧିକ ସୁନ୍ଦର, ରୂପ ହୋଇଥିବ ଲାବଣ୍ୟବତୀ, କହରେ କିଏ ସେ, ଦେଖି ସେ ବଣମଲ୍ଲୀ, ତୋ ଲାଗି ବଡ଼ଦାଣ୍ଡ ମନା ଇତ୍ୟାଦି ଅନେକ ଗୀତରେ ସେ କଣ୍ଠଦାନ କରିଛନ୍ତି ଯାହା ଓଡ଼ିଆ ଜନମାନସରେ କାଳକାଳକୁ ଅମର ହୋଇ ରହିବ । ସେ ହେଉଛନ୍ତି ଜଣେ ମାତ୍ର କଣ୍ଠଶିଳ୍ପୀ ଯିଏ କୌଣସି ପ୍ରକାର ଦ୍ୱିଅର୍ଥବୋଧକ ଗୀତ ବା ଅଶ୍ଲୀଳ ଗୀତ ଗାଇନଥିଲେ । ଏବଂ ସେ ଗୀତ ଗାଇବା ସମୟରେ ଓଡ଼ିଆ ଶବ୍ଦର ସଠିକ ଉଚ୍ଚାରଣ ଓ ଗାୟନ ଶୈଳୀକୁ ଅନୁସରଣ କରୁଥିଲେ । ତାଙ୍କର ବିୟୋଗରେ ଓଡ଼ିଆ ଗୀତ ଜଗତ ଜଣେ ଅନନ୍ୟ ଗାୟକଙ୍କୁ ହରାଇଲା । ଆହ୍ୱାନ ଓଡ଼ିଆ ପରିବାର ତରଫରୁ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛି ।

ଆହ୍ୱାନ ଇ-ପତ୍ରିକାର ନଭେମ୍ବର ମାସର ପତ୍ରିକା ଆପଣଙ୍କୁ ଉପହାର ଦେଉଛି । ଆଶା କରୁଛି ପୁର୍ବ ସମସ୍ତ ସଂସ୍କରଣ ଭଳି ଏହି ସଂସ୍କରଣ ମଧ୍ୟ ଆପଣଙ୍କୁ ଆମୋଦିତ କରିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ବିଭାଗ

Magazine Downloaded from www.aahwaan.com

# ସୁନେଲୀ ସିଂହ



*ଖେଳର ଉପାଦାନମାନ - ବଜ୍ରକାପ୍ତା*

ଅଶୋକ ବିଶ୍ୱାଳ

ସେମାନଙ୍କ ଶୈଶବରେ ଅନେକ ଅବିସ୍ମରଣୀୟ ଘଟଣାମାନ ଘଟିଯାଇଛି । ଅନେକ ଛୋଟ ବଡ କଥା । ଏକ ସିଂହ ତ ଶିକାର କରିବ ତାପରେ ଖାଇବ । କିନ୍ତୁ ସେ ମଝିରେ ଏମିତି କିଛି କଥା ଭୁଲି ହୁଏନାହିଁ । ଏଇ ବଜ୍ରକାପ୍ତା ମାନଙ୍କର କଥା । ବଡ ମଜାଦାର ଜୀବ ଏମାନେ । ଏମିତି ଏକ ବଜ୍ରକାପ୍ତା ସେମାନଙ୍କ ଆଗକୁ ଆସିଗଲା ।

ଦିନେ ବଜ୍ରକାପ୍ତାଟି ଗୋଟିଏ ଗଛ ଡାଳ ଉପରେ ଚଢ଼ିଗଲା । ସେ ଗଛ ଡାଳ ଉପରେ ଚଢ଼ିଯାଇ ଟିକିଏ ସ୍ଥିର ହୋଇ ରହିଲା । ଗଛ ଡାଳଟି ପ୍ରାୟ ସଢ଼ି ଯାଇଥାଏ । ଗୋଟିଏ ବଙ୍କା ଡାଳ ଆଗକୁ ଲମ୍ବି ଯାଇଥିଲା । ତା ଉପରେ ବକଲା ଗୁଡ଼ିକ ସଢ଼ିଯାଇ କଳା ପଡ଼ି ଯାଇଥାଏ । ସେହି ମଝିରେ ମଝିରେ କେଉଁଠି କିଛି ଫାଙ୍କାରେ କିଛି ପୋକ ଜୋକ ଥାନ୍ତି । ବଜ୍ରକାପ୍ତା ଏମିତିଆ ପଚା, ସଢା ଗଣ୍ଡି ଇତ୍ୟାଦି ଖୋଜିବୁଲେ । ବଜ୍ରକାପ୍ତାର ଆଗ ଗୋଡର ପଞ୍ଝା ଦୁଇଟି ଭାଙ୍ଗି ହୋଇ ଯାଇଥିଲା । ଗୋଜିଆ ମୁହଁଟି କିଛି ଶୁଙ୍ଘୁଥାଏ ଆଉ କଳା ଆଖିରେ ବଜ୍ରକାପ୍ତା ସେ କିଛି ଦେଖି ଚାଲିଥାଏ । ତାର ଛାତି ଆଉ ପିଠିଟି ବହୁତ ଉପରକୁ ଉଠିଯାଇଥିଲା । ଲାଙ୍ଗୁଡଟି ବଙ୍କା ହୋଇ ସବୁବେଳ ଭଳିଆ ପଛ ଗୋଡ ଆଡକୁ ଲମ୍ବି ଆସିଥିଲା । ତାର ଶରୀରରେ କାତି ଗୁଡିକ ବଡ ସ୍ୱଷ୍ଟ ଦେଖାଯାଉଥିଲା । ବଡ ବଡ ଆକାରର କାତି । ମୁଣ୍ଡ ପାଖରେ କାତି ଛୋଟ ହୋଇ ଆସିଛି । ଗୋଡର ତଳ ଆଡକୁ କାତି

 Magazine Downloaded from www.aahwaan.com

ଛୋଟ ହୋଇ ଆସିଛି କିନ୍ତୁ ପିଠି ଆଉ ଛାତିରେ ବଡ ବଡ କାତି ଡରି ହୋଇଯାଇଛି । ଆଉ ଲାଞ୍ଜ ଆଡକୁ କାତି ଖୁବ୍ ବଡ । କାତି ଗୁଡିକ ଗୋଟିକ ପରେ ଗୋଟିଏ ଖୁବ୍ ଭଲ ଭାବରେ ଯୋଖି ହୋଇଅଛି । ଜନ୍ତୁଟି ନାକକୁ ଏପଟ ସେପଟ କରି କିଛି ଖୋଜିବୁଲୁଥିଲା । ଏମାନେ ଛୋଟ ଛୋଟ ପୋକ, ଉଇ, ପିମ୍ପୁଡି ଇତ୍ୟାଦି ଖାଇଥାନ୍ତି । ଜିଭରେ ଅଠା ଭଳିଆ ପଦାର୍ଥ ଉଇ ପିମ୍ପୁଡିକୁ ସହଜରେ କାବୁ କରିଦିଏ । ଏମାନେ ଉଇହୁଙ୍କା ଭାଙ୍ଗି ନିଜର ଗୋଜିଆ ମୁହଁକୁ ଭର୍ତ୍ତି କରିଦିଅନ୍ତି । ଏ ଥୋବଣୀରେ ହାଡ ନଥିବା ହେତୁ ସହଜରେ ବଙ୍କେଇ ହୋଇ ଉଇଗାତ ଭିତରକୁ ଚାଲିଯାଏ । ଲମ୍ବା ଜିଭ ଭିତରୁ ଉଇଙ୍କୁ ଧରିଆଣେ । ସବୁଠାରୁ ବଡକଥା ହେଉଛି ଏ ଜୀବର ଦାନ୍ତ ନାହିଁ ।

କିଛି ସମୟ ପରେ ବଜ୍ରକାପ୍ତାଟି ତଳକୁ ଓହ୍ଲାଇ ରାସ୍ତାରେ ଚାଲି ଚାଲି ଆସୁଥିଲା । ଏମାନେ ସାଧାରଣତଃ ଏକୁଟିଆ ଥାଆନ୍ତି । କିଛି ଗାତ ଥିଲେ ବଜ୍ରକାପ୍ତା ଖୁବ ଶୀଘ୍ର ମାଟି ଭିତରେ ଲୁଚି ଯାଇପାରେ । ଆଗ ଗୋଡ ଦୁଇଟି ଗାତ ଖୁବ ସହଜରେ ଖୋଳି ଦେଇପାରେ । ଗାତ ଉପରେ ମାଟି ପକାଇ ଦିଏ । ଗାତ ବାହାରୁ ଜଣା ପଡେନା । ଏପଟୁ ଆସୁଥିବା ସିଂହ ଛୁଆମାନେ ବଜ୍ରକାପ୍ତାକୁ ଦେଖିନେଲେ । ଏକ ନୂଆ ପ୍ରାଣୀ । ସେମାନଙ୍କର ଖେଳିବାକୁ ମନେ ହେଲା । ଏଠି ଖେଳିବା ଅର୍ଥ ହେଉଛି କାମୁଡିବା କିମ୍ବା ଛୋଟ ଶିକାର କରିବା । କିନ୍ତୁ ଏ କଥାଟା କିଛି ଭିନ୍ନଥିଲା । ଏ ପଶୁଟାର ମୁଣ୍ଡ ପ୍ରାୟ ଦେଖାଯାଉ ନଥିଲା । ଖୁବ ଧିରେ ଧିରେ ଚାଲି ଚାଲି ଆସୁଥିଲା । ଏମିତି ଏକ ନୂଆ ପ୍ରାଣୀ ଦେଖି ଏହାକୁ ଶିକାର କରିବା ପାଇଁ ଛୁଆମାନଙ୍କର ମନ ହେଲା ।  ପ୍ରତି ଶିକାରରେ ନୂଆ ଅନୁଭୂତି, ନୂଆ ମଜା ମିଳେ । ଜୟ ବଜ୍ରକାପ୍ତାକୁ ଭଲ ଭାବେ ଦେଖିଲା । ଦୁଇ ଭାଇ ଭିତରେ ଜୟ ଟିକିଏ ଅଧିକ ସାହାସୀ । ଗୋଟିଏ ଛୋଟିଆ ଜୀବ ମାଟି ଶୁଂଘି ଶୁଂଘି ଆସୁଛି । ପଠିଟା କୁଦ ହୋଇ ଉପରକୁ

 Magazine Downloaded from www.aahwaan.com

ହୋଇଯାଇଛି । ଲାଙ୍ଗୁଡ ତଳେ ଘୁଷୁରିଛି । ତାର ମୁଣ୍ଡଟା ଏକଦମ ଛୋଟା । ଏ ଜୀବ କାମୁଡା କାମୁଡି କରି ପାରିବ ନାହିଁ । ଏମିତିଆ ଜୀବ ସହ କିଛି ଲଢେଇ କରାଯାଉ ।

ଜୟ ବିଜୟକୁ ଅନାଇଲା । ବିଜୟ ମଧ୍ୟ ଏକ ଲୟରେ ବଜ୍ରକାପ୍ତକୁ ଅନାଇଥିଲା । ଦୁଇ ଭାଇଙ୍କ ମନରେ ଏକ ଭାବନା । ଜୀବ ସହ ଖେଳାଯାଉ । ସେମାନଙ୍କ ସେହି ଖେଳ, କିଛି ଠେଲା ଠେଲି, କିଛି କାମୁଡିବା । ସେମାନେ ବଜ୍ରକାପ୍ତା ପାଖକୁ ଚାଲି ଚାଲି ଗଲେ । ଗୋଟିଏ ଛୁଆ ତାକୁ ଆକ୍ରମଣ କଲା, ଆଉ ଗୋଟିଏ ଛୁଆ ପରେ ଆସି ଯୋଗଦେଲା । ସେମାନେ ଏକ ଛୋଟ ଜୀବକୁ ହରାଇ ଦେବେ ବୋଲି ଭାବିଥିଲେ । କିନ୍ତୁ ବଜ୍ରକାପ୍ତା ସହଜ ଜନ୍ତୁ ନୁହେଁ । ଅତି ଶକ୍ତିଶାଳୀ ସାଂଜୁ ଭିତରେ କୋମଳ ଜୀବଟିଏ ରହେ । ଦୁଇ ଭାଇ ଏତେ କଥା ଜାଣିନଥିଲେ । ସେମାନେ ତାକୁ ସହଜରେ ମାରିଦେବେ ବୋଲି ଭାବିଥିଲେ ।

ଜୀବଟା ଦୌଡୁ ନଥିବାରୁ ସେମାନଙ୍କ ଦୌଡିବାର କିଛି ଆବଶ୍ୟକତା ନଥିଲା । ଦୁଇ ଭାଇ ବଜ୍ରକାପ୍ତାର ଚାରି ପଟେ ବୁଲିଲେ । ଆକ୍ରମଣ ପାଇଁ ସୁଯୋଗ ଖୋଜୁଥିଲେ । ଜୟ ବଜ୍ରକାପ୍ତାକୁ ସାମାନ୍ୟ ଥାବା ମାରିଲା । ଜନ୍ତୁଟି ବିପଦ ଠଉରାଇନେଲା । ଏ ସିଂହମାନେ ତାକୁ ମାରିବାକୁ ଚାହୁଁଛନ୍ତି । ସେ ମୁଣ୍ଡ ଲୁଚାଇବାକୁ ଚେଷ୍ଟା କଲା ।

ସେମାନେ ବଜ୍ରକାପ୍ତାଟିକୁ ଗଡାଇ ଦେବାକୁ ଚେଷ୍ଟା କରୁଥାନ୍ତି । କାମୁଡିବାକୁ ଚେଷ୍ଟା କରୁଥାନ୍ତି । ବଜ୍ରକାପ୍ତା ଗୋଲିଆ ହୋଇ ପଡିଯାଇଥାଏ ଯେମିତିକି ସିଂହ ଛୁଆମାନେ ତା ମୁଠି ଖୋଲି ପାରିବେନି ଆଉ ସହଜରେ ତାର ମୁଣ୍ଡକୁ କାମୁଡି ପାରିବେ ନାହିଁ । ଏହା ହେଉଛି ବଜ୍ରକାପ୍ତାର ରକ୍ଷାତ୍ମକ ଶୈଳୀ । ପ୍ରତି ଜୀବ ନିଜର ରକ୍ଷା ପାଇଁ କିଛି ନା କିଛି ଉପାୟ କରିଥାନ୍ତି । ବଜ୍ରକାପ୍ତା ନିଜଠାରୁ ଶକ୍ତିଶାଳି ଜୀବଠାରୁ ରକ୍ଷାପାଇଁ ନିଜକୁ ଗୋଲ କରିଦିଏ । ଆଉ ବଜ୍ରକାପ୍ତା ଥରେ ଗୋଲିଆ ହୋଇ ପଡିଗଲେ ତାକୁ ଖୋଲିବା ଅତି କଷ୍ଟ । ଉପର ଶକ୍ତ

 Magazine Downloaded from www.aahwaan.com

ଖୋଳପା ଯୋଗୁ ସିଂହମାନେ ତାକୁ କାମୁଡି ପାରିବେ ନାହିଁ । ଦୁଇଭାଇ ତାର ମୁଠି ଖୋଲିବା ପାଇଁ ବହୁ ଚେଷ୍ଟା କରୁଥାନ୍ତି । କିନ୍ତୁ ବଜ୍ରକାପ୍ତାର ମୁଠି ଖୋଲିବା କିଛି ସହଜ କଥା ନୁହେଁ ।

ଦୁଇ ଭାଇ ପ୍ରାଣ ପଣେ ଚେଷ୍ଟା କରୁଥାନ୍ତି । କିନ୍ତୁ କିଛି ଲାଭ ନାହିଁ । ଛୁଆମାନଙ୍କର ଏମିତି ଅସହାୟତା ଦେଖି ସେମାନଙ୍କର ମା' ମଧ୍ୟ ଆସି ସେମାନଙ୍କ ସହ ଯୋଗଦେଲା । ସେ ମଧ୍ୟ ବଜ୍ରକାପ୍ତାକୁ ଖୋଲିବାକୁ ଚେଷ୍ଟା କରୁଥାଏ । ତଥାପି କିନ୍ତୁ ସେ ଖୋଲି ପାରିଲାନାହିଁ ।

ମା ବଜ୍ରକାପ୍ତାକୁ ଧରି ବସିଗଲା । ତାର ଦୁଇଗୋଡ ମଝିରେ ବଜ୍ରକାପ୍ତାକୁ ଧରିଥାଏ । କେଉଁଠି ନରମ ଯାଗା ପାଇବ ବୋଲି ମୁହଁରେ ଚେଷ୍ଟା କରୁଥାଏ । ସବୁଆଡେ ଖୋଳପା । ବଜ୍ରକାପ୍ତାଟି ମୁଣ୍ଡକୁ ଲାଙ୍ଗୁଡ ତଳେ ରଖି ଏକଦମ ଗୋଲ ହୋଇ ଯାଇଥିଲା । ଖୁବ ଟାଣର ସହ ନିଜକୁ ଗୋଲ କରି ରଖିଥିଲା । ସେ ବହୁତ ଚେଷ୍ଟା କଲା । ସବୁ ଯାଗାକୁ କାମୁଡୁଥାଏ । କିନ୍ତୁ କିଛି ଫଳ ହେଲାନି । ଦାନ୍ତ କେଉଁଠି ଲାଗୁ ନଥାଏ । ଖସି ଯାଉଥାଏ । ମା ଜୋରରେ ନିଜର ଥାବା ମାରୁଥାଏ । ବେଳେ ବେଳେ ନିଜର ଦାନ୍ତରେ, ନଖରେ ମୁଠି ଖୋଲିବା ପାଇଁ ଚେଷ୍ଟା କରୁଥାଏ । ଏମିତି ମା' ଆଉ ଛୁଆ ଅପରାହ୍ଣର ଅନେକ ସମୟ ଧରି ଏମିତି ଖେଳରେ ବ୍ୟସ୍ତ ରହିଲେ । କିନ୍ତୁ ବଜ୍ରକାପ୍ତାର ମୁଠି ଖୋଲିଲା ନାହିଁ ।

ଜୟ ଆଉ ବିଜୟ ଖେଳରେ ଆଉ ମଜା ପାଉ ନଥିଲେ । ଜନ୍ତୁଟା ମୋଟେ ଖୋଲୁନି । ଶେଷରେ ମା ନିଜ ହାତରେ ଜୋରରେ ବଜ୍ରକାପ୍ତାକୁ ବାଡେଇ ଦେଲା ବଜ୍ରକାପ୍ତାଟି ଚକ ଗଡିଗଲା ଭଳି ମାଟିରେ ଗଡିଗଲା । ସିଂହମାନେ ନିଜର ବିଶ୍ରାମ ସ୍ଥାନକୁ ଫେରିଗଲେ । ଏମିତି ଏକ ଖେଳଥିଲା ମଜାଦାର ।

ଏକ ପ୍ରାଣୀକୁ ଥାବା ମାରିଲେ ସେ ଗଡିଯାଏ । ସେମାନେ ହସୁଥିଲେ । ଅଜୀବ ଏ

 Magazine Downloaded from www.aahwaan.com

ଜୀବଟା । ଦେହଟା ପଥର ଆଉ ହାଡରୁ ତିଆରି । ଏଗୁଡାକୁ କେମିତି ମାରିବ ? ସେମାନେ ଭାବି ହେଉଥିଲେ । ମା'ର ଶିକ୍ଷା ଅନୁସାରେ ସବୁ ଜୀବଙ୍କୁ ତଂଟି ଝୁଣି ମାରିବା ସହଜ । କିନ୍ତୁ ଏ ଜୀବର ତଂଟି ତ ନାହିଁ । ଏମିତି ପଥର ଦେହ ଭିତରେ ଏକ ତଂଟି କୁଆଡୁ ଖୋଜି ହେବ ? ଜୀବନରେ କେତେ ଯେ ଅନୁଭୂତି ଘଟେ ।

 Magazine Downloaded from www.aahwaan.com

# ନିୟମ



ସୁଭ୍ରାଂଶୁ ମହାନ୍ତି

ଆଜି କେତକୀ ଘର ପାଖ ବିଜୁ କଲ୍ୟାଣ ମଣ୍ଡପ ପାଖରେ ବହୁତ ଗହଳି । ସକାଳୁ ସକାଳୁ ମାଇକ୍ ବାଜୁଚି । କେତେ ପ୍ରକାର ରଂଗ ବେରଂଗ ଫୁଲରେ ମଣ୍ଡପ ସଜା ହୋଇଚି । ଜଣେ ଦିଜଣଙ୍କୁ ପଚାରି ବୁଝିଲା, ଭିତରେ କାହାରି ଭୋଜି ଭାତ ହେଉଚି କି । କାରଣ ମଣ୍ଡପରେ ଭୋଜି ହେଲେ ତାର ଭଲ ଫାଇଦା । ନଅ ବର୍ଷର ଅପଙ୍ଗ ଝିଅକୁ ଧରି ସେ ଭୋଜି ଭିଡ଼ ଭିତରେ ସବୁ ଥର ପଶିଯାଏ, ଆଉ ମା, ଝିଅ ପେଟେ ଖାଇ ବାହାରି ଆସନ୍ତି । ଭିଡ଼ ଭିତରେ କାଳେ କିଏ ସେ ଦୁହିଁଙ୍କୁ ବାରିଦବ, ତେଣୁ ସେ ପୁରୁଣା ଭଲ ଶାଢ଼ୀ ଖଣ୍ଡେ ତା' ଭାଉଜ ପାଖରୁ ମାଗି ରଖିଛି । କାମ କରୁଥିବା ମାଲିକାଣୀଙ୍କ ଘର ଝିଅର ନାଲି ଫ୍ରକ୍‌ରେ ତ ତା' ଝିଅ ପରୀଭଳି ଦିଶେ । ମଣ୍ଡପ ଜଗୁଆଳି ରାଜୁଆ ବି ଏ ମା, ଝିଅଙ୍କୁ ଚିହ୍ନେ । ତେଣୁ ସେ କିଛି କହେନା ।

ଆଜି କିନ୍ତୁ ବାହାଭୋଜି ନୁହଁ । କାହିଁ ବାଜା ତ ବାଜୁନି । ତା'ହେଲେ କଣ । କେତକୀ ମନ ଭାରି ଛଟପଟ ହେଲାଣି । ମଣ୍ଡପ ପଛ ପଟୁ ଜୋର ମାଛଭଜା ବାସ୍ନା ଆସୁଛି । କେତକୀ ଜାଣିଗଲା କିଛିଖାଇବା ପିଇବା ହଉଛି । ସେ ଡେରି ନକରି ପେଢ଼ି ସାଇତା ଶାଢ଼ୀ ଖଣ୍ଡ ପିନ୍ଧି ପକାଇଲା । ଝିଅକୁ ସଂଗେସଂଗେ ଜାମା ଖଣ୍ଡିକ ପିନ୍ଧେଇ ଦେଲା । ଦଶ ମିନିଟ୍ ଭିତରେ ମା, ଝିଅ ଯାଇ ମଣ୍ଡପ ପାଖରେ ହାଜର ହୋଇଗଲେ । ଜଗୁଆଳୀ ରାଜୁଆ ୟାଙ୍କୁ ଦେଖି ହସିଲା, ଆଉ କଣ ଆସିଗଲ କହିଲା ।

କେତକୀ ଏ ସବୁକୁ କିଛି ଦେହକୁ ନିଏନି । ଯେଉଁଦିନୁ ଦୁଇବର୍ଷର କାଖର ଦିବ୍ୟାଙ୍ଗ

 Magazine Downloaded from www.aahwaan.com

ଝିଅ ଓ କେତକୀକୁ ଛାଡ଼ି ସ୍ୱାମୀ ରଂଜନ ପଡ଼ିଶା ଘର ଝିଅକୁ ଧରି ସହର ଛାଡ଼ି ଗଲାଣି, ସେ ଦିନୁ କେତକୀର ସାହା ଭରସା କିଏ ନାହିଁ । ଛ' ଆଠ ମାସ ଯାଏ ସେଇ ଝିଅକୁ କୋଳରେ ଧରି ଭୋକ ବିକଳରେ ଘର କଣରେ ପଡ଼ିଥିଲା । ମୂକ ବଧୀର ଝିଅକୁ ଛାଡ଼ି କାମପାତି ବି ଯାଇ ପାରୁନଥିଲା । ଅଧା କିଲୋମିଟର ଦୂରରୁ ଜଣେ ବାବୁଆଣୀ ଦିନେ ଘରକୁ ଆସିଲେ । ଝିଅକୁ ସାଂଗରେ ଧରି କାମ କରିଯିବାକୁ ତାଙ୍କ ଘରକୁ ଡାକିଲେ । ଝିଅକୁ ସଂଗରେ ନେଇ କେତକୀ କାମ କରିଗଲା ତାଙ୍କ ଘରକୁ । ମା'ଟି ଭାରି ଭଲ । କେତେ ଭଲ ଭଲ କଥା ତାକୁ କହନ୍ତି । ଝିଅ ପାଇଁ ଭତ୍ତା ବ୍ୟବସ୍ଥା ବି ସେ କରି ଦେଇଛନ୍ତି । ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରୀ ନିୟମ ବି ସବୁ ତାକୁ ମା' ବତାଇଛନ୍ତି । ଏବେ ଝିଅ ବଡ଼ ହେବାରୁ ଆଉ ତାକୁ କେତକୀ ସାଂଗରେ ନିଏନି । ସଜବାଜ କରି ଖୁଏଇ ଦେଇ ଦାଣ୍ଡପିଣ୍ଡାରେ ବସେଇ ଦେଇ, ପଡ଼ିଶା ରତନୀଖୁଡ଼ୀକୁ ଟିକେ ଆଖି ରଖିବାକୁ କହି କେତକୀ କାମକୁ ବାହାରିଯାଏ । ଦିନ ଏଗାର ବେଳକୁ ଘରେ ଆସି ହାଜର । କାମକୁ ଯାଏ ସିନା ଝିଅ ପାଖରେ ମନଥାଏ । ବାସି ପାଇଟି କାମରୁ ହଜାରେ ଟଙ୍କା, ଝିଅର ଭତ୍ତା ଟଙ୍କାରେ ଟାଣଟୁଣରେ କେତକୀ ସଂସାର ଚଳେଇ ଥାଏ । ଏଇ ମଣ୍ଡପରେ ଭୋଜିଭାତ ଦିନ ଟିକେ ମନପୂରେଇ ଖାଇଥାନ୍ତି, ମା'ଝିଅ ।

ହେଇ ଆସିଗଲେ, ଆସିଗଲେ, ମଂତ୍ରୀ ଆସିଗଲେ ଶବ୍ଦରେ କେତକୀ ତା ଭାବନା ରାଜ୍ୟରୁ ଓହରି ଆସିଲା । ମଣ୍ଡପଟା ଖଚାଖଚ୍ ଭର୍ତ୍ତି ଲୋକରେ । କେତେ ସୁନ୍ଦର ଶାଢ଼ୀ ପିନ୍ଧି ଦେବୀ ପ୍ରତିମା ଭଳି ମା' ଜଣେ ଷ୍ଟେଜ୍ ଉପରକୁ ଚଢ଼ିଲେ । ମାଇକ୍ ଧରି କେତେ କଥା କହିଲେ । ଛୋଟା, ଅନ୍ଧ, ମୂକବଧିର ହେବା ଅଭିଶାପ ନୁହେଁ । ସେମାନେ ସାଧାରଣ ମଣିଷଙ୍କ ସହ ସମାନ । ଦିବ୍ୟାଙ୍ଗ ମାନଙ୍କ ପାଇଁ କେତେ ନିୟମ କରିଛନ୍ତି ସରକାର ବୋଲି ବଖାଣିଲେ । ସମସ୍ତେ ମନଧ୍ୟାନ ଦେଇ ଶୁଣୁଥାନ୍ତି । ମଝିରେ ମଝିରେ ତାଳି ମାଡ଼ ପଡୁଥାଏ ।

 Magazine Downloaded from www.aahwaan.com

କେତକୀ ମୁଣ୍ଡରେ ଏତେ ସବୁ ପଶୁନଥିଲା । ତେବେ ସେଇ ମା'ଙ୍କର କଥାଟିଏ ବାରମ୍ବାର ତା କାନରେ ପିଟି ହେଉଥିଲା । ଯଦି ଦିବ୍ୟାଙ୍ଗମାନଙ୍କୁ କିଏ ଖରାପ କାମ କଲା, ତେବେ ସାତଦିନ ଭିତରେ ଫଇସଲା କରାଯାଇ, ଦୋଷୀକୁ ସାରାଜୀବନ ଜେଲଦଣ୍ଡ ଦିଆଯିବ । କେତକୀ ମୁହଁ ଟିକେ ସତେଜ ଦିଶିଲା । ଯାହାହେଉ କେତେ ଭଲ ନିୟମ । ଟୋକା ଗୁଡା ତ ହେଲେ ଭୟ କରିବେ ଜେଲଦଣ୍ଡକୁ । ବାରଆଡୁ ବାରକଥା ଶୁଣେ ସିଏ । କେଉଁଠି ଶଶୁର, ବୋହୂକୁ ଖରାପ ବ୍ୟବହାର କଲାଣି, ବୋହୂ ପୋଡିମଲାଣି ତ କେଉଁଠି କଲେଜ ପଢୁଆ ଝିଅକୁ ଦଳେ ଟୋକା ମିଶି ଖରାପ ବ୍ୟବହାର କଲେଣି । ପୁଲିସ, ଡାକ୍ତର, ମାମୁଁ, ମାଉସୀପୁଅ କବଳରୁ ଏ ମା' ଭଉଣୀମାନେ ରକ୍ଷା ପାଇ ପାରୁନାହାନ୍ତି । ସବୁବେଳେ ଏଇ ପାଟି ଫିଟୁ ନଥିବା ଟୋକିଟାର ଚିନ୍ତା ତା'ର । ଠାକୁରଙ୍କୁ ଦୁଇହାତ ଯୋଡ଼ିଲା, କେତକୀ । ମା' ଲୋ ମୋ ଝିଅ, ଆଉ ତା ଭଳି ସବୁ ଦୁଃଖୀନୀ ଝିଅଙ୍କୁ ତୁ ସାହା ହ । ସରକାରୀ ନିୟମକୁ ଡରି, କିଏ ଯିମିତି ଏ କଅଁଳ ଫୁଲଙ୍କୁ ମାଡି ମକଚି ନଦଉ ।

କଅଣ ଲୋ, ଭାଷଣ ଖାଇବା ପିଇବା ସରିଲାଣି ପରା ! ତମେ ଦିଟା ଖାଇବନି କି ? ରାଜୁଆ କଥାରେ କେତକୀ ଧ୍ୟାନ ଭାଂଗିଲା । ତରତର ହୋଇ ରୋଷେଇଶାଳ ଆଡକୁ ଝିଅକୁ ଧରି ସେ ଆଗେଇଗଲା । ମାଝିଅ ପେଟ ପୂରେଇ ମାଛ, ମାଉଁସ ପଲଉ, କ୍ଷିରୀ ଖାଇଲେ । ଘରକୁ ଯାଇ କିନ୍ତୁ କେତକୀର ତୁହେଇ ତୁହେଇ ମା'ଙ୍କର ସୁନ୍ଦର ମୁହଁଟା ଓ ଜେଲଦଣ୍ଡ ନିୟମ କଥା ମନେ ପଡୁଥାଏ ।

ଆଜି ସକାଳୁ ହଠାତ୍ କଳାହାଣ୍ଡିଆ ମେଘ । ନିଜେ ଚା ଟୋପେ ପିଇ ଝିଅକୁ ଅଟା ଚକୁଳି ଟିକେ ଖାଇଦେ କହିଲା କେତକୀ । ଆଜି ଆଉ ଦାଣ୍ଡରେ ନ ବସି ଘରଭିତରେ କବାଟ ଆଉଜାଇ ବସିବାକୁ ଠାରରେ ଝିଅକୁ ବୁଝେଇଦେଇ କବାଟ ଟା ଆଉଜେଇ

 Magazine Downloaded from www.aahwaan.com

ଚାଲିଗଲା କେତକୀ । ସେଦିନୁ ଆଠଦିନ ହେଲାଣି ମଣ୍ଡପରେ ଆଉ ଭୋଜିଭାତ ନାହିଁ । ଝୁଅଟା ପାଟିରେ ଆଇଁଷ ଟିକେ ବାଜିନି । ଆଜି ସହଳ ଆସିଲେ ଅଣ୍ଡା ଦି'ଟା ବାଟରୁ କିଣି ଆଣି ଝୋଳ କରିଦବ ଭାବିଛି ,କେତକୀ । ବାବୁ ଘରେ ପହଂଚିଲା ବେଳକୁ ତାଙ୍କ ଘରେ ଆଜି ମେଞ୍ଚାଏ କୁଣିଆ । ଯାଉଯାଉ ବାବୁଆଣୀ କହିଲେ, ତୁ ଆଜି ଆଉ ତରତର ହବୁନି ଯିବାକୁ । ସବୁ କାମରେ ମୋ ସହ ହାତ ଲଗେଇଦେ । ଆମର ତ ଆଜି ଭଲ ମଂଦ ରୋଷେଇ ହବ । ତୁ ଆଉ ଘରେ ଯାଇ କାଇଁକି ରାନ୍ଧିବୁ । ଏଠୁ କାମ ସାରି ଗଲାବେଳେ ମା'ଝିଅଙ୍କ ଖାଇବା ନେଇଯିବୁ । କେତକୀ ମନେ ମନେ ଖୁସି ହୋଇଗଲା । ଯା ହେଉ ଝିଅଟା ଟିକେ ମନ ପୂରେଇ ଖାଇବ ହେଲେ । ସେ ଅଣ୍ଟାରେ ଲୁଗା ଭିଡି କାମ ସାରିବାକୁ ହାତ ଚଞ୍ଚଳ କଲା । ବାହାରେ ବର୍ଷା ବି ତା କାମ ସହ ତାଳ ଦେଇ ଗତି ବଢଉଥିଲା ।

କାନ୍ଥ ଘଣ୍ଟା ଢଂ ଢଂ କରି ଦୁଇଟା ବାଜିବା ସୂଚେଇ ଦେଲା । ଝିଅଟା ଜଗି ଜଗି ଶୋଇ ପଡ଼ିବଣି ବୋଧେ । ଏଠି ଖିଆ ପିଆ ସରିଲା । ବାବୁଆଣୀ ଦୁଇଟି ପଲିଥିନରେ ଖାଇବା ଭର୍ତ୍ତି କରି ଦେଇଛନ୍ତି । ଲମ୍ବା ପାଦ ପକେଇ କେତକୀ ଘର ଆଡେ ମୁହେଁଇଲା । ଝିଅର ଭୋକିଲା ମୁହଁଟା ଆଖି ଆଗକୁ ଆସିଗଲା । ପୁଣି ଚିକେନ୍, ମାଛ ଆଉ ବାସ୍ନା ଚାଉଳ ଭାତ ଦେଖି ଝୁଅର ଆଖି କିମିତି ଚମକି ଉଠିବ, ଭାବି ମନକୁ ବୋଧ ଦେଲା । ବର୍ଷା ଏବେ ବି କମିନି । ଛତାଟା ଡେରି ଦେଇ ଦାଣ୍ଡରେ ଥମକି ଠିଆ ହେଲା ସିଏ । ଝିଅ ତ ତା'ର ତାକୁ ଜଗି ଦାଣ୍ଡରେ ବସିଥିବା କଥା କି କବାଟ ଆଉଜେଇ ଜଗିଜଗି ଘରେ ଶୋଇ ପଡିଥିବା କଥା । ହେଲେ କବାଟ କଣ ଭିତରୁ ବଂଦ ଅଛି... । ଶଙ୍କାକୁଳ ମନରେ କବାଟଟା ଜୋରରେ ବାଡେଇଲା କେତକୀ । ଧଡ୍ କରି କବାଟଖୋଲି କେତେକୀକୁ ଏକ ପ୍ରକାର ଧକ୍କା ଦେଇ ରତନୀ ଖୁଡ଼ୀ ପୁଅ ଓ ଆଉ ଦୁଇଟା ଜବରଦସ୍ତ ଭେଣ୍ଡିଆ ଟୋକା ଦୌଡ଼ି ପଳେଇଲେ । ମୋ

ଝିଅ, ମୋ ଝିଅ କହି କେତକୀ ଘରଭିତରେ ପଶିଗଲା ବେଳକୁ ରକ୍ତର ନଦୀ ବହି ଯାଉଥିଲା । ରକ୍ତବୋଳା ଚଟାଣରେ ଅସାଡ଼ ହୋଇ ପଡ଼ି ରହିଥିଲା ତା'ର ନଅବର୍ଷର ଅପଙ୍ଗ ଝିଅ । ମୁଁ କଣ କରିବି ଲୋ ମା', ମୋ ସଂସାର ଭାସିଗଲା, କହି କେତକୀ ତା ଝିଅର ରକ୍ତବୋଳା ଦେହକୁ ଭିଡି ଧରୁଥିଲା । ଧୀରେ ଧୀରେ ତା ଚେତା ବୁଡ଼ି ଆସୁଥିଲା । ତା ଆଖି ଆଗରେ ଛାଇ ଆସୁଥିଲା ଅନ୍ଧାର । ସେଇ ଅନ୍ଧାର ଭିତରେ ସେ ଝାପ୍ସା ଦେଖି ପାରୁଥିଲା, ସେଇ ଦେବୀ ପ୍ରତିମା ମା'ଙ୍କର ମୁହଁ, ଅସ୍ପଷ୍ଟ ଶୁଣି ପାରୁଥିଲା ଦିବ୍ୟାଙ୍ଗଙ୍କୁ ଦୁଷ୍କର୍ମର ଦଣ୍ଡର ନିୟମ ସବୁ । ସେ ସଂପୂର୍ଣ୍ଣ ଚେତା ଶୂନ୍ୟ ହୋଇଗଲା । ବାହାରେ ଅପରାହ୍ନର ବର୍ଷା ଦ୍ରୁତତର ହେଉଥିଲା ।

 Magazine Downloaded from www.aahwaan.com

# ବନ୍ଧୁ



ସୁଷମା ପରିଜା

ସବୁଦିନ ଭୋରରୁ ଉଠି ପ୍ରାଣାୟାମ ସାରି ଗାଁ ଦାଣ୍ଡରେ ଘେରାଟାଏ ମାରି ଆସିବା ପ୍ରବୋଧର ପୁରୁଣା ଅଭ୍ୟାସ । ଆସିଲା ବେଳକୁ ବଟୁ ଦୋକାନରୁ ଚାହା ପିଉ ପିଉ ସମ୍ବାଦପତ୍ରଟି ଉପରେ ଆଖି ବୁଲାଇ ଆଣିଲାପରେ ଦେଉଳ ଦାଣ୍ଡରେ ବସିଥିବା ପରିବା ବିକାଳୀମାନଙ୍କ ପାଖରୁ ସଜ ପନିପରିବା ଦି'ଟା ସୁବିଧା ଦରରେ କିଣାଯାଇ ପାରେ ଘର ପାଇଁ । ବ୍ୟାଗରେ ପୁଳାଏ ସଜ ପନିପରିବା କି ସଜ ଚୁନାମାଛ ଦି'ଟା ଦେଖିଦେଲେ ରାଧିକା ଖୁବ୍ ଖୁସି ହୁଅନ୍ତି, ତାଙ୍କର ସେଇ ମଲ୍ଲୀଫୁଲିଆ ହସ ଧାରକ ପ୍ରବୋଧଙ୍କର ମନରେ ଦିନଟା ଯାକର ଉର୍ଜା ଭରିଦିଏ । ଗାଁ ପାଖରୁ ଦଶ କିଲୋମିଟର ଦୂରରେ ଥିବା ସ୍କୁଲ୍‌କୁ ସାଇକେଲ୍ ଚଳେଇ ଯିବା ଆସିବାର କଷ୍ଟଟା ଜଣା ପଡ଼େ ନାହିଁ ଜମା । ପ୍ରାଇମେରୀ ସ୍କୁଲ୍ ମାଷ୍ଟର ଚାକିରୀର ନିଅଣ୍ଟିଆ ଦରମାରେ ସାନ ସାନ ପୁଅଝିଅଙ୍କ ପାଠପଢା ଖର୍ଚ୍ଚ ସହିତ ଘରର ଅନ୍ୟାନ୍ୟ ଖର୍ଚ୍ଚ ତୁଲାଉ ତୁଲାଉ ରାଧିକାଙ୍କ ଖୁସି ପାଇଁ ଅଧିକ କିଛି କରିପାରନ୍ତି ନାହିଁ ପ୍ରବୋଧ । ରାଧିକା ମଧ୍ୟ କେବେ ବି କିଛି ଅଧିକ ଦାବୀ କରିନାହାଁନ୍ତି ତାଙ୍କ ପାଖରେ, ସେଇ ସୀମିତ ଆୟରେ ଯଥାସମ୍ଭବ ଘର ଚଳେଇ ନେଇ ସ୍ୱାମୀଙ୍କ ଛୋଟ ଛୋଟ ଖୁସିରେ ଖୁସି ହୋଇଥାନ୍ତି ସେ ।

ସେଦିନ ଥିଲା ବୁଧବାର, ଆମିଷ ବାର, ଚୁନାମାଛ କିଛି ମିଳିଗଲେ ରାଧିକାଙ୍କ ମନ ଖୁସି ହେବ । ଆଉ ଗାଁ ଦଣ୍ଡାସାହିର ସ୍ତ୍ରୀ ଲୋକମାନେ ସକାଳୁ ସକାଳୁ ଚୁନାମାଛ ପସରା ଧରି ଗାଁ ଗାଁ ବୁଲି ବିକ୍ରି କରିବାକୁ ବାହାରି ଆସନ୍ତି, ତାଙ୍କରି ବାଟ ଜଗି ବଟୁ ଦୋକାନରେ ଚାହା ପିଇବା ପରେ ସମ୍ବାଦପତ୍ରଟି ନେଇ ପଢିବାକୁ ଆରମ୍ଭ କଲା ପ୍ରବୋଧ । ମୁଖ୍ୟପୃଷ୍ଠାଟି

 Magazine Downloaded from www.aahwaan.com

ପଢ଼ିସାରି ଦ୍ୱିତୀୟ ପୃଷ୍ଠା ଓଲଟାଇବା ବେଳେ ଗୋଟିଏ ବିଜ୍ଞାପନ ଦେଖି ଆଖି ଦୁଇଟି ସ୍ଥିର ହୋଇଗଲା ତା'ର । କିଡ଼ନୀ ଆବଶ୍ୟକ ଶିରୋନାମାରେ ଦିଆ ହୋଇଥିବା ବିଜ୍ଞାପନ ତଳେ ଲେଖା ହୋଇଥିବା ଠିକଣାଟି ଥିଲା ବିକାଶଙ୍କ ଘରର ଠିକଣା । ବିଜ୍ଞାପନଟିକୁ ପୁଣିଥରେ ଭଲ ଭାବରେ ପଢ଼ିଲା ପ୍ରବୋଧ । ନିଜର ଏକମାତ୍ର ପୁତ୍ରର ପ୍ରାଣ ରକ୍ଷା କରିବା ଲାଗି କିଡ଼ନୀଟିଏ ନିତାନ୍ତ  ଆବଶ୍ୟକ ଏବଂ ସ୍ୱେଚ୍ଛାରେ କିଡ଼ନୀ ଦାନ କରିବା ବ୍ୟକ୍ତିଙ୍କୁ ତାଙ୍କ ଇଚ୍ଛା ମୁତାବକ ମୂଲ୍ୟ ଦିଆଯିବ ବୋଲି ଘୋଷଣା କରିଛନ୍ତି ବିକାଶର ମାଆ ଆଶାପୂର୍ଣ୍ଣା ଦେବୀ । ଇଚ୍ଛୁକ ବ୍ୟକ୍ତି ନିମ୍ନ ଠିକଣାରେ ତୁରନ୍ତ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି । ଆଚମ୍ବିତ ହେଲା ପ୍ରବୋଧ, ତଳେ ଲେଖା ଥିବା ଠିକଣା 'ମନୀଷା ନିଳୟ, ପାରେଶ୍ୱର ସାହି, କଟକ'କୁ ଦେଖି । ରେଭେନ୍ସା କଲେଜ ହଷ୍ଟେଲରେ ରହି ପାଠ ପଢ଼ିବା ବେଳେ 'ମନୀଷା ନିଳୟ' ଥିଲା ପ୍ରବୋଧର ଦ୍ୱିତୀୟ ଘର ଭଳି । ରେଭେନ୍ସା କଲେଜର ୱେଷ୍ଟ ହଷ୍ଟେଲରେ ରହୁଥିଲା ପ୍ରବୋଧ । ଦିନେ ଖରାବେଳଟାରେ ସେ ହଷ୍ଟେଲର ପାଣିଚିଆ ଡାଲିକୁ ଅମୃତଭଣ୍ଡାର ପାଣିଆ ଝୋଳ ସହିତ ଭାତକୁ କଷ୍ଟେମଷ୍ଟେ କଣ୍ଠାଗ୍ରତ କରୁଥିବା ବେଳେ ପହଞ୍ଚିଥିଲା ବିକାଶ । ଭାତଥାଳି ଆଉ ପ୍ରବୋଧର ମୁହଁକୁ ଚାହିଁଲା ଘଡିଏ । ତା'ପରେ ଅଧାଖିଆରୁ ତା'କୁ ଭିଡ଼ି ଭିଡ଼ି ନେଇଥିଲା ତାଙ୍କ ଘର 'ମନୀଷା ନିଳୟ'କୁ । ମାଆ ଆଶାପୂର୍ଣ୍ଣା ଦେବୀଙ୍କୁ ଚିହ୍ନେଇ ଦେଇଥିଲା, "ଇଏ ମୋର ସାଙ୍ଗ ପ୍ରବୋଧ, ଢେଙ୍କାନାଳର ଗଦାଶୀଳା ଗାଆଁରୁ ଆସିଛି, ହଷ୍ଟେଲରେ ରହୁଛି, କାଲିଠାରୁ ସିଏ ଏଇଠି ଖାଇବ, ଆମ ଘରେ ।" ଲାଜ ଲାଜ ହୋଇ ଆଶାପୂର୍ଣ୍ଣା ଦେବୀଙ୍କର ପାଦ ଛୁଇଁ ପ୍ରଣାମ କରିଥିଲା ପ୍ରବୋଧ । ମମତା ବୋଳା ହସ ଟିକେ ହସି ତା'କୁ କୋଳେଇ ନେଇଥିଲେ ସେ । ରୋଷେଇଆ ନନାଙ୍କୁ ଦୁଇ ଜଣଙ୍କ ପାଇଁ ଖାଇବା ବାଢ଼ିବାକୁ କହି ମୁହଁ ହାତ ଧୋଇ ଖାଇବାକୁ ବସ ବୋଲି କହିଥିଲେ ପ୍ରବୋଧକୁ । ବିକାଶ ଆଉ ପ୍ରବୋଧ ଦୁଇ ଜଣ ଯାକ ଡାଇନିଂ ଟେବୁଲ୍ ଉପରେ ବସି ଖାଇବା

 Magazine Downloaded from www.aahwaan.com

ବେଳେ ପାଖରେ ଛିଡ଼ା ହୋଇ ଏଇଟା ଖାଅ, ସେଇଟା ଖାଅ, କରି ବଳେଇ ବଳେଇ ଖୁଆଇଥିଲେ ସେମାନଙ୍କୁ । ସେଦିନର ତାଙ୍କର ସେଇ ଆନ୍ତରିକତା ଆଉ ସ୍ନେହଶୀଳ ସ୍ୱଭାବ ଦେଖି ପ୍ରବୋଧ ବୁଝି ପାରିଥିଲା ବିକାଶର ଏଇ ଆକାଶ ଭଳି ବିରାଟ ହୃଦୟ ଏଇ ମମତାମୟୀ ମାଆଙ୍କର ଦାନ, ତାଙ୍କରି ସଂସ୍କାର । ତା'ପରେ ମାସକରେ ପ୍ରାୟ କୋଡ଼ିଏ ଦିନ ଖାଉଥିଲା ବିକାଶ ସାଥୀରେ ତାଙ୍କଘରେ ।

ବିକାଶ ସହିତ ତା'ର ଭେଟ ହୋଇଥିଲା ଗୋଟାଏ ବିଷମ ପରିସ୍ଥିତିରେ । ସେତେବେଳକୁ ସେ ନୂଆ କରି ଆସିଥାଏ ରେଭେନ୍ସା କଲେଜକୁ । ଗାଁ ସ୍କୁଲରୁ ପ୍ରଥମ ଶ୍ରେଣୀରେ ଭଲ ନମ୍ବର ରଖି ପାଶ୍ କରିଥାଏ । ଚାଷବନ୍ଦୀ ଘର ତାଙ୍କର, ବାପାଥିଲେ ଏକ ମାତ୍ର ରୋଜଗାରର ଉତ୍ସ । ନିଜର ଜମି ବାଦ୍ ଆଉ କିଛି ଭାଗଚାଷ କରନ୍ତି । ଯାହା କିଛି ଆୟ ହୁଏ ସେଥିରେ ସ୍ୱାମୀ ସ୍ତ୍ରୀ ଆଉ ପୁଅଝିଅ ଦୁଇଜଣ ଦୁଃଖେ ସୁଖେ ବର୍ଷକ ଚଳି ଯାଆନ୍ତି । ପିଲାଟି ଦିନରୁ ପ୍ରବୋଧ ଥିଲା ପ୍ରଖର ମେଧାବୀ । ମେଧାବୃତ୍ତି ପାଇ ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ିଲା ।

ଝିଅ ପ୍ରତିମା ସପ୍ତମ ଶ୍ରେଣୀରେ ଫେଲ୍ ହୋଇ ଘରେ ବସିଲାରୁ ଧାର କରଜ କରି ତା'କୁ ସେଇ ଗାଁ ପାଖରେ ଗୋଟିଏ ଚାଷବନ୍ଦୀ ଘର ଦେଖି ବାହାଘର କରିଦେଲେ । ତେଣୁ ଅର୍ଥାଭାବରୁ ବାପା ଚାହୁଁଥିଲେ ପ୍ରବୋଧ ଆଉ ଆଗକୁ ନପଢ଼ି ସିଟି ଟ୍ରେନିଂ ନେଇ ଶିକ୍ଷକତା କରୁ । କିନ୍ତୁ ପ୍ରବୋଧ ମନରେ ଥିଲା ପାଠପଢ଼ା ପ୍ରତି ଅସମ୍ଭବ ଦୁର୍ବଳତା । ସେ ଚାହୁଁଥିଲା ପାଠଶାଠ ପଢ଼ି ଚାକିରୀ ବାକିରୀ କରିବ, ଭଲ ଘରଦ୍ୱାର କରିବ, ବାପା ମାଆଙ୍କୁ ସୁଖରେ ରଖିବ । ଯୋଗକୁ ସେଦିନ ସ୍କୁଲ୍‌ର ହେଡ୍ ସାର୍‌ଙ୍କ ସହିତ ଗାଁ ମୁଣ୍ଡରେ ଦେଖା ହୋଇଗଲା ପ୍ରବୋଧର । ପାଦ ଛୁଇଁ ପ୍ରଣାମ କଲାରୁ ଆଗକୁ କ'ଣ କରିବ ବୋଲି ପଚାରିଲେ ସାର୍ । ଆଗକୁ ପଢ଼ାପଢ଼ି କରିବା ଲାଗି ତା'ର ଇଚ୍ଛା ଏବଂ ବାପାଙ୍କ ଅନିଚ୍ଛା କଥା କହୁ କହୁ କାନ୍ଦି

 Magazine Downloaded from www.aahwaan.com

ପକାଇଥିଲା ପ୍ରବୋଧ । କିଛି ସମୟ ଗୁମ୍ ମାରି ରହିଗଲେ ସାର୍ । ତା'ପରେ କହିଲେ ତମର ପଢ଼ିବାର ଆଗ୍ରହ ଦେଖି ମୁଁ ଭାବୁଛି ତମକୁ କିଛି ସାହାଯ୍ୟ କରିବି କଲେଜରେ ଆଡ଼ମିସନ୍ କରିବା ପାଇଁ ମୋର ସୀମିତ ସମ୍ବଳରେ, ହେଲେ ତୁମର ଚଳିବା ଲାଗି ପଇସା ତମକୁ ନିଜେ ଯୋଗାଡ଼ କରିବାକୁ ପଡ଼ିବ । କଟକରେ ମୋର ଜଣେ ବନ୍ଧୁ ରହନ୍ତି ତାଙ୍କୁ କହି ମୁଁ ତୁମ ପାଇଁ କିଛି ଟିଉସନ ଯୋଗାଡ଼ କରିଦେବି । ତୁମେ ପାରିବ ତ ? କୃତଜ୍ଞତାରେ ମୁଣ୍ଡ ନଇଁ ଯାଇଥିଲା ପ୍ରବୋଧର । ଘରେ ବାପାଙ୍କୁ ସବୁ କଥା ଜଣାଇ ବୁଝାଶୁଝା କରି କଟକ ଆସି ରେଭେନ୍ସା କଲେଜରେ ଆଇ ଏ ପଢ଼ିବା ଲାଗି ଆଡ଼ମିସନ୍ କରି ହଷ୍ଟେଲରେ ରହିଥିଲା । ହେଡ୍ ସାର୍ଙ୍କ ବନ୍ଧୁ ଜଣକ ଖୁବ୍ ସାହାଯ୍ୟ ସହଯୋଗ କରିଥିଲେ । ନିଜ ଘରେ ସପ୍ତାହେ ରଖିଥିଲେ ହଷ୍ଟେଲ ମିଳିବା ଯାଏ ସବୁ ଦାୟିତ୍ୱ ନେଇ । ଅଳ୍ପ ଦିନ ମଧ୍ୟରେ ଟିଉସନ ଗୋଟାଏ ଦୁଇଟା ବୁଝି ଦେବେ ବୋଲି ଆଶ୍ୱାସନା ଦେଇଥିଲେ । କଲେଜରେ ପ୍ରଥମ ଦିନରେ ହିଁ ଆରମ୍ଭ ହୋଇ ଯାଇଥିଲା ରାଗିଙ୍ଗ୍ । ନୂଆ କରି କଲେଜ ଆସିଥିବା ପିଲାଙ୍କୁ ସିନିୟର ପିଲାଏ ଧାଡ଼ି ବାନ୍ଧି ଠିଆ ହୋଇ ସାଲ୍ୟୁଟ୍ ମାରିବାକୁ କହିଥିଲେ । ସେତିକିରେ ସରି ନଥିଲା । ଲାଇନ୍ କରି ବସିଥିବା ସିନିୟର ମାନଙ୍କ ପାଦ ତଳେ ମୁଣ୍ଡ ଲଗାଇ ପ୍ରଣାମ କରିବା ଲାଗି କୁହାଯାଇଥିଲା ସେମାନଙ୍କୁ । ସେମିତି ପ୍ରଣାମ କରି କରି ଜଣେ ଜଣେ ଯାଉଥିଲା ବେଳେ ଜୋରରେ ଗୋଟିଏ ଚାପୁଡ଼ା ପଡ଼ିଲା ପ୍ରବୋଧର ମୁଣ୍ଡ ଉପରେ । ପତଳା ଗଢ଼ଣର ହୋଇଥିବାରୁ ସମ୍ଭାଳି ପାରିନଥିଲା ପ୍ରବୋଧ, ମୁହଁକୁ ମାଡ଼ି ତଳେ ପଡ଼ି ଯାଇଥିଲା, ଲମ୍ବା ନାକଟି ତଳେ ମାଡ଼ ହୋଇ ରକ୍ତ ବାହାରି ପଡ଼ିଥିଲା । ଅନ୍ୟ ପିଲାମାନେ ଡରିମରି ଚୁପ୍ ହୋଇ ରହିଥିଲା ବେଳେ ପ୍ରତିବାଦ କରିଥିଲା ତା'ରି ପାଖରେ ଛିଡ଼ା ହୋଇଥିବା ବିକାଶ । ସିନିୟର ମାନଙ୍କ ନାଲି ଆଖିକୁ ଡରି ନଥିଲା । ତୁମକୁ କାହିଁକି ସାଲ୍ୟୁଟ୍ ମାରିବୁ ? କାହିଁକି ତୁମମାନଙ୍କ ଗୋଡ଼ ତଳେ ପଡ଼ିବୁ ? କାହିଁକି ଆମକୁ ତମେମାନେ ଏମିତି ଅପମାନିତ କରିବ ? କହି, ଭିଡ଼ି ଯାଇଥିଲା

 Magazine Downloaded from www.aahwaan.com

ସେମାନଙ୍କ ପାଖକୁ । ସେମାନଙ୍କ ସହ ହାତାହାତି ହୋଇ ଚେତେଇ ଦେଇଥିଲା ଯେ ସେମାନେ ପାଠ ପଢ଼ିବାକୁ ଆସିଛନ୍ତି, ଅପମାନ ସହିବାକୁ ନୁହେଁ । ବିକାଶର ସାହସ ପାଇ ସମସ୍ତେ ଏକଜୁଟ ହୋଇ ପ୍ରତିବାଦ କରିଥିଲେ । ପରିସ୍ଥିତି ଭିନ୍ନ ଆଡ଼କୁ ଯାଉଥିବା ଦେଖି ସିନିୟର ମାନେ ଧିରେ ଧିରେ ଛତ୍ରଭଙ୍ଗ ଦେଇଥିଲେ । ଝଡ଼ ଥମିଗଲା ପରେ ପ୍ରବୋଧକୁ ନିଜ ବାହୁରେ ତୋଳିଧରି ନେଇ ଯାଇଥିଲା ହଷ୍ଟେଲକୁ । ତା'ର ସେବାଶୁଶ୍ରୁଷା କରି ସାଷ୍ଟମ କରିଥିଲା । ସେଇଦିନ ଠାରୁ ସେମାନେ ସାଙ୍ଗ ହୋଇ ଯାଇଥିଲେ । ପ୍ରବୋଧ ଠାରୁ ତା'ର ଘରର ଅବସ୍ଥା କଥା ଶୁଣିବାପରେ ଆହୁରି ଦୃଢ଼ ହୋଇଥିଲା ସେମାନଙ୍କ ବନ୍ଧୁତା । ଦୁହିଁଙ୍କ ଭିତରେ ଅନ୍ତରଙ୍ଗତା ଏତେ ବଢ଼ି ଯାଇଥିଲା ଯେ କେହି କାହାକୁ ଛାଡ଼ି ଦଣ୍ଡେ ହେଲେ ବି ରହି ପାରୁନଥିଲେ । ବିକାଶ ଥିଲା ଧନୀ ବାପାଙ୍କର ଏକ ମାତ୍ର ସନ୍ତାନ । କୋଠା ବାଡ଼ି ଧନ ଦୌଲତ କେଉଁଥିରେ ଅଭାବ ନଥିଲା । ସବୁ ସତ୍ତ୍ୱେ ବି ତା'ର ମନରେ ଟିକିଏ ହେଲେ ଗର୍ବ ନଥିଲା । ପ୍ରବୋଧକୁ ସେ ଏତେ ଭଲ ପାଉଥିଲା ଯେ କୌଣସି ପୂଜାପର୍ବରେ ଘରେ ତା' ପାଇଁ ହଳେ ପୋଷାକ କିଣା ହେଲାବେଳକୁ ପ୍ରବୋଧ ପାଇଁ ମଧ୍ୟ ହଳେ ପୋଷାକ କିଣି ଆଣୁଥିଲା । ପ୍ରବୋଧର ହଜାରେ ବାରଣ ସତ୍ତ୍ୱେ ମଧ୍ୟ ରାଣ ନିୟମ ଦେଇ ବାଧ୍ୟ କରି ପିନ୍ଧାଉଥିଲା ତା'କୁ । ସାଙ୍ଗ ହୋଇ ଖାଉଥିଲେ, ସାଙ୍ଗ ହୋଇ ପଢୁଥିଲେ, ସାଙ୍ଗ ହୋଇ ବୁଲାବୁଲି କରୁଥିଲେ, ଯେତେବେଳେ ଦେଖିବ ଦୁହେଁ ଏକାଠି ଥିବେ । ସାଙ୍ଗସାଥୀ ମାନେ ଥଟ୍ଟାରେ ତାଙ୍କୁ ଡାକୁଥିଲେ ଯାମଳା ଅର୍ଜୁନ ବୋଲି ।

ଧୀରେ ଧୀରେ ସମୟ ଗଡ଼ି ଚାଲିଥିଲା । ଆଇ ଏ ପାଶ୍ କଲାପରେ ବିକାଶର ବାପା ତାକୁ ଦିଲ୍ଲୀ ପଠାଇ ଦେଇଥିଲେ ତା'ର ମାମୁଁଘରେ ରହି ଜେ ଏନ୍ ୟୁ ରେ ପଢିବା ପାଇଁ । ଆଉ ପ୍ରବୋଧର ବାପାଙ୍କର ହଠାତ୍ କାଳ ହୋଇଯିବାରୁ ବାଧ୍ୟ ହୋଇ ଢେଙ୍କାନାଳରେ ରହି ନିଜର ମାଆଙ୍କୁ ଦେଖାଶୁଣା କରିବା ଲାଗି ପଡିଥିଲା । ସେଇଠି ସି ଟି ଟ୍ରେନିଂ ନେଇ

 Magazine Downloaded from www.aahwaan.com

ଶିକ୍ଷକତା କରିଥିଲା ପ୍ରବୋଧ । ପ୍ରଥମେ ପ୍ରଥମେ ଚିଠି ଦିଆନିଆ କରି ପରସ୍ପରର ଭଲ ମନ୍ଦ ବୁଝାବୁଝି କରୁଥିଲେ ସେମାନେ ହେଲେ ସମୟାନୁକ୍ରମେ ଦୂରତା ବଢି ଯାଇଥିଲା ।

ଶେଷରେ ସଂସାର ଜଞ୍ଜାଳରେ ବ୍ୟସ୍ତ ରହି କେହି କାହାର ଖବର ରଖି ପାରିନଥିଲେ । ଆଜି ବହୁତ ଦିନପରେ ସମ୍ବାଦପତ୍ରର ଏଇ ବିଜ୍ଞାପନଟି ଦେଖି ସବୁ ସ୍ମୃତି ତାଜା ହୋଇଗଲା ପ୍ରବୋଧର । ମନ ବିଚଳିତ ହୋଇ ଉଠିଲା କେମିତି ଯାଇ ସେ ବିକାଶକୁ ଭେଟିବ । ଦୀର୍ଘ ବର୍ଷର ନୀରବତା ପରେ ଏମିତି ଗୋଟିଏ ଦୁଃସମ୍ବାଦ ପାଇ ହୃଦୟ ଭିତରଟା ଖଣ୍ଡ ବିଖଣ୍ଡିତ ହୋଇ ପଡୁଥିଲା ,ଆଖିରେ ଲୁହ ରହୁନଥିଲା । ସମ୍ବାଦପତ୍ରଟି ଧରି ସିଧା ଆସି ପହଞ୍ଚିଲା ଘରେ । ତା'ର କାନ୍ଦୁରା ମୁହଁ ଆଉ ଅସ୍ତ ବ୍ୟସ୍ତ ଭାବ ଦେଖି ରାଧିକା ଅନୁମାନ କରିନେଲେ ଯେ କିଛି ଗୋଟିଏ ଅଘଟଣ ଘଟିଛି ଯାହା ଅନ୍ତର ଭିତରେ ଝିଞ୍ଜାରି ପକାଉଛି ତାଙ୍କୁ । କିଛି ପଚରା ଉଚରା ନକରି ପାଣି ଗ୍ଲାସ୍‌ଟିଏ ବଢ଼େଇ ଦେଇଥିଲେ ପ୍ରବୋଧଙ୍କର ହାତକୁ । ଥକ୍କା ହୋଇ ବାରଣ୍ଡାରେ ବସି ପଡି ପାଣି ଗ୍ଲାସ୍ ଟି ଢକ ଢକ କରି ପିଇଗଲା ପରେ କିଛି ନକହି ସମ୍ବାଦପତ୍ରରେ ବାହାରି ଥିବା ବିଜ୍ଞାପନଟିକୁ ରାଧିକାଙ୍କୁ ଦେଖାଇ ଭୋ ଭୋ କରି କାନ୍ଦି ପକାଇଥିଲେ ପ୍ରବୋଧ । ବାହାଘର ପରେ ଅନେକ ଥର ବିକାଶ ଏବଂ ପ୍ରବୋଧଙ୍କର ବନ୍ଧୁତା ବିଷୟରେ ଶୁଣିଛନ୍ତି ରାଧିକା । ଏତେଥର ଆଉ ଏମିତି ବର୍ଣ୍ଣନା କରି କହିଛନ୍ତି ପ୍ରବୋଧ ଯେ ରାଧିକାଙ୍କୁ ଲାଗେ ସେ ଜୀବନ୍ତ ଭାବେ ଦେଖିଛନ୍ତି ସେସବୁକୁ । ତାଙ୍କର ମନେହୁଏ ତାଙ୍କର ଏଇ ସରଳ, ନିରୀହ, ହୃଦୟବନ୍ତ ସ୍ୱାମୀଟି ତାଙ୍କ ବ୍ୟତୀତ କେବଳ ବିକାଶଙ୍କୁ ହିଁ ଭଲ ପାଆନ୍ତି ଏ ସଂସାରରେ ।

ସ୍ୱାମୀଙ୍କ ଅନ୍ତରର ବେଦନାକୁ ମର୍ମେ ମର୍ମେ ଅନୁଭବ କଲେ ରାଧିକା । ସ୍ୱାମୀଙ୍କର ଆଖିରୁ ଲୁହ ପୋଛିଲା ବେଳକୁ ନିଜ ଅଜାଣତରେ ତାଙ୍କ ଆଖିରୁ ବି ଲୁହ ଝରି ପଡୁଥିଲା । କିଛି ସମୟପରେ ପ୍ରକୃତିସ୍ଥ ହୋଇ ସ୍ତ୍ରୀଙ୍କୁ ସବୁକଥା କହି ପ୍ରବୋଧ ବାହାରି ପଡିଲେ କଟକ ।

 Magazine Downloaded from www.aahwaan.com

ଗାଁ ବସ୍ ଷ୍ଟାଣ୍ଡରୁ ବସ୍ ଧରି କଟକ ବାଦାମବାଡ଼ିରେ ପହଞ୍ଚିଲା ପରେ ଅଟୋରିକ୍ସାଟିଏ ଧରି ଚାଲିଲେ 'ମନୀଷା ନିଳୟ'କୁ । ଅନେକ ଦିନ ହେବ କଟକ ଛାଡିବାର । ରାସ୍ତା ଘାଟ କୋଠାବାଡି ସବୁ ଏମିତି ଭାବରେ ଗଢି ଉଠିଛି ଯେ ପାରେଶ୍ୱର ସାହିରେ ପହଞ୍ଚି ଘରଟି ପାଇବାକୁ ତାଙ୍କୁ ଦୁଇ ଘଣ୍ଟା ଲାଗିଗଲା ।

ସେଇ ପୁରୁଣା କାଳିଆ ଦୁଇ ମହଲା କୋଠାଟି, ଯିଏ ଦିନେ ଚୂନ ଧଉଳା ହୋଇ ଧୋବ ଫରଫର ତାଜମହଲ ପରି ଝଟକୁଥିଲା ଆଜି ସିଏ ଜରାଜୀର୍ଣ୍ଣ ପ୍ରାଚୀର ଘେରା ପରିତ୍ୟକ୍ତ ଘରଟିଏ ଭଳି ଦିଶୁଛି । କଳଙ୍କି ଲଗା ଗେଟ୍ ଟି ଖୋଲି ଭିତରକୁ ପାଦ ବଢାଇଲେ ପ୍ରବୋଧ, ଦିନେ ନାନା ଜାତି ଫୁଲରେ ଭର୍ତ୍ତି ହୋଇ ରହୁଥିବା ବଗିଚାରେ ଆଜି ଘାସ କେରାଏ ବି ଦିଶୁନି । ସେଇ ବିଶାଳକାୟ ନାଲି ବାରଣ୍ଡା ଯିଏ ତେଲ ମାରିଲା ଭଳି ସବୁବେଳେ ଚକ୍ ଚକ୍ କରୁଥିଲା, ଆଜି ସେ ବିବର୍ଣ୍ଣ, ଠାଏ ଠାଏ ପଲସ୍ତରା ଛାଡି ଫାଟି ଆଁ କରିଛି । ବାରଣ୍ଡା ଅତିକ୍ରମ କରି ଦାଣ୍ଡ ଦରଜାରେ ଠକ୍ ଠକ୍ କଲେ ପ୍ରବୋଧ । ବେଶ୍ କିଛି ସମୟ ପରେ ଯିଏ ଆସି ଦରଜା ଖୋଲିଲେ ତାଙ୍କୁ ଦେଖି ହଠାତ୍ ଚିହ୍ନି ପାରିଲେନି ପ୍ରବୋଧ । ସେଇ ଗୋରା ତକତକ ସୁନ୍ଦର ଚେହେରାର ଦେବୀ ଜଣକ ପରିବର୍ତ୍ତିତ ହୋଇ ସାରିଥିଲେ ଜଣେ ପକ୍ୱକେଶା, କ୍ଷୀଣକାୟା ବୃଦ୍ଧାରେ । ଆଖିରେ ମୋଟା ଫ୍ରେମ୍ର ଚଷମା ପିନ୍ଧିଥିଲେ ମଧ୍ୟ ଚିହ୍ନି ପାରିଲେନି ପ୍ରବୋଧଙ୍କୁ । ଧୈର୍ଯ୍ୟଚ୍ୟୁତ ହୋଇ ପ୍ରବୋଧ ତାଙ୍କର ପାଦ ଦୁଇଟିକୁ ଜାବୁଡ଼ି ଧରି କାନ୍ଦି ଉଠିଲେ ମାଆ ବୋଲି । ତାଙ୍କର କଣ୍ଠସ୍ୱରରେ ଚେତନା ପଶିଲା ବୃଦ୍ଧାଙ୍କର । ପ୍ରବୋଧ କିରେ ବୋଲି କହି ତଳୁ ଉଠାଇ ତାଙ୍କୁ ଛାତିରେ ଚାପି ଧରିଲେ ସେ । ଦୁଇ ଜଣଙ୍କ ଆଖି ଲୁହରେ ବିଗତ ଦିନର ସ୍ମୃତିରେ ପଡିଯାଇଥିବା ଧୂଳି ସବୁ ଧୋଇ ହୋଇଯାଇଥିଲା । ଆଶାପୂର୍ଣ୍ଣା ଦେବୀ କାନ୍ଦି କାନ୍ଦି ପ୍ରବୋଧ ଆଗରେ ବଖାଣି ଗଲେ ଏଯାବତ୍ ବିକାଶ ଜୀବନରେ ଘଟିଯାଇଥିବା ଘଟଣା ସବୁ ।

 Magazine Downloaded from www.aahwaan.com

ରେଭେନ୍‌ସା କଲେଜ ଛାଡ଼ି ବିକାଶ ଦିଲ୍ଲୀ ଯାଇ ଜେ ଏନ୍ ୟୁ ରେ ନାମ ଲେଖାଇଥିଲା ଇଣ୍ଟିଗ୍ରେଟେଡ ଏଲ୍ ଏଲ୍ ବି ପଢିବା ଲାଗି । ବଡଲୋକଙ୍କ ପିଲାଙ୍କ ସହିତ ମିଶି ପାଠଶାଠ ପଢିଲା କମ୍, ରାଜନୀତି କଲା ବେଶୀ । ପାନ, ସିଗାରେଟ୍ ଠାରୁ ମଦଯାଏଁ ଯାବତୀୟ ବଦଭ୍ୟାସ ସବୁ ଶିଖିଲା ସେମାନଙ୍କ ପାଖରୁ । ପାଠପଢା ସରୁ ସରୁ ତା'ର ଜଣେ ବଙ୍ଗାଳୀ ସହପାଠିନୀ ସଲୀଳା ବୋଷ୍‌କୁ କୋର୍ଟ ମ୍ୟାରେଜ୍ କଲା କାହାକୁ ନଜଣାଇ । ତା'ର ଶଶୁର ସେଠାରେ ଜଣେ ଜଣାଶୁଣା ବ୍ୟବସାୟୀ । ଗୋଟିଏ ବୋଲି ଅଲିଅଳି ଝିଅଟିର ଜିଦ୍‌କୁ ମାନି ନେଇ ସିନା ବିକାଶ ସାଥୀରେ ତା'ର ବାହାଘର କରିଦେଲେ କିନ୍ତୁ ତା'ର ସଂସାର ଗଢିବାକୁ ଦେଲେ ନାହିଁ । ସେ ଚାହୁଁଥିଲେ ସଲୀଳା ସାଥୀରେ ବିକାଶ ଆସି ତାଙ୍କ ଘରେ ଘର ଜୋଇଁଆ ହୋଇ ରହୁ, ତାଙ୍କର ବ୍ୟବସାୟ ବୁଝାବୁଝି କରୁ । ସଲୀଳା ମଧ୍ୟ ବାପଘରର ଅୟସ, ଆରାମ, ଐଶ୍ୱର୍ଯ୍ୟ ଛାଡି ଆସିବାକୁ ଚାହୁଁ ନଥିଲା । ନିଜ ପ୍ରେମର ସୁନ୍ଦର ଜାଲରେ ଫସାଇ ବିକାଶକୁ  ନିଜ ଘରକୁ ନେଇଗଲା ସଲୀଳା । ଏପଟେ ବିକାଶର ବାପା ବିକାଶର ଏଇ ସବୁ ଅଧଃପତନ ଦେଖି ସବୁଦିନେ ମନସ୍ତାପରେ ସଢି ସଢି ଦିନେ ହୃଦ୍‌ଘାତରେ ପ୍ରାଣ ହରାଇଲେ । କାଳର କୁଦୃଷ୍ଟି ପଡିଥିଲା ବୋଧହୁଏ ଆମଘର ଉପରେ । ବିକାଶର ବାପାଙ୍କର ବ୍ୟବସାୟ ଅନେକ ଦିନରୁ କ୍ଷତିରେ ଚାଲୁଥିଲା ଏବଂ ସେ ଋଣ ଭାରରେ ବୁଡ଼ି ରହିଥିଲେ ସେକଥା ସେ କାହାରିକୁ ଜଣାଇ ନଥିଲେ । ତାଙ୍କ ପରେ କରଜଦାତାଙ୍କ ସୁଅ ଛୁଟିଲା ଘରକୁ । ବେପାର ବନ୍ଦହେଲା, ଜମିବାଡ଼ି, ଗହଣାଗାଣ୍ଠି ଖଣ୍ଡ ଖଣ୍ଡ ହୋଇ ବିକ୍ରି ହୋଇଗଲା, ତଥାପି କରଜ ଶୁଝିଲାନି । ଏପଟେ ନିଜର ପାରିବାରିକ ଜୀବନର ଅଶାନ୍ତିରେ ଛଟପଟ ହୋଇ ବିକାଶର ମଦ ପିଇବା ଅସମ୍ଭବ ଭାବେ ବଢି ଯାଇଥିଲା । ସେଇ ମଦ୍ୟପାନରୁ ଧିରେ ଧିରେ ତା'ର କିଡ଼ନୀ ନଷ୍ଟ ହେବାକୁ ଲାଗିଲା । ଅତ୍ୟଧିକ ବେମାର ହୋଇ ଶଯ୍ୟାଶାୟୀ ହେଲା ସେ । ସେଠି କାହାରି ପାଖରେ ସମୟ ନଥିଲା ତା'ର ସେବାଶୁଶ୍ରୁଷା କରିବା ଲାଗି ।

 Magazine Downloaded from www.aahwaan.com

ତେଣୁ ନିରାଶ ହୋଇ ଘରକୁ ଫେରି ଆସିଲା ଦିନେ । ସିଏ ସିନା ଦିନେ ଆମକୁ ପାଶୋରି ଦେଇ ନିଜ ସଂସାର ଗଢିବାକୁ ଯାଇଥିଲା, ହେଲେ ମୁଁ ପରା ମାଆ, ତା'କୁ ନେଇ ତ ମୋ ସଂସାର । ତା'କୁ ସେମିତି ରୋଗରେ ପୀଡ଼ିତ ହୋଇ ମରିବାକୁ ଛାଡି ଦେଇ ପାରିଥାଆନ୍ତି କେମିତି । ତେଣୁ ଏଇ ଘରଟି ବିକ୍ରି କରି ତା'ର ଚିକିତ୍ସା କରିବି ବୋଲି ଲାଲା ମଦନ ଲାଲ୍ ଙ୍କ ସହିତ ଚୁକ୍ତି କରିଛି । ସେ  ପାଞ୍ଚ ଲକ୍ଷ ଟଙ୍କା ଅଗ୍ରୀମ ଦେଇଛନ୍ତି । ସେଇ ଟଙ୍କାରେ ବିକାଶର ଚିକିତ୍ସା ଚାଲିଛି ।  କୋଡ଼ିଏ ଲକ୍ଷ ଦାମ୍ ହୋଇଛି ଘରର । ବିକାଶ ଭଲ ହେବା ଲାଗି ଯାହା ଖର୍ଚ୍ଚ ହେବ ହେଉ । ମୋ ପୁଅ ଭଲ ହୋଇ ଘରକୁ ଫେରି ଆସିଲେ ତା'କୁ ଧରି କୋଉଠି ଛୋଟ ଭଡାଘରଟିଏ କରି ଚାଲିଯିବି । ଖାଲି ଜଣେ ଦାତାଙ୍କୁ ଦରକାର ଯାହାଙ୍କ ରକ୍ତ ମୋ ପୁଅର ରକ୍ତ ସହିତ ମ୍ୟାଚ୍ କରୁଥିବ, ଗୋଟିଏ କିଡ଼ନୀ ଦେଇ ସେ ମୋ ପୁଅର ଜୀବନ ରକ୍ଷା କରିବେ । ଯେତେ ଟଙ୍କା କହିବେ ମୁଁ ଦେବି, ସାରା ଜୀବନ ପଛେ ତାଙ୍କର ଚାକରାଣୀ ହୋଇ ରହିବି, ସେଥିରେ ମୋର ଅବଶୋଷ ନାହିଁ, ଖାଲି ମୋ ପୁଅ ଜୀବନଦାନ ପାଉ ।

କଥା ଶେଷ କଲା ବେଳକୁ କାନ୍ଦି କାନ୍ଦି କଇଁ ଉଠି ଯାଉଥିଲା ଆଶାପୂର୍ଣ୍ଣା ଦେବୀଙ୍କର । ତାଙ୍କର ଦୁଇ ହାତକୁ ମୁଠାଇ ଧରି ସାନ୍ତ୍ୱନା ଦେଲା ପ୍ରବୋଧ । କହିଲା, "ଯାହା ଘଟିବାର ଥିଲା ଘଟିଗଲାଣି ମାଆ ! ଆପଣ ଆଉ ବ୍ୟସ୍ତ ହୁଅନ୍ତୁ ନାହିଁ, ଆପଣଙ୍କର ଗୋଟିଏ ପୁଅ ସିନା ବେମାର ପଡ଼ିଛି, ଆଉ ଗୋଟିଏ ପୁଅ ପରା ଆପଣଙ୍କ ପାଖରେ ପହଞ୍ଚିଗଲାଣି, ସିଏ ତା'ର ଶେଷ ନିଶ୍ୱାସ ଥିବାଯାଏ ବିକାଶକୁ ମରିବାକୁ ଦେବ ନାହିଁ, ଏକଥା ଆଜି ମୁଁ ଆପଣଙ୍କ ପାଦ ଛୁଇଁ ଶପଥ କରି କହୁଛି । କଲେଜରେ ବ୍ଲଡ୍ ଡୋନେସନ୍ କ୍ୟାମ୍ପ୍ ରେ ବ୍ଲଡ୍ ଦେବାବେଳେ ଜାଣିଥିଲୁ ଆମ ଦୁହିଁଙ୍କର ବ୍ଲଡ୍ ଗ୍ରୁପ୍ ଏକା ବୋଲି । ଭାବିଥିଲୁ ସେଇଥିଲାଗି ବୋଧହୁଏ ଈଶ୍ୱର ଆମକୁ ଏମିତି ଏକ ଦୃଢ ବନ୍ଧୁତାରେ ବାନ୍ଧି ଦେଲେ ହେଲେ ସେଇ ବନ୍ଧୁତା ଯେ ଦିନେ ମୋତେ ଏମିତି ଗୋଟିଏ ପୂଣ୍ୟ କାମ କରିବାକୁ ସୁଯୋଗ ଦେବ ସେକଥା ସ୍ୱପ୍ନରେ ବି ଭାବି

 Magazine Downloaded from www.aahwaan.com

ନଥିଲି । ବିକାଶକୁ ମୁଁ ମୋର ଗୋଟିଏ କିଡ଼ନୀ ଦେଇ ତା'ର ଜୀବନରକ୍ଷା କରିବି ମାଆ, ମୁଁ ତା'ର ବନ୍ଧୁ ନୁହେଁ, ତା'ର ଭାଇ, ତା'ର ସଖା । ତମେ ହସ୍ପିଟାଲକୁ ମତେ ନେଇଚାଲ, ଯାହା ଆନୁସଙ୍ଗିକ ପରୀକ୍ଷା ନିରୀକ୍ଷା କରିବା କଥା ସେମାନେ କରନ୍ତୁ ହେଲେ ଯଥାଶୀଘ୍ର ଅପରେସନ୍ କରିବାର ବ୍ୟବସ୍ଥା କରନ୍ତୁ । ଆଉ ଏ ଘରଟା ବିକ୍ରି କରିବା କଥା କୁହନା ମାଆ । ମୁଁ ଗାଆଁକୁ ଗଲେ କିଛି ବ୍ୟବସ୍ଥା କରିବି, ଲାଲାବାବୁଙ୍କ ଟଙ୍କା ଆସ୍ତେ ଆସ୍ତେ ପରିଶୋଧ କରି ଦେବା ।”

ଆଶାପୂର୍ଣ୍ଣା ଦେବୀ ଭାବୁଥିଲେ ତାଙ୍କର ଠାକୁରଘରେ ସବୁଦିନେ ପୂଜା ପାଉଥିବା ମଦନମୋହନ ମୂର୍ତ୍ତିରେ ଠାକୁର ନାହାଁନ୍ତି ସେ ଓହ୍ଲାଇ ଆସିଛନ୍ତି ପ୍ରବୋଧ ରୂପରେ ଧରାପୃଷ୍ଠକୁ । ଦୁଇ ହାତକୁ ଯୋଡି ମୁଣ୍ଡରେ ଲଗାଇ ପ୍ରଣାମ କଲେ ସେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ।

ମାର୍ଫତ : ବିଜୟ କୁମାର ଦାସ
ସରଳା ଭବନ, ପୋତାପୋଖରୀ, ନୟାବଜାର, କଟକ
୭୫୩୦୦୪, ଓଡ଼ିଶା
ଭ୍ରାମ୍ୟଭାଷ : ୯୩୩୭୨୭୨୬୪୭

 Magazine Downloaded from www.aahwaan.com

# ପାପ ଉପାଖ୍ୟାନ



ବିନୟ ମହାପାତ୍ର

ଅଫିସ ସାମ୍ନା ଚା' ଦୋକାନରୁ ବାହାରିଲା ବେଳକୁ ନଜର ଆସିଲା ଘନଶ୍ୟାମ ବାବୁ ତାଙ୍କର ବାଇକ୍‌ଟାକୁ ଠେଲି ଠେଲି ନେଉଛନ୍ତି । ବଡ ବିକଳ ଲାଗିଲା, ତାଙ୍କର ଏପରି ଦୟନୀୟ ଅବସ୍ଥା ଦେଖି । ଏତେ ମୋଟା ଲୋକଟା, ବିଚରା ଏତେ ବଡପେଟ ନେଇ କେତେ କଷ୍ଟରେ ଚାଲେ, ତା'ପରେ ବୋଝ ଉପରେ ଏଇ ଲଳିତା ବିଡା । ଏବେ ଏଇ ମୋଟର ସାଇକେଲକୁ ପୁଣି ଠେଲି ଠେଲି ନେବାକୁ ହେବ । ପଚାରିଲି, ସାର୍ କଣ ହେଲାକି ? ବାଇକ୍ କଣ ଷ୍ଟାର୍ଟ ହେଉନି ? ଘନଶ୍ୟାମ ମୁହଁ ଟେକି ଅନେଇଲେ, ଚାହାଣୀରେ ତାଙ୍କର ବଡ ବିବଶତା ନଜର ଆସୁଥିଲା ଆଉ କ୍ରୋଧ ବି ! କହିଲେ, "ହ୍ୟାପୋ କିଏ ମୋ ବାଇକ୍‌ର ହୱା ନିକାଲି ଦେଇଛି । ପାଖରେ ପଞ୍ଚରବାଲା ବି କେହି ନାହିଁ । ଅଧମାଇଲି ରାସ୍ତା ଠେଲି ଠେଲି ନେବାକୁ ହେବ ।" ହଁ ଫ୍ଲାଟ ଟାୟାରରେ ବାଇକ୍ ଠେଲି ନେବାରେ ଯେ କେତେ କଷ୍ଟ ମୋତେ ଜଣାଅଛି, ସେ ଅନୁଭୂତି ମୋର ଅଛି । ଥରେ ଦି'ଥର ରାସ୍ତାରେ ମୋ ବାଇକ୍ ବି ପଂକ୍‌ଚର ହୋଇଛି । ଘନଶ୍ୟାମ ବାବୁ କୁନ୍ଥେଇ କୁନ୍ଥେଇ ବାଇକ୍ ଠେଲି ଠେଲି ଗଲାପରେ, ମୋ ପାଖରେ ଠିଆ ହୋଇଥିବା ଆର୍ତ୍ତତ୍ରାଣ ଫିକ୍ କିନା ହସିଦେଲା । ଆର୍ତ୍ତତ୍ରାଣ ଆମ ଅଫିସର ପିଅନ୍, ପଚାରିଲି, ହେଃ ହସୁଚୁ କଣ ? ତା ଅବସ୍ଥା ଦେଖି ତୋ ମନରେ ଟିକିଏ ବି ଦୟା ଆସୁନି ? ତୋ ନାଆ ଆର୍ତ୍ତତ୍ରାଣ କିଏ ରଖିଲା ? ଆର୍ତ୍ତତ୍ରାଣ ହସି ହସି କହିଲା, ଆଜ୍ଞା, ମୋ ନାଆଟା ସିନା ଆର୍ତ୍ତତ୍ରାଣ, ହେଲେ ଲୋକଙ୍କ ଦୁଃଖ ଭଞ୍ଜନ କରି ପାରୁନି ! ସେଥିପାଇଁ ତ ଦୁଷ୍ଟ ଲୋକଙ୍କୁ ଦୁଃଖ ଦେଇ ଖୁସି ହେଉଛି !

: ମାନେ ?

 Magazine Downloaded from www.aahwaan.com

ମାନେ, ଘନଶ୍ୟାମ ବାବୁଙ୍କୁ ଏ ଦଣ୍ଡ ମୁଁ ଦେଇଛି । ଶଳା ସକାଳୁ ସଂଜ୍ଞ ଯାଏ ବସି ଲାଞ୍ଚ ଖାଇ ଖାଇ ପେଟଟାକୁ ଓଦର ପରି ଫୁଲେଇ ସାରିଲାଣି । ଦୟାମାୟା କହିଲେ ଲୋକଟା ପାଖରେ ଟିକିଏ ବି ନାହିଁ, ଗରୀବ ଧନୀ ବୁଢାଟୋକା କିଛି ଫରକ୍ କରୁନି । ଫାଇଲ ଆସିଲା ମାନେ ହାତ ପତେଇ ଦେଉଛି, ଦେ କେତେ ଦେଉଚୁ ଦେ ! ଖାଇ ଖାଇ ଦେଖୁନ, କେତେ ବଡ ପେଟଟାଏ କଲାଣି ! ଦଶ ମାସର ଗର୍ଭିଣୀ ମାଇପିଙ୍କ ପରି ଦିଶୁଛି । ଆଜି ବିଚାରୀ ବଧବା ସ୍ତ୍ରୀଲୋକ ଟିଏ ଆସିଥିଲା ତାର ଭତ୍ତା ପାଇଁ, ଗରୀବ ସ୍ତ୍ରୀ ଲୋକଟା ବିଚିରୀ, କଙ୍କାଳ ଗଣି ହେଇଯିବ, ଭଲ ଲୁଗା ଖଣ୍ଡିଏ ବି ତା ପାଖରେ ନାହିଁ ପିନ୍ଧିବାକୁ । ସାଙ୍ଗରେ ଦି'ଟା ବେମାରିଆ ଛୁଆ । ତା ଫାଇଲକୁ ବି ଅଟକେଇ ରଖିଛି । କହିଲା ଦି'ଶହ ନଦେଲେ ଫାଇଲ ଆଗକୁ ବଢିବନି, ବିଚାରୀ ନିରାଶ ହୋଇ ଫେରିଗଲା । ନିରାଶ ହୋଇ ଫେରିବା ବେଳେ ତା ଆଖିର ସେଇ ଲୁହ, ତା'ରି ନିଶ୍ୱାସ, ଅଭିଶାପ ହୋଇ ପଡିଲା ୟାରି ଉପରେ, ଭଗବାନ ମୋତେ କହିଲେ ତାକୁ ଦଣ୍ଡ ଦେ, ଆଉ ମୁଁ ତା ବାଇକର ହାଣ୍ଡା ଖୋଲିଦେଲି ।

: ବଡ ପାପଟାଏ କରିଦେଲୁରେ ତୁ ଆର୍ତ୍ତତ୍ରାଣ ।

ଆର୍ତ୍ତ ହସିଲା, କହିଲା, କାଲି ସକାଳୁ ମନ୍ଦିର ଯିବି ପରା ।

: ପଚାରିଲି, କାହିଁକି ?

ପାପ ଛଡେଇବାକୁ ଆଜ୍ଞା, ହସି ହସି ଆର୍ତ୍ତତ୍ରାଣ ଜବାବ ଦେଇ କହିଲା, କହନ୍ତି, ଦିଅଁ ଦରଶନ କଲେ କୁଆଡେ ପାପ ଚାଲି ଯାଏ, ଆଉ ତ ଆଉ, ଥରେ ରାମ ନାମ ନେଲେ ଯେତେ ପୂଣ୍ୟ ଅର୍ଜନ ହୁଏ, ମଣିଷ ତାର ସାରା ଜୀବନରେ ଏତେ ପାପ କରି ପାରେନା । ଏଇ ଦେଖ କହି, ରାମ ରାମ ଦି ଥର କହି ପକେଇଲା, ଆଉ କହିଲା, ହେଇ ଦେଖ, ଗଲା ଏଇ ଜନ୍ମର ସବୁ ପାପ ନାଶ ହୋଇଗଲା ଗୋଟିଏ ଥର ରାମ ନାମରେ, ଆଉ ଥରେ ରାମନାମରେ ଆଗଲା ଜନ୍ମର ବି ଆଡଭାନ୍ସ ପ୍ରିମିୟମ ଜମା ହୋଇଗଲା ।

 Magazine Downloaded from www.aahwaan.com

ଆର୍ତ୍ତତ୍ରାଣର ଏ ଯୁକ୍ତିଶୁଣି ମୋତେ ହସ ଲାଗିଲା, ହସି ହସି କହିଲି, ଆରେ ସେମିତି ହେଲେ ଘନଶ୍ୟାମ ବାବୁ ରିଟାୟାର୍ଡ ହେଲାପରେ ହରିଦ୍ୱାର ଯାଇ ଗଙ୍ଗାସ୍ନାନ କରି ସବୁ ପାପ ଧୋଇ ଆସିବେନି ? ତୋତେ ଦଣ୍ଡ ଦେବା କଣ ଦରକାର ଥିଲା । ଆଉ କଣ ବାକିରହିଲା ଯେ ।

ଗଙ୍ଗାସ୍ନାନ କଥା ଶୁଣି ଆର୍ତ୍ତତ୍ରାଣ ବହେ ହସିଲା, କହିଲା, ମୋର ଗୋଟେ ଗପ ମନେ ପଡୁଚି ଆଜ୍ଞା, ଥରେ କିଏ ଜଣେ ବାବାଜୀ କହୁଥିଲେ ଶୁଣିଥିଲି । ଆପଣ ଶୁଣିବେ ? କହିଲି, ରହ, ଚାଲ ସେଇଠି ଆଉ କପେ କପେ ଚା' ହେଇ ଯାଉ, ତା ପରେ ତୋ ଗପ ଶୁଣିବା ।

ସଂଜ ନଇଁ ଆସୁଥଲା, ଅଫିସ୍ ଛୁଟିହେବାର ଅଧଘଣ୍ଟାରୁ ଅଧିକ ସମୟ ହେଲାଣି, ସମସ୍ତେ ପ୍ରାୟ ଚାଲି ଗଲେଣି । ରଘୁଆ ଚା'ଦୋକାନ ବି ଖାଲି, ସେ ତା'ର ଦୋକାନ ସଜାଡିବାରେ ଲାଗିଛି, ଆଉ ଛୋଟୁ, ଗ୍ଲାସ କପ୍ ସବୁ ଧୋଇବାରେ ବ୍ୟସ୍ତ । ଦୋକାନରେ ପହଞ୍ଚି କହିଲି, ଆରେ ରଘୁ ଚା' ଦି'କପ୍ ବନା, ରଘୁ ଥରେ ଆମକୁ ଚାହିଁ କହିଲା, ଆଜ୍ଞା, କ୍ଷୀର ସରିଗଲାଣି, ଆଉ ଚା' ବନେଇ ହବନି, ଚୁଲା ଉପରେ କେଟିଲରେ ଅଛି, ଦଶ ମିନିଟ୍ ଆଗରୁ ରାଉତ୍ ବାବୁଙ୍କ ପାଇଁ ବନେଇ ଥିଲି । ଏଇଟା ସବୁବେଳେ ରଘୁର ରେଡିମେଡ୍ ଉତ୍ତର, ସକାଳ ତିଆରୀ ଚା'କୁ ବି ସଂଧ୍ୟାରେ ଦଶ ମିନିଟ୍ ଆଗରୁ ବନେଇଚି କହି ପିଲେଇ ଦିଏ । ଅଗତ୍ୟା କିଛି ଚାରା ନଦେଖି କହିଲି, ହଉ ଦେ କହି ବସିଗଲୁ ସାମ୍ନାରେ ପଡିଥିବା ଖାଲି ବେଞ୍ଚଟା ଉପରେ । ରଘୁ ରଡିଟାଏ କରି କହିଲା, ହେଇରେ ଛୋଟୁ ବାବୁଙ୍କୁ ଦିଟା ଚାହା ଦେଇଯା ।

ଚା' ପିଉ ପିଉ ଆର୍ତ୍ତତ୍ରାଣକୁ କହିଲି, ହଁ ଏବେ କହ, କଣ କାହାଣୀ କହୁଥିଲୁ । ଆର୍ତ୍ତ ଚା' ଗ୍ଲାସରେ ଗୋଟାଏ ସୁଡକି ଲଗାଇ କହିଲା, ଥରେ ଜଣେ ଜମିଦାର ଗଙ୍ଗାସ୍ନାନ କରିବାକୁ ଯାଇଥିଲେ । ବଡ ଧର୍ମପରାୟଣ ବ୍ୟକ୍ତି ଥିଲେ, ଜୀବନ ସାରା ଦାନ ଧର୍ମ କରିବା, ଲୋକଙ୍କ

 Magazine Downloaded from www.aahwaan.com

ସେବା କରିବାରେ କଟେଇ ଦେଇଥିଲେ । ଏମିତି ଗଙ୍ଗାରେ ଗାଧୋଉ ଗାଧୋଉ ମନରେ କଣ ଆସିଲା କେଜାଣି, ଭାବିଲେ 'ଦୁନିଆ ଯାକର ପାପି ଆସି ଗଙ୍ଗାରେ ସ୍ନାନ କରୁଛନ୍ତି, ଗଙ୍ଗା ମାଆ ସମସ୍ତଙ୍କର ସବୁ ପାପ ଧୋଇ ନେଉଛି, ଏତେ ପାପ ସାଙ୍ଗରେ ନେଇ ଗଙ୍ଗା ମାତା କରୁଛି କଣ ?' ଶେଷରେ ନିଜର ଉତ୍କଣ୍ଠାକୁ ଚାପି ରଖି ପାରିଲେନି, ଗଙ୍ଗା ମାଆକୁ ପଚାରି ବସିଲେ, "ମାଆ ଏତେ ପାପ ଧୋଇ ତୁମେ ସେ ପାପ ନେଇ କରୁଛ କଣ ?"

ଗଙ୍ଗା ମାଆ ସଙ୍ଗେ ସଙ୍ଗେ ପ୍ରକଟ ହୋଇ ଟିକିଏ ହସି କହିଲେ, "ଆରେ ପାପ ସାଙ୍ଗରେ ମୋର କଣ କାମ ? ସମସ୍ତେ ଆସି ମୋ ପବିତ୍ର ପାଣିରେ ସ୍ନାନ କରନ୍ତି, ମୋର ପାଣିର ପବିତ୍ରତା ପାପି ମଣିଷର ପାପ ଧୋଇ ଦିଏ, ଯେମିତି ସାବୁନ ଲଗେଇଲେ ଦେହର ମଳି ସବୁ ଧୋଇ ହୋଇଯାଏ ସେମିତି । ହେଲେ ମୋର ପାଣି ତ ପୋଖରୀ ପରି ଗୋଟିଏ ଜାଗାରେ ଜମା ହୋଇ ରହେନି, ମୋର ଧାରା ନିରନ୍ତର ବୋହି ଚାଲିଛି । ସେଇ ପାଣିରେ ସମସ୍ତ ପ୍ରାଣୀଙ୍କର ପାପ ସବୁ ଭାସି ଭାସି ଯାଇ ସମୁଦ୍ରରେ ପହଞ୍ଚି ଯାଉଛି ।"

: ଜମିଦାରଙ୍କର ଉତ୍କଣ୍ଠା ବଢ଼ି ବଢ଼ି ଚାଲିଲା, ପୁଣି ଗଙ୍ଗା ମାଆକୁ ପଚାରିଲେ, ଏତେ ସବୁ ପାପନେଇ ସମୁଦ୍ର ତ ସଂସାରର ସବୁଠାରୁ ବଡ ପାପି ହୋଇଗଲା !

ଗଙ୍ଗା ମାଆ ଟିକେ ହସି କହିଲେ, "ନାହିଁରେ, ସମୁଦ୍ର ହେଲା ରତ୍ନାକର, ରତ୍ନ ରଖିବା ତା କାମ, ପାପ ରଖି ସିଏବା କଣ କରିବ ? ସିଏ ବି ପାପକୁ ପାଖରେ ରଖେନା, ଯେମିତି ଖରାଦିନ ଆସିବ, ତାର ପାଣି ସବୁ ବାଷ୍ପ ହୋଇଯିବ, ସେଇ ବାଷ୍ପ ସାଙ୍ଗରେ ପାପ ସବୁ ଉପରକୁ ଉଠିଯାଇ ମେଘରେ ମିଶିଯିବେ ।"

: ତାହାହେଲେ ମେଘ ସବୁଠାରୁ ବଡ ପାପି, ଜମିଦାର ଗଙ୍ଗା ମାଆଙ୍କୁ କହିଲେ ।

ଗଙ୍ଗା ମାଆ ହସି ହସି କହିଲେ, "ନାହିଁ, ମେଘ କାହିଁକି କାହା ପାପର ଭାଗିହେବ, ମେଘର ବା ଆୟୁଷ କେତେ ? ଖରାଦିନ ପରେ ବର୍ଷା ରୁତୁ ଆସିବ, ମେଘ ଭାସିଭାସି ସାରା

 Magazine Downloaded from www.aahwaan.com

ଆକାଶରେ ବ୍ୟାପୀ ଯିବ, ତା ସାଙ୍ଗରେ ପାପର ରଙ୍ଗରେ କଳା ଦିଶୁଥିବା ମେଘସବୁ ମାଡି ଆସିବେ, ତା'ପରେ ମେଘ ବର୍ଷିଯିବ ବରକୋଳିଆ ପାଣି ଟୋପା, ଆଉ ସେଇ ପାଣି ସାଙ୍ଗରେ ସବୁଯାକ ପାପ ବି ଢାଳିଯିବ, ଯାହାର ପାପ ତାହାରି ଉପରେ ବରଷିଦେଇ ଚାଲିଯିବ । ତୁମ ପାପ ପୁଣି ତୁମ ପାଖକୁ ଫେରିଆସିବ ।”

ଜାଣିଲେ ଆଜ୍ଞା, ଯାହାବି କରନ୍ତୁ ପାପ, ପାପିକୁ ଛାଡି କୁଆଡେ ଯାଏନି । ସବୁବେଳେ ସାଙ୍ଗରେ ରହେ, ପାପର ହିସାବ ଅଲଗା, ପୂଣ୍ୟର ଅଲଗା । ପୂଣ୍ୟ ପାଇଁ ଯେପରି ସୁଖ ମିଳିବ ପାପ ପାଇଁ ସେତେକି ଦଣ୍ଡ ମିଳିବ ।

ଆର୍ତ୍ତତ୍ରାଣ ଗୋଟାଏ କ୍ୱାଲିଫାଏଡ ଚାଟାର୍ଡ ଆକାଉଣ୍ଟାଣ୍ଟ ପରି ପୁରା ପାପ ଉପଖ୍ୟାନର ତର୍ଜମା କରିଗଲା, କହିଲା ପାପ ପୂଣ୍ୟ କିଛି ବ୍ୟାଙ୍କ ଖାତା ନୁହଁ ଯେ ଡେବିଟ୍ କ୍ରେଡିଟ୍ ହେଉଥିବ । ଶହେ ପାପ କଲି, ପଚାଶ ପୂଣ୍ୟ, ଜମାଖର୍ଚ୍ଚ ହିସାବ ପରେ ବଳକା ରହିଲା ପଚାଶ, ସେଇଟା ଗଙ୍ଗାରେ ଯାଇ ବିସର୍ଜନ କରିଦେବି, ବ୍ୟାଡଡେବ୍‌ଟ ରାଇଟ୍‌ଅପ୍ ହୋଇଯିବ ! ସେମିତି କିଛି ହୁଏନି ଆଜ୍ଞା । ସବୁ ହିସାବ ଏଇଠି ହୁଏ । ଦେବା, ନେବା, ପାଇବା, ନପାଇବା ସବୁ ଏଇଠି ହିସାବ ନିକାଶ ପଇଠ କରି ଫେରିବାକୁ ହେବ । ଆଗଲା ପିଛିଲା ଜନ୍ମର କିଛି ନେଣ ଦେଣ ବାକି ରହେନି । ଏଠି ସବୁ ନଗଦ କରବାର । ଯେମିତି କରିବ, ସେମିତି ଏଇଠି ଭୋଗିକି ଯିବ । କୋଳି ଗଛ ଲଗେଇ ତ କେହି ଆମ୍ବ ତୋଳି ପାରିବ ନାହିଁ ନା । ତାକୁ ଖଟା କୋଳି ହିଁ ଖାଇବାକୁ ମିଳିବ, କୋଳିଗଛର ମୂଳକୁ ଗଲେ ପାଦରେ କଣ୍ଟା ଫୁଟିବ । ତେଣୁ ସାଧୁ ହେ, ସାବଧାନ ରୁହ, ଅବଧାନେ ଏତିକି ପଢେଇଛନ୍ତି ଆଜ୍ଞା ।

 Magazine Downloaded from www.aahwaan.com

# କ୍ଳାନ୍ତ ବିହଙ୍ଗ



ସଂସ୍କୃତି ମହାନ୍ତି

ସମୁଦ୍ର ବେଳାଭୂମିରେ ବସି ସମୁଦ୍ର ଆଡ଼କୁ ଚାହିଁ ରହିଛି ଶ୍ରୀ । ସମୁଦ୍ରର ଅସଂଖ୍ୟ ଢେଉ ସବୁ ତା'ର ବାଲୁକା ରାଶିରେ ମଥା ପିଟୁଛନ୍ତି । କିନ୍ତୁ ସେହି ନିଷ୍ଠୁର ବାଲୁକା ରାଶି କଣ ବୁଝି ପାରୁଛି ସେମାନଙ୍କର ଅନ୍ତରର ଅସ୍ପଷ୍ଟ ବ୍ୟଥାକୁ । ସେ କଣ ପଢ଼ି ପାରୁଛି ସେମାନଙ୍କର ଆଖିର ଭାଷାକୁ । ପୁଣି ଢେଉମାନେ ଫେରି ଯାଉଛନ୍ତି ନିଜର କୋହ ଆଉ ଯନ୍ତ୍ରଣାକୁ ସାଙ୍ଗରେ ନେଇ । ଏଇ ଢେଉ ମାନଙ୍କ ଭଳି ତ ଶ୍ରୀ'ର ଜୀବନ । ତା ଅନ୍ତରର କୋହ ଆଉ ଯନ୍ତ୍ରଣାକୁ କଣ ବୁଝି ପାରୁଛି ଜୟନ୍ତ । ତା'ର କୋମଳ ମନକୁ ପ୍ରତି ମୁହୂର୍ତ୍ତରେ ଦଳି ଖିନ୍‌ଭିନ୍ କରି ଦେଉଛି । ଏଥିରେ ଶ୍ରୀ'ର ବା ଦୋଷ କଣ । ସେ ତ ତାକୁ ନିଜ ଇଛାରେ ବିବାହ କରିନଥିଲା । ସେ ତା ଉପରେ ବୋଝଟିଏ ହେଇ ରହିବାକୁ ଚାହିଁନଥିଲା । ତା'ହେଲେ କଣ ପାଇଁ ତାର ଏ ନିଷ୍ଠୁର ପଦକ୍ଷେପ । ଏସବୁର କୌଣସି ଉତ୍ତର ଖୋଜି ପାଉନଥିଲା ଶ୍ରୀ । ତା'ର ଭାବନା ସବୁ ସୁତାର ଖିଅ ଭଳି ଅଡୁଆ ହେଇ ଯାଉଥିଲେ । ସେ ତଉଲୁଥିଲା ପୂର୍ବର ଆଉ ଏବେର ଜୟନ୍ତ ମଧ୍ୟରେ ଥିବା ତଫାତକୁ । ସତରେ ଯଣେ ପୁରୁଷର ମନକୁ ବୁଝିବା ବହୁତ କଷ୍ଟ । ଯେଉଁ ଯୟନ୍ତର ମନ ଦିନେ ପୂର୍ଣ୍ଣିମାର ଜହ୍ନ ଆଲୁଅ ଭଳି ପରିଷ୍କାର ଥିଲା, ତାହା ଆଜି ତାକୁ ଘନ କୁହୁଡିର ଆସ୍ତରଣ ଭଳି ଅନ୍ଧାରିଆ ଲାଗୁଛି । ଯେଉଁଦିନ ତାର ଜୟନ୍ତ ସହ ପ୍ରଥମ ଦେଖା ହେଇଥିଲା ସେ ଅତି ଆପଣାର ଲୋକଟିଏ ଭଳି ଲାଗିଥିଲା ତାକୁ । ହେଲେ ଏତେ ଶୀଘ୍ର କେମିତି ବଦଳିଗଲା ସେଇ ନିଜର ମଣିଷଟି । ସବୁ ପୁଅମାନେ ବୋଧେ ଏମିତି । ଗୋଟେ

 Magazine Downloaded from www.aahwaan.com

ଝିଅକୁ ପାଇବା ପୂର୍ବରୁ ସେମାନେ ଏମିତି ଅଭିନୟ କରିଥାନ୍ତି । କିନ୍ତୁ ପାଇବାପରେ ପୁଣି ଫେରିଆସନ୍ତି ନିଜର ପ୍ରକୃତ ଚେହେରାକୁ । କିନ୍ତୁ ସବୁ ପୁଅଝିଅଙ୍କ ପ୍ରେମ ଭଳି ତ ସେମାନଙ୍କ ପ୍ରେମ ନଥିଲା । ଶ୍ରୀ ଭଳି ଗୋଟେ ଝିଅ କେମିତି ସାହସ କରିଥାନ୍ତା ପ୍ରେମ କରିବାକୁ । ସମାଜର ସବୁ ନିୟମ ତାକୁ ପଙ୍ଗୁ କରିଦେଇଥିଲା । ଅନ୍ଧବିଶ୍ୱାସ ଆଉ ଧରାବନ୍ଧା ନିୟମର ଏକ ଶକ୍ତ ପାଚେରୀ ଠିଆ ହୋଇଥିଲା ତା ଆଗରେ । କାରଣ ସେ ଥିଲା ଶୁଭମ୍ ଚୌଧୁରୀର ବିଧବା ପତ୍ନୀ । ମାତ୍ର ଏସବୁ ଅନ୍ଧକାର ଆଉ ନିୟମର ପଞ୍ଜୁରୀରୁ ତାକୁ ମୁକ୍ତି ଦେଇଥିଲା ଜୟନ୍ତ । ତା ମଥାରେ ସିନ୍ଦୂର ଦେଇ ତାକୁ ପତ୍ନୀର ସ୍ୱୀକୃତି ଦେଇଥିଲା । ଏବେବି ମନେ ଅଛି ତା'ର ଯେଉଁ ଦିନ ବିବାହ ପ୍ରସ୍ତାବ ନେଇ ଜୟନ୍ତ ଆସିଥିଲା ତାଙ୍କ ଘରକୁ । ବାପାଙ୍କ ହାତକୁ ଧରି କହିଥିଲା ଆପଣ ମନା କରନ୍ତୁନି, ମୁଁ ଶ୍ରୀ'ର କୌଣସି ଅବହେଳା କରିବିନି । ତା'ର ପରିଚୟ କେବଳ ସେ ମୋର ସ୍ତ୍ରୀ । ବାପା କିନ୍ତୁ ଶ୍ରୀ'ର ବିନା ପରାମର୍ଶରେ କିଛି ନିଷ୍ପତ୍ତି ନେବାକୁ ଚାହୁଁନଥିଲେ । ପଚାରିଥିଲେ ତା'ର ମତାମତ । ସେ କିନ୍ତୁ ରାଜି ହେଉନଥିଲା ଏ ପ୍ରସ୍ତାବରେ । ସେ ଚାହୁଁନଥିଲା ଶୁଭମର ସ୍ମୃତିକୁ ଭୁଲି ଆଉ କାହା ମନପଞ୍ଜୁରୀରେ ବାନ୍ଧି ହେବାକୁ । ବିବେକ ତା'ର ସ୍ୱୀକୃତି ଦେଉନଥିଲା ଏସବୁ କରିବାକୁ । ସେ ତା'ର ନିୟମିତ ଶିକ୍ଷୟତ୍ରୀ ଜୀବନଧାରାରୁ ଓହରି ପୁଣିଥରେ ପତ୍ନୀର ଭୂମିକା ତୁଲେଇବାକୁ ଚାହୁଁନଥିଲା । କିନ୍ତୁ ଜୟନ୍ତର ସେଇ କେଇ ପଦ କଥା ତା ମନର ସବୁ ଭାବନାକୁ ଧୋଇ ଦେଇଥିଲା । ସେ କହୁଥିଲା ତମେ ମୋତେ ବିଶ୍ୱାସ କର ଶ୍ରୀ । ମୁଁ ତମକୁ ବହୁତ ଭଲପାଏ । ତମ ଛଡା ମୋ ମନରେ ମୁଁ ଆଉ କାହାକୁ ସ୍ଥାନ ଦେଇ ପାରିବିନି । ମୁଁ ତମର ଅତୀତକୁ ଜାଣିବାକୁ ଚାହୁଁନି । ମୁଁ ବର୍ତ୍ତମାନକୁ ନେଇ ବଞ୍ଚିବାକୁ ଚାହେଁ । ତମେ ମୋ କଥାରେ ହଁ ଭରିଦିଅ । ଏଇ କଥା ଗୁଡିକ ଯେପରି ଶ୍ରୀ ମନରେ ଭରି ଦେଇଥିଲା ନୂତନ ଭାବେ ଜୀଇଁବାର ଆକାଂକ୍ଷା ଆଉ

 Magazine Downloaded from www.aahwaan.com

ଉଦ୍ଦୀପନା । କାହିଁକି ସେ ଟାଳି ପାରିଲାନି ଜୟନ୍ତର କଥାକୁ । ଯଦି ସେ ସେତେବେଳେ ମନା କରିଥାନ୍ତା ତାହେଲେ ଆଜି ତାକୁ ଏତେ କଷ୍ଟ ସହିବାକୁ ପଡିନଥାନ୍ତା । ବାହାଘର ପରେ କିଛି ଦିନ ତାଙ୍କର କଟିଥିଲା ଭଲରେ । କିନ୍ତୁ ତା'ପରେ ତାର ଅତି ଆପଣାର ଜୟନ୍ତ ତାକୁ ଅଚିହ୍ନା ଲାଗିଲା । ଲୁହଭରା ଅତୀତକୁ ଭୁଲି ଏକ ପରିପୂର୍ଣ୍ଣ ସଂସାରର ସ୍ୱପ୍ନ ଦେଖୁଥିବା ମନଟା ଭାଙ୍ଗି ଚୁନା ହେଇ ଯାଇଥିଲା । ଜୟନ୍ତ ଧିରେ ଧିରେ ତା ସହ କଥା କହିବା କମେଇ ଦେଲା । ତା'ର ଚାକିରୀ ବି ଛଡେଇ ଦେଇଥିଲା । କାରଣ ସେ ଚାହୁଁନଥିଲା ଶ୍ରୀ ବାହାରକୁ ଯାଉ । ତା'ପରେ କୋଳକୁ ଆସିଥିଲା ଜିତ୍ । କିନ୍ତୁ ଏଥିରେ ବି ଜୟନ୍ତ ଖୁସି ନଥିଲା । କୌଣସି କଥାରେ ତା'ର ଆଗ୍ରହ ନଥିଲା । ବେଶୀ ସମୟ ତା'ର କଟୁଥିଲା ବାହାରେ ସାଙ୍ଗ ସାଥୀଙ୍କ ଗହଣରେ । କିନ୍ତୁ ଶ୍ରୀ ବା ପୁଅକୁ ସେ କୌଣସି କଥାରେ ଅବହେଳା କରୁ ନଥିଲା । ହେଲେ ଶ୍ରୀ ଭାବୁଥିଲା ଜୟନ୍ତ ଯେମିତି ତାକୁ ଖାଲି ଦୟା ଦେଖାଉଛି । ସେ ଯେପରି ନିର୍ମୁଳି ଲତାଟିଏ ଭଳି ତା ପାଖରେ ଆଶ୍ରୟ ନେଇଛି । ଦୁଃଖ ଆଉ ଅପମାନରେ ତା ହୃଦୟ ମନ୍ଥି ହେଇ ଯାଉଥିଲା । ଆଖିର ଲୁହ ମାନେ ଆଉ ବୋଲ ମାନୁ ନଥିଲେ । ଏତିକି ବେଳେ ଯେମିତି ଶୁଭମ୍ ର ହାତ ଦୁଇଟି ଆସି ତା ଆଖିରୁ ଲୁହ ପୋଛି ଦେଲା । କୁଆଡ଼େ ଗଲା ତା ସହ କଟିଥିବା ସେ ଦିନ ଗୁଡିକ । ସବୁବେଳେ ସେ ତାକୁ ଚିଡଉ ଥିଲା । ପାଖରୁ ଟିକେ ବି ଛାଡୁ ନଥିଲା । ବେଳେ ବେଳେ ବିରକ୍ତ ହେଇ ଯାଉଥିଲା ଶ୍ରୀ । ଅଣନିଶ୍ୱାସୀ ହେଇ ଯାଉଥିଲା ଶୁଭମ୍ ର ଏତେ ଭଲ ପାଇବା ଭିତରେ । କିନ୍ତୁ ଏବେ ତାକୁ ଚିଡେଇବାକୁ କେହି ନାହିଁ । ସେ ବର୍ତ୍ତମାନ ସ୍ୱାଧୀନ । କିନ୍ତୁ ସେ କାହିଁକି ଖୁସି ହେଇପାରୁନି । ସେ ଭାବୁଛି ଜୟନ୍ତ ତାକୁ ଏମିତି ସ୍ନେହ କରନ୍ତାନି । ଭରପୂର ଭଲପାଇବା ଦିଅନ୍ତାନି । କିନ୍ତୁ ଏସବୁ ତ ତା ପାଇଁ ସ୍ୱପ, ମରିଚୀକା । ଯାହା କେବେବି ସତ ହବନି ।ତାହେଲେ ସେ କ'ଣ ଜୀଇଁଥିବ ପଞ୍ଜୁରୀରେ ବାନ୍ଧି ହେଇଥିବା

 Magazine Downloaded from www.aahwaan.com

ଶାରୀଟିଏ ଭଳି । ସେ ଆଉ ଘର ଛାଡି କୁଆଡେ ଚାଲିଯିବ କି ? କିନ୍ତୁ ଯିବ କୁଆଡେ । କ'ଣ ଅଛି ତା ପାଖରେ । ବଞ୍ଚିବାର ସମ୍ବଳ ବୋଲି ଥିବା ଚାକିରୀ ଖଣ୍ଡିକ ତ ସେ କେବେଠୁ ଜୟନ୍ତ ପାଖରେ ବିକି ଦେଇ ସାରିଛି । ଆଜି ଭାବୁଛି ସେ ଜୟନ୍ତର ଏସବୁ ବୋଧେ ଗୋଟେ ଷଡ଼ଯନ୍ତ୍ର ଥିଲା । ସବୁଥିରୁ ତାକୁ ବଞ୍ଚିତ କରି ସେ କ'ଣ ପାଇଁ ଏତେ ବଡ ପ୍ରତିଶୋଧ ନେଉଛି ତା ଉପରେ । ସେ କ'ଣ ଏମିତି ଜଳୁଥିବ ତା ପ୍ରତିଶୋଧର ନିଆଁରେ । ହେଲେ ତା'ର ମୁକ୍ତି କାହିଁ । ତା ଆଗରେ ଏବେ ପୁଅ ଜିତ୍‌ର ଭବିଷ୍ୟତ । ନାଁ ସେ ବଞ୍ଚିବ କେବଳ ଜିତ୍ ପାଇଁ । ଅକାଳରେ ଝରି ଯାଇଥିବା ଶୁଭମ୍ ର ଆଞ୍ଜୁଳାଏ ସ୍ମୃତିକୁ ଧରି ସେ ତାର ବାକି ଜୀବନ ବିତେଇବ । ମା ହେବାର କର୍ତ୍ତବ୍ୟ ସେ ପାଳନ କରିବ । ସେ ଯିଇଁବ ଜୟନ୍ତର ସ୍ତ୍ରୀ ଭାବେ ନୁହେଁ, ଜିତ୍‌ର ମାଆର ପରିଚୟ ନେଇ । ସେ ଆଉ ଜୟନ୍ତ ଦୁଇଟି ସମାନ୍ତର ସରଳ ରେଖା । ସେମାନେ କେବେବି ପରଷ୍ପରକୁ ଛୁଇଁ ପାରିବେନି । ଏମିତି ଭାବନାର ବୁଢିଆଣି ଜାଲରେ ଛନ୍ଦି ହେଇ ଯାଉ ଯାଉ କେତେବେଳେ ଯେ ସଂଧ୍ୟା ହେଲାଣି ଜାଣି ପାରିନଥିଲା ସେ । ମନ୍ଦିରର ଘଣ୍ଟଧ୍ୱନିରେ ପ୍ରକୃତିସ୍ଥ ହେଲା ସେ । ଜିତ୍‌ର ଟିଉସନ୍ ଫେରିବାର ସମୟ ହେଇଗଲାଣି । ଆଖିରୁ ଲୁହ ପୋଛି ଆଗକୁ ପାଦ ବଢେଇଲା । କିନ୍ତୁ ଯିବା ପୂର୍ବରୁ ଥରୁଟିଏ ସମୁଦ୍ର ଆଡକୁ ଚାହିଁ ଦେଖିଲା ସମୁଦ୍ର ପୂର୍ବ ଅପେକ୍ଷା ଶାନ୍ତ ହେଇଯାଇଛି । ବୋଧେ ଲହରୀର ବୁକୁଫଟା କ୍ରନ୍ଦନରେ ସେ ସ୍ଥାଣୁ ପାଲଟି ଯାଇଛି । କିନ୍ତୁ ଲହରୀ ଗୁଡିକ ସେମିତି ବାଲୁକା ରାଶିରେ ମଥା ପିଟି ଗାନ କରୁଛନ୍ତି ସେମାନଙ୍କ ହୃଦୟର ଅକୁହା ସଙ୍ଗୀତ ।

# ଉତିଷ୍ଠିତ ଜାଗ୍ରତ



ପ୍ରମୋଦ କୁମାର ପଣ୍ଡା

ବ୍ୟକ୍ତି ଚରିତ୍ରକୁ ନେଇ ଟୁଇଟରରେ ଏକ କ୍ଷୁଦ୍ରଗଳ୍ପ ଲେଖିଥିଲି । ତାକୁ ପଢ଼ି କିଛି ସହୃଦୟଙ୍କ ମନ୍ତବ୍ୟରୁ ପ୍ରେରିତ ମୋର ଏହି ଆଲେଖ୍ୟ ।

[ଗଳ୍ପଟି ହେଲା ଏହି ପରି ।

ବ୍ୟକ୍ତି ଚରିତ୍ର

#କ୍ଷୁଦ୍ରଗଳ୍ପ #ଅକ୍ଟୋବର ୩୧ ୧୯୮୪

ଚାନ୍ଦା ଭେଦା ମାଗି ଅତି ଜାକଜକମରେ ୨୯ ଅଗଷ୍ଟରେ ଗଣେଶ ପୂଜା ସାରିଲା ପରେ ମୁଁ ଦେଖିଲି ମୋ ହାତରେ ବେଶ କିଛି ଟଙ୍କା ବଳକା ରହିଯାଇଛି । ନୂଆ ନୂଆ ନେତା ପଣିଆରେ ପୂଜାର ଦାୟିତ୍ୱ ନେଇଥିଲି । ମନରେ ନୂତନ ଉତ୍ସାହ ଉଦ୍ଦୀପନା ଥିଲା । ସେ ଟଙ୍କା ଓ କିଛି ନୂଆରେ ବଦଳି ହୋଇ ଆସିଥିବା ସହକର୍ମୀଙ୍କ ମୁଣ୍ଡରେ ହାତ ରଖି ଅକ୍ଟୋବର ୨୪ ତାରିଖ ଦିନ ଘୋଷଣା କଲି - ୩୧ ତାରିଖରେ ମାଗଣା ଭୋଜିର ଆୟୋଜନ କରାହେବ ।

କାର୍ଯ୍ୟାଳୟର ସମସ୍ତ ୧୦୦ ଜଣ କର୍ମରତମାନଙ୍କ ଭିତରେ ଆନନ୍ଦର ଲହରୀ ଖେଳିଗଲା । ସୌଦା ଆଣିବା ପାଇଁ ନୂଆରେ ବଦଳି ହେଇ ଆସିଥିବା ସେହି ସହକର୍ମୀ ମାନଙ୍କୁ ଦାୟିତ୍ୱ ଦିଆଗଲା । ତା ସହ ମାଂସ ଆଣିବା ଦଳ ମଧ୍ୟ ଚିହ୍ନଟ ହେଲେ ଯାହାକୁ ନିଜେ ଆମ ସଂଘ ସମ୍ପାଦକ ଚିହ୍ନଟ କରିଥିଲେ । ସମସ୍ତେ ଯେ ଯାହା କାମରେ ମନ ଦେଇ ଲାଗିଗଲେ ।

ଶେଷରେ, ସେଦିନ ବି ଆସିଗଲା । ଖରାବେଳିଆ ଭୋଜି । ସକାଳୁ ସକାଳୁ ରୋଷେଇ

 Magazine Downloaded from www.aahwaan.com

ସହ ଭୋଜି ବରାଦି ଜିନିଷମାନ ଆସି ପହଞ୍ଚି ଗଲା । ଦିନ ଦଶଟା ବେଳେ ସଂପାଦକ ମହାଶୟ ହଠାତ୍ ଆସି କହିଲେ - ରୋଷେଇ ବନ୍ଦ କରିଦିଅ । ପରିସ୍ଥିତି ଖରାପ । ଘଟଣା କଣ ବୁଝିପାରୁ ଜଣା ପଡିଲା - ଭାରତର ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରା ଯାଇଛି । କଂଗ୍ରେସ ଭାରତସାରା ପ୍ରତିବାଦ ଶୋଭାଯାତ୍ରା ବାହାର କରିବ । ତେଣୁ ଭୋଜି ବନ୍ଦ । ପରିବା କଟା ସରିଥିଲା । ଭାତ ପାଇଁ ପାଣି ଗରମ ହେଉଥିଲା । ମାଂସ ଦଳା ସରିଥିଲା । ହଠାତ୍ ଭୋଜି ବନ୍ଦ ହେଇ ଯାଇଥିଲା । ଅନ୍ୟାନ୍ୟ ଜିନିଷ ରଖା ଯାଇ ପାରିବ । କିନ୍ତୁ କଟା ଫଳ ଓ ଦଳା ମାଂସର କଣ ହେବ ?

ଅନେକ ବିଚାର ବିମର୍ଷ ଓ ସଂପାଦକ ମହୋଦୟଙ୍କ ପରାମର୍ଶରେ ସ୍ଥିର କରାଗଲା - ଯିଏ ଯାହା ଦାୟିତ୍ୱରେ ଥିଲେ ତାକୁ ବିନା ଦେୟରେ ନିଜ ନିଜ ଭିତରେ ବାଣ୍ଟି ଦିଅନ୍ତୁ । ପୁଣି ଚାନ୍ଦା ଭେଦା କରି ଭୋଜି କରିବା । ଯାହା ହେଲେ ବି ଚାଉଳ ଓ ସୌଦା ତ ଆମର ରହିଛି ।

ସେୟା ହେଲା । ନୂଆରେ ବଦଳି ହୋଇ ଆସିଥିବା ଦଳ କଟା ଫଳରେ ଓ ମାଂସ ଆଣିଥିବା ଦଳ ଦଳା ମାଂସରେ ନିଜ ନିଜ ଭାଗକୁ ନେଇ ବାଣ୍ଟିଲେ । ମାଂସ ଆଣିଥିବା ଆମର ଜଣେ କର୍ମେଜ୍ୟେଷ୍ଠ ସହକର୍ମୀ ମୋ ପାଖକୁ ଆସି କହିଲେ - ତମର ଭାଗ ଗଲାବେଳେ ନେଇଯିବ ।

ମୁଁ ଆଶ୍ଚର୍ଯ୍ୟ ହେଲି - ମୋ ଭାଗ ? ମୁଁ ତ ଆପଣଙ୍କ ଦଳରେ ନାହିଁ । ସେ କହିଲେ - ଏଇଟା ପୁରୁଣା ପରଂପରା ଏଇଠି । ସମ୍ପାଦକ ଓ ଆୟୋଜକଙ୍କ ପାଇଁ ମାଂସରେ ଅଲଗା ଭାଗଥାଏ ।

ମୁଁ ତାଟକା । ସତ କଥା । ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ବେଳେ ବ୍ୟକ୍ତିଙ୍କ ଚରିତ୍ର ନିରୂପଣ ହୋଇଥାଏ ।]

 Magazine Downloaded from www.aahwaan.com

ଇଏ ଏକ କଳ୍ପନା ପ୍ରେରିତ ଗଳ୍ପ ହୋଇପାରେ । କିନ୍ତୁ ବ୍ୟକ୍ତିର ଚରିତ୍ରର ନିର୍ମାଣ ସୁଦୃଢ ଭିତ୍ତିଭୂମିରୁ ହିଁ ହୋଇଥାଏ । ଏହି ସନ୍ଦର୍ଭରେ ଭଗବତ ଗୀତାର ପ୍ରାରମ୍ଭିକ ଶ୍ଲୋକମାନଙ୍କ ଭିତରେ ଏହି ଶ୍ଲୋକଟି ଅଧିକ ଶକ୍ତିଶାଳୀ ଅଟେ ।

*କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ ।*

*କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ । ।*

(ଭଗବତ ଗୀତା ୨.୩)

ଅର୍ଥାତ୍

ହେ ପାର୍ଥ, ଦୁର୍ବଳ - ହୃଦୟର ଶୀକାର ହୁଅ ନାହିଁ । ଏହା ତୁମର ଯୋଗ୍ୟତା ନାହିଁ । ହୃଦୟର ନୀଚରୂପୀ ଦୁର୍ବଳତାକୁ ଛାଡି ଠିଆ ହୋଇଯାଅ ।

ଦୁର୍ବଳତା ଏକ ବ୍ୟାଧି । ଏହାର ଶିକାର ବ୍ୟକ୍ତି ଚରିତ୍ରବାନ ହୋଇ ପାରି ନ ଥାନ୍ତି । ତେଣୁ ଦୁର୍ବଳତା ପରିହାର ହେଲେ ସବଳ ମନରେ ନିର୍ଭୟତା ଓ କରୁଣା ଜାତ ହୁଏ । ସବୁ ଠାରୁ ଊର୍ଦ୍ଧ୍ୱରେ ବ୍ୟକ୍ତି ଚରିତ୍ର । ସେଥିରେ ତିଆରି ହୋଇଥାଏ ଲୋକ ଚରିତ୍ର । ସେହି ଲୋକ ଚରିତ୍ରର ସକାରାତ୍ମକ ପ୍ରଦର୍ଶନ ବାହାରେ ରାଷ୍ଟ୍ର ଚରିତ୍ର ରୂପେ ପରିଗଣିତ ହୋଇଥାଏ ଯାହା ବ୍ୟାପକ ରୂପେ ସୁଦୂରପ୍ରସାରୀ ସହ ଅତି ଶକ୍ତ ଓ ସୁଦୃଢ଼ ହୋଇଥାଏ । ବ୍ୟକ୍ତି ଚରିତ୍ର ଛଡା ବ୍ୟକ୍ତିର ଆସନ ଏଥିପାଇଁ ମହତ୍ୱପୂର୍ଣ୍ଣ; ଏ ସବୁର ମାପକାଠି । ପଦ, ପଦବୀ ଆଉ ପୂର୍ବ-ପ୍ରତିଷ୍ଠିତ ଭାବମୂର୍ତ୍ତିକୁ ଆଖି ଆଗରେ ରଖି ବ୍ୟକ୍ତିତ୍ୱ ସମ୍ବନ୍ଧରେ କେବଳ ଧାରଣା କରା ଯାଇପାରେ, ଚରିତ୍ରର ସଂଜ୍ଞା ନିରୂପଣ କରି ହୁଏନି । ଚରିତ୍ରର ସଂଜ୍ଞା ଅନ୍ୟ କିଛି ଅଟେ । କେହି ନ ଦେଖୁଥିବା, ନ ଜାଣୁଥିବା ଅବସ୍ଥାରେ ବ୍ୟକ୍ତି ନିଜେ କଣ କରନ୍ତି, ତା ଉପରେ ଚରିତ୍ର ନିର୍ଭର କରିଥାଏ ! ହୁଏତ ଅନୁମାନ କରିହେବ, କିନ୍ତୁ ପ୍ରକୃତରେ ଅନୁଭବ କରିବାକୁ ସମୟ ଲାଗେ ।

 Magazine Downloaded from www.aahwaan.com

ତେଣୁ ସ୍ୱଦର୍ଶିତ/ ପରୀକ୍ଷିତ ଆଚାର ଓ ବ୍ୟବହାର ହିଁ ଏହି ଚରିତ୍ରର ମାପକାଠି ହୋଇଥାଏ । କିନ୍ତୁ ଏହା ତା ଭିତରୁ ବାହାରି ବାହାରକୁ ଆସିଗଲେ ସମାଜ, ନ୍ୟାୟ ଓ କର୍ମଚକ୍ରର ପରିଧି ଭିତରକୁ ସେମାନେ ଆସି ଯାଇ ଥାଆନ୍ତି ।

ଚାନ୍ଦା ଭେଦା କରି ଆୟୋଜନ କରୁଥିବା ଉତ୍ସବ ଏହି ଲୋକ ଚରିତ୍ରର କେବଳ ଏକ ଉତ୍କୃଷ୍ଟ ଉଦାହରଣ ହୋଇପାରନ୍ତି ।

କୌଣସି ଏକ ସଂସ୍ଥାରେ ଆୟୋଜିତ ପାରମ୍ପରିକ ପୂଜାରେ ଉତ୍ସବ ପର ଭୋଜି ପାଇଁ ଆଗ ଭାଗ ରଖି ଚାନ୍ଦା ଆଦାୟ କରାଯାଏ । ସମସ୍ତଙ୍କ ମନରେ ସ୍ୱାଭାବିକ ପ୍ରଶ୍ନ କୁହୁଁଳି ଥାଏ, "ଏତେ ପଇସା କଣ ହେବ ?" ଅବଶ୍ୟ କେହି କିଛି ନ ପଚାରି ଦେଇ ଦିଅନ୍ତି । ଆଉ ପୂଜା ପର ପାରିବାରିକ ଭୋଜିକୁ ଅପେକ୍ଷା କରି ଥାଆନ୍ତି । ଇଏ ଏକ ସ୍ୱାଭାବିକ ପ୍ରକ୍ରିୟା । କିନ୍ତୁ ଭୋଜି-ଉତ୍ସବ-ପୂଜାର ଆୟୋଜନ କଲେ ଆୟୋଜକଙ୍କ ପକେଟରୁ ସବୁବେଳେ କିଛି ଅଧିକା ଖର୍ଚ୍ଚ ହେଇ ଯାଇଥାଏ । ସେଥିପାଇଁ ଉତ୍ସବଟି ସରିବା ପରେ, ଆଗାମୀ ଆୟୋଜନ ନ କରିବା ପାଇଁ ଆୟୋଜକଙ୍କ ଭାବନାଟି ଭାବନାରେ ହିଁ ରହି ଯାଇଥାଏ । ତାଙ୍କୁ ପୁଣି ଥରେ ଆୟୋଜନ କରିବା ଅନୁରୋଧକୁ ସେମାନେ ଏଡାଇ ପାରନ୍ତି ନାହିଁ ।

ଯେ କୌଣସି କାରଣରୁ ସେମିତି ଅପ୍ରାସଙ୍ଗିକ ନ ହେଲେ ଭୋଜି ବି ବନ୍ଦ କରିବା ଉଚିତ ନାହିଁ, ସତ କଥା । କିନ୍ତୁ ଏକ ବାହାନାରେ କାହାରି ମୁଣ୍ଡରେ ହେଲେ ବି କାରଣ ଥୋଇ ବନ୍ଦ କରି ଦିଆଯାଇଥାଏ । ବନ୍ଦ ନ ହେଲେ ନିଜ ନିଜ ଘରକୁ ଜିନିଷ ବୋହି ନେବାର ସୁଯୋଗ ମିଳିବନି । ଏହା ଏକ ପ୍ରକାର ଲୋକ ଚରିତ୍ର ।

ହଠାତ୍ ଭୋଜି ବନ୍ଦ ହେବା ପଛରେ ଅନେକ କାରଣ ଭିତରୁ କୌଣସି ବି ଏକ କାରଣ ମୁଣ୍ଡରେ ନଡିଆ ଭାଙ୍ଗିବାକୁ ହୁଏ । ଅତି ଶକ୍ତମନା ତାକୁ ନିଜ ଉପରେ, ତା ଠୁଁ କମ୍ ଦୃଢମନା

 Magazine Downloaded from www.aahwaan.com

ଆଉ ଜଣଙ୍କ ଉପରେ କାରଣକୁ ଲଦି ସେଥିରୁ ନିବୃତ ରହିଥାନ୍ତି ତଥା ଦୁର୍ବଳ ମନା ପରିସ୍ଥିତି ସହ ତାଳ ଦେଇ ତାକୁ ହିଁ ଲୋକ ଚରିତ୍ରର ଦ୍ୱାହି ଦେଇଥାନ୍ତି । ଚରିତ୍ର ପରମ୍ପରାର ବଳି ଚଢି ଯାଇଥାଏ । ଏହା ବି ଏକ ପ୍ରକାର ଲୋକ ଚରିତ୍ର ।

କିନ୍ତୁ କିଛି ଚରିତ୍ରବାନ ସ୍ୱବିଚାର ସୌମ୍ୟତାରେ ସଂଯମିତ ଅବସ୍ଥାରେ ବାହ୍ୟଲୀନ ହୋଇ ପାରି ନଥାନ୍ତି । ସେମାନଙ୍କ ଦୃଷ୍ଟିକୋଣ ଆକାଶ ସଦୃଶ ବ୍ୟାପକ ଓ ସମୁଦ୍ର ସଦୃଶ ଗଭୀରାତ୍ମକ ହୋଇଥାଏ ।

ଏହି ପ୍ରକାର ଲୋକ ଚରିତ୍ର ହିଁ ରାଷ୍ଟ୍ର ଚରିତ୍ରର ମୂଳଧନ । ସେହି ମୂଳଧନକୁ ସଠିକ୍ ବ୍ୟବସାୟୀ ରୂପକ ଯୁଗଦ୍ରଷ୍ଟା ଋଷି ମାନେ ଦେଶ ଓ ସମାଜ ରୂପକ ବ୍ୟବସାୟରେ ଖଟାଇ ଦେଶର ଅର୍ଥନୀତିର ମେରୁଦଣ୍ଡକୁ ମୂଳାଧାରରୁ ସୁଦୃଢ଼ କଲା ଭଳି ବିଭିନ୍ନ ଦେଶ ହିତକର କାର୍ଯ୍ୟରେ ସେମାନେ ନିୟୋଜିତ ହୋଇଥାଆନ୍ତି ।

ପଦ ପଦବୀ ପ୍ରତିଷ୍ଠାର ସେଇଠି କିଛି ଗୁରୁତ୍ୱ ନ ଥାଏ । ବରଂ ରାଷ୍ଟ୍ରହିତ ହିଁ ସର୍ବୋପରି ହୋଇଥାଏ । ବିଶେଷ ରୂପେ ମନୁଷ୍ୟ ନିର୍ମାଣ ଓ ରାଷ୍ଟ୍ର ପୁନର୍ଗଠନ ଭଳି କାର୍ଯ୍ୟକଳାପ ମାନଙ୍କରେ ଏହିପରି ବ୍ୟକ୍ତି ଚରିତ୍ରର ଭୂମିକା ଅଧିକ ହୋଇଥାଏ । ରାଜନୈତିକ ପୃଷ୍ଠଭୂମିରେ ଭାରତର ପୁରାଣ ଓ ଇତିହାସ ପୃଷ୍ଠାରେ ବର୍ଣ୍ଣିତ ଏଭଳି ଅନେକ ଚରିତ୍ରମାନଙ୍କ ଭଳି ଏହି ଚରିତ୍ରମାନଙ୍କ ଦ୍ୱାରା ହିଁ ଭବ୍ୟ ଓ ଶକ୍ତିଶାଳୀ ଭାରତର ପରିକଳ୍ପନା କରିବା ସମ୍ଭବ ହୋଇପାରେ ।

(କୃତଜ୍ଞତା ସ୍ୱୀକାର - ଶ୍ରୀ ବିନୟ ମହାପାତ୍ର, ଶ୍ରୀ ହୃଷିକେଶ ସ୍ୱାଇଁ, ଡା ବିଶ୍ୱ ରଞ୍ଜନ କର, ଶ୍ରୀ ବିମଳେନ୍ଦୁ ଷଡଙ୍ଗୀ, ଶ୍ରୀ ପ୍ରବୀର କୁମାର ସାହୁ, ଶ୍ରୀ ରାକେଶ ସାହୁ, ଶ୍ରୀ ପରଶୁରାମ ସାହୁ )

ସମାପ୍ତ

ପ୍ଲଟ ନଂ ୧୦୦୦, ଦ୍ୱିତୀୟ ତୋଟା ସାହି, ବିଜିପୁର, ବ୍ରହ୍ମପୁର ।

 Magazine Downloaded from www.aahwaan.com

# ଅପବାଦ



ଡା ଆରତୀ ମିଶ୍ର

ବାହାରେ ମୋଟର୍ ସାଇକେଲର ପରିଚିତ ଶବ୍ଦ, ପି-ପି ହର୍ଣ୍ଣ । ମୋଟର୍ ସାଇକେଲରୁ ଧଡ୍ କରି ଓହ୍ଲେଇପଡି ଇନସପେକ୍ଟର ବିକ୍ରମ ବାବୁ ଦାଣ୍ଡ କବାଟରେ ହାତ ଦେଲା କ୍ଷଣି କବାଟ ଖୋଲିଗଲା । ବିକ୍ରମ୍ ବାବୁ ପିନ୍ଧିଥିଲେ ଖାକି ରଂଗର ପେଣ୍ଟ ଓ ହାଫ ସାର୍ଟ, ଅଣ୍ଟାରେ ଚମଡାର ବେଲ୍ଟ । ସହଧର୍ମିଣୀ ଶୁଭାଗିନୀ ଦୁଆର ଖୋଲିଲେ ।

ଇନ୍ସ୍ପେକଟର ଘର ଭିତରକୁ ପାଦଦେବା ଆଗରୁ ଶୁଭା ବିବ୍ରତ ସ୍ୱରରେ କହି ଉଠିଲେ, “ଏମିତି ଆଉ ପାରିବିନି ବାବା । ରାତି ରାତି ଧରି ମୁଁ ତମର ଖାଇବା  ତିଆରିକରି ଏମିତି ଅନାଇ ବସିଥିବି ଆଉ ତମେ ସିଆଡେ କେତେ ଯେ ଚୋର ଡକାଇତି ଧରୁଛ ତାର ଠିକଣା ନାହିଁ । ତା ଭିତରେ କେତେ ସାଧୁ, ସତଜନ ବି ବାଦ ପଡିଲେ ନାହିଁ ତମ ହାତରୁ । ଆଉ ତମେ କେତେଦିନ ହେଲାଣି ଏଇ ଗୋଟିଏ 'ଅମର ଦାସ' ପଛରେ ଘୁରି ବୁଲୁଛ - ଦିନ ନାହିଁ ରାତି ନାହିଁ ! ଆଉ ସେ ଯେ ମଝିରେ କେତେ କେତେ ଥର ତମ ଆଖି ଆଗରେ ଆଉ ତମରି ନାକ ସାମ୍ନାରେ ଆଙ୍ଗୁଠି ଦେଖାଇ ଚାଲିଯାଉଛି ତାର ଠିକଣା ନାହିଁ । ସାରା ସହରର ଲୋକେ ତମର ଏ ଅବସ୍ଥା ଦେଖି ହସୁଛନ୍ତି, ଏଇଠି ଯେମିତି ସର୍କସ ଚାଲିଛି !”

ଇନ୍ସପେକ୍ଟର ବାବୁ କହିଲେ, “ଶୁଣ ଶୁଭା - ମୋ ଉପରେ ଅମରର ବୋଧ ହୁଏ ଶୁଭ ନଜର ପଡିଛି । ସେ ଜାଣିଛି ବେଲ୍‌ରେ ଖଲାସ ହୋଇ ତାକୁ ସବୁଦିନେ ପୋଲିସ ଷ୍ଟେସନରେ ରିପୋର୍ଟ କରିବାକୁ ହେବ । ସେଥିପାଇଁ ସେ ଦିନ ସେ ମୋ ପାଇଁ ଗୋଟିଏ

 Magazine Downloaded from www.aahwaan.com

ଲେଖା ଛାଡି ଯାଇଥିଲା । "ମାନନୀୟ ଇନ୍‌ସପେକ୍ଟର ବାବୁ, ଭୟ କରନ୍ତୁ ନାହିଁ, ମିଟିଂ ସାରିବା କ୍ଷଣି ମୁଁ ଫେରି ଆସିବି ।" ସେ ମିଟିଂ ଯେ କେଉଁଠି, ତା'ର ପତା ନାହିଁ । କୌଣସି ଠିକଣା ତା'ର ଲେଖି ନାହିଁ । ସେ ପୋଲିସ ସହିତ ଲୁଚକାଳି ଖେଳୁଛି ।"

ସ୍ତ୍ରୀ ଶୁଭାଗିନୀ କହିଲେ, "ଶୁଣ, ଅନ୍ୟ କିଛି କହିବା ଆଗରୁ ତମରୁ ଆଜି ରାତିର ଖବରଟା ଦେଉଛି । ସେତେବେଳେ ପ୍ରାୟ ରାତି ୨'ଟା । ମୁଁ ରନ୍ଧାରନ୍ଧି କରି ତମରି ଅପେକ୍ଷାରେ ବସିଥାଏ । ମଝିରେ ଟିକିଏ ବୋଧହୁଏ ନିଦ ଲାଗିଯାଇଥିଲା । ହଠାତ ଚମକି ଉଠି ପଡିଲି କାହାର ପାଦଶବ୍ଦ ଶୁଣି । କଣ ଦେଖିଲି ଜାଣିଛ ? ମୋର ଆଖି ଆଗରେ ଛିଡା ହୋଇଛି ତମର ସେଇ 'ଅମର'□ ମଇଳା ଧୋତି ଓ ହାଫ୍ ସାର୍ଟ ପିନ୍ଧିଥାଏ । ଆଉ କାଖ ତଳେ ଗୋଟେ ନୋଟ ବୁକ ଯାକିଥାଏ । ମୁଁ କିଛି କହିବା ଆଗରୁ ସେ ମୋତେ ମୁଣ୍ଡିଆଟିଏ ପକାଇ କହିଲା, "ଅପା, ଆଜି ପରା ଭାତୃ ତୃତୀୟା ! ତମର ମନେ ଅଛିତ ? ତମଠାରୁ ରାକ୍ଷୀ ବନ୍ଧାଇବାକୁ ଆଉ ଟିକେ ଖାଇବାକୁ ଦଉଡି ଆସିଛି । ତମ ହାତରୁ ମୋର ରାକ୍ଷୀ ଦରକାର । ସେଇଟା ଛାଡି ଏ ଜାଗାରୁ ମୁଁ ଘୁଞ୍ଚିବି ନାହିଁ, ତମେ ଯାହା କହିବା ପଛେ କୁହ ।"

ଶୁଭାଗିନୀ କହି ଚାଲିଲେ, "ତମକୁ କଣ କହିବି କୁହ । ସତ କହୁଛି ମୋ ମନ ଭିତରେ ଯେମିତି ସ୍ନେହର ଜୁଆର ଉଛୁଳି ଉଠିଲା । ମୋର ମନ ହେଲା ଯେମିତି ଗୋଟିଏ ରାତି ପାଇଁ ମୁଁ ନିଜ ଭାଇକୁ ମୋ ପାଖରେ ପାଇଛି । ସେ କହିଲା, "ଅପା ମୁଁ ଆଜି ୨/୩ ଦିନ ହେଲା ଅଖିଆ ଅପିଆ ବଣ ଜଙ୍ଗଲ ଭିତରେ ଲୁଚିଲୁଚି ବୁଲୁଛି ଏଇ ପୋଲିସ ଆଖିର ଆଢୁଆଳରେ । ଆଜି ତମ ହାତରନ୍ଧା ଖାଇ ଆଶୀର୍ବାଦ ନେଇ ପୁଣି ଲାପତ୍ତା ହୋଇଯିବି ।" ତମ ପାଇଁ ଯାହା ରନ୍ଧା ହୋଇଥିଲା । ତାକୁଇ ମୁଁ ପାଖରେ ବସି ଅତି ଆଦରରେ ଖୁଆଇଲି । ପରେ କହିଲି, "ଏଥର ତୁମେ ଯାଅ । ତାଙ୍କର (ଇନ୍‌ସ୍ପେକଟର ବାବୁ) ଆସିବାର ବେଳ ହେଲାଣି ।" ସେ

 Magazine Downloaded from www.aahwaan.com

କହିଲା, "କିଛି ଭୟ କର ନାହିଁ ଅପା । ସେ ମୋର ସନ୍ଧାନରେ ଆଉ ଗୋଟେ ଗାଁକୁ ଯାଇଛନ୍ତି । ଫେରୁ ଫେରୁ ନିଶ୍ଚୟ ରାତି ୩'ଟା ଉପରେ ହେବ । ମୁଁ ଖୁସିରେ ଏ ଅବସରରେ ଆରାମରେ ଖାଇସାରି ତମର ପାଦ ଧୂଳି ନେଇ ଯାଇପାରିବି ।" ଏତିକି କହି ସେ ସଂଗେ ସଂଗେ ତମ ପାଇଁ ଭାଂଗି ରଖିଥିବା ପାନରୁ ଗୋଟାଏ ଟପ୍ କରି ମୁହଁରେ ଭରିଦେଲା । ତା ପରେ ପୁଣି କହିଲା, "ବାବୁ ପରା ହାଭାନା ସିଗାର୍ ଖାଆନ୍ତି, ମୋତେ ଗୋଟେ ଦିଅନ୍ତ ନାହିଁ? ମୁଁ ଖୁସିରେ ଧୂଆଁ ଛାଡି ଛାଡି ସଭାକୁ ଯିବି, ଦଳରେ ସମସ୍ତେ ମୋରି ଅପେକ୍ଷାରେ ଥିବେ ।"

"ହୁଁ", ଶୁଭାଗିନୀ ସ୍ୱାମୀଙ୍କ ଆଶ୍ଚର୍ଯ୍ୟାନ୍ୱିତ ମୁହଁକୁ ଚାହିଁ କହିଲେ, "ତମର ସେଇ ଅମର ଡାକୁ - ପୋଲିସ ପାଖରେ ଯେଉଁ ଖବର ଅଛପା । ସେ ମୋତେ ଅତି ସହଜରେ ସେଇ ସଭାର ଠିକଣା ଦେଇଦେଲା । ବିକ୍ରମ ବାବୁ ଅଧୈର୍ଯ୍ୟ ହୋଇ କହିଲେ, "କେଉଁ ଜାଗାରେ, କଣ ସେ ଗାଁର ନାମ, ମୁଁ ଶୁଣି ପାରେକି ?ତମକୁ ଯଦି ଜଣା ଅଛି ତମେ କହିବକି ?"

ଶୁଭାଗିନୀ କହିଲେ, "ତମେ ଯେପରି ଭାବରେ ମୋତେ ପ୍ରଶ୍ନ କରୁଛ ସେଥିରୁ ଜଣା ପଡେ ତମର ସେ ଅମର ଡାକୁ ତମ ଅପେକ୍ଷା ମୋତେ ଅଧିକ ଭାବରେ ଜାଣିଚି । ତମେ ଯାହା ଆଜି ଯାଏଁ ମୋତେ ଚିହ୍ନି ପାରିଲ ନାହିଁ ! ସେ ଯାହା ହେଉ, ମୁଁ ତମର ସେଇ ଓଠ ସଉକିର ହାଭାନା ସିଗାର ଗୋଟେ କାଢି ତାକୁ ଦେଲି । ସେ ସେଇଟା ଜଳାଇ ଓଠ ଭିତରେ ଚାପି ଧରି ଧୂଆଁ ଛାଡି ଛାଡ଼ି ବହୁ ଆନନ୍ଦରେ ମୋର ପାଦ ଧୂଳି ନେଇ ବାହାରିଗଲା ।"

ବିକ୍ରମ ବାବୁ ସେ ସବୁ ଶୁଣୁଥିଲେ, ହଠାତ ଚେୟାର ଛାଡି ଉଠିପଡି ଅସ୍ଥିର ଭାବେ କହିଲେ, "କୁହ ଶୁଭା, ସେ କୁଆଡେ ଗଲା ?କେଉଁଠି ତାଙ୍କର ମିଟିଂ ଚାଲିଛି ?"

ଶୁଭାଗିନୀ ତାଙ୍କର ଜଟବନ୍ଧା ମୁଣ୍ଡଟି ଗୋଟିଏ ଆଡକୁ ଅଣେଇ କହିଲେ, "କଣ ହେଲା ଯେ ମୁଁ ପରା ତମ ସ୍ତ୍ରୀ । ତମେ ଏମିତି କଥା କାହିଁକି କହୁଛ ? ତମର ସ୍ତ୍ରୀ ହୋଇଛି ବୋଲି

 Magazine Downloaded from www.aahwaan.com

କଣ ତମ ପୋଲିସର ଗୁପ୍ତଚର କାମ କରିବି ? ଛି, ଛି । ତମ ଘରକୁ ଆସି ଯଦି ତମର ଧର୍ମପତ୍ନୀ ହୋଇ ନପାରିଲି, ତେବେ ମୋତେ ତମେ ବିଶ୍ୱାସ କରିବ କେମିତି ?” ବିକ୍ରମ ବାବୁ ନିଜ ସ୍ତ୍ରୀକୁ ଭଲ ଭାବେ ଜାଣନ୍ତି । ସେ ବହୁତ ଜିଦ୍ଦି ସ୍ୱଭାବର ଝିଅ, ମନଟା ବହୁତ ଶକ୍ତ । ଜିଦ୍ କଲେ ସେ କୌଣସି ପ୍ରକାରେ ଛାଡ଼ନ୍ତି ନାହିଁ ।

ହତାଶ କଣ୍ଠରେ ବିକ୍ରମ କହିଲେ, “ସୁଯୋଗଟିଏ ମିଳିଥିଲା ସେ ବି ହାତରୁ ଗଲା ? ବସି ବସି ଶେଷରେ ସେ ତାଙ୍କର ସୁନ୍ଦର ଭାବେବାଗେଇ ଥିବା ନିଶ ଯୋଡ଼ିକରେ ହାତ ବୁଲେଇବାକୁ ଲାଗିଲେ ଆଉ ମଝିରେ ମଝିରେ ଦୀର୍ଘ ନିଶ୍ୱାସ ପକାଉଥିଲେ । କିଛି ଭାବନା ବା ଦ୍ୱନ୍ଦରେ ପଡିଲେ ଶୁଭା ଲକ୍ଷ୍ୟ କରିଛନ୍ତି ସେ ପ୍ରାୟ ସେଇଆ କରିଥାନ୍ତି ପତ୍ନୀଙ୍କ ଦ୍ୱିତୀୟ ଥର ରନ୍ଧା ଭାତ ଡାଲି ତାଙ୍କୁ ଆଉ ସ୍ୱାଦୁ ଜନକ ହେଲା ନାହିଁ, ସେ ଖାଦ୍ୟ ଆଉ ତାଙ୍କ ଗଳା ଭିତରକୁ ଖସିଲା ନାହିଁ ।

ତା ପରଦିନ ସ୍ୱାମୀ କାମରୁ ଫେରିଲାପରେ ଶୁଭାଗିନୀ କହିଲେ, “କଣ ହେ, ଆଜି ତ ତମେ ବିଲକୁଲ ଅଲଗା ଲୋକ, ଖୁସିରେ ମୋର ପାଦ ଯେମିତି ତଳେ ଲାଗୁନାହିଁ । କଥା କଣ ?ଡିଷ୍ଟ୍ରିକ୍ଟ ପୋଲିସ ସବଇନିସ୍ପେକଟର ଛବିଟା ତମ ଆଖି ଆଗରେ ଦିଶୁଛି କି ?”

“ନିଶ୍ଚୟ, ସେ ବି ସମ୍ଭବ ।”

“କେମିତି ଶୁଣେ ?” ଶୁଭା ଆଗ୍ରହ ସହିତ ପଚାରିଲେ ।

“ଶୁଣ ତେବେ ଶୁଭା, ଆମର ଗୋଟିଏ ଗୁପ୍ତଚର ମହେଶ -ସେ ଆସି ଖବର ଦେଇଛି ଯେ ପାଖଗାଁର ଆରପଟେ ଯେଉଁ ଜଙ୍ଗଲଟି ଅଛି ତାରି ଭିତରେ କୁଆଡେ ଅମର ଓ ତାର ସଂଗୀମାନେ ସଭାପାଇଁ ପ୍ରସ୍ତୁତ ହେଉଛନ୍ତି । ସେ ଜଙ୍ଗଲଟିକୁ ଖୋଜିବା ପାଇଁ ପୁରାପୁରି ଘେରାଉ କରିବାର ବ୍ୟବସ୍ଥା ହୋଇଛି । ଏଥର ଆଉ ଅମରର କୁଆଡେ ଲୁଚି ପଳାଇବାର

 Magazine Downloaded from www.aahwaan.com

ରାସ୍ତା ନାହିଁ ।

"ତମର ବୁଦ୍ଧିର ଅବସ୍ଥା କହିଲେ ନସରେ । ନିଶ୍ଚୟ ସେଥିରେ ଖୁଣ କିଛି ରହିଛି ।" ଟିକିଏ ଅବିଶ୍ୱାସ ସ୍ୱରରେ ଶୁଭା ଉତ୍ତର ଦେଲେ । "କେତେଥର ଯେ ତୁମେ ଏ ବିଷୟରେ ଲୋକହସା ହୋଇଛ, ତାର ଠିକଣା ନାହିଁ । କାହିଁକି ମିଛରେ ଏ ଅପଚେଷ୍ଟା । ବନ୍ଦକର ।"

ସ୍ତ୍ରୀଙ୍କର ଏପରି କଥା ଶୁଣି ବିକ୍ରମବାବୁ ଟିକେ ବିରକ୍ତିର ସହିତ ଉତ୍ତର ଦେଲେ, "ଏ କଣ କହୁଛ ଶୁଭା ?ଏମିତି ସୁଯୋଗ ଆଉ ମିଳିବନି ଯେ ।" ଶୁଭା କହିଲେ, "ମୋ କଥା ଶୁଣ ତମେ । ସେ ବଳରାମପୁର ପାଖରେ ଜଙ୍ଗଲ କଥା ଛାଡ । ସେ ସବୁ ବାଜେ କଥା । ସେ ନିଶ୍ଚୟ ତୁମମାନଙ୍କ ଘର ପାଖଆଖ ପାଖରେ ଲୁଚି ରହିଛି । ତମ ଆଖିଆଗରେ ପୁଣି ଜାଲବୁଣି ଦେଇ ପଳେଇବ । ମୁଁ କହି ରଖୁଛି, ଶୁଣିଥାଅ ।" ଶୁଭାଙ୍କ କଥାରେ ଅଧିକ ବିରକ୍ତ ହୋଇ ବିକ୍ରମବାବୁ କହିଲେ, "ଶୁଣ ଶୁଭା, ତୁମେ ଯଦି ଗୋପନରେ ତା ପାଖକୁ ଖବର ପଠେଇଥିବ, ତାହେଲେ ଯାଇ ତା ପକ୍ଷେ ଏଇ ଜାଲବୁଣି ଦେଇ ପଳେଇଯିବାଟା ସମ୍ଭବ ହୋଇପାରେ ।"

ଶୁଭା କହିଲେ, "ଦେଖ, ଏମିତି ଆଉ ଚାଲାକି ଦେଖାଅନି ତମେ । ତମର ଯଦି ଲୋକହସା ହବାର ସଉକି ତମେ ହୁଅ । ଅନେକ ଥର ତ ହୋଇଛ -ମୁଁ କିଛି କହିବି ନାହିଁ - ତା ବୋଲି ନିଜର ସ୍ତ୍ରୀକୁ ନେଇ.....□" କଥା ନ ସରୁଣୁ ହଠାତ ତାଙ୍କ ପଣତକାନିଟି ଆଖି ଉପରକୁ ଚାଲିଗଲା । ତାରି ଚାପରେ ସେ ଆଉ କଥା ଶେଷ କରିପାରିଲେ ନାହିଁ । ଅଭିମାନରେ ହୁଏତ ତାଙ୍କ ଦୁଇଆଖିରେ ଲୁହ ଜକଜକ ହୋଇ ଆସୁଥିଲା ।

ବିକ୍ରମ କହିଲେ, "ଶୁଭା, ମୁଁ ଦେଖୁଚି ଅମର ବିଷୟରେ ତମେ ବଡ ସେନସିଟିଭ । ତା ବିଷୟରେ ସାମାନ୍ୟ ଥଟ୍ଟା ବି ତମେ ସହିପାରନା ।"

 Magazine Downloaded from www.aahwaan.com

"ହଁ, ସେ କଥାଟି ଠିକ କହିଲ । ପୋଲିସଙ୍କ ଥଟ୍ଟାରେ ମନରେ ବାର ବାର ଆଘାତ ଲାଗେ ଆଉ ଦେହରେ ଦାଗ ପଡେ । ଏବେ ଯାଏଁ, ତମପାଇଁ ଖାଇବା ଆଣିଦିଏ ।"

ବିକ୍ରମ: "ହଉ, ବାଢ ତେବେ । ଏବେ ତ ସବୁ ପ୍ରୋଗ୍ରାମ ହୋଇ ସାରିଛି । ଆଉ ଭାବନା କଣ ।"

ଶୁଭା: "ଦେଖ, ମୁଁ ଯଦି ତମର ପ୍ରୋଗ୍ରାମ ବା ପରାମର୍ଶ ବିଷୟ ଟିକିଏ କିଛି ଶୁଣିପାରନ୍ତି ନିଶ୍ଚୟ ଯାଇ ସେମାନଂକୁ ସତର୍କ କରି ଦିଅନ୍ତି । ଆଉ ସେଇଟା ବି ଗୋଟିଏ କର୍ତ୍ତବ୍ୟ ଓ ସୁକାର୍ଯ୍ୟ ବୋଲି ଭାବନ୍ତି ।"

ବିକ୍ରମ: "ହଁ, ତମେ କିଛି ଶୁଣିଛକି, ଆମ ଅଫିସରେ ଯେଉଁ କଥାବାର୍ତ୍ତା ଚାଲିଥିଲା । ସର୍ବନାଶ କରିବ ତୁମେ ।"

ଶୁଭା: "ଶୁଣ, ତମ ଦୁନିଆକୁ ଆସିଲେ ଆଖି କାନ ବଂଦ କରିତ ଆଉ ରହିପାରିବୁ ନାହିଁ, କିଛି କିଛିତ ଶୁଣାଯାଏ !"

ବିକ୍ରମ: "ଖାଲି ଶୁଣନା ଆଉ କିଛି ?"

ଶୁଭା ହସିହସି ଉତ୍ତର ଦେଲେ, "କାନ ଦେଇ ଯାହା ମରମେ ଲାଗିଲା, ଆକୁଳ କରିଲା ସେ ମୋର ପ୍ରାଣ ।" ବିକ୍ରମ କହିଲା, "ତମର ଏଇ ହାଲକା କଥାରୁ କଉଟା ଅସଲ ବା କଉଟା ନକଲ, ଜାଣିବା ମୁସ୍କିଲ । ଏଇ ଥଟ୍ଟା ପରିହାସ ଭିତରେ ତମେ ହିଁ ସବୁବେଳେ ଜିତିପାର ।"

ଶୁଭା: "ସେତିକି ଯଦି ତମର ବୁଝିବାର ଶକ୍ତି ବା ବୁଦ୍ଧି ଥାଆନ୍ତା, ତା ହେଲେ ଆଜିଯାଏଁ ପୋଲିସ ଇନ୍ସ୍ପେକଟର ହୋଇ ବସି ନଥାନ୍ତ । ତା'ଠୁ ଭଲକାମରେ ସରକାର ନିଯୁକ୍ତି ଦେଇଥାନ୍ତେ । ବିଶ୍ୱହିତ ପାଇଁ ତମେ ହୁଏତ ଦେଶ ବିଦେଶରେ ବକ୍ତୃତା ଦେଇ ବିଖ୍ୟାତ ହୁଅନ୍ତ !"

 Magazine Downloaded from www.aahwaan.com

ବିକ୍ରମ କଥାଟି ଆଡେଇ ଦେଇ କହିଲେ, "ଶୁଣିଛ ଶୁଭା, ଗୋଟାଏ ସ୍ତ୍ରୀ' ଲୋକ କୁଆଡେ ଅମରର ଆଖପାଖରେ ଦେଖିବାକୁ ମିଳିଛି । ଯୁବତୀ, ସୁନ୍ଦରୀ, ସେ ଆଉ ମୋରି ଘରଭିତରୁ ବାହାରି ଯାଇନିତ !"

ଶୁଭା: "ସେ ସବୁ ଥଟ୍ଟା ଛାଡ, କୁକୁରଟା ପୁଣି କେମିତି ଭୁକିଲାଣି, କେଁ କେଁ ହୋଇ ଭୋକରେ ଆଉଟୁ ପାଉଟୁ ହୋଇ । ମୁଁ ଯାଏ ତାର ଟିକେ ବ୍ୟବସ୍ଥା କରିଦିଏ ।"ବିକ୍ରମଙ୍କ କଥାକୁ ଆଡେଇଦେଇ ସେ କହି ଉଠିଲେ । ବିକ୍ରମ ହଠାତ ରାଗିକରି କହି ପକାଇଲେ, "ରୁହ ସେ କୁକୁରକୁ ମୁଁ ଦେଖୁଚି, ମୋର ବନ୍ଧୁକ ଗୁଳିକୁ ସେ ଅପେକ୍ଷା କରିଛି," ଚେୟାରରୁ ଉଠିପଡ଼ିଲେ ବିକ୍ରମ । ଶୁଭାଗିନୀ ସ୍ୱାମୀଙ୍କ ସାର୍ଟଟିକୁ ପଛଆଡୁ ଟାଣି ଦେଇ କହିଲେ, "ନା, ସୁନାଟା ପରା, ତମେ ସେମିତି କେବେ ବି ଏ ନୀଚ କାମ କରିବନି ।" ବିକ୍ରମ ଟିକେ ନରମ ହେଇ ପଚାରିଲେ, "କାହିଁକି କୁହତ ।" ଶୁଭା ଉତ୍ତର ଦେଲେ, "ତମେ ତା ସାମ୍ନାକୁ ଗଲେ ତମ ଗୋଇଂଠିକୁ ସେ କାମୁଡି ଧରିବ । ସେ ଖାଲି ମୋତେ ଚିହ୍ନେ । ବଡ ବଦମାସ ସେଇଟା ।

ବିକ୍ରମ: "ହଁ ମୁଁ ଆଉ ଗୋଟେ ଖବର ପାଇଛି ଶୁଭା । ଅମର କୁଆଡେ ବହୁତ ଭାଷାଜ୍ଞାନୀ । ସେ ସବୁଜନ୍ତୁଙ୍କୁ ମଧ୍ୟ ନକଲ କରିପାରେ ।"ଦୁଷ୍ଟାମୀର ହସ ହସି ପୁଣି ବିକ୍ରମ କହିଲେ, "ସବୁଦିନ ରାତିଅଧାରେ ଏଇ ଯେ କୁକୁରଟା ଭୁକୁଛି ତାର କଣ ପ୍ରମାଣ ଅଛି, ସେ ତମକୁ ଡାକୁ ନାହିଁ !" ଶୁଭାରାଗରେ ଜଳି ଉଠିଲେ । କହିଲେ, "ଶେଷକୁ ମୋତେ ସନ୍ଦେହ ? ତମ ଘର ଏବେ ତମେ ସମ୍ଭାଳ । ମୁଁ ମୋ ଭଉଣୀ ଭିଣେଇ ପାଖକୁ ଚାଲିଲି ।"ଏତକ କହି ସେ ବସିବା ଜାଗାରୁ ଉଠି ପଡ଼ିଲେ । "ଆରେ ଶୁଣ ଶୁଣ, ବଡ ମୁସ୍କିଲ କଥା ତ, ନିଜ ସ୍ତ୍ରୀକୁ ମଧ୍ୟ ଥଟ୍ଟା କରିପାରିବିନି ! ସେଥିପାଇଁ ଅନ୍ୟ ଝିଅ ମୋତେ କେଉଁଠୁ ମିଳିବ କୁହ ? ମିଳିଲେ ବି ଘରର ଶାନ୍ତି ରକ୍ଷା ହୋଇପାରିବ କି !" ଏତକ କହି ବିକ୍ରମବାବୁ ଜୋରରେ ଶୁଭାର ହାତଧରି

 Magazine Downloaded from www.aahwaan.com

ତାଙ୍କ ପାଖରେ ବସାଇ ଦେଲେ । ଶୁଭା ଆଖି ଦିଟାକୁ ପଣତକାନିରେ ପୋଛିବାକୁ ଲାଗିଲେ ।

ବିକ୍ରମ: "ଆରେ, ଏ କଣ କରୁଛ, ଟିକିଏ କଥାରେ କାନ୍ଦି ପକାଇଲ !"

ଶୁଭା: "ନା, ଏ ତମର ଥଟ୍ଟା ମୁଁ ସହିପାରିବି ନାହିଁ । ବହୁତ ହେଲା, ଶେଷଥର ପାଇଁ କହି ଦେଉଛି ।"

ବିକ୍ରମ: "ହେଲା, ହେଲା ଯାଅ ଏଥର ତମର ସେ କୁକୁରକୁ ଖୁଆଇ ଆସ । ତାର ପୁଣି କୋରମା କଟଲେଟ ନହେଲେ ଚଳେ ନାହିଁ । ସାମାନ୍ୟ ଗୋଟେ କୁକୁରପାଇଁ ତମେ ଏମିତି କାହିଁକି ହୁଅ ଯେ ମୁଁ ବୁଝିପାରେନା ।"

ଶୁଭା: "ତମେମାନେ ହେଲ ପୁରୁଷଜାତି । ତୁମେ କୁଆଡେ ବୁଝିବ ସନ୍ତାନହୀନ ନାରୀର ହୃଦୟରେ କି ପ୍ରକାର କୋହ ଆସେ । ଗୋଟିଏ ପ୍ରାଣୀକୁ ପାଇଲେ ତାକୁ ଅତି ନିକଟକୁ ଟାଣିନେବାକୁ ଇଛା ହୁଏ । ଆଉ ତା ଉପରେ ସବୁ ସଂଚିତ ସ୍ନେହ ଅଜାଡିଦିଏ । ସେ କୁକୁରକୁ ଗୋଟିଏ ଦିନ ନ ଦେଖିଲେ ମୋ ମନ କେମିତି କେମିତି ହୁଏ । ଭୟ ହୁଏ, କିଏ ଆଉ ତାକୁ ଧରିନେଲା କି । ଏଇ ଧର ମୁନିସିପାଲିଟି ଲୋକ । ସେଥିପାଇଁ ପରା ମୁଁ ତାକୁ ଗୋଟିଏ ଛିଡା କମ୍ବଳଟାରେ ଘୋଡାଇ ଲୁଚାଇ ରଖିଥାଏ ।"

ବିକ୍ରମ: "ଶୁଣ ଶୁଭା, ମୁଁ ତମକୁ କହି ଦେଉଛି କୌଣସି ଜନ୍ତୁଙ୍କୁ ଏତେ ସ୍ନେହଆଦର ଦେବ ନାହିଁ । ସେ ହୁଏତ ବେଶୀଦିନ ବଞ୍ଚିବ ନାହିଁ ।"

ଶୁଭା: "ହଉ ପଛକେ ଯେତେଦିନ ବଂଚିଛି ଟିକିଏ ଭଲରେ ବଞ୍ଚୁବିଚରା ।" ବିକ୍ରମ ଏଥର ସୋଫାରୁ ଉଠି ଶୋଇବାଘର ଆଡକୁ ଗଲେ ରାତିର ବିଶ୍ରାମପାଇଁ ।

ପୋଲିସର ଲୋକମାନେ ସିଆଡେ ବଳରାମପୁରକୁ ଲାଗି ରହିଥିବା ଜଙ୍ଗଲରେ ଗୁପ୍ତ ଜାଗାମାନଙ୍କୁ ଜଗି ରହିଲେ । ସକାଳ ପାହିଲା । ବିକ୍ରମବାବୁ କାମକୁ ବାହାରି ଗଲେ । ଦିନ

 Magazine Downloaded from www.aahwaan.com

ଦଶଟା ବେଳକୁ ଘରକୁ ଫେରି ଆସିଲେ । ମୁହଁରେ ତାଙ୍କର ହତାଶର ଛାଇ । ଆରାମ ଚୌକି ଉପରେ ଧଡ କରି ବସିପଡି କହିଲେ, "ଶୁଭା, ସେ ଲୋକଟା ବଡ ଚାଲାକ, ପୁଣି ଫାଂକି ମାରି ପଳେଇଲା । ପୋଲିସ ସାରା ଜଙ୍ଗଲଟା ଘେରାଉ କଲା । ଲାଉଡ୍ ସ୍ପିକରରେ କେତେ ଘୋଷଣା କରାଗଲା, 'ଯିଏ ଯେଉଁଠି ଅଛ, ହାତ ଉପରକୁ କରି ବାହାରି ଆସ - ନହେଲେ ଗୁଳି ଚଳାଇବାକୁ ବାଧ୍ୟହେବୁ ଆମେ' ଇତ୍ୟାଦି ଇତ୍ୟାଦି । କେତେ ଫମ୍ପା ଗୁଳି ମଧ୍ୟ ଚାଲିଲା । ଖୁବ ସାବଧାନରେ ପୋଲିସ କର୍ମଚାରୀ ଜଙ୍ଗଲ ଭିତରେ ପଶି ତନ୍ନତନ୍ନ ଖୋଜିଲେ, ହେଲେ କାହାରି ଚିହ୍ନବର୍ଣ୍ଣ ମିଳିଲା ନାହିଁ । ଜଙ୍ଗଲଟା ତ ଜନମାନବ ଶୁନ୍ୟ, ସେଠି କେହି ଲୁଚିଥିବାର କିଛି ସୁରାକ ବି ମିଳିଲା ନାହିଁ । ଖୋଜା ଖୋଜିରେ ଭୋର ହେଇଗଲା । ଗୋଟିଏ ଗଛର ଡାଳରେ ଲଗା ହୋଇଥିବା କାଗଜ ଖଣ୍ଡିକରେ ଅମରର ଲେଖାଟେ ମିଳିଲା– 'ଆସାମୀ ନିରାପଦ । ଅପାଙ୍କୁ ମୋର ପ୍ରଣାମ ଜଣାଇବେ, 'ଅମର'

"ଦେଖୁଛ ଶୁଭା, ଲୋକଟାର କି ସାହସ ବା ଆସ୍ପର୍ଦ୍ଧା । ଶେଷରେ... କଥା କାଟି ଶୁଭା କହିଲେ, "ଶେଷରେ ପୁଣି କଣ ?ପୋଲିସର ସ୍ତ୍ରୀ କଣ ଭଉଣୀ ହୋଇ ପାରେନା ? ସଂସାରର ସବୁ ସମ୍ବନ୍ଧ କଣ 'ସରକାରୀ' ଛପାମରା ଯାଇଥାଏ ? ମୁଁ ଆଉ କିଛି କହିବି ନାହିଁ । ତମେ ବିଶ୍ରାମ କର । ତମର ବିଶ୍ରାମଲୋଡ଼ା ।"

ନିଦ ଯେତେବେଳେ ଭାଙ୍ଗିଲା ସେତେବେଳେକୁ ଦ୍ୱିପହର । ମଧ୍ୟାହ୍ନ ଭୋଜନ ସାରି ବିକ୍ରମବାବୁ ପାନ ଚୋବାଉ ଚୋବାଉ କହିଲେ, "ଶୁଭା, ଲୋକଟା ସତରେ ବଡ ଚାଲାକ । ତା କଥା ଆଉ କେତେ କହିବି, ସେ ତାର ଦଳବଳ ନେଇ ସବୁଆଡେ ସଭା ବସାଉଛି । ନାନାଦି ପ୍ରକାର ପ୍ରପାଗଣ୍ଡା କରି ବୁଲୁଛି, ସେ କୁଆଡେ ଜଣେ ସିଦ୍ଧପୁରୁଷ, ସ୍ୱୟଂ ଭୋଳାନାଥଙ୍କର ଶିଷ୍ୟ, ସମୟ ମିଳିଲେ ନିୟମିତ ଯୋଗ ପ୍ରାଣାୟାମ କରିବାକୁ ମଧ୍ୟ ଭୁଲେ

 Magazine Downloaded from www.aahwaan.com

ନାହିଁ । ତା କାମରେ ବାଧାଦେଲେ ବା କୌଣସି ହସ୍ତକ୍ଷେପ କଲେ ଲୋକଙ୍କର ପରା ଅମଙ୍ଗଳ ଛଡା ମଙ୍ଗଳ ହୁଏ ନାହିଁ । ତାର ପୁର୍ଣ୍ୟ କାର୍ଯ୍ୟରେ ବାଧାଦେବାପାଇଁ ଆଜି ଯାଏ କେହି କୁଆଡେ ଜନ୍ମି ନାହାନ୍ତି । ଆଉ ପ୍ରକାର ପ୍ରକାର ସ୍ତ୍ରୀ'ଲୋକ ତାର ସେବା କରିବାକୁ କୁଆଡୁ କୁଆଡୁ ଆସି ଜୁଟନ୍ତି ଯେ ତାର ଠିକଣା ନାହିଁ । ତା ପାଇଁ ରନ୍ଧାବଢା କରି ବାହାରେ ରଖିଦିଅନ୍ତି । ସେ ବେଶ୍ ସନ୍ତୋଷରେ ଖିଆ ପିଆ କରି ଚାଲିଯାଏ । ଉଦଳାର ଜଣେ ଦାରୋଗା କୁଆଡେ ଥରେ ତାକୁ କଣ ଗଣ୍ଡଗୋଳ ପାଇଁ ଗିରଫ କରିଥିଲେ । ଶୁଣାଯାଏ ସେଇ ଦାରୋଗାଙ୍କ ସ୍ତ୍ରୀ ଏଇ ଘଟଣାର କିଛିଦିନ ପରେ ଝାଡା-ବାନ୍ତିରେ ମୃତ୍ୟୁମୁଖରେ ପଡିଲେ । କୁଆଡେ ଗୁଡ଼ାଏ ଲୋକ ତାର ପାଦଚିହ୍ନ ଗୋଟିଏ ଜାଗାରେ ପାଇଲେ, ଆଉ ଭକ୍ତିରେ ସମସ୍ତଙ୍କର ସେ ଧୂଳିରେ ଯେଉଁ ଗଡା ଗଡି, ତମେ ଭାବି ପାରିବନି ।"

ସେ ଯେ ସାଧାରଣ ଲୋକଙ୍କ ମନରେ କି ପ୍ରକାର ଭକ୍ତି ଭାବ ଉପୁଜାଇଛି ତା ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ବିଭିନ୍ନ ସମ୍ବାଦପତ୍ରରେ ତା ବିଷୟରେ ଚର୍ଚ୍ଚା ଚାଲିଛି । କେତୋଟି ଦିନ ପାଇଁ ବେଲରେ ଖଲାସ ପାଇଥିଲା । ସେ ସମୟଭିତରେ ସେ ଯେପରି ଲୋକମାନଙ୍କୁ ଗଂଜା ଖୁଏଇ ମାତାଲ କରିଛି । ଖବର ବ୍ୟାପୁଛି ସବୁଆଡେ ଯେ ସେ କୁଆଡେ ନାନା ସ୍ଥାନରେ ନାନା ରୂପରେ ଦେଖା ଦେଉଛି । ଗୋଟିଏ ଜାଗାରେ ଥରେ କୁଆଡେ ଶିବଙ୍କର ଜଟା ମିଳିଲା । ଯେ ପାଇଲା ସେ କୁଆଡେ ଭକ୍ତିରେ ଗଦ ଗଦ ହୋଇ ତାକୁଇ ଜାବୁଡି ଧରିଲା । ସେଇଟା ଯେ ନକଲି ଦାଢ଼ି ଏହି କଥା ଭାବିବାକୁ ହୁଏତ ତାକୁ ଭୟ ଲାଗୁଥିଲା, କାଳେ କିଛି ତାର ଅନର୍ଥ ହୋଇଯିବ ବୋଲି । ହଁ, ଶିଉଳିଆ ଗାଁରେ ଜଣେ ଧନୀ ମାରୁଆଡ଼ି କୁଆଡେ କୋଡିଏ ଲକ୍ଷ ଟଙ୍କା ଦାନ କରିଛନ୍ତି - ସେ ପାଦଚିହ୍ନ ଉପରେ ମନ୍ଦିର ତୋଳିବା ପାଇଁ ।"

"ଆହୁରି ଶୁଣ, ତମେ ହସିବ । ଜଣେ ରିଟାୟାର୍ଡ଼ ଜଜଙ୍କ ଘରେ ସେ ଯାଇ ପୁରା ଶିବ

 Magazine Downloaded from www.aahwaan.com

ସଂହିତା ମନରୁ ଗାଇ ଯାଇଥିଲା । ଲୋକଟା ନିଶ୍ଚୟ ଶିକ୍ଷିତ । ପାଠଶାଠ ବେଶ ଜାଣିଚି ବୋଲି ମନେହୁଏ । ମୋର କଣ ଚିନ୍ତା ଜାଣିଛ, ଥରେ ତାର ବେଲ୍ ଏଗ୍ରିମେଣ୍ଟ ରିକ୍ୱାରମେଣ୍ଟ ଶେଷ ହୋଇଗଲେ, ତା ଏଗନେଷ୍ଟରେ ସାକ୍ଷୀ ମିଳିବା କଷ୍ଟକର ହେବ । ଅମରକୁ ନେଇ ଏଇଟା ଗୋଟିଏ ବଡ ସମସ୍ୟା ବର୍ତ୍ତମାନ ।”

“ହଁ, ତମେ ଜାଣିଛ, ଏଆଡ଼େ ଆଉ ଗୋଟେ ସଙ୍କଟ ଆସି ପହଞ୍ଚିଛି । ମୋର ପିଇସୀ ପୁଅ ଭାଇ ଗିରୀଶ କଥା ତ ତମେ ଶୁଣିଥିବ । ସେ କଟକରେ ଇନ୍‌ସପେକ୍ଟର ଅଛି । ସେ କୁଆଡେ ଜଣେ କୁଳୀନ ବ୍ରାହ୍ମଣର ପୁଅକୁ ଆରେଷ୍ଟ କରିଥିଲା, ଅବଶ୍ୟ କର୍ତ୍ତବ୍ୟ ଖାତିରରେ, ଆଉ ପିଲାର ମଧ୍ୟ ଦୋଷଥିଲା । ସେହିଦିନଠୁ ଗାଁ ଯାକ ତାକୁ ଜାତି-ଛଡା କରିବାକୁ ଲାଗି ପଡିଛନ୍ତି । ମୋର ମନେ ଅଛି ତାର ଗୋଟିଏ ଝିଅ ମିନତୀ, ବୟସ ହେଲାଣି । ଗିରୀଶ ଯେତେ ଆଡ଼େ ପାତ୍ର ଖୋଜୁଛି, ତା ପଛଆଡୁ ଗାଁ ଲୋକ ସେ ସବୁ ଭାଙ୍ଗି ଦେଉଛନ୍ତି । ପାତ୍ର ଯଦି ଠିକ ହେଲା, ତେବେ ପୁରୋହିତ ଶୁଭକାର୍ଯ୍ୟ କରିବାପାଇଁ ନିଷେଧ ବାର୍ତ୍ତା ପଠାଇ ଦେଉଛନ୍ତି, ବିଚରା ବହୁତ ହଇରାଣରେ ପଡିଛି । ତାର ଦୁଃଖର ସୀମା ନାହିଁ । ଶୁଣିଲି ବୃନ୍ଦାବନରୁ ଜଣେ ବାବାଜୀ ଆସିଛନ୍ତି । ସେ ବିଷ୍ଣୁ ମନ୍ଦିରରେ ଅଛନ୍ତି । ତାଙ୍କ ସାଙ୍ଗରେ ଆଲୋଚନା କଲେ ହୁଅନ୍ତା । ସେ ଗୋଟିଏ ଆଶା, ହୁଏତ ସେ ଶୁଭକାର୍ଯ୍ୟରେ ସାହାଯ୍ୟ କରିପାରନ୍ତି ।”ଟିକିଏ ରହିଯାଇ ବିକ୍ରମ ପୁଣି କହିଲେ, “ଶୁଭା, ତମେ ଯଦି ଏ କାମରେ ଟିକେ ସାହାଯ୍ୟ କରନ୍ତ, ତେବେ ଗିରୀଶ ସାରା ଜୀବନ ତମ ପାଖରେ କୃତଜ୍ଞ ହୋଇ ରହିବ ।”

ଶୁଭା କହିଲେ, “ହେ ଭଗବାନ, ମୁଁ ଯଦି ସାହାଯ୍ୟ ନ କରିବି କିଏ କରିବ କହିଲ । ଆହା ମିନୁ ବିଚାରି, ତାର ବା କଣ ଦୋଷ । ସେ କାହିଁକି ସାରା ଜୀବନ ଅଭିଆଡ଼ି ହୋଇ ରହିବ । ତମର ସେଇ ବୃନ୍ଦାବନବାସୀ ବାବାଜିଙ୍କୁ ଥରେ ଆମ ଘରକୁ ନେଇ ଆସ । ମୁଁ ସବୁ ଠିକ

 Magazine Downloaded from www.aahwaan.com

କରିଦେବି । ମୁଁ ଜାଣିଚି ଏ ବାବାଜୀ ସନ୍ୟାସୀମାନଙ୍କୁ କେମିତି ଆଦର ଯତ୍ନ କରାଯାଏ ।”

ତା ପରଦିନ ସେ ବୃନ୍ଦାବନ ବାସୀ ତାଙ୍କ ଘରକୁ ଆସିଲେ । ଶୁଧା ଭକ୍ତିରେ ଗଦଗଦ ହୋଇ ତାଙ୍କ ପାଦତଳେ ସାଷ୍ଟାଙ୍ଗ ହୋଇ, ତାଙ୍କର କଠଉ ପିନ୍ଧା ପାଦତଳେ ପଡିଗଲେ । ସାହିପଡିଶାରୁ ସେତେବେଳେ ସମସ୍ତେ ଆସି ତାଙ୍କ ଘରେ ଧୀରେଧୀରେ ଭର୍ତ୍ତି ହେଲେଣି । ବାବାଜୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ସମସ୍ତେ ଉତ୍କଣ୍ଠିତ । ତା ଭିତରେ କିଏ ଜଣେ ଶୁଭାକୁ ଥଟ୍ଟା କରି କହିଲା, “ଶୁଭା, ସନ୍ୟାସୀ ବାବାଜୀଙ୍କ ଉପରେ ତମର ଏତେ ଭକ୍ତି କେଉଁଠୁ ଆସିଲା ?” ଶୁଭାଙ୍କ ଆଖିକୋଣରେ ଦୁଷ୍ଟାମୀର ହସ ଝଲକି ମାରିଲା । ସେ କହିଲେ, “ମୋତେ ତ ଏମିତି ଭକ୍ତି ଦେଖାଇବାକୁ ହେବ ଆମ ମିନୁର ବାହାଘର ନ ସରିଲା ପର୍ଯ୍ୟନ୍ତ ।”ତାର କିଛି ଦିନ ପରେ ଘନଘନ ଶଙ୍ଖ ହୁଳୁହୁଳି ଶବ୍ଦରେ ବରର ଶୁଭାଗମନ ହେଲା । ସାତ ସଧବା ମିନୁକୁ ହଳଦୀ ମଖାଇ ଗାଧୋଇଦେଲେ ଏବଂ ପରେ ବେଦୀକୁ ଆଣିଲେ । ନିର୍ବିଘ୍ନରେ  ଶୁଭକାର୍ଯ୍ୟଟା ସରିଗଲା, ବିବାହିତା ବରକନ୍ୟା ଆସିଲେ ବାବାଜୀଙ୍କୁ ପ୍ରଣାମ କରି ପାଦଧୂଳି ନେବାପାଇଁ । ବାବାଜୀ ମହାପ୍ରଭୁ ସସ୍ନେହେ ତାଙ୍କ ମଥାରେ ହାତ ଦେଇ ଆଶୀର୍ବାଦ କଲେ ଏବଂ ସେ ପରେପରେ ବିକ୍ରମବାବୁ ଏବଂ ଉପସ୍ଥିତ ଅନାନ୍ୟ ସମସ୍ତଙ୍କୁ ଲକ୍ଷ୍ୟ କରି କହିଲେ, “ମହୋଦୟ ଏବଂ ମହୋଦୟାଗଣ, ଆପଣ ମାନଙ୍କର ବ୍ରାହ୍ମଣ ଦକ୍ଷିଣା ଦେବାର ସମୟ ଆସି ଉପସ୍ଥିତ । ମୁଁ କିନ୍ତୁ ସେ ସବୁକୁ ଅପେକ୍ଷା କରି ରହିପାରିବି ନାହିଁ । ତା ପୂର୍ବରୁ ମୁଁ ଆପଣମାନଙ୍କ ପାଖରୁ ବିଦାୟ ନେବାକୁ ଚାହେଁ । ପୁରୋହିତ ଗିରି ମୋର ପେଶା ନୁହଁ, ମୁଁ କେବଳ ଶୁଭାଙ୍କ ବିଶେଷ ଅନୁରୋଧକ୍ରମେ ଏ ବାହାଘର ବିଧି କଲି । ମୋତେ ଏବେ ଯିବାକୁ ହେବ  ।” ଏତିକି କହି ବାବାଜୀଜଣକ ବାହାଘର ପାଇଁ ସଜା ହେଇଥିବା ନାନାଦି ରଙ୍ଗର ଫୁଲ ଫାଟକ ଖୋଲି ଚାଲିଗଲେ । ଅନ୍ୟ ସମସ୍ତଙ୍କ ସହିତ

 Magazine Downloaded from www.aahwaan.com

ବିକ୍ରମବାବୁ ବାକ୍ୟହୀନ ହୋଇ ସେଇଠି ସ୍ଥାଣୁ ପରି ଛିଡା ହୋଇରହିଲେ । ଶୁଭକାର୍ଯ୍ୟ ଯଥାରୀତି ସମ୍ପୂର୍ଣ ହେଲାପରେ ଏବଂ ବରକନ୍ୟାର ବିଦାୟ ପରେ ଶୁଭା ସ୍ୱାମୀଙ୍କୁ କହିଲେ, "କଣ ଭାବୁଛ ତମେ । ଯେମିତି ହେଲେ କାମ ତ ସରିଲା । ଝିଅଟିର ଉଦ୍ଧାର ହେଲା । ଏଥର ତମେ ଦି ଦିନ ଥାନାକଚେରୀ ନ ଯାଇ ବାକି ମାନଙ୍କର ଚର୍ଚ୍ଚାକର । ହଁ, ଯେଉଁ ସ୍ତ୍ରୀଲୋକଟି କଥା କହୁଥିଲ, ତାର କିଛି ସନ୍ଧାନ ମିଳିଲା ।"

ବିକ୍ରମ: "ଦୁଃଖର କଥା । ତାର କିଛି ସନ୍ଧାନ ମିଳିଲା ନାହିଁ । ତା ଉପରେ ପୁଣି କେତେ ସ୍ତ୍ରୀଲୋକ, ବାଳିକା, ଯୁବତୀ, ବୟସ୍କା ଆସି ଥାନା ଆଗରେ ପହଞ୍ଚୁଛନ୍ତି ତାର ଠିକଣା ନାହିଁ । ତା ଭିତରେ ତାକୁ ଚିହ୍ନିବା ତ ମୁସ୍କିଲ ।"

ଶୁଭା: "ଇଏ କି ପ୍ରକାର କଥା । ତମ ଅଫିସ ଆଗରେ ଏତେ ଗୁଡ଼ାଏ ଯୁବତୀ କନ୍ୟାଙ୍କ ଆବିର୍ଭାବ ତ ଭଲକଥା ନୁହଁ । ତମେ କଣ ସେଠି ବାବାଜୀ ସାଜି ବସିବ ?"ସେ ମୁରୁକି ହସି କହିଲେ ।

ବିକ୍ରମ: "ନା, ସେ ଲୋକଟିର ଚାଲାକି ଶୁଣି ତମେ ଆଶ୍ଚର୍ଯ୍ୟ ହୋଇଯିବ । ଚପରାଶି ଦଶରଥ ଆସି ଖବରଦେଲା ତାଙ୍କ ଗାଁ'ରେ ଗୋଟିଏ ଶିବଲିଙ୍ଗର ଆବିର୍ଭାବ ହୋଇଛି । ତା ପରେ ଦେଖୁ ଦେଖୁ, ସାରା ଗାଁ ଝିଅବୋହୂଙ୍କ ସମାଗମ ସେଠି । ଫୁଲଚନ୍ଦନ ନେଇ ସେଇ ଜାଗାରେ ହାଜର । କାହାର ସନ୍ତାନ ଦରକାର, ତ କାହାର ସ୍ୱାମୀ, ସୌଭାଗ୍ୟ ଏବଂ କିଏ ଚାହାନ୍ତି ମୋର ସର୍ବନାଶ !ସେ ପଥର ଆଗରେ କେତେ ପୂଜା ସାମଗ୍ରୀ । କେତେ ପଇସା । ଆମର ଦରୱାନ କୁଆଡେ ୫୦୦ ଟଙ୍କା ଦେଇ ମୁଣ୍ଡିଆମାରି ଆସିଛି । ଏସବୁ ବନ୍ଦ କରିବାକୁ ଗଲେ, ସାରା ସମ୍ବାଦପତ୍ର ଆପତ୍ତିରେ ଭରିଯିବ । ହିନ୍ଦୁଧର୍ମ କାଳେ ନଷ୍ଟ ହେଇଯିବ ବୋଲି ! କିଛିଦିନ ପରେ ପଇସାପତ୍ର ସହିତ ଶିବଲିଙ୍ଗଙ୍କର ଅନ୍ତର୍ଧ୍ୟାନ । ଆଉ ତାରି ଚାରିକଡରେ ୨-

 Magazine Downloaded from www.aahwaan.com

୪ ଦିନଧରି ଯେଉଁପାଗଳା ପରି ଦିଶୁଥିବା ଲୋକଟି ଘୁରି ବୁଲୁଥିଲା ତାର ଆଉ ସନ୍ଧାନ ନାହିଁ । ସବୁଠୁ ଦୁଃଖର କଥା ଯେ ଏଇ ହିନ୍ଦୁଧର୍ମର ଜଗୁଆଳୀମାନେ  ଧମକ ଦେଇଛନ୍ତି ହଙ୍ଗର ଷ୍ଟ୍ରାଇକ କରିବେ, ମୁଁ ଯଦି କୌଣସି ପ୍ରକାର ଆକ୍ସନ ନିଏ । କୁଆଡେ ସମାଜର ଶାନ୍ତିଭଙ୍ଗ ହେବ, ହିନ୍ଦୁଧର୍ମର ଅବମାନନା ହେବ ! ମୋତେ ସମସ୍ତଙ୍କୁ ଜବାବ ଦେବାକୁ ପଡିବ । ମୁଁ କଉ ପଟ ସମ୍ଭାଳିବି କୁହ । ମୁଁ ଆଉ ପାରୁନି । ଏସବୁ ଏଇ ଅମରର ଯାଦୁଗିରି ଓ ଆଉ ସାରା ଗାଁ'ର ସ୍ତ୍ରୀଲୋକମାନେ, ଝିଅମାନେ ତାକୁ ଆଶ୍ରୟ ଦେଉଛନ୍ତି, ସାହାଯ୍ୟ କରୁଛନ୍ତି । ସେ ଯେ ସମସ୍ତଙ୍କୁ ତାର ବ୍ୟକ୍ତିତ୍ୱର ମହିମାରେ ବଶୀଭୂତ କରି ରଖିଛି । ଶୁଭା ମୃଦୁ ହସି କହିଲେ, “ଜାଣ ?ମୁଁ ଯେତେବେଳେ ତା ବିଷୟରେ କିଛି ଶୁଣେ ମୋ ମନ ଭିତରଟା କେମିତି ହୋଇଉଠେ । ଆଉ କିଛି କୁହନା ।” ବିକ୍ରମ: “ସର୍ବନାଶ । ତମେ ୟା ଭିତରେ ନାହଁ ତ ?”

ଶୁଭା: “ନା, ମୋର ସେଇ ସୌଭାଗ୍ୟ ନାହିଁ । ମୁଁ ତ ମୋର ଏଇ ସୁଖସଂସାର ନେଇ ବ୍ୟସ୍ତ ଅଛି । କିନ୍ତୁ ଜାଣ ସ୍ତ୍ରୀଲୋକମାନେ ନିଜର ଚାତୁରୀ ସହିତ କେମିତି ଘର ଚଳେଇବେ ସେଇ ଭାବନାରେ ବ୍ୟସ୍ତ । ହୁଏତ ଯଦି ସେଇ ବୁଦ୍ଧିଟା ଦେଶହିତରେ ଲଗାନ୍ତେ କେତେ ଭଲ ହୁଅନ୍ତା । ଆଉ ଏଇ ପୁରୁଷ ଜାତିଟା କେଡେ ବୋକା ଦେଖତ । ଆମକୁ କୁହନ୍ତି ସରଳା ଅବଳା । ସେଇନାମରେ ଡାକିଲେ ଆମେ ନିଜକୁ ସତୀ-ସାଧ୍ୱୀ ବୋଲି ମନେକରୁ । ଆଉ ପୁରୁଷମାନେ ଗୁଣମୁଗ୍ଧ ହୋଇ ରହନ୍ତି । ଆମେ ଅବଳା କୁକୁର ଗଳାରେ ସେ ଚେନଟି ପରି ତମର ଖ୍ୟାତି ଗଳାରେ ଝୁଲାଇ ବୁଲୁଥାଉଁ । ଆଉ ତମେ ମାନେ ମଝିରେ ସେ ଚେନଟିକୁ ପଛ ଆଡୁ ଟାଣି ଆମକୁ ଚଳାଉଥାଅ । କିନ୍ତୁ ଦେଖିବାକୁ ଗଲେ, ସତକଥା କହିବାକୁ ଗଲେ ତୁମେ ବି ଠକି ପାର, ଆଉ ଆମେ ବି ଠକି ପାରୁ । ଆମେ କଣ ବୋକା ହୋଇଛୁ, ତମେମାନେ

 Magazine Downloaded from www.aahwaan.com

ସବୁବେଳେ ଠକୁଥିବ ଆଉ ଆମେ ଠକିବୁ ନାହିଁ ?”

ସାହିର ଛୋଟ ବଡ ସମସ୍ତେ ମୋର ପ୍ରଂଶସା କରନ୍ତି । ଶୁଭା ବଡ ଲକ୍ଷ୍ମୀବତୀ, ସବୁ କାମରେ ପାରଗ । କୌଣସିଥିରେ କ୍ଳାନ୍ତି ପ୍ରକାଶ କରେନି । ଆଉ ସେଇ ଯଶବା ସୁନାମ ହେଉଛି ଆମଘରର ପରିକ୍ରମା ଭିତରେ । ଦେଶରେ ଯେ ହଜାର ହଜାର ଲୋକ ଖାଇବାକୁ ନ ପାଇ ମରୁଛନ୍ତି ତାର ଖବର ନାହିଁ । ଆଉ କେହି ଯଦି ଲୋକପରି ଲୋକଟିଏ ବାହାରେ, ଏସବୁ ସୁଧାରିବାକୁ ତା ହାତରେ ଲାଗେ ଲୁହାର ଶିକୁଳୀ । କଣ ନା ସେ ଦେଶଦ୍ରୋହୀ । ଅପରାଧୀ, ଚୋର ଇତ୍ୟାଦି । ଆଉ ଆମେ ସ୍ତ୍ରୀ ଲୋକ ଗୁଡା ସତୀ-ସାଧ୍ୱୀ ହୋଇ ଘରେ ଥାଇ ପତିସେବା କରି ନାରୀଧର୍ମ ପାଳନ କରୁଥାଉଁ । ଆମେ ଯଦି ଟିକିଏ ଲକ୍ଷ୍ମୀ ଛାଡି ହୋଇ ଦେଶର କାମରେ ନିଜକୁ ଲଗାଇ ପାରନ୍ତୁ ସେଥିରେ ହୁଏତ ଆମର ମୁକ୍ତି ହୁଅନ୍ତା । ହଁ, ତମକୁ କହୁଛି ତମେ ଯଦି ଥରେ ଆମର ଛଦ୍ମବେଶଟା ଆଡେଇ ଦେଖିବ ସେଇଠି ପାଇବ ହୁଏତ କିଛି କଳଙ୍କର ଦାଗ । ଆଉ କିଛି ଜ୍ୱଳନ୍ତ ଅଙ୍ଗାର । ସେ କିଛି ଛୋଟପିଲାର ଖେଳର ଦାଗ ନୁହେଁ । କାହାକୁ ମାରିବା ଆଗରୁ ସେ ଯେ ନିଜେ ମରି ସାରିଛି । ସ୍ତ୍ରୀ ଜାତି ଯେମିତି ଏ ଦୁନିଆକୁ ଆସିଛି ଖାଲି ଦୁଃଖର ଭାର ମୁଣ୍ଡାଇବାକୁ । ଦୁଃଖର କାରବାର କରିବାକୁ । ମୁଁ କିନ୍ତୁ ସେ ଦୁଃଖ ଖାଲି ଘରକରଣାର ନିଆଁରେ ଜାଳି ଉଡେଇ ଦେଇ ପାରିବିନି । ମୁଁ ଖାଲି ଚାହେଁ ସେଇ ଦୁଃଖର ଦାବାନଳରେ ସାରା ଦେଶର ଯେତେ ପଚାନର୍ଦ୍ଦମା ସବୁ ଏବଂ ଅନ୍ୟାୟ ସବୁ ଜାଳି ପାଉଁଶ କରିଦେବାକୁ । ଲୋକେ ମୋତେ ପଛେ ସତୀ-ସାଧ୍ୱୀ ନ କହନ୍ତୁ ମୋର ସେଥିରେ ପରବାଏ ନାହିଁ । ହୁଏ ତ କହିବୁଲିବେ ବଡ ବଦମାସ ଝିଅଟାରେ, ଅହଙ୍କାରୀ ଆଉ ବଦଚରିତ୍ର ମଧ୍ୟ । ସେଇ କଳଙ୍କର ଦାଗ ଲାଗିବ ତୁମରି ଶୁଭାର କପାଳରେ ଆଉ ତୁମେ ଯଦି ମଣିଷ ପରି ମଣିଷ ହୋଇଥାଅ ତେବେ ଦିନେ ତାର ଅର୍ଥ ବୁଝିପାରିବ ।”ବିକ୍ରମ

 Magazine Downloaded from www.aahwaan.com

ବାବୁ ଜୁଳୁଜୁଳୁ ହୋଇ ଶୁଭାଙ୍କ ମୁହଁକୁ ଅନେଇ ଟିକିଏ ଅବିଶ୍ୱାସର ସ୍ୱରରେ କହିଲେ, "ମୁଁ ତ ତମର ଏଇ ପ୍ରକାର କଥା କେତେ ଥର ଶୁଣିଛି । ହୁଏତ ତମେ ତମର ମନୋଭାବ ସବୁ ଖଲାସ କରିବାପାଇଁ ମୋ ଆଗରେ ଏମିତି କେତେ ବକ୍ତୃତା ଦେଇଛ । ମୁଁ କିନ୍ତୁ ମୋର ସିଗାର ଟାଣିଟାଣି ସବୁକଥା ଚୁପଚାପ ଶୁଣିଯାଇଛି । ତମର ହୁଏତ କଥାରେ କେବେ ଗୁରୁତ୍ୱ ଦେଇ ନାହିଁ ।"

ଶୁଭା: "ସେ ଯାହା ହେଉନା କାହିଁକି ମୁଁ କିନ୍ତୁ ସବୁବେଳେ ନିଶ୍ଚିତ । ମୁଁ ଯାହା କରେନା କାହିଁକି, ଜାଣେ, ତମେ କ୍ଷମା କରିବ । ଆଉ ସେଇଟା ତ ପ୍ରକୃତ ପୁରୁଷର ଲକ୍ଷଣ । ମୁଁ ତମର ସେଇ କ୍ଷମାଗୁଣ ପାଖରେ ସବୁବେଳେ ହାର ମାନିଛି । ତମେ ମୋର ସ୍ୱାମୀ, ତମକୁ ମୁଁ ଅଯଥାରେ ପ୍ରଶଂସା କରିବି ନାହିଁ । ତମେ ତ ତମ କାମରେ ବହୁତ ଦକ୍ଷତା ଅର୍ଜିଚ । ହେଲେ ମୋର ଉପରେ ତମର ଯେଉଁ ବିଶ୍ୱାସ ମୁଁ ହୁଏତ ସେଥିରେ ଅଯୋଗ୍ୟା । ତୁମେ ସବୁବେଳେ ଆଖି ବଂଦକରି ମୋତେ ବିଶ୍ୱାସ କରିଯାଇଛ । କୌଣସି କଥାରେ ପ୍ରଶ୍ନକରିନ ବା କୈଫୟତ ମାଗିନ । ସେଥିପାଇଁ ତୁମକୁ ମୁଁ ଭକ୍ତିକରେ, ଆଦର କରେ ।"ବିକ୍ରମ ନିଜର ପ୍ରଂଶସା ଶୁଣି ଟିକିଏ ଲଜ୍ଜିତ ଏବଂ ଟିକିଏ ଅସ୍ୱସ୍ତି ବୋଧ କଲେ ବୋଧହୁଏ । କଥାକୁ ଅନ୍ୟ ଆଡୁ ଟାଣିନେବାର ପ୍ରୟାସ କରି କହିଲେ, "ଶୁଭା, ଯାଅ ଯାଅ ତମର ସେ କୁକୁରଟି ପୁଣି କେଁକେଁ କଲାଣି । ଭାବୁଛି ବୋଧେ ତାକୁ ଆଜି ତମେ ଖାଇବାକୁଦେବନି !"

ଶୁଭା: "ଗୋଟେ କାମ କର, ଇନିସ୍ପେକ୍ଟର କାମ ଛାଡି ଗଛତଳେ ବାବାଜୀ ହୋଇବସ ଯେ ତମର ଆୟୁ ବହୁତ ବଢିଯିବ । ଆଉ ମୋତେ ବି କିଛି କିଛି ବକ୍ସିସ ମିଳିଯିବ ।"

ବିକ୍ରମ: "ସତରେ ତମେ ଯେ କେମିତି ସବୁବେଳେ ନିଶ୍ଚିତ ହୋଇ ରୁହ ମୁଁ ବୁଝିପାରେନା । ମୋତେ କିନ୍ତୁ ବେଳେବେଳେ ଖରାପ ଲାଗେ ।"

 Magazine Downloaded from www.aahwaan.com

ଶୁଭା: "ସେଇଟା ତ ମୋ ସ୍ୱଭାବ । ତମର ଚୋର ଚମାର, ଖୁନି, ଡକାଏତ ପାଇଁ ମୁଁ କିଛି ଭାବିପାରିବି ନାହିଁ । ଖାଲି ତମର ଭାବନାରେ ମୋର ଦିନ ଗଲା । ଅମରକୁ ହୁଏତ ବହୁତ ଲୋକ ଆଶୀର୍ବାଦ କରୁଛନ୍ତି । ଏକା ତୁମ ଛଡା । ମୁଁ କାହିଁକି ଏଥିରେ ଦୁଃଶ୍ଚିନ୍ତା ଭିତରେ ରହିବି ଯେ ।"

ତା ପରଦିନ ବିକ୍ରମ ବହୁତ କାକୁତିହେଲା ପରି କହିଲେ, "ଦେଖ ଶୁଭା, ମୁଁ ଏଥର ତମର ଶରଣାପନ୍ନ ହେଲି । ଶୁଭା ମୃଦୁ ହସି କହିଲେ, "ଆରେ ତମେ କେବେ ମୋର ଶରଣାପନ୍ନ ନ ହୋଇଛ କହିଲ ଦେଖି । ସେଥିପାଇଁ ତ ଲୋକେ ସବୁ ତମକୁ ସ୍ତ୍ରୈଣ ବୋଲି ଅପବାଦ ଦିଅନ୍ତି । ମୋ ମତରେ ୨ ପ୍ରକାରର ସ୍ତ୍ରୈଣ ଅଛନ୍ତି । ଦଳେ ଅଛନ୍ତି ଯେ ସ୍ତ୍ରୀ ଶକ୍ତିପାଖରେ ହାରମାନନ୍ତି ନାହିଁ ସେମାନେ ହେଲେ କାପୁରୁଷ । ଆଉ ଅନ୍ୟ ଦଳକ - ସେମାନେ ସତରେ 'ପୁରୁଷ'□ ସେମାନେ ତାଙ୍କ ସ୍ତ୍ରୀଙ୍କ ଆଗରେ ବିନା ଦ୍ୱିଧାରେ ହାର ମାନିନିଅନ୍ତି□ ସେମାନେ ଅବିଶ୍ୱାସ କରି ଜାଣନ୍ତି ନାହିଁ□ ସେମାନେ ହେଲେ ଖୁବ ଉଚ୍ଚସ୍ତରର□ ଦେଖୁନ ମୋତେ□ ମୁଁ ଯେତେବେଳେ ହେଲା ଯାହା ହେଲା ସବୁ କରିଯାଉଛି, ତମକୁ ଠକି ବି ପାରୁଚି । ହେଲେ ତମେ ଆଖିବନ୍ଦ କରି ସବୁ ସହି ଯାଉଛ ।" ବିକ୍ରମ ପ୍ରେମରେ ଗଦଗଦ ହୋଇ କହିଲେ, "ସତରେ ଶୁଭା ତମର ମନଟା କେତେ ଖୋଲା । ସୁନ୍ଦର ଓ ସରଳ । ମୁଁ ନିଶ୍ଚୟ କିଛି ପୁଣ୍ୟ କରିଥିଲି ଯେ ତମେ ମୋ ଭାଗ୍ୟରେ ଅଛ । ଶୁଭା କହିଲେ, "ସେ ତ ତୁମରି ଗୁଣ । ସ୍ୱାମୀ, ତମରି ଗୁଣରେ ମୁଁ ଗୁଣୀ ।"

ବିକ୍ରମ: ଛାଡ଼ ସେ କଥା । ଏଥର ସରକାରୀ କାମରେ ତୁମର ସାହାଯ୍ୟ ଦରକାର, ନ ହେଲେ ମୋର ମାନସମ୍ମାନ ସବୁଗଲା । ଡିପାର୍ଟମେଂଟରେ ସମସ୍ତେ ଜାଣନ୍ତି ଯେ ଆଖପାଖରେ ଜଣେ ସ୍ତ୍ରୀ ଲୋକଅଛି, ସେ ସବୁବେଳେ ଅମରକୁ ସତର୍କ କରିଦେଉଛି । ତେଣୁ

 Magazine Downloaded from www.aahwaan.com

ସେ ନିଧଡ଼କରେ ତାର କାମ କରି ଚାଲିଛି । ସଭାସମିତି କରିବା ପୂଜାଧୂଜା କରି । କିଏ କିଏ କହୁଛନ୍ତି ସେ ଗୋଟିଏ ଯୁବତୀ, ବିଧବା -ଏହି ଏରିଆର .... ଇତ୍ୟାଦି । ତମକୁ ଯେମିତି ହେଉ ତାର ସନ୍ଧାନ କରିବାକୁ ହେବ । ମୋର ବିଶ୍ୱାସ ତମେ ନିଶ୍ଚୟ ପାରିବ ।” ଶୁଭା ହସି ଉଠି କହିଲେ, “ଶେଷରେ ତମର ଗୁପ୍ତଚର ହେବାକୁ ଆଦେଶ ଦେଉଛ ମୋତେ । ହଉ ତମର ଯାହା ଇଚ୍ଛା । ନାରୀ ହୋଇ ନାରୀର ଉପରେ ଷଡଯନ୍ତ୍ର । ହଉ ପଛେ । ନହେଲେ ତମର ଯେ ରକ୍ଷା ନାହିଁ ।”

ବିକ୍ରମ: “ମୁଁ ଖବରପାଇଛି ଯେ ଆସନ୍ତା ମଙ୍ଗଳବାର ଶିବରାତ୍ରୀରେ ଅମର ସେ ପାଖ ମନ୍ଦିରକୁ ଆସିବ, ଜପତପ କରିବାପାଇଁ । ସେହି ସ୍ତ୍ରୀଲୋକଟି ତା ସାଙ୍ଗରେ ପୂଜାରେ ଯୋଗଦେବେ ।” ଶୁଭା ଟିକିଏ ଗମ୍ଭୀର ହୋଇଗଲେ, ପରେ କହିଲେ, “ମୁଁ ଚେଷ୍ଟା କରିବି ସେହି ସ୍ତ୍ରୀ'କୁ ଧରିବା ପାଇଁ, କିନ୍ତୁ ତମେ ତମର ଲୋକମାନଙ୍କୁ କହିବ ସେମାନେ ଯେମିତି ରାତି ଗୋଟିଏ ଆଗରୁ ମନ୍ଦିର ଆଖପାଖ ନ ମାଡ଼ନ୍ତି ।”

ଶିବରାତ୍ରୀ, ଅମା ଅନ୍ଧାର । ବିକ୍ରମବାବୁଙ୍କ ୨/୪ ଜଣ କନେଷ୍ଟବଳ ପାଦରୁ ଜୋତା କାଢି ଧୀରେଧୀରେ ମନ୍ଦିର ଆଡକୁ ଗଲେ । ଅଳ୍ପ ସମୟ ପରେ ଫେରି ଆସି ବିକ୍ରମବାବୁଙ୍କୁ କହିଲେ, “ସାର, ଆମେ ଜାଣିଚୁ ସେ ମା ଭୈରବୀ । ସେହି ଏକା ମନ୍ଦିର ଭିତରେ ଅଛନ୍ତି । ଆମେ ତାଙ୍କୁ କୌଣସି ପ୍ରକାରେ ଆଘାତ ଦେଇପାରିବୁ ନାହିଁ । ଆମେ ଚାଲିଲୁ । ଆପଣ ଯାହା ଇଚ୍ଛା, ନିଜେ କରନ୍ତୁ ।”

ବିକ୍ରମବାବୁ ଏକୁଟିଆ ସେଇ ମନ୍ଦିରସାମ୍ନାରେ ମୂକ ସ୍ଥାଣୁପରି ଛିଡା ହୋଇ ରହିଲେ । କଣ କରିବେ ତାଙ୍କ ମୁଣ୍ଡକୁ କିଛି ବୁଦ୍ଧି ଦିଶିଲା ନାହିଁ । କିଟିକିଟି ଅନ୍ଧାର, ରାତି ଅଧରେ ଗଛପତ୍ର ହଲିବାର ଶବ୍ଦ । ଏସବୁ ଯେ ତାଂକ ମନରେ ଭୟ ଆଣୁଥିଲା, ସେଇଟା କହିଲେ

 Magazine Downloaded from www.aahwaan.com

ମିଥ୍ୟା ହେବ । ସେ ଯାଇ ଧୀରେ ମନ୍ଦିରର ଜୀର୍ଣ୍ଣ ଦୁଆର ପାଖରେ ଛିଡା ହେଲେ । ହାତରେ ତାଙ୍କର ଗୋଟିଏ ଟର୍ଚ୍ଚ । ହେଲେ ସେଇଟା ବ୍ୟବହାର କରିବାଟା ପ୍ରୟୋଜନ ବୋଲି ସେ ଭାବିଲେ ନାହିଁ । ଛାତି ଭିତରଟା ଟିକେ ଥର ଥର କମ୍ପିଲା ପରି ଲାଗିଲା । ଦୁଆର ସେପଟୁ ସେ ଶୁଣି ପାରୁଥିଲେ ନାରୀର ମଧୁର କଣ୍ଠ । ତାର ଶାନ୍ତ ସୁଧୀର ଶବ୍ଦ ଯେମିତି ମନ୍ଦିରର ରୁଦ୍ଧଦ୍ୱାରରେ ପ୍ରତିଘାତ କରୁଛି "ଧ୍ୟାୟେ ନିତ୍ୟଂ ମହେଶଂ ରଜତ ଗିରିନଭଂ ଚାରୁ ଚନ୍ଦ୍ରାବତଂ"□ ବିକ୍ରମବାବୁଙ୍କର ଦେହ ଶିହରି ଉଠିଲା, ସେ ମୁହୂର୍ତ୍ତକ ପାଇଁ ଚିନ୍ତା କରି ସାହସ ସହିତ ମନ୍ଦିର ଦୁଆରକୁ ଧୀରେ ଠେଲିଦେଲେ । ଦୁଆରଟି ବିନାଦ୍ୱିଧାରେ ଖୋଲିଗଲା । ସେ ଦେଖିଲେ ମନ୍ଦିରଟି କୋଣରେ ଜଳୁଥିବା ଦୀପଶିଖା ଦ୍ୱାରା ଆଂଶିକ ଆଲୋକିତ । ଶିବଲିଙ୍ଗଙ୍କ ସାମ୍ନାରେ ହାତଯୋଡି ଅବଗୁଣ୍ଠିତା ତାଙ୍କର ସ୍ତ୍ରୀ ଶୁଭାଗିନୀ ! ଦିପଟିର ଜକ ଜକ ଅଲୋକରେ ବାରି ହେଉଥିଲା ଶୁଭ୍ର ବସ୍ତ୍ରରେ ଆବୃତ ହେଇ ଅମର ଛିଡା ହୋଇଥାଏ ଗୋଟିଏ କୋଣରେ । ମୁହୁର୍ତ୍ତେଟେ ପରେ ବିକ୍ରମମନରେ ଟିକିଏ ଦମ୍ଭ ଫେରିପାଇଲେ ଓ ଧୀରେଧୀରେ କହିଲେ, "ଶୁଭା, ତମେ ନିଜେ ଶେଷରେ ଏମିତି କରି ପାରିଲ ? ? ?"

ଶୁଭା: "ହଁ, ମୁଁ ହେଉଛି ସେହି ସ୍ତ୍ରୀ ଲୋକଟି, ଯାହାକୁ ମାସମାସ ଧରି ତମ ଲୋକମାନେ ଖୋଜି ବୁଲୁଛନ୍ତି । ନିଜର ପ୍ରକୃତ ପରିଚୟ ଦେବାକୁ ଆଜି ଏଇ ମନ୍ଦିରକୁ ଆସିଛି । ଆଉ ତମକୁ ଡାକି ଆଣିଛି । ଆମଦେଶରେ କେତେ ସତ ପୁରୁଷ ଅଛନ୍ତି କହିଲ । ସେମାନଂକୁ ହିଁ ତମେ ମାନେ ନିର୍ଜୀବ କରିବା ପାଇଁ ଲାଗିପଡିଛ । ଏ ଦେଶର ନାରୀ ହୋଇ ଯଦି ସେଇ କେତୋଟି ସତପୁରୁଷଙ୍କ ରକ୍ଷା କରି ନପାରିଲୁ, ତେବେ ଧିକ ଏ ନାରୀଜନ୍ମ । ତମ ଆଗୋଚରରେ ମୁଁ କେତେଦିନ ସେଇ କାମ କରିଆସିଛି । ଏଯାଏଁ ଯାହାର ଆଦେଶ ଟାଳି ପାରିନାହିଁ । ଆଜିର ସବୁଠୁ କଠିନ ଆଦେଶକୁ ମାନିବାକୁ ହେବ । ଏଇ ମୋର ଦେବତା

 Magazine Downloaded from www.aahwaan.com

ପରମପୂଜ୍ୟ । ତାଙ୍କୁ ତମ ହାତରେ ସମର୍ପଣ କରି ମୁଁ ଦୁରେଇ ଯିବି । ମୁଁ ଭଲଭାବେ ଜାଣେ ତାଙ୍କ ମୁଣ୍ଡ ଉପରେ ବଡରକ୍ଷକ ଜଣେ ଅଛନ୍ତି । ୨ଦିନ ପରେ ସାରାସମାଜରେ ମୋ ନାମରେ ଯେ କୁତ୍ସାରଟିବ ତାହା ମୁଁ ଜାଣେ, ମୁଁ ସେ ଲାଂଛନା ସହି ନେଇପାରିବି । ତମେ ଭାବନାହିଁ ଯେ ତମର ଚତୁରତା ଦେଖାଇ, ତମେ ନିଜ ସ୍ତ୍ରୀ'କୁ ଦୋଷମୁକ୍ତ କରିବ, ଆଉ ଅମରବାବୁ ଉପରେ ନାନାଦି ଦୋଷାରୋପ କରି କାରାଦଣ୍ଡର ବନ୍ଦୋବସ୍ତ କରିବା । ମୁଁ ତାହା ହେବାକୁ ଦେବିନାହିଁ । ମୁଁ ସବୁଦିନ ପରି ତାଙ୍କର ବିଚାରର ଶେଷ ଆଦେଶ ପର୍ଯ୍ୟନ୍ତ ଯିବି ।"

ଟିକିଏ ଚୁପ ରହି ଶୁଭା ପୁଣି କହି ଚାଲିଲେ, "ତୁମେ ସୁଖରେ ରୁହ । ତମେ ନିଶ୍ଚୟ ଜୀବନରେ ନୂଆ ସଙ୍ଗିନୀ ପାଇବ । ଆଉ ଯାହା କର ପଛେ ମୋତେ ତମେ ଜମା ଦୟା ଦେଖାଅ ନାହିଁ । ମୋଠୁ ଯିଏ ଏତେ ବଡ ତାଙ୍କୁ ତମେ କେବେ ଦୟା ଦେଖାଇବ ? ତମର ସେଇ ନିଷ୍ଠୁରତାର ଅଂଶ ନେଇ ମୁଁ ମୁଣ୍ଡ ଉପରକୁ କରି ତମଠୁ ବିଦାୟ ନେବି । ... ତମକୁ ଭଲପାଇ ସେବାକରିଛି ତମର, ଆଉ କର୍ମବୋଧରେ ତମକୁ ଠକାଇଛି ମଧ୍ୟ । ଆଜି ଏସବୁ ତମକୁ ଖୋଲି କହୁଛି, ହୁଏତ ଆଉ କେବେ କିଛି କହିବାକୁ ସମୟ ପାଇବିନି ।"

ହଠାତ ଶୁଭାର କଥା ଶେଷରେ ଅମର ଗୁରୁ ଗମ୍ଭୀର ସ୍ୱରରେ କହି ଉଠିଲା, "ବିକ୍ରମବାବୁ, ମୁଁ ନିଜେ ଆଜି ଧରାଦେବାକୁ ସ୍ଥିର କରି ଆସିଥିଲି । ମୋର ଏବେ ଆଉ କିଛି ଭାବନା ନାହିଁ । ଯାହାଯାହା କରିବାର ଥିଲା ଏଇ କେତୋଟି ଦିନରେ ସେ ସବୁ ସମ୍ପନ୍ନ କରିବାର ଚେଷ୍ଟା କରିଚି । ମୋର କାମ ଏଠାରୁ ଶେଷ ହୋଇଚି । ଆପଣ ଶୁଭା କଥାରୁ କିଛି ମନେ କରିବେ ନାହିଁ । ସେ ଗୋଟେ ଅସାଧାରଣ ଝିଅ । ଆମରି ଦେଶରେ ଏହି ଖାପଛଡା ସମାଜରେ ତାହାରି ଜନ୍ମ । ମୁଁ ତାକୁ ଭଲଭାବେ ଜାଣିଛି ବହୁତ ଦିନରୁ । ତେଣୁ ଆପଣଙ୍କୁ ନିର୍ଭୟତାର ସହ କହିପାରେ ଯେ ସେ ନିଷ୍କଳଙ୍କ । ଆମେ ଯେଉଁ କଠିନ କର୍ତ୍ତବ୍ୟ ଦେଇ

 Magazine Downloaded from www.aahwaan.com

ପାଖାପାଖି ଆସିଛୁ ସେଠି ଭଲପାଇବାର ଅବକାଶ ନାହିଁ । ସେଠି ଖାଲି ନିଜକୁ ଜଳାଞ୍ଜଳି ଦେଇହୁଏ ଯାହା । ହଁ, ଶୁଭ୍ରା ବିଷୟରେ କେହି କିଛି ଜାଣିନାହାନ୍ତି ବା ଜାଣିବେ ନାହିଁ । ଆପଣ ସେ ବିଷୟରେ କିଛି ଭୟ କରନ୍ତୁ ନାହିଁ । ଏଇ ମନ୍ଦିରର ପଛଦ୍ୱାର ଦେଇ ଗୋଟେ ସୁଡ଼ଙ୍ଗ ଅଛି । ଆପଣ ଦିହେଁ ସେଇ ବାଟ ଦେଇ ବାହାରି ଯାଇପାରିବେ । ମୁଁ ଏବେ ଯାଇ ପୋଲିସକୁ ଧରାଦେବି । ମୁଁ କିନ୍ତୁ ଆପଣଙ୍କୁ କହିରଖୁଛି, ମୋତେ କିନ୍ତୁ ଆପଣମାନେ ବେଶୀ ଦିନ ବାନ୍ଧି ରଖିପାରିବେ ନାହିଁ ।” ସେ ମୁକ୍ତକଣ୍ଠରେ ଆଗାମୀ ସ୍ୱାଧୀନତାର ଆହ୍ୱାନ ଜଣାଇ ଗୀତ ଗାଇ ଉଠିଲା । ସାରାମନ୍ଦିରରେ ତାର ଧ୍ୱନି ପ୍ରତିଧ୍ୱନିତ ହୋଇଉଠିଲା ।

ବିକ୍ରମବାବୁ ଅବାକ ହୋଇ ଚାହିଁ ରହିଲେ । ଅମର ମନ୍ଦିର ଦୁଆର ଖୋଲି ଚାଲିଗଲା, ଧୀରେଧୀରେ ତାହାର ସୁଗଠିତ ଶରୀର ଅନ୍ଧକାର ଭିତରେ ଲୁଚିଗଲା । ସେ କିନ୍ତୁ ଦୂରରୁ ତାର କଣ୍ଠ ଶୁଣିପାରିଲେ, “ମୁଁ କିନ୍ତୁ ଆପଣଙ୍କୁ କହିଦେଉଚି, ମୋତେ ଆପଣମାନେ ବେଶୀ ଦିନ ବାନ୍ଧି ରଖିପାରିବେ ନାହିଁ । ଆଉ କିଛିଦିନ ପରେ ପୁଣି ସମ୍ବାଦପତ୍ରରେ ବଡବଡ ଅକ୍ଷରରେ ଛପା ବାହାରିବ, ‘ଅମର ଡାକୁ, ଅମର ବିପ୍ଲବୀ, ପଳାତକ’ । ହଠାତ ବିକ୍ରମବାବୁଙ୍କ ହାତରୁ ଟର୍ଚ୍ଚ ଖସି ଭୁଇଁରେ ପଡିଲା । ଖୋଲା ଦରଜାରୁ ଗୋଟିଏ ଦମକା ପବନ ଆସି ଦୀପଟି ଲିଭାଇ ଦେଲା । ସେ ଅନୁଭବ କଲେ ଶୁଭ୍ରା ଆସି ତାଙ୍କ କଡରେ ତାଙ୍କ ଦେହକୁ ଲାଗି ଛିଡା ହୋଇଛି । ବିକ୍ରମବାବୁ ଶୁଭ୍ରାକୁ ନିଜର ଅତି ନିକଟକୁ ଟାଣିନେଲେ ।

 Magazine Downloaded from www.aahwaan.com

# କିଏ ଆପଣା



ପ୍ରିୟଙ୍କା ସାହୁ

ସୁବାସବାବୁଙ୍କ ଘର ଆଜି ଦାମୀ ଉପହାର ଆଉ ଫୁଲତୋଡାରେ ଭର୍ତ୍ତି । ଆଜି ସୁବାସବାବୁ ଅନୁଭବ କରୁଛନ୍ତି ଯେମିତି ପଞ୍ଜୁରୀର ଶୁକପକ୍ଷୀଟିକୁ କେହି ପଞ୍ଜୁରୀର ଦ୍ୱାର ଖୋଲିଦେଇ ଅସୀମ ଆକାଶ ବୁକୁରେ ମୁକ୍ତ ହୋଇ ଉଡ଼ିବାର ଅଧିକାର ଫେରେଇ ଦେଲେ । ଖୁସିରେ ଆତ୍ମହରା ସେ । ଦୀର୍ଘ ୩୫ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଆଜି ଏଇ ଦିନଟି ଆସିଛି । ଆଖିରେ କେତେ ଆଶା କେତେ ସପନ ଉଙ୍କି ମାରୁଛି । ଯା ହେଉ ସବୁ ଦାୟିତ୍ୱରୁ ମୁକ୍ତି ମିଳିଗଲା । ଏବେ ଜୀବନକୁ ମୁକ୍ତଭାବରେ ଜୀଇଁବାର ସମୟ ଆସି ଉପନୀତ । ଏକମାତ୍ର ପୁତ୍ରସନ୍ତାନ । ଭଗବାନଙ୍କ ଦୟାରୁ ତା ଜଞ୍ଜାଳରୁ ମଧ୍ୟ ମୁକ୍ତହୋଇ ଯାଇଛନ୍ତି ସୁବାସବାବୁ । ପୁଅ ତାଙ୍କର ବୋହୁ ସହିତ ଏକ ବିଦେଶୀକମ୍ପାନୀରେ କାର୍ଯ୍ୟରତ । ତେଣୁ ପୁଅର ଚିନ୍ତା ବି ତାଙ୍କର ନାହିଁ । କେବଳ ଚାକିରୀ ହିଁ ଥିଲା ତାଙ୍କ ପାଇଁ ବାଧକ ଆଜି ସେଇ କର୍ମମୟ ଜୀବନରୁ ଛୁଟି ପାଇ ଅବସର ଗ୍ରହଣ କଲେ । ପୈତୃକ ପ୍ରାଣଟା ଆରମ୍ଭ ହୋଇଥିଲା ଗାଁରେ । ଗାଁରୁ ସହର, ସହରରେ ୩୦ବର୍ଷ ରହିଲା ପରେ ଭାରି ବୋର ହୋଇଗଲେଣି ତେଣୁ ଆଗରୁ ଯୋଜନା ଥିଲା ଚାକିରୀରୁ ଅବସର ମିଳିଲାମାତ୍ରେ ପତ୍ନୀ ସୁନନ୍ଦାଙ୍କୁ ସାଥୀରେ ନେଇ ପୁଅ ପାଖେ ବିଦେଶରେ ରହିବେ । ନାତିର ଗୁଲୁରୁ ଗୁଲୁରୁ କଥା ଶୁଣି ବାକି ଜୀବନଟା ସାର୍ଥକ କରିବେ । ବୋହୁ ପରଶା ଖାଇବାରେ ଯେଉଁ ଆନନ୍ଦ ତାହା ଆଉ ସ୍ତ୍ରୀ ହାତରନ୍ଧାରେ ନାହିଁ । ବୟସର ଅପରାହ୍ନରେ ଯ୍ୟା ଛଡା ଆଉ କଣ ବା ଆଶା କରିବେ ସୁବାସବାବୁ ।

 Magazine Downloaded from www.aahwaan.com

ବିଦେଶରେ ସୁଉଚ୍ଚ ଅଟାଳିକା ପାଖେ ବିସ୍ତୀର୍ଣ୍ଣ ସାଗର ଦେଖିବେ ନା ସାଗର କୂଳରେ ରହି ସୁଉଚ୍ଚ ଅଟାଳିକା ଦେଖିବେ । ଏମିତି କେତେ କଣ ସ୍ୱପ୍ନରେ ମଗ୍ନଥାନ୍ତି । ହଠାତ ଗୀତଟି ବାଜି ଉଠିଲା;

*ଶ୍ରୀ କୃଷ୍ଣ ଗୋବିନ୍ଦ ହରେ ମୁରାରୀ*

*ହେ ନାଥ ନାରାୟଣ ବାସୁଦେବ*

ସୁବାସବାବୁ ପ୍ରକୃତିସ୍ଥ ହେଲେ ଦେଖିଲେ ଫୋନଟା ବାଜୁଛି । ଦୂର ବିଦେଶରୁ ପୁଅର ଫୋନ ଆସିଛି ।

ପୁଅ : ବାପା ତୁମେ ଚାକିରୀରୁ ଅବସର ନେଇ ଆଦୌ ବ୍ୟସ୍ତ ହୁଅନା ଏଇଠିକୁ ଆସିବା ପାଇଁ ମୁଁ ତୁମର ଆଉ ବୋଉର ଟିକେଟ କରି ସାରିଛି କାଲି ସକାଳେ ତୁମର ଫ୍ଲାଇଟ ଅଛି ।

ସୁବାସବାବୁ : ଅବସରକୁ ନେଇ ମୁଁ ଆଦୌ ବ୍ୟସ୍ତ ନୁହଁରେ ବାବା । ଅରଣ୍ୟରେ ଚାତକ ପକ୍ଷୀଟି ଯେପରି ଦିନ ଦିନ ଧରି ଅପେକ୍ଷା କରିଥାଏ, ପହିଲି ଆଷାଢର ପହିଲି ବରଷା ବିନ୍ଦୁ କେବେ ଭୂମିଷ୍ଠ ହେବ । ଚାତକ ପକ୍ଷୀ ସେଇ ବରଷା ବିନ୍ଦୁର ପରଶ ପାଇ ରୋମାଞ୍ଚିତ ହୋଇ ଉଠିବ । ଆଜି ମୁଁ ଠିକ୍ ସେମିତି ଅପେକ୍ଷା କରିଛି ରାତ୍ରୀର ଅନ୍ତ ହୋଇ କେବେ ସକାଳ ହେବ ।

ସକାଳ ହେବା ମାତ୍ରେ ସୁନନ୍ଦାଙ୍କୁ ସାଥୀରେ ଧରି ଫ୍ଲାଇଟରେ ବିଦେଶ ଗମନରେ ବାହାରିଲେ । ମନେ ମନେ ସୁନନ୍ଦା ମଧ୍ୟ ଢେର ଖୁସିଥା'ନ୍ତି । ଯାହାହେଉ ଆଜିକାଲି ପିଲାଙ୍କ ପରି ଆମ ପୁଅ ସେମିତି ନୁହଁ । ବାପାମା'ଙ୍କ ପ୍ରତି କେତେ ସ୍ନେହ ଆଦର, ବୋହୁ ମଧ୍ୟ ସେମିତି ଗୁଣମତୀ । ପିଲାଙ୍କ ମେଳରେ ଟିକେ ସ୍ନେହ ହିଁ ତ ବୃଦ୍ଧ ବୟସର ସାଥୀ ।

ପୁଅ ଆସି ଅପେକ୍ଷା କରିଥାଏ ବାପାବୋଉ ପହଞ୍ଚିବା ମାତ୍ରେ ତା'ର କମ୍ପାନି ଦେଇଥିବା

 Magazine Downloaded from www.aahwaan.com

ଗୃହକୁ ନେଇଗଲା । ବୋହୂ ମଧ୍ୟ ଢେର ସମ୍ମାନର ସହ ସ୍ୱାଗତ କରିଲା । ଥଣ୍ଡା ପାନୀୟ, ଜଳଖିଆ ମିଠାମିଠା କଥାରେ ମନ ମୋହିନେଲା । ଆଉ ନାତିକୁ ଦେଖି ବୁଢ଼ାବୁଢ଼ୀ ସ୍ୱର୍ଗୀୟ ସୁଖ ଅନୁଭବ କରୁଥାନ୍ତି ।

ମାତ୍ର କିଛିଦିନ ପାଇଁ ଫଗୁଣ ଆସି ଯେମିତି ରଙ୍ଗ ଭରିଦେଇ ଚାଲିଯାଏ । ଫୁଲର ସମ୍ଭାର ଆଣେ ଆଉ ଅଳ୍ପ ଦିନ ପରେ ପୁଣି ଫେରିଯାଏ । ଠିକ୍ ସେହିପରି ମାତ୍ର କେଇଟା ଦିନ ମଧ୍ୟରେ ପୁଅ ବୋହୁଙ୍କ ମନ ବଦଳିଗଲା । ଯେମିତି ବାପାବୋଉ ତାଙ୍କ ଜୀବନକୁ ଶନି ଗ୍ରହପରି ଗ୍ରାସ କରିଛନ୍ତି । ବୋହୁ ପ୍ରତିଟି କଥାରେ ଚିଡିଚିଡା ସ୍ୱଭାବର ହୋଇଗଲା ।

ଦିନେ ସୁବାସବାବୁ ଆଉ ସୁନନ୍ଦା ସେଇ ବିଦେଶର ସୁଉଚ୍ଚ ଅଟାଳିକାର ଏକ ଭାଗରେ ଠିଆ ହୋଇ ଦେଖୁଥାନ୍ତି ପଛପଟର ବିସ୍ତୀର୍ଣ୍ଣ ଦରିଆକୁ । ସେଇ ଦରିଆ ମଝିରେ ଉର୍ମିମାଳା ମାନେ ଆସି ନାଚୁଛନ୍ତି ପୁଣି ସେଇ ଦରିଆ କୂଳରେ ମିଶି ଯାଉଛନ୍ତି । ହଠାତ ସୁବାସବାବୁ କହିଲେ ଚାଲ ସୁନନ୍ଦା ଏଇ ବିଦେଶୀ ଜୀବନର ଉପଭୋଗ ଢେର ହୋଇଗଲା । ଯେମିତି ଏଇ ଉର୍ମିମାଳା ସାଗରରେ ଜନ୍ମ ନେଇ ସାଗରର କୂଳରେ ମିଶି ଯାଉଛନ୍ତି ଆମେ ବି ଠିକ ସେହିପରି ଶେଷ ଜୀବନଟା ଗାଁରେ କାଟିଦେବା । ଆଗକୁ ପୁଅ ବୋହୁ କେଉଁ ଏକ ବୃଦ୍ଧାଶ୍ରମର ବ୍ୟବସ୍ଥା କରିବା ଆଗରୁ ଗାଁର ସେଇ ଜୀବନ ଆମ ପାଇଁ ଭଲ ହେବ ।

ହସହସ ମୁଖରେ ପୁଅ ବୋହୁଙ୍କ ପାଖରୁ ବିଦାୟ ନେଇ ଆସିଲେ । ହଁ ଅବଶ୍ୟ ପୁଅ ଟିକେଟକରି ଆସିବାର ସବୁ ବ୍ୟବସ୍ଥା କରି ଦେଇଥିଲେ ତେଣୁ କିଛି ଅସୁବିଧା ହେଲାନି । ଗାଁର ପୈତୃକ ଘର ଅତି ଜରାଜୀର୍ଣ୍ଣ ଅବସ୍ଥାରେ ତଥାପି ସେଇ ଘରଟା ବୈକୁଣ୍ଠପୁର ପରି ଲାଗୁଥାଏ । ପ୍ରଥମେ ପ୍ରଥମେ ଟିକେ ଅସହଜ ଲାଗୁଥିଲା ମାତ୍ର ପରେ ଅଭ୍ୟାସରେ ପଡିଗଲା ।

 Magazine Downloaded from www.aahwaan.com

ଗାଁରେ ଛୋଟିଆ ନଈଟିଏ ବହି ଯାଉଥାଏ । ତା'ରି କୂଳରେ ସାଇବାବାଙ୍କ ମନ୍ଦିରଟି ଅଛି । ପତ୍ନୀ ସୁନନ୍ଦା ଭଗବତ ବିଶ୍ୱାସୀ ତେଣୁ ଦିନେ ସୁବାସବାବୁଙ୍କୁ କହିଲେ ଦିନେ ମନ୍ଦିର ଆଡେ ଗଲେ ହୁଅନ୍ତାନି ? ସୁବାସବାବୁ କହିଲେ ଚାଲ ଆଜି ଯାଇ ବୁଲି ଆସିବା । କାହିଁକି କେଜାଣି ସୁବାସବାବୁ ଭଗବାନଙ୍କ ଅସ୍ତିତ୍ୱକୁ ସ୍ୱୀକାର କରନ୍ତି ନାହିଁ । ପତ୍ନୀଙ୍କ କଥାରେ ବାଧ୍ୟ ହୋଇ ଗୋଲାପ ଫୁଲ ଆଉ କିଛି ପେଡ଼ା କିଣିବା ପାଇଁ ପାଖ ଭୋଗ ଦୋକାନକୁ ଗଲେ । ଦୋକାନୀ ଜଣକ ସୁବାସବାବୁଙ୍କ ପାଦ ଛୁଇଁ ପ୍ରଣାମ କରିଲା ଏବଂ ଅନର୍ଗଳ ଭାବେ ଗୋଟିଏ ନିଶ୍ୱାସରେ କହି ଚାଲିଥାଏ ବାବୁ ଆପଣ କେଉଁଠି ଥିଲେ । ମୁଁ ଆପଣଙ୍କୁ କେତେ ଖୋଜିଛି କୋଉଠି ବି ପାଇଲିନି ଆପଣଙ୍କୁ ଭାବେ ଆପଣ କାଳେ ନଈକୂଳ ଥଣ୍ଡା ପବନରେ ବୁଲିବାକୁ ଆସୁଥିବେ ସେଠି ବି ଅନେକ ଥର ଅପେକ୍ଷା କରିଛି । ମାତ୍ର ଆପଣଙ୍କର ଦର୍ଶନ ପାଇନି ।

ସୁନନ୍ଦା କହିଲେ ତୁମେ କିଏ, ଆମେ ତ ଏଇ କେଇ ଦିନ ହେବ ଗାଁକୁ ଆସିଛୁ । ତୁମେ କେମିତି ଚିହ୍ନିଲ ।

ଦୋକାନୀ : ମା ଏଇ ବାବୁ ମୋ ପାଇଁ ସାକ୍ଷାତ ସାଇବାବାଙ୍କ ଅବତାର ।

ଇତି ମଧ୍ୟରେ ସୁବାସବାବୁ ଦୀର୍ଘ ୩୫ ବର୍ଷ ତଳକୁ ଫେରି ଯାଇଥିଲେ । ସେତେବେଳେ ସୁବାସବାବୁଙ୍କୁ ୨୫ ବର୍ଷ ହୋଇଥାଏ ସେ ମାମା ନାମ୍ନୀ ଏକ ସୁନ୍ଦରୀ ଝିଅର ପ୍ରେମରେ ଉବୁଟୁବୁ ହେଉଥିଲେ । ଦିନେ ମାମାକୁ ଡାକିଥିଲେ ଏଇ ସାଇ ମନ୍ଦିରରେ ଦେଖା କରିବା ପାଇଁ । ମାମାବି କହିଥିଲା ଆସିବ ବୋଲି । ହାତରେ ସୁନ୍ଦର ଗୋଲାପ ଫୁଲର ତୋଡାଟିଏ ଧରି ମାମାର ଆସିବା ବାଟକୁ ଅପେକ୍ଷା କରିଥାନ୍ତି ସୁବାସବାବୁ । ଅଥଚ ମାମା ଆସିଲା ନାହିଁ । ସେତେବେଳେ ସୁବାସବାବୁ ବେରୋଜଗାର ଥିଲେ ବୋଧହୁଏ ସେଥିପାଇଁ

 Magazine Downloaded from www.aahwaan.com

ମାମା ତାଙ୍କ ପ୍ରେମକୁ ପ୍ରତ୍ୟାଖ୍ୟାନ କରିଥିଲା । ସୁବାସବାବୁ ଦେଖିଲେ ଛୋଟ ପିଲାଟି ମନ୍ଦିର ସାମ୍ନାରେ ବସି ଭିକ ମାଗୁଛି । ତା ମୁହଁର ବିକଳ ଅବସ୍ଥାକୁ ଦେଖିଲେ ବାରି ହୋଇଯାଉଛି ପିଲାଟିର ପେଟର ବେଦନା ।

ସୁବାସବାବୁ ପିଲାଟିର ମୁଣ୍ଡକୁ ଆଉଁସି ଦେଲେ । ସେଇ ଗୋଲାପ ଫୁଲର ତୋଡାଟିକୁ ତାକୁ ଧରାଇ ଦେଇ କେମିତି ଫୁଲ ବିକି ପେଟ ପୋଷା ଯାଇପାରେ ସେଇ ବିଷୟରେ କିଛି ଶିକ୍ଷା ଦେଇ ଫେରି ଆସିଲେ । ତା ପରେ ତାଙ୍କର ଚାକିରୀ ଜୀବନର ଆରମ୍ଭ । ଗାଁ ଛାଡି ସହର, ସହରରୁ ବିଦେଶ ପୁଣି ବିଦେଶରୁ ଗାଁକୁ ପ୍ରତ୍ୟାବର୍ତ୍ତନ । ମାତ୍ର ଏତେ ଦିନ ପରେ ସେଇ ପିଲାଟି ଆଜି ଚିହ୍ନିପାରିଲା ତେଣୁ ସୁବାସବାବୁ ଖୁସିରେ ଆତ୍ମହରା ହୋଇ ପଡୁଥାନ୍ତି । ଦୋକାନୀ ପିଲାଟି ବହୁତ ଆଦର ସମ୍ମାନ ଜଣାଇ ଗୋଲାପ ଫୁଲର ତୋଡାଟି ବାବୁଙ୍କ ହାତକୁ ଧରେଇ ଦେଇ କହିଲା ବାବୁ ଏତେ ଦିନ ପରେ ଆଜି ଆପଣଙ୍କୁ ପାଇଛି ଯେତେ ଫୁଲ ଦେଲେ ବି କମ୍ ହେବ ।

ସୁନନ୍ଦା ଆଉ ସୁବାସବାବୁ ଭାବୁଥାନ୍ତି ପାଠଶାଠ ପଢ଼େଇ କେତେ କଷ୍ଟ କରି ପୁଅକୁ ଯୋଗ୍ୟ କରିଥିଲେ । ସେଇ ପୁଅ ଆଜି ବାପାମା'କୁ ଭୁଲିଯାଇପାରିଲା ମାତ୍ର ଏଇ ଗରିବ ପିଲାଟିକୁ ଟିକିଏ ସାହାଯ୍ୟର ହାତ ବଢାଇଥିବାରୁ ଆଜି ଯାଏ ସେ ଏଇ ହାତଟିକୁ ଭୁଲିପାରିନି । ସତରେ କେତେ କୃତଜ୍ଞ ସିଏ । ସତରେ ବେଳେ ବେଳେ ଅନେକ ଭିଡ ଭିତରେ ଚିହ୍ନା ମୁହଁଟିଏ ଅଚିହ୍ନା ହୋଇଯାଏ । କେହି ଜଣେ ଅଜଣା ଅଚିହ୍ନା ଲୋକଟି ଆପଣାର ହୋଇଯାଏ ।

ସାହାନିଆଜପୁର

କଟକ

# ଚିଠି



ଲିନାରାଣୀ ଧଳ ମଙ୍ଗରାଜ

ବନ୍ଧୁ,

ତୋ ପାଖକୁ ଚିଠି ଦେବି ଦେବି ବୋଲି ଦେଇ ପାରୁନି । ଜାଣିଛି ତୁ ଏ ଚିଠି ପାଇ ନିଶ୍ଚୟ ଆଶ୍ଚର୍ଯ୍ୟ ହୋଇଯିବୁ । ମୋବାଇଲ୍ ଯୁଗରେ ହ୍ୱାଟ୍‌ସଆପ୍, ଫେସବୁକ୍, ଟ୍ୱିଟର୍, ଇନ୍‌ଷ୍ଟାଗ୍ରାମ୍ ପରି ଗୋଟିଏ ମୁହୂର୍ତ୍ତରେ ଉତ୍ତର ମିଳିଯିବାର ସମସ୍ତ ସୁଯୋଗ ଥାଉ ଥାଉ ମୁଁ ଚିଠି ଲେଖୁଛି । ସେଥିରେ ଏତେ ସମସ୍ତ ମନର ଭାବନା, ହସଲୁହ, କାନ୍ଦ, ଭାବପ୍ରବଣତା, ଚିନ୍ତା, ଖୁସି, ବ୍ୟସ୍ତତା ଏପରି ଆହୁରି ଅନେକ କିଛି ଇମୋଜି ଥାଉ ଥାଉ ଲାଗେ ଯେମିତି ବହୁତ କଥାକୁ ଟିକି ଇମୋଜିଟେ ପୂରଣ କରିଦେଉଛି । କଥାତ କଥା ଜାଗାରେ ରହିଯାଏ, ତାର ଶହେ ଭାଗରୁ ଏକ ଭାଗ ବୋଧେ ପରିପ୍ରକାଶ କରିହୁଏ । ଇମୋଜି ଦ୍ୱାରା କଣ ସତରେ ସହଜ ହୋଇଯାଏ ପ୍ରକାଶ କରିବା ଅମାପ କୃତଜ୍ଞତା ଆଗରେ ଛୋଟ ଧନ୍ୟବାଦ ଟିଏ ।

ତୁ ସବୁବେଳେ ଫଟୋ ଦେଖି କହୁଛୁ, ମୋତେ ଇଚ୍ଛା ହେଉଛି ସେ ଫଟୋ ଭିତରକୁ ଡେଇଁ ପଡ଼ିବାକୁ । ହଁ ସତରେ ଯେ କେହି ବି ଏତେ ବର୍ଷ ପରେ ନିଜର ଲୋକମାନଙ୍କୁ ଦେଖିଲେ ସେଇ ଇଚ୍ଛା ହିଁ ହେବ । ଦିନେ ନୁହେଁ, ମାସେ ନୁହେଁ, ବର୍ଷେ ବି ନୁହେଁ କୋଡ଼ିଏ ବର୍ଷ । ସବୁକିଛି, ସବୁଥିରେ ପରିବର୍ତ୍ତନର ସ୍ୱର, ନୂତନତାର ସ୍ପର୍ଶ, ଜୀବନକୁ ବଞ୍ଚିବାର ନୂଆ ନୂଆ ବାହାନା । ଛୁଞ୍ଚି ଠୁ ଉଡ଼ାଜାହାଜ ପର୍ଯ୍ୟନ୍ତ ସବୁଠାରେ ନୂତନ ଜ୍ଞାନ କୌଶଳ ତାର ଆଧିପତ୍ୟ ଜାହିର କରିଛି ।

 Magazine Downloaded from www.aahwaan.com

ସେଦିନ ସବୁ ଅଳସୁଆ ରବିବାର ପରି ସକାଳ ଆଠଟାରେ ଉଠି ମୁହଁ ଧୋଉ ଧୋଉ ମୋବାଇଲର ରିଂ ବାଜି ଉଠିଲା । ଦେଖେ ତ ଗୋଟିଏ ନମ୍ବର । ମୁଁ ସେଭ୍ ହୋଇଥିବା ନମ୍ବର ଛଡ଼ା ଅନ୍ୟ ନମ୍ବରକୁ ଉଠାଏନି । କିନ୍ତୁ କଣ ହେଲା କେଜାଣି ନମ୍ବରକୁ ଉଠାଉ ଉଠାଉ ଗୋଟିଏ ଅତି ଚିହ୍ନା ସ୍ୱର, ଅତି ଆପଣାର କିନ୍ତୁ କୋଡ଼ିଏ ବର୍ଷପରେ ଜାଣିଲେ ବି ଠିକରେ ମନେ ପଡୁନଥିଲା । ତଥାପି ଚିହ୍ନିଥିଲି...

ସୁଦିପ୍ତା, ମୋ ସ୍କୁଲ୍ ଦିନର ସାଙ୍ଗ । ନ ଚାହୁଁଥିଲେ ବି ଆଖି କୋଣରୁ ଲୁହଗୁଡ଼ା ଜକେଇ ହୋଇ ଆସୁଥିଲା । ଆବେଟୁ ଆରମ୍ଭ । ଆବେ କାନ୍ଦୁଛୁ ନା କଣ ? ମୁଁ ଓଡ଼ିଶା ଆସିଛି, ତତେ ଦେଖିବାକୁ ଚାହୁଁଛି, କେବେ ଦେଖା ହେବା ? ବାସ୍ ମୁଁ ଆଉ କଥା କହି ପାରୁନଥିଲି । ଏତେ ବର୍ଷପରେ ମୋ ସାଙ୍ଗ ଫୋନ କରିଛି । ସତରେ ମନ ଭିତରେ ଥିବା ଅକୁହାକଥା, ସଂଗୋପିତ ଇଚ୍ଛାକୁ ବନ୍ଧୁ ଆଗରେ ହିଁ ପ୍ରକାଶ କରିହୁଏ । କଥାବାର୍ତ୍ତା କି ଚାଲିଚଳନର ସୀମା ଭିତରେ ବାନ୍ଧି ହୋଇ ରହିନଥାଏ ବନ୍ଧୁତା । "ରାଜଦ୍ୱାରେ ଶ୍ମଶାନେ ଚ ଯଃ ତିଷ୍ଠତି ସଃ ବାନ୍ଧବଃ" । ସୁଖଦୁଃଖ, ଭଲ ଖରାପ, ଉଚ୍ଚନୀଚ, ଜାତିଧର୍ମବର୍ଣ୍ଣ, ଧନୀଗରିବ ଏ ସବୁର ଉର୍ଦ୍ଧ୍ୱରେ ବନ୍ଧୁତା । ବିଶ୍ୱାସ ଯେପରି ବନ୍ଧୁତାର ଭିତ୍ତିପ୍ରସ୍ତରକୁ ଦୃଢ଼ କରିଥାଏ ଠିକ୍ ସେମିତି ନିନ୍ଦା ଆଉ ପ୍ରଶଂସା ବନ୍ଧୁତାର ସ୍ଥାୟିତ୍ୱ ଉପରେ ନିର୍ଭର କରେ । ସେମିତି ବନ୍ଧୁତା ଆମର । ଦୂରତା ବଢ଼ିଯାଇଥିଲା ସତ କିନ୍ତୁ କାହାର ମନରୁ ବାହାରି ଯାଇନଥିଲୁ ।

ବହୁତ ଶୀଘ୍ର ଦେଖାହେବା, ସେ କହିଲା । ଚାଲ ଆମେ ମିଶି ପାର୍ଟି କରିବା । ମୋ ପାଖରେ ତିନିଚାରିଜଣଙ୍କ ନମ୍ବର ଥିଲା । ସମସ୍ତଙ୍କୁ ସଂଯୋଗ କରିବାପରେ ପ୍ରତ୍ୟେକଙ୍କର ସେଇ ଏକପ୍ରକାର ପ୍ରତିକ୍ରିୟା । ଖୁସିରେ ଅଥୟ । ସମସ୍ତଙ୍କର କେବଳ ଗୋଟିଏ ଇଚ୍ଛା, କେତେ ଶୀଘ୍ର ଆମେ ସବୁ ମିଶିବା । ମୋବାଇଲ୍ ହେଲାପରେ କାହାପାଇଁ ଏକା କିପରି

 Magazine Downloaded from www.aahwaan.com

ପ୍ରଭାବ ପକାଉଥାଏ କିନ୍ତୁ ଆମପାଇଁ ଏହା ଏକ ବଡ଼ ସୁଯୋଗର ସୁବ୍ୟବସ୍ଥା କରିଥିଲା । ହ୍ୱାଟ୍ସଆପ୍‌ରେ ଆମେ ଗୋଟିଏ ଗ୍ରୁପ୍ ତିଆରି କରିବାପରେ ଗୋଟିଏ ଦିନ ଭିତରେ ବୋଧେ ତିରିଶି ଜଣଙ୍କ ସହିତ ଯୋଗାଯୋଗ ହୋଇପାରିଲା । ସମସ୍ତଙ୍କର ସେଇ ଏକା ଇଚ୍ଛା, ଚାଲ ଗୋଟିଏ ଗେଟ୍-ଟୁଗେଦେର୍ କରିବା ।

ଗେଟ୍-ଟୁଗେଦେର୍ ହେବ, ଦିନ ବି ଧାର୍ଯ୍ୟ ହେଲା । ୧୫ ନଭେମ୍ବର । ଏହି ଦିନ କେବେ ଆସିବ ଭାବି ଭାବି ମନ ଉଚ୍ଛନ୍ନ ହେଉଥାଏ । ସମସ୍ତଙ୍କ ମୁହଁ ଆଖି ସାମ୍ନାକୁ ଚାଲି ଆସୁଥାଏ । ଯେଉଁମାନଙ୍କୁ ଭୁଲି ହୋଇଯାଇଥିଲା, ହ୍ୱାଟ୍ସଆପ୍‌ରେ ଯୋଗାଯୋଗ କରିବାପରେ ତାଙ୍କ ମୁହଁକୁ ମନେ ପକାଇବାକୁ ଚେଷ୍ଟା କରିବା କମ ସଂଘର୍ଷପୂର୍ଣ୍ଣ ନଥିଲା । ରାତିରେ ଶୋଇବାକୁ ଚେଷ୍ଟା କଲେ ବି ନିଦ ହେଉନଥିଲା । ମୋର ତ ଖୁସି ତତେ କାଗଜ କଲମରେ ମଧ୍ୟ ବର୍ଣ୍ଣନା କରିବା ଅସମ୍ଭବ ।

ଏବେ ଯେମିତି ପୁଅଝିଅ ସାଙ୍ଗମାନଙ୍କ ଭଳି ଗୋଟିଏ ଜାଗାରେ ବସିବା, କଥାହେବା, ଖେଳିବା, ନାଚିବା ଗାଇବା କରି ପାରୁଛନ୍ତି, ଆଜିକୁ କୋଡ଼ିଏ ବର୍ଷ ତଳେ ଆମେ ସେମିତି କଥା ହୋଇ ପାରୁନଥିଲୁ । ବହୁତ ଆବଶ୍ୟକ ହେଲେ ଗୋଟିଏ ଦୁଇଟି ଶବ୍ଦରେ କଥାକୁ ଶେଷ କରିବାକୁ ପଡ଼େ ନ ହେଲେ ପୁଅପିଲାଙ୍କ ସହିତ କଥା ହେବା ସତେ ଯେମିତି ଗୋଟେ ବଡ଼ ପାପକର୍ମ । କେତେ ପ୍ରକାର ଭୟ ଆମ ଚତୁଃପାର୍ଶ୍ୱକୁ କବଳିତ କରିଥିଲା । ଗୁରୁଜନଙ୍କ ଆକ୍ଷେପଠୁଁ ସ୍କୁଲରେ କିଛି ଦୁଷ୍ଟପିଲାଙ୍କ ଲୋଲୁପ ଦୃଷ୍ଟିରୁ କେହି ବାହାରି ପାରନ୍ତିନି । ଯଦି ଦୁଇ ତିନିଥର ଗୋଟିଏ ପୁଅପୁଲା ସହିତ ଗୋଟିଏ ଝିଅ ପିଲା କଥା ହେଇଥିଲା ସେ ଯେକୌଣସି ବିଷୟକୁ ନେଇ ହେଉନା କାହିଁକି, ତା ନାଁ ଗାଁ କାନ୍ଥବାଡ଼ରେ ଯୁକ୍ତ ବିଯୁକ୍ତ ହୋଇ ଲେଖା ହେବା ବହୁତ ହାସ୍ୟାସ୍ପଦ । ଏବେ ସେକଥା ସବୁ ମନେପଡ଼ିଲେ ବହୁତ ହସଲାଗେ ।

 Magazine Downloaded from www.aahwaan.com

କାହିଁକି ସବୁବେଳେ ଗୋଟିଏ ପୁଅଝିଅ ସମ୍ପର୍କକୁ ସମସ୍ତେ ଖରାଅ ନଜରରେ ଦେଖନ୍ତି କେଜାଣି !

କିଛି କିଛି କଥା ଏବେ ବି ମନେ ପଡ଼ିଯାଏ । ଦିନ, ବାର, ତିଥି ଆଉ କିଛି ମନେ ନାହିଁ, କିନ୍ତୁ କିଛି ଦୁଷ୍ଟାମୀର ସ୍ମୃତି ଏବେ ବି ସତେଜ ହୋଇ ଯାଉଛି, ତୋ ପାଖକୁ ଚିଠିଲେଖିବା ବେଳେ । ତୋର ମନେ ଅଛି ନା, ସବୁଦିନ ଟିଫିନ୍ ଖାଇବା ବେଳେ ଆମେ ସମସ୍ତେ ତୁ ମୋତେ ମୁଁ ତାକୁ ବଣ୍ଟାବଣ୍ଟି ହୋଇଖାଉ । ଏବେ ଯେତେବେଳେ ନେଲପଲିସ୍ ଲଗାଏ ତୋ କଥା ମନେ ପକାଇ ମୁଁ ବହୁତ ହସେ । ସବୁଦିନ ପ୍ରାର୍ଥନା ପରେ ୧୫୦୦ ପିଲାମାନଙ୍କ ଭିତରେ ପିଇଟି ମ୍ୟାମ୍ ତୋ ମୋ ପାଖକୁ ଚେକ୍ କରିବାକୁ ପଳେଇ ଆସନ୍ତି । ଦିନେ ଦିନେ ତୁ ନେଲପଲିସ୍ ଲଗେଇ ଦେଇଥାଉ, ସେ ଆସୁଥିବାର ଦେଖି ମୁଁ ଦାନ୍ତରେ ନଖକୁ ଛିଣ୍ଡେଇ ଦେଉଥିଲେ । ନେଲପଲିସକୁ ଛଡ଼େଇ ଦେଉଥିଲେ ଓ ରୁଲ୍ ବାଡ଼ି ମାଡ଼ରୁ ମୁକ୍ତି । ସେଦିନ ତୁ କହିଥିଲୁ ଓହୋ ନିଜେ ତ କେତେ ଷ୍ଟାଇଲ୍ ମାରୁଛି, ଆମେ ଟିକେ ନେଲପଲିସ୍ ଲଗେଇଲେ ମାରିବ । ମଣିଷ କେବେ ବଡ଼ ହେବ । ହଁ ସେତେବେଳେ ଏଗୁଡ଼ିକ ଖରାପ ଲାଗୁଥିଲା କିନ୍ତୁ ଏବେ ଭାବିଲେ ଲାଗେ, ମ୍ୟାମ୍ ଆମକୁ ଶୃଙ୍ଖଳିତ କରିବାକୁ ଚେଷ୍ଟା କରୁଥିଲେ । ଆମେ ସବୁ ବଡ଼ ହୋଇ ଯାଇଛେ, ତୁ ଆମେରିକାରେ ତୋ ମନ ପସନ୍ଦର ଜୀବନ ନିଶ୍ଚୟ ବଞ୍ଚୁଥିବୁ । ଏ ସବୁ ତୋର ମନେ ଥିବ ନା ନାହିଁ କେଜାଣେ । ସ୍କୁଲ୍ ଛାଡ଼ିବାପରେ ବାକି ଜୀବନରେ ବହୁତ ସାଙ୍ଗ ମିଳିଛନ୍ତି । କଲେଜରେ, ଘରେ ବାହାରେ, ସମ୍ପର୍କୀୟମାନଙ୍କ ମଧ୍ୟରେ । କିନ୍ତୁ ସ୍କୁଲ୍ ଆଉ ସ୍କୁଲର ସାଙ୍ଗମାନେ ଏତେ ଅନ୍ତରଙ୍ଗ ବୋଲି ମୁଁ ଗେଟ୍-ଟୁଗେଦେର୍‌ରୁ ଆସିଲାପରେ ହୃଦୟଙ୍ଗମ କଲି ।

ଆମେ ସମସ୍ତେ ଯେଉଁଦିନକୁ ଅପେକ୍ଷା କରିଥିଲୁ, ସେଦିନ ଆସି ପହଞ୍ଚିଗଲା ।

 Magazine Downloaded from www.aahwaan.com

ନଭେମ୍ବର ୧୫ ତାରିଖ । ଜାଣିଛୁ ସେଦିନ ଭୋରରୁ ଉଠି କଣ ପିନ୍ଧିବି ବୋଲି ଭାବୁ ଭାବୁ ସବୁଠୁ ନମାନୁଥିବା ପୋଷାକଟା ପିନ୍ଧି ବାହାରି ପଡ଼ିଲି । କହନ୍ତିନି ଅତି ବେପାରରେ ବାଣିଜ୍ୟ ମାନ୍ଦା । ବାସ୍ ବୋଧେ ୪୦, ୫୦ଟା ଡ୍ରେସ୍ କାଢ଼ି ଖଟଉପରେ ପକଉ ପକଉ ଏତେ ବିହ୍ୱଳ ହୋଇ ଯାଇଥିଲି ଯେ କୋଉଟା ପିନ୍ଧିବି ଜାଣିପାରିଲିନି । କୋଡ଼ିଏ ବର୍ଷପରେ ଆମେ ତିନିଜଣ ତନିଷା, ସିଲିକା ଭୁବନେଶ୍ୱରରୁ ବାହାରି ଆମ ସ୍କୁଲ ଥିବା ସହରକୁ ଯିବାକୁ ବାହାରିଲୁ । ତୁ ବିଶ୍ୱାସ କରି ପାରିବୁନି ଯେତେ ପାଖେଇ ପାଖେଇ ଆସୁଥାଉ ହୃଦସ୍ପନ୍ଦନର ଗତି ସେତେ ବଢ଼ି ଯାଉଥାଏ, ଏମିତି ଆଗରୁ କେବେ ହେଉନଥିଲା । ଯେମିତି କେତେଦିନରୁ ଦେଖିନଥିବା ଅତି ନିଜର ଲୋକମାନଙ୍କୁ ଆମେ ଭେଟିବାକୁ ଯାଉଛୁ ।

ଶେଷରେ ଆମେ ପହଞ୍ଚିଗଲୁ ବହୁଦିନରୁ ଆକାଂକ୍ଷିତ ସ୍ଥାନଟିରେ । ହେ ଭଗବାନ, ସେଠି ରହୁଥିବା ଆମ ଶ୍ରେଣୀର କିଛି ପିଲା ତାକୁ ବହୁତ ଭଲଭାବେ ସୁପରିଚାଳନା କରିଥିଲେ । ନୀରୁ, ଅମିତା, ମିନି ଆଉ ସୁଦିପ୍ତା ମନେଅଛି ନା । ଦେଖୁ ଦେଖୁ କିଛି ପିଲାଙ୍କୁ ଚିହ୍ନି ହୋଇଗଲା କିଛି ପିଲାଙ୍କୁ ନୁହେଁ । ନୀରୁ, ସାତ୍ତ୍ୱିକ, ଅନୁପମ, ସତ୍ୟମ୍, ଅଜୟଆଦିତ୍ୟ, ସୋମେଶ, ବିବେକ୍, ପିଙ୍କୁ, ମିନି ଜିନି ଯାଆଁଳା ଭଉଣୀ, ସୁଦୀପ୍ତା, ଅମିତା ଆଦି ସମସ୍ତଙ୍କୁ ଦେଖି ଲାଗୁଥିଲା ସତେ ଯେମିତି ମୁଁ କେଉଁ ସ୍ୱପ୍ନ ଦେଖୁନିତ !

ସମସ୍ତେ ଖୁସି । କୋଡ଼ିଏ ବର୍ଷ । କେତେ ପରିବର୍ତ୍ତନ । ବାଟରେ ଯେଉଁ ଭାବନା ଥିଲା ଯେ ଖାଲି ଝିଅମାନେ କରିଥିଲେ ଭଲ ହୋଇଥାନ୍ତା, ଏତେ ବର୍ଷ ଭିତରେ କିଏ କେଜାଣି କେମିତି ପରିବର୍ତ୍ତନ ହୋଇ ଯାଇଥିବେ । କିନ୍ତୁ ବାସ୍ତବରେ ଛୋଟ ବେଳର ସେହି କିଛି ଦୁଷ୍ଟପିଲା ବର୍ତ୍ତମାନ କର୍ତ୍ତବ୍ୟବାନ ପୁଅ, ଦାୟିତ୍ୱବାନ ପିତା ସାଜି ସାରିଛନ୍ତି । ସମସ୍ତଙ୍କ ଭିତରେ ପରିପକ୍ୱତା ଚଳଚଞ୍ଚଳ ହେଇଥିଲା । ବହୁତ କଥାବାର୍ତ୍ତା... କିଏ କଣ କରୁଛି,

 Magazine Downloaded from www.aahwaan.com

କାହାର ବାହାଘର କେମିତି ଇତ୍ୟାଦି ଇତ୍ୟାଦି । ଜାଣିଛୁ, କେତେ ଜଣ ବାହା ବି ହୋଇନାହାନ୍ତି, ତାଙ୍କ ପାଇଁ ପାତ୍ର ବା ପାତ୍ରୀ ଖୋଜିବାର ଦାୟିତ୍ୱ ମଧ୍ୟ ଆମେ ହସି ହସି ଗ୍ରହଣ କଲୁ । ତୁ, ମୁଁ, ସ୍ନେହାଞ୍ଜଳୀ ଆଉ କୃଷ୍ଣମାଧବ ସମସ୍ତେ ଓ ଗ୍ରେଡ୍ ପାଇଥିଲେ ଓ ସମସ୍ତେ ସେହି ଅନୁସାରେ ଉଚ୍ଚପଦବୀରେ ବି ଥିବେ । ମୋତେ ତ ସମସ୍ତେ ଭୁଲି ବି ଯାଇଛନ୍ତି ଯେ ମୁଁ କେବେ ଟିକେ ଭଲ ପଢୁଥିଲି ବୋଲି । ବାସ୍ କିଛି ବି ହୋଇ ପାରିନି ନା । ଆଉ କୃଷ୍ଣମାଧବ, ଜାଣିଛୁ ଗୋଟିଏ ବଡ଼ ପଦବୀରେ । ଆଉ କିଛି ପିଲା ଯେମିତି ଦେବନାଥ, ମନୋଜ ମଧ୍ୟ ବଡ଼ ବଡ଼ ଇଞ୍ଜିନିୟର । ସତ୍ୟଜିତ୍ ମଧ୍ୟ ଇଞ୍ଜିନିୟରିଂ ଚାକିରୀ ଛାଡ଼ି ଗୋଟିଏ ବଡ଼ ଦୈନିକ ସମ୍ବାଦପତ୍ରର ପ୍ରତିଷ୍ଠାତା ସହ ନିଜର ବ୍ୟବସାୟ କ୍ଷେତ୍ରରେ ଦିନକୁ ଦିନ ଅଗ୍ରଗତି କରୁଛି । ଆଉ କିଛି ପିଲା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଚାକିରୀରେ ପ୍ରତିଷ୍ଠିତ । ଅନୁପମ, ଶଙ୍କର ଭଳି କିଛି ପିଲା ତାଙ୍କ ପାରିବାରିକ ବ୍ୟବସାୟକୁ ଆଗକୁ ନେବାକୁ ଯେମିତି ପ୍ରତିଜ୍ଞାବଦ୍ଧ ସେମିତି ଦୃଢ଼ ସଂକଳ୍ପ ମଧ୍ୟ । ସବୁଠୁ ଦୁଃଖର କଥା ଜଣ ଜାଣୁ ? ସ୍ନେହାଞ୍ଜଳି ବହୁତ ଭଲ ପଢୁଥିଲା ସେ ବି ଅତି ସାଧାରଣ ଗୃହିଣୀଟିଏ ହୋଇ ଯାଇଛି । ଆଉ ମୃଣ୍ମୟୀ ସିଏ ମଧ୍ୟ ଦୁନିଆର ଚାକଚକ୍ୟରୁ ବିତସ୍ପୃହ ହୋଇ ନିଜକୁ ଚାରିକୋଠରୀ ମଧ୍ୟରେ ବନ୍ଦ କରି ରଖିଛି । କିଏ ଜାଣେ ଏହି ସବୁ ବିଗତ ବର୍ଷ କାହାକୁ କେମିତି ସଜେଇ ଦେଇଛି । କାହାକୁ ବହୁତ ଉଚ୍ଚକୁ ନେଇ ଯାଇଛି ତ କାହାଠାରୁ ନିଜର ବଞ୍ଚିବା ଶୈଳୀକୁ ପରିବର୍ତ୍ତନ କରିବାକୁ ବାଧ୍ୟ କରିଛି । ସବୁଠୁ ମଜା କଥା କଣ ଜାଣୁ ? ଆମେ ତ ସେତେବେଳେ ପୁଅପିଲାଙ୍କ ସହିତ ଏତେ କଥା ହେଉନଥିଲେ ନା । ସେଥିପାଇଁ କାହାର ଡାକନାମ ଜାଣିବା ବହୁତ କଷ୍ଟ । ପୁଅପିଲା ମାନେ ତାଙ୍କ ଭିତରେ ଡାକ ନାମରେ ଡକାଡକି ହେଉଥିଲେ । ମୁଁ ଗୋଟିଏ ପିଲାକୁ ତା ଡାକ ନାଁରେ ଜାଣି ପାରିଲିନି, ଭଲ ନାଁରେ

 Magazine Downloaded from www.aahwaan.com

ଜାଣିଥିଲି । କିନ୍ତୁ ସେ ଏତେ ରାଗିଗଲା ଯେ ପୂରା ତା ଜୀବନ ବିବରଣୀ ମୋତେ ଦେଇଦେଲା । ମୁଁ ବି ପୁରା ଡରିଗଲି । ସେ ଯାହାବି ହେଉ ପରେ ସେ ଚିରାଚରିତ ଢଙ୍ଗରେ ବୁଝେଇ ଦେଇଥିଲା । ଏତେ ବର୍ଷପରେ ସମସ୍ତଙ୍କୁ ପାଇ ଆଉ କାହାଠୁ ପୁଣିଥରେ ଅଲଗା ହେବାକୁ ଇଚ୍ଛା ନାହିଁ । ସେ ଯେମିତି ହେଉ, ଯେତେ ବଡ଼ ପଦବୀରେ ଥାଉ କି ବିଲକୁଲ୍ ସାଧାରଣ ମଣିଷଟେ ହେଉ ସମସ୍ତେ ସମସ୍ତଙ୍କ ସାଙ୍ଗ । କେହି ବଡ଼ ନୁହେଁ କି କେହି ଛୋଟ ନୁହେଁ ।

ସମସ୍ତେ ଗୋଲ ଟେବୁଲ ବୈଠକରେ ବସି ନିଜ ନିଜର ସ୍କୁଲ୍ ପରଠୁ ଏ ପର୍ଯ୍ୟନ୍ତ ଘଟି ଯାଇଥିବା ଜୀବନ ବୃତ୍ତାନ୍ତକୁ ବିନା ସଙ୍କୋଚରେ କହି ଯାଉଥିଲେ ଜଣେ ଯେମିତି ତାର ଅତି ନିଜର ଲୋକଙ୍କ ଆଗରେ ତା ମନରେ ଥିବା ସବୁ ଦୁଃଖ, ସୁଖ ବାଣ୍ଟି ଦେଉଛି । ତୁ ବିଶ୍ୱାସ କରି ପାରିବୁନି, ସେହି ତିନିଚାରି ଘଣ୍ଟା ବୋଧେ ମୋ ଜୀବନର ଆଉ ଏକ ଖୁସିର ସ୍ମରଣୀୟ ମୁହୂର୍ତ୍ତ । ଯାହାକୁ ମୁଁ ସବୁବେଳେ ମୋ ପାଖରେ ସାଇତି ରଖିବାକୁ ଚାହୁଁଛି । ଏବେ ଆମେ ସମସ୍ତେ ହ୍ୱାଟ୍‌ସଆପ୍ ଗ୍ରୁପରେ ପ୍ରତିଦିନ ପ୍ରତ୍ୟେକ ପ୍ରତ୍ୟେକଙ୍କ ବିଷୟରେ ପଚାରି ବୁଝିବା ବହୁତ ଖୁସିର କଥା । ଯେଉଁଠି ନିଜର ଲୋକଟେ ଜଣକୁ ମାନେ ବର୍ଷରେ ଥରେ ମନେ ପକାଉନି, ସେଠି ସାଙ୍ଗମାନେ ଏମିତି ଦାୟିତ୍ୱବାନ ହେବା ବଡ଼ ଆନନ୍ଦଦାୟକ ନୁହେଁ କି ! ଦିନେ ଏବେ ଅନୁପମ କହୁଥିଲା, ଆମ ଭିତରେ ଯେ କେହି ଅସୁବିଧାରେ ପଡ଼ିବ ଆଉ ପଚିଶ ଜଣଙ୍କ ହାତ ତା' ପାଖରେ ପହଞ୍ଚିଯିବ । ୟାଠୁ ଆଶ୍ୱାସନାର ବାଣୀ ଆଉ କଣ ହୋଇପାରେ ? ଦେବନାଥ ବି ଦିନକୁ ଦିନ ନୂଆ ନୂଆ ପ୍ରଣାଳୀରେ କେମିତି ସମସ୍ତଙ୍କ ଜନ୍ମଦିନର ଶୁଭେଚ୍ଛା ଜଣେଇବା, ସମସ୍ତଙ୍କୁ କିପରି ସାହାଯ୍ୟ କରିହେବ ତାର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପାଳନ କରୁଛି । ଏବେ ଜାଣିଛୁ ଦିନେ କୃଷ୍ଣମାଧବ ଗୋଟିଏ ବହୁତ ଭଲ ପରାମର୍ଶଟିଏ ଦେଇଛି,

 Magazine Downloaded from www.aahwaan.com

ଯେମିତି ବାହାଘର, ଜନ୍ମଦିନରେ ଗଲେ କିଛି ପଇସା ନ ହେଲେ ଉପହାର ଦେଉଥାଉ ଠିକ୍ ସେମିତି କାହାକୁ ଡାକ୍ତରଖାନାରେ ଦେଖିବାକୁ ଗଲେ ଅବା ଶେଷକୃତ୍ୟ ବେଳେ ମଧ୍ୟ ଆମେ ସାହାଯ୍ୟ କରି ପାରିବା । ସେଥିପାଇଁ ଆମେ ମିଳିମିଶି କିଛି ଯୋଜନା ପ୍ରସ୍ତୁତ କରିବୁ ବୋଲି ଆଶା । ଯଦି ସେ ପଇସା ଖର୍ଚ୍ଚ ନ ହୁଏ ତେବେ ତାକୁ ଆମେ କିଛି ଗରିବ ପିଲା ଅଥବା ଗରିବ ଲୋକଙ୍କ ସାହାଯ୍ୟରେ ଲଗେଇ ପାରିବା । ନିଶ୍ଚୟ ସ୍ୱାଗତଯୋଗ୍ୟ ତାର ପରାମର୍ଶଟିଏ ।

ସମସ୍ତେ ସମୟ ପାଖରେ ନିରୁତ୍ତର । ବିଦାୟ ନେବାର ବେଳା ପାଖେଇ ଆସିଲା, ଇଚ୍ଛା ହେଉନଥିଲା ସରି ଯାଉ ବୋଲି । ସମୟ ଆଉ କିଛି ବେଳ ସେଇଠି ଅଟକି ଯାଇ ନଥାନ୍ତା । କିନ୍ତୁ ଯିବାକୁ ତ ପଡ଼ିବ, ସମସ୍ତେ ଭିନ୍ନ ପଥର ଯାତ୍ରୀ ।

ଯାଉ ଯାଉ ଆଉଥରେ ମିଶିବାର ପ୍ରତିଶୃତି ମନରେ ପୁଣି ଖୁସିର ପୁଲକ ଭରି ଦେଉଥିଲା । ଏଥର ତୁ ଆଉ ଯେଉଁମାନେ ବାହାରେ ଅଛନ୍ତି ଗୋଟିଏ ସମୟରେ ଛୁଟି ନେଇ ଆସିଲେ ଗୋଟେ ବିପୁଳ ସମାରୋହର ଆୟୋଜନ ହେବବୋଲି ଆଶା ଓ ବିଶ୍ୱାସ ସାଙ୍ଗରେ ଧରି ପୁଣି ନିଜ ନିଜର କର୍ମକ୍ଷେତ୍ରକୁ ଫେରି ଆସିଲୁ ।

ଦେଖିଲୁ, ତୋ ବ୍ୟସ୍ତମୟ ଜୀବନରେ ସମୟ ଥିବ କି ନାହିଁ ମୁଁ କିନ୍ତୁ କେତେବଡ଼ ଚିଠି ଲେଖିଲିଣି । ପଢ଼ିବୁ ନିଶ୍ଚୟ । ଆଶା ଯେ ତୁ ଯେତେବେଳେ ଏ ଚିଠି ପଢ଼ିବୁ ତୋ ଆଖି ଆଗରେ ମଧ୍ୟ ବିଗତ ଦିନର ସ୍ମୃତି ଉଜ୍ଜୀବିତ ହୋଇଯିବ । ହେଉ ତୋ ଅନୁଭୂତିର ଅପେକ୍ଷାରେ ରହିଲି । ଭଲରେ ଥିବୁ ।

ମାର୍ଫତ ; ଶ୍ରୀ ଏଲ୍ କେ ମଙ୍ଗରାଜ

ଶତାବ୍ଦୀ ନଗର, ୟୁନିଟ୍ - ୮, ଭୁବନେଶ୍ୱର

 Magazine Downloaded from www.aahwaan.com

# ନ ଭାବ କାହାକୁ ଛୋଟ



ପ୍ରେମଶୀଳା ରାଉତ

ରାସ୍ତା କଡରେ ସୁନ୍ଦର ବଗିଚାଟିଏ ଥାଏ । ନାନା ଜାତିର ରଙ୍ଗବେରଙ୍ଗର ଫୁଲ ଫଳ ଭରପୁର । ଖୁବ ମନଲୋଭା ବଗିଚାଟିଏ । ଚାରିଆଡେ ପ୍ରଜାପତି ଆଉ ଭଁଅର ଗହଳିରେ ବଗିଚାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ମନେ ହେଉଥାଏ । ସତେ କି ଦେଖିଲେ ପେଟ ପୁରିଯାଏ । ରାସ୍ତାରେ ଗଲାବେଳେ ବଗିଚାକୁ ଦେଖିଲେ ଟିକେ ଶାନ୍ତି ମିଳେ । ବଗିଚାର ଗୋଟିଏ କୋଣରେ ଗୋଲାପ ଗଛଟିଏ ଆଉ ଗଛ ତଳେ ବିରାଟ ପଥର ଖଣ୍ଡିଏ ଥାଏ । ଗୋଲାପ ଫୁଲଟି ନିଜକୁ ନେଇ ବହୁତ ଗର୍ବ କରେ, ତାର ରୂପ ମହକକୁ ନେଇ ବେଶି ଦେଖେଇ ହୁଏ । ରାସ୍ତାରେ ଯିବା ଆସିବା କଲାବେଳେ ଲୋକମାନେ ମଧ୍ୟ ଗୋଲାପ ଫୁଲର ଖୁବ ଚର୍ଚ୍ଚା କରନ୍ତି । ଦେଖ ସୁନ୍ଦର ଗୋଲାପ ଫୁଲଟିଏ, ଆହା କି ସୁନ୍ଦର ତା'ର ବାସ୍ନା, ଏମିତି କହି ଗୋଲାପ ଫୁଲକୁ ଲୋକମାନେ ବହୁତ ପ୍ରସଂଶା କରିଥାନ୍ତି । ଲୋକମାନଙ୍କ ଠାରୁ ପ୍ରଶଂସା ଜନିତ କଥାବାର୍ତ୍ତା ଶୁଣି ଖୁସିରେ ପାଗଳ ହୋଇ ପବନଦୋଳିରେ ନାଚି ଉଠେ ଗୋଲାପ ଫୁଲ ଆଉ ଗର୍ବରେ ପଥରକୁ କୁହେ ଏ ଦେଖ ମୁଁ କେତେ ସୁନ୍ଦର, ମୋତେ ସମସ୍ତେ ଭଲ ପାଆନ୍ତି, ମୋତେ ସମସ୍ତେ ପ୍ରସଂଶା କରନ୍ତି । ଆଉ ତତେ ତ ପ୍ରସଂଶା କରିବା ଦୂରର କଥା କେହି ତୋ ଆଡକୁ ଅନାଉ ବି ନାହାନ୍ତି । ଅବଡା ଖାବଡ । ହୋଇ ପଡିରହିଛୁ ଭୂଇଁରେ । ନିର୍ଜୀବ ବସ୍ତୁଟିଏ । ଧିକ ତୋ ଜୀବନ । ପ୍ରତ୍ୟେକ ଦିନ ଏମିତି ଧିକ୍କାର କରେ ଗୋଲାପ ଫୁଲ ପଥରକୁ । ସବୁବେଳେ ତାକୁ ନୀଚ ଆଖିରେ ଦେଖେ । ତଥାପି ବିଚରା ପଥର ସବୁକିଛି ସହି ନୀରବ ରହେ ଓ ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରେ ଆଉ କହେ ଭଗବାନ ମୋତେ ଶକ୍ତି ଦିଅ,

 Magazine Downloaded from www.aahwaan.com

ସାହସ, ଧୈର୍ଯ୍ୟ ଦିଅ ଗୋଲାପ ଫୁଲର ଧିକ୍କାର କଥା ଶୁଣିବାକୁ, ଏମିତି ଭଗବାନଙ୍କୁ ବହୁତ ପ୍ରାର୍ଥନା କରେ । ଦିନେ ସେଇ ରାସ୍ତାକଡ ଦେଇ ଜଣେ ପଥର କାରିଗର ଯାଉଥିଲେ । ହଠାତ ତାଙ୍କର ନଜର ପଡ଼ିଲା ବଗିଚାର ସେଇ ବିରାଟ ପଥର ଉପରେ, ସେ ମନେ ମନେ ଚିନ୍ତା କଲେ ଏଇ ପଥରକୁ ନେଇ ଗୋଟିଏ ମୂର୍ତ୍ତି ତିଆରି କରିବି ଆଉ ମୂର୍ତ୍ତିକୁ ସହରରେ ସ୍ଥାପନ କରିବି । ବଗିଚାକୁ ଯାଇ ପଥରକୁ ନେଇ ଆସିଲେ ନିଜ ଘରକୁ ଆଉ ଗୋଟିଏ ସୁନ୍ଦର ମୂର୍ତ୍ତିଟିଏ ତିଆରି କରି ମନ୍ଦିରରେ ସ୍ଥାପନ କଲେ । କିଛି ଦିନ ପରେ ସେଇ ମନ୍ଦିର ପୂଜକ ସେଇ ବଗିଚା ରାସ୍ତା ଦେଇ ଯାଉଥିଲେ । ଗୋଲାପ ଫୁଲକୁ ଦେଖି ତାଙ୍କର ଇଚ୍ଛା ହେଲା ତୋଳିବାକୁ । ଗଛ ପାଖକୁ ଯାଇ ଗୋଲାପ ଫୁଲକୁ ତୋଳି, ନିଜ ଥାଳିଆରେ ରଖି ମନ୍ଦିରକୁ ନେଇଗଲେ । ମନ୍ଦିରରେ ଯେତେବେଳେ ପୂଜକ ପହଞ୍ଚି ଫୁଲତକ ସବୁ ମୂର୍ତ୍ତି ଉପରେ ଢାଳୁଛନ୍ତି ସେତେବେଳେ ମୂର୍ତ୍ତି କହୁଛି – ଗୋଲାପ ଭଉଣୀ କ'ଣ ମୋତେ ଚିହ୍ନି ପାରିଲ ?

ଗୋଲାପ ଫୁଲ – ନା' ତ ତୁମକୁ ଜାଣି ପାରିଲିନି ।

ମୂର୍ତ୍ତି କହୁଛି – ତୁମର ମନେ ଅଛି ଭଉଣୀ ମୁଁ ସେଇ ପଥର ।

ଯାହାକୁ ତମେ ଅବଡା ଖାବଡ, ନିର୍ଜୀବ ବସ୍ତୁ କହି ମୋ ଜୀବନକୁ ଧିକ କହୁଥିଲ । ତୁମେ ତୁମ ସୁନ୍ଦରତାକୁ ନେଇ ଗର୍ବ କରି ମୋତେ ନୀଚ ମନେ କରୁଥିଲ, ମୁଁ ସେଇ ପଥର । ଆଜି ଦେଖ ତମେ ମୋ ଚରଣ ତଳେ ନିଜକୁ ସମର୍ପିତ କରୁଛ । ଏହଠୁ ବଡ ଖୁସିର କଥା ମୋ ପାଇଁ କଣ ହୋଇ ପାରେ । ଗୋଲାପ ଫୁଲ ନିଜର ଭୁଲ ବୁଝିପାରି ପଥର ନିକଟରେ କ୍ଷମା ଭିକ୍ଷା କଲା । ଏଣୁ କୁହାଯାଏ :-

*ଧନ ଯୌବନ ଜୁଆର ଜଳ*

*ରହେନାହିଁ ସେତ ଅଧିକ କାଳ*

 Magazine Downloaded from www.aahwaan.com

# ଦୁଇଟି କ୍ଷୁଦ୍ରଗଳ୍ପ



ସୁଧାଂଶୁ ଶେଖର ଦ୍ୱିବେଦୀ

## ପ୍ରତାରଣା

ଶୀତ ସକାଳର କୁହୁଡ଼ିରେ ଭିଜିଭିଜି ଚାଲିଛି ଅରୁଣ, ଛନ୍ଦା ଘରକୁ । ଛନ୍ଦା ତା ପ୍ରେମିକା, ପିଲାଦିନ ବାଲିଖେଳରୁ ତା ସହ ସମ୍ପର୍କ । ସଂପର୍କ ତ ନୁହେଁ ଏକ ରକମ ନିବିଡ଼ତାର ଅନନ୍ୟ ବନ୍ଧନରେ ବାନ୍ଧି ହେବାପାଇଁ ଅପେକ୍ଷା ମାତ୍ର । ନଈପଠା, ଘାସ ଗାଲିଚା, ମନ୍ଦିର ବେଢ଼ା ସାକ୍ଷୀ ହୋଇ ରହିଛି ଦୁହିଁଙ୍କ ଭଲ ପାଇବାର ।

କେବଳ ପାଚେରୀ ସାଜିଛି ଅରୁଣର ଚାକିରୀ । ଚାକିରୀ ପାଇଗଲେ ଛନ୍ଦାକୁ ବଧୁବେଷରେ  ସଜେଇ ନେଇଯିବ ତାଙ୍କ ଘରକୁ । ତାହାପୁଣି ପ୍ରତିଶୃତିବଦ୍ଧ ହୋଇଥିଲେ ଦୁହେଁ ଦୁହିଁଙ୍କ ପାଇଁ ।

ସବୁପରେ ପ୍ରତୀକ୍ଷାର ଅନ୍ତ ହେଲା, ଅରୁଣ ଚାକିରୀ ପାଇଲା । ଅତିଶୟ ଖୁସିରେ ବିଭୋର ହୋଇ ଘରକୁ ଫେରିବାପାଇଁ ରାତି ଟ୍ରେନ୍ ଧରିଲା । ଶୀତଦିନିଆ କାକରଭିଜା ସକାଳେ ଗାଡ଼ିରୁ ଓହ୍ଲେଇ ସିଧା ଆଗକୁ ପାଦ ପକେଇଲା ଛନ୍ଦା ଘର ଅଭିମୁଖେ ।

କ୍ରମଶଃ, ଛନ୍ଦା ଘର ଆଡୁ ଶୀତୁଆ ପବନରେ ଶାହାନାଇର ଶବ୍ଦ ରହି ରହି ଶୁଣିପାରୁଥିଲା ସେ । ହଠାତ୍ ମୁଣ୍ଡଟା ତାର ଗୋଳମାଳ ହୋଇଗଲା ଅନେକ ଭାବନାର ଖିଅ ସବୁ ତା ମୁଣ୍ଡଟାକୁ ଅଡୁଆତଡୁଆ କରି ପକାଇଲେ । ତେବେ.. କଣ... ? ? ?

ଅଣନିଃଶ୍ୱାସୀ ହୋଇ ଧାଇଁଲା ସେ । ଅଳ୍ପ ଦୂରତାରୁ ଛନ୍ଦା ଘରର ଚତୁଃପାର୍ଶ୍ୱ

 Magazine Downloaded from www.aahwaan.com

ସାଜସଜ୍ଜା, ବାଜା ମହୁରୀର ଶବ୍ଦ ଶୁଣି ନିଜକୁ ବିଶ୍ୱାସ କରି ପାରୁନଥିଲା । ହୁଏତ ଭୁଲରେ ଅନ୍ୟ କୋଉଠିକୁ ଚାଲି ଆସିଛି, ପୁଣି କିଛିକ୍ଷଣପରେ ଛନ୍ଦା କନିଆ ସାଜି ଆଉ କାହା ହାତଧରି ବିଦା ହୋଇ ଯାଉଥିବାର ଦୃଶ୍ୟକୁ ଦେଖି ବରଫ ପାଲଟିଗଲା ତା ମନ-ଆତ୍ମା-ଶରୀର । ସହି ବରଫାକୃତ ମଣିଷର ଦୁଇଗାଲ ଦେଇ ବହିପଡ଼ିଲା ଲୁହର ଶ୍ରାବଣ । ଚକା ଭଉଁରୀ ସଦୃଶ ଚାରିପାଖ ଘୁରିଲାପରି ଅନୁଭବ କଲା ସେ । ଲଥକରି ବସିପଡ଼ିଲା ଭୂଇଁ ଉପରେ । କଇଁ କଇଁ କାନ୍ଦୁଥିବା ମନଟାକୁ ବୁଝାଇ କହୁଥିଲା, ସତରେ କଣ ମୋ ଭଲ ପାଇବା ପ୍ରତାରଣା ଥିଲା ?

+=====================================+

ପରିବର୍ତ୍ତନ

ସ୍ମୃତି ସବୁ ସ୍ୱପ୍ନ ପାଲଟି ଯାଏ । ହୃଦୟର କୋଣ ଅନୁକୋଣରେ ବୁଢ଼ିଆଣୀ ଜାଲ ପରି ଛନ୍ଦିଯାଏ । ପୁଣି ମନେପଡ଼ିଲେ ଘରକୋଣରେ ଓହଳିଥିବା ଅଳନ୍ଧୁ ପରି ପ୍ରତୀୟମାନ ହୁଏ । ଅତୀତରେ ଘଟିଥିବା ଘଟଣା ହିଁ ସ୍ମୃତି । କେବେ କେମିତି ମନେ ପଡ଼ିଲେ ଧାଇଁଯାଏ ଅନନ୍ତ ଅତୀତକୁ...

ମୁଁ ନିଜକୁ ଏକାକୀ ମନେ କଲେ ମନେପଡ଼େ ସେ । ସେ ମୋର କେହି ନୁହେଁ, ତା ସତ୍ତ୍ୱେ ବି କାହିଁକି କେଜାଣି ତା'ପ୍ରତି ଏକ ବାତ୍ସଲ୍ୟ ଶ୍ରଦ୍ଧା ଝରିଯାଏ ମୋ ଅଜାଣତରେ । ଇଚ୍ଛାହୁଏ ତା ପାଖକୁ ଧାଇଁ ଯାଆନ୍ତି କି ! କିନ୍ତୁ ଯାଇପାରେନି ।

ଝିଅଟେ, ତା ନାଁ ସହ ମୁଁ ସମ୍ପୂର୍ଣ୍ଣ ଅନଭିଜ୍ଞ ନହେଲେ ବି ଧରାଯାଉ ସେ ସୁମତୀ, ସୁନ୍ଦରୀ ନୁହେଁ କି ଅସୁନ୍ଦରୀ ନୁହେଁ । ସରଳ-ତରଳ-ନିଷ୍କପଟ ଅତଏବ ଛୋଟ ବୟସରୁ ସଭିଙ୍କୁ ବଶ କରିବାର ମନ୍ତ୍ର ସେ ଜାଣିଥିଲା ।

 Magazine Downloaded from www.aahwaan.com

ସେ ଯେଉଁଦିନ ଆମଘରେ କାମ କରିବାପାଇଁ ଆସିଲା ସେଦିନ କେହି ବିଶ୍ୱାସ କରି ନଥିଲେ ଝିଅଟା ଏତେଦିନ ଧରି ରହିଯିବ । ଆମ ସମସ୍ତଙ୍କର ଅବିଶ୍ୱାସକୁ ମିଥ୍ୟା ବୋଲି ପ୍ରମାଣିତ କରି ଖୁବ୍ ଅଳ୍ପ ଦିନ ମଧ୍ୟରେ ସଭିଙ୍କୁ ସ୍ନେହ ଡୋରିରେ ବାନ୍ଧିଦେବ । ପରିବାରରେ ସଭିଙ୍କ ଅର୍ଡର୍ ମୁତାବକ ସେ କାହାରିକୁ କେବେ ଅମାନ୍ୟ କରିନି । ଅଥଚ ଫଳ ଆଶା ନ ରଖି ନିଷ୍କାମ କର୍ମୀ ଭାବେ ସବୁ କାମକୁ ହସି ହସି କରିଛି ।

ସମୟ କାହାକୁ ଅପେକ୍ଷା କରେନି, ସୁମତୀ କ୍ରମଶଃ ବଡ଼ ହେଲା । ଯୌବନର ମନଲୋଭା କାହାଣୀରେ ଅପ୍ରତ୍ୟାଶିତ ପରିବର୍ତ୍ତନ ହେଲା ତା'ଠି ।

ହଠାତ୍ ଦିନେ ଶୁଣିବାକୁ ମିଳିଲା, ସୁମତୀ ରାତି ଅଧରେ ଆମଘର ଛାଡ଼ି ପଳେଇଛି । ଅଭିଆଡ଼ି ଝିଅ, କୋଉଠିକୁ ଯିବ ? କୁଆଡ଼େ ଗଲା ? କାହା ସହ ଗଲା ? ପରିବାର ମଧ୍ୟରେ ସଂତ୍ରସ୍ତ, ସଭିଙ୍କ ମନରେ ଅଜଣା ପ୍ରଶ୍ନ ।

କିଛିଦିନ ପରେ ଜଣାଗଲା ଗାଁ ଶେଷମୁଣ୍ଡରେ ଥିବା ମଦନ ଦାସ ପୁଅ ସହ କୋଉ ମନ୍ଦିରକୁ ଯାଇ ବାହା ହୋଇଯାଇଛି ।

ସୁମତୀ ଭଳି ଶାନ୍ତ-ସରଳ ଜଣାଯାଉଥିବା ଝିଅ ଯେ ଏଭଳି କାମ କରିବ କିଏ ଜାଣିଥିଲା ? ତଥାପି ଆମକୁ ତାହା ମାନିବାକୁ ପଡ଼ିଲା । ପରିସ୍ଥିତିରେ ସମୟ ବି ପରିବର୍ତ୍ତନ ହୋଇଯାଏ । ସୁମତୀ ତ ଜଣେ ସାମାଜିକ ପ୍ରାଣୀ ମାତ୍ର ।

ବିସି-୭୪, ସେକ୍ଟର-୧

ସଲ୍ଟ୍ ଲେକ୍, କୋଲକାତା - ୭୦୦୦୬୪

ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

 Magazine Downloaded from www.aahwaan.com

# ବୋଉର ପଣତକାନି



ପ୍ରଶାନ୍ତ କୁମାର ନାଥ

ଦୁନିଆଁରେ ସମସ୍ତେ ସବୁକିଛି ଭୁଲି ଯାଇପାରନ୍ତି । କିନ୍ତୁ ମା'ର ମମତାକୁ ଭୁଲି ହୁଏନା । ବୋଉ ପଣତକାନିର ମିଠା ପରଶ କଣ କେହି ଭୁଲିପାରିବି । ଦେହରୁ ଟିକେ ଝାଳ ବୋହିଗଲେ ବୋଉ ନିଜର ପଣତକାନିରେ ପୋଛି ଦେଇଥାଏ । ଆଖିରେ କିଛି ପଡିଗଲେ ସେହି ପଣତ କାନିରେ ଆଫା କରିଦିଏ । ଝୁଣ୍ଟି ପଡିଲେ ସେହି ପଣତକାନିରେ ଦେହରୁ ଧୂଳି ଝାଡ଼ିଦିଏ । ଶୀତ ଲାଗିଲେ ସେହି ପଣତକାନିରେ ଦେହକୁ ଘୋଡେଇ ଦିଏ । ଖାଇ ସରିଲେ ପଣତକାନିରେ ମୁହଁ ପୋଛିଦିଏ । ପିଲାଟି ବେଳକୁ ସେହି ପଣତକାନିରେ ହିଁ ମୋହ ଲାଗି ରହିଥାଏ । ବୋଉର ପରଶ, ବୋଉ ହାତରନ୍ଧା, ବୋଉର ସେନେହ ବୋଳା କଥା, ଆଉ ବୋଉର ମମତା ନା କିଏ ଭୁଲିଛି ନା ଭୁଲିପାରିବ । ସେମିତି ବିବେକ ମଧ୍ୟ ବହୁତ ଭଲ ପାଉଥିଲା ତାର ବୋଉକୁ । ଯୁଆଡେ ଗଲେ ବି ଘରକୁ ଫେରିଲେ ପ୍ରଥମେ ଧାଇଁ ଯାଉଥିଲା ବୋଉ ପାଖକୁ । ବୋଉର କୋଳରେ ଟିକେ ମୁଣ୍ଡ ରଖି ଶୋଇ ପଡୁଥିଲା । ଆଉ ତାକୁ ଲାଗୁଥିଲା ଯେମିତି ଦୁନିଆଁଯାକର ଖୁସି ଆସି ତା ହାତରେ ଧରା ଦେଉଛି । ଏତେ ବଡ଼ ହେଲେ ବି ସବୁବେଳେ ବୋଉ ବୋଉ ହେଉଥିଲା । ଯେଉଁଥି ପାଇଁ ରୁପା (ତା'ର ଭଉଣୀ) ତାକୁ ଚିଡ଼ାଉଥିଲା ଏବେ ସିନା ବୋଉବୋଉ ହେଉଛୁ । ଯେତେବେଳେ ବାହାହେବୁ ମୁଁ ଦେଖିବି ଯେ କେତେ ବୋଉବୋଉ ହେବୁ ।

ପାଠପଢ଼ା ସରିଯାଇଥିଲେ ବି ବୋଉକୁ ଛାଡ଼ି କୁଆଡ଼େ ବାହାରକୁ ଯାଉନଥିଲା । ତାକୁ ଲାଗୁଥିଲା ତା ବୋଉକୁ ଛାଡ଼ି ସେ ରହିପାରିବନି । କିନ୍ତୁ ଗାଁରେ କ'ଣ ବା ସେ କରିବ । ତା'ର ସାଙ୍ଗମାନେ ବାହାରେ ରହି କେତେ ରୋଜଗାର କରୁଛନ୍ତି । ଗାଁ ଲୋକମାନେ ମଧ୍ୟ ତାକୁ ଆକ୍ଷେପ କରି କହୁଛନ୍ତି । ତା'ର ବୋଉ ମଧ୍ୟ କେତେ ବୁଝାଉଥିଲେ । ଆରେ ତୁ କେତେଦିନ ଏମିତି ମୋ ପିଛା ଧରିଥିବୁ । ଏତେ ବଡ଼ ହେଲୁଣି ଏବେ ତ ମୋ ପିଛା ଛାଡ଼ିଦେ । ମୋର

 Magazine Downloaded from www.aahwaan.com

ଯଦି କିଛି ହୋଇଯାଏ ତୁ ପୁଣି ଏକଲା ରହିବୁ ତ ।

ତା'ର ଜଣେ ସାଙ୍ଗ ବାଙ୍ଗାଲୋରରେ ରହୁଥିଲା । ତାକୁ କହିଲା ବାଙ୍ଗାଲୋର ଯିବାକୁ । ଇଛା ନଥିଲେ ବି ତା ସହ ବାଙ୍ଗାଲୋର ବାହାରିଲା । ତା'ର ଭଉଣୀ ତା'ର ସବୁ ଜିନିଷପତ୍ର ଯତ୍ନର ସହିତ ଆଟାଚିରେ ରଖିଦେଲା । ବିବେକ କିନ୍ତୁ ଭାବୁଥାଏ ବୋଉକୁ ଛାଡ଼ି କେମିତି ରହିବ । ବୋଉ ହାତର ମୁଣ୍ଡ ଆଉଁସା ନ ପାଇଲେ ତାକୁ ନିଦ ହୁଏନି । ବୋଉ ପଣତକାନିରେ ମୁହଁ ନ ପୋଛିଲେ ତାକୁ ଭଲ ଲାଗେନି ।

ସାଙ୍ଗ ସହିତ ବାଙ୍ଗାଲୋର ଗଲା । ଫୋନ କରି ବୋଉ ସହିତ କଥାହୁଏ ବେଳେବେଳେ କାନ୍ଦିପକାଏ ମଧ୍ୟ । ଏପଟେ ବୋଉକୁ ମଧ୍ୟ କିଛି ଭଲ ଲାଗୁନଥିଲା । ଭାବୁଥିଲା ପିଲାଟା ଖାଉଥିବ କି ନାହିଁ । କେମିତି ରହୁଥିବ କଣ କରୁଥିବ ଏମିତି ନାନା ପ୍ରକାର ଚିନ୍ତା ଆସୁଥିଲା ତା'ର ମୁଣ୍ଡକୁ ।

ସେଦିନ ବୋଉ ତା'ର ମାମୁଁଘରକୁ ଯିବାକୁ ବାହାରିଲେ । ବକ୍ସ ଖୋଲି ଶାଢ଼ୀ ଖୋଜିଲେ । ଦେଖିଲେ ଗୋଟେ ଶାଢ଼ୀ ପାଇଲେନି । ସବୁ ଖେଳେଇ ଖାଲେଇ ଖୋଜିଲେ । ସେତିକି ବେଳେ ବିବେକ ଫୋନ କରିଥିଲା । ପଚାରିଲା ବୋଉ କଣ କରୁଛୁ ? ବୋଉ କହିଲା ଗୋଟେ ଶାଢ଼ୀ ଖୋଜୁଛି କୋଉଠି ପାଉନି । ବିବେକ ଚୁପ କିଛି ସମୟ ଚୁପ ହୋଇଗଲା । ଆଉ କହିଲା, ବୋଉଲୋ ମୁଁ ସେହି ଶାଢ଼ୀଟି ମୋ ସାଥିରେ ନେଇ ଆସିଛି । ତୋର ପଣତ ଛୁଆଁ ନ ପାଇଲେ ପରା ମୋର ଆଖିକୁ ନିଦ ଆସେନି । ସେହି ଶାଢ଼ୀଟି ପରା ମୋର ଆସରା । ତାଛଡା ମୋ ପାଖରେ ବଞ୍ଚିବାକୁ ଆଉ କଣ ରାହା ଅଛି ଯେ । ବୋଉର ଆଖିରୁ ଝରି ଯାଉଥିଲା ଧାରଧାର ହୋଇ ଲୁହ ।

ସୁନ୍ଦରପୁର, ପ୍ରୀତିପୁର, ଯାଜପୁର ।
ଭ୍ରାମ୍ୟଭାଷ : ୦୮୮୯୨୩୦୧୧୪୩

 Magazine Downloaded from www.aahwaan.com

# ମନୋଭାବ



ସରୋଜିନୀ ସାହୁ

ଡାକ୍ତର ସରିତା ପଟ୍ଟନାୟକ ଅପରେସନ ଥିଏଟରରୁ ବାହାରି ନିଜ କ୍ୟାବିନକୁ ପ୍ରବେଶ କଲେ । ପାଣି ଗ୍ଲାସଟିଏ ପିଇ ଆଶ୍ୱସ୍ତ ଅନୁଭବ କଲେ । ମୁଖରୁ ଭୟ ଓ ଚିନ୍ତାରେ ଥିବା ସ୍ୱଷ୍ଟ ବାରି ହୋଇ ପଡୁଥିଲା । ନିଜ ଚେୟାରରେ ବସି ସେ ଭାବୁଥିଲେ ସେହି ଆଠ ବର୍ଷର ଛୋଟ ଝିଅଟି କଥା । ଝିଅଟି ଥିଲା ତାଙ୍କ ନିଜ ଝିଅ ବୟସର । ଅପରେସନ କରି ତାକୁ ବଞ୍ଚାଇବାକୁ ଚେଷ୍ଟା କରିମଧ୍ୟ ଆଜି ସେ ବିଫଳ । ସେଥିପାଇଁ ତାଙ୍କ ମନ ବ୍ୟସ୍ତ ଓ ବିବ୍ରତ ।

ସେଦିନର କଥା ତାଙ୍କର ଗୋଟି ଗୋଟି କରି ମନେ ପଡ଼ି ଯାଉଥାଏ । ଯେଉଁଦିନ ଗଣଧର୍ଷଣର ଶିକାର ହୋଇଥିବା ଝିଅଟିକୁ ମୁମୂର୍ଷୁ ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ସେ ଝିଅଟିର ଚିକିତ୍ସା ଆରମ୍ଭ କରିଥିଲେ । ଚିକିତ୍ସା ସୁଚାରୁ ରୂପେ ସମ୍ପନ୍ନ କରିବାପାଇଁ ସେ ସବୁ ପ୍ରକାର ଚେଷ୍ଟା କରିଥିଲେ । କିନ୍ତୁ ଆଜି ତାଙ୍କର ସବୁ ଚେଷ୍ଟା ବିଫଳ । ଦୀର୍ଘ ୩ ଦିନର ସଂଗ୍ରାମପରେ କୁନି ଝିଅଟି ଆଜି ଆଖି ବୁଜିଦେଲା ।

ତାଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା । ଆମ ସମାଜରେ ବାସ କରୁଥିବା ଲୋକମାନଙ୍କର ମନୋଭାବ କେତେ କୁତ୍ସିତ ଓ କଦର୍ଯ୍ୟ । ସେମାନଙ୍କର କୁକର୍ମ ପାଇଁ ଛୋଟ ଛୋଟ ପିଲାମାନେ ଖେଳିବା ବୁଲିବା ବୟସରେ ନିର୍ଯ୍ୟାତନାର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି । ସମସ୍ତଙ୍କ ପାଇଁ ନାରୀ ପୂଜନୀୟା । ନାରୀମାନେ ମାଆ ଓ ଭଉଣୀ । ତଥାପି ସେମାନଙ୍କ ଉପରେ ଅତ୍ୟାଚାର ବଢ଼ି ବଢ଼ି ଚାଲିଛି । କେବେ ଭାବିଛନ୍ତି ଯୁଗେ ଯୁଗେ

 Magazine Downloaded from www.aahwaan.com

ମାଆଙ୍କ ଆଶୀର୍ବାଦ ପାଇଁ ଆମେ ମା ଦୁର୍ଗା, କାଳୀ, ଲକ୍ଷ୍ମୀ, ପାର୍ବତୀ ଆଦିଙ୍କୁ ପୂଜା କରି ଆସୁଛୁ । ତଥାପି ଆଜିର ଯୁଗରେ ନାରୀକୁ ତାର ସମ୍ମାନ ମିଳୁନାହିଁ । ନାରୀ ନିର୍ଯ୍ୟାତନା ଦିନକୁ ଦିନ ବଢ଼ି ଚାଲିଛି । ଛୋଟ ଛୋଟ ଶିଶୁମାନେ ମଧ୍ୟ ଏଥିରୁ ରକ୍ଷା ପାଉନାହାନ୍ତି । ଆମ ସମାଜରେ ନାରୀମାନେ କ'ଣ ଏତେ ଅସୁରକ୍ଷିତ ? କ'ଣ କେବେ ଲୋକମାନଙ୍କର ମନୋଭାବରେ ପରିବର୍ତ୍ତନ ହେବନାହିଁ ?

ନିଜର ଭାବନା ରାଇଜରେ ବୁଡ଼ି ରହିଥିବା ସମୟରେ ହଠାତ୍ ଫୋନ୍ ରିଂ ହେବାରୁ ଡାକ୍ତର ସରିତା ଦେଖିଲେ ଝିଅ ମିତାଲିର ଫୋନ୍ । ସେ ଫୋନ୍ ରିସିଭ୍ କରିବାକୁ ସେପଟୁ ଝିଅର ଭୟମିଶା ସ୍ୱର । ମାଆ ତୁମେ କେତେବେଳେ ଆସିବ ? ବାବା ଏ ପର୍ଯ୍ୟନ୍ତ ଘରକୁ ଫେରିନାହାନ୍ତି । ମୁଁ ଘରେ ଏକୁଟିଆ । ମୋତେ ବହୁତ ଡର ଲାଗୁଛି । ମାମା ତମେ ଶୀଘ୍ର ଘରକୁ ଆସ । ସରିତା ଦେବୀ ଫୋନ କାଟିଲେ । ଘଣ୍ଟାକୁ ଅନେଇଲେ, ସଂଧ୍ୟା ଆଠଟା ବାଜିଲାଣି । ସେ ସମୟ ବିଳମ୍ବ ନ କରି ନିଜ ଝିଅ କଥା ଭାବି ବ୍ୟସ୍ତ ହୋଇ ଘରକୁ ବାହାରି ପଡ଼ିଲେ ।

 Magazine Downloaded from www.aahwaan.com

# ଗୁଲୁଗୁଲା ବନାମ ଚିକେନ୍ ପକୋଡ଼ା



ଅନୁସୂୟା ଜେନା

ରାଜରାସ୍ତା କଡରେ ଗାଁଟିଏ । କାହିଁ କେଉଁ ଆବହମାନ କାଳରୁ ଗାଁ ମୁଣ୍ଡରେ ଗୋଟେ ପଟେ ବର ଗଛ ଆଉ ଗୋଟେ ପଟେ ଓସ୍ତ ଗଛ ଶାଖା ମେଲାଇ ବସିଛନ୍ତି ଗାଁ ଭିତରକୁ ସ୍ୱାଗତ କରିବାକୁ । ବରଗଛର ଠିକ ତଳେ ଛୋଟ ପୋଖରୀଟିଏ । ଗାଁ ପିଲାଏ ବର ଓହଳରେ ଓହଳି ପୋଖରୀ ଭିତରକୁ ଲମ୍ଫ ଦିଅନ୍ତି, ପୁଣି ପହଁରି ଆସି ବର ଓହଳରେ ଝୁଲନ୍ତି । ଏଇଟା ଗୋଟିଏ ତାଙ୍କର ନିତିଦିନିଆ କସରତ ଆଉ ମଉଜ । ଓସ୍ତ ଗଛ ତଳେ ଗାଁ ମଶାଣି । ହାତେ ଦୂରରେ ଦଶ ବାରଟି ଛୋଟ ଛୋଟ ସମାଧି ମନ୍ଦିର । ମଶାଣି ସିଧାରେ ଦେଖାଯାଏ ବଡ ଦେଉଳ, ପୁରୁଷୋତ୍ତମ କ୍ଷେତ୍ର । ଏ ଗାଁ ରେ କେହି ମଲେ ସ୍ୱର୍ଗଦ୍ୱାର ଯାଆନ୍ତି ନାହିଁ, ଯୁକ୍ତି ହଉଛି, ସ୍ୱର୍ଗଦ୍ୱାରରେ ତ ବଡ ଦେଉଳ ଦେଖାଯାଏନି, ଏଠି ଦେଖାଯାଏ, ତା'ହେଲେ ଏଇ ଗାଁ ମଶାଣିରେ ତ ପୋଡା ହେଲେ ସ୍ୱର୍ଗ ପ୍ରାପ୍ତି ! !

ସେଇ ଗଛ ପାଖରୁ ନାଲି ମୋରମ ରାସ୍ତା ମାଡି ଯାଇଛି ଗାଁ ଭିତରକୁ । ଶହେ ଦୁଇଶ ମିଟର ଆଗକୁ ଗଲେ ପଡେ ଗାଁ ପ୍ରାଥମିକ ସ୍କୁଲ । ସ୍କୁଲ କହିଲେ ଦୁଇ ବଖରା ଆଜବେଷ୍ଟସ ଘର, ଦର ଭଙ୍ଗା କବାଟ, ଝରକାରେ ରେଲିଙ୍ଗ ନାହିଁ । ଘର ଚାରିପଟେ ବାରଣ୍ଡା ବୁଲିଛି । ସ୍କୁଲ କଡରେ ପୋଖରୀ, ସାମନା ଫାଙ୍କା । ତେଣୁ ଗାଁ ଲୋକେ ଖରାବେଳେ ଗାମୁଛା ପକେଇ ସେଇ ବାରଣ୍ଡାରେ ସୁଲୁସୁଲିଆ ପବନ ଖାଇ ଘୁମେଇବାକୁ ଚାଲି ଆସନ୍ତି । ସେଇଠି ପ୍ରଥମରୁ ପଞ୍ଚମ ଶ୍ରେଣୀଯାଏ ପିଲା ପାଠ ପଢନ୍ତି । ଦ୍ୱିତୀୟ ଶ୍ରେଣୀ ପିଲାଏ ବଡ ପାଟିରେ "ମୋ ପାଠ ବହି"ରୁ ବୋଲୁଥାନ୍ତି : " ଖସାଇ ରାତିର କଳା ପରଦା ଟି ହସି ହସି ରବି ଆସଇ ଉଇଁ" ।

 Magazine Downloaded from www.aahwaan.com

ଏଇ ପାଟି ଭିତରେ ଗୁରୁମା' ଘୁମେଇ ପଡିଥିବା ବେଳେ କିଛି ଦୁଷ୍ଟ ପିଲା ସେଇ ଭଙ୍ଗା ଝରକା ଦେଇ ଆରାମରେ ପଛ ବାରଣ୍ଡାକୁ ଚାଲି ଆସି ଖେଳନ୍ତି । ବାରଣ୍ଡାରେ ଶୋଇଥିବା ଲୋକଙ୍କର ତାଙ୍କ ଉପରେ ନଜର ପଡିଲେ ଗୁରୁମା'ଙ୍କ ଜିମାରେ ନେଇ ଦିଅନ୍ତି ଆଉ ଗୁରୁମା ସେ ପିଲାଙ୍କୁ ଭଲ କରି ଦି'ଟା ଉତ୍ତମ ମଧ୍ୟମ ଦେଇ ନିଜର ଘୁମେଇବା ଗୁଣଟିକୁ ଲୁଚେଇବାକୁ ଚେଷ୍ଟା କରନ୍ତି ।

ସ୍କୁଲ ଆଗକୁ କିଛି ବାଟ ଗଲା ପରେ ଗାଁ ଦୁଇ ଭାଗ ହେଇ ଯାଇଛି । ଗୋଟେ ଉପର ମୁଣ୍ଡ ସାହିମାନଙ୍କୁ ଆଉ ଗୋଟେ ତଳ ମୁଣ୍ଡ ସାହିସବୁକୁ । ତଳ ମୁଣ୍ଡ ସାହିର ଠିକ ମଝାମଝି କୁଞ୍ଜିଆର ଦୋକାନ । ଦୋକାନ କହିଲେ ଗୋଟେ ନୂଆଣିଆ ଚାଳିଆ, ଚାଳିଆ ଆଗରେ ଗୋଟେ କଡରେ କୋଇଲା ଚୁଲି ଭାଟି । ଆର କଡରେ ଦୁଇଟା ବେଞ୍ଚ । ଦୋକାନକୁ ଲାଗିଛି ଗଣପତିଙ୍କ ଆସ୍ଥାନ । ଆସ୍ଥାନ ବୋଲି ଗୋଟେ ତିନି ଚାରି ହାତ ଉଞ୍ଚ ପଥରରେ ସିନ୍ଦୁର ଚନ୍ଦନ ବୋଳା ହେଇ ହେଇ ସେଇଟା ଗଣପତି ମୂର୍ତ୍ତି ପାଲଟି ଯାଇଛି ଆଉ ଗାଁ ସ୍ତ୍ରୀ ଲୋକ ମାନେ ସେ ଜାଗାକୁ ଟିକେ ସଫା ସୁତରା କରି ସକାଳେ ସଞ୍ଜରେ ସେଠି ସଳିତା, ଧୂପକାଠି ଜାଳି ତାକୁ ଗୋଟେ ଆସ୍ଥାନ କରିଦେଇଛନ୍ତି ।

କୁଞ୍ଜିଆର ସ୍ତ୍ରୀ ରାଧା ଛ ଫୁଟର ନିଦା ମାଇପି । ଘରେ ବିରି ବାଟି, ବଡ ତସଲାରେ ପୁରେଇ ମୁଣ୍ଡ ଉପରେ ଥୋଇ ଗାଁ ଦାଣ୍ଡରେ ସକାଳେ ସଞ୍ଜରେ ସେ ହଲି ହଲି ଗଲାବେଳେ, ତା ଆସିବା ସମୟ ଜାଣି ଉଞ୍ଚା ଉଞ୍ଚା ବାରଣ୍ଡାର ମୋଟା ଖୁଣ୍ଟି ପଛରେ ଲୁଚିଥିବା ପିଲାମାନେ ଚାପା କଣ୍ଠରେ ଡାକ ପକାନ୍ତି: "ଲୋ ରାଧା, ବେଇଗି ଗାଧା, ଯିବୁ ଖୋରଧା ।" ସେ ସ୍ୱର ଆସୁଥିବା ବାରଣ୍ଡା ଆଡକୁ ମିଛ ରାଗ ଦେଖେଇ ରାଧା ମାଡି ଗଲେ, କିଲିକିଲି ହେଇ ପିଲା ମାନେ ଘର ଭିତରକୁ ଦୌଡନ୍ତି, ଆଉ ରାଧା ତା ବାଟରେ ଚାଲିଯାଏ ଦୋକାନ ଆଡକୁ । କୁଞ୍ଜିଆ ବରା ଛାଣେ, ରାଧା ତାକୁ ସାହାଯ୍ୟ କରେ । ଦୋକାନ ତଳେ ଅଖା ଖଣ୍ଡେ ପକାଇ

 Magazine Downloaded from www.aahwaan.com

ପୁରୁଣା ଖବର କାଗଜ ସବୁକୁ ସମାନ ସାଇଜରେ କାଟି ରଖୁଥାଏ ତା ପୁଅ ବଗୁଲା, ସେଇ କାଗଜରେ ତା ବାପା ଲୋକଙ୍କୁ ଛଣାଛଣି ଜିନିଷ ଦବ ବୋଲି । ଆଗରୁ କୁଞ୍ଜିଆ ଘୁଗୁନି ତିଆରି କରି ରଖିଥାଏ । ସେ ବରା ଛାଣିଲା ଭିତରେ ରାଧା ଗୁଲୁଗୁଲା ତିଆରି କରିବା ପାଇଁ ଅଟାରେ ଚିନି, ଲୁଣ, କ୍ଷୀର, ପାନ ମଧୁରୀ ଆଦି ପକେଇ ଚକଟେ, ଗୁଳା ଗଢେ । ଏଇ ଭିତରେ ଗାଁ ପିଲାଏ ଷ୍ଟିଲ ଗିନା, ଗିଲାସ ଧରି ଆସି ପହଞ୍ଚିଯାନ୍ତି ଘୁଗୁନି ନବାକୁ । ଟଙ୍କାରେ ଚାରିଟା ବରା ଆଉ ଗିନାରେ ଆଠଣା କି ଟଙ୍କାଏର ଘୁଗୁନି । ଘରର ବାସି ପାଇଟି ସାରିଲା ବେଳକୁ ଖରା ଆସି ପିଲାଙ୍କ ସ୍କୁଲବେଳ ହେଇ ଯାଇଥାଏ, ସେଇଥି ପାଇଁ ମା'ମାନେ ଟଙ୍କାଏ ଦି' ଟଙ୍କା ଦେଇ ପିଲାଙ୍କୁ ପଠେଇ ଦିଅନ୍ତି ଘୁଗୁନି କି ବରା ଆଣିଲେ ପଖାଳ ଖାଇ ସ୍କୁଲ ଚାଲିଯିବେ ବୋଲି । ଯୋଉ ପିଲା ପଇସା ନ ଆଣି ମୁହଁ ସୁଖେଇ ସବା ପଛରେ ଠିଆ ହେଇଥାଏ, କୁଞ୍ଜିଆ ତାକୁ ନିରାଶ କରେନି । କାଗଜରେ ଦି'ଟା ବରା ପୁରେଇ କାଗଜ ମୋଡିଦେଇ ତାକୁ ଧରେଇ ଦିଏ । ଏ ସବୁ କାମ ସରିଲେ ଆରମ୍ଭ ହୁଏ ଗୁଲୁଗୁଲା ଛଣା । ଚା' ସାଙ୍ଗେ ଗୁଲୁଗୁଲାର ଗ୍ରାହକ ଖୁବ ବେଶୀ । ତେଣୁ ଦି' ବେଳା ଯାକ କୁଞ୍ଜିଆ ଗୁଲୁଗୁଲା ଛାଣିବା ପକ୍କା । ଖରାବେଳକୁ ଛାଡିଦେଲେ ସକାଳେ ସଞ୍ଜରେ କୁଞ୍ଜିଆ ଦୋକାନ ଚଳଚଞ୍ଚଳ । ବେଞ୍ଚ ଉପରେ ବସି, ଆଉ ବସିବାକୁ ଜାଗା ନପାଇ ଠିଆ ହେଇ ଅବା ସାଇକେଲକୁ ଆଉଜି ଗାଁ ଲୋକଙ୍କର ସେଠି ଖୁବ ଖଟି ଜମେ । ଚା' ଆଉ ଗୁଲୁଗୁଲା ଖିଆ ଭିତରେ କଥା ଖିଅ ଲମ୍ବି ଯାଏ ଢିଙ୍କିଶାଳ ଠାରୁ ଢେଙ୍କାନାଳ ପର୍ଯ୍ୟନ୍ତ, ରାଜନୀତିରୁ ଆରମ୍ଭ କରି ଜମିବାଡି ଭାଗ ବଣ୍ଟୁଆରା ପର୍ଯ୍ୟନ୍ତ । ଯଦି କାହାର କିଛି ମନ ଫଟାଫଟି କି ରାଗ ରୋଷ ଥାଏ, ସେଇଟା ବି ସମାଧାନ ହେଇଯାଏ ମଧ୍ୟସ୍ଥିକୁ ଚା' ଗିଲାସେ ଆଉ ଚାରିଟା ଗୁଲୁଗୁଲା ଦେଇ । କିଏ ପଇସା ଦେଲା କି ନଦେଲା କୁଞ୍ଜିଆ ସେଥିରେ ବ୍ୟସ୍ତ ହେଇଯାଏନି, ତା'ର ଖୁସି ଯେ ତା ଦୋକାନ ଆଗରେ ଗହଳି ହୁଏ, ଗପସପ ଚାଲେ ଆଉ ଲୋକଙ୍କ ସମସ୍ୟା ସମାଧାନ ହୁଏ ।

 Magazine Downloaded from www.aahwaan.com

-କୋଡିଏ ବର୍ଷ ପରେ –

ଆରେ ସମୀର, ଗାଡ଼ି ଧିରେ ଚଲା । ଏଇଠି କୋଉ ଜାଗାରେ ଗାଁକୁ ଛାଡି ଆଗକୁ ଚାଲିଯିବୁ । ହେଇ ଦେଖ, ସେ ପେଟ୍ରୋଲ ପମ୍ପ । ଗାଡି ଡାହାଣକୁ ବୁଲା । ଏବେ ବର ଆଉ ଓସ୍ତ ଗଛ ନୁହେଁ, ପେଟ୍ରୋଲ ପମ୍ପ ସ୍ୱାଗତ କରୁଛି ଗାଁ ଭିତରକୁ । ସେମାନେ ଏ ଭିତରେ ନାସନାଲ ହାଇୱେ ନିର୍ମାଣରେ ନିଜ ସତ୍ତା ହରେଇ ଦେଇଛନ୍ତି । ଗାଁ ମଶାଣିକୁ ଚିରି ରାସ୍ତା ଦି’ ଭାଗ ହେଇ ଯାଇଛି । ଟ୍ରାଫିକ କଣ୍ଟ୍ରୋଲ କରିବାକୁ ବିକଳ୍ପ ରାସ୍ତା ଲମ୍ବିଛି ସେଇଠୁ ସହର ଯାଏ । ଗାଁର ମୁଖ୍ୟ ରାସ୍ତାରେ ଥିବା ଚାଷଜମି ସବୁ ବିକ୍ରି ହେଇ ବାହାର ଲୋକ ଘର କରି ରହିଲେଣି । ଗାଁ ଭିତର ଚିକ୍କଣ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା, ଆଉ କଚ୍ଚା ରାସ୍ତାରେ ଚିକ୍କଣିଆ ନାଲି ଧୁଳି ଉଡୁନି । ଗାଁ ସ୍କୁଲ ସର୍ବଶିକ୍ଷା ଅଭିଯାନ ଅଧୀନରେ ଦୁଇ ମହଲା କୋଠା । ବଡ ଫାଟକ ଲାଗି ତାଲା ଝୁଲିଛି । ଗାଡି ମାଡି ଚାଲିଲା ତଳ ମୁଣ୍ଡ ସାହି ରାସ୍ତାରେ । କିରେ, ଏଠି ଦୋକାନ କାଇଁ ? ? ମନକୁ ମନ ପ୍ରଶ୍ନ କଲି । ଆଜି ଦି’ଚାରିଟା ଗୁଲଗୁଲା ଖାଇବାକୁ ମନ କରି ଆସିଛି ଯେ ମୁଁ । ଗଣପତି ଆସ୍ଥାନ ଏବେ ବିଧାୟକ ପାଣ୍ଠି ବ୍ୟବହାର ହେଇ ବିରାଟ ମନ୍ଦିର, ମାର୍ବଲ ଚାନ୍ଦିନୀ, ସେଠି ତାସ ଖେଳର ଆସର ଜମିଛି । ଗାଡିରୁ ବାହାରି ଘର ଆଡେ ପାଦ ବଢାଇଲି । ଆଉ ସେ ଓସାରିଆ ପାହାଚ ନାହିଁ କି ଉଞ୍ଚ ବାରଣ୍ଡା ନାହିଁ । ଚାଳ ଘର ସବୁ ଛାତ ଘରରେ ବଦଳି ଗଲାଣି, ସବୁ ଘର ଆଗରେ ଦି’ ଚାରିଟା ଲେଖାଏ ମଟର ସାଇକେଲ ଗର୍ବରେ ଠିଆ ହେଇଛନ୍ତି । ଗାଁରେ ରହୁଥିବା ସମ୍ପର୍କୀୟ ଜଣେ ଦାଦାଙ୍କୁ ପଚାରିଲି, କୁଞ୍ଜିଆ ଦୋକାନ କାଇଁ ? ? ହେ ! ! କୁଞ୍ଜିଆ ଚାରି ପାଞ୍ଚ ବର୍ଷ ହେବ ମଲାଣି । ଆଉ ତା ଦୋକାନ ? ? ଆଉ କଣ କିଏ ଗୁଲଗୁଲା କି ବରା ଖାଉଛି ? ? ତା ପୁଅ ବଗୁଲା ଗାଁ ମୁଣ୍ଡ ଛକରେ ଫାଷ୍ଟ ଫୁଡ ଦୋକାନ କରିଛି ଯା ଦେଖିବୁ । ମନଟା ଭାରି ପାଣିଚିଆ ହେଇଗଲା । ସଞ୍ଜ ନଇଁ ଆସୁଥିଲା, ଗାଁରୁ ଫେରିଲି । ମୋ ଡ୍ରାଇଭର ସମୀର

 Magazine Downloaded from www.aahwaan.com

କହିଲା ଚା' ପିଇବ । ଗାଁ ମୁଣ୍ଡ ଛକରେ ତିନି ଚାରିଟା ଦୋକାନ । ଚା, ପାନ ଦୋକାନ ସାଙ୍ଗକୁ ଫାଷ୍ଟ ଫୁଡ ଦୋକାନ । ଗାଡି ଭିତରୁ ବଗୁଲାକୁ ଚିହ୍ନିବା ମୋର ଅସୁବିଧା ହେଲାନି । ପିଲାଦିନେ ଯେମିତି ସେ ବାରବାର ବାଁ ହାତ ପାପୁଲି ନାକରେ ଘଷୁଥିଲା, ଏବେ ବି ସେମିତି କରୁଛି । ଦୋକାନ ଉପରେ ଲେଖାହେଇଛି ଜଗନ୍ନାଥ ଫାଷ୍ଟ ଫୁଡ୍ସ । ଗାଡିରୁ ବାହାରି ତା' ଦୋକାନ ପାଖକୁ ଗଲି । ଗୋଟେ ବଡ ତସଲାରେ ନାଲି ନାଲି ରଙ୍ଗର ଚିକେନ ପକୋଡା ଥୁଆ ହେଇଛି । ବଗୁଲା କର୍ନଫ୍ଲୋରରେ ନାଲି ରଙ୍ଗ ମିଶେଇ ଆହୁରି ଚିକେନ ପକୋଡା ଛାଣିବାରେ ବ୍ୟସ୍ତ । କିରେ ବଗୁଲା ! ! ଭାଇ ନମସ୍କାର । ଏତେ ବର୍ଷ ପରେ ଗାଁକୁ ଆସିଛ ! ! ହେଲେ ମୁଁ ତମକୁ ଚିହ୍ନି ପାରିଲି । ତମେ ସେମିତି ଅଛ, ବେଶୀ କିଛି ବଦଳିନ । ଆଚ୍ଛା, ତୁ ଗାଁ ଭିତରେ ଦୋକାନ ଛାଡି ଏଠି କଣ ପାଇଁ ଦୋକାନ କଲୁ ? ? ଭାଇ ସତ କଥା ହଉଛି, ଗାଁରେ କଣ ଏ ସବୁ ଚାଲିବ ? ? ଗାଁ ପଛ ପଟେ ତିନିଟା କୁକୁଡା ଫାର୍ମ ହେଇଗଲାଣି । ହେଇ, ଆଗରେ ଦେଖ ଖୋଲା ଠିପି ମଦ ଦୋକାନ । ସଞ୍ଜ ବେଳେ ଚିକେନ ପକୋଡା ଭଲ ବିକ୍ରି ହଉଛି ଆଉ ଲାଭ ବି ଭଲ ବାହାରୁଛି ।

ମନେ ପଡିଲା କିଛି ଦିନ ତଳେ ବାପା କହୁଥିଲେ ଏବେ ଗାଁ ପାଖାପାଖି ଅଞ୍ଚଳରେ ସନ୍ଧ୍ୟାବେଳେ ଚୋରୀ, ରାହାଜାନି ବେଶୀ ବଢିଯାଇଛି ବୋଲି । ପାଖ ପାନ ଦୋକାନ ରେଡିଓରେ ସରକାରଙ୍କ ପ୍ରାୟୋଜିତ ଜିଙ୍ଗଲ ବାଜୁଥିଲା, ମେରା ଗାଓଁ ବଦଲ ରହା ହେଁ, ମେରା ଦେଶ ବଦଲ ରହା ହେଁ । ଦୀର୍ଘ ଶ୍ୱାସଟିଏ ନେଇ ଭାବିଲି, ସତରେ ମୋ ଦେଶ, ମୋ ଗାଁ ବଦଳୁଛି !!!!!!!!!

 Magazine Downloaded from www.aahwaan.com

# ଗାଁ ମୁରବୀ



ସୀତାରାମ ଦାଶ

ରାମଚନ୍ଦ୍ର ବାବୁଙ୍କ ସ୍ତ୍ରୀ ମରିବା ଦୁଇ ମାସ ହୋଇନି, ସାମାନ୍ୟ କଳିକୁ ନେଇ ଦୁଇ ବୋହୂ ଆଜି ରାଗରେ ଅଲଗା ଅଲଗା ରୋଷେଇ କରିଛନ୍ତି । ବୃଦ୍ଧ ରାମଚନ୍ଦ୍ର ବାବୁଙ୍କର କଥା ଶୁଣିବାକୁ ଦୁଇ ବୋହୂ ନାରାଜ । ତେଣୁ ନିରୁପାୟ ହୋଇ ରାମଚନ୍ଦ୍ର ବାବୁ ଦୁଇ ପୁଅଙ୍କୁ ଡକାଇଛନ୍ତି ଘରକୁ ଆସିବା ପାଇଁ ।

ରବି ନାରାୟଣ ଓ ସୂର୍ଯ୍ୟ ନାରାୟଣ ଉଭୟ ବାପାଙ୍କ କଥା ଶୁଣି ଆସିଛନ୍ତି ଘରକୁ । ଦାଣ୍ଡପଟ ବାରଣ୍ଡାରୁ ଦୁଇଭାଇ ବାପାଙ୍କ କଥା ଶୁଣି ମନ ଦୁଃଖରେ ନିଜ ନିଜ ରୁମରେ ପ୍ରବେଶ କରିଛନ୍ତି । ବାପାଙ୍କ ସହ ଦୁଇ ଭାଇଙ୍କ ମନ ବହୁତ ଦୁଃଖ । ସାନ ପୁଅ ଘରୁ ଅସ୍ପଷ୍ଟ ଶୁଭୁଛି, ତମେ ତମ ଗେହ୍ଲା ଭାଉଜ ପାଖେ ରୁହ । ମୁଁ ମୋ ପିଲା ଛୁଆଙ୍କୁ ନେଇ ଯାଉଛି । ତମ ଯୋଗୁଁ ପିଲା ଦୁଇଟାକୁ ମାରିବି ନା କଣ । ବହୁତ ହୋଇଗଲା । ଆଉ ପାଖ ଘରୁ ବଡ ବୋହୂ ବି କହୁଛି, "ବାର ବର୍ଷ ହେଲା ବହୁତ କଲାଣି । ଆଉ ନୁହେଁ । ତମେ ତ ସବୁ ଶୁଣିବ ଘର ଭିତରେ ମାଛି ଭଳି ବସିବ ।" ବହୁତ ଖଟିଲାଣି ଆଉ ନୁହେଁ ।

ସନ୍ଧ୍ୟା ସମୟ । ଗାଁ ମୁଣ୍ଡ ପୋଖରୀ ହୁଡାରେ ଗାଁର ଚାରି ଜଣ ମୁରବି ଧୀରେ ଧୀରେ କଥା ହେଉଛନ୍ତି । ପ୍ରଥମ ଜଣ- ଦୁଇ ଭାଇଙ୍କୁ ଗାଁ ମେଳଣ ଚାନ୍ଦା ଅଲଗା ଅଲଗା ମାଗିବ ଏଥର । ଦ୍ୱିତୀୟ ଜଣ- ଯଦି ପୁଣି ମିଶିଯିବେ, ଏକାଠି ରୋଷେଇ କରିବେ । ତୃତୀୟ ଜଣ- ଖରାବେଳେ ବାରିପଡ଼େ ରବି ମନ ଦୁଃଖରେ ବସିଥିଲା । ତାକୁ ପଚାରିଲି, "ପୁଅ କଣ କିରେ,

 Magazine Downloaded from www.aahwaan.com

ମୁହଁ କଣ ପାଇଁ ଶୁଖେଇ ବସିଛୁ ।” ସବୁ କଥା କହିସାରି, କହିଲା ମଉସା “ସାନକୁ ଟିକେ ବୁଝାଇବ ।” ମୁଁ କହିଲି ବାପାରେ, “ପୋଡ଼ିଗଲା ତିଅଣର ଆଉ କି ସୁଆଦ” ଯେତେ ଭାଇ ସେତେ ଘର । ପୁଳାଏ ଚୁଡ଼ି ପିନ୍ଧିଲେ ଶବ୍ଦ ହେବ । ମୋ ମତରେ ଅଲଗା ହୋଇ ଯିବା ଭଲ । ମା’ ତ ଚାଲିଗଲା, ଆଉ ରାମ ଭାଇ କେତେ ଦିନ ବଞ୍ଚିବ । କାଇଁ ବୁଢାଟାକୁ ଅଶାନ୍ତି କରିବ । ଭିନ୍ନ (ଅଲଗା) ନ ହେଲେ ସବୁବେଳେ କଳି । ଚତୁର୍ଥ ଜଣକ-ସିଏ ଆଉ ମିଶିବେ ପାଗଳ ହେଲ । ଗାଁ କଳି ମେଣ୍ଟାଇ ମେଣ୍ଟାଇ ମୁଁ ବୁଢା ହେଲାଣି । ଦେଖିବ ମେଳଣ ଚାନ୍ଦା ରାମ ପାଞ୍ଚ ଶହ ଦେଲେ ରବି ଦେବ ହଜାରେ ।

ସାନମୂଳାଇ

ଗୋବିନ୍ଦପୁର, କଟକ ୭୫୪୦୧୮

# ଚିତାଗ୍ନିର କୋହ



ଜ୍ୟୋତି ରଞ୍ଜନ ମହାରଣା

ସେଦିନ ଥିଲା ଏକ ନିରୋଳା ସମୟ । ବହୁତ ଦିନପରେ ପୁଜାର ନଜର ପଡିଲା ଚନ୍ଦନ ଉପରେ । ଆଉ ସେ ତା ନାଁ ଧରି ଡାକିଲା ହେ ଚନ୍ଦନ । ଚନ୍ଦନ ପଛକୁ ବୁଲି ଦେଖିଲା, ଟିକେ ହସ ହସ ମୁହଁରେ କହିଲା ଆରେ ପୁଜା ତୁମେ ।

ପୁଜା - (ହସିହସି)-ହଁ, ମୁଁ । କ'ଣ ଚିହ୍ନି ପାରୁନ ଜାନୁ ?

ଚନ୍ଦନ - ଆରେ ଜାନୁ ସେ କଥା ନୁହେଁ, ତୁମେ ପରା ମୋ ଜୀବନ ।

(ଦୁହିଁଙ୍କ ଭିତରେ ଏକ ହସ ଉଲ୍ଲାସର ବାତାବରଣ ଖେଳି ଯାଇଥିଲା । ପରସ୍ପରକୁ ବହୁତ ଦିନ ପରେ ପାଇ ଦୁହିଁଙ୍କୁ ଦୁହେଁ ନବ ବର୍ଷର  ସ୍ୱାଗତ ଜଣାଇବା ପାଇଁ ପାର୍ଟିରୁ ଚାଲି ଆସିଥିଲା ଗୋଟିଏ ଶବ୍ଦ- "Happy New Year")

ପୁଜା - ହା ହା, ଜାଣିଛ ଜାନୁ ତୁମେ ଟିକେ ବି ବଦଳିନ । ଯେମିତି ଥିଲ ସେମିତି । ସେତେବେଳେ ଯେମିତି ତୁମ ମୁହଁରେ ହସର ଲହରୀ ଖେଳୁଥିଲା ଆଜି ବି ଠିକ୍ ସେମିତି । ହଁ, ଟିକେ ଝଡି ଯାଇଛ । ନିଜର କେୟାର ନେଉନ ନା ।

ଚନ୍ଦନ - ଆରେ ତୁମେ ପରା ପାଖରେ ନଥିଲ । କିଏ କେୟାର୍ ନେବ ?

ପୁଜା - ମୋ କଥା ମନେ ପଡେନି ?

ଚନ୍ଦନ - ଆରେ ତୁମେ ପରା ମୋ ହୃଦୟରେ ଅଛ । ଯେତେବେଳେ ଇଛା ହୁଏ ତୁମକୁ ଦେଖିନିଏ । ଆଉ ମନେ ପକାଇବା କ'ଣ ଦରକାର । ହଉ ଛାଡ ସେକଥା । କେମିତି ଅଛ ଜାନୁ ?

 Magazine Downloaded from www.aahwaan.com

ପୁଜା - ହଁ ଜାନୁ, ମୁଁ ପୁରା ବିନ୍ଦାସ୍ ଅଛି । ତୁମେ ପରା ଶିଖାଇଥିଲ ଜୀବନରେ ଯେତେ ଦୁଃଖ ଆସିଲେ ବି ସବୁବେଳେ ହାପି ହାପି ରହିବ ବୋଲି । କେମିତି ତୁମ କଥା ଭୁଲିବି ? ମୁଁ ସବୁବେଳେ ହାପି ହାପି । ଆଉ ତୁମେ କେମିତି ଅଛ, ଜାନୁ ?

ଚନ୍ଦନ - ହଁ ଜାନୁ, ମୁଁ ବି ଭଲଅଛି ।

ପୁଜା - ହେ ଜାନୁ, ମୁଁ ଜାଣେ ତୁମେ ସବୁବେଳେ ଓଠ ଚାପି ଚାପି କଥା କୁହ । ମନରେ କଷ୍ଟ ଥିଲେ ବି ମିଛି ମିଛିକା ଓଠରେ ହସ ଫୁଟାଅ ।

ଚନ୍ଦନ - ଆରେ ନା ନା ସେମିତି କିଛି ନାହିଁ ।

ପୁଜା - ମୁଁ ଜାଣେ ତୁମେ ମୋ ଉପରେ ଅଭିମାନ କରିଚ ।

ଚନ୍ଦନ - ଏ ଜାନୁ ଛାଡ଼ ନା ସେ କଥା । ଯୋ ବିତ୍ ଗୟା ଉସେ ଭୁଲ୍ ଯାଓ ଔର୍ ନୟୀ ଜୀନ୍ଦେଗୀ କେ ସୁରୁବାତ୍ ମୁସ୍କୁରାକେ କରୋ ହାପି ହାପି ସେ । ଜାଣିଚ ଡାର୍ଲିଙ୍ଗ୍ ତୁମେ ନା, ହସିଲେ ବହୁତ୍ ସୁନ୍ଦର ଦେଖାଯାଅ । ଆଉ ତୁମର ଏ ହସ ହସ ଚେହେରାରେ ହସର ମୁଖୁଡା ଦେଖି ଦେଲେ ମୁଁ ମୋର ସବୁ ଦୁଃଖ ଭୁଲିଯାଏ । ଆଉ ମୁଁ ଚାହେଁ ତୁମ ମୁହଁରେ ଏମିତି ସବୁବେଳେ ହସର ମୁକ୍ତା ଝରୁଥାଉ । ଆଉ ଜାନୁ, ଏଠି କେମିତି କ'ଣ କାମରେ ଆସିଥିଲ କି ?

ପୁଜା - ହଁ ଜାନୁ ମୁଁ ଏଇ ହୋଟେଲକୁ ଆସିଥିଲି । କାଲି ନୂଆବର୍ଷକୁ ଏନ୍‌ଜଏ କରିବା ପାଇଁ ହୋଟେଲ୍ ବୁକିଙ୍ଗ୍ କରିଥିଲି । ହେଇ ଦେଖ ପ୍ଲିଜ୍ ମନା କରିବନି କାଲି ନିଶ୍ଚିତ ଆସିବ । କ'ଣ କହୁଚ ?

ଚନ୍ଦନ - ହଁ ନିଶ୍ଚିତ ତ କହିପାରୁନି ତଥାପି ଚେଷ୍ଟା କରିବି ।

ପୁଜା - ହେଇ ଦେଖ ତୁମେ ଯଦି ନ ଆସିବ ମୁଁ ଏ ପାର୍ଟି ଏନ୍‌ଜଏ କରିବିନି ।

ଚନ୍ଦନ - ହଉ ଠିକ୍ ଅଛି କଥା ଦେଇଚି ମାନେ ନିଶ୍ଚୟ ଆସିବି । ଓକେ ଡାର୍ଲିଙ୍ଗ୍ ଏବେ

 Magazine Downloaded from www.aahwaan.com

ମୁଁ ଆସୁଛି । ମୋର ଟିକେ କାମ ଅଛି । ବାଏ ଜାନୁ ।

ପୁଜା - ଲଭ୍ ୟୁ ଜାନୁ । ତୁମ ଅପେକ୍ଷାରେ ରହିଲି ।

ଚନ୍ଦନ - ଲଭ୍ ୟୁ ଠୁ ।

(ସେଠାରୁ ଚନ୍ଦନ ଚାଲିଯାଇଛି । ପୁଜା ଚାହିଁ ରହିଥାଏ ଚନ୍ଦନ ଫେରି ଯାଉଥିବା ରାସ୍ତାକୁ । ଠିକ୍ ସେହି ଦିଗରୁ ଫର୍ଦ୍ଦେ ସାଦା କାଗଜଟିଏ ପୁଜା ନିକଟକୁ ଉଡି ଆସିଲା । ଆଉ ସେ କାଗଜକୁ ଉଠାଇ ନେଇ ଦେଖିଲା ସେଥିରେ କିଛି ଲେଖାଥିଲା । ପୁଜା ପଢିବାକୁ ଲାଗିଲା ।)

ସେଥିରେ ଲେଖାଥିଲା ବଡବଡ ଅକ୍ଷରରେ- "Wish you very very happy new year ,God bless you Janu" ଡିଅର୍ ଜାନୁ ଆସନ୍ତାକାଲି ମୋର ଶ୍ରାଦ୍ଧ ବାର୍ଷିକ । ମୋ ମୃତ୍ୟୁକୁ କାଲି ବର୍ଷେ ପୁରିଯାଉଚି । ଆଶା କରେ ଆସନ୍ତାକାଲି ମୋ ସମାଧି ଉପରେ ଯାଇ ଦୁଇଟୋପା ଲୁହ ଢାଳି ଶ୍ରଦ୍ଧାଂଜଳି ଦେବ । ଇତି ତୁମର । ତୁମ ଅପେକ୍ଷାରେ ରହିଲି ।

ଏ କାଗଜଟିକୁ ପଢିଲା ପରେ ପୁଜାର ଗୋଡ ହାତ ଥରିବାକୁ ଲାଗିଲା । କିଛି ବୁଝିପାରିଲା ନାହିଁ । ଏ କ'ଣ ଏ କାଗଜରେ କ'ଣ ଏମିତି ସବୁ ଲେଖା ହୋଇଛି । ହେ ଭଗବାନ, ଇଏ ବୋଧେ ମୋ ମନର ଭ୍ରମ, ମୋ ଆଖି କେବେ ଭୁଲ୍ ଦେଖିନି । ଏବେ ମୁଁ ଚନ୍ଦନ ସହ କଥା ହେଉଥିଲି । ତା' ମାନେ ସିଏ କ'ଣ .... ଓଃ ନୋ, ନେଭର୍ । ଏ କାଗଜଟା ମିଛ ବୋଧେ । ଭୁଲରେ ଉଠେଇ ନେଲି । ହେ ଭଗବାନ୍ । ଏମିତି ପୁଜା ସେ କାଗଜଟିକୁ ପଢିଲା ପରେ ତା' ମୁଖ ମଣ୍ଡଳରେ ଏକ ପ୍ରକାର ଯେମିତି ଆଉ କିଛି ଦେଖା ଯାଉନଥିଲା । ଘରକୁ ଚାଲିଗଲା । ମନର ଅବସ୍ଥା ଠିକ୍ ନ ଥିଲା । ସେ କାଗଜ କଥା ଭାବି ସ୍ୱାମୀ ନିର୍ମଳ, ପୁଜା ମନର ଅବସ୍ଥା ଦେଖି ତାଙ୍କୁ ପଚାରିଲେ । ସେ ସବୁକଥା କହିଲା । ଏହା ଶୁଣି ନିର୍ମଳ

 Magazine Downloaded from www.aahwaan.com

କହିଲା – ହେ ଡାର୍ଲିଙ୍ଗ୍, ଏ ସବୁ ଫାଲ୍ତୁ କଥା । ସେ କାଗଜ ଆଉ କାହା ପାଇଁ ଥିଲା । ତୁମେ ଭୁଲରେ ପଢିନେଲ । ହଉ ଛାଡ ୟାର୍ ଏ ହସଖୁସିର ମାହୋଲ୍ ଭିତରେ ତୁମେ ଏମିତି ଦୁଃଖୀ ହେବା ଆଦୌ ଠିକ୍ ନୁହେଁ । ଓକେ ଡାର୍ଲିଙ୍ଗ୍, ତୁମେ ଏବେ ରେଡି ହୋଇଯାଅ । ଆମେ ଏବେ ହୋଟେଲ୍ ଯିବା । ଆଉ କିଛି ସମୟ ପରେ ନୁଆ ବର୍ଷକୁ ସ୍ୱାଗତ କରିବା । ଚାଲ ୟାର୍ ସେଠି ସମସ୍ତେ ଆମକୁ ଅପେକ୍ଷା କରିଛନ୍ତି । ପାର୍ଟିର ବିଶେଷ ଆକର୍ଷଣ ହେଉଛ ତୁମେ । ତେଣୁ ଟିକେ ଅଧିକ ସୁନ୍ଦର ହେଇ ଜଲ୍ଦି ରେଡି ହୁଅ । love you my jaan.

ପୁଜା ପାର୍ଟିକୁ ଯିବା ପାଇଁ ନିଜକୁ ସଜେଇ ହେଉଥିବା ସମୟରେ ପୁଣି ଏକ କାଗଜ ତା ସାମ୍ନାରେ ଦୃଶ୍ୟମାନ ହେଲା । ସେଥିରେ ଲେଖାଥିଲା – ତୁମେ ଆଜି ହସୁଚ । ନୂଆ ବର୍ଷ ପାଳନ କରିବାକୁ ଯାଇ ସୁଖ ଶାନ୍ତିରେ ଜୀବନକୁ ଉପଭୋଗ କରୁଚ । ଆଉ ମୁଁ ମୋ ବର୍ଷିକିୟାରେ ମୋ ମୃତ୍ୟୁକୁ ମନେ ପକାଇ କାନ୍ଦୁଚି । ମୋ କଥା ଟିକେ ବି ଭାବୁନ ନା । Okay, let's that my jaan, carry on, ହଁ ମୋ କଥା ମନେ ଅଛି ନା, ଆସନ୍ତାକାଲି ମୋ ବର୍ଷିକିୟା ।

ଏକଥା ପଢିବା ପରେ ପୁଣି ପୁଜା ଭୟଭୀତ ହୋଇଗଲା । ଡରିଡରି ଜୋର୍‌ରେ ଚିଲ୍ଲେଇବାକୁ ଲାଗୁଚି ହେଲେ ତା ପାଟି ଖୋଲୁଚି କିନ୍ତୁ ଶବ୍ଦ ବାହାରୁନି । କିଛି ଉପାୟ ନ ପାଇ ପୁଜା ସେହି କାଗଜରେ ପ୍ରତି ଉତ୍ତରରେ ଲେଖିଲା ଦେଖ କିଏ ତୁମେ, କାହିଁକି ମୋତେ ଏମିତି ଟେନ୍‌ସନ୍ ଦେଉଛ ? କାହିଁକି ମୋତେ ଭୟଭୀତ କରାଉଛ । ପ୍ଲିଜ୍ କୁହ କିଏ ତୁମେ ? ସାମ୍ନାରେ ଦେଖାଦିଅ ।

ପୁଣି ସେହି କାଗଜରେ ଉତ୍ତର ଆସିଲା - ଆରେ ନା ନା ଭୟ କରନା । ମୁଁ ତୁମର କିଛି କ୍ଷତି କରିବିନି । ମୁଁ ପରା ତୁମକୁ ହୃଦୟ ଦେଇ ଭଲପାଉଚି । ତୁମର କ୍ଷତି କିପରି କରିବି ? ଆଦୌ ଭୟ କରନା । ହଁ ସାମ୍ନାକୁ ଆସିବା ପାଇଁ ସେ ସାମର୍ଥ୍ୟ ମୋର ନାହିଁ । ମୁଁ

 Magazine Downloaded from www.aahwaan.com

ମୋ ଅସ୍ତିତ୍ୱ ହରେଇ ସାରିଛି । ସେଥିପାଇଁ ମୁଁ ଦୃଶ୍ୟମାନ ହୋଇ ପାରୁନି ତୁମ ପାଖରେ । ସରି ଜାନୁ ।

ପୁଜା - ହେଲେ ତୁମେ କିଏ ? କ'ଣ ତୁମ ପରିଚୟ ?

ପ୍ରତି ଉତ୍ତର ଆସିଲା - ଆସନ୍ତାକାଲି ମୋ ସମାଧି ପାଖକୁ ଗଲେ ଜାଣି ପାରିବ । ଜମା ଟେନ୍‌ସନ୍ ନିଅନି, ରିଲାକ୍ସ ରୁହ । ସବୁବେଳେ ହାପି ହାପି ରୁହ । ରହୁଚି ।

ପୁଜା ଏଥର ନିଶ୍ଚିତ ହୋଇଗଲା ସବୁବେଳେ ହାପି ହାପି ରହିବା ପାଇଁ ଏ ଶବ୍ଦ ତ କେବଳ ମୋତେ ଚନ୍ଦନ ହିଁ କୁହନ୍ତି । ଆଜି ତ ସେ ମୋ ସହ ଦେଖାହେଲେ, କଥା ହୋଇଥିଲେ । ତା' ମାନେ ସେ କ'ଣ.... । ଓଃ ନୋ ହେ ଭଗବାନ୍ ! ନା ମୋ ସହ ମଜା କରୁଛନ୍ତି । ଏମିତି ସବୁ ଚିନ୍ତା କରି ଭାଙ୍ଗି ପଡ଼ିଥାଏ ପୁଜା । ଇତି ମଧ୍ୟରେ ସ୍ୱାମୀ ନିର୍ମଳ ଆସି ପୁଜାକୁ କହିଲେ - ଆରେ ତୁମେ ଏ ଯାଏଁ ରେଡି ହୋଇନ ? ଆରେ ଚାଲନା ୟାର୍ ,ସେଠି ସମସ୍ତେ ଆମ ଅପେକ୍ଷାରେ ଅଛନ୍ତି ।

ପୁଜା ଆଉ ସ୍ୱାମୀଙ୍କୁ କିଛି ନ କହି ନୀରବ ରହିଲା । କାରଣ ସେ ଅନ୍ଧ ବିଶ୍ୱାସକୁ ବିଶ୍ୱାସ କରନ୍ତି ନାହିଁ ଏବଂ ଅଯଥାରେ କାହିଁକି ତାଙ୍କୁ ଟେନ୍‌ସନ୍ ଦେବି ଆଜି ଗୋଟିଏ ଏମିତି ଖୁସିର ସମୟରେ । ତା' ପରେ ପାର୍ଟିରେ ସମସ୍ତେ ହସ ଖୁସି ଉଲ୍ଲାସର ଆଉ ନାଚ ଗୀତର ଆସର ଜମି ଯାଇଥିଲା । ପୁଜା ସିନା ଗୀତର ତାଳେ ତାଳେ ନାଚୁଥାଏ ସତ କିନ୍ତୁ ମନଥାଏ ସେ କାଗଜର ଲେଖା ଉପରେ । ଏମିତି ନାଚ ଗୀତର ହସ ଖୁସିରେ ରାତି ପାହିଗଲା । ସ୍ୱାଗତ ହୋଇସାରିଛି ନୂଆ ବର୍ଷ । ନିର୍ମଳ ଏବଂ ପୁଜା ଘରକୁ ଫେରି ଆସିଲେ । ପୁଣି ଏକ କାଗଜ । ପୁଜା ସେ କାଗଜ ଉଠାଇ ନେଲା ଓ ପଢିଲା – Good Morning ଜାନୁ, କାଲି ରାତିର ପାର୍ଟିକୁ  Enjoy କରି ଫେରିଲ ନା  । ହଁ ଶୁଣ , ମୋ ପାଇଁ ବି ଟିକେ ସମୟ ଦେବ ନା , ମନେ ଅଛି ନା ।

 Magazine Downloaded from www.aahwaan.com

ପୁଜା ସେହି କାଗଜରେ ପ୍ରତି ଉତ୍ତର ଦେଲା – ହଁ ମୋର ମନେ ଅଛି । କେଉଁଠିକୁ ଯିବି କୁହ । କେଉଁଠି ତୁମ ସମାଧି ? କିଏ ତୁମେ ? କ'ଣ ତୁମ ପରିଚୟ ?

କହିବି ସବୁ କହିବି । ଟିକେ ଧୈର୍ଯ୍ୟ ଧର ଜାନୁ । ମୋର କୌଣସି ପରିଚୟ ନାହିଁ । ମୁଁ ମଲାପରେ ମୋର କେହି କିଛି ପରିଚୟ ପାଇଲେ ନାହିଁ । ଅଜଣା ଅଚିହ୍ନା ଶବକୁ ଲୋକମାନେ ନେଇ ଦେବୀ ନଦୀ ପଠା ସିଠାଲୋ ପୋଲ ତଳେ ପୋତି ଦେଇଛନ୍ତି । ତୁମେ ସେଠିକୁ ଯାଅ । ଦେଖିବ ସେ ଯାଗା ଉପରେ ଏବେ କିଛି କଂଟା ଗଛ ଉଠିଛି । ମୋତେ ବହୁତ କଷ୍ଟ ହେଉଛି । ତୁମେ ଟିକେ ସେ କଂଟାଗୁଡିକୁ ସେଠାରୁ ଉଠେଇ ଦେଲେ ମୁଁ ଟିକେ ଆଶ୍ୱସ୍ତି ପାଇବି ।

(କାଗଜରେ ଲେଖାଥିବା ସ୍ଥାନରେ ପୁଜା ଯାଇ ପହଁଚିଲା । ଆଉ ସେ ଜାଗାରୁ ଚାହିଁ ହାତ ଯୋଡ଼ି ସ୍ମରଣ କଲା - ହେ ଅଜଣା ଆତ୍ମା କିଏ ଆପଣ ? ମୁଁ ଆପଣଙ୍କୁ ଜାଣେନା, ଯଦି ମୋ ଜୀବନ କାଳ ଭିତରେ କେଉଁଠି କେବେ ଜାଣତ କିମ୍ବା ଅଜାଣତରେ ଆପଣଙ୍କ ପ୍ରତି କେବେ କିଛି ଅପରାଧ କରିଥାଏ, ପ୍ଲିଜ୍ କ୍ଷମା କରିଦେବେ । ସ୍ମରଣ କରି ଆଖି ଖୋଲିବା ପରେ ଦେଖିଲା ପୁଣି ଏକ କାଗଜ । ସେଥିରେ ଲେଖାହୋଇଛି – ସତରେ ଜାନୁ ମୁଁ ଆଜି ବହୁତ ଖୁସି । ତୁମକୁ ମୁଁ ମୋ ପାଖରେ ପାଇ ବହୁତ ଖୁସି ହେଲେ, ମୋ ଦୁର୍ଭାଗ୍ୟ ତୁମକୁ ଏତେ ପାଖରେ ପାଇଲା ପରେ ତୁମକୁ ଟିକେ ସ୍ପର୍ଶ କରିପାରୁନି ।

ଆରେ ପୁଜା ତୁମେ କାନ୍ଦୁଚ । ଛି ତୁମ ଆଖିରେ ଲୁହ କେବେ ଶୋଭା ପାଏନି । ଆରେ ତୁମେ ପରା ମୋ ଫୁଲେଇ ଚାନ୍ଦ । ନୀଳ ଜୋଛନା । ଷୋଳଟି ଶ୍ରାବଣ ଲକ୍ଷେ ଫଗୁଣ ଝରିଯାଉ ମୋ ଆଖିରୁ ପଛେ ଲହୁର ଧାରା ଝରୁ, ତୁମ ଆଖିରୁ କେବେ ଲୁହ ଟୋପେ ନ ଝରୁ ।

ପୁଜା - ପ୍ଲିଜ୍ ତୁମେ କିଏ କୁହ ? କ'ଣ ତୁମ ପରିଚୟ ?

 Magazine Downloaded from www.aahwaan.com

ଚନ୍ଦନ - ତୁମେ ମୋତେ ଜାଣିପାରୁନ ପୁଜା । ମୁଁ ପରା ତୁମ ଚନ୍ଦନ ।

ପୁଜା - (ଜୋରରେ ଚିହ୍ନାର କରି) No Impossible, ସେ କେବେ ଏମିତି କରି ପାରିବେନି । କାଲି ମୁଁ ତାଙ୍କ ସହ କଥା ହେଇଚି ।

ଚନ୍ଦନ - କାଲି ତୁମ ମନର ଭ୍ରମ ଥିଲା । ମୋ ଚେହେରାର ପ୍ରତିଛାଇ ସହ ତୁମେ କଥା ହୋଇଛ ।

ପୁଜା - କିନ୍ତୁ ତୁମେ କ'ଣ ପାଇଁ ଏମିତି କଲ ? କି ଲାଭ ପାଇଲ ?

ଚନ୍ଦନ - ଲାଭ କ୍ଷତି ହିସାବ ବେପାର ବଣିଜରେ ଥାଏ, ପ୍ରେମରେ ନୁହେଁ । ପ୍ରେମ ଥାଏ କେବଳ ସ୍ୱଚ୍ଛ ନିର୍ମଳ ହୃଦୟ ଭିତରେ ।

ପୁଜା - ମୁଁ ବିଶ୍ୱାସ କରିପାରୁନି । ଏସବୁ କେମିତି ହେଲା । ତୁମେ କାହିଁକି ଜାଣି ଜାଣି ନିଜ ଜୀବନକୁ ଏମିତି ନଷ୍ଟ କରିଦେଲ ।

ଚନ୍ଦନ - ନା ପୁଜା, ମୁଁ କେବେ ବି ନିଜ ଜୀବନକୁ ଜାଣିଜାଣି ନଷ୍ଟ କରିନି । ମୋ ଇଚ୍ଛା ବିରୁଦ୍ଧରେ ମୋ ଭାଗ୍ୟ ମୋ ସହିତ ଶତ୍ରୁତା କରି ମୋ ଜୀବନ ନେଇଗଲା । ଯେତେବେଳେ ମୁଁ ତୁମ ଭଲପାଇବାରେ ଅନ୍ଧ ହୋଇଯାଇଥିଲି, ମୁଁ ନିଃସ୍ୱ ସର୍ବଶାନ୍ତ ଜାଣିଲା ପରେ ଆଉ ଏ ସମାଜରେ ମୋର କିଛି ପରିଚୟ ନ ଥିଲା ପରେ ବି ତୁମେ ମୋତେ ଭଲପାଇଲ । ଏକୁଟିଆ ଜୀବନ ବଦଳରେ ମୁଁ ପାଇଲି ଏକ ସୁନ୍ଦର ହାତର ସାହାରା । ଭାବିଥିଲି ତୁମକୁ ନେଇ ଏ ସମାଜରେ ମୁଁ ମୋ ପରିଚୟ ସୃଷ୍ଟି କରିବି । କିନ୍ତୁ ପିଲାଟି ଦିନରୁ ଯାହା ଭାଗ୍ୟ ଅନ୍ଧାର ସେ କ'ଣ ଆଲୋକ ପାଇବ । ସେଥିପାଇଁ ମୋ ଭଲପାଇବା ତୁମ ପାଇଁ ପାଲଟିଗଲା ଗୋଟେ ମୁଲ୍ୟହୀନ ପଥର । ତୁମର ଯେତେ ନିଜର ହେବାକୁ ଭାବୁଥିଲି ସେତିକି ପର ହୋଇଗଲି । କାରଣ ତୁମକୁ ମୋ ପ୍ରେମ ପସନ୍ଦ ନ ଥିଲା । ତୁମର ପସନ୍ଦ ଥିଲା ସୁନ୍ଦର ଚେହେରା ଯାହା ମୋ ପାଖରେ ନ ଥିଲା, ପସନ୍ଦ ଥିଲା ବ୍ୟାଙ୍କ୍ ବାଲାନ୍ସ ଯାହା ମୋର ଆଉ ତୁମ ପାଇଁ ଏକ

 Magazine Downloaded from www.aahwaan.com

ବଡ ପାଚେରୀ ପରି ଠିଆହେଲା । ତେଣୁ ମୁଁ ଚିନ୍ତା କଲି ତୁମକୁ ପାଇବାକୁ ହେଲେ ମୋତେ ତାଙ୍କ ପରି ହେବାକୁ ପଡିବ । ସେଥିପାଇଁ ମୋତେ ମୋ ଗାଁ ଛାଡିବାକୁ ପଡିଲା । ଦିନରାତି ଏକ କଲି ଆଉ ସେମାନଙ୍କ ଭିତରୁ ଗୋଟିଏ ହେଲି । ସେଦିନ ତୁମ ପାଖକୁ ଫେରୁଥିଲି । କିନ୍ତୁ ଦେଖିଲି ତୁମେ ଆଉ କାହାର ହେଇଯାଇଛ । କ'ଣ ବା ଭୁଲ୍ ଥିଲା ମୋର । ସେ ଦୁଃଖକୁ ମୁଁ ମୋ ଛାତିରେ ଚାପି ଫେରୁଥାଏ । ହଠାତ୍ ମୋର ଦୁର୍ଘଟଣା ହେଲା । କିଛି ଲୋକ ମୋତେ ମେଡିକାଲ୍ ନେଇଗଲେ । ଦେହରୁ ପ୍ରବଳ ରକ୍ତ ବୋହି ସାରିଥାଏ । ଡାକ୍ତର କହିଲେ "ବି ନେଗେଟିଭ୍" ରକ୍ତ ଦରକାର, ତୁମର କେହି ସଂପର୍କୀୟଙ୍କୁ ଜଲ୍‌ଦି କୁହ । ତୁମେ ତ ଜାଣିଛ ଏ ଅଭାଗା, ପିଲାଟି ଦିନରୁ ବାପା ମା ଛେଉଣ୍ଡ । ତା'ର ବା ସଂପର୍କ କେଉଁଠୁ ଆସିବ ? ମନେ ପଡିଲା ତୁମ କଥା କାରଣ ତୁମର ମଧ୍ୟ ମୋ ବ୍ଲଡ୍ ଗ୍ରୁପ୍ । ଛାତିରେ ଛାତିଏ କୋହକୁ ଚାପି ରଖି ତୁମକୁ ସେହି ବେଡ଼ରୁ କଲ୍ କଲି । କିଛି ସମୟ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ମରିଗଲି । ପରିଚୟ ବିହୀନ ଶବ କହି ମୋତେ ଏଠାରେ ପୋତିଦେଲେ । ହୁଏତ ସେଦିନ ତୁମେ ଫୋନ୍ ରିସିଭ୍ କରିଥିଲେ ମୁଁ ବଂଚିଯାଇଥାନ୍ତି । ସେଥିପାଇଁ ମନରେ ଦୁଃଖ ନାହିଁ । ଖାଲି ଏତିକି ଦୁଃଖ ମୋ ବର୍ଷିକିୟା ପାଳନ କରିବାକୁ ମୋ ପାଖରେ କେହି ନାହାନ୍ତି । ଯାଅ ପୁଜା ଯାଅ, ତୁମେ ତୁମ ଘରକୁ ଫେରିଯାଅ । ଭଗବାନଙ୍କ ପାଖରେ ଏତିକି ପ୍ରାର୍ଥନା ତୁମ ଜୀବନ ସବୁବେଳେ ହସ ଖୁସିରେ କଟୁ । ଆଉ ଶେଷରେ ଗୋଟେ କଥା ମନେ ରଖିବ, ତୁମକୁ ମୋ ରାଣ କେବେ ବି ଦୁଃଖ କରିବନି । ସବୁବେଳେ ହାପି ହାପି ରହିବ ।

'Happy New Year ଜାନୁ'

ସିଠାଲୋ, ନିଆଳି

କଟକ, ୭୫୪୨୯୪ ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୮୮୫୭୪୪୮

Magazine Downloaded from www.aahwaan.com

# ମନର କଥା



[ଘଟି ଯାଉଥିବା ମୁହୂର୍ତ୍ତ ମାନଙ୍କରୁ ସୃଷ୍ଟି ହେଉଥିବା ଲେଖା]

ହିତେଶ୍ ମହାପାତ୍ର

## ଦୁର୍ଗାପୂଜା

ଆମ ଭାରତ ପୂଜାପର୍ବ କରିବାରେ ପୁରା ଆଗ ଧାଡ଼ିରେ । ଅନେକ ପୂଜା ମଧ୍ୟରୁ ଦୁର୍ଗା ପୂଜା, ଯେଉଁଥିରେ ନାରୀର ଶକ୍ତିକୁ ସମ୍ମାନ ଦିଆଯାଏ । ମାତ୍ର ଆଶ୍ଚର୍ଯ୍ୟ ହେଲା, ଆମର ଏଠି ସମ୍ମାନ କେବଳ ଗୋଟିଏ ଦିନ, ବାକି ଦିନ ଆମେ ଜାଣିଛେ, ଆଉ କଣ କହିବି ? ଗୋଟେ ଦିନ ମା ଦୁର୍ଗାଙ୍କୁ ଶାଢ଼ୀ ଚଢ଼େଇ ଅନ୍ୟଦିନ ସେହି ମା ମାନଙ୍କୁ... ଛାଡ଼ ଆଉ କଣ କହିବି ।

ଆମକୁ ପୂଜା ନାଁରେ ପ୍ରହସନ ଛଡ଼ା ଆଉ କୁଛ୍ ନହିଁ ଆତା । (ହିଙ୍ଗୋଡ଼ିଆ)

## ହିଙ୍ଗିଡ଼ିଆ

ଏବେ ଯେବେ ମୁଁ କଥାହୁଏ, ସେତେବେଳେ ନଜର କରୁଥାଏ ଭାଷାର ଦୃତ ପରିବର୍ତ୍ତନ ଉପରେ । ସବୁଠୁ ମଜାର କଥା ହେଲା ଲୋକଙ୍କ ଅଜାଣତରେ ଏକ ନୁଆ ଭାଷାର ଆବିର୍ଭାବ ହୋଇ ସାରିଛି । ଏହି ନୂତନ ଭାଷାଟିକୁ ମୁଁ ଗୋଟିଏ ନାଁ ଦେଇଛି, 'ହିଙ୍ଗିଡ଼ିଆ', ଶୁଣିବାକୁ ନିଶ୍ଚୟ ଅଲଗା ଲାଗୁଥିବ । ଯେମିତି ଆଜିକାଲିର ବାତ୍ୟାମାନଙ୍କର ନାଁ ଡିଡିଲି ହେଇପାରୁଛି ସେମିତି ଏହି ନାଁଟି ମଧ୍ୟ । ଏହି ନାଁର ଭାଷା ତିନୋଟି ଭାଷାର ସମ୍ମିଶ୍ରଣରେ ତିଆରି । ହିଙ୍ଗିଡ଼ିଆ = ହିନ୍ଦୀ + ଇଂରେଜୀ + ଓଡ଼ିଆ । ଏହି ନୂତନ ଭାଷାଟି ଅନେକ ଗୁଡ଼ିଏ ଆଧୁନିକ ପ୍ରକୃତିବିଶିଷ୍ଟ । ଯେମିତି କି, ଏହି ଭାଷାର ଶବ୍ଦକୋଷ ଅସରନ୍ତି । ଏହି ଭାଷାଟି ମସ୍ତିଷ୍କ ଓ

 Magazine Downloaded from www.aahwaan.com

ଜିହ୍ୱା ଉପରେ କୌଣସି ଚାପ ପକାଏ ନାହିଁ । କେତେବେଳେ ଯେଉଁଠୁ ଯେଉଁ ଶବ୍ଦମାନେ ପଡ଼ିଲା ତାକୁ ବ୍ୟବହାର କରି, ବାକ୍ୟ ଗୁଡ଼ିକୁ ରୂପ ଦିଆଯାଇପାରେ । ଉଦାହରଣ ସ୍ୱରୂପ;

ମେଁ ଚଲତେ ଚଲତେ ହାଲିଆ ହୋଗୟା ।

ଭୋଜି ମେଁ ବଡ଼ି ଗହଳି ଥା ।

ଫିର୍ ଭି ମୁଁ ଥରେ କନ୍‌ଫର୍ମ୍ କରି, ଲେଟ୍ ୟୁ ନୋ ।

ଥୋଡ଼ି ହି, ମୁଁ କହିଥିଲି ?

ସେ ମତେ ମଜବୁର୍ କରିଦେଲା ।

ବାହାର୍ ବହୋତ୍ ଜୋରସେ ଖରା ହୋ ରହା ହୈ ।

ଏମିତି ଅନେକ ଓ ଅସରନ୍ତି ଉଦାହରଣ ଆମେ ଅନେକ ସମୟ ଓ ସ୍ଥାନରେ ପାଇ ପାରିବା । ମୁଁ କଣ କହିବାକୁ ଚାହୁଁଛି ଆମ ମାନ୍ୟବର ଶିକ୍ଷା ମନ୍ତ୍ରୀଙ୍କୁ ଏକ ପତ୍ର ଲେଖିବାକି ? ଏହି ଭାଷାଟିକୁ ସରକାରୀ ମାନ୍ୟତା ମିଳିଯାଇଥିଲେ, ଏହି ତିନିତିନୋଟି ଭାଷା ପଢ଼ିବା ଓ ଶିଖିବାରୁ ମୁକ୍ତି ମିଳିଯାଇଥାନ୍ତା ।

## ତୃତୀୟ ଆଖି

କଥାଟା ଆରମ୍ଭ ହେଇଛି ଦୁର୍ଗା ପୂଜା ବୁଲାରୁ । ପରିବାର ସହ ଦୁର୍ଗାପୂଜା ଦେଖିବାକୁ ଯାଇଥିଲି । ରାସ୍ତାରେ ପ୍ରବଳ ଭିଡ଼ । ଲାଗୁଥିଲା ଯେମିତି ଗାଡ଼ିଗୁଡ଼ିକ ପରସ୍ପର ସହ କଥା ହେବାକୁ ଚାହୁଁଛନ୍ତି । କେତେ ନିୟନ୍ତ୍ରଣ କଲେ ମଧ୍ୟ ସେମାନେ ପାଖାପାଖି ହେଇ କିଛି କଥା ହେଇ ଯାଉଥିଲେ । ହଠାତ୍ ଅନ୍ୟଏକ ଗାଡ଼ି ଆସି ମୋ ଗାଡ଼ି ପାଖରେ ଠିଆ ହେଲା । ସେ ଗାଡ଼ିରେ ଦୁଇଜଣ ବସିଛନ୍ତି, ଜଣେ ୪୦-୪୫ ବର୍ଷ ବୟସ ପୁରୁଷ ଆଉ ଜଣେ ୨୦-୨୨ ବର୍ଷୀୟା ଯୁବତୀ । ସେହି ଛକରେ ଦୁର୍ଗା ମା'ଙ୍କ ବିରାଟକାୟ ମେଢ଼ । କୌଣସି ଗାଡ଼ି ଦ୍ରୁତ

 Magazine Downloaded from www.aahwaan.com

ଗତିରେ ଯାଇପାରୁ ନଥିବାରୁ କିଛି ସମୟ ପାଇଁ ମୁଁ ସେମାନଙ୍କୁ ଅଧ୍ୟୟନ କରୁଥିଲି । କାରଣ ମୋର ଏ ମେଢ଼, ପୂଜାରେ କିଛି ରୁଚି ନାହିଁ, ମୁଁ ଦେଖେ ଲୋକମାନଙ୍କୁ ଏବଂ ସେମାନଙ୍କର ଆବଭାବକୁ । ଦେଖିଲି ଯେ, ଗାଡ଼ି ପଛରେ ବସିଥିବା ଯୁବତୀ ନିଜର ମୋବାଇଲ୍ କ୍ୟାମେରାର ଲେନ୍ସ୍ ମାଧ୍ୟମରେ ସବୁ ଦେଖୁଛି । ମୁଁ ଟିକିଏ ଆଶ୍ଚର୍ଯ୍ୟ ହେଲି ଓ ଭାବିଲି ପ୍ରକୃତି ଦେଇଥିବା ଦୁଇଟି ଆଖି କଣ ଯଥେଷ୍ଟ ନୁହେଁ କି ଯେ ଏ ତୃତୀୟ ଆଖି ଦରକାର ପଡୁଛି ଲୋକମାନଙ୍କୁ । ଏଠି ତୃତୀୟ ଆଖି କ୍ୟାମେରାର ଲେନ୍ସକୁ ଦର୍ଶାଯାଇଛି । ତାପରେ କିଛି ସମୟପରେ ଆମେ ବି ପହଞ୍ଚିଲୁ ଧନୁପାଲି ମେଢ଼ ପାଖରେ, ସେଇଠି ମଧ୍ୟ ସେଇ ଏକା ଦୃଶ୍ୟ, ସମସ୍ତ ଦେଖଣାହାରୀ ସେଇ ତୃତୀୟ ଆଖିର ବ୍ୟବହାରରେ ବ୍ୟସ୍ତ । ବଡ଼, ଆଶ୍ଚର୍ଯ୍ୟଧରଣର ଥିଲା ସେ ପରିବେଶ । ମୁଁ ମୋର ଦୁଇ ଆଖିରେ ତୃତୀୟ ଆଖିର ଏ ଦୃଶ୍ୟ ଦେଖି ଫେରି ଆସିଲି ଘରକୁ । ସତରେ କଣ ଆମେ ଏହି ଦୁଇ ଆଖି ଯଥେଷ୍ଟ ନୁହେଁ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାପାଇଁ ! ସେହି ତୃତୀୟ ଚକ୍ଷୁଧାରୀ ଶିବଙ୍କୁ ଜଣା । ଏବେ ସେ ବି ଭାବୁଥିବେ ଏମାନଙ୍କୁ ଏ ତୃତୀୟ ଆଖି ଦେଲା କିଏ ?

### ପୂଜା ଏବେ ହ୍ୟାପି ପୂଜା

ପନ୍ଦର ବର୍ଷ ପଛକୁ ଯିବା, ଯେବେ ଘରେ ପୂଜାଟିଏ ହେଲେ ଭୋଜିପରି ଗହଳି ହେଉଥିଲା । ପରିବାରବର୍ଗ ଗୋଟିଏ ଯାଗାରେ ମିଶି ପାରୁଥିଲେ । ପିଠାପଣା ନାନାଦି ପ୍ରକାରର ଆୟୋଜନରେ ଘର ପୂରି ଉଠୁଥିଲା । ସକାଳୁ ଯାଇ ବରକୋଳି ପତ୍ର, ଫୁଲ, ଦୁବ ଆଣିବାର ମହା ହିଁ ଅଲଗା ଥିଲା । ମାତ୍ର ଏବ ମୋବାଇଲରୁ ଫୁରସତ ମିଳିଲେ ତ ? ସେଇଥିପାଇଁ କହିଲି ଏବେ ପୂଜା ଆୟଉ ଆଗ ଭଳି ପୂଜା ହୋଇ ନାହିଁ, ଏବେ ହ୍ୟାପି ପୂଜା ହୋଇଯାଇଛି । ଏବେ ଯେଉଁଘରେ ବୟସ୍କମାନେ ନାହାନ୍ତି ସେ ଘର ମାନଙ୍କର କାହାଣୀ ହିଁ

 Magazine Downloaded from www.aahwaan.com

ଅଲଗା । ଏହି ଘର ମାନଙ୍କରେ ପୂଜା ଆରମ୍ଭ ହୁଏ ହ୍ୱାଟ୍‌ସଆପ୍ / ଫେସବୁକରେ । ଆଳତୀ, କୀର୍ତ୍ତନ, ଭୋଗରାଅ ସବୁ ହୁଏ ଏଠି । କାହିଁକି ନ ଅବା ହେବ, ଏଇଟା ପରା ଡିଜିଟାଲ୍ ଯୁଗ, ଡିଜିଟାଲ୍ ଇଣ୍ଡିଆ ! ସେ ପୁରୁଣା ଭାରତ କୁଆଡ଼େ ହଜିଗଲାଣି । ସେଇଟା ଅଲଗା କଥା ପୂଜା ଏବର ହେଉ ବା ସେବର ନିଷ୍ଠା ନଥିଲେ ସବୁ ଅର୍ଥହୀନ । ମାତ୍ର, ସେ ଉଚ୍ଚସ୍ତରର କଥା ହେବାପାଇଁ ମୁଁ ଯୋଗ୍ୟନୁହେଁ । ହଉ, ବିଷୟକୁ ଫେରିବା, ହ୍ୟାପି ପୂଜାର କିଛି ବିଶେଷ ଗୁଣ ବିଷୟରେ ଜାଣିବା । ସବୁଠୁ ବଡ଼ କଥା ହେଉଛି ଏଥିପାଇଁ ସମୟ ଦେବାକୁ ପଡ଼େନି, ଖର୍ଚ୍ଚ ବି ବିଶେଷ କିଛି ନାହିଁ । ଜିଓ ମୋବାଇଲ୍ ଇଣ୍ଟର୍‌ନେଟ୍ ଆସିବାପରେ ତ ପୂରା ନିଃଶୁଳ୍କ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ସ୍ମାର୍ଟ୍ ଲୋକଙ୍କ ସ୍ମାର୍ଟ୍ ପସନ୍ଦ, ଆଉ କଣ କହିବି !

## ଯାହାକୁ ତାହା

ବହୁତ ସମୟଧରି କାମ କଲାପରେ, ଯେବେ ଥକ୍କା ମାରିବାପାଇଁ ଟିକେ ଗଡ଼ି ପଡ଼େ ସବୁବେଳେ ଗୋଟିଏ କଥା ହିଁ ମନକୁ ଆସେ । ଏତେ ପଢୁଛେ, ଚାକିରୀ କରୁଛେ, ବଡ଼ ଘର, ଦାମୀ ଜିନିଷ କିଣିବା ପାଇଁ ଆଶା ରଖୁଛେ । ମାତ୍ର କେବେହେଲେ ଲାଗିନି କି ମିଳିନି ଯାହା ପ୍ରକୃତରେ ମୁଁ ଖୋଜୁଛି । ବେଳେ ବେଳେ ଲାଗେ ଯେମିତିକି ପୃଥିବୀର ମାଧ୍ୟାକର୍ଷଣ ବଳ ସରି ଯାଇଥାନ୍ତା ଆଉ ମୁଁ ହାଲୁକା ହୋଇ ଉଡୁଥାନ୍ତି ଏ ସବୁ ଧାଁ ଧପଡ଼ ଛାଡ଼ି । କାହିଁକିନା, ସବୁ କରିସାରି ଆଉ ଘୋରିହୋଇ ସାରି ଦେଖିଲି, ଯାହାକୁ ତାହା !

## ରାବଣ କିଛି ନୁହେଁ !

ଆଜି କିଛି ଲୋକ ରାବଣର ବିଶାଳ ପ୍ରତିମାକୁ ଅଗ୍ନି ପ୍ରୟୋଗ କରି ଜାଳିବେ । ସେଇ ଲୋକମାନେ ଏହା ଭୁଲିଯିବେ ଯେ, ରାବଣ ସେମାନଙ୍କ ଠାରୁ ଢେର୍ ଭଲ ଥିଲା । ରାବଣ ବା

 Magazine Downloaded from www.aahwaan.com

କ'ଣ କରିଥିଲା ? ଦଶଟା ମୁଣ୍ଡ, କୋଡ଼ିଏଟା ଆଖି ଥାଇ ଗୋଟିଏ ବି ନାରୀ ପ୍ରତି ଅଭଦ୍ର ଆଚରଣ କରିନଥିଲା । ଅସଦାଚରଣ କରିନଥିଲା । କାହାର ଦୁର୍ବଳ ପରିସ୍ଥିତିର ଫାଇଦା ଉଠାଇ ବଳାତ୍କାର କରିନଥିଲା । କାହାଠୁ ଲାଞ୍ଚ ଖାଇ ନଥିଲା । ଦୂର୍ନୀତି ଅନୀତି କରିନଥିଲା । ଏ ଯୁଗରେ ତ ଏମିତି ରାକ୍ଷସ ଅଛନ୍ତି, ଯେଉଁମାନଙ୍କୁ ଦେଖିଲେ ରାବଣ ବି ଛାନିଆ ହୋଇଯିବ । ଡରିକି ଘରେ ଲୁଚିଯିବ । ଯେଉଁ ଦେଶରେ ନାରୀକୁ ଦେବୀ ଭାବରେ ପୂଜା କରାଯାଏ, ସେଇ ଦେଶ ଆଜି ନାରୀଙ୍କ ପାଇଁ ସବୁଠୁ ବିପଦପୂର୍ଣ୍ଣ । ସେଇ ଦେଶରେ 'ମିଠୁ'ର ଝଡ଼ । ଶହେରୁ ଅନେଶତ ନେତା ଏଠି ଦୁର୍ନୀତିଖୋର । ଯଦି କାହାକୁ ପୋଡ଼ି ଜାଳିମାରିବାର ଅଛି ତ ଗୋଟି ଗୋଟି ବଳାତ୍କାରୀଙ୍କୁ ଖୋଜି ପୋଡ଼ିଦିଅ, କୁନି କୋମଳମତି ଝିଅଙ୍କୁ ଯୌନ ନିର୍ଯ୍ୟାତନା ଦେଉଥିବା ରାକ୍ଷସଙ୍କୁ ପୋଡ଼ । ସୁର, ସାରଥୀ, ଆଶାରାମ, ରାମରହିମ୍ ଭଳି ଲମ୍ପଟଙ୍କ ପ୍ରତିମାକୁ ଜାଳ । ଭ୍ରଷ୍ଟ ନେତା, ଠାକୁରଙ୍କ ନାମରେ ଜୁଲମ କରୁଥିବା ସେବକମାନଙ୍କ ପ୍ରତିମା ଜାଳ । ରାବଣ ତ ଏମିତି ରାକ୍ଷସଙ୍କ ଆଗରେ କିଛି ନୁହଁ ।

## ମୁଁ ଖୁସି ରହେ

ରାସ୍ତାରେ ଗାଡ଼ି ଚଳାଉଥିବା ବେଳେ, ମୁଁ ପ୍ରତିଯୋଗୀତା କରୁଥାଏ ଅନ୍ୟ ଗାଡ଼ି ସହ । ସେମାନେ ଜାଣିନଥାନ୍ତି ମାତ୍ର ମୁଁ କରୁଥାଏ । କେତେବେଳେ କାହାକୁ ହରାଏ, କେବେ କେବେ ହାରି ଯାଏ ବି, ମାତ୍ର ଦୁଃଖ ନଥାଏ । କାରଣ ଜିତିଲେ ତ ଖୁସି ହେବାଟା ସ୍ୱାଭାବିକ । ମାତ୍ର ଯେବେ ହାରେ, ଖାଲି ମୁଁ ହିଁ ଜାଣିଥାଏ, ସେଥିରେ ଆଉ ଦୁଃଖ କଣ ? ତେଣୁ ମୁଁ ଖୁସିଥାଏ । ମୁଁ ଭାବେ ଜୀବନର ସବୁ ପ୍ରତିଯୋଗିତା ଏମିତି ହେବା ଦରକାର, ଯେଉଁଥିରେ ଜୀର ନିଜର ଓ ଜିତାପଟ ବି ନିଜର, ଅନ୍ୟର ହସ୍ତକ୍ଷେପ ନଥିବ ।

## ସ୍ମାର୍ଟ ଗ୍ରୀଡ଼

 Magazine Downloaded from www.aahwaan.com

ବହୁତ ଭାବିଲା ପରେ ମୁଁ ଇଲେକ୍ଟ୍ରିକ୍ କରେଣ୍ଟର ନଷ୍ଟ କେମିତି ହେଉଛି, ତାହାର ଗୋଟିଏ କାରଣ ଖୋଜି ପାଇଲି । ବହୁତ ଗୁଡ଼ାଏ କାରଣ ଥାଇପାରେ, ସେଥିମଧ୍ୟରୁ ଗୋଟିଏ ହେଲା, ଆମେ ଭାରତୀୟମାନେ ଆମ ଘର ଜିନିଷ ପାଇଁ ଏତେ ଲୋଭ ଯେ, ଆମେ ଯେବେ ଘର ଛାଡ଼ି ଅନ୍ୟ କେଉଁଆଡ଼େ ବୁଲିଯାଉ, ଘରର ଯେକୌଣସି ଗୋଟିଏ ଲାଇଟ୍ ଲଗେଇ ଦେଇ ଯାଉ, ଏଇ ଭାବନାରେ ଯେ ଚୋରକୁ ଲାଗିବ ଘରେ କିଏ ଅଛି । ଲୋକମାନେ ଭୁଲିଯାଆନ୍ତି ଯେ ଚୋର ମଧ୍ୟ ଗୋଟେ ଭାରତୀୟ । ଚୋର ଯେବେ ଚୋରୀ ପାଇଁ ବାହାରେ ସେ ବି ତା ଘର ଲାଇଟ୍ ଜଳାଇ ଆସୁଥିବ ନିଶ୍ଚୟ, କାରଣ ଅନ୍ୟ ଲୋକଙ୍କୁ ଲାଗିବ ଘରେ କିଏ ଅଛି । ମାନିବାକୁ ପଡ଼ିବ ଆମେ ଆମ ନିଜକୁ ।

## ତିତିଲି

ଆସୁଛି ଉଡ଼ି ତିତିଲି
ଖୋଜି ଖୋଜି ମହୁ
ସବୁ ଗଛ ତ କାଟିଦେଲେ
ଏବେ ଦୁଃଖ କାହାକୁ କହୁ ? - ୧
ତିତିଲି ଥିଲା ଶାନ୍ତ
ଉଡୁଥିଲା ଫୁଲେ ଫୁଲେ
ନିଜ ସ୍ୱାର୍ଥପାଇଁ ଅନ୍ୟଘର ଭାଙ୍ଗିଲେ
ସମୟ କେବେ ନ ଭୁଲେ । - ୨
ଅସୀମ ଶକ୍ତି ସାଥିରେ ନେଇ
ଆସୁଛି ସେହି ତିତିଲି
ଏମିତି ଶିକ୍ଷା ଦେବ ଏ ମଣିଷ ଜାତିକି । - ୩

 Magazine Downloaded from www.aahwaan.com

# ସମ୍ବାଦ



ଅନସୂୟା ପଣ୍ଡା

ଅଫିସ ଭିତରୁ ଥକା ହୋଇ ବାହାରିଲା ବେଳକୁ ଦେଖିଲା ବାହାରେ ବର୍ଷା ହେଉଛି । ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ବାହାରେ ଅପେକ୍ଷା କରିଥିଲା 'ବିପ୍ଲବ' । ଗତକାଲି ଅଫିସରୁ ଫେରିବା ବେଳେ ମଧ୍ୟ ବର୍ଷା ହେଉଥିଲା, ବର୍ଷାତି (ରେନ୍ କୋଟ୍)ଟା ଘର ବାଲକୋନିରେ ଶୁଖାଇଥିଲା, ଆଜି ଅଫିସ ଆସିବା ବେଳେ ଆଣିବାକୁ ଭୁଲିଗଲା । ବହୁତ ସମୟ ଅପେକ୍ଷା କଲାପରେ ମଧ୍ୟ ବର୍ଷା ଛାଡ଼ିନଥିଲା, ତଥାପି ଝିପ୍ ଝିପ୍ ବର୍ଷା ହେଉଥିଲା, ବିପ୍ଲବ ଆଉ ଠିଆ ନ ହୋଇ ମୋଟର ସାଇକେଲ୍ ଷ୍ଟାର୍ଟ୍ କଲା ।

ଖରାବେଳେ ସେ କିଛି ଖାଇନଥିଲା । ମଧ୍ୟାହ୍ନ ବିରତିକୁ ଯିବାକୁ ବାହାରିଥିଲା, ମ୍ୟାନେଜର ବହୁଦିନରୁ ବାକି ରହିଯାଇଥିବା ଏକ ଜରୁରୀ କାମ ପାଇଁ ଡକାଇ ଗାଳି ଦେଇଥିଲେ । ଖାଇବାକୁ ନ ଯାଇ ସେଇ କାମଟି ସାରିବାକୁ ବସିଗଲା, ଫାଇଲ୍ ମ୍ୟାନେଜରଙ୍କୁ ଦେବାକୁ ଗଲା ହେଲେ ମ୍ୟାନେଜର୍ ଅନ୍ୟ ଏକ କାମ ଧରାଇଦେଇ କହିଥିଲେ ସନ୍ଧ୍ୟା ପୁର୍ବରୁ ସାରିଦେଇ ଯିବାକୁ । ସଂଧ୍ୟାରେ କାମ ସାରି କଣ ଟିକେ ଜଳଖିଆ ଖାଇଥିଲା । ଖୁବ୍ କ୍ଳାନ୍ତ ଅନୁଭବ କରୁଥିଲା ବିପ୍ଲବ । ଶୀଘ୍ର ଘରକୁ ଯିବାପାଇଁ ତାର ଯୋଜନା ଥିଲା ହେଲେ ଆଜି ବି ବର୍ଷା ହେଉଛି । ବର୍ଷା ଅନ୍ଧାରରେ ଓଦା ହୋଇ ଆସୁ ଆସୁ ଗୋଟେ କାରର ସାଇଡ଼ରେ ଲାଗିଥିବା ଲାଇଟ୍ ସହ ତା ଗାଡ଼ି ଘଷି ହୋଇଗଲା । ଗୋଟେ ଆସନ୍ନ ଦୁର୍ଘଟଣାରୁ ସେ ବର୍ତ୍ତିଗଲା ହେଲେ କାରବାଲା ସହ ଅଯଥା ଗୁଡ଼ାଏ ବଚସା ହେଲା ।

ଆପାର୍ଟମେଣ୍ଟରେ ପହଞ୍ଚି ପାର୍କିଂ ଯାଗାରେ ତା ଗାଡ଼ି ପାର୍କ୍ କରିବାକୁ ଗଲାବେଳେ

 Magazine Downloaded from www.aahwaan.com

ଦେଖିଲା ଅନ୍ୟ କେହିଜଣେ ତାଙ୍କ ପାର୍କିଂ ଯାଗାରେ କାର୍ ରଖି ଦେଇଛନ୍ତି । 'ବିପ୍ଲବ' ସିକ୍ୟୁରିଟି ଦାୟିତ୍ୱରେ ଥିବା ପିଲାଟିକୁ ଡାକି ବିରକ୍ତ ହେଲା, ସେ ଏବେ କେଉଁଠି ଗାଡ଼ି ରଖିବ ? କୌଣସି ମତେ ଗାଡ଼ି ରଖି ଘରକୁ ଆସିଲା ବିପ୍ଲବ ।

ଦାଣ୍ଡ କବାଟ ଖୋଲୁ ଖୋଲୁ ପତ୍ନୀ ସଂଗୀତା ପଚାରିଲା ଆଜି କଣ ତମର ଏତେ ଡେରି ? ଆରେ ତମେ ତ ପୁରା ଓଦା ହୋଇଯାଇଛ ? ଟିକେ ଅପେକ୍ଷା କଲନି, ବର୍ଷା ଛାଡ଼ିଥିଲେ ଆସିଥାନ୍ତ । ଇଶାନ୍ ତମ ସହ କ୍ରିକେଟ୍ ଖେଳିବ ବୋଲି ଅପେକ୍ଷା କରି କରି ଏବେ ଶୋଇଲା ।

ଆଉ କଣ ଅଫିସ୍ କାମ ଛାଡ଼ିଦେଇ ଆସି ତା ସହ କ୍ରିକେଟ୍ ଖେଳିଥାନ୍ତି ? ତୁମେ ତ ଘରେ ବସିଛ ତୁମକୁ କଣ ଜଣା ? ବିରକ୍ତ ହୋଇ କହିଲା ବିପ୍ଲବ ।

ଏତେ ଛୋଟ କଥାରେ ଚିଡୁଛ କାହିଁକି ? ଯାଅ ଶୀଘ୍ର ଡ୍ରେସ୍ ବଦଳାଅ । ଘରସାରା ପାଣି ହେଉଛି । ବାଥରୁମରେ ଗିଜର ଦେଇ ଦେଉଛି, ଧୁଆଧୋଇ ହୋଇ ଯାଅ, ମୁଁ ଖାଇବା ପାଇଁ ବାଢୁଛି । ଧିର ସ୍ୱରରେ କହିଲା ସଂଗୀତା ।

ଘରେ ପହଞ୍ଚିଲାମାନେ, ତୁମର ହାକିମ୍ ଆରମ୍ଭ ହୋଇଯିବ, ଏଇଟା କର ସେଇଟା କରନି, ମଣିଷ କଣ ଯେ କରିବ ? ଉଚ୍ଚସ୍ୱରରେ ଚିତ୍କାର କଲା ବିପ୍ଲବ ।

ତା ପାଟିରେ ସଂଗୀତା ଆଖିରୁ ବିନା ବାକ୍ୟରେ ଠପ୍ ଠପ୍ ଦୁଇଟୋପା ଲୁହ ଗଡ଼ିଗଲା । ସେପଟେ ତାଙ୍କର ତିନିବର୍ଷର ପୁଅ ଇଶାନ୍ ମଧ୍ୟ ଉଠିକି କାନ୍ଦିବାରେ ଲାଗିଲା ।

ଡ୍ରେସ୍ ବଦଳାଇଲା ବେଳକୁ ବିପ୍ଲବ ଜାଣିପାରିଲା ମୋବାଇଲଟା ତା ପକେଟରେ ନାହିଁ । କାର୍ ବାଲା ସହ ପାଟିତୁଣ୍ଡ ହେଲାବେଳେ ଲୋକମାନେ ଜମା ହୋଇଯାଇଥିଲେ, ବୋଧହୁଏ ସେଇ ସୁଯୋଗରେ କିଏ ଲୁଟି ନେଇଛି, କିମ୍ବା ଗାଡ଼ି ସହ ଧକ୍କା ହେବା ସମୟରେ ମୋବାଇଲଟା ତା ପକେଟରୁ ଖସି କେଉଁଠି ପଡ଼ିଯାଇଛି । ଏବେ ଆଉ କିଛି କରି ହେବନି ।

 Magazine Downloaded from www.aahwaan.com

ସେ କଥା ଭାବି, ହଜିଲା ତ ହଜିଲା ।

ବିପ୍ଲବ ଗାଧୁଆଘରୁ ସଫାସଫି ହୋଇ ବାହାରିଲା ବେଳକୁ ସଂଗୀତା ତା ପାଇଁ ମନଲାଖି ଖାଇବାକୁ ବାଢ଼ି ଦେଇଥାଏ । ଖାଇ ସାରିବା ପରେ ବିପ୍ଲବ ନିଜ ମୁଣ୍ଡକୁ ଟିକେ ଥଣ୍ଡା କରିବାକୁ ଟିଭି ଲଗାଇଲା । ଭାବିଲା ପ୍ରଥମେ ଟିକେ ନ୍ୟୁଜ୍ ଦେଖିବ, ପରେ ଗୀତ ଚ୍ୟାନେଲ୍ ଖୋଲିବ । ଇଶାନକୁ ଗୀତ ଭଲ ଲାଗେ, ମିଶିକି ଦେଖିବେ ।

ନ୍ୟୁଜ୍ ଖୋଲୁ ଖୋଲୁ, "ଉତ୍ତର କୋରିଆର ମିସାଇଲ୍ ପରୀକ୍ଷା, ବୋଧହୁଏ ଅନ୍ୟ ଏକ ବିଶ୍ୱଯୁଦ୍ଧର ପ୍ରସ୍ତୁତି, ଗୋଟିଏ ତିନିବର୍ଷର ଝିଅକୁ ବଳାତ୍କାର କରି ହତ୍ୟା, ଘରୋଇ କଳିରୁ ସ୍ୱାମୀ ସ୍ତ୍ରୀର ମୁଣ୍ଡରେ ଗୁରୁତର ଆଘାତ ଦେଇ, ଗୁରୁତର ଭାବେ ଡାକ୍ତରଖାନାରେ ଭର୍ତ୍ତିପରେ ମୃତ୍ୟୁ, ବମ୍ବେର ଏକ ଆପାର୍ଟମେଣ୍ଟରେ ବୈଦ୍ୟୁତିକ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ, ଦିଲ୍ଲୀର ଏକ ବ୍ୟାଙ୍କରେ ଦିନରେ ବନ୍ଧୁକ ଦେଖାଇ ଦଶଲକ୍ଷ ଟଙ୍କା ଲୁଟ୍..." ସୁପର୍ ଫାଷ୍ଟ ଖବର କରିବାରେ ଲାଗିଥିଲେ ସମ୍ବାଦ ପାଠିକା ଜଣକ । ଆଗକୁ ଆଉ ଶୁଣିବାକୁ ଧୈର୍ଯ୍ୟ ନଥିଲା ବିପ୍ଲବର । ଟିଭିଟା ବନ୍ଦ କରିଦେଇ ବିପ୍ଲବ ମନେ ମନେ ଭାବିଲା ଯେଉଁଠି ଦେଖ ଖାଲି ଚୋରୀ, ଅଗ୍ନିକାଣ୍ଡ, ଯୁଦ୍ଧ, ଗୃହଯୁଦ୍ଧ, ଧର୍ଷଣ ! ତିନିବର୍ଷର ଝିଅକୁ ଧର୍ଷଣ ? କଣ ଜାଣେ ସେ ନିଷ୍ପାପ ଶିଶୁଟି ? ଯେଉଁ କାମ ପିପାଶୁ ଲୋକଟି ଏ ଘୃଣ୍ୟ କାମ କରୁଛି ସେ ତ ନିଶ୍ଚୟ ରୂପେ ବୟସରେ ବଡ଼ ହୋଇଥିବ ? ବୁଦ୍ଧିରେ ପରିପକ୍ୱତା ଥିବା ନଥିବା ଜଣା ନାହିଁ, ଅନ୍ତତଃ ପାଠ ତ ପଢ଼ିଥିବ ? କଣ ଲାଭ ସେ ଶିକ୍ଷାର ?

ସମ୍ବାଦ ଶୁଣି ମନ ହାଲୁକା ହେବାପରିବର୍ତ୍ତେ ଆହୁରି ଭାରି ହୋଇଗଲା । ଆଜି ଦିନଟି ବିପ୍ଲବର କୌଣସି ବିଶେଷ ସମ୍ବାଦରୁ କମ ନୁହେଁ । ସେ ଦୁଃସମ୍ବାଦକୁ ଭୁଲିବାକୁ ସେ ଟିଭି ଖୋଲି ବାହାର ଦୁନିଆର ସମ୍ବାଦ ଦେଇଥିଲା । ସମ୍ବାଦ ମାନେ ତେବେ କଣ ଏଇ ବିପର୍ଯ୍ୟୟ, ଯୁଦ୍ଧ, ଲଢ଼େଇ, ଧର୍ଷଣର କଥା ? ଭଲ ଖବର କଣ କିଛି ପ୍ରସାରିତ ହୁଏନି ? ଏପରି ଖବର

 Magazine Downloaded from www.aahwaan.com

ଶୁଣି, ଦେଖି ସମାଜରେ ଲୋକମାନେ କିଛି ସତର୍କ ହେଉଛନ୍ତି ? ଯଦି ସତର୍କ ହେଉଥାନ୍ତେ ତେବେ ଏ ସବୁ ପ୍ରତିଦିନ ଘଟୁନଥାନ୍ତା ।

ମଣିଷ ଯେତେ ଟେଲିଫୋନ୍, ମୋବାଇଲର ବ୍ୟବହାର କରୁଛି, ସେତେ ସମ୍ପର୍କ ଭିତରେ ଦୂରତା ବଢ଼ିବାରେ ଲାଗିଛି । ଯେତେ ଟ୍ରାଫିକ୍ ନିୟମ କଡ଼ାକଡ଼ି ହେଉଛି ସେତେ ବେଶୀ ଦୁର୍ଘଟଣା ବି ହେଉଛି । ଡାକ୍ତରୀ ବିଭାଗ ଓ ମେଡ଼ିସିନରେ ଯେତେ ଉନ୍ନତି ହେଉଛି ସେତେ ଦୁଃସାଧ୍ୟ ବ୍ୟଧି ଜନଜୀବନକୁ କବଳିତ କରି ମୃତ୍ୟୁ ମୁଖକୁ ଟାଣି ନେଉଛି ।

ସୁରକ୍ଷା ବ୍ୟବସ୍ଥା ଯେତେ ବେଶୀ କଡ଼ାକଡ଼ି ହେଉଛି ସେତେବେଶୀ ଚୋରୀ, ଲୁଟ, ସମାଜରେ ବ୍ୟଧିପରି ଗ୍ରାସ କରୁଛି । ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଦେଶ ଯେତେ ଅଗ୍ରଗତି କରୁଛି ସେତେ ଠକାମୀ, ଚଞ୍ଚକତା ଆଜି ସମାଜକୁ କବଳିତ କରୁଛି । ଦେଶରେ ଯେତେ 'ବେଟି ବଚାଓ, ବେଟି ପଢ଼ାଓ' ସ୍ଲୋଗାନ୍ ହେଉଛି, ସେତେ ଅଧିକ ନାରୀ ନିର୍ଯ୍ୟାତନା, ଧର୍ଷଣ, ଯୌତୁକଜନିତ ହତ୍ୟା ଭଳି ଘଟଣା ବଢ଼ିବାରେ ଲାଗିଛି ।

ଚବିଶି ଘଣ୍ଟା, ସପ୍ତାହକୁ ସାତଦିନ ଅତ୍ୟାଚାର, ହିଂସା, ଧର୍ଷଣ, ଯୁଦ୍ଧ, ଲୁଣ୍ଠନଜନିତ ସମ୍ବାଦ ପ୍ରତି ମୁହୂର୍ତ୍ତରେ ଲୋକମାନଙ୍କ ପାଖରେ ପହଞ୍ଚି ଲୋକମାନଙ୍କୁ ବିପର୍ଯ୍ୟୟ ବିଷୟରେ ସଚେତନ କରୁଛି ନା ଅନ୍ୟ ଏକ ଦୁଃସମ୍ବାଦ ପାଇଁ ପ୍ରେରଣା ଦେଉଛି ?

ସବୁ ସମ୍ବାଦକୁ ପୂର୍ଣ୍ଣଚ୍ଛେଦ ପକାଇ ପୁଅ ଇଶାନ ସହ କ୍ରିକେଟ୍ ଖେଳିଆକୁ ବାହାରିଲା । ମନ ଖୁସି ହେଇଯିବ, ହାଲୁକା ଲାଗିବ ।

ପ୍ରଥମେ ନିଜର ସମ୍ବାଦ ଠିକ୍ କରି, ନିଜ ଘରର ସମ୍ବାଦକୁ ଠିକ୍ କଲେ ସମାଜର ସମ୍ବାଦ ତ ଆପେ ଆପେ ଠିକ୍ ହେଇଯିବ ।

 Magazine Downloaded from www.aahwaan.com

# ମୁଁ ମୋ ପ୍ରେମିକ



ରୁଖ୍‌ସାର୍ ବେଗମ୍

ଯେବେ ପ୍ରଥମ ଥର କରି ତୁମେ ମୋତେ ଦେଖିଥିଲ, ସେଦିନ ଆସିକି ଆଇନାରେ ଅନେକ ସମୟ ଧରି ଚାହିଁରହିଲି ନିଜକୁ... ମନରେ ଅନେକ ପ୍ରଶ୍ନ... କେମିତି ଲାଗୁଥିବି ମୁଁ ତୁମକୁ.. ଯେବେ ତୁମେ ମୋତେ ଦେଖୁଥିବ... ମୋଆଖି... ମୋ କେଶ.... ମୋ ଚେହେରା.. ସବୁ ଠିକ ଲାଗୁଥିବ ନା ?

ଶ୍ରାବଣ ମାସ ଚାଲିଥାଏ । ମାଆ ମନା କରିଥାନ୍ତି ଦାଢ଼ି କାଟିବା ପାଇଁ... ହେଲେ ମୁଁ ଯାଇ ସେଭିଂଗ୍ ହୋଇ ଆସିଗଲି । କାଳେ ତୁମକୁ ମୁଁ ଭଲ ନ ଲାଗିବି ବୋଲି । ଆଉ ଜଣେଇଲି ନାହିଁ ମାଆଙ୍କୁ ।

ଭାବିଲି ତୁମ ପାଖକୁ ଯାଇ ଦିନେ ନିଜ ମନ କଥା ଖୋଲି କହିଦେବି । ହେଲେ ମୋ ଏ ନାଲି ଦାନ୍ତ ମାନେ ବାଧା ସାଜିଲେ ମୋ ପଥରେ । ତୁମକୁ ମୋ ନାଲି ଦାନ୍ତ ଜମା ବି ପସନ୍ଦ ଆସିବ ନାହିଁ । ସେଦିନ ନିଷ୍ପତ୍ତି ନେଲି ତୁମ ପାଖକୁ ଯିବା ପୂର୍ବରୁ ମୋତେ ଗୁଟ୍‌ଖା ପାନ ଆଦିକୁ ବର୍ଜନ କରିବାକୁ ପଡିବ । ଏବଂ ସେହିଦିନ ଠାରୁ ଏହିପରି ଭାବେ ଦୂରେଇ ଗଲି ସବୁ ବଦ୍ ଅଭ୍ୟାସ ଠାରୁ ।

ଆଉ ଯେବେ କ୍ଲାସରେ ତୁମେ ସାରଙ୍କ ସବୁ ପ୍ରଶ୍ନର ସଠିକ ଉତ୍ତର ଦେଇ ନିଜକୁ ଏକ ଉତ୍ତମ ଛାତ୍ରୀ ରୂପେ ପରିଚିତ କରାଇଲ, ମୋ ମନରେ ଏକ ଅଜଣା ଭୟ ସୃଷ୍ଟି ହୋଇଥିଲା ସେଦିନ । କାଳେ ଦିନେ ମୁଁ ପଛରେ ରହିଯିବି ଏବଂ ତୁମକୁ ପାଇପାରିବି ନାହିଁ କେବେ । ଆଉ ତୁମେ ଗଧ କହି ପୁଣି ମୁହଁ ଫେରାଇ ନେବ ମୋ ଠାରୁ । ତା ପର ଠାରୁ ମୁଁ ବି ପାଠ

 Magazine Downloaded from www.aahwaan.com

ପଢ଼ିବା ଆରମ୍ଭ କରିଦେଲି । ଓ ଧିରେ ଧିରେ ବହିମାନଙ୍କ ସହିତ ମୋ ପ୍ରଗାଢ ସମ୍ବନ୍ଧ ଗଢ଼ିଉଠିଲା ।

ଶେଷରେ ଭ୍ୟାଲେନ୍‌ଟାଇନ୍‌ସ୍ ଡେ ରେ ମୋ ସବୁ ସାହସକୁ ଏକ ଜୁଟ କରି ନିଜର ଆଦର୍ଶ ବ୍ୟକ୍ତିତ୍ୱକୁ ନେଇ ଚାଲିଲି ତୁମ ପାଖକୁ । ତୁମକୁ ମୋ ମନ କଥା କହିବା ପାଇଁ । ହେଲେ ବହୁତ ବିଳମ୍ବ ହୋଇଯାଇଥିଲା । ତୁମ ହାତରେ ଥିବା ମୁଦିଟିକୁ ଦେଖାଇ ତୁମେ କହିଲ ଗତ ସପ୍ତାହରେ ତୁମର ନିର୍ବନ୍ଧ ହୋଇ ଯାଇଛି ଆଉ କାହା ସହିତ । ମନଟା ଭାଙ୍ଗି ଚୁରମାର ହୋଇଯାଇଥିଲା ଯେମିତି । ହେଲେ ସେ ପର୍ଯ୍ୟନ୍ତ ନିଜକୁ ଏତେ ଭଲ ପାଇ ବସିଥିଲି କିଛି ଅନିଷ୍ଟ କରିବାର ଭାବିପାରିଲି ନାହିଁ ନିଜର । ସେ ଖଣ୍ଡ ବିଖଣ୍ଡ ହୃଦୟକୁ ଧରି ମାଡି ଚାଲିଲି ଜୀବନର ଏକ ନୂତନ ଉଦ୍ଦେଶ୍ୟ ସନ୍ଧାନରେ । ଏକ ନୂତନ ସପନ ଦିଗରେ । ଆଉ ସେଦିନ ଯେବେ ଆସି ମୁଁ ଘରେ ଆଇନା ଦେଖିଲି ତ ମୋତେ ପ୍ରଥମ ଥର ପାଇଁ ହୃଦୟଙ୍ଗମ ହୋଇଥିଲା ମୋ ପ୍ରକୃତ ପ୍ରେମ ବିଷୟରେ । ଯିଏ ମୋତେ ଉଦ୍ଧାର କରିଥିଲା ଏ ସବୁ କଷ୍ଟରୁ । ହଁ ସେଦିନ ଆଇନାରେ ଭେଟ ହେଲି ମୋ ପ୍ରେମ ସହ । ମୋ ସହ ।

ରୁ କ୍ ସା ର୍  ବେ ଗ ମ୍

 Magazine Downloaded from www.aahwaan.com

# ପୁନଶ୍ଚ ଇନ୍ଦ୍ରଧନୁ



ଦୀପକ ଷଡ଼ଙ୍ଗୀ

ଝଙ୍କା ବରଗଛମୂଳେ ରଘୁଆ ଶଙ୍ଖାରୀ ଭାବୁଥାଏ । ଏତେ ବର୍ଷାରେ ସହରକୁ କେମିତି ଯିବି । ପାଣିକାଚ ୧୦/୧୨ ଡଜନ ଆଜି କିଛି ଯଦି ବିକ୍ରି ନ ହୁଏ ତେବେ ସନା ବୋଉପାଇଁ ଓଷଦ ନେବି କେମିତି । ବର୍ଷା ସହିତ ପବନର ବେଗ ବି ବଢିବଢି ଚାଲିଥାଏ । ରଘୁଆ ଶଙ୍ଖାରୀ ସେ ସବୁକୁ ଖାତିର ନ କରି ଚାଲିଥାଏ ରାସ୍ତାରେ । ରାସ୍ତାସାରା ଆଣ୍ଠୁଏ ଲେଖାଏଁ ପାଣି ବୁଢାକୁ ଟୋକେଇ ମୁଣ୍ଡେଇ ଚାଲି ବ ପାଇଁ ବଡ କଷ୍ଟ ହଉଥାଏ । କିନ୍ତୁ ଉପାୟ ଯେ କିଛି ନାହିଁ । ମନେ ପଡି ଯାଉଥାଏ ବୁଢାର ଠିକ ୨୦ ବର୍ଷ ତଳର କଥା । ଏମିତି ଦିନେ ରାତିରେ ଝଡି ବର୍ଷା ଲାଗି ରହିଥାଏ । ସନାକୁ ସେତେବେଳକୁ ମାତ୍ର ୧୦ ବର୍ଷ ବୟସ । କି ଗୋଟେ ଜର ହେଲା ଯେ ଯେତେ ତୁଟୁକା ଓଷଦ ପାଣି ଦେଲେ ବି ଭଲ ହଉ ନ ଥାଏ । ଗାଁର ମିଶ୍ର ବଇଦ ମନା କରି ଦେଲେ କହିଲେ ରଘୁଆରେ ଏ ଜର ଆଉ ମୋ ଅକ୍ତିଆରରେ ନାହିଁ । ପୁଅକୁ ନେଇ ସହରକୁ ପଳା । ବର୍ଷା ପାଣିରେ ନଦୀରେ ବନ୍ୟା ଆସି ସବୁ ଫସଲ ଉଜୁଡିଗଲା । ହାତରେ ପଇସା ବି ବେଶି କିଛି ନାହିଁ । ବର୍ଷା ୫ ଦିନ ହେଲାଣି ଲାଗି ରହିଛି ଛାଡିବାର ନା ଧରୁନି । ସେପଟେ ସନା ବୋଉ କାନ୍ଦି କାନ୍ଦି ଘଡି କି ଘଡି ଚେତା ହରାଉଥାଏ । ଏମିତି କୋଉ ଦେବାଦେବୀ ନାହାନ୍ତି ଯେ ସେ ସନାର ଦେହ ଭଲ ହେଇଯିବା ଲାଗି ମାନସିକ କରିନି । ରଘୁଆ ଯାଇ ଘରେ ପହଞ୍ଚି ଦେଖେ ତ ସନା ବୋଉ ସନାକୁ କୋଡରେ ଧରି ଠାକୁର ଘରେ ବସି ଲୁହ ଗଡଉଛି । ଆଉ ଡେରି ନ କରି ରଘୁଆ କହିଲା ଡେରି କରି କିଛି ଲାଭନାହିଁ ଚାଲ ସନାକୁ ଧରି ସହରକୁ ଯିବା । ସହର ଗାଁ ଠାରୁ ୬୦ କିମି ଦୂର । ତଥାପି ଝଡି ବର୍ଷାକୁ ଖାତିର ନକରି ସ୍ୱାମୀ ସ୍ତ୍ରୀ ଦୁହେଁ ସନାକୁ ଧରି ବାହାରିଗଲେ । ଗାଁଠାରୁ ମୁଖ୍ୟ ରାସ୍ତା ପାଖାପାଖି ଦୁଇ କିଲୋମିଟର ରାସ୍ତା । ଦୁହେଁ ବାଟରେ ଯାଉ ଯାଉ ବର୍ଷାପାଣିରେ ପୁରା ଓଦା ହେଇ ଯାଇଥାନ୍ତି । ସନା ତା ମା’ କାନ୍ଧରେ ସେମିତି ପଡିଥାଏ । ବେଳେ ବେଳେ ଜରରେ ବିଳିବିଳେଇ ଯାଉଥାଏ । ଜରରେ ତ ଦେହରେ ଖଇ ଫୁଟୁଥାଏ । ୨ ଘଣ୍ଟାର ଅପେକ୍ଷା ପରେ ଗୋଟେ ବସ ଆସିଲା । ସେଥିରେ ଉଠି ରଘୁଆ ପୁଅକୁ ନେଇ ରାତି

 Magazine Downloaded from www.aahwaan.com

୯ଟାରେ ସହରରେ ପହଞ୍ଚିଲା । ଡାକ୍ତରଖାନାରେ ପହଞ୍ଚି ଡାକ୍ତରଙ୍କ ଗୋଡ଼ ଧରି ପକେଇ କାନ୍ଦିକାନ୍ଦି କହିଲା ବାବୁ ମୋ ପୁଅକୁ ବଞ୍ଚାଅ । ଡାକ୍ତର ତୁରନ୍ତ ତାକୁ ଦେଖିବାପାଇଁ ଗୋଟେ ନର୍ସକୁ କହିଲେ । ଆଉ ନର୍ସ ସନାକୁ ନେଇ ସେ ଭିତରକୁ ଚାଲିଗଲା । ରଘୁଆ ଆଉ ତ ସ୍ତ୍ରୀ ସେମିତି ଡାକ୍ତରଖାନାର ବାରଣ୍ଡାରେ ବସି କାନ୍ଦୁ ଥାଆନ୍ତି । କିଛି ସମୟ ପରେ ଡାକ୍ତର ଆସି ରଘୁଆକୁ ପଚାରିଲେ ଜର କେତେ ଦିନ ହେଲାଣି ହେଇଥିଲା । ସନା ବୋଉ କହିଲା ୭/୮ ଦିନ ହେବ । ଆମେ ବହୁତ ଓଷଦ ବଇଦ ଠାରୁ ଆଣି ଦେଇଛୁ କିନ୍ତୁ କିଛି କମିଲାନି ବୋଲି ଆମେ ତାକୁ ଏଇଠିକି ନେଇ ଆସିଲୁ । ଡାକ୍ତରବାବୁ କହିଲେ ହୁଏତ ତମେମାନେ ତାକୁ ଟିକେ ଶୀଘ୍ର ନେଇ ଆସିଥିଲେ ସେ ବଞ୍ଚିଯାଇ ଥାଆନ୍ତା । ତାକୁ ଡେଙ୍ଗୁ ଜର ହେଇଥିଲା । ଆଉ ଠିକ ସମୟରେ ଚିକିତ୍ସା ନ ହେଇପାରିବାରୁ ସେ ଏବେ ଆମ ସମସ୍ତଙ୍କୁ ଛାଡି ଚାଲିଗଲା । ଏ କଥା ଶୁଣିବା କ୍ଷଣି ସନାବୋଉ ସେଇଠି ଗଛ କଟିଲା ପରି ଟଳିପଡିଲା ।

ମଉସା ରୁହ ରୁହ । ଚମକି ପଡି ରଘୁଆ ପଛକୁ ଦେଖିଲା ପିଙ୍କି ଦଉଡି ଦଉଡି ଆସୁଛି । କଣ ସବୁ କାଚ ଆଣିଛ ଟିକେ ଦେଖାଅ । କାଲି ଆମ ଘରେ ପରା ସାରଳା ମା'ଙ୍କ ପୂଜା । ବହୁତ ଲୋକ ଆସିଛନ୍ତି । ମା' କହିଛି ସମସ୍ତେ ନୂଆ କାଚ ଆଉ ଶାଢୀ ପିନ୍ଧିବେ । ଯାହା ହଉ ଭଲ ହେଇଗଲା ତୁମେ ଦେଖା ହେଇଗଲ ନ ହେଲେ ଏ ବର୍ଷାରେ ଓଦା ହେଇ ମୋତେ ବଜାର ଯିବାକୁ ପଡିଥାଆନ୍ତା । ଘରେ ସବୁ ସ୍ତ୍ରୀ ଲୋକଙ୍କ ପାଇଁ କାଚ ଦରକାର । ତୁମେ ମୋତେ ସବୁ କାଚ ଦେଇଦିଅ । ଆଉ କେତେ ପଇସା ହଉଛି କୁହ । ବୁଢା କହିଲା ମାଆରେ ମୋ ପାଖେ ତ ସବୁ ଭଲ କାଚ ନାହିଁ । ତୁମର ଯେତିକି ଦରକାର ସେତିକି ନିଅ । ପିଙ୍କି କିଛି ନ ଶୁଣି ବୁଢା ହାତରୁ ସେ ଟୋକେଇଟା ସହ ସବୁ କାଚ ନେଇ ଯାଇ ବୁଢା ହାତରେ ଦୁଇଟା ୫୦୦ ଟଙ୍କିଆ ଗୁଞ୍ଜିଦେଲା । କହିଲା ଏତିକି ହବ ନ ଆଉ ଦେବି । ବୁଢା ଆଉ କିଛି କହିବା ଆଗରୁ ଆଉ ଦୁଇ ଖଣ୍ଡ ୫୦୦ଟଙ୍କିଆ ତା ହାତରେ ଦେଇ ସେଠାରୁ ଚାଲିଗଲା । ବୁଢା ବସି ହାତରେ ପଇସା ଧରି ଭାବୁଥାଏ ଏ ମିଶ୍ର ବଇଦ ଝିଅ ପିଙ୍କି ମୋର ସବୁ କାଚ କଣ ପାଇଁ କିଣି ନେଲା ? ସେପଟେ ବର୍ଷା ଛାଡି ଆସୁଥାଏ ଆଉ ଦୂର ଦିଗବଳୟରେ ଆଙ୍କି ହୋଇଯାଇଥାଏ ଗୋଟେ ସପ୍ତରଙ୍ଗର ସୁନ୍ଦର ଇନ୍ଦ୍ରଧନୁ ।

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ, ଖୋଡାସିଂଗି, ବ୍ରହ୍ମପୁର – ୧୦

 Magazine Downloaded from www.aahwaan.com

# ଅଭିଶପ୍ତ ଶୈଶବ



ସସ୍ମିତା ମହାନ୍ତି

ବହୁତ ବର୍ଷ ପରେ ଆଜି ଅଙ୍କିତା ସହ ମଲ୍‌ରେ ହଠାତ୍ ଦେଖା ହେଲା । ସେ ଓ ମୁଁ ଏକାଠି ଗୋଟିଏ ସ୍କୁଲ ଓ କଲେଜରେ ପାଠ ପଢୁଥିଲୁ । ବହୁତ ଭଲ ସାଙ୍ଗ ଥିଲୁ ଆମେ । କିନ୍ତୁ ପାଠପଢା ପରେ ବାହା ସାହା ହୋଇ କିଏ କୋଉଠି ରହିଲୁ, କେହି କାହା ଖବର ରଖିବା ସମ୍ଭବ ହେଲା ନାହିଁ । ଏକା ସହରରେ ରହୁଥିଲେ ମଧ୍ୟ ଆମେ ପରସ୍ପର ବିଷୟରେ ଜାଣି ନଥିଲୁ । ସେ ମୋତେ ବାଧ୍ୟ କରି ତା' ଘରକୁ ନେଇଗଲା ।

ସହରର ମଧ୍ୟସ୍ଥଳରେ ବେଶ୍ ସୁଉଚ୍ଚ ଅଟ୍ଟାଳିକା ଅଙ୍କିତାର । ତା ସ୍ୱାମୀ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଅଛନ୍ତି । ତା ପୁଅ ଦୁହେଁ ବାହାରେ ରହି ପଢୁଛନ୍ତି । ଆମେ ଗପସପରେ ମାତିଗଲୁ । ତା ଭିତରେ ଚା' ଜଳଖିଆ ଆଦି ଖିଆପିଆ ଚାଲିଥାଏ । ଏହି ସମୟରେ ଅଙ୍କିତାର ସାନ ଭଉଣୀ ଅର୍ପିତା ତା ପିଲାମାନଙ୍କୁ ଧରି ଆସି ପହଞ୍ଚିଲା । ଅର୍ପିତାକୁ ଦେଖି ମୁଁ ବହୁତ ଖୁସି ହୋଇଗଲି । କାହିଁ କେତେ ବର୍ଷପରେ ଦେଖାହେଲା ତା ସହ । ମୋତେ କିନ୍ତୁ ଲାଗୁଥିଲା ମୁଁ ତାକୁ ଏଇ ନିକଟରେ କେଉଁଠି ଦେଖିଛି । କଥା ହେଉ ହେଉ ଅର୍ପିତା କହିଲା ତା'ର ନିଜର ଗୋଟିଏ ଏନ୍ ଜି ଓ ଅଛି । ସେ ଜଣେ ସମାଜସେବୀ ଓ ଦଳିତ, ଦୁସ୍ଥ ଏବଂ ଅସହାୟ ଲୋକଙ୍କ ପାଇଁ କାମ କରେ । ନାରୀ ନିର୍ଯ୍ୟାତନା ଓ ବାଳ ଶ୍ରମିକ ପ୍ରଥା ଉଚ୍ଛେଦ ଉପରେ ବହୁତ କାମ କରି ପୁରସ୍କୃତ ହୋଇଛି । ଏବେ ମୋର ମନେ ପଡିଲା ମୁଁ ଟେଲିଭିଜନର ପରଦାରେ ଅନେକ ଥର ତାକୁ ଦେଖିଛି । ନିକଟରେ ଶିଶୁ ଦିବସ

 Magazine Downloaded from www.aahwaan.com

ଅବସରରେ ବାଳ ଶ୍ରମିକ ପ୍ରଥା ବିରୁଦ୍ଧରେ ଭାଷଣ ଦେଉଥିବାର ଶୁଣିଛି । ଯାହା ହେଉ ଅର୍ପିତା ତା ଜୀବନ ଜଞ୍ଜାଳ ଭିତରେ ସମାଜ ପାଇଁ ଏତେ କାମ କରୁଛି ଜାଣି ଖୁସି ହେଲି ।

ଅର୍ପିତାର ପିଲାମାନଙ୍କୁ ଦେଖି ପଚାରିଲି ତୋର କଣ ଦୁଇ ଝିଅ ଓ ଗୋଟିଏ ପୁଅ ?

ନାଇଁମ ନାନୀ ଲାଡ୍ଲୀ ଓ ଗୁଡ୍ଲୁ ହେଉଛନ୍ତି ମୋ ଝିଅ ପୁଅ ।

ଆଉ ଝିଅଟି କଣ ତୁମ ଘରେ କାମ କରେ ?

ଜିଭ କାମୁଡି ଅର୍ପିତା କହିଲା ଆମେ ଏତେ ମିଟିଂ କରୁଛୁ, ବାଳ ଶ୍ରମିକ ପ୍ରଥା ବିରୁଦ୍ଧରେ ଭାଷଣ ଦେଇ ଜନସଚେତନତା ସୃଷ୍ଟି କରୁଛୁ ଆମେ ଯଦି ସେଇ କାମ କରିବୁ ଲୋକେ କଣ କହିବେ ? ତା'ଛଡା ସେମାନଙ୍କୁ କାମରେ ରଖିବା ତ ଆଇନତଃ ଦଣ୍ଡନୀୟ । ପୂଜା ଆମ ଘରେ କାମ କରୁଥିବା ଲକ୍ଷ୍ମୀର ଝିଅ । ଲକ୍ଷ୍ମୀ ବାରଦୁଆରେ କାମ କରେ । ପିଲାଟିକୁ ଧରି କେତେଆଡେ ବୁଲିବ । ତେଣୁ ସକାଳେ ଆମଘରେ ପୂଜାକୁ ଛାଡି ଦେଇଯାଏ ଓ ସଂଧ୍ୟାରେ ଫେରିଲାବେଳେ ନେଇଯାଏ । ସିଏ ବି ଆମଘରେ ଖିଆପିଆ କରେ, ମୋ ପିଲାଙ୍କ ସାଙ୍ଗରେ ମିଶି ପାଠ ପଢେ ଓ ଖେଳାବୁଲା କରେ । ମୋତେ କାମରେ ପ୍ରାୟ ସବୁବେଳେ ବାହାରକୁ ଯିବାକୁ ହୁଏ, ତେଣୁ ସେ ଥିଲେ ଗୁଡ୍ଲୁ ଖୁସିରେ ଖେଳେ । ମୁଁ ବି ଅଚିନ୍ତା ହୋଇ ମୋ କାମ କରେ ।

ଏହି ସମୟରେ ଲାଡ୍ଲୀ ଆସି କହିଲା ମାମା ! ଦେଖିଲ ଗୁଡ୍ଲୁ କେମିତି ମୋ ଚୁଟି ଟାଣୁଛି ଓ ମୁଁ କହିବାରୁ ମାରୁଛି ।

ଅର୍ପିତା ଗୁଡ୍ଲୁକୁ କହିଲା, ସେ ପରା ତୋ ବଡ ଭଉଣୀ, ତାକୁ ମାରନ୍ତି ? ଯା ଦିଦିକୁ ସରି କହ । ପୁଣି ପୂଜାକୁ ଡାକି କହିଲା ଗୁଡ୍ଲୁକୁ ନେଇଯା ସମସ୍ତେ ସାଙ୍ଗହେଇ ସେପଟେ ଖେଳିବ ।

ଆମେ ପୁଣି ଗପରେ ମାତିଗଲୁ । କିଛି ସମୟ ପରେ ପୂଜା କାନ୍ଦି କାନ୍ଦି ହାତକୁ ଧରି

 Magazine Downloaded from www.aahwaan.com

ଆସି କହିଲା ଦେଖିଲ ମାଆ ଗୁଡ୍ଡୁ ବାବା କେମିତି ମୋ ହାତକୁ ଆମ୍ପୁଡି ଖଣ୍ଡିଆ କରି ଦେଇଛନ୍ତି, ରକ୍ତ ବୋହୁଛି ।

ଅର୍ପିତା ରାଗିଯାଇ କହିଲା ମତେ କୋଉଠି ଟିକିଏ ଶାନ୍ତିରେ ଏମାନେ ବସେଇ ଉଠେଇ ଦେବେନି ।

ଏତେ ବଡ ଝିଅଟିଏ ହେଲୁଣି ଛୋଟ ପିଲାଟାକୁ ସମ୍ଭାଳି ପାରୁନୁ ? ଟିପ ମାରିଦେଲେ ତୋ ଦେହରୁ ରକ୍ତ ନିଗିଡି ପଡୁଛି । ତୋତେ କଣ ମୁଁ ମାଗଣାରେ ପୋଷୁଛି, ପିଲାଟା କେତେବେଳେ କେମିତି ଟିକିଏ ମାରୁଛି ବୋଲି ପରା ତୋ ମାଆର ଦରମା ଗତମାସରୁ ଆହୁରି ପାଞ୍ଚଶ ଟଙ୍କା ବଢେଇଲି । ଯେତେ ଦେଲେନେଲେ ବି ତମର ଆପତ୍ତି ଅଭିଯୋଗ କରିବା ବନ୍ଦ ହେବ ନାହିଁ ।

ବାଳ ଶ୍ରମିକ ପ୍ରଥା ବିରୁଦ୍ଧରେ କାମ କରି ପୁରସ୍କୃତ ହୋଇଥିବା ଅର୍ପିତାର କଥା ଶୁଣି ମୁଁ ଯେମିତି ଆକାଶରୁ ଖସି ପଡିଲି । ବାଃରେ ମାଡ ଖାଇବା ପାଇଁ ମାସକୁ ପାଞ୍ଚଶ ଟଙ୍କା ପାରିଶ୍ରମିକ ! ! ଅତୀତର କ୍ରୀତଦାସ ପ୍ରଥା ଠାରୁ ଆରମ୍ଭ କରି ସମାଜରେ ପ୍ରଚଳିତ ଥିବା ଗୋତିଶ୍ରମିକ ପ୍ରଥା କଥା ମୁଁ ଜାଣିଥିଲି । କିନ୍ତୁ ଆଜିର ଦୁନିଆରେ ଦାସତ୍ୱର ଏମିତି ଏକ ନୂତନ ଯୋଜନା କେବେଠାରୁ କାର୍ଯ୍ୟକାରୀ ହେଲାଣି ମୋର ସେ ବିଷୟରେ କୌଣସି ଧାରଣା ନଥିଲା । ।

ମହାନଦୀ ବିହାର, କଟକ

 Magazine Downloaded from www.aahwaan.com

# ବଜ୍ରଶପଥ (ଏକାଙ୍କିକା)



ନୂତନ କୁମାର ବେହେରା

(ଭୂମିକାରେ - ଦିବ୍ୟଦର୍ଶୀ, ଅନ୍ୱୟା, ବିଘ୍ନଧର)

**ପ୍ରଥମଦୃଶ୍ୟ**

**ବିଘ୍ନଧର** - (*ଜଣେ ଦୁଷ୍ଟପ୍ରକୃତି ଚରିତ୍ର, ତାର ଏକମାତ୍ର ଲକ୍ଷ୍ୟ ଅନ୍ୟକୁ ତା ପରି କରିବ, କାହାରି ଭଲଦେଖି ସହିପାରେ ନାହିଁ*) ମୁଁ ଏକ ଅଶାନ୍ତଗ୍ରହ, ସମସ୍ତଙ୍କ ଉପରେ ମୋର ଅଶୁଭଦୃଷ୍ଟି । ମୋ ଇଛାରେ ମୁଁ ବାଘକୁ କରିପାରେ ଛାଗ, ସାଧୁକୁ କରିପାରେ ଦସ୍ୟୁ, ଆଉ ଏ ଦିବ୍ୟଦର୍ଶୀ ସାମାନ୍ୟ ଗୋଟେ ଯୁବକ, ଦିନକୁ ଦିନ ଯେମିତି ଭାବରେ ତାର ପ୍ରତିଭା ବିକାଶ କରିଚାଲିଛି ହୁଏତ ବହୁତ ଆଗକୁ ଯିବ, ନା ନା ଅସମ୍ଭବ । ଏମିତି ହେବାକୁ ମୁଁ କେବେ ଦେବି ନାହିଁ । ଏ ବିଘ୍ନଧରତା ସାମ୍ନାରେ ପାହାଡ ହୋଇ ଠିଆହେବ, ତା ଉପରେ ଉଲ୍କା ହୋଇ ଖସିପଡ଼ିବ, ମହାବାତ୍ୟା ହୋଇ ତାର ଭବିଷ୍ୟତ ଧ୍ୱଂସ କରିଦେବ । ଦେଖିବି ତାର ଶକ୍ତି କେତେ ।

**ଦିବ୍ୟଦର୍ଶୀ** - (ଆସିଛି, ହାତରେ କେତେକ ବହି) କିଏ ବିଘ୍ନଧର, ତୁମେ ଏଠାରେ କଣ କରୁଛ ?

**ବିଘ୍ନ** – ତୁମକୁ ହିଁ ଅପେକ୍ଷା କରିଛି, ଏବେ ଆସ ଯିବା ।

**ଦିବ୍ୟ** - କୁଆଡ଼େ, ମୁଁ ଏବେ କୁଆଡ଼େ ବି ଯାଇପାରି ନାହିଁ । ଆଗରେ ପରୀକ୍ଷା ମୋତେ ଭଲଭାବରେ ପ୍ରସ୍ତୁତ ହେବାକୁ ପଡ଼ିବ ।

**ବିଘ୍ନ** - ଓଃ, ତୋ ମୁଣ୍ଡରେ ସେହି ପରୀକ୍ଷାର ଭୂତ ପଶି ଘର କରିସାରିଛି । ପରୀକ୍ଷା ଛଡ଼ା

 Magazine Downloaded from www.aahwaan.com

ତୋର ଆଉ କିଛି ବି ଚିନ୍ତା ନାହିଁ । ଆରେ ଏମିତି ହେଲେ ଚଳିବ, ପଢ଼ି ପଢ଼ି ତୁ ପାଗଳ ହୋଇଯିବୁ । ଟିକେ ରିଲାକ୍ସ ହୁଅ, ମସ୍ତିଷ୍କଟା ଫ୍ରେଶ୍ ରହିଲା ସିନା ଅଳ୍ପ ସମୟ ପଢ଼ିଲେ ବି ବେଶି ମନେରହିବ । ଆସ ଯିବା, କ୍ଲବ୍ ଆଡ଼େ ଯିବା, ଟିକେ ରିଲାକ୍ସ କରି ଆସିବା ।

**ଦିବ୍ୟ** - ନା, ମୁଁ କୁଆଡ଼େ ବି ଯିବିନି, ତୋର ଯିବାର ଅଛି ତୁ ଯା ।

**ବିଘ୍ନ** - ପାଠ ପାଠ ଆଉ ପାଠ, ଏଇ ପାଠ ହିଁ ତୋର ମୁଣ୍ଡଟାକୁ ବିଗାଡ଼ି ଦେଇଛି ।

**ଦିବ୍ୟ** -ପାଠ କେବେ କାହାର ମୁଣ୍ଡ ବିଗାଡ଼ି ଦିଏ ନାହିଁ ବରଂ ସଜାଡ଼ି ଦିଏ ଆଉ ଏ ପାଠ ଭିତରେ ଯିଏ ଆନନ୍ଦ ଖୋଜି ପାଏ ନାହିଁ ସେ ଅନ୍ୟଦିଗରେ ମନ ଦିଏ ।

**ବିଘ୍ନ** - ଆହାଃ, ମୁଁ ଦେଖିଛି ପାଠ ପଢ଼ି ତୁ ଯେମିତି ଦୁନିଆଁଟାକୁ ଟେକି ଧରିବୁ ।

**ଦିବ୍ୟ** - ନିଶ୍ଚୟ, ସେ କନ୍‌ଫିଡେନ୍‌ସ୍ ମୋର ଅଛି । ଆଜି ଯାଏ ଯାହା ବି କରିଛି, ପାଠ ପଢ଼ି ହିଁ କରିଛି ।

**ବିଘ୍ନ** - (ବିଦ୍ରୁପ କରି) ଆହାଃ ତୁ ପଢ଼ି ଯେମିତି ଗୋଟେ କଲେକ୍ଟର ହେଇଯିବୁ ।

**ଦିବ୍ୟ** - ହଁ, ହଁ ମୁଁ କଲେକ୍ଟର ହିଁ ହେବି, ମୋ ଉପରେ ମୋର ଦୃଢ଼ ବିଶ୍ୱାସ ଅଛି । ମୁଁ ବଜ୍ରଶପଥ ନେଇଛି । କଲେକ୍ଟର ହେବି ଆଉ ତୋତେ ଦେଖେଇ ଦେବି ।

**ବିଘ୍ନ** -ଏତେ ଗର୍ବ ଅହଙ୍କାର ଭଲ ନୁହେଁ ଦିବ୍ୟଦର୍ଶୀ । ଫର୍‌ୱାର୍ଡ୍ ହୁଅ କିନ୍ତୁ ଓଭର୍ ଫରୱାର୍ଡ୍ ହୁଅନାହିଁ ।

**ଦିବ୍ୟ** - ଏଇଟା ମୋର ଗର୍ବ କି ଅହଙ୍କାର ନୁହେଁ ବରଂ କହିପାରୁ ସ୍ୱାଭିମାନ ।

**ବିଘ୍ନ** - ବାଃ, ବାଃ ପାଠ ପ୍ରତି ତୋର ଏତେ ଶ୍ରଦ୍ଧା ।

**ଦିବ୍ୟ** - ହଁ, ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍, ଆଉ ସେ ଶ୍ରଦ୍ଧା ମୋର ଅଛି । ତୋ ସହିତ ଯୁକ୍ତିକରି ମୁଁ ସମୟ ନଷ୍ଟ କରିବାକୁ ଚାହେଁନା । ମୋ ବାଟରେ ମୋତେ ଯିବାକୁ ଦେ □ ଆସୁଛି, ଆଶା

 Magazine Downloaded from www.aahwaan.com

କରୁଛି ଆଉ କେବେ ମୋତେ ଏମିତି ଡିସ୍‌ଟର୍ବ କରିବୁ ନାହିଁ । ଆସୁଛି (ତା ଯିବା ବାଟକୁ ଚାହିଁ)

**ବିଘ୍ନ** - ଠିକ୍ ଅଛି ମୁଁ ବି ଦେଖିବି, ସପନ ଆକାଶରେ ସାମାନ୍ୟ ଗୁଡିଟିଏ ହୋଇ କେତେଦୂର ଉଡି ପାରୁଛୁ, ହେଲେ ତୋର ଭାବିବା ଉଚିତ ଯେ ନଟେଇଟା ମୋ ହାତରେ ଅଛି । (ବିଦ୍ରୁପ ହସି )

*ମଞ୍ଚଅନ୍ଧାର*

********

ଦ୍ୱିତୀୟ ଦୃଶ୍ୟ

*(କଲେଜ୍‌ପାର୍କର ଘାସ ଗାଲିଚାରେ ଏକ ଶାନ୍ତ ପରିବେଶରେ ଦିବ୍ୟଦର୍ଶୀ ପଢ଼ିବାରେ ମଗ୍ନଥାଏ, ପାଦ ଚାପିଚାପି ଆସିଛି ଅନ୍ୱୟା)*

**ଅନ୍ୱୟା** - ହ୍ୟାଲୋ, ହାୟ ଦିବ୍ୟ, ଆରେ ଶୁଭୁନି କି ? (ନୀରବ ଥିଲା ଦିବ୍ୟଦର୍ଶୀ) ଏବେ ତ ଧ୍ୟାନଭଗ୍ନ କର ଦୁର୍ବାଶା ଋଷି ।

**ଦିବ୍ୟ** - ମୋତେ ଏମିତି ଭାବେ ଏଠି ଆସି ଡିସ୍‌ଟର୍ବ କରିବା ମାନେ ।

**ଅନ୍ୱୟା** - ଏଇ ସାମାନ୍ୟ ଉଦ୍ଦେଶ୍ୟଟି ବୁଝି ପାରୁନ । ଆମ୍ରକାନନର ଏକାନ୍ତରେ କୋଇଲି କାହିଁକି  କୁଉ ତାନର ଝଙ୍କାର ତୋଳେ, ଆକାଶରେ ଘୁମୁସର ମେଘ ଦେଖି କାହିଁକି ଛନ୍ଦ ତୋଳି ମୟୂରୀ ନାଚେ ।

**ଦିବ୍ୟ** -ସେ ସବୁର ମାନେ ଏବେ ମୋ ପାଖରେ କିଛି ନାହିଁ । ଏସବୁ କହି ମୋତେ ଆକର୍ଷିତ କରିପାରିବ ନାହିଁ । ଦୟାକରି ଏବେ ଏଠାରୁ ଯାଇପାର । ଯେତେ ଚେଷ୍ଟାକଲେ ବି ମୋତେ ତୁମେ ବିଚଳିତ କରିପାରିବ ନାହିଁ ।

 Magazine Downloaded from www.aahwaan.com

**ଅନ୍ୱୟା** - ଦିବ୍ୟ, ଥରେମାତ୍ର ମୋ କଥା ଶୁଣ, ମୁଁ ତୁମକୁ ପ୍ରାଣଭରି ଭଲପାଏ, Really I love you Dibya, don't betray me. You are my life. I can't live without you.

**ଦିବ୍ୟ**- It is your personal problem. What can I do ? Love can't be succeeded from one side. ତୁମେ ଏତେ emotional ହେଲେ ନିଜକୁ ଆତ୍ମନିର୍ଭରଶୀଳା କରିପାରିବ ନାହିଁ । Life can't be build on emotion. ପ୍ରବଣତାରେ ସ୍ୱପ୍ନ ଦେଖି ଆତ୍ମ ବିଭୋର ହୋଇହୁଏ କିନ୍ତୁ ଜୀବନ ଗଢିହୁଏ ନାହିଁ ।

**ଅନ୍ୱୟା** - ଦିବ୍ୟ, ଜୀବନଦର୍ଶନର ମୂଳତତ୍ତ୍ୱ ତ ପ୍ରେମ ଯାହା ଚିରନ୍ତନ ସ୍ୱର୍ଗୀୟ । ଏହା କଣ ତୁମେ ଅସ୍ୱୀକାର କର ?

**ଦିବ୍ୟ** - ହଁ, ପ୍ରଥମତଃ ଜୀବନ, ଜୀବନ ପାଇଁ ଦର୍ଶନ, ଦର୍ଶନ ପାଇଁ ଜୀବନ ନୁହେଁ ।

**ଅନ୍ୱୟା** -ସତରେ ଦିବ୍ୟ ତୁମକୁ କଥାରେ ପାରିହେବ ନାହିଁ । କଥାର ଛନ୍ଦରେ ମୋତେ ଉପେକ୍ଷା କର ନାହିଁ । ମୋର ଅନାବିଳ ଭଲପାଇବାକୁ ପ୍ରତ୍ୟାକ୍ଷାନ କଲେ, ମୁଁ ଏ ଜୀବନର ମୋହ ହରାଇବାକୁ ବାଧ୍ୟ ହେବି ।

**ଦିବ୍ୟ** - ଅନ୍ୱୟା, ଏ କଣ ? ଏତେ ଦୁର୍ବଳ ତୁମର ମାନସିକତା । ତୁମଭଳି ଉଚ୍ଚ ଶିକ୍ଷିତା ଝିଅ ପାଖରେ ଏ ସବୁ ଶୋଭାପାଏ ନାହିଁ । ଶୁଣ, ଆମେ କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ନିଜର ସଂଯମତା କେବେ ହରାଇବା ନାହିଁ ଯାହା ଆମର ଜୀବନ ନ ଗଢି ଜୀବନକୁ ଧ୍ୱଂସାଭିମୁଖି କରିଦେବ ।

**ଅନ୍ୱୟା** - ତେବେ ପ୍ରେମ କଣ ଧ୍ୱଂସର ପ୍ରତୀକ ।

**ଦିବ୍ୟ** - ନା, ପ୍ରେମ ଜୀବନକୁ ଗଢିଦିଏ କିନ୍ତୁ ନଷ୍ଟ କରେନା । ଜୀବନର ପ୍ରତିଟି କାମନାକୁ ଚରିତାର୍ଥ କରିବା ପାଇଁ ପ୍ରକୃଷ୍ଟ ସମୟକୁ ଅପେକ୍ଷା କରିବାକୁ ହୁଏ । ତା ପୂର୍ବରୁ ଏହା କରିବା

 Magazine Downloaded from www.aahwaan.com

ପାଇଁ ବ୍ୟାକୁଳ ହେଲେ କେବଳ ଯନ୍ତ୍ରଣା ହିଁ ମିଳେ । ଆଜି ସମାଜରେ ହଜାର ହଜାର ପ୍ରେମ ବିଚ୍ଛେଦ, ଛାଡପତ୍ର, ଅପହରଣ ଆହୁରି ଅନେକ କିଛି । ଏହାର କାରଣ କେବେ ଚିନ୍ତା କରିଛ ? ଦୈନିକ ଖବରକାଗଜ ପୃଷ୍ଠାରେ ପ୍ରେମଜନିତ କେତେ ଜଘନ୍ୟକାଣ୍ଡ ହେଉଛି ।

**ଅନ୍ୱୟା** - ଏସବୁ ଆମ ସମ୍ପର୍କ ସହିତ କି ସାମଞ୍ଜସ୍ୟ ଅଛି ।

**ଦିବ୍ୟ** - ଅଛି ଅନ୍ୱୟା ଅଛି, ପାଠ ପଢୁ ପଢୁ ଯେଉଁମାନେ ପାଠରୁ concentration ହଟାଇ ଝଡି ପୋକ ପରି ପ୍ରେମର ବହ୍ନିରେ ଆତ୍ମାହୁତି ଦିଅନ୍ତି, ତାଙ୍କର ପରିଣତି ଏମିତି ହୁଏ । ବର୍ତ୍ତମାନ ତୁମର ମୋର ପଢା ପ୍ରତି ଏକାଗ୍ରତା ରହିବା ଦରକାର । ବୟସ କି ସମୟ ପଳେଇ ଯାଉନାହିଁ । ଆମେ ପରସ୍ପର ଆତ୍ମ ନିର୍ଭରଶୀଳ ହେବା ପର୍ଯ୍ୟନ୍ତ ଏ ସବୁ ମନରୁ କାଢି ଫିଙ୍ଗିଦିଅ, ଦେଖିବ ତୁମ ଉପରେ ବର୍ଷା ଅଜାଡି ହୋଇ ପଡିବ ।

**ଅନ୍ୱୟା** -ତୁମଠାରୁ ମୁଁ ଏଇୟା ହିଁ ଆଶା କରୁଥିଲି । ସେଇଥିପାଇଁ ତ ମୁଁ ତୁମକୁ ଏତେ ଭଲପାଏ । ମୁଁ ଅପେକ୍ଷା କରିବି ଦିବ୍ୟ, ଜୀବନର ଶେଷଯାଏଁ ।

**ଦିବ୍ୟ** - ଶୁଣ ଅନ୍ୱୟା, ପ୍ରେମ ଅନ୍ତରର ଏକ ସ୍ୱତଃପ୍ରବୃତ ଉଚ୍ଛ୍ୱାସ । ଆତ୍ମା ଆତ୍ମାର ଏକ ଚିରନ୍ତନ ଆକର୍ଷଣ । ଉପଯୁକ୍ତ ସମୟରେ ଏହାର ସମନ୍ୱୟ ଘଟିଲେ କାଳଜୟୀ ହୁଏ । ଅନ୍ୟର ଆଖି ଆଗରେ ଦେଖେଇ ହେଉଥିବା ପ୍ରେମ, ପ୍ରେମ ନୁହେଁ । ସେ ଏକ ପ୍ରବଞ୍ଚନା ମାତ୍ର । ବିବାହର ପବିତ୍ର ବନ୍ଧନରେ ବାନ୍ଧି ହେବା ପୂର୍ବରୁ ଯୁଗଳବନ୍ଦୀ ହୋଇ ହୋଟେଲ, କ୍ଲବ୍, ପାର୍କ ଆଦିରେ ବୁଲିଲେ ପ୍ରେମ ମହନୀୟ ହୁଏନାହିଁ ବରଂ କଳୁଷିତ ହୁଏ ଅନେକ । ଆଜିର ସେମିତିକା ପ୍ରେମକୁ ମୁଁ ପ୍ରତ୍ୟାଖ୍ୟାନ କରେ ।

**ଅନ୍ୱୟା** - ଦିବ୍ୟ, ଆଜି ମୁଁ ତୁମକୁ କଥା ଦେଉଛି ଆଉ କେବେ ତୁମକୁ ଏମିତି ଭାବେ ଡିଷ୍ଟର୍ବ କରି ତୁମ କେରିୟରରେ ବାଧା ସୃଷ୍ଟି କରିବି ନାହିଁ । ଆଜିଠୁ ମନପ୍ରାଣ ଆତ୍ମା ତୁମଠାରେ

 Magazine Downloaded from www.aahwaan.com

ସମର୍ପି ଦେଇ ପାଷାଣି ଅହଲ୍ୟା ପରି ଏକ ଶିଳାଖଣ୍ଡଟିଏ ହୋଇ ରହିବି, ଏ ମୋର ବଜ୍ର ଶପଥ । ଦେଖିବି କେଉଁଦିନ ତୁମେ ମର୍ଯ୍ୟାଦା ପୁରୁଷ ଶ୍ରୀ ରାମ ହୋଇ ମୋତେ ଉଦ୍ଧାର କରିବ ।

**ଦିବ୍ୟ** - ମୁଁ ମୋର ଲକ୍ଷ୍ୟସ୍ଥଳରେ ପହଞ୍ଚିଲା ପରେ ତୁମକୁ ନିଶ୍ଚୟ ସ୍ୱାଗତ କରିବି, ଆଜି ଭଳି ସେଦିନପର୍ଯ୍ୟନ୍ତ ଯଦି ତୁମ ମନରେ ଏଇ ଅନୁରାଗ ଥିବ ।

**ଅନ୍ୱୟା** - ସେ ବିଶ୍ୱାସ ମୋର ଅଛି ଦିବ୍ୟ, ତୁମେ ସଫଳ ହୁଅ । ମୁଁ ତୁମପାଇଁ ଆଜିଠୁ ଅହୋରାତ୍ର ଜାଗର ଜାଳି କେବଳ ତୁମର ଶୁଭ ମନାସି ଆସୁଥିବି ।

**ଦିବ୍ୟ** - (ଅନ୍ୱୟା ହାତଦେଖାଇ) ସେହି ସମୟକୁ ମୁଁ ବି ଅପେକ୍ଷା କରିଛି ଅନ୍ୱୟା... ***(କ୍ରମେ ମଞ୍ଚ ଅନ୍ଧାର ହୋଇଆସିଲା)***

**ସାତବର୍ଷପରେ....          ଶେଷଦୃଶ୍ୟ**

*(କଲେକ୍ଟରଙ୍କ ବଙ୍ଗଳା, ସମୟ ଅପରାହ୍ଣ, ବଗିଚାର ଏକ ପାର୍ଶ୍ୱରେ ପାଖାପାଖି ଦୁଇଟି ଚେୟାରରେ ବସିଥାନ୍ତି ପତିପତ୍ନୀ ହୋଇ ସେଦିନର ସେ ଦିବ୍ୟଦର୍ଶୀ ଆଜିର କଲେକ୍ଟର ସାହେବ ଆଉ ତାଙ୍କର ଧର୍ମପତ୍ନୀ ଅନ୍ୱୟା, ଲଘୁ ଆଳାପରେ ବ୍ୟସ୍ତ ଥାନ୍ତି । ଭିତରକୁ ପଶିଆସିଛି ବିଘ୍ନଧର )*

**ବିଘ୍ନ** - କଲେକ୍ଟର ସାହେବ ନମସ୍କାର, ମ୍ୟାଡାମ୍ ନମସ୍କାର ।

*(ଉଭୟଙ୍କ ଦୃଷ୍ଟି ପଡ଼ିଛି ବିଘ୍ନଧର ଉପରେ, ଏକ ଜରାଜୀର୍ଣ୍ଣ ରୁଗ୍ଣଶରୀର, ବେଶପୋଷାକ ଅତି ସାଧାରଣ)*

**କଲେକ୍ଟର ଦିବ୍ୟ ସାହେବ** - କିଏ ?

**ବିଘ୍ନ** - ମୋତେ ଚିହ୍ନିପାରିବେ ନାହିଁ ସାର୍, ମୁଁ ସେଦିନର ସେ ଅଧମ ବିଘ୍ନଧର । ଆଜି ମୁଁ ମୋ

 Magazine Downloaded from www.aahwaan.com

କୁକର୍ମର ଫଳ ଭୋଗୁଛି ସାର୍ ।

**ଦିବ୍ୟ** - ଆରେ ବିଘ୍ନ ତୁମର ଏ କି ଅବସ୍ଥା ।

**ଅନ୍ୱୟା** - ସତରେ ବିଘ୍ନ ଭାଇ, ତୁମକୁ ଚିହ୍ନି ହେଉ ନାହିଁ । ତୁମର ଏ ଦୁରାବସ୍ଥା ହେଲା କେମିତି ?

**ଦିବ୍ୟ** - ହଉ ବସ ବସ, କିଛି ସଂକୋଚ କର ନାହିଁ । ଆସ ଆମ ପାଖରେ ବସ ।

**ବିଘ୍ନ** - ଆପଣ ମାନଙ୍କ ପାଖରେ ସମସ୍କନ୍ଧ ହୋଇ ବସିବାର ଯୋଗ୍ୟତା ମୁଁ ବହୁତ ଆଗରୁ ହରାଇ ସାରିଛି ସାର୍ ।

**ଦିବ୍ୟ** - ଆପଣ ଆଉ ସାର୍ ଏ ଦୁଇଟି ଶବ୍ଦ ନ କହି ଆଉ ଯାହା କହିବ ସବୁ ଶୁଣିବି । ଆଗ ବସ ।

**ଅନ୍ୱୟା** - ମୁଁ ଚା' ଜଳଖିଆର ବ୍ୟବସ୍ଥା କରୁଛି ।

**ବିଘ୍ନ** - ନା, ନା ଥାଉ । ମୁଁ ମୋର ପାପର ପ୍ରାୟଶ୍ଚିତ କରିବାକୁ ଆସିଛି । ମୋର ଆତିଥ୍ୟ ସତ୍କାର ନକରି ମୋତେ ଦଣ୍ଡ ଦିଅନ୍ତୁ ।

**ଦିବ୍ୟ** - ଏବେ ତ ବସ (*ଆଉ ଗୋଟେ ଚେୟାରରେ ବସିଛି ବିଘ୍ନ*) କୁହ କଣ ହୋଇଛି, ତୁମର ଏମିତି ଅବସ୍ଥା । (*ପ୍ରଶ୍ନିଳଦୃଷ୍ଟିରେ ଚାହିଁଥାନ୍ତି*)

**ବିଘ୍ନ** - ସେ ବହୁତ କଥା । କଲେଜ ପଢ଼ା ଶେଷହେବାପରେ ପରେ ଭଲ ପାଉଥିବା ମିତାକୁ ଉଠାଇ ନେଇ ମନ୍ଦିରରେ ବାହା ହେଲି । ବାହାଘର ପରେ ଚାକିରୀ ଖୋଜିଖୋଜି କିଛି ବି ପାଇଲି ନାହିଁ, ନା ସରକାରୀ ନା ବେସରକାରୀ । ଦିନକୁ ଦିନ ଅଭାବର ରାକ୍ଷସଟା ଆମକୁ ଜୀନା ହାରାମ୍ କରିଦେଲା । ମୋର ଆଉ ତାର ଆବଶ୍ୟକତା ପୂରଣ କରିବାକୁ ଯାଇ ଅବାଟରେ ଗୋଡ ଦେଲି । କେତେକ ଏଣ୍ଟିସୋସିଆଲଙ୍କ ସାଥିରେ ସାମିଲ୍ ହୋଇ କିଛି ଦିନ

 Magazine Downloaded from www.aahwaan.com

ବିଳାସରେ ରହିଲୁ । ବଡ ଲୋକ ହେବାର ସ୍ୱପ୍ନ, ଟଙ୍କାର ଲୋଭ ମୋତେ ଅମଣିଷ କରିଦେଲା । ମିତା ମୋତେ ପ୍ରତିବାଦ କଲା ଏ ସବୁ ଘୃଣ୍ୟ ନିଛ କାମ କରିବାକୁ । ଏହା ଭିତରେ ମୁଁ ମଦ ନିଶାରେ ଅଭ୍ୟସ୍ତ ହୋଇ ଯାଇଥିଲି । ମିତା ସାଥିରେ ସବୁଦିନ କଳି ଗଣ୍ଡଗୋଳ କଲି, ତାକୁ ମାରପିଟ୍ କରି ଅନେକ ଲାଞ୍ଛନା ମଧ୍ୟ ଦେଲି । ମୋର ଅତ୍ୟାଚାର ସହି ନପାରି ଦିନେ ସେ ବିଷଖାଇ ଆତ୍ମହତ୍ୟା କରିଦେଲା । ମୁଁ ତାକୁ ମାରିଦେଇଛି ବୋଲି ଖୁନି ଆସାମୀ ହୋଇ ଜେଲରେ ସାତବର୍ଷ ସଜା କାଟିଲି । ମୁକୁଳିଲା ବେଳକୁ ଏ ଦେହଟା ରୋଗର ଘର ପାଲଟି ଯାଇଛି । ଚିକିତ୍ସା ପାଇଁ କିଛି ନାହିଁ । ଭାବିବ ନାହିଁ, ମୁଁ ତୁମ ପାଖକୁ ସାହାଯ୍ୟ ପାଇଁ ଆସିଛି ।

**ଦିବ୍ୟ** - ଆରେ ଏମିତି କଣ କହୁଛ, ତୁମେ ଆମର ଜଣେ ଭାଇ ।

**ବିଘ୍ନ** -ଆଉ ତୁମର ସେହି ଭାଇ, ଯିଏ ଦିନେ ତୁମକୁ ଇର୍ଷା କରି ସବୁବେଳେ ଅନିଷ୍ଟ କରିବା ପାଇଁ ପଛରେ ପଡ଼ି ଯାଇଥିଲା । ତୁମେ କେମିତି ତଳକୁ ଖସିବ, ତା ପାଇଁ କେତେ ଷଡଯନ୍ତ୍ର କରିଛି । ଏମିତି ତୁମକୁ ମାରିଦେବା ପାଇଁ ମଧ୍ୟ ଚେଷ୍ଟା କରିଥିଲି । ସେହି ପାପର ଫଳ ଏବେ ଭୋଗ କରୁଛି । ମୋତେ କ୍ଷମା କରନା, ଦଣ୍ଡଦିଅ, ମୋ ପାପର ପ୍ରାୟଶ୍ଚିତ ହେଉ ।

**ଅନ୍ୱୟା** - ସେ ପଛ କଥା ମନରୁ ପାଶୋରି ଦିଅ ଏବେ ଭିତରକୁ ଆସ ।

**ଦିବ୍ୟ** -ସେ ସବୁ ମୁଁ ଜାଣେ । ସତ କହୁଛି ତୁମ ଶତ୍ରୁତା ହିଁ ମୋତେ ଏତେ ବାଟକୁ ଆଗେଇ ଆଣିଛି, ମୋ ମନରେ ବଳ ଦେଇଛି, ମୋ ଦେହରେ ଶକ୍ତି ଦେଇଛି । ତା ନହେଲେ ହୁଏତ ମୁଁ ଏତେ ବାଟ ଆସିପାରନ୍ତି ନାହିଁ । ତୁମେ ମୋର ପ୍ରେରଣା, ତୁମେ ମୋର ଶତ୍ରୁ ହୋଇ ସର୍ବଦା ସଜାଗ ରଖିଛ । ମୁଁ ତୁମଠାରେ ଋଣୀ ।

**ବିଘ୍ନ** - ଦିବ୍ୟ ତୁମେ କେତେ ମହାନ୍ (*କାନ୍ଦି ପକାଇ*) ମୁଁ ଏତେ ଅଧମ, ନିଜକୁ ନିଜ ଉପରେ

 Magazine Downloaded from www.aahwaan.com

ଘୃଣା ଆସୁଛି ।

**ଦିବ୍ୟ** - (ଜାବୁଡି ଧରି) ଏବେ ଆଉ କାନ୍ଦ ନାହିଁ ବିଘ୍ନ । ତୁମ ଅନୁତାପର ନିଆଁ ତୁମ ପଶୁତ୍ୱକୁ ଜାଳିପୋଡି ପାଉଁଶ କରି ଦେଇଛି । ଏବେ ତୁମେ ତୁମର ସବୁ ଭୁଲ୍ ବୁଝିପାରିଛ । ତୁମର ମଣିଷପଣିଆ ଜାଗି ଉଠିଛି । ଧୈର୍ଯ୍ୟଧର ତୁମର ସୁଦିନ ଫେରି ଆସିବ । ତୁମେ ତୁମ ଯୋଗ୍ୟତାରେ ଚାକିରି ପାଇବ, ମୋ ସୁପାରିଶ ଦରକାର ନାହିଁ । ଆସ ଘରଭିତରକୁ ଯିବା, ତୁମର ପୂର୍ବାବସ୍ଥା ଫେରିଆସିବା ପର୍ଯ୍ୟନ୍ତ ତୁମେ ଏଇଠି ରହିବ । (*ବିଘ୍ନଆଖିରୁ ଧାରଧାର ଲୁହ ବୋହି ଆସୁଥାଏ*) ***ମଞ୍ଚ ଅନ୍ଧାର ହୋଇ ଆସିଲା.....***

କୋହି, ଗଡିଆ, ମୟୂରଭଞ୍ଜ

ଦୂରଭାଷ-୯୯୩୮୫୫୭୮୬୧

# କବିତା ବିଭାଗ

 Magazine Downloaded from www.aahwaan.com

# ଶୁଭ ଦୀପାବଳୀ



ଧୀରେନ୍ଦ୍ର କୁମାର

ମାଆକାଳୀ ମହାକାଳୀ
ହାତେ ମୋର ପୂଜାଥାଳୀ
ସନ୍ତାନ କରେ ମୁଁ ଅଳି
ଘେନମୋର ପୁଷ୍ପାଞ୍ଜଳୀ ।

ସୁଖଶାନ୍ତି ସୌହାର୍ଦ୍ଦ୍ୟରେ
ପ୍ରେମଫୁଲ ମୁରୁଜରେ
ସଜାଇବି ଦୀପାଳୀ
ସବୁବାଧା ବନ୍ଧନରୁ
ବାହାରକୁ ଆସ ବନ୍ଧୁ
ପାଳିବା ଆମ ପରବ
ପବିତ୍ର ଏ ଦୀପାବଳୀ ।

ହୃଦୟେ ଆଲୋକ ଭରି
ଷଡ଼ରିପୁ ପରିହରି
ଦୂରକରିବା ଅନ୍ଧାର
ବସୁଧୈବ କୁଟୁମ୍ବକଂ
ଅଟେ ସଂସ୍କୃତି ଆମରି ।

ଆଖିରେ ଚମକେ ଜ୍ୟୋତି
ଓଠୁ ଝରିଯାଏ ମୋତି
ମହମହ ବାସନାରେ
ଅମୃତରେ ମହକଇ
ପିଠାପଣା କ୍ଷୀରିପୁରୀ
ଭୋକିଲା ଅଭାବୀ ଜନେ
ଅନ୍ନବସ୍ତ୍ର ଦାନକରି
ଶୁଭକାମନା କରିବା
ସଭିଙ୍କୁ ନିଜର କରି ।

ହସତାର ହେବ ଦୀପାବଳୀ ବତୀ
ଜାଳିବି ଆଜି ସଞ୍ଜରେ
ତା ମୁହଁଟା ହେବ ପୁନିଅଁର ଜହ୍ନ
ଆଜି ଉଆଁସ ରାତିରେ
ଭରିଦେବା ଯେବେ ଭୋକିଲାର ପେଟ
ଆଜି ସୁସ୍ୱାଦୁ ଅନ୍ନରେ ।

 Magazine Downloaded from www.aahwaan.com

# ବସନ୍ତ



ପ୍ରଫୁଲ୍ଲ କୁମାର ଗୋଛାୟତ

ତୁମ ଆଲିଙ୍ଗନର,

ମହୁଆ ନିଶାରେ, ସରିଗଲି ଆଜି, ମଲି ମୁଁ ଲାଜେ ।

ବାଣ୍ଟି ହେଲି ତୁମ ମଳୟ ଚୁମ୍ବନେ ,

ବଉଳ ସାଜିଲା ପାଉଁଜି ପାଦେ ।

ପଲକରେ ତୁମେ ପୁଲକିତ କଲ ,

ନାହିଁ ବାରିଧାର ତଥାପି ଭିଜେ ।

ତୁମ ଆଲିଙ୍ଗନର,

ମହୁଆ ନିଶାରେ ,ସରିଗଲି ଆଜି , ମଲି ମୁଁ ଲାଜେ ।

ତୁମ ପ୍ରଣୟର ତତଲା ଛୁଆଁ ରେ ,

ଦୁରବଳ ହେଲି , ସହିଲି ଲାଜେ ।

ନେସିହେଲି ତୁମ ପ୍ରଣୟ ଅବିର,

କୋଇଲି ମୋ ସୁର ରାଗିଣୀ ସାଜେ,

ତୁମ ଆଲିଙ୍ଗନର,

ମହୁଆ ନିଶାରେ ,ସରିଗଲି ଆଜି , ମଲି ମୁଁ ଲାଜେ ।

କବରୀ ଡେଇଁଲ , ଚିବୁକ ଛୁଇଁଲ ,

ମାନେ ଲଗାଇଲ ନିଆଁ ଏ କିଆଁ ?

 Magazine Downloaded from www.aahwaan.com

ଆପଲକ ଆଖି  ବାଟୋଇ ସାଜିଛି ,

ମନ ଖୋଜେ ତୁମ ଚଇତି ବାହା  ।

ଆପଲକ ଆଖି  ବାଟୋଇ ସାଜିଛି ,

ମନ ଖୋଜେ ତୁମ ଚଇତି ବାହା ............... ।

ଶିକ୍ଷକ-ପ୍ରଶିକ୍ଷକ , ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ , ବାରିପଦା

prafullathebest@gmail.com

 Magazine Downloaded from www.aahwaan.com

# ଚିତ୍ରକର



ନରେଶ କୁମାର ବେହେରା

ବାରି ପାରୁନି ମୁଁ
ସେ ଗନ୍ଧ
ବର୍ଷାର ଓଦାମାଟିର ହେଉ
ଅବା ସେ
ଶୀତୁଆ ରାତିର ନାଇଟ୍‌କୁଇନ୍
କିମ୍ବା ସେ ବସନ୍ତର
ନୂଆନୂଆ ଫୁଲର ବାସ୍ନାସବୁ ।

ଦେଖି ବି ଅଜଣା
ମନରେ କିଛିବି ହଇଚଇ ନାହିଁ
ଦୟନୀୟ ଦୃଶ୍ୟସବୁ
ଯାହା ଅକୁହା, କିନ୍ତୁ
ବୋଧେ ସମସ୍ତେ ଶୁଣିଥିବେ
ଜାଣିଥିବେ
ପ୍ରକୃତିର କରାଳ ତାଣ୍ଡବପରେ
ଯାହାସେ ପରିସ୍ଥିତି ।
ଏସବୁ ସ୍ଥଳେ

କେହି କୁହନ୍ତି ମୋତେ
ପୁଣି ଆଖ୍ୟା ଦେଇଥାନ୍ତି,
ନିର୍ଦ୍ଦୟୀ,
ଭାବହୀନ ବୋଲି;
ମୁଁ କିନ୍ତୁ ବାରିପାରେନା
ଦେଖିପାରେନା
ସେ ସବୁର
ଗନ୍ଧ, ଦୃଶ୍ୟସବୁ
କାନ୍‌ଭାସ୍ରେ କିଛି ଛିଟା
ତୁଳୀରୁ ଝରିଥିବା ରଙ୍ଗଛଡ଼ା ।

ଗୋଇଲୁଣ୍ଡି ମେନ୍ ରୋଡ୍,
ବ୍ରହ୍ମପୁର, ଗଞ୍ଜାମ ୭୬୦୦୦୧
ଫୋନ୍ - ୭୮୦୯୮୭୨୪୮୩

 Magazine Downloaded from www.aahwaan.com

# କି ଉତ୍ତର ଦେବ ?



ହୃଦୟାନନ୍ଦ ପଧାନ

ଜଳିଥିବା ହୃଦୟକୁ ଯଦି କେବେ ପଚାର
ସେ କି ଉତ୍ତର ଦେବ ?
ସେ ତ ଦଗ୍ଧିଭୁତ ଫଗୁଣରେ
ଫଗୁ ଖେଳି ଶରୀରଟା
କରି ଦେଇଚି ରକ୍ତାକ୍ତ ।

ସେ ବି ଦିନେ ହସିଚି
ମନଖୋଲି ସେଇ ବର୍ଷା ଭିଜା ଶ୍ରାବଣର ରାତିରେ
ନାଚିଛି ଝଡର ତାଂଡବେ ମୁକ୍ତକେଶ ।

ଭଲ ବି ପାଇଛି ଦିନେ ସେଇ ସ୍ୱର୍ଗ ମୟୀ ଅପ୍ସରୀ
ହୃଦୟକୁ ବନ୍ଧା ଦେଇ ଯାଇଥିଲା ହିମାଳୟ
ଅନ୍ତିମ ମିଳିଲା ଯନ୍ତ୍ରଣା ।

କାନ୍ଦିଥିଲା ହୃଦୟକୁ ଖୋଲି
ଝରିଥିଲା ଲହୁ, ଲୋତକ ବା କାହିଁ

 Magazine Downloaded from www.aahwaan.com

ସେ କି ଉତ୍ତର ଦେବ ?

ତାକୁ ତୁମେ ପଚାରୁଚ ବାରମ୍ବାର
ପ୍ରତି ଦିନ, ପ୍ରତି ରାତି ।

ଉତ୍ତର ଜଦି ପାଇବ
ତୁମ ଯାଇ ତାକୁ ପଚାର
ଯିଏ ଗଢିଛି ଏ ପୃଥିବୀ
ଯିଏ ଗଡିଛି ସେ ତମାଳ ବଣର ପ୍ରେମ ।

ଅମର ପାଲି
ବିରାମହରାଜପୁର
ସୁବର୍ଣ୍ଣପୁର

 Magazine Downloaded from www.aahwaan.com

# କାର୍ତ୍ତିକ ପୂର୍ଣ୍ଣିମା



ନୃସିଂହ ଚରଣ ବେହେରା

ପବିତ୍ରତାର ଭାବ ନେଇ ସାଥେ
ଆସିଛି କାର୍ତ୍ତିକ ମାସ
ଗହଳ ଚହଳ ମଠ ମନ୍ଦିରରେ
ଅର୍ଜିବାକୁ ଯେତେ ପୁଣ୍ୟ ।
ପୁରୀ ବଡଦାଣ୍ଡ ପୁରିଛି ଭିଡରେ
ଠାକୁର ଦର୍ଶନ ପାଇଁ
ହବିଷ୍ୟାଳିଙ୍କର ଧାଡି କେତେ ଯେ ଲମ୍ବିଛି
ରାଇଦାମୋଦରଙ୍କ ପାଇଁ ।
ଦୀପାଳୀର ପର୍ବ ଦୀପାବଳୀ ଆସେ
ପୁଲକିତ ହୁଏ ପ୍ରାଣ
ବାଣ ରୋହଣିରେ ପ୍ରଦୀପ ମାଳାରେ
ଧରା ହୁଏ ଆଲୋକିତ ।
କାଉଁରିଆ କାଠି ଜଳାଇ ସଭିଏଁ
ଡାକିବେ ବଡ ବଡୁଆଙ୍କୁ
ପିତୃଲୋକ ଗଣ ଆଶୀର୍ବାଦ ଢାଳ
ଖୁସିରେ ବାହୁଡିବେ ସ୍ୱର୍ଗପୁରୀକୁ ।
ଷୋଡପଠାର ପୂଜା ମାତା କାଳୀଙ୍କର
ହେବ କେତେ ଆରାଧନା
ଶଙ୍ଖ ଘଣ୍ଟ ଘଣ୍ଟା କାଦଳୀ ମର୍ଦ୍ଦଳ
ବାଜିବ ଯେ କେତେ ବାଜା
ଗୋଟିଏ ପରେ ଗୋଟିଏ ଦିନ
ବିତିଯିବ ଧୀରେ ଧୀରେ
ଦେଖୁ ଦେଖୁ ପୁଣି ପଞ୍ଚୁକ ଆସିବ
ଚଉଦିଗ କମ୍ପିବ ହୁଳ ହୁଳିରେ ।
ଆଗ ବଡଓଷା ତା'ପରେ ପଞ୍ଚୁକ
ଆସିବ କାର୍ତ୍ତିକ ପୂର୍ଣ୍ଣିମା
କାର୍ତ୍ତିକେୟ ପୂଜା ସାଥେ ବୋଇତ ବନ୍ଦାଣ
କାର୍ତ୍ତିକ ମାସର ମହିମା ।

୨୧୭, ୟୁନିଟ-୯(ଫ୍ଲାଟ), ବାୟାବାବା ମଠ ଲେନ,
ଭୁବନେଶ୍ୱର-୨୨, ଫୋନ-୭୯୭୮୮୩୦୭୧୧

 Magazine Downloaded from www.aahwaan.com

# ସ୍ୱର... ଏକ ମିଠା ସମ୍ପର୍କର...



ସ୍ମିତା ତ୍ରିପାଠୀ

ସନ୍ଦେହର ପରିସୀମା ଭିତରୁ ଯେବେ ଯିବୁ ତୁ ବାହାରି

ଭଲ ପାଇବି ତତେ ମୁଁ ଆହୁରି ଆହୁରି...

ଅବିଶ୍ୱାସର ଜ୍ୱାଳାରେ ନ ଜଳିବୁ ଯେବେ

ସବୁ ପ୍ରେମ ଅଜାଡି ଦେବି ମୁ ତେବେ...

ଯେବେ ତୁ ପୋଛି ଦେବୁ ଈର୍ଷାର ଘନିଳ କୁହୁଡ଼ି

ଶତ୍ରୁତା ଦୁରୁ ଆମକୁ ଦେଖି ଯିବ ବାଟ ହୁଡ଼ି..

ସନ୍ଦେହ ତ କରିଦିଏ ଛାର ଖାର

ଅତି ସୁନ୍ଦର ସମ୍ପର୍କ ଏ ଜୀବନ ର...

ସାଥି ମୋର ତୁ ତ ଜୀବନ ମୋହରି

ନ ଯିବୁ କେବେ ତୁ ମୋ ପ୍ରେମ ରୁ ହାରି..

ଜାଣି ଥା ଲୋ ସମ୍ପର୍କ ସିନ ହେଇଯାଏ ଗଢି

ଭାଙ୍ଗିଗଲେ କଷ୍ଟ ହୁଏ ତାକୁ ଦେବାକୁ ହୃଦୟରୁ କାଢି..

ସାଥି ଲୋ ..

ତୁ ତ ଜାଣୁ ମୁ ବି ଜାଣେ ବନ୍ଧୁତ୍ୱ ର ସର୍ତ

ହଜିବା ନାଇଁ ଏ ମୋହ ବଳେ କରି ଚାଲିବା ଆମ କର୍ତବ୍ୟ..

ତୋରି କର୍ତବ୍ୟେ ହେଇ ଯାଏ ମୁ ଖୁସି

 Magazine Downloaded from www.aahwaan.com

ତୋରି ଆନନ୍ଦେ ଦିଏ ମୁ ହସି...

ତୋରି ବ୍ୟସ୍ତତାରେ ହେଇ ଯାଏ ମୁ ବ୍ୟସ୍ତ

ତଥାପି ତୁ ନ ଚିଡୁ ଏ ସମ୍ପର୍କ ଆମର ତ...

ତୋରି ଧୈର୍ଯ୍ୟ ରେ ପାଏ ମୋ ଧୈର୍ଯ୍ୟ

ତୋରି ସ୍ପର୍ଶେ ହୁଏ ମୁ ବିମୋହିତ..

ସାଥି ଲୋ ..

ଜୀବନ ର କଳିକା ଫୁଟୁ ଫୁଟୁ ଦେଉ ତୁ ସବୁ ସ୍ନେହ ଅଜାଡି

ନ ଦେଉ କେବେ ଏ କଳିକା କୁ ଅସମୟ ରେ ଦେବାକୁ ଝଡି..

କେମିତି ତୁ ବୁଝିଦେଉ ମନ ମୋର

ଖୋଜିଦେଲେ ବେଶି ତତେ ହେଇଯାଉ ତୁ ହାଜର..

ରଖି ଥାନ୍ତୁ ପ୍ରଭୁ ଆମ ଏ ସମ୍ପର୍କ ସଦା ବେଳେ

ଘଣ୍ଟ ଘୋଡେଇ କି ରଖିଥାନ୍ତୁ ଏ ମନ ଥାଏ ବଳେ...

ସାଥି ଲୋ..

ଖଲରୀ , ହୁଲୁରିଶିଙ୍ଗା

ଅନୁଗୁଳ-୭୫୯୧୨୨

 Magazine Downloaded from www.aahwaan.com

# ବାଲ୍ୟକାଳ ବନ୍ଧୁ



ଶ୍ରୀରାଜଶେଖର
'ସି' 'ଚିମା'

ପଦ୍ମପତ୍ର ପାଇଁ ମୋତି ସମ ଜଳବିନ୍ଦୁ ସୁନ୍ଦର,
ଆମ ପାଇଁ ପିଲାଦିନର ସାଙ୍ଗ-ସମୂହଙ୍କ ସୁନେଲି ସ୍ମୃତି ସୁନ୍ଦର,
ତାଙ୍କ ଅନୁଭୂତିର ଅନୁପମ ଉପାଖ୍ୟାନ ଆମପାଇଁ ଅତି ସୁନ୍ଦର,
ପୁଣି ତାଙ୍କର ପରସ୍ପର ପ୍ରଗାଢ଼ ବିଶ୍ୱାସ ଆମ ପାଇଁ ଅତ୍ୟନ୍ତ ସୁନ୍ଦର ।

ରାତ୍ରୀ ପାଇଁ ତରୁଣ ତାରକା ମନୋରମ,
ଆମପାଇଁ ଆମ ବାଲ୍ୟକାଳ ବନ୍ଧୁ ବହୁ ମନୋରମ,
ତାଙ୍କ ହାସ୍ୟଗଳ୍ପ ପିଲାଳିଆ ବାଦ ବିବାଦ ଆମପାଇଁ ଅତି ମନୋରମ,
ପୁଣି ତାଙ୍କର ନିଃସ୍ୱାର୍ଥ ସୁମତି ସ୍ନେହ ଆମପାଇଁ ଅତ୍ୟନ୍ତ ମନୋରମ ।

ପ୍ରତି ବ୍ୟକ୍ତି ପାଇଁ ବାଲ୍ୟକାଳ ବନ୍ଧୁଙ୍କ ସାମିପ୍ୟ ମନୋହର,
ଆମପାଇଁ ବାଲ୍ୟକାଳ ମିତ୍ରଙ୍କ ସହ ଖାଇବା ପିଇବା ମନୋହର,
ତାଙ୍କ ସହ ନିଜ ମନର ବୁଝାଅବୁଝା କଥା ଜଣେଇବା ଆମ ପାଇଁ ଅତି ମନୋହର,
ପୁଣି ତାଙ୍କର ସମୟୋଚିତ ସାହାଯ୍ୟ ସତ୍ପରାମର୍ଶ ସତ୍ସଙ୍ଗତି ଅତ୍ୟନ୍ତ ମନୋହର ।

ଗୁରୁପୁତ୍ର ସୁଦାମାଙ୍କ ପାଇଁ କାନ୍ତିପ୍ରଦ କଳାକାଞ୍ଚନଙ୍କ ସୌହାର୍ଦ୍ଦ ସୁନ୍ଦର,
ଆମପାଇଁ ଶ୍ରୀରାମ-ରାମଦୂତ ହନୁମାନ ଶ୍ରୀକୃଷ୍ଣ-ସୁଦାମାଙ୍କ ସୁଧାମୟୀ ସାଦର ସୁନ୍ଦର,
ତାଙ୍କ ଚିରଞ୍ଜୀବ ମୃଦୁଳ ମୈତ୍ରୀର କମନୀୟ କୌସ୍ତୁଭ କାହାଣୀ ଆମ ପାଇଁ ଅତି ସୁନ୍ଦର,
ପୁଣି ଦୀନବନ୍ଧୁ ଜଗବନ୍ଧୁ ଶ୍ରୀଜଗନ୍ନାଥଙ୍କ ସୁଧାସ୍ମିଦ୍ଧି ସାଙ୍ଗତ୍ୟ ଆମପାଇଁ ଅତ୍ୟନ୍ତ ସୁନ୍ଦର ।

 Magazine Downloaded from www.aahwaan.com

# ସୁରଭି



ଜଗନ୍ନାଥ ତରେଇ

ଆସିଛି ସୁରଭି    ନେଇ ନୂଆ ରବି
ଖେଳାଇ ଆଲୋକ ଧାରା
ବାଛିବ ପ୍ରତିଭା    ବଢାଇବ ଶୋଭା
ସୁରଭିତ ହେବ ଧରା
ଟିକି କଳି ଆଜି    ବଡ ଫୁଲ ସାଜି
ମହକାଇ ଦେବୁ ସୁରଭି
ଦେଶର କାମରେ    ଏ ଧରା ଧାମରେ
ଯିବୁ ନାହିଁ କେବେ ନୀରବି
କୁନି କୁନି ହାତେ    ରଙ୍ଗ ତୂଳି ସାଥେ
ରଙ୍ଗୀନ କରିବେ ମନ
ଦେବେ ରେ ଆଶିଷ    ଜଗତର ଈଶ
ହଟିଯିବ ଯେତେ ଆନ
ରାମା,ଶ୍ୟାମା,ଭୀମା    ପିନ୍ଧି ନୂଆ ଜାମା
ଦେଖାଇବେ ତାଙ୍କ ନାଟ
ଲେଖିବେ ରଚନା    ନୂତନ ସର୍ଜ୍ଜନା
ବସିବ ପ୍ରତିଭା ହାଟ
ଭାଷଣରେ ଦକ୍ଷ    ପିଲାଙ୍କର ବକ୍ଷ
ଥରାଇବ ହୃଦ ଆମ
ଲଘୁ ସଙ୍ଗୀତରେ    ଶୁଭ ମୁହୂର୍ତ୍ତରେ
କମ୍ପିବ ଅଗଣା ଆମ

ପ୍ରବନ୍ଧ ଲେଖିବେ    ବିତର୍କ କରିବେ
ନାନା ପ୍ରସଙ୍ଗକୁ ନେଇ
ଜାତିର ଗାଥାକୁ    ସଂସ୍କୃତି ଶୋଭାକୁ
ନିଜ ହୃଦୟରେ ବହି
ସୃଜନଶୀଳତା    ମଧ୍ୟାହ୍ନ ସ୍ୱଚ୍ଛତା
ସୁରଭି ମାଧ୍ୟମେ ଶିଖିବା
ଘେନି ନୂଆ ଜ୍ଞାନେ    ପ୍ରଫୁଲ୍ଲିତ ମନେ
ଘରକୁ ଶେଷରେ ଫେରିବା
ସୁରଭିର ବାର୍ତ୍ତା    ଦେଖାଇବ ରାସ୍ତା
ଉନ୍ନତିର ପଥେ ଚାଲିବା
ସ୍ୱଚ୍ଛତାର କଥା    ସ୍ୱାଧୀନତା ଗାଥା
ପ୍ରଚାର ପ୍ରସାର କରିବା

(ଶିକ୍ଷକ)
ବହଳଦା ଉଚ୍ଚ ବିଦ୍ୟାଳୟ,ମୟୂରଭଞ୍ଜ
ଇମେଲ୍:jagannathtarei88@gmail.com

 Magazine Downloaded from www.aahwaan.com

# ଉପହାର



ନିରୁପମା ନାୟକ

ଉପହାର

ମୁଁ ଯେ ଭାବେ ତୁମ ଜନ୍ମ ଦିବସରେ

ତୁମ ପାଇଁ କିଛି ନେବି

ବସ୍ତୁ ଠୁ ଅମୁଲ୍ୟ ତା ଠାରୁ ପ୍ରିୟ

କିଛି ଉପହାର ଦେବୀ

ଖୋଜି ଖୋଜି ଯେବେ ନପାଇଲିକିଛି

ଭାବେ ମୁ ଯେ ଏକାନ୍ତରେ

ଏଯାଏଁ କଣ ଜାଣିପାରିଲିଣି ତୁମ  ମନକଥା

ମନମୁରୁଝେ କ୍ଲାନ୍ତରେ

କି ଅବା ବସ୍ତୁ ଯେ ଅଛି ମୋ ନଜରେ

ତୁମପାଇଁକି ଅପୂର୍ବ

କିଛି ତ ଏମିତି ଥିବ ନିଷ୍ଚେସାଥି

ଯାହା ତୁମପାଇଁ ସର୍ବ

ସେହି ଉପହାର ପାଇବି କେଉଁଠୁ

 Magazine Downloaded from www.aahwaan.com

ମନେ ମନେ ଚିନ୍ତା କରେ
ବୋକୀ ମନ ମୋର କହିଯାଏମୋତେ
ସେ ତ ଅଛି ହୃଦୟରେ

ପ୍ରତିଟି ମୁହୂର୍ତ୍ତ ତୁମ ସାଥେ ମୋର
ସେଇତ ଅପୂର୍ବସ୍ମୃତି
ସେ ସ୍ମୃତି ଠୁ ପୁଣି ଅଧିକ କି ଅଛି
ସେଇତ ଆମର ପ୍ରୀତି

ସାଉଁଟିରଖିଛି ସବୁ ସ୍ମୃତି ମୁଁ ଯେ
ସଜାଇଛି ତୁମପାଇଁ
ହେଲେ ଶବ୍ଦ ଏତେ ଅଭାବ ମୋ ପାଖେ
ଦର୍ଶାଇ ପାରେ ନାହିଁ

ପୁଣି ଭାବେ ସେ ସ୍ମୃତି ସବୁତ
ତୁମ ଠାରୁ ମୁଁ ପାଇଛି
ତୁମ ସ୍ମୃତି ସବୁ ଉପହାର ରୂପେ
ପୁଣି ତମକୁ ଦେଉଛି

ହସି ଦେଇ ଟିକେ ନିଜ ବୁଦ୍ଧୀ ପରେ

ଆଉ କିଛି ଲାଗେ ଖୋଜି
କିଛି ତ ଏମିତିଉପହାର ଥିବ
ମାନୁ ନାହିଁ ମନ ଆଜି

ଅନ୍ତର ମନରୁ ସ୍ୱର ଶୁଭେ ମୋତେ
କୁହେସେ ମନକୁ ଜାଣି
ତୁ କି ଉପହାର ଦେବୁ ତୋ ସାଥୀକୁ
ମୁଁ ଦେଉଛିବଖାଣି

ଯିଏ ତୋ ବନ୍ଧୁ ରୁ ସିନ୍ଦୁର ସାଜିଛି
ତାକୁ କି ଉପହାର ଦେବୁ
ଯିଏ ତୋସୁଖ ଓ ଦୁଃଖର ସାଥି
ତାଲାଗି ଉପହାର ଖୋଜି ନପାଇବୁ

ସତ କହିଗଲା ଅନ୍ତରମନ ମୋ
ପାରିଲିନି କିଛି ଭାବି
ଯିଏ ନିଜେ ଏକ ସୁନ୍ଦର ଉପହାର
ତାକୁ କି ଉପହାର ଦେବୀ

ଶୁଭ ଜନ୍ମଦିନ ସାଥି ।

 Magazine Downloaded from www.aahwaan.com

# ଆଜିର ସମୟ



ସୌମ୍ୟା ସୁଚରିତା ସେଣ

ଆରେ ସମୟ ଫେରିଆ ତୁ
ତତେଝୁରେ ରାତିଦିନ ତ ମୁଁ
ଫେରେଇ ଦେରେ ମୋ ପିଲାଦିନ
ଯାହାକୁ ଝୁରୁଛି ମୁଁ ପ୍ରତିକ୍ଷଣ ।[୧]

ଛୋଟ ଥିଲା  ବେଳେ ସବୁମୋର
ବଡ ହେଲାପରେ ମୋର ତୋର
ମା ବାପା ଏବେ ଭାଗ କରରେ
ଏକଲା କିଆଁ  ମୁଁ ଖରଚ କରେ ।[୨]

ମାସେ ମୋପାଖେ ଦୁଇମାସେ ତୋର
ମୋଠାରୁ ବଡ ଚାକିରୀ ତୋର
ମା ର ନାଇଁ ପେନସନ କିଛି
ବାପା କୁ ରଖିଲେ ଲାଭ ମିଳୁଛି ।[୩]

ଛୋଟ ଥିଲାବେଳେ ସାଙ୍ଗଯେ ଭାଇ
ଭାଇଟି ଗେଲ୍‌ହା ଭଉଣୀ ପାଇଁ
ବଡ ହେବାପରେ ସବୁତ  ଭୁଲି
ଅର୍ଥର ସକାଶେ ଲାଗଇ କଳି ।[୪]

ଜୀବନର ମୂଲ୍ୟ କିଛି ତ ନାହିଁ
ଭାଇ ପଛେ ଗୁଣ୍ଡା ଲଗାଏ ଭାଇ
ସମ୍ପତି ଲୋଭରେ ପାଗଳ ହେଲୁ
ହିତାହିତ ଜ୍ଞାନ ପୋଡି ଖାଇଲୁ ।[୫]

ଯୁଗର ସହିତ ପାଦ ମିଶାଇ
ଆଧୁନିକ ହେଲୁ ବାହାରେରହି
ମା ପଡ଼ିଅଛି ଜରାନିବାସ ଯାଇ
କିମିତି ଖୁସିରେ ରହୁଚୁ ତୁଇ ।[୬]

ଉପର ବରଡା ଖସାଇ ଏଠି
ତଳ ବରଡା ହସଇ ଏଠି
ତୋରି କର୍ମର ତୋପିଲା ଶାଖୀ
ସମୟ ଆଗରୁ ଖୋଲିଦେ ଆଖି ।[୭]

ହାଇଦ୍ରାବାଦ

 Magazine Downloaded from www.aahwaan.com

# # ମି ଠୁ



କାର୍ତ୍ତିକ ପାଣିଗ୍ରାହୀ

ଏକ ଅମୀମାନସିତ ପରିସ୍ଥିତିର ନାଁ
ଏକ ଅସହାୟ ଅତୀତର ଇତିବୃତି
ଏକ ଦୁର୍ବଳ ମନର ବିସ୍ଫୋରଣ
ଏକ ସମୟପଯୋଗୀ ପଦକ୍ଷେର ପଶ୍ଚାତପ
ଏକ ସୁପ୍ତ ଆଗ୍ନେୟଗିରିର ଆତ୍ମପ୍ରକାଶ
ଏକ ଦଳିତମନର ଗଳିତ ବ୍ୟଥା
ଏକ ଦୁର୍ବଳମନର ସବଳ ବାର୍ତା
ଏକ ଘୃଣିତ ବାଟର ଶାଣିତ ଆଲୋଡନ
ଏକ ଆଶାଳୀନ ଅଧ୍ୟାୟର ମୂଳ ଉତ୍ପାଟନ
ଏକ ଲୁକ୍କାୟିତ ଅତୀତର ଅତ୍ମୋପ୍ରକାଶ
ଏକ ନିରବ ସହମତିର ଅବ୍ୟକ୍ତ ଅବଶୋଷ
ଏକ ଅଲୁକାୟିତ କଳଙ୍କର ଆତ୍ମପ୍ରକାଶର ପଥ
ଏକ ଅନ୍ଧକାରର ଆଲୋକିତ ସତ
ଏକ ପିପାସୁ ମନର ଅନ୍ତର ଶସ୍ତ୍ର
ଏକ ଘୃଣିତ ଆଶାର ଶାଣିତ ଅସ୍ତ୍ର
ଏକ ସାଧୁର ଅସାଧୁ ତାର କାହାଣୀ
ଏକ ଆତ୍ମ ଘୋଷିତ ସନ୍ଥର ଅନ୍ତର ଅନ୍ତରର କାହାଣୀ.....

Magazine Downloaded from www.aahwaan.com

# ସ୍ମୃତି



ସୌମ୍ୟରଞ୍ଜନ ସ୍ୱାଇଁ

ସ୍ମୃତିର କଦମ୍ବ ଫୁଟି ମହ ମହ ବାସେ,
ଆଖି ଲୁହେ ଭିଜି ଓଠ ମିଛେ ହସେ ।
ସଞ୍ଜ ଆସେ ନଇଁ ସୁରୁଜ ଲୁଚିଲା ପରେ,
ସବୁ କିଛି ଅଛି ହେଲେ ତୁ ନାହୁଁ ପାଶେ । [୧]
କୁହୁଳେ ନିଆଁ ନିତି ହୃଦୟେ ତୋ ବିନା,
ଅତୀତର ଚିତ୍ର ମାନସପଟେ ମୋ ଦିଶେ ।
ଗଢିଥିବା ସ୍ୱପ୍ନ ଘର କ୍ଷଣେ ହୁଏ ଚୁନା,
ସର୍ବହରା ହୋଇ ମୁଁ ଯେ ଭୁମିପରେ ବସେ । [୨]
ଭାଳେ ନିର୍ଜନରେ କାଳେ ପୁଣି ଥରେ ଆସି,
ଦୁଃଖର କ୍ଷେତରେ ବୁଣି ଦେବ ଖୁସି ।
ଦିଗହରା ପଥିକ ମୁଁ ଖୋଜୁଛି ନିଜକୁ ଆଜି,
ସାଥେ ଚାଲିବ ମୋ ମନ୍ଦ ମନ୍ଦ ହସି । [୩]
ସାଜିଛୁ ସିନା ତୁ ଆଜି ହଜିଲା ନାୟିକାଟିଏ,
ଖୋଜୁଛି ତଦେ ମୁଁ ହେଲେ ନାହିଁ ତୋ ଠିକଣା ।
ଥିବି କି ନା ମୁଁ ଯେ ତୋ ହୃଦୟରେ ଆଉ ?
ଏ ପ୍ରଶ୍ନ ର ଉତ୍ତର ଆଜି ମତେ ବି ଅଜଣା । [୪]

 Magazine Downloaded from www.aahwaan.com

# ମୃଣ୍ମୟୀ ପ୍ରତିମା



ଶରତ କୁମାର ଦାସ

ଅତୁଟ ବିଶ୍ୱାସ ଓ ସରଳ ସମର୍ପଣ ଭାବର
ଫେଣ୍ଟା ଫେଣ୍ଟି ଆବରଣ
ନଡା ଓ ମାଟିର ଛାଂଚରେ
କାରିଗରର ଯାଦୁକାରୀ ସ୍ପର୍ଶ
ଝଟକୁଥିବା ଚିକମିକ ଜରିଲଗା ପାଟ
ଲମ୍ବା ଲମ୍ବା ଫୁଲମାଳ ରଂଗ ବେରଙ୍ଗର ,
ଧୂପ ଦୀପ ନୈବେଦ୍ୟର ସୁଗନ୍ଧିତ ବାସ୍ନା
ପୂଜାବେଦୀ ବେଶ୍ ତତ୍ପର ଓ ଚଳଚଂଚଳ
ମନ୍ତ୍ରପାଠର ପବିତ୍ର ମହକ
ଆଳତୀର ସମ୍ମୋହନ
ହୋମ ଅଗ୍ନିର ଝଲମଲ ଶିଖା
ବ୍ୟପିଛି ସଚରାଚର ଅନ୍ତରରୁ ଅନ୍ତରୀକ୍ଷ
ଭୂମିରୁ ଭୂମା, ଅନ୍ଧାରରୁ ଆଲୋକ
ସେ ବିରାଜିତା, ଆବିର୍ଭୂତା
ମୃଣ୍ମୟୀ ପ୍ରତିମା ଦେବୀ ଦଶଭୂଜା   । । [୧]
ଏତେ କୋଳାହଳ ତୁରୀ ଭେରୀ

 Magazine Downloaded from www.aahwaan.com

ଘଣ୍ଟ ଘଣ୍ଟା ଶଙ୍ଖନାଦ ହୁଳହୁଳି

ଲହଡି ଭାଙ୍ଗୁଛି ଭକ୍ତିର ପ୍ରାବଲ୍ୟ

ଶ୍ରଦ୍ଧାଳୁଙ୍କ ଲମ୍ବାଧାଡି ତୀବ୍ର ପ୍ରତିଯୋଗିତା

ତା ଆଖିରେ ଆଖି ମିଶାଇବାର,

ତା ହସରୁ ଚେନାଏ ସଂଗ୍ରହ କରିବା ପାଇଁ

ଅଦମ୍ୟ ପିପାସା ଓ ସକଳ ପ୍ରଚେଷ୍ଟା

କେଉଁ ଏକ ଆଦିମ କାଳରୁ ଅଦ୍ୟାବଧି

ବହଳିଆ ବିଶ୍ୱାସର ମଧୁର ଆସ୍ତରଣ । । [୨]

ନଭସ୍ପୃମ୍ବି ସୁଉଚ୍ଚ ତୋରଣ ସୁସଜ୍ଜିତ

ଝକମକ ରଂଗୀନ ଆଲୋକ ମାଳାର

ମଖମଲି ଆକର୍ଷଣର କୃଷ୍ଣଚୂଡା ଓଢଣୀରେ

ଧରିତ୍ରୀ ରାଣୀର ନବବଧୂ ବେଶ

ସବୁ ଯେମିତି ସମର୍ପିତ, ଆହ୍ଲାଦିତ

ତାଙ୍କର ଶୁଭ ଆବାହନ ପାଇଁ ଶୁଭ ସ୍ୱାଗତିକା

ମାଟି ପାଣି ପବନ ଗଛଲତା ପାହଡ ପର୍ବତ

ସବୁଜ କେଦାର ହସହସ ମୁହଁ

ପୂର୍ବ ପ୍ରସ୍ତୁତ, ସମର୍ପଣ ଭାବ

ସବୁରି ଭିତରେ ପ୍ରସ୍ଫୁଟିତ ତାଙ୍କ ଜ୍ୟୋତି

ତାଙ୍କ ଶକ୍ତି ର ଭରପୁର ଝଲକ

 Magazine Downloaded from www.aahwaan.com

ଶାରଦୀୟ ଶୋଭାର ଭଣ୍ଡାର  । । [୩]

ନଈପଠା କାଶତଣ୍ଡି

ଜହ୍ନିଫୁଲିଆ ଜହ୍ନ ରାତି

ନିର୍ମଳ ଜୋଛନା ର ଚନ୍ଦନ ଧାରା

ଶୀତୁଆ ପବନର ମନଛୁଆଁ ମୂର୍ଚ୍ଛନା

ଝରା ଶେଫାଳୀ ର ଠୋ ଠୋ ହସ

ସାଗର ବେଳାର ନିର୍ଜନତା

ମରୁଭୂମି ର ସୁଦୀର୍ଘ ବାଲୁକା ଶଯ୍ୟା

ସମସ୍ତେ ବିଭୋର,ଅଶ୍ରୁସିକ୍ତ  ଓ ସ୍ୱପ୍ନସିକ୍ତ

ସେ ଆଦ୍ୟାଶକ୍ତି ଙ୍କ ଆରଧନା ଓ ଆଶିଷର

ମହମହ ଅମୃତ ବାସ୍ନା ରେ

ପ୍ରତୀକ୍ଷା ଯାହା ଅନନ୍ତ କାଳର  । । [୪]

ଅଧ୍ୟାପକ ଶରତ କୁମାର ଦାସ

ବଡବିଲ ମହାବିଦ୍ୟାଳୟ ,ବଡବିଲ

ଜିଲ୍ଲା-କେନ୍ଦୁଝର-୭୫୮୦୩୫

ଦୂରଭାଷ - ୯୪୩୮୨୪୩୧୪୯

 Magazine Downloaded from www.aahwaan.com

# ହେ ଅଟଳ ! ଫେରିଆସ



ଡମ୍ବରୁଧର ବାଗ

ତୁମ ଭଳି ପୁତ୍ର ପାଇ ଏହି ଦେଶ
ମଣିଥିଲା ସ୍ୱର୍ଗ ସୁଖ ।
ଅଦିନରେ ତୁମେ ଚାଲିଗଲ ବୋଲି
କରୁଅଛି କେତେ ଶୋକ ।
ଏ ଦେଶର ତୁମେ ସୁଯୋଗ୍ୟ ସନ୍ତାନ
ଏ ଦେଶର ତୁମେ ରତ୍ନ ।
ତୁମ ଅବଦାନ କେତେ ଯେ ମହାନ
ଧନ୍ୟ ତୁମ ସେବା ଯତ୍ନ ।
ତୁମେଯେ ଆଦର୍ଶ ଆମ ଭାରତର
ଧନ୍ୟ ତୁମର ସାହାସ ।
ବୀରପୁତ୍ର ତୁମେ ବରପୁତ୍ର ତୁମେ
ତୁମ ପାଇଁ କାନ୍ଦେ ଦେଶ ।
କବିକୁଳ ମଣି ଭାରତର ବାଗ୍ମୀ
ଧନ୍ୟ ତୁମର ଗାରିମା ।
ସ୍ତବ୍ଧ କରିଥିଲ ସାରା ବ୍ରହ୍ମାଣ୍ଡକୁ
କବିତ୍ୱର ସେ ମହିମା ।
ପରମାଣୁ ପରୀକ୍ଷା କରାଇଣ ତୁମେ
ବିଶ୍ୱକୁ କଲ ଚକିତ ।
ପାକିସ୍ତାନ ଯାଇ ଶିକ୍ଷା ଦେଇଗଲ
ବନ୍ଧୁତାର ସେ ମହତ୍ତ୍ୱ ।

ତୁମ ସମ୍ଭାଷରୁ ଝରି ପଡୁଥିଲା
କେତେ କେତେ ସୁଧାମୃତ ।
ସେହି ସୁଧାମୃତ ପାନକରି ସର୍ବେ
ହେଉଥିଲେ ଯେ ପବିତ୍ର ।
ଲୀନ ହେଲ ଯାଇ ପଞ୍ଚ ଭୂତେ ତୁମେ
ଛାଡିଗଲ ତୁମ କୀର୍ତ୍ତି ।
ଅମର ହୋଇକି ରହିଥିବ ତୁମେ
ଆମ ହୃଦୟରେ ନିତି ।
ହେ ଅଟଳ ତୁମେ ମହାନ ବ୍ୟକ୍ତିତ୍ୱ
ଆମପୁଣ୍ୟ ଭାରତରେ ।
ଭକ୍ତି ପୁତ ଆମ ଶ୍ରଦ୍ଧାଞ୍ଜଳି ଘେନି
ଫେରିଆସ ଆଉ ଥରେ ।

ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି ଓଡ଼ିଶା
ଭ୍ରାମ୍ୟଭାଷ : ୯୧୭୮୨୨୫୭୬୪
ଇମେଲ୍ : dambarudhar11@gmail.com

 Magazine Downloaded from www.aahwaan.com

# ବୃକ୍ଷ ଓ ନାରୀ



ସନ୍ତୋଷ ପଟ୍ଟନାୟକ

ପରିବାର ଠାରୁ ପରିବେଶ ସୃଷ୍ଟି
ନାରୀର ହାତ ସବୁଠି
ବୃକ୍ଷ ଆଉ ନାରୀ ସମ ଗୁଣବର୍ତ୍ତୀ
ପରୋପକାରେ ଦୁହେଁ ଟି....

ସ୍ନେହ, ଶ୍ରଦ୍ଧା, ପ୍ରେମ ସଦା ଝରୁଥାଏ
ସଂସାର ମଧ୍ୟେ ସାରଟି
ବୃକ୍ଷ ଓ ନାରୀ ଦୁହେଁ ଉପକାରୀ
ଏକଥା ଅନ୍ୟଥା ନୁହେଁଟି....

ନାରୀ ସାଜେ ମାତା, ଭଗିନୀ ଦୁହିତା
କେବେ ଜାୟା ପତିବ୍ରତା
ସବୁରି ରୂପରେ ପ୍ରେମ କାଙ୍ଗାଳିନୀ
ସେଇ ପଥ ପ୍ରଦର୍ଶିକା....

ବୃକ୍ଷ ବି ସେମିତି ଅମ୍ଲଜାନ ପାଇଁ
ନିତାନ୍ତ ଜରୁରୀ ଆମ
ବାସଗୃହ ଠାରୁ ଶ୍ମଶାନ ପର୍ଯ୍ୟନ୍ତ
ନିଃସ୍ୱାର୍ଥେ ଦିଅଇ ଦାନ....

ଦୁହିଁଙ୍କ ମିଳନେ ପ୍ରକୃତି ଶୋଭିତ
ଝଲସଇ ତନୁମନ
ଉପମା ଦେବାକୁ ଭାଷା ନାହିଁ ମୋର
ଦୁହିଁଙ୍କୁ କଲି ନମନ..

 Magazine Downloaded from www.aahwaan.com

# ବର୍ଷା



ଅଜୟ କୁମାର ବେହେରା

ନିଦାଘର ପ୍ରଚଣ୍ଡ ରୌଦ୍ର
ମୋଚାଏ ସଂସାରେ ହା-ହା କାର
ଜୀବନ ହୁଏ ବ୍ୟାକୁଳ..
ଧରା ଉତ୍ତପ୍ତ ହୁଏ ପ୍ରବଳ...
ଜୀବଜନ୍ତୁଙ୍କ ପାଇଁ ହୁଏ କାଳ....
ଲୋକେ  ପାଆନ୍ତି ନି ଥଳକୂଳ.....
ଜୀବନ ଲଟେ ଅଭାବେ ଜଳ......
ଚାରିଆଡେ ପଡେ ଖାଲି ଚହଳ.......
ଜଳ ଜଳ ଜଳ... ପୁଣି ଜଳ........

ଜୀବନ ହୁଏ ନିଶ୍ଚଳ
ପଶୁ ପକ୍ଷୀ ହୁଅନ୍ତି ଦୁର୍ବଳ
ଯେବେ ଧରା ହୁଏ ଉତ୍ତପ୍ତ ପ୍ରବଳ.........

ଧରଣୀବାସୀଙ୍କ ଦୁଃଖେ କେବଳ
ବିଭୁ ବର୍ଷାନ୍ତି ଜଳ ପ୍ରବଳ
ହୋଇ ସେତ ଚଳ ଚଞ୍ଚଳ....

ଉତ୍ତପ୍ତ ପୃଥିବୀ ହୁଏ, ସୁଶୀତଳ
ଜୀବନୁ ହୋଟେ ଚହଳ
ଯେବେ ବର୍ଷା ହୁଏ ପ୍ରବଳ....

ପ୍ରାଥମିକ ଶିକ୍ଷକ, ସ୍ନାତକ କଳା ସିଟି,
ମୋରଡ଼ା, ମୟୂରଭଞ୍ଜ, ଓଡ଼ିଶା
ଦୂରଭାଷ- ୯୭୭୭୦୨୫୪୫୮

 Magazine Downloaded from www.aahwaan.com

# କର୍ମଫଳ



ହୃଷିକେଶ ଜାଲି

ମୁଁ ଜୀବ ସତ୍ତାଟିଏ
ହୋଇପାରେ ଏମିବାରୁ ମଣିଷ ।
ଖାଇବା ,ପିନ୍ଧିବା ,ଶୋଇବା
ବେଳେବେଳେ ଆଦିମ ପ୍ରବୃତ୍ତି
ଆସିଯାଏ ।
ଏଇ ଯେମିତି #ମି ଠୁ ଆସିଗଲା
ଆସିଲାନି ଯେ
ଭସେଇ ଦେଲା
ଆମ ସ୍ୱାଭିମାନ, ମୁଁପାଣିଆ,ଅହଂକାର
କେତେ କେତେ ବିଦାରି ନେଲା
ତି ତ୍ ଲି ପରି,
ଜଞ୍ଜାଳରେ ଆଉଟୁ ପାଉଟୁ
ସାଲୁବାଲୁ ପୋକଜକ
ଜୀବସତ୍ତା ।
ଲବ୍ଧ ଓ ପ୍ରାରବ୍ଧର କର୍ମଫଳ ।

ଅଧ୍ୟକ୍ଷ, ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟ,
ମୁନିଗୁଡ଼ା, ରାୟଗଡା ।

 Magazine Downloaded from www.aahwaan.com

# ଶୀତ



ବିଜୟ କୁମାର ପଣ୍ଡା

ଲମ୍ବା ଲମ୍ବା ପାହୁଣ୍ଡ ପକାଇ
ପଉଷ ଶୀତ ରାତି
କ୍ରମେ ବୟସ୍କ ହୁଏ,
ଅନିଚ୍ଛା ସତ୍ତ୍ୱେ ବି ସ୍ରଷ୍ଟା ଯେମିତି
ସୃଷ୍ଟିକୁ ବନ୍ଦ କୋଠରୀରେ ବାନ୍ଧିଦିଏ ।

ତୁହିନ ଶୀତଳ ରାତି
ପୃଥିବୀର ପୁଙ୍ଗୁଳା ଦେହକୁ
ଯେମିତି ଜାବୁଡ଼ି ଧରେ,
ଟୋପା ଟୋପା କାକର ବିନ୍ଦୁର
ଶୀତଳ ସ୍ପର୍ଶରେ
ଅସହିଷ୍ଣୁ କମ୍ପନ ଭରେ,
କାକର ଜୁଡୁବୁଡୁ ଜହ୍ନ
ଭାସମାନ ହୁଏ ଦୂର ଆକାଶରେ ।

ଶୀତ ରାତିର ଶେଷ ପ୍ରହର
ଆତ୍ମଗରିମା ଦେଖାଇ ଅବଶୋଷ ଛାଡ଼ିଯାଏ
କୁହୁଡ଼ିର ଚାଦରରେ ଧରାପୃଷ୍ଠକୁ
ଢାଙ୍କିଦିଏ ।

କୁହୁଡ଼ିର ବଳୟ ଆନ୍ଦୋଳନରେ ବ୍ୟସ୍ତ
ରୋକିବାକୁ ସଂସାରର ରଥ
ଶୀତ ସକାଳର ସୁନେଲୀ କିରଣ
ଭରିଦିଏ ଉଷ୍ମତା
କୁହୁଡ଼ିର ହଜେ ସତ୍ତା ।

ନାହିଁ ଡର ଏବେ ଶେଷ ପ୍ରହରକୁ,
ଚଳଚଞ୍ଚଳ ରାସ୍ତା ଘାଟ
ଏବେ ଲମ୍ବିଯାଏ ଆଗକୁ ଆଗକୁ
ଆହୁରି ଆଗକୁ ।

 Magazine Downloaded from www.aahwaan.com

# ଝିଅ



ସୁଶାନ୍ତ କୁମାର ଧଳ

ଘାତ ପ୍ରତିଘାତେ ଜୀବନଟି ଗଢ଼ା

ଜନ୍ମରୁ ସେ ପୁଣି ହୁଏ ଅଲୋଡ଼ା ।

କେବେ ଗର୍ଭଗୃହେ ହୁଅଇ ଅନ୍ତ

ଯଦି ଜନ୍ମ ହୁଏ ସେ ଅବାଞ୍ଛିତ ।

ସଭିଏଁ କୁହନ୍ତି ଲକ୍ଷ୍ମୀ ଆସିଲା

ଭିତରେ ଭାବନ୍ତି ବୋଝ ପଡ଼ିଲା ।

ବାଲ୍ୟକାଳେ ଟିକେ ପାଏନା ସ୍ନେହ

ସର୍ବେ ତା'ର ପ୍ରତି ହୁଅନ୍ତି ନିର୍ଦ୍ଦୟ ।

ବାଲ୍ୟ ଯାଇ ଯେବେ ପଶେ ଯୌବନ

ଦୃଷ୍ଟି ପକାନ୍ତି ଯେ ଦୁର୍ଜନ ଜନ ।

କେବେ ଯଦି ସେ ହୁଏ ଧର୍ଷିତା

ସମାଜ ଆଖିରେ ହୁଏ ନିନ୍ଦିତା ।

କେତେବେଳେ ହୁଏ ଏସିଡ୍ ମାଡ଼

ଶାଶୁଘରେ ବହେ ଦୁଃଖର ଝଡ଼ ।

ସଭିଙ୍କ ମନକୁ ରଖିବା ପାଇଁ

ଦିନରାତି ପୁଣି ସେ ଲାଗିଥାଇ ।

ସଳିତା ପରିକା ତା'ର ଜୀବନ

ନିଜେ ଜଳି କରେ ଜ୍ୟୋତି ପ୍ରଦାନ ।

ବିଧିର ବିଧାନ ନିଷ୍ଠୁର ଏତେ

ଲେଖିଲା ଭାଗ୍ୟରେ ଯାତନା ଯେତେ ।

ପାଏନା ଜୀବନେ ଟିକିଏ ସୁଖ

ତଥାପି ସେ ହସେ ଲୁଚାଇ ଦୁଃଖ ।

ସବୁକିଛି ସହି ବାଣ୍ଟେ ସେ ସ୍ନେହ

କାହିଁକି ନା ସିଏ ଗୋଟିଏ ଝିଅ ।

ଝିଅ... ଝିଅ... ଝିଅ...

ଜୟନ୍ତରା, ଯାଜପୁର, ଓଡ଼ିଶା ୭୫୫୦୦୬

 Magazine Downloaded from www.aahwaan.com

# ମଦ୍ୟପାନ ଅଟେ ମନ୍ଦ



ମହେଶ୍ୱର ସାହୁ

ସ୍ନେହ ପ୍ରେମ ପ୍ରୀତି ହଜିଯାଇଥାଏ
ମଦ୍ୟପାନର ନିଶାରେ
ଯେତେ ବୁଝାଇଲେ ମଦ୍ୟପ ବୁଝେନା
ଓଲଟି କଳହ କରେ ।
ନିଜ ପରିବାରେ କରି ବିଶୃଙ୍ଖଳା
ପରିବାର ନିନ୍ଦା ଗାଇ
ଟିକିଏ ପିଇଲେ ମନ ବୁଝେନାହିଁ
ବିକିଭାଙ୍ଗି ଯାଏ ପିଇ ।
ବିକୃତ ମସ୍ତିଷ୍କେ ବାର୍ତ୍ତାଳାପ ତାର
ହୁଅଇ ଅସଭ୍ୟ ଖର
ଅପ୍ରିୟ ହୁଅନ୍ତି ସାହି ଭାଇ ବନ୍ଧୁ
ଅସହ୍ୟ ହୁଏ ବେଭାର ।
ମଦରୂପୀ ବିଷ ଧିରେ ଧିରେ ଗ୍ରାସେ
ନିଜର ସୁସ୍ଥ ଶରୀର

 Magazine Downloaded from www.aahwaan.com

ବୁଝିଲା ବେଳକୁ କିଛି ରହେନାହିଁ
ମଦ୍ୟକୁ ବର୍ଜନ କର ।
ସେହି ପଇସାକୁ ସନ୍ତାନ ସନ୍ତତି
ଶିକ୍ଷାରେ ଲଗାଇଥିଲେ
ପରିବାର ପାଇଁ କୋଠାବାଡ଼ି କରି
ସୁସ୍ଥରେ ରହିବା ଭଲେ ।
କର୍କଟ ରୋଗର କାରଣ ହେ ମଦ
ମଦକୁ ବର୍ଜନ କର
ଅପ୍ରିୟ ସଂସାର ଆଉ ସହୋଦର
କେହି ନ ହେବେ ନିଜର ।
ଓଡ଼ିଶା ହେଉ କି ସାରା ଭାରତରେ
ମଦକୁ ବର୍ଜନ କଲେ
ନାରୀର ସୁରକ୍ଷା ସଡ଼କ ସୁରକ୍ଷା
ସମାଜ ରହିବ ଭଲେ ।

 Magazine Downloaded from www.aahwaan.com

# ଚାରୋଟି ସନେଟ୍



ଡ଼ଃ.ଦୀପଞ୍ଜଳି ସାହୁ

ଅଭିଜ୍ଞତା:-

କିଏ ବା ପଚାରେ ତାକୁ
ସେ ମୋ ମନ ନିଆଁ
ପାଉଁଶ ତଳର
କେରା କେରା ସ୍ମୃତି ଗୁଡାକୁ ସେ
ବାନ୍ଧି ରଖିଛି,
ଅଭିଜ୍ଞତା ସୂତା ଖଣ୍ଡକରେ ।୧ ।

ଯନ୍ତ୍ରଣା:-

ମୁଁ ଏକ ଆହତ ମୌସୁମୀ
ଯନ୍ତ୍ରଣାର ଯୁପକାଠି ମଧ୍ୟେ
ଜଳିଗଲା ବେଳେ,
ନୂଆ ଏକ ଯୋଗସୂତ୍ର
ବୟସର ମଝି ରାସ୍ତାରେ,
ସେତୁ ହୋଇ ପଥ ଓଗାଳିଲା ।୨ ।

ଜୀବନ:-

ଜୀବନଟା ନୁହେଁ ଏକ ନନ୍ଦନକାନନ,
ଯେଉଁଠି ଗାଏ କୋଇଲି
ବସି ଅମ୍ରକୁଞ୍ଜରେ,
ସବୁବେଳେ ପଞ୍ଚମ ତାନରେ ।୩ ।

ଆଶା:-

ଜୀବନଟା ଏକ ଯୁଦ୍ଧକ୍ଷେତ୍ର
ମୁଁ ନୁହଁ ଏକ ପରାଜିତ ସୈନିକ
ଯେଉଁଠି ଆନନ୍ଦ ପାଇଛି ମୁଁ,
ଲହୁଲୁହଣ ହବାରେ ।
ହେଲେ, ଆଶା ମୋର ଶେଷେ
ବଜାଇବି ମୁଁ ବିଜୟର ଢୋଲ ।୪ ।

ସାଧୁ ଗୌଡେଶ୍ୱର ମହାବିଦ୍ୟାଳୟ
କନିକପଡା, ଯାଜପୁର

 Magazine Downloaded from www.aahwaan.com

# ଆଜି ଭାରି ମନେପଡ଼େ



ପ୍ରଶାନ୍ତ କୁମାର ନାଥ

ଗାଁରେ ଥିଲା ମୋର ଗୋଡ଼ି ମାଟି ରାସ୍ତା
ଅସଳେ ବର୍ଷରେ କାଦୁଅରେ ଭରା
ବର୍ଷରେ ଧୂଳି ଧୋଇ ଯାଇ
ପଥର ଗୁଡିକୁ ହୋଇ ଯାଇଥିବ ଠିଆ
କାହିଁ କେତେଥର ସେଠି ଝୁଣ୍ଟି ପଡ଼େ
ଆଜି ଭାରି ମନେ ପଡ଼େ ।
କଅଁଳା ବାଛୁରୀ ଡିଆଁମାରେ
କୁନିଝିଅଟି ପ୍ରଜାପତି ଧରେ
ପାଠ ନ ପଢ଼ିଲେ କେତେ
କାନ ଧରି ଉଠବସ ହୁଏ
ବୋଉ କିଛି କହିଦେଲେ ରାଗିକରି
ଧୂଳିରେ ମୁଁ ଗଡ଼େ
ଆଜି ଭାରି ମନେ ପଡ଼େ ।
ଜୁଇ ଯାଇ ହେନା ମାଳତୀ ବସେ
ପୂରୁବ ଦିଗରେ ସୁରୁଜ ହସେ
ଗାଧୋଇବା କଥା କହିଲେ
ମୋତେ ଭାରି ଡର ଲାଗେ
ତଥାପି ସାଙ୍ଗମାନଙ୍କ ସହ
ପୋଖରୀରେ ବୁଡ଼େ
ଆଜି ଭାରି ମନେପଡ଼େ ।

ସାଙ୍ଗ ମାନଙ୍କ ସାଥେ ଖେଳିଛି ମେରି
ଖରାଦିନ ପୁଣି ଖେଳେ ଲୁଚକାଳି
ଖାଇଛି କାହିଁ କେତେ ମାଡ଼ଗାଳି
ସେକି ହେଇଛି ଶୀତ ସକାଳେ କୁଟା ଜାଳି
ଖରାବେଳେ ଆମ୍ବ ଖାଇବାକୁ ଯାଇ
ଲୁଚି ଲୁଚି ଗଛ ଚଢ଼େ
ଆଜି ଭାରି ମନେପଡ଼େ ।
ଗାଡ଼ିଆରେ ପଶି ମାଛ ଧରିଛି
ଗୁଲି ଗୋଟି ଖେଳ କେତେ ଖେଳିଛି
କାଦୁଅ ପାଣିରେ ଘଣ୍ଟି ହେଇଛି
ସାଙ୍ଗ ସାଥି ମେଳେ ଦିନ କାଟିଛି
ସପନ ସହରେ ଯାଇ ସପନରେ
ରଜ ଉଆସ ଗଢେ
ଆଜି ଭାରି ମନେପଡ଼େ ।

ସୁନ୍ଦରପୁର, ପ୍ରୀତିପୁର, ଯାଜପୁର ।
ଭ୍ରାମ୍ୟଭାଷ : ୦୮୮୯୨୩୦୧୧୪୩

 Magazine Downloaded from www.aahwaan.com

# ପ୍ରଜାପତିର ଡେଣା



ଅଶ୍ୱିନୀ ଦାଶ

ବହୁତ ସୁନ୍ଦର ଉଡିବା ଦୃଶ୍ୟ,

ଅଦ୍ଭୁତ ଶକ୍ତିରେ ମନ୍ତ୍ରିତ ପକ୍ଷଯୋଡ଼ି ।

ସୁରଭି ଛୁଇଁ ଛୁଇଁ ଯାଏ,

ପାଗଳ ପରି ଫୁଟିବାକୁ ଯନ୍ତ୍ରିତ ହୁଅନ୍ତି

ସେମାନେ,

ପ୍ରେମ ସତେ ଏତେ ଜୀବନ୍ତ ଓ ଅନ୍ଧାର !

ତୋ ସୁନ୍ଦରପଣର ମାଦକତା

ସେମାନଙ୍କୁ ନଷ୍ଟ କରେ,

ସେଇ କଣ୍ଟା

ଚୁମ୍ବନକୁ କ୍ଷତାକ୍ତ କରେ,

ଈର୍ଷାଳୁ ପାଖୁଡାମାନେ

ତୋତେ ଛୁଅନ୍ତି,

ଆଘ୍ରାଣ କରନ୍ତି ।

ତୀବ୍ରତର ବେଗ ତୋର,

ସମୁଦ୍ର ଲଂଘିବାର ସାହସ

ତୋ ମସ୍ତିଷ୍କରେ,

ପ୍ରାଣର ଅଦମ୍ୟ ଆକର୍ଷଣରେ

ବନ୍ଦୀ ସେମାନେ

ଶୁଙ୍ଘନ୍ତି

ଓ ଝଡିଯାନ୍ତି ।

ତୁ ବିଶ୍ୱାସ କର ବା ନ'କର

ସେଇ ପାହାଡ଼େ କଢ଼ିଟିଏ

ବର୍ଷତମାମ ଫୁଟୁଥାଏ ।

ତାକୁ କେବେ ଛୁଇଁବୁନି ,

ଛୁଇଁଲେ ଫୁଟିବାକୁ ବ୍ୟାକୁଳ ହେବୁ

ଉଡିପାରିବୁନି ।

ଓଡିଆ ଭଣ୍ଡାରି ସାହି, ପାରଳାଖେମୁଣ୍ଡି,

ଗଜପତି, ଓଡ଼ିଶା, ପିନ-୭୬୧୨୦୦

ମୋବାଇଲ-୮୭୬୩୨୫୦୬୫୬

 Magazine Downloaded from www.aahwaan.com

# ବନ୍ଧକ ପଡ଼ିଛି



ରାମ କଲତା

ହେ ସୁଧାମୟୀ...

ତମେ ସିନା କହିଦେଲ ମୋ ପାଖେ

ତମ ମନର କଥା ଓ ପ୍ରେମର ଭାଷା

ପ୍ରେମ ସହକାରେ

ରଖିଛି ତମକୁ ହୃଦୟରେ

ତମ କୋମଳ ମନ ଓ ଲାଜୁଆ ହସକୁ

ସତେଜ ରଖିବା ପାଇଁ

ରାଜି ହେଇଗଲି ତମ କଥାରେ ।।

ହେ ମଧୁମୟୀ...

ଜହ୍ନ ରାତିରେ ଲୁଚିଲୁଚି ଯେବେ

ପବନର ମିଠା ମିଠା କଥା କହୁଥିଲ

ବୁଝିଥିଲି ତମ ହୃଦୟକୁ

ସମର୍ପି ଦେଇଛ ମୋ ପାଖରେ

ହେଲେ ମୁଁ ପାରିବିନି ହୃଦୟ ଦେଇ

କାରଣ ପାଞ୍ଚବର୍ଷ ହେଲା ବନ୍ଧକ ପଡିଛି

ପବିତ୍ର ଖୁସିର ନଗରୀରେ ।।

ହେ ଭବ୍ୟମୟୀ...

ତମେ ମତେ ଭଲ ଲାଗ

ମନ ଦୁଃଖ ନ କରି

ଲାଜୁଆ ହସକୁ ସତେଜ ରଖିଥ'

ହୃଦୟ ସିନା ପାରିଲିନି ଦେଇ

ହେଲେ ତମ ଆଖିର ଭାଷାକୁ

ହୃଦୟ କବିତାରେ

ଲେଖୁଥିବି ଜନମ ଜନମ ପାଇଁ ।।

ଡୁଙ୍ଗୁରିପାଲି, ଖାରୀ, ସୁବର୍ଣ୍ଣପୁର

ଦୂରଭାଷ: ୭୭୫୨୦୮୯୧୭୫

 Magazine Downloaded from www.aahwaan.com

# ଶ୍ରାବଣୀ



ଅର୍ପିତା ରଣା

ଶ୍ରାବଣୀ ସେ ଝିଅ !
ହଁ ସେ ଝିଅ, ଯିଏ କହେ ମୁଁ କେବେ ଶ୍ରାବଣ ଦେଖିନି,
ସେ ଝିଅ, ଯିଏ କହେ ମୁଁ କେବେ ବର୍ଷାରେ ଭିଜିନି,
ସିଏ କହେ ସେ କେବେ କାକରକୁ ଆଲିଙ୍ଗନ କରିନି,
ଫର୍ଦ୍ଦ ଫର୍ଦ୍ଦ ନୋଟ୍ ଖାତା ଚିରି କାଗଜ ଡଙ୍ଗା ଭସେଇନି ।
ହଁ, ଶ୍ରାବଣୀ ସେ ଝିଅ,
ଯିଏ କାଦୁଅରେ ଦୌଡ଼ି ଦୌଡ଼ି ଅସନା ହୋଇନି,
ମା ଠୁ ରୁଷିଯାଇ ବେଙ୍ଗୁଲୀକୁ ମିତ କରିନି ।
ହଁ ଶ୍ରାବଣୀ ସେ ଝିଅ ଯେ ଶ୍ରାବଣକୁ ଦେଖିନି ।
ଶ୍ରାବଣୀ, ହେଉଛି ସେ ହତଭାଗୀ, ସେ ଚାତକୀ
ଯିଏ ଶ୍ରାବଣକୁ ଝୁରି ନିଦାଘରେ ପ୍ରାଣ ହାରିଛି ।
ଜୀବନର ଆଲୋକକୁ ଦେଖିବାର
ଚେଷ୍ଟାରେ ଆଖି ମେଲୁ ମେଲୁ ହାରିଯାଇଛି ।
ହଁ ସେ ହାରି ଯାଇଛି;
ନିଜଠୁ ନୁହେଁ, ତା ନିଜର କୁହାଉଥିବା ନିଜ ଲୋକଠୁ
ଆଠମାସର ପ୍ରତୀକ୍ଷା ନିଦାଘରେ ସରିଛି,
ହଁ, ଶ୍ରାବଣୀ, ଶ୍ରାବଣ ଆସିବା ପୂର୍ବରୁ ଜୀବନ ହାରିଛି ।

ପଦ୍ମପୁର, ରାଜବୋରାସମ୍ବର, ବରଗଡ଼
୭୬୮୦୩୬, ଓଡ଼ିଶା

 Magazine Downloaded from www.aahwaan.com

# ମୋ ଭାଇ



କେଶରୀ ପ୍ରସାଦ ମହାନ୍ତି

ସମୟ ସ୍ରୋତରେ ପାଲଟିଗଲେ ସେ ମୋ ପାଇଁ ମମତା ନଈ
ସବୁ ଦୁଃଖ ଭୁଲେ ତାଙ୍କ ଲେଲିନ୍ ଡାକରେ ସେ ମୋ ଜୟ ଭାଇ ।[୧]
ଜୁନିୟର୍ ମାନଙ୍କ ପାଇଁ ଛିଡ଼ା ହୁଅନ୍ତି ରକ୍ଷା କବଚ ହୋଇ,
ସମସ୍ତଙ୍କୁ ସ୍ନେହ ଆଦର ଦିଅନ୍ତି ଆମ ପ୍ରିୟ ଶିବା ଭାଇ । [୨]
ମୁଣ୍ଡଝାଳ ତୁଣ୍ଡେ ମାରି ଜୀବନ ଦିଅନ୍ତି ବୃକ୍ଷଙ୍କ ପାଇଁ
ଘରଟାକୁ ପୁରା ନର୍ସରୀ କଲେଣି ସେ ଆମ ରାଜା ଭାଇ । [୩]
ପୋଖରୀ କୂଳରେ ମଗ୍ନ ହୋଇ ବସେ ମାଛଙ୍କୁ ଦେଖିବା ପାଇଁ
ହସଖୁସି କରି ମଜା କରେ ଯିଏ ସେ ଆମ ରିଚି ଭାଇ । [୪]
ସବୁଠାରୁ ଭଲ ବନ୍ଧୁଟିଏ ଭାବି ମନ କଥା ଦିଏ କହି,
ସବୁ ଦୁଃଖ ସେ ତ ବୁଝିପାରିନିଏ ସେ ମୋ ଜିମୁ ଭାଇ । [୫]
ଗୁଡୁଭାଇ ମୋର ଦୂରରେ ରହିଲା ଜୋଡ଼ାର ହିରୋ ହୋଇ
କାହ୍ନା, ବିକୁ, ସୋମୁ, ଶ୍ରଦ୍ଧା ଓ ବାବୁ ଏମାନେ ମୋ ସ୍ନେହ ନଈ । [୬]
ମୁଁ ଏମାନଙ୍କ ଭାଇ ।

ପରମାନନ୍ଦପୁର, ଭଦ୍ରକ, ୭୫୬୧୨୨, ଓଡ଼ିଶା

 Magazine Downloaded from www.aahwaan.com

# କିନ୍ନର



ଦୀପକ କୁମାର ଦାଶ

ନିୟତିର ବିଶାଳ ସୃଷ୍ଟିରେ
ବିଚିତ୍ର ପରିକଳ୍ପନା ତୁମେ
ଗଢୁ ଗଢୁ ଥକିଗଲା ବୋଧେ
ଭରିଲାନି ତୁମ ଦେହେ ପୁର୍ଣ୍ଣତାର ରଙ୍ଗ..... [୧]
ସମାଜର ବିସ୍ତୃତ ଇଲାକାରେ
ବଞ୍ଚିବାର ଅନେକ ଅମୀମାଂସିତ ପ୍ରଶ୍ନର
ଆଜି ବି ଜବାବ ମାଗେ
ତୁମ ଆଖି କୋଣେ ଜକେଇଥିବା ସେଇ ଢ଼ଳ ଢଳ ଦୁଇ ବୁନ୍ଦା ଲୁହ
ହେଲେ ,
ମିଳେ ଖାଲି ପ୍ରତାରଣାର ଅକୁହା ଉତ୍ତର । [୨]
ତଥାପି ବି,
ସମୟର ବିସ୍ତୃତ ବନ୍ଧନୀରେ
ସିମାହୀନ ଅନୁଭବର ଅନେକ ବିରଳ ସ୍ମୃତିକୁ ସାଇତି
ଖୋଜୁଅଛି ତୁମ ମନ ପାଇବାକୁ ବୋଧେ ,
ପୁର୍ଣ୍ଣତାର କିଛି ନିଆରା ବାସ୍ନା । [୩]
ହେଲେ,
କେଜାଣି କାହିଁକି ଏବେ, ହୃଦୟଟା ମୋର ବାରମ୍ବାର
ପ୍ରକମ୍ପିତ ହୁଏ, ବିଜୟ ବାଦ୍ୟର ସେଇ ବିପ୍ଲବୀ ଶବ୍ଦରେ । [୪]

ଛତ୍ରପୁର, ଗଂଜାମ
ଭ୍ରାମ୍ୟଭାଷ- ୯୭୭୬୩୭୭୦୭୮

 Magazine Downloaded from www.aahwaan.com

# ନିଶିଦ୍ଧ ନୀରବତା



ନବୀନ ସାହୁ

ନୀରବି ଯାଅନା ଜୀବନ,

ମୁଁ ତତେ ଭଲପାଏ

ଖୁବ୍ ଭଲପାଏ... ।

ହେଇ ଦେଖ୍,

ଶାଗୁଣା କେମିତି

ଅପେକ୍ଷା କରିଛି ସେ ମଣିଷ ପିଲାକୁ,

କେତେବେଳେ ମରିଯିବ ବୋଲି !

ଆହୁରି ଦେଖିବୁ କି ?

ହେଇ ଦେଖ୍,

ତିତିଲି କେମିତି

ଲଟକାଇ ଦେଇଛି

ଆର୍ତ୍ତବୁଢ଼ାର ଖଟିଆକୁ,

ବିଦ୍ୟୁତ ଖମ୍ବରେ..

କି କାମ ନ କରିଛି !

ସମୟ ଅତିକ୍ରାନ୍ତ...

ରାତିର ରାଜ ଚାଲିଛି

ବିଦ୍ୟୁତ ଖମ୍ବମାନଙ୍କ ପହରା ଚାଲିଛି

ଆଉ ମତେ,

ଝାପ୍‌ସା ଆଲୁଅରେ

ସେ ଲଳନାଟି ଦିଶୁଛି,

ବୟସର ଫିକା ବାସ୍ନା ତା'ର ଭଅଁରଟେ

ଖୋଜୁଛି

ଜୀର୍ଣ୍ଣ ଶାଢ଼ୀର ଛିଦ୍ରବାଟେ

ତା' ଜୀବନ ହସୁଛି ।

ଜେ.ବି.ଇ.ଏମ୍ ସ୍କୁଲ୍, ବଲୋଦା

ଛତିଶଗଡ଼

ଭ୍ରାମ୍ୟଭାଷ : ୯୯୩୭୯୦୩୫୪୭

 Magazine Downloaded from www.aahwaan.com

# ଜୀବନ ସାଥୀ



ରାମ ପ୍ରସାଦ ସିଂହ

କେତେଯେ ଆନନ୍ଦ  ମିଳଇ ରହିଲେ
ସାଥିରେ ଛାଇ ଚିତ୍ରଟି
ଦୁରିତ ଲାଘବ  ଜୀବନ ସାଗରେ
ନାମ ଜୀବନ ସାଥୀଟି ।
ବିଶ୍ୱାସ ପାଲଟେ  ରକ୍ତର କଣିକା
ଆମ ସମ୍ପର୍କ ଝୁଲଣି
ଝଗଡ଼ା ଦୁରିତ  ଧୂଳିର ସଦୃଶ
ପବିତ୍ର ବନ୍ଧନ ଆଣି ।
ଉଭୟ ଉଭୟେ  ଦୁଃଖର ସାରଥୀ
ଦୁହିଁଙ୍କ ଚାହାଣୀ ପାଇଁ
ସର୍ବଦା ଚେଷ୍ଟିତ  ଦୁହିଁଙ୍କ ମନଟି
ନୂଆ ସ୍ୱପ୍ନଟିର କଇଁ ।
ବିପଦେ ଆପଦେ  ଆଣଇ ସ୍ଥିରତା
ଜଡ଼ତା ଉଜ୍ଜ୍ୱଳ ରେଖା
ଶୀତଳ ବାସନା  କିରଣ ଚମକ
ବୁଝାମଣାର ନିୟତା ।

 Magazine Downloaded from www.aahwaan.com

# ଛାଇ



ପ୍ରିୟଙ୍କା ନାୟକ

ଜନ୍ମ ଠାରୁ ମୃତ୍ୟୁ ଯାଏଁ ସେ ହୋଇଥାଏ ସଦାଠିଆ,

ତାକୁ ବାଧା ଦେବା ପାଇନଥାଏ ଆଉ କାହାର ସାହା ।

ଛୋଟପିଲାଟି ତାକୁ ଦେଖି କରୁଥାଏ ଭାରିଭୟ,

କିନ୍ତୁ ସେ ଭୟ ନୁହେଁ ନିଷ୍ପାପ ଶିଶୁର ବିରାଟହୃଦୟ ।।

ଆଲୋକରେ ପାଶେଥାଇ ଦେଉଥାଏ ସେ ସଦାଆଭାସ,

ଆସିଲେ ଅନ୍ଧାର ପାଶେ ଥାଏ ସତ କିନ୍ତୁନଥାଏ ତାର କିଛି ଚିତ୍ରପଟ ।।

ପାଦରେ ପାଦ ମିଶାଇ ଚାଲୁଥାଏ ସେ ହାତ ଧରି ବାଟ,

ମନେମଧ୍ୟେ ନଥାଏ ତାର ରାଗରୋଷ ଭରା ଦାରୁଣର କଷ୍ଟ ।।

ଏ ଦୁନିଆ କେବେ କରିଲେ ସ୍ୱାର୍ଥପର,

ସେ କିନ୍ତୁ କରିଥାଏ ସଦା ନିଜର ।।

ହସ କାନ୍ଦଭରା କେତେ କଷ୍ଟ ଯନ୍ତ୍ରଣାରେ ରହିଥାଏ ସାଥୀ ହୋଇ,

ତାପରି ବନ୍ଧୁଟିଏ ଖୋଜିଲେ ଏଦୁନିଆରେ କେହିବି ମିଳିବେ ନାହିଁ ।।

ଅତିଦରଦୀ ବନ୍ଧୁ ଭାବେରହିଥାଏ ଆମ ପାଶେ ଠିଆ

ସେ ଆଉ କେହି ନୁହେଁ ସେ ଆମର ଛାଇ,

ଏଇ ସ୍ୱାଥପର ମଣିଷ ତାପ୍ରତି କେବେ ଦୃଷ୍ଟିଦିଏ ନାହିଁ ।।

ଗ୍ରାମ: ଆବଲପୁର, ପୋ: ପ୍ରହରାଜପୁର, ଥାନା: ପିପିଲି, ପୁରୀ, ୭୫୨୦୧୬, ଓଡ଼ିଶା

 Magazine Downloaded from www.aahwaan.com

# ମୁଁ ଆଉ ତୁ



ପ୍ରସନ୍ନ ପ୍ରୟାସ ଭୁଏ

ମୁଁ ରାତି ତୁ ନିଦ
ମୁଁ ଆଖି  ତୁ ସପନ,
ମୁଁ  ଛାତି ତୁ ହୃଦୟ
ମୁଁ ନିଶ୍ୱାସ ତୁ ସ୍ପନ୍ଦନ,
ମୁଁ ଓଠ ତୁ ହସ
ମୁଁ ଦେହ ତୁ ଜୀବନ,
ମୁଁ ଶାମୁକା ତୁ ମୁକ୍ତା
ମୁଁ ରଂଗ ତୁ ଫଗୁଣ,
ମୁଁ ଫୁଲ ତୁ ବାସ୍ନା
ମୁଁ ବାସ ତୁ ଚନ୍ଦନ,
ମୁଁ ପ୍ରାଣ ତୁ ଆତ୍ମା
ମୁଁ ମନ ତୁ ଚିନ୍ତନ,
ତୋ ବିନା ମୁଁ ନୁହେଁ
ମୁଁ ଶୁନ୍ୟ ମହାଶୁନ୍ୟ  ।

ରାଞ୍ଚି , ଝାରଖଣ୍ଡ

Magazine Downloaded from www.aahwaan.com

# କୋଡ଼ିଏ ଟଙ୍କା



ସନାତନ ସରକାର

ଗାଆଁର ମୁଣ୍ଡର ନଡ଼ାର ଛପର
ଥିଲା ଏକ ଛୋଟ ଘର
ଯେଉଁ ଘରେ ତିନି ପ୍ରାଣୀ ରହୁଥିଲେ
ଅନଟନ ଅଭାବର

ମାଆ ଘରେ ରହି ଦୁଃଖକୁ ନିକାଏ
ବାପ ଯାଏ ରିକ୍ସା ଟାଣି
ତିନି ଚକ ପାଇଁ ତିନି ପେଟ ଯାକ
କ୍ଷୁଧାରେ ଦିଅନ୍ତି ପାଣି

ଦାନା ମୁଠେ ଲାଗି ଲଢେଇ କରନ୍ତି
ବାପ ମାଆ ଦୁହେଁ ମିଶି
ପୁଅକୁ ମଣିଷ କରିବାର ସ୍ୱପ୍ନ
ଦେଖି ହେଉଥିଲେ ଖୁସି

ସବୁଦିନ ଭଳି ସେଦିନ ସେମିତି
ଉଇଁଲା ନବ ସକାଳ
କିଏ ଜାଣିଥିଲା କାହା ଭୁଲ୍ ପାଇଁ
ଆସିବ ମୃତ୍ୟୁ ଅକାଳ

ସକାଳୁ ସକାଳୁ ଉଠି ବିଛଣାରୁ
ବାପାକୁ କହିଲା ପୁଅ
ସାଇକେଲ ବିନା ସ୍କୁଲ ମୁଁ ଯିବିନି
କଅଣ କରିବି କୁହ

ପୁଅ କଥା ସବୁ ଶୁଣୁଥିଲା ବାପା
ସମ୍ମୁଖରେ ହୋଇ ଠିଆ
ମନେ ମନେ ଚିନ୍ତା କରି ଭାବୁଥାଏ
ଧିକ୍ ମୋ ବାପ ପଣିଆ

Magazine Downloaded from www.aahwaan.com

ସାଇକେଲ ଖଣ୍ଡେ କିଣି ଦେବା ପାଇଁ
ସକ୍ଷମ ପାଉନି ମୋର
କେମିତି ଯିବ ସେ ପଢ଼ିବାକୁ ପାଠ
ଚାଲି ଚାଲି ବହୁଦୂର

ବୁଝେଇ ସୁଝେଇ କୋଡ଼ିଏ ଟଙ୍କାକୁ
କହିଲା ପୁଅକୁ ଦେଇ
ଯେଉଁଠୁ ଯେମିତି ସାଇକେଲ ଆଜି
ଆଣିବି ତୋହରି ପାଇଁ

ପୁଅ ସିନା ଟଙ୍କା ନେଇ ଚାଲି ଗଲା
ବାପା ଗାଲେ ଗେଲ କରି
ଦଶଟାରୁ ଆସି ଚାରିଟା ବାଜିଲା
ହେଲେ ଆସିଲାନି ଫେରି

ଏପଟେ ବିଚରା ବାପ ମାଆ ଦୁହେଁ
ଉଧାର କରଜ ଆଣି
ପୁଅ ଖୁସି ପାଇଁ ଧରି ବସିଥାନ୍ତି
ସାଇକେଲ ଖଣ୍ଡେ କିଣି

ଚାହିଁ ଚାହିଁ ବାଟ ସନ୍ଧ୍ୟାହେଲା ଯେବେ
ବାପ ଖୋଜି ବାହାରିଲା
ଠିକ୍ ସେତେବେଳେ ମୃତ ଶବଟିଏ
ପାଖେ ଆସି ପହଞ୍ଚିଲା

ଶବଟିକୁ ଦେଖି ସେଇଦିନ ଠାରୁ
ବାପ ମୁଣ୍ଡ ପୁରା ବଙ୍କା
ଯାହାକୁ ଦେଖୁଛି ବାଟରେ ଘାଟରେ
ମାଗୁଛି କୋଡ଼ିଏ ଟଙ୍କା

sanatanasarakara420@gmail.com

 Magazine Downloaded from www.aahwaan.com

# ଠକ କାଳିଆ



ପ୍ରିୟଙ୍କା ସାହୁ

କେତେ ଠକିବୁ ମୋତେ ଠକ କାଳିଆ

ଠାବ ନ ଦେଲୁ ଚରଣେ,

ଯୁଗେ ଯୁଗେ ତୁହି ଠକିଆଙ୍କ ଗୁରୁ

ଜାଣି ପଶିଛି ଶରଣେ । [୧]

ଠଉରାଇଲିଣି ହୃଦୟକୁ ତୋର

ସେ ଫମ୍ପା ମାଠିଆ ଜାଣ,

ଠାରରେ ଚଳାଉଛୁ କେତେ ଯେ ମାୟା

ଠାକିବ ନାହିଁ ସେ ଠଣ । [୨]

ଠକି ଦେଲୁ ବଳିକୁ ବାମନ ବେଶେ

ପାତାଳକୁ ଦେଲୁ ଠେଲି,

ଗୋପପୁର ଷୋଳସହସ୍ର ତରୁଣୀ

ଠକି ଦେଇ ଗଲୁ ଚାଲି । [୩]

ଠୁଙ୍କି ଦେବେରେ ବୋଲି ଚାଲାକି କରି

ଯଦୁ ବଂଶ କଲୁ ନାଶ,

ଠିକ କଥା ଆଜି ମୁଁ କହିଲି ବୋଲି

କରିଲୁ କି ତୁହି ରୋଷ । [୪]

ସାହାନିଆଜ ପୁର, କଟକ

 Magazine Downloaded from www.aahwaan.com

# ଶୀତର ମହାସୁଷୁପ୍ତିରେ ସେ...



ସମ୍ବିତ ସତ୍ୟପ୍ରକାଶ ମିଶ୍ର

ହଇ ହୋ ! ଶୁଣ,

ତୁମର ବିଶ୍ୱାସ ହେଉ ବା ନ ହେଉ,

ସେ ଏବେ

ନୂଆ ନୂଆ ସାଲଙ୍କାର ପିନ୍ଧିବା ଶିଖିଛି ।

ଶିଖିଛି ବୋଲି,

ଲୁଚେଇ ରଖିଛି ତା

ପ୍ରସ୍ଫୁଟିତ ଯୌବନକୁ,

ଯେବେ ବି ଦେଖା ହୁଏ,

ସେ ଶୀତର ମହାସୁଷୁପ୍ତି ମଧ୍ୟରେ,

କଥା କହେନା .....

ଚୁପଚୁପ ତା ଓଢ଼ଣୀର

ଓଃ ! ! କି ବାସ୍ନା,

ଛୁଇଁଯାଏ ମୋର ସାରା ଶରୀର

ସ୍ମିତ ହାସ୍ୟ ଓଠ ଫାଙ୍କରେ

ଦେଖା ଯାଉଥିବା ତାର ବାହାଡା ଦାନ୍ତର ସୌନ୍ଦର୍ଯ୍ୟ

ଛୁଇଁ ଯାଏ ସେ,

ସାରା ଦେହ, ଅଙ୍ଗପ୍ରତ୍ୟଙ୍ଗ, କୋଷ ଓ କୋଷ

ଅଙ୍ଗିକାକୁ

ଚନ୍ଦ୍ରିକା ଯେବେ ଉଦୀୟମାନ ହୁଏ

କଳା ବାଦଲର ସ୍କୁଟି ଉପରେ ସବାର ହୋଇ,

କିଏ ତାକୁ ଅସହ୍ୟ ହୋଇ

ଦୁଃଖ ଦିଏ ତ

କିଏ କରିଚାଲେ ତାକୁ ବିବସ୍ତ୍ର ।

ହଇ ହୋ ! ! ଶୁଣ ,

ତୁମର ବିଶ୍ୱାସ ହେଉ ବା ନ ହେଉ,

କେବେ କୋଉ ଗୋଟେ ଦିନ

ତାର ରଙ୍ଗ ନୀଳ ଥିଲା,

ସେ ଝଲସି ଉଠୁଥିଲା

 Magazine Downloaded from www.aahwaan.com

ନୀଳ ରଙ୍ଗର ସେଇ

ଚୁମକି ଲଗା ସାଲୱାର ପିନ୍ଧି ।

ନୀଳ ନୟନାର ନୟନ କିନ୍ତୁ,

ଏବେ ଲାଲ,

ରକ୍ତଠୁ ବି ଅଧିକ ।

ମୋବାଇଲର ଫ୍ଲାଶ୍‌ଟିକୁ ଅନ୍ କରିଦିଅ

ଦେଖ ତା ମୁଖର ରୂପ ରେଖକୁ,

ସେ ଘନ ଆବୃତ କେଶ ସଜ୍ଜା ମଧ୍ୟରେ

କେତେ ନିଜର ଲାଗେ,

ଯେବେ ସେ......

ଡାକେ ସମ୍ବୋଧନ କରି

ହେ ପ୍ରିୟ ମୋର ! ! !

ହେ ମୋର ପ୍ରିୟତମ ! ! ! !

ସବୁଠି ନିବିଡ ସେ

ମୋ ଠାରୁ ତା ଭିତରେ,

ଅନୁଭବ କରେ ଏକ

ଅଶୂନ୍ୟ ଶୂନ୍ୟତାକୁ ।

ଇ-ମେଲ ଠିକଣା : sambitsm1987@gmail.com

ଗୁଡିଆନାଳୀ, ଢେଙ୍କାନାଳ, ଓଡ଼ିଶା, ୭୫୯୦୦୧

 Magazine Downloaded from www.aahwaan.com

# ପ୍ରିୟତମା



ସୌମ୍ୟରଞ୍ଜନ ପାଲ୍

ପ୍ରୀତି ପାରାବାରେ
ପାଣି ପିଆଉଛ
ପସନ୍ଦ ଆସୁନି ଜମା,
ପୋଖରୀ ସଲିଳ
ପ୍ରଚଣ୍ଡ ମଧୁର
ପ୍ରଥମରୁ ଲାଗେ ଚୁମା ।

ପାରୁପର୍ଯ୍ୟନ୍ତ ଯେ
ପାଦପ ପରିକା
ପ୍ରେମିକକୁ ଆଶ୍ରା ଦିଅ,
ପୁଣି କେତେବେଳେ
ପ୍ରଭାକର ସମ
ପ୍ରଖର ତାତିରେ ଥୁଅ ।

ପାଇବି ଯେପରି
ପ୍ରେମିକା ରୂପରେ
ପରିବାର ଗଲି ଭୁଲି,
ପ୍ରଭାତେ ହେଉ'ବା
ପ୍ରଦୋଷେ ନିଶାରେ
ପାଖକୁ ଆସ'ନା ଚାଲି ।

ସୌମ୍ୟ ରଞ୍ଜନ ପାଲ
ବଡ଼ସୋଲ, ଝାରପୋଖରିଆ
ମୟୁରଭଞ୍ଜ, ୭୫୭୦୮୬, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୮୮୯୮୩୩

 Magazine Downloaded from www.aahwaan.com

# ଜୀବନ ରାସ୍ତା



ଆଶୁତୋଷ ମେହେର

ଏକା ଏକା ଲାଗେ ଜୀବନ ଯେ ଏଠି
ନିଜ ଲୋକେ କଲେ ପର
ପର କିଏ ଏଠି ସଭିଏଁ ଆଜଣା
ସାଥୀ ଏକା ରାସ୍ତା ମୋର ।[୦]

ସେ ରାସ୍ତା ରେ ଯେତେ ଦେଖା ଚାହାଁ ମୁହଁ
ବଂଧୁ ସତେ ସହୋଦର
ହସ କଥା ପଦେ ଜୀବନ ର ରାହା
ସଭିଏଁ  ଜୀବନ ଧାର
ସେ ଧାର ରେ ଯାଇ ପାରି ହେବି ପରା
ପରାଣ ର ପାରାବାର ......
ନିଜ ଲୋକେ କଲେ ପର । [୧]

ରାସ୍ତା ସରିଯିବ ପାଦ ଥକିଯିବ
ମଉଁଳିବ ହସ ଧାର
ଦୂର ଚକ୍ରବାଳେ ସୂରୁଯ ନଇଁବେ
ଟାଣି ଅସ୍ତରାଗ ଭାର
ଏଇ ତ ଜୀବନ ବଂଚିବା,ନୁହେଁ ତ
ଜୀବନ ର ଶେଷ ହାର.........
ନିଜ ଲେକେ କଲେ ପର । [୨]

୫୪, ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

 Magazine Downloaded from www.aahwaan.com

# ତୁମେ ପଥର ମଣିଷ



ସାଗର ନାୟକ

ବୁଝିପାରିଲି ନାହିଁ ତୁମେ
କେଉଁଥିରେ ତୁମେ ତିଆରି ? ? ?
ସୁର୍ଯ୍ୟର ପ୍ରଖର ତାତିରେ...
ନା ରାତ୍ରୀର ଗଭୀର ଆଲୋଡନରେ...
ନା ଚିକ୍‌ଚିକ୍ କରୁଥିବା ଆକାଶର ତାରାର ଆଭାସରେ...
ନାହିଁ.. ନିଆଁ ଝଲସି ତିଆରି ହେଉଥିବା... ଲୁହାରେ.. [୧]
ତମକୁ ଦେଖିଲେ ତୁମେ ଲାଗୁଥିଲ ...
ତୁମ ଅବସ୍ଥା ସ୍ୱଭାବିକ୍... [୨]
ହେଲେ ମନରେ ଯେମିତି ଭୟଙ୍କର କରାଳରୁପ..
ଧ୍ୱଂସ କରିଦେବ କ୍ଷଣିକେ ସବୁକିଛି...
ଆଗ୍ନେୟଗିରିର ଲାର୍ଭା ପରି...
ହେଲେ ତୁମେ କାକର ପରି ଚୁପ୍‌ଥିଲ...
ଆସୁଥିଲ ପୁଣି ଯାଉଥିଲ...
ସମୟ ଅସମୟରେ...
ତୁମ ଥଣ୍ଡା କଣିକାରେ ଭିଜେଇ କେତେକଙ୍କୁ.. [୩]
ମୁଁ ତଥାପି ଜାଣି ପାରୁନି ତୁମେ କଣ ? ?
ହୁଏତ ଜାଣିଲାବେଳକୁ ସବୁକିଛି ହୋଇଯାଇଥିବ ଶେଷ...... [୪]

sagarnayaksagu143@gmail.com

 Magazine Downloaded from www.aahwaan.com

# ପ୍ରୀତିଭରା ସ୍ମୃତି



ଭାଗିରଥୀ ଯାନୀ

ସେହି ଦିନ ସ୍ମୃତି ସାଇତି ରଖିଛି
ଏଇ ମୋର ହୃଦୟରେ,
ସେହି ସ୍ମୃତି ସବୁ ଭୁଲି ହେବନାହିଁ
ଥିବାଯାଏ ଜୀବନରେ ।।

ଖୁସିରେ ଖୁସିରେ କେତେ ସ୍ମୃତି ନେଇ
ଚାଲୁଥିଲୁ ପାଦଥାପି,
ପାଖେ ପାଖେ ରହି ଟିକେ ଟିକେ ଚାହିଁ
ଚାଲୁଥିଲୁ ଗପି ଗପି ।। [୧]

ସେ ବନ ପ୍ରାନ୍ତର ସେହି ନଦନଦୀ
ଯେତେ ସବୁ ଗଛଲତା,
ଯେତେ ଚୁପି ଚୁପି ଗପୁ ଥିଲେ ଆମେ
ଜାଣିଗଲେ ସବୁକଥା ।।

ଝରଣାର ଜଳ କୁଳୁ କୁଳୁ ନାଦେ
ପ୍ରବାହିତ ହେଉଥିଲା,
ଆମ ଶବ୍ଦଶୁଣି ବାରମ୍ବାର କେତେ
ଆମକୁ ସେ ଚାହୁଁଥିଲା ।। [୨]

ତୁମେ ବାଣ୍ଟୁଥିଲ ମୁଁ ବି ବାଣ୍ଟୁଥିଲି
ପରସ୍ପରର ଖୁସିକୁ,
ତୁମେ ବୁଝିଗଲ ମୁଁ ବି ବୁଝିଗଲି
ଦୁହେଁ ଦୁହିଁଙ୍କ ମନକୁ ।।

ବାଦଲର ମେଳ ଖରାଛାଇ ଖେଳ
ବିଜୁଳୀର ଘଡଘଡି,
ପୂର୍ବ ଦିଗରୁ କଳାମେଘ ମେଳେ
ବରଷା ଆସିଲା ମାଡି ।। [୩]

ଆକର୍ଷିତ ହୋଇ ଚାହିଁ ରହିଥିଲା
ଉପଭୋଗ କରିବାକୁ,
ଆନନ୍ଦିତ ମନେ ଦୁହିଁଙ୍କର ଆଖି
ପ୍ରାକୃତିକ ସୌନ୍ଦର୍ଯ୍ୟକୁ ।।

ଅଜଣା ତ ନୁହେଁ କେହିତ କାହାରି
ଥିଲେ ସଭିଁଙ୍କର ଚିହ୍ନା,

 Magazine Downloaded from www.aahwaan.com

ଦୂରେ ଯିବାପାଇଁ ପ୍ରକୃତି ଆମକୁ
କରି ଦେଉଥିଲା ମନା । । [୪]

ସ୍ନେହ ପ୍ରେମେ ଆମେ ଯାଇଥିଲୁ ହଜି
ବରଷାରେ ଭିଜି ଭିଜି,
ଟିକିଏ ହେଲେବି ଦୁଃଖ ପାଇନାହୁଁ
କାହାରି ମନରେ ଖୋଜି । ।

ସତ ହୋଇଯାଉ ସଭିଙ୍କ ସପନ
କାହାର ନଭାଙ୍ଗୁ ମନ,
ଏହି ଭଳି ସ୍ନେହ ଶାନ୍ତି ଦୟା କ୍ଷମା
ରହିଥାଉ ଚିରନ୍ତନ । । [୫]

ବିରହୀ ପବନ ଯେମିତି ଦେଖିଲା
ମୃଦୁ୍ୟମନ୍ଦେ ହସିଦେଲା,
ପୁଷ୍ପର ମହକେ ଆମରି ପ୍ରାଣରେ
ଶୀତଳତା ଭରିଦେଲା । ।

ପ୍ରକୃତି ଆମର ହୃଦୟର କଥା
ସତରେ ଜାଣିଲା ପରି,
ଆନନ୍ଦ ପସରା ମେଲି ଦେଇଗଲା
ହୃଦୟକୁ ଖୁସିକରି । । [୬]

ଦୃଷ୍ଟି ଥିଲା ବୋଧେ ମେଘ ମହ୍ଲାରର
ଆମର ଚଞ୍ଚଳତାକୁ,
ଆମେ ଚାହୁଁ ଚାହୁଁ ଆମ ସମ୍ମୁଖରେ
ଆଙ୍କିଲା ଇନ୍ଦ୍ରଧନୁକୁ । ।

ବ୍ୟସ୍ତ ବିବ୍ରତରେ ଧାଇଁଗଲେ ସର୍ବେ
ଟିକିଏ ଆଶ୍ରୟ ପାଇଁ,
ଆଶ୍ରୟ ନେବାରୁ ମନ କଥା ଜାଣି
ଆଉ ବରଷିଲା ନାହିଁ । । [୭]

ଖୋଜୁଥିଲେ ଯାହା ମିଳିଗଲା ତାହା
ମନକୁ ଲାଗିଲା ତୃପ୍ତି,
ଏହି ସବୁ ଦୃଶ୍ୟ ସ୍ୱନୟନେ ଦେଖି
ହୃଦୟେ ଲାଗିଲା ଶାନ୍ତି । ।

ପରିଭ୍ରମଣର ଏହି ଉପହାର
ପ୍ରକୃତି ଦେଲା ଆମକୁ,
ଭୁଲି ଯିବାନାହିଁ ଜୀବ ଥିବାଯାଏ
ଏହି ଆମ ସମ୍ପର୍କକୁ । । [୮]

ଦଳପଡା, ଖଜୁରୀପଡା, କନ୍ଧମାଳ ।

 Magazine Downloaded from www.aahwaan.com

# ଭୁଲି କି ପାରିବି ?



ଅନିଲ୍ କୁମାର ମହାରଣା

ଭୁଲି କି ପାରିବି ସଖି, ସେଦିନର
ମହାର୍ଘ ଅମୃତ ବେଳା,
ଅପୂର୍ବ ସ୍ୱର୍ଶରେ ପ୍ରାଣବନ୍ତ ହେଲା
ମରୁ ଉଦ୍ୟାନର ଶିଳା !

ମନ ଉପବନେ ମଳୟ ବହିଲା
ହେଲି ଭାରି କଲବଲ,
ଜାଣତରେ ଅବା ଅଜାଣତେ ଯେବେ
ଓଢଣୀ ବଜେଇଦେଲ ।

ଭୁଲିପାରିବି କି,ସେଦିନକୁ ସଖି
ଲାଜେ ଯେବେ ମଥାପୋତି,
ନିବେଦନ ମୋର,କରିଲ ସ୍ୱୀକାର
ଶୋଇନି ମୁଁ ସାରା ରାତି ।

ଉଆଁସି ସପନ ଦେଖିଥିଲି କେତେ
ଭୁଲି ନିଜ ପରିଚୟ ,
ସମୟ ସ୍ରୋତରେ ହଜିଗଲା ଯାହା
ମିଛ ପ୍ରେମ ପରିଣୟ ।

ସେଦିନକୁ ,କେବେ ପାରିବି'କି ଭୁଲି
ଯେଉଁଦିନ ନିଜ ହାତେ,
ତୁମ ବିବାହର ନିମନ୍ତ୍ରଣ ପତ୍ର
ଦେଇଗଲ ଆସି ମୋତେ ।

ଗଲାବେଳେ ପୁଣି,ଆଖିରେ ଆଖିରେ
ଉପହାସ ରଙ୍ଗ ମାଖି,
ଦେଇଗଲ ଯାହା ସ୍ମିତହାସ୍ୟଟିଏ

 Magazine Downloaded from www.aahwaan.com

ଛାତିରେ ରହିଛି ଲାଖି ।

ପାରିଲିନି ବୋଲି, ସେଦିନକୁ ଭୁଲି
ଠିକଣା ବଦଳି ଦେଲି,
ଯେଉଁ ଯେଉଁ ପଥେ,ତୁମ ପାଦଚିହ୍ନ
ସେ ପଥକୁ ଭୁଲିଗଲି ।

ଉଙ୍କିମାରେ ଯଦି ଅତୀତଟା କେବେ
ଅବେଳରେ ଛାତିତଳେ,
ଦେଖାହେବ ନିଷ୍ଚେ ନୂଆ ଠିକଣାରେ
ଧୂସର ସମାଧି ମେଳେ
ଧୂସର ସମାଧି ମେଳେ ।

ନୟାଗଡ, ଭାପୁର, ବଡସହରା
ଭ୍ରାମ୍ୟଭାଷ : ୮୫୯୮୮୩୨୮୮

# ସିନ୍ଦୂର



ତୁଷାରକାନ୍ତ ପ୍ରସାଦ

ସାଧବ ବୋହୂର ଅଳଙ୍କାର ।
ସ୍ୱାମୀ ପ୍ରତି ସମ୍ମାନ ନାରୀର । । [୧]
କୁଆଁରୀ ବୟସ ନିଏ ହରି ।
ବାପଘର ଖେଳ ଯାଏ ସରି । ।[୨]
ସାଙ୍ଗ ସଙ୍ଗାତୁଣୀ ହୁନ୍ତି ପର ।
ଗଢିଦିଏ ନୂଆ ପରିବାର । । [୩]
ଅଜଣା ମଣିଷ ହୁଏ ସାଥି ।
ଜୀବନେ ଆଣଇ ମଧୁରାତି । ।[୪]
ପାଳିବା ଶିଖାଏ ପତ୍ନୀ ଧର୍ମ ।
ବୁଝାଏ ବିବାହ ସାରମର୍ମ । । [୫]
ସଜାଏ ସେ ପୁଣି କୁଳବଧୂ ।
ସ୍ୱାମୀଙ୍କୁ କରାଏ ଶ୍ରେଷ୍ଠବନ୍ଧୁ । ।[୬]
ପତିବ୍ରତା ପାଇଁ ପରିଚୟ ।
ନ ପିନ୍ଧିଲେ ପତି ଆୟୁ କ୍ଷୟ । । [୭]
ସୌଭାଗ୍ୟବତୀର ଭାଗ୍ୟଫଳ ।
କଳଙ୍କ କାଳିମା ପାଇଁ କାଳ । । [୮]
ବିବାହ ର ଶ୍ରେଷ୍ଠ ଉପହାର ।
ପତ୍ନୀ ପାଶେ ସ୍ୱାମୀ ଅଧିକାର । । [୯]
ନାରୀ ଶୃଙ୍ଗାରରେ ଅଗ୍ରଗଣ୍ୟ ।
ଜୀବନେ ନାରୀର ଶ୍ରେଷ୍ଠପୂଣ୍ୟ । [୧୦]
ଉଦିତ ରବିର ଦିବ୍ୟ ଆଭା ।
ନାରୀ ଲଲାଟେ ସିନ୍ଦୂର ଶୋଭା । । [୧୧]
ପ୍ରତିମା ପାଇଁ ଶୋଭେ ମନ୍ଦିର ।
ନାରୀ ସିନ୍ଥୀର ଶୋଭାସିନ୍ଦୂର ।[୧୨]

ବରୀ, ଯାଜପୁର
ମୋ-୯୮୫୩୦୯୨୬୩୦

 Magazine Downloaded from www.aahwaan.com

# ଅମାନିଆ ବର୍ଷା



ପବିତ୍ର ଦାସ

ବର୍ଷା...
ଏକ ଅମାନିଆ ଝରଝର
ଆବେଗର ସିକ୍ତ ଅନୁରାଗ ଭରା
ପ୍ରେମପ୍ଲାବିନୀ ପ୍ରିୟାଭଳି
ମୋର ଶାନ୍ତଶୀତଳ ମନକୁ
ତା'ର ଓଦା ପଣତ କାନିରେ
ମୋତେ ଭିଜେଇଦେଲା । [୧]
ତା' ଭିଜା ପଣତ ସ୍ପର୍ଶରେ
ମୋ ମନ ତଳର ସବୁ ସ୍ୱପ୍ନକୁ
ସେ ଅଙ୍କୁରିତ କରିଦିଏ
ଗୋଟିଏ ଖିଆଲରେ । [୨]
ତା ଧ୍ୱନୀର ନିକ୍ୱଣରେ
ମୋ ତନୁର ଧମନୀରେ
ପ୍ରବାହିତ ରକ୍ତନଦୀ ସବୁ ଅଟକିଯା'ନ୍ତି
ପୁଣି କେବେ କେବେ ବାଟ ବଦଳାଇ
ଚାଲିଯା'ନ୍ତି ସେମାନେ, ଆଉ ଏକ ଭିନ୍ନ ବାଟରେ । [୩]

ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ
କଟକ, ଓଡ଼ିଶା

# ଜୀବନ



ସୌରଭ ପାଣିଗ୍ରାହୀ

ମରିବାର ଇଚ୍ଛା ବି ବାରବାର ଜୀଉଁଥାଏ

ବଞ୍ଚିବାର ଆଶା ପ୍ରତ୍ୟାଶା ସବୁ

ଜହ୍ନ - ରାହୁ ଦ୍ୱାରା ଗିଳି ହୋଇଗଲା ପରି

ଧିରେ ଧିରେ କ୍ଷୀଣରୁ କ୍ଷୀଣତର ହୋଇ

ଅଂଶୁଘାତରେ ପ୍ରପୀଡ଼ିତ ରୋଗୀଟିଏ ପରେ

ମୃତ୍ୟୁର ନିକଟତର ହେଉଥାଏ ।

ଦୁନିଆରେ, ଦର୍ଶକମାନଙ୍କ ସମ୍ମୁଖରେ

ଯାଦୁଗର ଯାଦୁ ପ୍ରଦର୍ଶନ କଲାପରି

ହସ ଓ ଖୁସି ଫୁଟେଇ

ଅଭିନୟ କରିବାକୁ ପଡ଼ିଥାଏ ।

ଦୁଃଖ ଓ ଲୁହ, ହୃଦୟର ନିଭୃତ କୋଣରେ

ଲୁଚେଇବାକୁ ପଡ଼ିଥାଏ ।

ଯେମିତି କି ସତୀ ନାରୀଟିଏ

ତା'ର ଶରୀରକୁ ଅତି ସାବଧାନର ସହ ଢାପୁଥାଏ

କାମୁକ ପୁରୁଷ ମାନଙ୍କର

 Magazine Downloaded from www.aahwaan.com

ବିଷପୂର୍ଣ୍ଣ ନୟନଯୁଗଳଠାରୁ ବଞ୍ଚେଇବା ପାଇଁ ।

ଏଇ ତ ଜୀବନ

ଦୁଃଖ ଓ ଲୁହକୁ

ଖୁସିର ପରଦାରେ ଲୁଚେଇ ଲୁଚେଇ

ଧିରେ ଧିରେ ପରଦା ବି ଫାଟିଯାଏ ।

ଇଂରାଜୀ ଅଧ୍ୟାପକ

ସୁନ୍ଦରଗଡ଼ ଇଞ୍ଜିନିୟରିଂ ସ୍କୁଲ୍, ଓଡ଼ିଶା

 Magazine Downloaded from www.aahwaan.com

# ଦୁର୍ନୀତିର ଚେର



ସୁରେଶଚନ୍ଦ୍ର ପଣ୍ଡା

ଦୁର୍ନୀତିକୁ ସମସ୍ତେ ଅନୁଭବ କରୁଛନ୍ତି
ଅତିଷ୍ଠ ବି ହେଉଛନ୍ତି
ହେଲେ ମୁକ୍ତି ମିଳୁନି ! କି ଚୁକ୍ତି ସରୁନି !

ରାଜାମାନେ ଦୂର୍ନୀତି କରୁଥିଲେ
ପ୍ରଜାମାନେ ଅତିଷ୍ଠ ହେଲେ
ଗଣତନ୍ତ୍ରକୁ ସ୍ୱାଗତ କଲେ
ଦୂର୍ନୀତି ଦୂର ହେବ !
କିଏ ଦେଖାଇଲା ଏହି ସ୍ୱପ୍ନ ?
ଯାହାଠୁ ମୁକ୍ତି ମିଳୁନି କି ଚୁକ୍ତି ସରୁନି !

ସମ୍ବିଧାନ ତିଆରି ହେଲା
ବୋଧହୁଏ ଦୂର୍ନୀତି ଲୋପ କରିବାର ପ୍ରୟାସରେ ।
ନୀତି ପରେ ନୀତି ଗଢ଼ା ଚାଲିଲା ଓ ଚାଲୁଥିବ
ଆଉ ଦୂର୍ନୀତି ତା କାମ କରୁଥିଲା ଓ କରୁଥିବ ।
କାରଣ, ଦୁନିଆଟା ଥିଲାବାଲାଙ୍କର

 Magazine Downloaded from www.aahwaan.com

ଯିଏ ଦୁର୍ନୀତି କରୁଥିଲେ, କରୁଛନ୍ତି !

ରାଜା ରୂପରେ ସେ ବେଳର କି ଏ ବେଳାର ମନ୍ତ୍ରୀ ରୂପରେ

ଦୁର୍ନୀତିରୁ ମୁକ୍ତି ମିଳିବନି କି ଚୁକ୍ତି ସରିବନି !

ବିଚରା ମାଟିର ମଣିଷ ଯେମିତି ଥିଲା

ରହିଥିବ, ସ୍ୱପ୍ନରେ ବିଭୋର ହୋଇ

କାରଣ ତା'ର ବଳନାହିଁ, କି ଦୁର୍ନୀତି କରିବାର ବୁଦ୍ଧି ନାହିଁ

ଦୁର୍ନୀତି ନୀତିର ନାଁରେ ବଢୁଥିବ

ସରଳତା ଓ ଦୁର୍ବଳତାର ସୁଯୋଗ ନେଇ

ମୁକ୍ତି ମିଳିବନି କି ଚୁକ୍ତି ସରିବନି !

ଅଧ୍ୟକ୍ଷ, ବିଭିଏନ୍ ସ୍କୁଲ୍, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୬୮୭୫୭୭୪୩

 Magazine Downloaded from www.aahwaan.com

# ଶୀତ ଆସିଥିବ



ଶ୍ରୀ ସତ୍ୟବ୍ରତ ସାହୁ

ନୂଆ କଅଁଳିଥିବା ଦୁବଘାସ ଉପରେ
ଚମକୁ ଥିବ ମୁକ୍ତା,
ସଦ୍ୟସ୍ନାତା ଲଳନାଟି ପରି ମାପିଚୁପି
ସଜେଇ ହେଉଥିବ ଗେଣ୍ଡୁଫୁଲ
ପ୍ରଭାତ ଲଗ୍ନରେ ଚାଳ ଉପରେ
ନେସି ହୋଇଥିବ ପରସ୍ତ ପରସ୍ତ କାକର ବିନ୍ଦୁ ।
ଲମ୍ବା ରାତିର ଆନନ୍ଦ ଲୁଟୁଥିବେ
ପ୍ରଣୟ-ପ୍ରଣୟୀ, ଜହ୍ନ କଇଁ,
ଠାଏ ଠାଏ ମୁରୁକି ହସୁଥିବା ଶୋରିଷ ଫୁଲ
ଚହଲାଇ ଦେଉଥିବ କେଉଁ କିଶୋରୀର ମନ,
କୁନି ପିଲାମାନେ କଳି କରୁଥିବେ
ଖରା ପୋଇଁବା ପାଇଁ
ବିଛଣାରେ ଥାଇ ପରୀକ୍ଷା ପାଇଁ କିଏ କେମିତି
ଘୋଷୁଥିବ ଇତିହାସ କି ଭୂଗୋଳ ।

କାରଣ - ଏବେ ଶୀତ ଆସିଛି ଧରାରେ

 Magazine Downloaded from www.aahwaan.com

ମୋ ଗାଆଁରେ ବି ।

ପାହାନ୍ତି ରାତିର ମିଠା ମିଠା ସ୍ୱପ୍ନରେ

ଭିଜୁଥିବ ମୋ ପ୍ରିୟା

ମୋ ପାଇଁ ମନାସୁଥିବ କେତେ କ'ଣ

ରେଜେଇ ତଳେ ମୁହଁ ଲୁଚାଇ ଓଠ ଚାପି

ହସୁଥିବ ସେ...

କାରଣ - ଏବେ ବି ଶୀତ ଆସିଥିବ

ମୋ ପ୍ରିୟା ଗାଆଁରେ...

ପଲ୍ଲୀସାହି, କମାଳପୁର, ଅହିୟାସ

ଯାଜପୁର, ଓଡ଼ିଶା ୭୫୫୦୩୬

ଭ୍ରାମ୍ୟଭାଷ : ୯୩୩୮୧୬୫୬୧୯

 Magazine Downloaded from www.aahwaan.com

# ହେ କଲମ



ଗୌରୀ ପଣ୍ଡା

ହେ କଲମ
କେଉଁଦିନ ତୋର
ହେଲା ଜନମ ?
ଠିକ୍ କରି କହ
ତୁହି କଲମ ?
ଯୁଗ ପରେ ଯୁଗ
ତୁ ଏଠି ଆଗ,
କମିନାହିଁ ବେଗ
ତୀକ୍ଷ୍ଣ ତୋ ଅଗ ।
କେତେ ସତମିଛ
ଲେଖିଛୁ ତୁହି
ଦେଖିଛି ସଂସାର
ସୀମା ତା ନାହିଁ ।

ସବୁଠୁ ଧାରୁଆ
ତୁ ସେହି ଅସ୍ତ୍ର,
ଖିନ୍ ଭିନ୍ କରୁ
ତୁ ସେହି ଶସ୍ତ୍ର ।
କେତେ ଦେଶପ୍ରେମୀ
ତୋ ବ୍ୟବହାରେ
ଲେଖିଗଲେ ଗୀତ
ଦେଶ ପ୍ରେମରେ ।
କୁତ୍ସିତ କଦର୍ଯ୍ୟ
ସମାଜରୂପ
ବ୍ୟକ୍ତ ହୁଏ ସତ୍ୟ
ତୁ ସେହି ମାପ ।

 Magazine Downloaded from www.aahwaan.com

ଧନ୍ୟତୁ କଲମ
ଆଜିର ଯୁଗେ
ସତ୍ୟକୁ ପଥ ତୁ
ଦେଖାଉ ଆଗେ ।
କବିର ଭାବନା
ଉଠଇ ସିନା
ନ ଚାଲିଲେ ତୁହି
ବ୍ୟକ୍ତ ହୁଏନା ।
ତୋର ଆଶୀର୍ବାଦେ
କବିତା ଫୁଟେ
ତୋର ଚାଳନାରେ
ପ୍ରଶଂସା ଛୁଟେ ।
ତୁହି ଚାଲୁଥିଲେ
ଜୀବନ ଚାଲେ ।
ଭାଙ୍ଗିଗଲେ ମୂନ
ଫାସିରେ ଝୁଲେ ।

ବହୁତ ଦିନର
ପୁରୁଣା ମିତ
ତୋର ଲାଗିହୁଏ
କବିତା, ଗୀତ ।
ଚାଲୁଥା କଲମ
ତୁ ସେହିପରି
ଆଗକୁ ପଡ଼ିଛି
ପଥ ଆହୁରି ।
ଶେଷ ନ ହେଉରେ
ସ୍ଥିତି ତୋହର
ବାର୍ତ୍ତା ତୁ ଦେଉଥା
ଯୁଗ ଯୁଗର ।

ଜୟପୁର, କୋରାପୁଟ, ଓଡ଼ିଶା

 Magazine Downloaded from www.aahwaan.com

# ସରିଲା ସପନ



ସନ୍ତୋଷ ପଟ୍ଟନାୟକ

ସପନ ସରିଲା ନିଦ ଭାଙ୍ଗିଗଲା ଆକାଶୁ ତାରା ହଜିଲା
ଦିନମଣି ଉଭା ସଙ୍କେତ ଆସିଲା କୁକ୍କୁଟ ରାବ ଶୁଭିଲା ।
ପ୍ରଭୁପଦ ଆଶେ ଜୁଇ,ଚମ୍ପା,ହେନା, ମଧୁ-ମାଳତୀ ବାସିଲା
ଗଭୀର ଗୁମାନେ ଶେଫାଳି ରାଣୀଟା ବୃନ୍ତରୁ ପତିତ ହେଲା ।।

ମାନିବୋଉ ବାସି ପାଇଟିକୁ ସାରି ବଉଳା କ୍ଷୀର ଦୁହିଁଲା
କିଚିରି ମିଚିରି ପକ୍ଷୀ କାକଳିର ମୃଦୁ୍ୟ ଗୁଞ୍ଜରଣ ହେଲା ।
ମଥାନ ଉପରୁ କାକ ରାବ ଶୁଣି କୁନାଟା ନିଦରୁ ଉଠିଲା
ସେ'ମୁଣ୍ଡ ମନ୍ଦିରୁ ଘଣ୍ଟଘଣ୍ଟା ଶବ୍ଦେ ଭଜନ ଗାନ ଶୁଭିଲା ।।

ବିଭୁକୃପା ଧ୍ୟାଇ ଗ୍ରାମ ସୀମନ୍ତିନୀ ସରିତ ତଟେ ଚଳିଲା
ହୁଳହୁଳି ସ୍ୱରେ ଦାମୋଦର ଭଜି ମଙ୍ଗଳ କାମନା କଲା
ପୂରୁବ ଦିଗରୁ ସୁରୁଯଙ୍କ ଜ୍ୟୋତି
ଧରଣୀ ବକ୍ଷେ ପଡିଲା
ରାତ୍ରିର କାକର କଅଁଳ ଖରାରେ ହୀରକ ପ୍ରାୟ ଶୋଭିଲା ।।

ଦେଖି ଏ ସୌନ୍ଦର୍ଯ୍ୟ ବିଧିର ବୈଭବ ମନ ପୁଲକିତ ହେଲା
ସନ୍ତୋଷେ ସନ୍ତୋଷ ସମର୍ପଣ ଭାବେ ବିଭୁଙ୍କ ଶରଣ ଗଲା ।।

 Magazine Downloaded from www.aahwaan.com

# ପୁଣି ଦେଖାହେବ ଆର ଜନମରେ



ତୁଷାରକାନ୍ତ ଓଝା

ତୁମ ହାତଧରି ବାଟ ଚାଲିବି ବୋଲି ମୁଁ
କଥା ଦେଇଥିଲି ତୁମକୁ
ହେଲେ ସମୟ ଦୋଷ କି ଭାଗ୍ୟର ଦୋଷ
ମୁଁ ପାଇଲିନି ତୁମକୁ ।
ଯେତେବେଳେ ମୁଁ ବସିପଡ଼େ ଏକା
କ୍ଲାନ୍ତ ଓ ଅଶାନ୍ତ ମନରେ
ଅତୀତର ସେଇ ସ୍ମୃତି ସବୁ ପୁଣି
ଚାଲିଆସେ ମୋ ମନର ମାନସପଟରେ
ସବୁ କଥା ପୁଣି କହିହୁଏନା ଜୀବନେ
କିଛି ରହିଯାଏ ବାକି
କିଛି ସ୍ମୃତି ଅନୁଭୂତି ଭୁଲି ହୁଏନାହିଁ
ମନେ ହୋଇଯାଏ ଆଙ୍କି
ତୁମକଥା ଭାବି ଦିନ ବିତିଯାଏ ମୋର
ସମୟର ପ୍ରତ୍ୟେକ ମୁହୂର୍ତ୍ତରେ
ଏ ଜନମେ ତୁମ ସହ ଦେଖା ହେଲାନାହିଁ ମୋର
ଭାବୁଛି, ପୁଣି ଦେଖା ହେବ ଆର ଜନମରେ...

ଖଡ଼ିଅଙ୍ଗ, ବାଲିଚନ୍ଦ୍ରପୁର, ଯାଜପୁର, ଓଡ଼ିଶା

 Magazine Downloaded from www.aahwaan.com

# ତୁମେ ନାହଁ ବୋଲି



ରବୀନ୍ଦ୍ରନାଥ ମହାରଣା

ତୁମେ ନାହଁ ବୋଲି

ତୁମେ ନାହଁ ବୋଲି ପୁନେଇ ରାତିଟା

ଲାଗେ ଅନ୍ଧକାର ମୟ

ତୁମରି ବିହୁନେ ଗୋଲାପ ବି ଲାଗେ

କଣ୍ଟାମୟ କଣ୍ଟାମୟ ।

କୋଇଲିର କୁହୁ ଭଲ ଲାଗୁନାହିଁ

ତୁମେ ନାହଁ ବୋଲି ଆଜି

ଫଗୁଣ ଆସିଛି ବିରସ ବଦନେ

ପାଗଳ ପ୍ରେମିକ ସାଜି ।

ରଙ୍ଗହୀନ ଆଜି ଜୀବନ ଲାଗଇ

ତୁମେ ଅଛ ବୋଲି ଦୂରେ

ପବନ ବି ତାର ଭୁଲିଯାଏ ପଥ

ତୁମରି ପରଶ ଝୁରେ ।

ଶ୍ରାବଣ ମାସରେ ବର୍ଷା ଭୁଲିଯାଏ

ଆସିବାକୁ ଧରାପରେ

ଫିକା ଫିକା ଲାଗେ ଶରତ ଜୋଛନା

 Magazine Downloaded from www.aahwaan.com

ତୁମେ ଗଲା ପରେ ପରେ ।

ତୁମେ ନାହଁ ବୋଲି ଫୁଟେନି କଳିକା

ଶୁଷ୍କ ଲାଗେ ଉପବନ

ସପନ ବି ଲାଗେ ଫିକା ଫିକା ଏଠି

ଝରିହୁଏ ତନୁମନ ।

ମଧୂପ ଭୁଲଇ ମଧୂ ଶୋଷିବାକୁ

ତୁମ ଉପସ୍ଥିତି ବିନା

ତୁମେ ନାହଁ ବୋଲି ଏଇ ହୃଦୟଟା

ଭାଙ୍ଗି ହୁଏ ଚୁନା ଚୁନା ।

 Magazine Downloaded from www.aahwaan.com

# ଦେଇନାହଁ ଧରା



ଅର୍ଚ୍ଚନା ପଟ୍ଟନାୟକ

ଆହୁରି କେତେବାଟ ଯିବାକୁ ଅଛି
ଭାବିନାହିଁ, ଭାବି ପାରେନାହିଁ
ଗାଇବାକୁ ଅଛି ଅନେକ ସଙ୍ଗୀତ
ଥକିନାହିଁ କେବେ ଥକିନାହିଁ ।
ଅଙ୍ଗୁଷ୍ଠ ମାତ୍ର ଆତ୍ମାପରି
ମନ ମୋର ଶିଖୁଥିଲା ଶିଖୁଅଛି
କେବେ ବଢ଼ିନାହିଁ
ପୁଲକିତ ସତ୍ତାମୋର
ବ୍ୟାପ୍ତ ଯାହା ସମଗ୍ର ବିଶ୍ୱରେ
ଛିଡ଼ିନାହିଁ କେବେ ଛିଡ଼ିନାହିଁ ।
ତୁମେ କଣ ସତ୍ୟ କରିଥିଲ
ଅଦୃଶ୍ୟରେ ହାତ ଧରିବାର ?
ମୋ ଆଖି ଉହାଡ଼ରେ ରହି
ଥକିଗଲେ ରାହା ଧରିବାର ।
ଏମିତି କାହିଁକି ଲାଗେ
ପ୍ରତି ଛନ୍ଦ ଲାଳିତ୍ୟମୟ
ପ୍ରତି ରୂପ ମାଧୁର୍ଯ୍ୟରେ ଭରା
ତଥାପି ନିର୍ଦ୍ଦିଷ୍ଟ ରୂପେ
ତୁମେ ମୋତେ ଦେଇନାହଁ ଧରା ।

 Magazine Downloaded from www.aahwaan.com

# ଗାନ୍ଧୀ ହସିଲେ



ଶ୍ରୀଧର ପଟ୍ଟନାୟକ

ଗାନ୍ଧୀ ହସିଲେ,
ହସିବେନି ତ ଆଉ କ'ଣ ?
ଆମେ ଯୋଉ ଅନୁଗାମୀ ତାଙ୍କର
କେତେବେଳେ ଛାପି ଦେଉ
ସବୁଜ ଗୋଲାପୀ ରଙ୍ଗର କାଗଜରେ,
କେତେବେଳେ ପିନ୍ଧୁ ଖଦଡ
ଧୋତି ସେଲଫି ବାହାନାରେ ! [୧]
ମୂର୍ତ୍ତିଟିଏ ଥାପିଦେଉ
ସହରର ନାମୀ ଦାମୀ
ଗହଳିଆ ଛକରେ,
ବର୍ଷ ସାରା ଅଳିଆ, ଭଙ୍ଗା ମଦ
ବୋତଲ ପଡିଥାଏ ଇତସ୍ତତଃ
ତା' ଚାରି ପାଖରେ ! [୨]
ଚଷମାଟେ ହଜିଯାଏ
ବଗୁଲିଆ ଟୋକାଙ୍କ ମୌଜ
ଥଟ୍ଟା ତାମସାରେ,
ସ୍ୱଚ୍ଛତାର ଆଢୁଆଳେ ସାଜେ
ସେଇ ଗୌରବ ପ୍ରତୀକ,
ଚର୍ଚ୍ଚା ଚାଲେ ଶୀତତାପ ନିୟନ୍ତ୍ରଣ
କୋଠରୀ ଭିତରେ ! [୩]

ସତ୍ୟର ସାଧକ ଯିଏ
ଆମେ ତାଙ୍କ ଅନୁଗାମୀ ବୋଲି
ବାହାସ୍ଫୋଟ ମାରୁ ,
ମିଥ୍ୟାର ଆଶ୍ରୟ ନେଉ ବାରମ୍ବାର
ଗୀତା ଛୁଇଁ ଶପଥ କରୁ
ନ୍ୟାୟାଳୟ ରାଜଦାଣ୍ଡେ ,
ବଞ୍ଚିବାର ଅଭିନୟ କରୁ ସତ ;
ମରୁଥାଉ ବାରମ୍ବାର
ଜୀବନର ପ୍ରତିଟି ପାଦରେ .....
ପ୍ରତି ମୂହୁର୍ତ୍ତରେ ![୪]
ଏଣୁ ବୋଧେ ହସୁଥିଲେ ଗାନ୍ଧୀ
ସହରର ଗହଳିଆ ସେଇ
କଚେରୀ ଛକରେ ,
ଦିନ ଦି' ପହରେ ! [୫]

କଲ୍ୟାଣସିଂହପୁର, ରାୟଗଡ
୯୧୭୮୭୪୪୨୫୦

 Magazine Downloaded from www.aahwaan.com

# ଆଦ୍ୟାନ୍ତ ସାଥୀ



ରୋଜା ପଣ୍ଡା

ଈଶ୍ୱରଙ୍କ ଦାନ, ହେଇ ତୁମ ପ୍ରେମ
ଭରିଦେଲା ମୋ ଜୀବନ
ଯାହାର ସ୍ପର୍ଶରେ ବିଛୁରିତ ହେଲା
ଅଲୋକେ ମୋ ତନୁମନ ।

ଅମା ଅନ୍ଧାରର ବକ୍ଷ ଚିରି ଆସି
ହୃଦୟ ଛୁଇଁଲା ମୋର
ନିଷ୍କଳଙ୍କ ସେଇ ହୃଦୟରେ ତୁମ
ଜତନେ ଗଢିଲି ଘର ।

ସବୁ ରୁକ୍ଷ ପଥ,ଝଡ ବା ବତାସ
ଲେଉଟିଲା ଆସି ପାଶେ
ତୁମ ସ୍ନେହ, ପ୍ରେମ ସୁରକ୍ଷା ସାଜିଲା
ଶକ୍ତି ହୋଇ ଚତୁର୍ପାର୍ଶ୍ୱେ ।

ଘନ ଅନ୍ଧକାରୁ ହାତ ଧରି ମୋର
ନେଲ ମହା ଆଲୋକରେ
ସବୁ ବିପଦରୁ ରକ୍ଷା କରିବାକୁ
ଆସିଲ ମୋ ଜୀବନରେ ।

ସାଜି କୃଷ୍ଣ ତମେ ଗୀତାଜ୍ଞାନ ଦେଲ
ମୋ ପ୍ରିୟ ସାରଥୀ ହୋଇ
ତୁମ ଠାରୁ ଶ୍ରେଷ୍ଠ ପରମ ପୁରୁଷ
ନାହିଁ ମୋ ଜୀବନେ କେହି ।

ରହିଥାଅ ତୁମେ ଏଇ ମୋ ଜୀବନେ
ବର୍ଷ,ମାସ,ଯୁଗ ଧରି

 Magazine Downloaded from www.aahwaan.com

ତୁମରି କୋଳରେ ମହା ଆନନ୍ଦରେ
ଆୟୁଷ ମୋ ଯାଉ ସରି ।

ଲିଭିଯାଉ ମୋର ଜୀବନର ଦୀପ
ତୁମରି ମୁହଁକୁ ଚାହିଁ
ପୁତ୍ର, ସଖା, ବନ୍ଧୁ, ଆତ୍ମୀୟ ସ୍ୱଜନ
ଲୋଡ଼ା ନାହିଁ ଆଉ କେହି ।

ଏତିକି ମିନତୀ ମୋ ଶେଷ ଦର୍ଶନେ
ସ୍ମିତହାସ୍ୟ ଟିକେ ଦେବ
ସେ ଅମୁଲ୍ୟରତ୍ନ ଆଖିରେ ସାଇତି
ଆତ୍ମା ମୋର ମୋକ୍ଷ ହେବ ।

ପୁଣି ନୂଆ ଜନ୍ମ ହେବ ଦୁହିଁଙ୍କର
ପୁନଃର୍ମିଳନର ପାଇଁ
ସେହି ଆଶା ନେଇ ଆର ଜନମରେ
ଅପେକ୍ଷାରେ ଥିବି ମୁହିଁ ।

ପୂର୍ଣ୍ଣାନନ୍ଦ ଭବନ
ନେତାଜୀ ନଗର,ମଧୁପାଟଣା
କଟକ-୭୫୩୦୧୦

 Magazine Downloaded from www.aahwaan.com

# ନାଉରୀ



ଧୀରେନ୍ଦ୍ର କୁମାର ପ୍ରଧାନ

ଜୀବନ ଜଞ୍ଜାଳ ପ୍ରତିଟି ସୁଅରେ
ନିମିତ୍ତ ଜୀବଟେ ମୁଁ
କୂଳକି କିନାରା ମିଳେନାହିଁ ମୋତେ
ବେସାହାରା ଭାସେ ମୁଁ ।

ପ୍ରଳୟ ତୋଫାନ ଘୋର ଅନ୍ଧକାରେ
ଥରିଯାଏ ଯେବେ ମୁଁ
ଜୟ ଜଗନ୍ନାଥ ଜପିଦେଲେ ଆସୁ
କିରଣଟେ ହୋଇ ତୁ ।

ଆରତେ କାତର ହୋଇ ଡାକେଯେବେ
କାନଡେରି ଶୁଣୁ ତୁ
କରୁଣା ସାଗର କୁଟାଟେ ପଠାଉ
ମହାଦ୍ରୁମ କରି ତୁ ।

ନାଉରୀ ସାଜି ତୁ ଦିଗ ଦେଖାଉରେ
ଲାଗଇ କୂଳକୁ ମୁଁ
ଏ ମାୟାସଂସାର ଦୁଃଖ ଦରିଆରେ
ଆପଣାର ଅଟୁ ତୁ ।।।।

ତିରୁଚିରାପଲ୍ଲୀ । ତାମିଲନାଡୁ ।
୭୯୦୪୪୫୮୧୪୫ ।

 Magazine Downloaded from www.aahwaan.com

# କିଏ ତୁ ରୂପସୀ



ବେଦବ୍ୟାସ ମାଝୀ

କିଏ ତୁ ରୂପସୀ ଏତେ ସୁକୁମାରୀ
ରୂପ ତୋ ଅମୂଲମୁଲ,
କେଉଁ ରାଇଜର ରାଜକୁମାରୀ ତୁ
କେଉଁ ବଗିଚାର ଫୁଲ । [୧]
ଦୁନିଆର ସବୁ ରୂପରଙ୍ଗ ଦେଇ
ଗଢ଼ିଛି ବିଧାତା ତତେ
ରୂପ ଆଗେ ତୋର ପୂର୍ଣ୍ଣିମାର ଚାନ୍ଦ
ମଳିନ ପଡ଼ଇ ସତେ । [୨]
ଦୁନିଆର କେତେ ଦେଖିଛି ଲଳନା
ନାହିଁ କେ ତୋପରି ଜଣେ
ସରି ହେବେ ନାହିଁ ରମ୍ଭା କି ଉର୍ବଶୀ
ତୋତେ ପୁଣି କେଉଁ ଗୁଣେ । [୩]
ଲକ୍ଷେ କୁସୁମର ମହକ ତୋ ଦେହେ
କିଏ ସେ ଦେଇଛି ଢାଳି
ମହ ମହ ବାସେ ବାଟ ସାରା ସତେ
ଯେଉଁ ବାଟେ ଯାଉ ଚାଲି । [୪]
ଶହ ଶହ ପିଲା ପାଗଳ ହେଲେଣି
ଦେଖି ତୋ ହସ ମୁରୁକି
ତୋ ସେହି ହସରେ ଯୁବାଏ ତ କଣ
ବୃଦ୍ଧ ବି ଯା'ନ୍ତି ଚମକି । [୫]

ମନୋରମ ଦିଶେ ଗୋରା ପାଦରେ ତୋ
ନାଲି ଅଳତାର ଗାର,
ହସିଦେଲେ ପୁଣି ଗୋଲାପୀ ଓଠରୁ
ଝରେ ମୁକୁତାର ଧାର । [୬]
କୋଇଲି ସ୍ୱରକୁ ଭୁଲି ମୁଁ ଗଲିଣି
ଶୁଣିଲା ପରେ ତୋ କଥା
ତୋ ସୌନ୍ଦର୍ଯ୍ୟ ଦେଖି ରାଜହଂସିନୀ ବି
ନୁଆଇଁ ଦେଉଛି ମଥା । [୭]
ଘାଇଲା କରିଛି ସୁନ୍ଦରୀ ତୋ ଆଖି
ଲମ୍ବା ଲମ୍ବା ତୋର କେଶ
ଆଉ କେହି ମୋର ଆଖିକୁ ପାଉନି
ଦେଖିଲା ପରେ ତୋ ବେଶ । [୮]
ତୋର ରୂପଗୁଣ କେମିତି ବର୍ଣ୍ଣିବି
ଭାଷା ନାହିଁ ତୁଣ୍ଡେ ମୋର
ନିୟତିର ତୁ ଯେ ଶ୍ରେଷ୍ଠ ରଚନା
ନାହିଁ ତୁଳନା ଯେ ତୋର । [୯]

କୁଚିପାଲି, ବରଗଡ଼, ଓଡ଼ିଶା

 Magazine Downloaded from www.aahwaan.com

# କଷ୍ଟ



ରିଭୁ ଆଭୂଷଣ ପଣ୍ଡା

ବୁକୁରେ ବାଜେ ଛୁରୀ, ରକ୍ତାକ୍ତ ହୋଇ ବଞ୍ଚେ
ମୃତ୍ୟୁ ବି କରେ ମୋତେ ଘୃଣା
ମୋ ଜୀବନର ଅନ୍ୟନାମ କଷ୍ଟ ଓ ଯନ୍ତ୍ରଣା । [୧]

କଟି ଯାଇଛି ହାତ, ଝର ଝର ବହେ ଲହୁ
ଲୁହର ରଙ୍ଗ ବି ହେଲା ଲୋହିତ
ହୋଇପାରିନି ମୃତ, ହେଲି ମୁଁ ଆହତ । [୨]

କାତିରେ କଟିଛି ମୋ ଶରୀର
ନାହିଁ ପ୍ରେମ ନାହିଁ ସୁଖ ନାହିଁ ହସ
ଦୁଃଖଶଯ୍ୟା ପାଲଟିଗଲା ଏ ସଂସାର । [୩]

ପାରଳାଖେମୁଣ୍ଡି, ଗଜପତି ଜିଲ୍ଲା, ଓଡ଼ିଶା

 Magazine Downloaded from www.aahwaan.com

# ଜୀବନ



ହିମାଂଶୁ ଭୂଷଣ ଜେନା

ଜୀବନ ଏକ ପ୍ରହ୍ଳୋପନ୍ୟାସ
କେବେ ଚୁପି ଚୁପି କଥା କହୁଥିବା ଚୋରାବାଲିର
କାହାଣୀ ତ କେବେ ଟପ୍ ଟପ୍ ବର୍ଷାରେ
ଓଦା ଓଦା ଅଶ୍ରୁଭିଜା ଚାହାଣୀ
କେବେ ମରୁତୃଷ୍ଣାର ମରମ ବେଦନା ତ
କେବେ ଦୀର୍ଘଶ୍ୱାସର ଅନ୍ତଃର୍ଦାହ
କେବେ ଘନ ଅନ୍ଧାର ରାତ୍ରୀର ଦିକ୍ ଦିକ୍ ହୋଇ
ଜଳୁଥିବା ଖଦ୍ୟୋତର ଆଲୋକ ହିଁ ସାହା
କିଛି ପଥ ଅତିକ୍ରମ କରିବାକୁ
ସ୍ତବ୍‌ଧ ନୀରବତାକୁ ପାଥେୟ କରି
ଏ କଣ ଝଡ଼ର ପୂର୍ବାଭାଷ ?
ନା ଚେତନାର ଆଶୁ ଉନ୍ମେଷ
ସେ ଯା ହେଉ, ରାସ୍ତା ପରିଷ୍କାର ଦେଖାଗଲେ ମଧ୍ୟ
ପଥ ଅବରୋଧ ନୁହେଁ
କେବେ କେବେ କଣ୍ଟାର କ୍ରୁର ଆଘାତରେ
ଲହୁଲୁହାଣ ଏ ପାଦ
ତଥାପି ଯାତ୍ରା ଅବିରତ
ନୂଆ ସକାଳର ପ୍ରତୀକ୍ଷାରେ...

ଶିକ୍ଷକ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ
ନିଆଳି, ଯାଜପୁର, ଓଡ଼ିଶା ଭ୍ରାମ୍ୟଭାଷ : ୯୭୭୭୨୯୩୩୮୦

# ହସ ଧାରେ



ପ୍ରଭାତିମଞ୍ଜରୀ
ବେହେରା

ତୁମ ଓଠ କାଗଜରେ

ଆଙ୍କିବାକୁ ହସଧାରେ

ଜାତି ଜାତକକୁ

ତୁଚ୍ଛ ମନେ କଲି ଏଇ ଜୀବନରେ ।

ସୁଯୋଗ ଆସିବ କି ନାହିଁ

ଜାଣେ ବା କିଏ

ଜୀବନର ଏଇ ପିଚ୍ଛିଳ ରାସ୍ତାରେ

ଚାଲିବାକୁ ତୁମ ସାଥେ

ହାତ ତୁମ ଧରିନେଲି ଅତି ଯତନରେ ।

କ୍ଷଣେ କ୍ଷଣେ ବଦଳିଯାଏ

ଆକାଶର ରଙ୍ଗପରି

ଏ ମନର ଭାବନା

ଦେଖ, ଟିକେ ହସିଦିଅ

ସବୁ ଲହୁଲୁହ ଦେଇ ମୋତେ

ନିଷ୍ପତ୍ତିକୁ ସାର୍ଥକ କର

କାରଣ

ଜୀବନ କ୍ଷଣ ଭଙ୍ଗୁର

ଏକଥା ତୁମେ କି ଜାଣନା ।

ଶିକ୍ଷୟିତ୍ରୀ, ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ମଳାସପଦର, ଜିଲୁଣ୍ଡି, ଗଞ୍ଜାମ, ଓଡ଼ିଶା

ଭ୍ରାମ୍ୟଭାଷ : ୮୮୯୫୭୪୪୩୭୨

Magazine Downloaded from www.aahwaan.com

# ସ୍ମୃତି



ପ୍ରକାଶ ଚନ୍ଦ୍ର ପଣ୍ଡା

ତୁମ ହାତଗଢ଼ା ତାଜମହଲଟା
ହସିଦେଇ ଆଜି କହେ
କୁଆଡ଼େ ଗଲା ସେ ପ୍ରତିଶୃତି ତୁମ
କୁଆଡ଼େ ଗଲ ହେ ପ୍ରିୟେ?
ସେହି ନଭଶ୍ଚୁମ୍ବୀ ପ୍ରେମର ପ୍ରତୀକ
ଆଜି ବି ରହିଛି ସାକ୍ଷୀ
ମମତାଜ ଅଛି ତୁମେ ନାହଁ ସାଥି
ଖୋଜୁଛି ତୁମକୁ ଆଖି ।
ତୁମେ ଦେଇଥିବା କଥା ଆଜି ଲାଗେ
ସତେ କି ପାଣିର ଗାର
ବିତି ଯାଇଥିବା ସ୍ମୃତି ଗୁଡ଼ା ଆଜି
ବହେ ହୋଇ ଲୁହଧାର ।

ସପନରେ ଯେବେ ଦେଖୁଛି ତୁମକୁ
ହାତଠାରି ମୋତେ କୁହ
ଆରପାରିରେ ମୁଁ ଅପେକ୍ଷା କରିଛି
ଦେଖାହେବ ତୁମ ସହ ।
ତୁମେ ଗଲାପରେ ଏକୁଟିଆ ଏହି
ମିଛମାୟା ସଂସାରରେ
ତନୁମନ ମୋର ତୁମପାଇଁ ସାଥି
ଏବେ ବି ତୋ ବିନା ଝୁରେ ।

ବିଜ୍ଞାନ ଶିକ୍ଷକ,
କଲ୍ୟାଣପୁର, ଭୂଇଁପୁର, ଯାଜପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୮୭୭୩୫୨୫୫୩୫

 Magazine Downloaded from www.aahwaan.com

# ଖୁସିରେ ଅଛି ମୁଁ



ଜୟନ୍ତ କୁମାର ସାହୁ

ହସ ଦେଖିଲାଗେ

ସମୟ କରୁଛି ଛଳନା

ଲୁହ ଦେଇ କିପରି

ଖୁସିରେ ଅଛି ମୁଁ ।

ଦୋଷୀ ହୋଇ ଆଜି

ପାଏନାହିଁ ଦଣ୍ଡ

ଭୁଲ କରି ବାରମ୍ବାର

ଖୁସିରେ ଅଛି ମୁଁ ।

ଥରେ ପଚାର ସମୟକୁ

ସତରେ ମୁଁ ଦୋଷୀ

କ'ଣ ମୋ ଦୋଷ

କ'ଣ ଖୁସିରେ ଅଛି ମୁଁ ।

ପ୍ରଶ୍ନ ପରେ ପ୍ରଶ୍ନ

ନାହିଁ ମୋ ପାଖରେ ଉତ୍ତର

ଯଦି ନିରବ ରହିବା ମୋର ଭୁଲ

ତଥାପି କହେ ଖୁସିରେ ଅଛି ମୁଁ ।

 Magazine Downloaded from www.aahwaan.com

# ତିତ୍‌ଲି



ଚିନ୍ମୟ କୁମାର ବେବର୍ତ୍ତା

ମା'ଙ୍କ ଆଗମନରେ
ଚାରିଆଡ଼େ
କୋଳାହଳ ଥିଲା
ଧରଣୀର କାଶତଣ୍ଡୀର ସମ୍ଭାର
ସହରରେ ସୁସଜ୍ଜିତ ଆଲୁଅ
ଆଉ ପାର୍ବଣ ନିଶାରେ ମତୁଆଲା ଥିଲା
ମଣିଷ ।
ଶରତର ନିର୍ମଳ ଆକାଶ ତଳେ
ଆନନ୍ଦ ଓ ଆଲୋକର
ମାଳ ଗୁଡ଼ିକ ଝୁମୁଥିଲା
ଠିକ୍ ସେହି ସମୟରେ
ମହିଷାସୁର ପରି
କଳା ପବନର ରୂପନେଇ
ଧସେଇ ପଶିଲ ଦିନରାତି ନମାନି
ଅନ୍ଧାରରେ ଗଳିକନ୍ଦି ବୁଲି
ଦଳି ଚକୁଟି ଛାରଖାର କଲ
ଜୀବନ, ଘର, ରାସ୍ତା, ଗଛ
ବିଶ୍ୱାସ ହୁଏନି,
କେତେ ଭୟଙ୍କର ଥିଲା ପ୍ରକୃତିର
ଏ ଦଶହରା ଉପହାର ।

ସମ୍ପାଦକ, ଲୋହରାଖଣ୍ଡି ସାହିତ୍ୟ ସଂସଦ
ଆର.ସି.ରୋଡ଼, ଦୁର୍ଗା ମଣ୍ଡପ ନିକଟ
ଭଞ୍ଜନଗର - ୭୬୧୧୨୬, ଗଞ୍ଜାମ, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୭୦୪୭୦୫୭

 Magazine Downloaded from www.aahwaan.com

# ମିଛ ପରିଚୟ



ଧୀରେନ୍ ବାଗ୍

ମୋ ମନ ମଣିଷ

ସପନ ଦେଖାଇ

ଚାଲିଗଲା ବହୁଦୂର

କେତେ ଦିନ ଅବା

ବଞ୍ଚିବି ମୁହିଁ

କରି ମିଛ ଅଭିନୟ !

ଏ କି ?

ମୋ ପରିଚୟ

ମିଛିମିଛିକା ବାହାନେ

ନେଇଛି ମୁଁ ଆଶ୍ରୟ !

ଅନ୍ତର ସିନା

କାନ୍ଦେ ତମ ପାଇଁ

ବାହାରକୁ ଦିଏ ହସ

କେତେ ଦିନ ଅବା

ବଞ୍ଚିବି ମୁହିଁ

ନେଇ ଏ ମିଛ ପରିଚୟ ?

କୁଳିଅଣା, ମୟୁରଭଞ୍ଜ, ଓଡ଼ିଶା

# ହେ ଯନ୍ତ୍ରମାନବ



ନରେନ୍ଦ୍ର ସାହୁ

ହେ ଯନ୍ତ୍ର ମାନବ,
ଯନ୍ତ୍ରଟିଏ ହୋଇ ସବୁ କିଛି କରୁ
ସାଧନାର ପଥ ଧୋଇ,
ଅସାଧ୍ୟକୁ ତୁହି ସାଧ୍ୟ କରିଦେଉ
ଟିକି ଯନ୍ତ୍ରଟିଏ ହୋଇ ।

ହେ ଯନ୍ତ୍ର ମାନବ,
ଯାତ୍ରାରେ ତୁମର ବିଜୟ ଅପାର
ସିନ୍ଧୁ ନଭ ହେଲ ପାରି,
ତୁମ ମନ୍ତ୍ରୀରେ ନର ଜିଣିପାରେ
କେହି ନୁହେଁ ତୁମ ସରି ।

ହେ ଯନ୍ତ୍ର ମାନବ,
ଗଢିପାର ତୁମେ ବିଜୟର ସୌଧ
କୁହୁକର ସ୍ୱର୍ଶ ଦେଇ,
ମହକ ତୁମର ନାଶଇ କାହାର
ବୃତ୍ତିଟାକୁ ମାରିଦେଇ ।

ହେ ଯନ୍ତ୍ର ମାନବ,
ତୁମ ଆଶୀର୍ବାଦ ଆଣିଛି ବିପଦ
ପୃଥିବୀର ସବୁ କୋଣେ,
ତୁମରି ମୋହରେ ମଣିଷ ହିଁ ମରେ
ଲୋଡୁଅଛି ଅକାରଣେ ।

ହେ ଯନ୍ତ୍ର ମାନବ,
ବାମନ ମଣିଷ ବଢାଇଛି ହାତ
ଚାନ୍ଦକୁ ପାଇବା ପାଇଁ,
ଚାନ୍ଦ କି ମିଳିବ ବାମନର ହାତେ
ନର କିମ୍ବା ଜାଣେ ନାହିଁ ।

ହେ ଯନ୍ତ୍ର ମାନବ,
ଶିକ୍ଷା ସ୍ୱାସ୍ଥ୍ୟ କୃଷି ସବୁ ସାଥେ ମିଶି
କରୁ ତୁ ଦିଗ୍ ବିଜୟ,
କେବେ ତୁ ନ ଭାବୁ ଅପକାର ସବୁ
କେତେ କରୁ ତୁହି କ୍ଷୟ ।

 Magazine Downloaded from www.aahwaan.com

ହେ ଯନ୍ତ୍ର ମାନବ,
ଯାତ୍ରାକୁ ତୁମର ସଂକୋଚନ କର
ମାନବ ଜାତିଟା ପାଇଁ,
ଜୀବିକା ହରାଇ ରହିବେନି କେହି
ତୁମକୁ ହିଁ ଦୋଷ ଦେଇ ।

ହେ ଯନ୍ତ୍ର ମାନବ,
ଦାରିଦ୍ର୍ୟ କଷଣ ଦୁଃଖ ଅନାଟନ
ସବୁଥିରେ ଥାଉ କାହିଁ,
ତନ୍ତ୍ରରେ ତୋହର ମନ୍ତ୍ରକୁ ଏଥର
ନାଶି ମୂକ ସାଜେ ତୁହି ।

ହେ ଯନ୍ତ୍ର ମାନବ,
ସମାଜରେ ଶାନ୍ତି ଦିଅ ତୁମେ ବାଣ୍ଟି
ପୂର୍ବର ଗୌରବ ଗାଇ,
ଶ୍ରମେ ସିନା ନର ଜିଣିବ ଏଥର
ଶ୍ରମର ପାଉଣା ପାଇ ।

ଠିକଣା:-
©ନରେନ୍ଦ୍ର ସାହୁ,
ସରକାରୀ ଉ:ପ୍ରା ବିଦ୍ୟାଳୟ,
ଡଭାର,ଗଂଜାମ ।

 Magazine Downloaded from www.aahwaan.com

# ପ୍ରେମର ଅଲିଭା ଜୁଇ



କସ୍ତୁରି ଚରଣ ରାଉତ

ତୁମ ଚିଠି ପଢ଼ି ଠିକଣା ହଜିଲା
ଲୋତକ ଆସିଲା ଝରି
ଆଖି ଲୁହେ ମୋର ଦେହ ମନ ଭିଜି
ହୃଦୟ ଯାଏ ମୋ ଚିରି ।
ଛୁରି ଧାର ପରି ତୁମ ସ୍ମୃତିସବୁ
କାଟେ ମୋର ସାରା ଦେହ
ସେ କ୍ଷତ ସ୍ଥାନରେ ଲହୁ ବଦଳରେ
ଦେଖାଯାଏ ତୁମ ମୁହଁ ।

ପାରିବିନି ଭୁଲି ଅଭିମାନୀ ମୁହଁ
ଅକୁହା ଆଖିର ଭାଷା
ତୁମ ମିଠା ଛୁଆଁ ହଜିଲା ଫଗୁଣ
ମଧୁର ପୀରତି ବର୍ଷା ।
ପାଦର ଅଳତା ମଥାର ସିନ୍ଦୁର
ମୋ ପାଇଁ ନହେଲା ନାଇଁ
ସୁଖେ ରୁହ ତୁମେ, ଲିଭି ଆସୁ ଆମ
ପ୍ରେମର ଅଲିଭା ଜୁଇ ।

*****

ଶିକ୍ଷକ,ସତ୍ୟବାଦୀ
ହାଇସ୍କୁଲ୍,ଧଣ୍ଡାମାଳ,ଦେଓଗାଁ,ବଲାଙ୍ଗିର
ମୋ.୯୯୩୭୯୮୨୮୪୬

 Magazine Downloaded from www.aahwaan.com

# ପ୍ରଶ୍ନଟିଏ ତୁମ ପାଇଁ...



ଗଙ୍ଗାସୁନନ୍ଦିନୀ
ରୁପମା ଗୁରୁ

ନିଇତି ସପନେ ଆସୁଛ ଗୋପନେ
ପାଦ ଚିପି ଥିରି ଥିରି
ସତରେ ମୁଁ ଯେବେ ଆଖି ଖୋଲି ଚାହେଁ
ଚାଲିଯାଅ ପୁଣି ଫେରି
ସେଇ ଅଲ୍ପଦେଖା ଆଜି ବି ସାଇତା
ସବୁଠି ଖୋଜିଛି କେତେ
ଜହ୍ନ ଜୋଛନାରେ ଫୁଲ ଫଗୁଣରେ
ଚିଠି ମୁଁ ଦେଇଛି ଯେତେ
ଆଖିର ଇଶାରା ବୁଝିଗଲାପରେ
ଓଠର ଦୁଷ୍ଟାମୀ ବଢ଼େ
ମୋ ଚାରିପାଖ ତୁମରି ମହକ
ଗୋଲାପୀ ମହକ ବାଢ଼େ
ଏଇ ଶୀତସଞ୍ଜ କରେ ଦହଗଞ୍ଜ
ଭିତରେ ଭିତରେ ଜାଳେ
ମତଲବୀ ରାତି ଦେହେ ବଢ଼େ ତାତି
ଅପେକ୍ଷା ଅବଧି ଟାଣେ
ଆଉ ମୋତେ ଏତେ ଜାଳନା ଏମିତି
ବାଧୁଛି ବିରହ ବେଶୀ
ତୁମ ଅପେକ୍ଷାରେ ପାହି ପାହି ଆସେ
ଚାନ୍ଦିନୀ ଝରା ଏ ରାତି
ତୁମେ କି ବୁଝିବ ମନର ଦରଦ
ପଚାର ରାତିକୁ ଥରେ
ସେହିଁ ତ ସାକ୍ଷୀ ତୁମ ବାଟ ଚାହିଁ
ଯେତେ ଯେତେ ଲୁହ ଝରେ
ପ୍ରଶ୍ନଟିଏ ଆଜି ତୁମ ପାଇଁ ମୋର
ଉତ୍ତର ଟିକିଏ ଦିଅ
ସବୁ ସ୍ମୃତି ଆଉ ପ୍ରତିଶୃତି ତୁମେ
ଭୁଲି କି ଯାଇଛ କୁହ ?

ବାଲିସୁଆଁ, ୟୁଜିୟୁପି ସ୍କୁଲ୍,
ମହାକାଳପଡ଼ା, କେନ୍ଦ୍ରାପଡ଼ା, ଓଡ଼ିଶା

 Magazine Downloaded from www.aahwaan.com

# ଏବେ ଫେରିବାର ବେଳ



ନାରାୟଣ ମହାଳିକ

ନା, ମୋତେ ଆଉ ମାଗନା

ନିରୋଳା ପ୍ରେମରେ ବତୁରି ଯାଇଥିବା ଗୋଟେ ଜହ୍ନଭରା ରାତି ।

ମୁଁ ଚାହେଁନା ତମ ଛଳନାର ଜଉଘର ଜଳିଜଳି ପାଲଟି ଯିବାକୁ

ଭିନ୍ନ ଏକ ସ୍ମୃତି । [୧]

ନା, ମତେ ଆଉ ମାଗନା

ଗୋଟିଏ ସୁତା ଖିଅରେ

ବାନ୍ଧି ହୋଇ ରହିବାକୁ

ତମ ସହ ଜନ୍ମପରେ ଜନ୍ମ । [୨]

ସମୟ, ଅସମୟ, ଭଲମନ୍ଦ, ହସକାନ୍ଦ

ସବୁ କିଛି କୁ ପଛରେ ପକେଇ ସାରା ଜୀବନ ମୁଣ୍ଡେଇବାକୁ ତମ

ମର୍ଦ୍ଦ ପଣିଆର ବୋଝ,

ନିଜ ଦେହକୁ ଦାହକରି ମାନିନେବାକୁ ତମ ସଂସାରର

ଯେତେ ସବୁ ଅବୁଝା ନିୟମ । [୩]

ବରଂ ପାରୁଛ ଯଦି ମୋ ଦେହଟାକୁ

ନିଲାମ ଧରିନିଅ,

ମୁଁ ରାଜିଅଛି ତମ ସହ

କାଟିଦେବି କେଇଟା ମୁହୂର୍ତ୍ତ

 Magazine Downloaded from www.aahwaan.com

ତାପରେ ଆମେ ବସଭାଙ୍ଗି ଉଡ଼ିଯିବା ଯେ ଝା ବାଟରେ ପୁଣି କୋଉ ଗୋଟେ

ନୂଆ ବସାର ସନ୍ଧାନେ,

କାହିଁକି ନା ମୋ ପାଖରେ ତମ ପାଇଁ

ମୀରା ସାଜିବାର ଧୈର୍ଯ୍ୟ ନାହିଁ

କି ତମ ପାଖରେ ମୋ ପାଇଁ କୃଷ୍ଣ

ପାଲଟି ଯିବାର ସାହାସ । [୪]

ଏବେ ନା ମୁଁ ଆଉ କାଖେଇ ପାରିବି

ଯମୁନାର ଜଳ ଭରା କଳସୀ,

ନା ତମେ ଆଉ ଫୁଙ୍କିପାରିବ

ତମ ମୋହନ ବଂଶୀ,

ବରଂ ଏହା ହିଁ ହେଉ ଶେଷ ଦୃଶ୍ୟ

ଆମ ମଞ୍ଚସ୍ଥ ନାଟକର । [୫]

ଆମକୁ ଫେରିବାକୁ ହେବ

ଆଉଥରେ ଜନ୍ମ ଦେବାକୁ

ଗୋଟିଏ କଅଁଳ ସକାଳ । [୬]

ସର୍ବଶିକ୍ଷା ଅଭିଯାନ, ଯାଜପୁର

 Magazine Downloaded from www.aahwaan.com

# ଆଖିଲାଗେ ତାରା ପରି



ସୁଦର୍ଶନ ସାହୁ

ଆଜି ସ୍ୱଚ୍ଛ ଆକାଶରୁ ମାଳ ମାଳ
ତାରା ମାନେ
କେତେ ସୌନ୍ଦର୍ଯ୍ୟ ଦେଖାଇ
ଧପ୍ ଧପ୍
ମିଞ୍ଜି ମିଞ୍ଜି ହୋଇ
ମୋ ମନରେ କବିତାର
ଘର ତୋଳିବାକୁ ଚେଷ୍ଟା କରୁଛି ।
କବିତା ,
କବିତା ତ ମୋ ସେହିଠାରେ
ଲୁଚି ଯାଇଛି
ମୋ ପ୍ରିୟାର ତାରା ପରି
ମିଞ୍ଜି ମିଞ୍ଜି ଆଖିର କରଡ଼ରେ ।

ଆଜି ଏ ଦୃଷ୍ଟ ତାରାକୁ ଦେଖି
ଭାରି ମନେ ପଡ଼ ତୁମେ ,
ତୁମର ସେ ଆଖିର ପରଦାକୁ
ଅନୁଭବ କରୁଛି ଏ ମନ
ଲମ୍ବା ଦୂରରେ ଥିବା
ସେହି ତାରାକୁ ଦେଖି ।
ସତରେ ଏ ମନ ଆଜି
ଭାରି ଝୁରି ହୁଏ ତୁମବିନା ।

ଓଡ଼ିଆ ବିଭାଗ ଛାତ୍ର
ଏନ୍ ସି କଲେଜ ,ଯାଜପୁର

# ନୂଆ ନୂଆ ଶୀତ



ଡ଼. ଆଲୋକ କୁମାର ରାୟ

ନୂଆ ନୂଆ ଶୀତ
ଆଦ୍ୟ ଯୌବନର
ପହିଲି ପରଶ ପରି
ଟିକେ ମିଠା ପୁଣି
ଖଟା ଟିକେ ଲାଗେ

ନୂଆ ନୂଆ ଶୀତ
ନୂଆ ବୋହୂ ପରି
ମାପିଚୁପି ଚାଲେ
ଡାକିଦେଲେ କେହି
ଚମକିଲା ପରି ଜାଗେ

ନୂଆ ନୂଆ ଶୀତ
ପ୍ରେମିକାର ଚୁମା ପରି
ଇତସ୍ତତଃ ଭାରି
କିଏ କାଳେ ଜାଣିବ
ସେଥିପାଇଁ ଭାଳେ

ନୂଆ ନୂଆ ଶୀତ
ଚଉଠି ରାତିର
ଅଭିସାର ପରି
ସନ୍ତୁଷ୍ଟିର ସମଷ୍ଟି
ଯନ୍ତ୍ରଣାଠୁ ବଳେ

କେନ୍ଦ୍ରାପଡା, ଓଡ଼ିଶା
ମୋ: ୯୪୩୭୦୬୮୦୦୩

Magazine Downloaded from www.aahwaan.com

# ଦୁଇଟି ପ୍ରେମାଞ୍ଜଳୀ



ରାଜେଶ ପୂଝାରୀ

-୧-

*ଆଗପରି ଆଉ ଭଲ ଲାଗୁନାହିଁ*

ଆଗ ପରି ଆଉ ଭଲ ଲାଗୁନାହିଁ
ଅଳସୀ ଜହ୍ନର ରାତି
ଶୁଭୁନାହିଁ ଆଉ ଦୂର ଝାଉଁବଣେ
ନିଶାଚରୀ ମଧୁଗୀତି... ।୦ ।
ମଧୁର ମୁରଲୀ ଆଉ ବାଜୁନାହିଁ
ଘୁଙ୍ଗୁର ନିକ୍ୱଣ ସୂର ତୋଳୁନାହିଁ
ବିରହୀ ହୃଦୟ ଭିଜୁଛି ଲୁହରେ
ଶୋଇ ସମୟର ଛାତି... ।୧ ।
ନୀଳ ନୟନା ମୋ ସାଥେ ନାହିଁ ବୋଲି
ଜୀବନ ମୋ ହେଲା ମରୁଚରା ଧୂଳି
ମନ ଆଇନାରୁ ଉଙ୍କି ମାରୁଥାଏ
ସ୍ୱପ୍ନଭିଜା କେତେ ସ୍ମୃତି... ।୨ ।

-୨-

*ଏକା ଥିଲି ଯେବେ ଭାରି ଭଲ ଥିଲି*

ଏକା ଥିଲି ଯେବେ ଭାରି ଭଲ ଥିଲି
ତୁମେ ଆସୁଥିଲ କାଇଁ,
ଯଦି ଆସିଗଲ କୁହ ଆଗୋ ସଖୀ
ଫେରୁଥିଲ କା'ଣ ପାଇଁ... ।୦

ମୋ ମନଟା ଥିଲା ଶୁଷ୍କ ମରୁଭୂମି
ଝାରିଦେଲ ପ୍ରୀତି ବାରି
ତୁମୁରା ଆଖିର ରାକା ଇଲାକାରେ
ସୂନେଲି ସପନ ଭରି
ସ୍ଫୁରିଲ ଛାତିରେ ମିଠା ଅନୁରାଗ
ମଧୁର ରାଗିଣୀ ଗାଇ.... ।୧
ମଝି ଦୋଛକିରେ ଛାଡ଼ିଦେଇ ଗଲେ
କରି ମତେ ପୁଣି ଏକା
ପ୍ରୀତିର ଯମୁନା ବହିଲା ଉଜାଣି
ଶେଫାଳିର ଗନ୍ଧ ଫିକା
ତୁମେ ସାଜୁଅଛ ମିଳନର ଶେଯ
ମୁଁ ସାଜେ ବିରହ ଭୂଇଁ... ।୨ ।

କୁଶମେଲ, ଝାରସୁଗୁଡ଼ା

# ପ୍ରିୟା ମୋର



ଆଲୋକ କୁମାର ରାଉତ

ସୂର୍ଯ୍ୟର  କିରଣରେ,
ପ୍ରଖରତା ତୁମେ  ।।
ଚନ୍ଦ୍ରର କିରଣରେ,
ଶୀତଳତା ତୁମେ  ।।
ଆକାଶର ନୀଳିମାରେ,
ନିର୍ମଳତା ତୁମେ  ।।
ଝରଣାର ସୌନ୍ଦର୍ଯ୍ୟରେ,
ସୁନ୍ଦରତା ତୁମେ  ।।
ଶାମୁକାର ଗର୍ଭରେ,
ମୁକୁତା ତୁମେ  ।।
ହୃଦୟର ଶୂନ୍ୟତାରେ,
ସମ୍ପୂର୍ଣ୍ଣତା ତୁମେ  ।।
ମନର  ଅସ୍ଥିରତାରେ,
ସ୍ଥିରତା ତୁମେ  ।।
ପୀରତିର ଗଭୀରତାରେ,
ଅଗଭୀର ତୁମେ  ।।
ଉଦ୍ୟାନର ଗୋଲାପରେ,
ଗୋଲାପୀ ତୁମେ  ।।
ସନ୍ଧ୍ୟାର ଆଳସ୍ୟତାରେ,
ତତ୍ପରତା ତୁମେ  ।।
ରାତ୍ରିର ଅନ୍ଧକାରରେ,
ଆଲୋକିତ ତୁମେ  ।।
ଜୀବନର ଆଧାରରେ,
ଅଧାର ତୁମେ  ।।
ପ୍ରତିମା  ନାଁ  ଧାରଣର ବାସ୍ତବରେ,
ପ୍ରତିଛବିର  ପ୍ରତିବିମ୍ବ  ତୁମେ  ।।
ଆଜିର ଅବାସ୍ତବ ପ୍ରେମ ଜଗତରେ,
ପ୍ରେମ ସନ୍ତକର ବିଶାଳ ସ୍ତମ୍ଭ ତୁମେ  ।

ଧାତୁ ଏବଂ ମିଶ୍ରଧାତୁ ଯନ୍ତ୍ରୀ, ଟାଟା ଷ୍ଟିଲ୍ ଲିମିଟେଡ୍
ଉପର ତେଲେଙ୍ଗା ବଜ଼ାର, ପୁରୀଘାଟ, କଟକ-
୭୫୩୦୦୯
ଇ-ମେଲ୍ -: alokkumar.rout119@gmail.com
ଦୂରଭାଷ -: ୯୪୪୯୦୨୨୭୯୮

 Magazine Downloaded from www.aahwaan.com

# ନୀରବ ପ୍ରତ୍ୟୟ



ସିପ୍ରା ନାମତା

ତମସାଚ୍ଛନ୍ନ ନିଶାରେ ,
କାତର ହୃଦୟର ଅଭିବ୍ୟକ୍ତି ,
ଅଭିସାରିକାର ଛଦ୍ମବେଶ ,
ଜକ ଜକ ହୀରକ ଚାଦର ,
କେବେ ଢାଙ୍କେ ଉଷ୍ମତାରେ ,
କେବେ ଥରାଏ ବିରହରେ ।

ଝରଣାର ଝର ଝର ଧାରା ,
ତା'ମଧ୍ୟେ ଦଂଶନର ଜ୍ୱାଳା ,
ଆଖି ଓ ଛାତିର ତତଲା ନିଆଁ ଜାଳେ
କେବେ ଦେହ ସାଥେ ,
କେବେ ମନ ସାଥେ ,
ଆଧୁନିକ ସଭ୍ୟତାର ଦ୍ୱାହିରେ ---- ।

କେଉଁଠି କିଏ ବୁଝିଛି ଆବେଗ,
କ୍ଷୁଧା, ତୃଷା, ଭୂକମ୍ପର ବେଗ,
କେବେ ଆକାଶରେ କେବେ ଧରଣୀରେ
ପ୍ରକୃତି ଉଚ୍ଛୁଳେ ସାଗର ଗର୍ଜ୍ଜନେ ,
ବିଶ୍ୱ ତାପ ବିଦ୍ଧ କରେ ଅସହଣୀ ଜ୍ୱାଳାରେ ।

ବଞ୍ଚିବାର କାମନାରେ
କଞ୍ଚା ରକ୍ତ ଛିଟା ପଡେ,
ଦୂର ବରଗଛ ମଶାଣୀ ,
ଚିତାର ଦିହୁଡି ଜଳେ
କେବେ ତରଳେ ପାହାଡର ଶୃଙ୍ଗ ,
କେବେ ତରଳେ ଆଖିର ସ୍ଫୁଲିଙ୍ଗ ,
ଅସହ୍ୟ ଯାତନାର ଦାରୁଣ ପୀଡାରେ ।

ଅଜଣା ଆତଙ୍କରେ ଭୟାତୁର ପ୍ରାଣ
ତୀକ୍ଷ୍ଣ ପଞ୍ଝା ଦେଖାଏ ଝଡ ଝଞ୍ଜାଣ

 Magazine Downloaded from www.aahwaan.com

କେବେ ଝଡ଼ କେବେ ଝଞ୍ଜା ,

କେବେ ରୌଦ୍ର କେବେ ବନ୍ୟା ,

ଝଡ ନୀରବତା ପରେ ପ୍ରତିକ୍ଷଣେ

ବାନ୍ଧେ ମନ ଆତ୍ମପ୍ରତ୍ୟୟ ରେ ---- ।

ସମ୍ପର୍କ ର ସେତୁ ଭାଙ୍ଗେ

ରକ୍ତ ରଙ୍ଗ ଫିକା ପଡେ ,

କେବେ ଆଶାୟୀ ନେତ୍ର ର ପଲକ

କେବେ ବନ୍ଦ ଆଖିର ଅଭିମାନ ,

ସ୍ମୃତି ପାଲଟେ ଅକୁହା ହୃଦୟ

ର ନୀରବ ଭାଷା ରେ -- । ।

**************

ନମ୍ରତା, ବାରିପଦା, ମୟୁରଭଞ୍ଜ, ଓଡ଼ିଶା

Magazine Downloaded from www.aahwaan.com

# ପାନ୍ଥଶାଳା



ଦେବବ୍ରତ ଜେନା

ମୁଁ ପାନ୍ଥଶାଳା.....
ରଖିନି କାହାରି ଠିକଣା
କେତେ ହଜିଗଲେଣି
କେତେ  ହଜି ବି ଯିବେ
ଆଉ କେତେ ଆସୁଥିବେ
କିନ୍ତୁ ମୁ ମୋ ପରିଚୟ ହଜେଇ ପାରିନି
ଅନ୍ୟ ପରିଚୟକୁ ନିଜେ ହଜେଇ ସୁଖ ବାଣ୍ଟେ
ଚାଲେ ଦିନ ମାସ ବର୍ଷ ପାଇଁ
କେତେ ଆସନ୍ତି
କେତେ ଯାଆନ୍ତି
ସ୍ୱପ୍ନ ସାଗରରେ ନୀଳ ଆକାଶର
କାନଭାସରେ ସ୍ମୃତି ସବୁକୁ ଆଙ୍କି ଚାଲନ୍ତି
ମୁ ତ କେବଳ ମୂକସାକ୍ଷୀ
ସେ ଅତୀତ, ବର୍ତ୍ତମାନ, ଆଉ ଭବିଷ୍ୟତ ପାଇଁ
ଯୁଗ ଯୁଗ ପାଇଁ ...
ଜନ୍ମ ଜନ୍ମ ପାଇଁ.....
ବିଲୁପ୍ତ  ସଭ୍ୟତା ପାଇଁ,
ପରିବ୍ୟାପ୍ତ  ସମାଜ ପାଇଁ
ସମ୍ଭାବନାର  କୁହୁଡ଼ିରେ  ପହଁରି  ପହଁରି  ସମସ୍ତେ
ଆଜି ଭାରାକ୍ରାନ୍ତ
ନିଜ ସତ୍ତାର ଅସ୍ତିତ୍ୱ  ହରେଇ ଦେଲେଣି
ମାତ୍ର ଏକା  ମୁ ଅଛି ....ଥିବି....
ଆଉ ସାଉଁଟି ଚାଲୁଥିବି
ସ୍ମୃତିକୁ.....
ମନର କଳ୍ପନାକୁ....
ହୃଦୟର ଆବେଗକୁ...
ପ୍ରାଣର ଅସଂଯମତାକୁ....
ମୁଁ ପାନ୍ଥଶାଳା
ରଖିନି କାହାରି ଠିକଣା  । ।

ଶିକ୍ଷକ, ରଣସିଂହପୁର ଆଶ୍ରମ
ଭୋଗରାଇ ,ବାଲେଶ୍ୱର
ଭ୍ରାମ୍ୟଭାଷ :୯୫୮୩୧୩୮୫୩୩

 Magazine Downloaded from www.aahwaan.com

# ପଢ଼ିବା ଆମେ ପାଠ



ସୁଦାମ ଗୌଡ଼

ଆସରେ ଟୁନା ଆସରେ ମୁନା
ପଢ଼ିବା ଆମେ ପାଠ ।
ବେଳ ବୁଡ଼ିଲାଣି ଫେରି ଆସିଲେଣି
ଗାଁର ଗାଈ ଗୋଠ ॥
ପଶ୍ଚିମ ଦିଗେ ବୁଡ଼ିଲେଣି ରବି
ହେଲାଣି ଏବେ ଅନ୍ଧାର ।
ସୁନା ଭାଇଟୁ କଥା ମାନିଯା
କହୁଛି ଭଉଣୀ ତୋର ॥
ଦୁଷ୍ଟ ଆଉଟୁ ହୁଅ ନାଁ ଭାଇ
ପାଠ ପଢ଼ିବା ଆ ମିଶି ।
କଥା କଥାରେ ରାଗୁଛୁ କାହିଁ
ଯାଉଛୁ ତୁ ହାହିଁ ରୁଷି ॥
ସାଙ୍ଗ ସାଥୀ ତୋର ପଢୁଛନ୍ତି ପାଠ
ହେବେ ଦିନେ ବଡ଼ ମଣିଷ ।
ତୁ ଜଦି ପାଠ ନପଢ଼ିବୁ ଭବିଷ୍ୟତରେ
କରିବୁ କିସ ॥
ସାନ ଭାଇ ମୋର ବୁଝିଯା କଥା
ପାଖରେ ଆସି ତୁ ବସ ।
ଗଣିତ ବହି ପଢ଼ି କରିତୁ
ଅଙ୍କ କିଛି ବି କଷ ॥

କଟ୍ରା, ବୁଢ଼ାବାହାଲ
ଜିଲ୍ଲା - ସୁନ୍ଦରଗଡ଼ ଓଡ଼ିଶା
୮୭୬୨୩୯୦୦୭୩

 Magazine Downloaded from www.aahwaan.com

# ଦୀପାବଳୀ



ଦିବ୍ୟ ଦିପ୍ତିମୟ
ବେହେରା

ପୁଣି ବରଷକେ ଆସିଛି ସାଙ୍ଗ
ଆଣିଛି କେତେ ଯେ ଜାକ ଜକମ
ନୁଆ ପୋଷାକକୁ ନୁଆ ମିଷ୍ଟାନ୍ନ
ସାଜ ସଜଡାରେ ଚଞ୍ଚଳ ମନ
ସଜାଇ ରଖିଛି ନୁଆ ଦୀପ ମାଳ
ଲମ୍ବା ସଳିତା ସଂଗେ ଘିଅ ତେଲ
ଦିପାବଳୀ ସେହୁ ସବୁରି ପ୍ରିୟ

ଘରକୁ ମୋହର ଦେଲି ସଜେଇ
ନାନା ଆଲୋକରେ ବଧୁ ବନେଇ
ସୁନ୍ଦର ରଙ୍ଗୋଲିରେ ଦେଲି ରଙ୍ଗେଇ
କି ମନୋହର ଆହା ତହୁଁ ଦିଶଇ
ବଡବଡିଆ ହୋ ଗୀତ ଅନନ୍ଦେ ଗାଇ
ପୁର୍ବ ପୁରୁଷକୁ ଭୋଗ ଦେଲି ବଢେଇ

ଦିପାବଳୀ ସେହୁ ପ୍ରିୟ ସବୁରି
ନାନାଦି ଫୋଟକା ଆଣିଲି କିଣି
ଚକରି ତାଳକୁ ଅନାର ହାବେଳି
ଲଙ୍କା ଚିତା ସଙ୍ଗେ ରଙ୍ଗି ଝିରଝିରି
ଭାଇ ଭଉଣି ଯେତେ ସଙ୍ଗତେ ମିଳି
ଝଲସି ଉଠିଲା ଖୁସି ମନରେ ଖେଳି
ଆର ବରଷକୁ ଚାହିଁ ଗଣିଲୁ ଦିନ
ଦିପାବଳୀ ସେହୁ ସବୁରି ପ୍ରିୟ ।

ଜାମକାନି,ଗୁମାଡେରା
ବେଲପାହାଡ, ଜିଲ୍ଲା ଝାରସୁଗୁଡା

 Magazine Downloaded from www.aahwaan.com

# ବାପା ! ମୁଁ ତୁମକୁ ବହୁତ ଭଲପାଏ



ଜ୍ୟୋତି ରଞ୍ଜନ ସାହୁ

ଆଜି ପୁଣି ଦେଖାହେଲା ନିଜସହ ସ୍ୱପ୍ନରେ
ସବୁଥର ପରି ସେଇ ଏକା ପ୍ରଶ୍ନ ପଚାରିଲା ସିଏ
କେବେ ବାପାଙ୍କ ସହ ସ୍ନେହରେ ତୁ ହୋଇଅଛୁ କଥା
କେବେ କହିଅଛୁ ବାପା ମୁଁ ତୁମକୁ ବହୁତ ଭଲ ପାଏ । [୧]

ଅନେକ ଭାବିଲି ମୁଁ କେଉଁଟା ସେଦିନ
ଯେଉଁଦିନ ବାପାଙ୍କ ସହ ସ୍ନେହରେ ମୁଁ ହୋଇଥିଲି କଥା
ସ୍ମୃତିର ଥାକକୁ ଅନେକ ଘଣ୍ଟାଘଣ୍ଟି କଲାପରେ
ମୁହଁରେ ଥିଲା ମୋର ସେହି ଚିରାଚରିତ ନିରାଶା ।[୨]

ସତେ ତ ମନେପଡୁନାହିଁ କେବେ ହୋଇଥିଲି କଥା
କେବେ ଡାକିଥିଲି ତାଙ୍କୁ ବାପା ବୋଲି ବିନା ସ୍ୱାର୍ଥରେ
ଯାହା ଥାଏ ଗୋଟିଏ ନିରୀହ ଶିଶୁର
ଟିକେ ବୁଝା ଟିକେ ଅବୁଝା ବାପା ଡାକରେ ।[୩]

ତା'ମାନେ କଣ ସମୟ ଦେଇନାହିଁ ସୁଯୋଗ କହିବାକୁ

 Magazine Downloaded from www.aahwaan.com

ମୁଁ ତାଙ୍କୁ କେତେ ଭଲପାଏ ବୋଲି
ନା ମୁଁ ସମୟକୁ ଠକି ଚାଲିଛି ଜୀବନର ବ୍ୟସ୍ତତା ଭିତରେ
ବାହାନା ରୂପି ମୂଖାଟିକୁ ପାରୁନାହିଁ ଖୋଲି ।[୪]

ଧନ ମନ ଯୌବନ ସବୁକିଛି ମୋତେ ଦେଲାପରେ
କଣ ବା ଆଉ ତାଙ୍କ ପାଖରେ ବାକିରହିଗଲା
ମୋ ଚଲାପଥକୁ କୁସୁମିତ କରିବା ଚେଷ୍ଟାରେ
ସାରା ଜୀବନଟା ତାଙ୍କର କଟିଗଲା ।[୫]

ହଠାତ୍ ସ୍ୱପ୍ନଟା ଭାଂଗିଗଲା କାହାର ଏକ ଅଜଣା ସ୍ପର୍ଶରେ
ଲୁହ ବୋଲି ତାହା ଜାଣିବା ଆଗରୁ ମନଟା ଚିତ୍କାର କରୁଥାଏ
ଆଉ କହୁଥାଏ ସିଏ ଚିତ୍କାର କରି
ବାପା !ବାପା ! ମୁଁ ତୁମକୁ ବହୁତ ଭଲପାଏ ।[୬]

Jrs.2013rediffmail@gmail.com

Magazine Downloaded from www.aahwaan.com

# ଭଲ ଦିନ କେବେ



ଅଜୟ କୁମାର ମହାନ୍ତି

ଘର କରିଥିଲେ
ପଥର ପଡିଲେ ସହି,
ବଞ୍ଚିବାକୁ ହୁଏ
ଭାଗ୍ୟକୁ ଆଦରି,
ଖାଲଖମା, ଅଳିଅର୍ଦ୍ଧଳି
ଦୁଃଖ  ଓ ଯନ୍ତ୍ରଣା
ଝଡଝଞ୍ଜାର ଶେଷ କାହିଁ
ତଥାପି  ଅଣ୍ଟା ସଳଖେ
ଜୀବନ  ଯିଇଁବା ପାଇଁ ।

କଣ ବା କରେ ଚାଷୀ
ମୌସୁମୀ ବାଟ ଭୁଲିଲେ
ଭୋଦୁଅରେ ମାଟି ଫାଟିଲେ
ମାର୍ଗଶିରରେ ବର୍ଷା ବର୍ଷିଲେ
ମୁଣ୍ଡ ପିଟି କାନ୍ଦିବା ହିଁ ସାର
ଫସଲ ଉଜୁଡିଗଲେ ।

ଚାଷ ହୁଡିଲେ ବରଷେ
ଗଣ୍ଡେ ଖାଇ ତୁଣ୍ଡେ ପିଇ
ଛାତିକୁ ପଥର କରେ
ଭାଗ୍ୟରେ ଭରସି
ଅଖିମୁଠି ଧରେ
କ୍ଷେତକୁ ବାହୁଡେ ।

କଣ କରେ ଶ୍ରମିକ
ଖାଦାନକୁ ମେସିନ୍ ଆସିଲେ
କାରଖାନା ତାଲା ପଡିଲେ
କାମରୁ ଛଟେଇ ହେଲେ,
ଜଗତିକରଣର ଯନ୍ତ୍ରଣା
ବିଶ୍ୱକର୍ମା ବିପନ୍ନ ହେଲେ  ।
ଇନକିଲାବ କହୁଥିବା ନେତା

 Magazine Downloaded from www.aahwaan.com

ଲାଲ୍ ପତାକାରେ ମୁଁହ ପୋଛେ
ଅନ୍ଧ ଗଳି ଦେଶୀ ମଦର ବାସ୍ନା
ଯୁବତୀ ସ୍ତ୍ରୀ ଦେହ ବିକେ ।
ଜୀବିକା ହୁଡିଲେ
ସାରା ସଂସାର
ଯନ୍ତ୍ରଣା ଜୁଇରେ ଜଳେ ।

କଣ କରେ ସାଧାରଣ
ବର୍ଷ ବର୍ଷ ର ସଂଚୟ
ହୋଇଲେ ଅଚଳ,
ପେଟ୍ରୋଲ ପରି ମହଙ୍ଗା
ବଞ୍ଚିବାର ନ୍ୟୁନତମ ମୂଲ୍ୟ,
ଟଂକା ପରି ଶସ୍ତା ହେଲେ
କଷ୍ଟ ଲବ୍ଧ ପରିଶ୍ରମ ଫଳ ।

ଝିଅର ବାହାଘର,
ପୁଅର ପାଠ ପଢା
ବୁଢା ବାପା ଓ ମାଆଙ୍କୁ
କେମିତି ଦେଖିବ ଡାକ୍ତର ।
ଭୋଟର ହୁଡିଲେ
ପାଞ୍ଚ ବରଷ
ଈଶ୍ୱର ଭରସା ତାର ।

କିସ ଦେଖାନଯାଏ
ଦେହ ଧରିଲେ ଧରାରେ
କଣ କରା ନଯାଏ
ବଞ୍ଚି ବଞ୍ଚାଇ ରଖିବାରେ
ଭଲ ଦିନ କାହିଁ
ସ୍ୱପ୍ନ ଯଦି ମରେ ଅକାଳରେ
ଭାଗ୍ୟ ହୁଡିଲେ
ସାରା ଜୀବନ
ସନ୍ତାପରେ ବଂଚିବାକୁ ହୁଏ ।

 Magazine Downloaded from www.aahwaan.com

# ସ୍ୱଚ୍ଛତା



ରାଜେନ୍ଦ୍ର ନାରାୟଣ ସେନାପତି

ମୋଦିଜି କହିଲେ ଭାରତକୁ ପୁରା
ସ୍ୱଚ୍ଛତାରେ ଦେବେ ଭରି ,
ରାଷ୍ଟ୍ରପତି ସହ ନିଜେବି ଦିଲ୍ଲୀରେ
ରାବଣକୁ ଦେଲେ ପୋଡ଼ି ।
ରାବଣ ପୋଡ଼ିରେ ବାୟୁ ସହ ସ୍ଥଳ
ପ୍ରଦୂଷଣେ ଗଲା ଭରି ,
ପଣ୍ଡିତ ପୁଅଟା ମାଙ୍କଡ଼ ମାରିଲେ
ସବୁ ଦୋଷ କଣ ଫିରି ।
ଏ ଇମିତି କଥା ପିରି
ବାପା ବିଡ଼ି ଟାଣି ପୁଅକୁ କଉଚି
ତୁ ବିଡ଼ି ଖିଆ ଦେ ଛାଡ଼ି ।

ପାଇକତିଗିରିଆ, ଖୋର୍ଦ୍ଧା, ଓଡ଼ିଶା
ଦୁରାଭାଷ - ୮୭୧୭୪୪୫୮୯୫

 Magazine Downloaded from www.aahwaan.com

# ଜୀବନପଥ



ପ୍ରଶାନ୍ତ ପ୍ରଧାନ

ଏନ୍ତୁଡ଼ିଶାଳରୁ  କୁଆଁ କୁଆଁ  ରାବ

ଜୀବନର ଶୁଭାରମ୍ଭ

ନାମକରଣରୁ ପରିଚୟ ପ୍ରାପ୍ତି

ଏଇତ  ଅୟମାରମ୍ଭ  । ।

ଶୈଶବ ହିଁ ସ୍ୱର୍ଗ ମଣିଷ ଜୀବନେ

ଅବଧି ଯା'ର ସୀମିତ

କୈଶୋର ଓଗାଲେ ଶୈଶବର ବାଟ

କରିତାକୁ  ପଦଚ୍ୟୁତ  । ।

ପରିବର୍ତ୍ତନର  ପ୍ରଥମ ପାହାଚ

ପଥଭ୍ରଷ୍ଟ ପୁଣି କରେ

ନିରୀହ ଜୀବନେ ଅହଙ୍କାର ପଶି

ହୃଦୟେ ଜହର ଭରେ  । ।

ଯୌବନ ତ ଆସି ପାଦଥାପେ ଧିରେ

କୈଶୋରର ଅଗଣାରେ

ପ୍ରେମ ସାଥେ ଆଣେ ବିରହ ଯନ୍ତ୍ରଣା

ଅଜାଣତେ କେବେ ଥରେ  । ।

 Magazine Downloaded from www.aahwaan.com

ଯୌବନର ପଥ ହୁଏତ ସମାପ୍ତ

ବାର୍ଦ୍ଧକ୍ୟର ଆଗମନେ

ଜୀବନ ଯାତ୍ରାର ଏ ଶେଷ ପାହାଚ

ମୁକ୍ତି ଖୋଜେ ପ୍ରତିକ୍ଷଣେ ।।

ମୃତ୍ୟୁ ଆସି ଶେଷେ ଆଲିଙ୍ଗନ କରେ

ସମାପ୍ତ ହୁଏ ଜୀବନ

ସ୍ୱର୍ଗ ନର୍କ ପ୍ରାପ୍ତି କର୍ମଫଳ ଦେଖି

ଏଇତ ବିଧି ବିଧାନ ।।

ଗ୍ରାମ-ବୁରୋମୁଣ୍ଡା

ଜିଲ୍ଲା-ବରଗଡ

ଭ୍ରାମ୍ୟଭାଷ : ୯୯୩୭୭୪୫୪୯୭

 Magazine Downloaded from www.aahwaan.com

# ହେ ମୃତ୍ୟୁର ଦୂତ



ଜିତେନ୍ଦ୍ର କୁମାର କହଁର

ହେ ମତ୍ୟୁର ଦୂତ
ତୁ ବଡ଼ ନିର୍ଦ୍ଦୟ
ଲୋତକର ବନ୍ୟା ତୁ
ଜାଳିଦେଉ ନିତି କେତେ ଯେ ହୃଦୟ ।

ହେ ମୃତ୍ୟୁର ଦୂତ
ନୁହେଁ ତୁ ଦୟାର ଅବତାର
ନା କାହା ସ୍ନେହ ପ୍ରେମରେ ବନ୍ଧା ତୁ
ନା ଦେଖୁ ତୁ ସମୟ ଆସିବାର
ସଭିଏଁ କୁହନ୍ତି ତୋ ଆଗମନ କେବଳ ଅସମୟର ।

ହେ ମୃତ୍ୟୁର ଦୂତ
ଜାଣେ ମୁ ହୃଦୟ ତୋର ଏକ ପଥର
ତରଳିନି କି ତରଳିବନି କେବେ
କେଉଁ ନିଷ୍ପାପ ଶିଶୁର ଦେଖି ମୁଖ
ନା ଦେଖି କେଉଁ ଅଭାବି ମଣିଷର ଦୁଃଖ ।

 Magazine Downloaded from www.aahwaan.com

ହେ ମୃତ୍ୟୁର ଦୂତ
ମୁ ପଢ଼ିଛି ଭାଷା ଅନେକ ଆଖିର
ଯେ ଖୋଜୁଥାଏ କେହି ଲୋକ ଆପଣାର
ସାଜିଥିଲା ଯେ କେବେ ସାହାରା ଜୀବନର
ତୁ କାଳେ ଛଡେଇ ନେଲୁ ବୋଲି
କାନ୍ଦୁଛି ଯା' ଅନ୍ତର ।

ହେ ମୃତ୍ୟୁର ଦୂତ
ସତେ କେବେ ତୁ ଦୁର୍ବଳ ପଡିନାହୁଁ
ସହସ୍ର ଆଖିରେ ଦେଖି ଲୁହର ସନ୍ତକ
ସତେ କେବେ ତୁ ଭାବିନାହୁଁ
ଟିକିଏ ଅଟକି ଯିବାକୁ
ଟିକିଏ ଲୁହ ପୋଛି ହସ ବୁଣିବାକୁ ।

ହେ ମୃତ୍ୟୁର ଦୂତ
ତୁ ହୋଇପାରୁ ଶତ୍ରୁ ସମସ୍ତଙ୍କର
ହୋଇପାରୁ ତୁ ଘୃଣାର ପାତ୍ର
ହେଲେ ତୁ ତ ଶିଖାଉ ପୁଣି ଜୀବନ ଜୀଇଁବାର
ହୋଇପାରେ ମିଥ୍ୟା ସବୁକିଛି ଦୁନିଆରେ
ତୁ ଥିଲୁ ରହିଥିବୁ ହୋଇ ସତ୍ୟ ଚିର ନିରନ୍ତର ।

 Magazine Downloaded from www.aahwaan.com

# ଚାଲ ଦୀପଟିଏ ଜାଳିବା



ସଚ୍ଚିଦାନନ୍ଦ ବାରିକ

ଚାଲ ଦୀପଟିଏ ଜାଳିବା
ଦୀପାବଳି ପାଳିବା
ସଂଜ ନଇଁଗଲେ
ବଡ଼ମାନେ ପୟା ଖଣ୍ଡେ ଖଣ୍ଡେ ଧରି
ବଡ଼ବଡୁଆ ଡାକିଲା ବେଳେ
ପୟା କାଠିରେ ନିଆଁ ଲଗେଇ
ଚକୋଲେଟ୍ ବଲ୍ ତାଳ ଫୋଟକା
ନଡ଼ିଆ ବାଣରେ ନିଆଁ ଲଗେଇ
ଶବ୍ଦକୁ ଉପଭୋଗ କରିବା
ଘର ବାହାରେ ସାହି ପିଲାସାଙ୍ଗେ
ନିଜ ପାରିବା ପଣିଆ ଜାହିର କରିବା...
ସେଦିନ ସିନା ସମସ୍ତେ ମିଶି ଗୋଟେ ରାବଣକୁ ମାରିଥିଲେ
ଏବେ ଆମ ପାଳି
ଏ ପୋକଜୋକମାନଙ୍କୁ ରାବଣ ମନେକରି
ଢୋ ଢୋ ଫୁଟେଇ
ଆମେ ବି ରାବଣ ମାରିବା...
ମା କାଳୀ ସିନା ଓହ୍ଲେଇ ଆସିବେ ଧରାକୁ
ଶତ୍ରୁ ବିନାଶ ପାଇଁ
କାଳରାତ୍ରୀର ରୂପ ନେଇ
ଚାଲ ଘରେ ବାହାରେ ଦୀପଜାଳି

 Magazine Downloaded from www.aahwaan.com

ଆଲୋକମାଳାରେ ସଜେଇ
ଆଲୋକିତ କରି
ତାଙ୍କୁ ସ୍ୱାଗତ କରିବା
ଚାଲ ଦୀପଟିଏ ଜାଳିବା
ପୋଡ଼ିଯାଉ ଅମଣିଷ ପଣିଆ
ଚାରିଆଡ଼େ ପ୍ରକମ୍ପିତ ହେଉଥିବା ବାଣ ଶବ୍ଦରେ
ଅଣନିଶ୍ୱାସୀ ହେଇ ସନ୍ଦେହଟା ମୃତ୍ୟୁବରଣ କରୁ
ବାଣ ଧୁଆଁରେ
ସମସ୍ତେ ସମସ୍ତଙ୍କୁ ବୁଝାନ୍ତୁ
ଆଲୋକମାଳାରେ ସୁନ୍ଦରେ ଦିଶୁଥିବା ଏ ଧରା ପରି
ସୁନ୍ଦର ହେଉ ସମ୍ପର୍କ
ନୂଆ ସକାଳ ଟେ ଉଇଁବା ପୂର୍ବରୁ
ସାଥେ ତାର ନେଇଯାଉ ସବୁ
ଲୋକଙ୍କଠୁ ଅହମିକା, ଆତ୍ମବଡ଼ିମା ଅସୂୟା ଭାବକୁ
ସକାଳଟା ନୂତନତ୍ୱର ଭାବ ନେଇ
ମଣିଷ ପଣିଆର ଅଙ୍କୁରୋଦ୍‌ଗମ୍ ହେଉ
ମଣିଷ ହୃଦୟରୁ....

ଗ୍ରା/ପୋ : ଝୁମ୍ପୁରା, କେନ୍ଦୁଝର, ୭୫୮୦୩୧, ଓଡ଼ିଶା
ଭ୍ରାମ୍ୟଭାଷ : ୯୭୭୭୩୫୦୫୮୦

 Magazine Downloaded from www.aahwaan.com

# ଚିଠିଟିଏ ତୋ ପାଇଁ



ପ୍ରଦୀପ ବନ୍ଧ

ଚିଠିଟିଏ ତୋ ପାଇଁ ,

ବୋଉ.... । ।

ସବୁଠି ତୁ

ତୋ ପାଇଁ ତ ମୁଁ

ତୋ ଭରସାରେ

ମୋର ଏ ବିଚିତ୍ର ଜୀବନ,

କେତେବେଳେ ଅମୃତମୟୀ

ନଦୀ ଆଉ ଆକାଶ ତ

ପୁଣି କେବେ

ପ୍ରାଣସଖୀ ପଦଚିହ୍ନର ସ୍ମୃତି,

ତୋ ଅପେକ୍ଷାରେ ମୁଁ

ପରିଚୟ ତ ଏମିତି

ଅକସ୍ମାତ

ଭୂମିରେ ପଡୁ ପଡୁ

ମୋ କାଁ ଶଢରେ

ତୋ ନାଁର ପରିଚୟ ଲୋ

ବୋଉ,,,,,

ତୋର ଅବର୍ତ୍ତମାନରେ

ମୋ ସ୍ୱପ୍ନ ଆଉ ମୁଁ

ବେଳେ ବେଳେ ଖୋଜେ

ମୋ ନିଜ ମନରେ

ତ କେବେ ଧଉଳି ସ୍ତୁପରେ,

ନିଦଭରା ନୟନରେ ତୋ କୋଳରେ

କାଠକଣ୍ଢେଇ ସାଥିଟିଏ ପରି

ମୁଁ ହାତ ଗୋଡ଼ ହଲେଇ ଖେଳେ

 Magazine Downloaded from www.aahwaan.com

ଖେଳିଖେଳି କେତେଯେ

ତୋ ଦେହ ଦରଜ କରିନଥିବି ମୁଁ ,

କିଏ ଜାଣିଛି ସନ୍ଧ୍ୟା ଆକାଶର

କେବେ ଜହ୍ନରାତି ତ

କେବେ ନିଶବ୍ଦ ପାନ୍ଥଶାଳା ର

ତୁଚ୍ଛ ଏକ ବାଲିଗରଡ଼ାଟେ ପରି

ମୋତେ କୋଳରେ ଧରି କାନ୍ଦୁଥାଏ

ନିଜକୁ ଭସେଇ ଦେଇ ଲୁହର

ସମୁଦ୍ରରେ,

ଜାଣିଛି ବୋଉ ତୁ ମୋ ପାଇଁ

ନଦୀର ଦୁଇ ତଟ

ଅମୃତ ଧାର ଠାରୁ ଆହୁରି ମଧୁର

ମନେପଡେ ବୋଉ ଖୁବ ମନେପଡେ

ଚିଠିଟିଏ ତୋ ପାଇଁ,,,,,,

ମୋ ଅବୋଧ ଇଚ୍ଛାରେ

ସମର୍ପି ଦେଇଛି

ତୋ ଫିକା ରଙ୍ଗର କାନିରେ

ବାନ୍ଧି ପାରୁନି

ସାତ ରଙ୍ଗର ସାତ ସ୍ୱରକୁ ,

ଛଳନା ଦହନର

କାହିଁକି ?

ଏମିତି ଯେ ମୁଁ

ସ୍ୱପ୍ନ ମହଲ ଭିତରେ

ନିଜକୁ ହଜେଇ ଦେଇଛି

ଆଉ ଖୋଜି ପାଉନି

ମୋର ସେ ଅତୀତର

ଜହ୍ନ ରାତିକୁ ,,,,,, ।।।

ଭଦ୍ରକ, ବାସୁଦେବପୁର, ରାଜଘର ପୋଖରୀ,

ସାନମଛୁଆଘାଇ

ଭ୍ରାମ୍ୟଭାଷ : ୮୦୭୨୭୮୩୨୨୦

 Magazine Downloaded from www.aahwaan.com

# ମୁଁ



ନିର୍ମଳ କୁମାର ଦଳାଇ

ମୁଁ ଇ ତ ସଦ୍ୟତମ ପଥଚାରୀ
ଅସତ୍ୟ ସତ୍ୟର ରାଜରାସ୍ତାରେ,
ମଳୟର ମହକରେ ମନ୍ତ୍ରମୁଗ୍ଧ
ଅଦୂରେ ହାତ ଠାରେ ରୌଦ୍ରତାପ,
ସ୍ୱପ୍ନର ମହମ ଶଯ୍ୟା
ମୋ ଶ୍ରେଷ୍ଠ ସହଚର ।

ଦେହରେ ଲେପିଦେଇ ମୋହ ମୋହାଚ୍ଛନ୍ନ
ଅଗୁର ଚନ୍ଦନ ,
ମୁହୁର୍ତ୍ତେ ମୁହୁର୍ତ୍ତେ ଆବୋରି ନିଏ
ଅସତ୍ୟ ସତ୍ୟକୁ,
ମାୟା ମରୀଚିକା ମାୟାଜାଲ
ପାଦେ ପାଦେ କବଳିତ ,
ନିଘା ନାହିଁ ବାଲିଝଡରେ
ଦେଖି ବି ଦେଖିବାକୁ ଚାହେଁନା
ଦୃଶ୍ୟ ଅଦୃଶ୍ୟ, ବର୍ତ୍ତମାନର ଭବିଷ୍ୟତକୁ ।

 Magazine Downloaded from www.aahwaan.com

କାଳେ କାଳେ କବଳିତ

ପୁଲାଏ ମିଛ ଖୁସି ,

ସାଉଁଟୁଛି ଚାମୁଚାଏ ଚାମୁଚାଏ

ସେ ଇ ତ ମୋ ପୁଞ୍ଜି ।

ପ୍ରତିଷ୍ଠା ପ୍ରାପ୍ୟ

ଉଲ୍ଲସିତ ଉନ୍ମାଦନା

ମୋ ସହଯୋଗୀ ,ସହଯାତ୍ରୀ

ଭୁଲି ସାରିଛି ସାପର ଧାଡି ,

ଖେଳ ଆରମ୍ଭରୁ

ଆଦିମ ଅଦମ୍ୟ ପ୍ରବୃତ୍ତି

ଚଢିବି କେବଳ ଶିଢି ।

ପାଇକସାହି, ବ୍ରହ୍ମଗିରୀ, ପୁରୀ

ଭ୍ରାମ୍ୟଭାଷ :୯୦୯୦୦୬୯୩୫୦

 Magazine Downloaded from www.aahwaan.com

# ବନ୍ଧୁତା



ଅଜୟ କୁମାର ବେହେରା

ବିଶାଳ ବିଚିତ୍ରମୟ ସଂସାରରେ

ସବୁକିଛି ସହଜଲୋଭ୍ୟ ହୋଇ ନ ପାରେ

ସମ୍ପର୍କର ଡୋର ସେତ ଭାରି ଜଟିଳ

ପାଇବାଟା ନୁହଁ ସେତେ ସରଳ...(୧)

ସମ୍ପର୍କ ତ ସ୍ୱର୍ଗୀୟ ହୋଇଥାଏ

ଯେଉଁଠି ସ୍ୱାର୍ଥର ଲେସ ତିଳେ ମାତ୍ର ନ ଥାଏ

ଏପରି ସମ୍ପର୍କ କୁ ନେଇ ହେଲେ ବନ୍ଧୁତା

ସେପରି ସମ୍ପର୍କର ଡୋର ହୋଇଥାଏ ଦୀର୍ଘତା.....(୨)

ଆପଣାଲୋକର ଦୁଃଖରେ ସିଏ ଦୁଃଖି ହୁଏ

ଯିଏ ବନ୍ଧୁପରି ବନ୍ଧୁଟିଏ ହୋଇ ଥାଏ

ଏପରି ବନ୍ଧୁତା ପାଇବା ଭାଗ୍ୟର କଥା

ଏହା ପୁଣି ସଭିଙ୍କ ଭାଗ୍ୟରେ ହୋଇ ନ ଥାଏ ଲେଖା....(୩)

କୃଷ୍ଣ ଆଉ ସୁଦାମାଙ୍କ ମିତ୍ରତା

ସମାଜରେ ଶ୍ରେଷ୍ଠ ବନ୍ଧୁତାର ଦେଇଥାଏ ମହାନତା

ବିଚରା ଦରିଦ୍ର ଆଉ ନିଷ୍ପେସିତ ସୁଦାମା

କୃଷ୍ଣଙ୍କସହ ବନ୍ଧୁତା ପାଇଁ ହୋଇଥିଲେ ସାରା ଜଗତେ ଖ୍ୟାତନାମା.....(୪)

 Magazine Downloaded from www.aahwaan.com

ସେଇ ବନ୍ଧୁତାର ସମ୍ପର୍କ ନେଇ

ଦୁର୍ଯ୍ୟୋଧନ ପରି କପଟୀ ମିତ୍ରର ସାଥି ହୋଇ

ମହାବୀର କର୍ଣ୍ଣ ଅକାରଣେ ଜୀବନ ତ ଥିଲେ ଦେଇ

କେବଳ ସେଇ ବନ୍ଧୁତା ପାଇଁ ଆଉ ବନ୍ଧୁତା ପାଇଁ....(୫)

ବନ୍ଧୁତା ସେତ ମୁଦ୍ରାର ଦୁଇଟି ପାର୍ଶ୍ୱ

ସତ୍ ପଥେ ନେଲେ ହେବ ଜୀବନ ପୁଲୋକିତ

ଅସତ୍ୟରେ ପୁଣି ବିଷାଦିତ

ଏପରି ବନ୍ଧୁତାର ଅର୍ଥ ବୁଝି ଥିବା ଲୋକ ହୋଇଥାଏ ମହତ....(୬)

ଖାଲି ବନ୍ଧୁତା ଗଢ଼ିଦେଲେ ହେବ ନାହିଁ

ତାକୁ ସମ୍ପର୍କର ରୂପ ଦେବା ପାଇଁ

ସ୍ୱାର୍ଥହୀନ ମନ ଟିଏ ଲୋଡ଼ା ହୋଇଥାଏ ଯହିଁ

ବନ୍ଧୁତା ରହିଥାଏ ତହିଁ....(୭)

ଏପରି ବନ୍ଧୁତା ପାଇବା ପାଇଁ

ପଣ କରୁଛି ମୁହିଁ

ମୋ ଜୀବନ ଥାଉ ଥାଉ

କୁଟ ଚକ୍ରି ଆଉ ସ୍ୱାର୍ଥବାଦୀ ଠାରେ ହାତ ପାତିବି ନାହିଁ...(୮)

ମୋରଡ଼ା,ମୟୂରଭଞ୍ଜ ।।

 Magazine Downloaded from www.aahwaan.com

# ପ୍ଲାଷ୍ଟିକ୍ ସଚେତନ



ଶାରଦା ପ୍ରସନ୍ନ ସାହୁ

ନାଶ ହୋଇଗଲା ବଂଶ ମୋର,
କଳିଯୁଗେ ଶେଷ ହେଲା ରାଜୁତି ଯାହାର ।।
ପୃଥିବୀ ପୃଷ୍ଠରେ ହୋଇ ବିସ୍ତାର,
ପ୍ଲାଷ୍ଟିକ ବୋଲାଏ ନାମ ମୋର ।।
ପଲିଥିନ ଅଟେ ଭାଇ ମୋର,
ତା ଦେହେ ବାଜିଲା ବ୍ୟାନ୍ ମୋହର ।।
ମାର୍କେଟ ହିରୋ ପଲିଥିନ ଜରି,
ପିଲାଠୁ ବୁଢ଼ାଏ ବୁଲନ୍ତି ଧରି ।।
ସମାଜ ଦେଇଛି ଅମର ବର,
ଯୁଗେ ଯୁଗେ ଧରି ନାହିଁ ନାଶ ମୋର ।।
ମାଟି ପରେ ନାହିଁ ମତେ ମିଶାଇ,
ଜଳ ପରେ ନାହିଁ ମତେ ମିଳାଇ ।।
ଏତେ ଶକ୍ତିଶାଳୀ ଦେହଟା ମୋର,
ନିଆଁ ରେ ଜଳିଲେ ପବନ ହୁଏ ଅଙ୍ଗାର ।।
ପରିବେଶ ପ୍ରଦୂଷଣ ପାଇଁ ଜନ୍ମ ମୋର,
ଏ ସମାଜ ପାଇବନି ମୋଠାରୁ ନିସ୍ତାର ।।

 Magazine Downloaded from www.aahwaan.com

ନୂଆ ଅଭିନବ ପ୍ଲାଷ୍ଟିକ ଅଣ୍ଡା,ଚାଉଳ,

ସଭିଙ୍କର ଆଦର ପ୍ଲାଷ୍ଟିକ ଖୋଳ ।।

ନିର୍ଲଜ ଏତ ମଣିଷ ଜାତି,

ଏତେ ସରି ହୋଇ ଛାଡୁନି ପ୍ରକୃତି ।।

ଯେତେ ହେଉ ପଛେ ପ୍ଲାଷ୍ଟିକ ବ୍ୟାନ୍ ,

ତଥାପି ମଣିଷ ଜାତି ପଲିଥିନ ଫ୍ୟାନ୍ ।।

ବାରଣ ସତ୍ତ୍ୱେ ମାନେନି ନିତୀ,

ଲୁଚା ଛପା ଚାଲେ ପଲିଥିନ ଦୁର୍ନୀତି ।।

ବୈଜ୍ଞାନିକ ମାନେ ମାରିଲେ ଫେଲ୍,

ସରକାର ମତେ ଦେଉଛି ଜେଲ୍ ।।

ଆସୁଛି ଶୀଘ୍ର ନେଇ ମୁଁ ବେଲ୍,

ପୁଣି ଚାଲିବ ପ୍ଲାଷ୍ଟିକ ରେଲ୍ ।।

କୃଷି ସ୍ନାତକ, ଚିପିଲିମା (ଓ.ୟୁ.ଏ.ଟି)

କିଶିନାପୁର, ସାଲେପୁର, କଟକ

ଇ ମେଲ୍- sahoosharadaprasanna1996@gmail.com

ଦୂରଭାଷା- ୯୦୯୦୭୭୪୮୭୭

 Magazine Downloaded from www.aahwaan.com

# କହି କି ପାରିବ



ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ

କିଏ ସେ ଦେଇଛି ଦେଇ ବା ପାରିବ ମମତାର ମୁଲ ,
ବାପା ମାଆ ସତେ ସରଗର ଶଶୀ କେ ହେବ ତା ତୁଲ ।
ଏ କଥା ବିଚାରେ ଯେଉଁ ପିଲାଙ୍କ ମନ,
ହେଇଯାଏ ତାଙ୍କ ଜୀବନ ଧନ୍ୟ ଧନ୍ୟ ।

ଅଛି କେତେ କଥା, ପିଲାଏ ତମେ ଜାଣ କି ଜାଣନା,
ଧରାଦେହେ ଦେହ ସିନା ଯାଏ ସରି, କର୍ମଫଳ ସରେନା,
ଯା କଥା କହୁଛି, ଆଜି ସେ କାହାଣୀ, ତା'ପରି ସନ୍ତାନ ତ ମିଳେନା ।

ମୁନୀ ସାନ୍ତନୁ ଓ ଜ୍ଞାନବନ୍ତିଙ୍କ ଏକମାତ୍ର ସନ୍ତାନ,
ଜ୍ଞାନୀ, ଗୁଣୀ ବାଳକ ନାମ ଯେ ତା'ର ଶ୍ରବଣ,
ଅନ୍ଧ ପିତା ମାତାଙ୍କର ଥିଲା ସେ ନୟନ
ପିତା ମାତାଙ୍କ ଥିଲାଟି ସେ ଜୀବନ,
ତିନି ଶରୀର, ଏକ ଆତ୍ମା, ଏକ ଶ୍ୱାସରେ ଯେମିତି ଜଡିତ
ଜଣେ ଆରକ ବିନା ରହି ତ ନ ଥିଲେ କ୍ଷଣିକ ମୁହୁର୍ତ୍ତ ।

 Magazine Downloaded from www.aahwaan.com

ପିତାମାତା ଦିନେ ବୃଦ୍ଧ ଯେ ହୋଇଲେ,

ଦିଅଁ ଦରଶନ ଲାଗି ମନେ ମନେ ଭାଳି ହେଲେ ।

ଅନ୍ଧ ସାଥେ ଭଗ୍ନ ଶରୀର, କେମିତି ବୁଲନ୍ତେ ତୀର୍ଥ,

ପ୍ରଭୁ ପାଦ ସ୍ପର୍ଶେ ଜୀବନ କରାନ୍ତେ ଯେ କୃତାର୍ଥ ।

ଉତ୍ତମ ସନ୍ତାନ ଯେଣୁ ଉପାୟ ପାଞ୍ଚିଲା, ଯୋଗାଡ଼ିଲା ଦୁଇ ଚାଙ୍ଗୁଡି,

ପିତା ମାତାଙ୍କୁ ତହିଁ ବସେଇ, ଚାଲିଲା କନ୍ଧେ ବୋହି ମାତାପିତାଙ୍କ କାଉଡ଼ି ।

ନଦୀ ନାଳ, ବନ ପରବତ, କେତେ ଅପନ୍ତରା ପଥ

ପିତା ମାତାଙ୍କୁ ବୋହି ଚାଲୁଥାଏ କ୍ଷଣିକ ନ ହୁଏ ବିବ୍ରତ,

କନ୍ଧେ  ବୋହି, ପାଦେ ଚାଲି ବୁଲେଇଲା ଚାରି ଧାମ,

ରାତ୍ରି କାଳେ ସରୟୁ ନଦୀ କୂଳେ ନେଲେ କ୍ଷଣେ ବିଶ୍ରାମ ।

ସେଠୁ ତୃଷାର୍ତ୍ତ ପିତାମାତା ନିମନ୍ତେ ଜଳ ଆଣିବାକୁ ଗଲା ,

କାଳର କରାଳ ଦୃଷ୍ଟି ପଡନ୍ତେ,ନୟନ ପିତୁଳା ଆଉ ନ ଫେରିଲା, ।

ଅଯୋଧ୍ୟା କୁମାର ଦଶରଥ ,ଶବ୍ଦଭେଦି ବାଣେ ଶିକାର କରୁଥିଲା ,

ବନ୍ୟ ଜନ୍ତୁ ଭ୍ରମେ ଶବ୍ଦଭେଦି ବାଣେ ଶ୍ରବଣର ଜୀବନ ନେଲା ।

ଅକାଳେ ନିର୍ଦ୍ଦୋଷ ପୁତ୍ରର ନିଧନ ଶୁଣି ବିକଳେ ଦମ୍ପତି କ୍ଷୁବ୍ଧ ହୋଇଲେ,

ମୋ'ସମ ପୁତ୍ରବିହୁନେ ପ୍ରାଣ ତୋ'ଯିବ ଅଭିଶାପ ଦେଇଣ ପ୍ରାଣ ତେଜିଲେ ।

ଏମିତି ସନ୍ତାନ ଅଟନ୍ତି ଦୁର୍ଲ୍ଲଭ, କୋଟି ନକ୍ଷତ୍ରେ ଜହ୍ନ ସମ ,

 Magazine Downloaded from www.aahwaan.com

ଯାହାଙ୍କ ଚରିତ୍ରବଳେ ବଳିଷ୍ଠ ହେଉଥାଇ ଆମଭାରତ ପୂଣ୍ୟଧାମ ।

ତେବେ ପିଲାଏ କହି କି ପାରିବ ??

ଶ୍ରବଣ ଅନ୍ଧ ପିତାମାତାଙ୍କୁ ନିଜ କନ୍ଧେ ବୋହି ବୁଲେଇ ପାରିଲା ସାରା ଦୁନିଆ,

ବହି ବସ୍ତାନୀ ଘେନି ଚାରି ପାହୁଣ୍ଡ ଚାଲନ୍ତେ ଥକି ଯାଉ ଆମେ କିଆଁ ??

ଏ କଥା କାହିଁକି କହିଲି ପିଲାଏ ବୁଝି ବିଚାରିବ,

ନିଜ ବାପା ମାଙ୍କୁ ଦେବତା ମଣି ଯେ ସେବା କରିବ,

ସବୁ ଅସାଧ୍ୟ ସାଧ୍ୟ ଯେ ହୋଇବ,ଜଗତ ଜିତା ସେ ହୋଇବ ।

ଶିକ୍ଷୟିତ୍ରୀ, ଡାବୁଗାଁ ବ୍ଲକ

ଗ୍ରା/ପୋ ନବରଙ୍ଗପୁର

(Main Road near SBI Bank or ATM )

ଜିଲ୍ଲା. ନବରଙ୍ଗପୁର

୭୬୪୦୫୯

ଓଡ଼ିଶା

Magazine Downloaded from www.aahwaan.com

# ଆସିବ ଫଗୁଣ ଯେବେ



ଶୁଭକାନ୍ତ ମଲ୍ଲିକ

ହଜିଗଲ ତୁମେ କେଉଁ ଦୁନିଆରେ
ରାହିଲ କେଉଁଠି ଲୁଚି
ତୁମକୁ ଭୁଲିନି ମୋନେ ରଖିଛି ମୁଁ
ଦେଇନି ମନ ରୁ ପୋଛି ।।
ଖୋଜିଲେ ଯେତେ ବି ପାଉନି ତୁମକୁ
ପାଇବି କେବେ ଜାଣିନି
ଖୋଜି ଖୋଜି ଯଦି ତୁମକୁ ନପାଏ
ଏକୁଟିଆ ଫେରିବିନି ।।
ମୋ ହାତ ଧରି ବଟ ଚାଲିବାକୁ
ଦେଇଥିଲ ମୋତେ କଥା
ଅଧା ବାଟେ ଛାଡି ଚାଲିଗଲ ତୁମେ
ଶୁଣିଲାଣି ମୋର ବ୍ୟଥା ।।
ତୁମେ ଥିଲା ମୋର ଆଖିର ପଲକ
ଛାତିର ସ୍ପନ୍ଦନ ପରା
ଛାଇ ହେଇ ମୋର ପାଖେ ପାଖେ ଥିଲ
ହେଇଗଲ ଚାନ୍ଦ ତାର ।।
ଆଖିରେ ଆଖିଏ ସପନ ଭରିଲ
ଦେଲ ନାହିଁ ସତ କରି
ତମ ସପନ ରେ ତମେ ହଜିଗଲ
ଚାଲିଗଲ ପର କରି ।।

ମୋ ଓଠ ର ହସ ଛଡେଇ ତ ନେଲ
ଲୁହ ଦେଇ ମୋ ଆଖିରେ
ଲୁଚକାଳି ଖେଳ ମୋ ସାଥେ ଖେଳିଲ
ଛୁରୀ ମରି ମୋ ଛାତିରେ ।।
ପ୍ରତାରଣା ଯଦି ମୋ ସାଥିରେ କଲ
ପ୍ରତିଶ୍ରୁତି କାହିଁ ଦେଲ
ଭାଲପାଇ ମୋତେ ଭୁଲିବନି କହି
ରାଣ କାହିଁ ?ଖାଇଥିଲ ।।
ଏ ଜୀବନେ ଯଦି ତୁମକୁ ନପାଏ
ଦୁଃଖ କରିବିନି କେବେ
ସୁଖ ଭରିଦେବି ତୁମରି ଜୀବନେ
ଆସିବ ଫଗୁଣ ଯେବେ ।।

ପୁରୁଷୋତ୍ତମ ପୁର, କରଂଜଡ଼ିଆ
ଭଦ୍ରକ
ଫୋନ-୮୭୭୮୧୫୬୨୪୪

 Magazine Downloaded from www.aahwaan.com

# ଫେରିଆସ ପ୍ରିୟା



ପର୍ଶୁରାମ ସାହୁ

ଅପେକ୍ଷାରେ ତୁମ ରହିଛି ମୁଁ ପ୍ରିୟା
ପାରୁନି  ତୁମକୁ ଭୁଲି,
ତୁମେ ଯିବାପରେ ଫେରିବା ବାଟକୁ
ଚାହିଁ ରହିଛି ମୁଁ ଖାଲି । (୧)

କେବେ ଯେ ଫେରିବ ଜଣା ନାହିଁ ମତେ
ତଥାପି ରହିଛି ଚାହିଁ,
ଫେରିବାର ଆଶା କେବେବି ଛାଡ଼ିନି
ଭୁଲି ମୁଁ ପାରିବି ନାହିଁ । (୨)

ଏକା ଛାଡ଼ିଦେଇ ଚାଲିଗଲ ମତେ
ମୋ କଥା ଭାବିଲ ନାହିଁ,
ତୁମ ବିନା ଏକା କେମିତି ବଞ୍ଚିବି
ମୁଁ ଯେ ଜାଣିପାରୁ ନାହିଁ । (୩)

ଫେରିଆସ ପ୍ରିୟା ଆଉଥରେ ତମେ
ଗଢ଼ିବା ନୂଆ ଜୀବନ
ସାତ ଜନମକୁ ହାତ ଧରି ତୁମ
ଦେଖିଛି ମୁଁ କେତେ ସପନ । (୪)

ଧର୍ମଶାଳା, ଯାଜପୁର

 Magazine Downloaded from www.aahwaan.com

# ଚାଲରେ ଟେକି ମଥା



ଜୟଶ୍ରୀ ମହାରଣା

ଭାରତ ମୋର ଜନମ ଭୂମି
ଭାରତ ମୋର ମାଆ
ଜୀବନ ଦେଇ ଶତ୍ରୁକୁ ନାଶି
ରଖିବା ତା'ର ନାଆଁ ।

ତାହାର ପାଣି ପବନେ ଗଢ଼ା
ଆମର ଟିକି ଦେହ
ତାହାଠୁ ବଡ଼ ଧରଣୀ ବୁକେ
ଅଛି କେ ଆଉ କୁହ ?

ଆନନ୍ଦ ମନେ ସାଗର ଢେଉ
ଚରଣ ତା'ର ଧୁଏ
ଝରଣା ନିତି ମଧୁର ସୁରେ
ଶାନ୍ତିର ଗୀତ ଗାଏ ।

ସବୁଜ ବନ ସବୁଜ କ୍ଷେତ
ଦିଶଇ କେଡେ ତୋରା
ମାଟିର ତଳେ ଅମୂଲ ମୂଲ
ସମ୍ପଦ ତା'ର ଭରା ।

ଭିନ୍ନତା ମଧ୍ୟେ ଏକତା ସୂତ୍ର
କୁହଇ ଆମ ପ୍ରଥା
ଭାରତ ମାତା ସନ୍ତାନ ଆମେ
ଚାଲରେ ଟେକି ମଥା ।
ଚାଲରେ ଟେକି ମଥା ।।

ବାଣପୁର, ଖୋର୍ଦ୍ଧା, ଓଡ଼ିଶା

 Magazine Downloaded from www.aahwaan.com

# ହସିବ ମାଟି ମାଆ



ବି.ନିରୁପମା

ଯେ ଦେଶ ଶିଶୁ-ସିଂହ ଶାବକ
ସାଥିରେ ହସି ଖେଳେ,
ନାଲି ସୁରୁଜ ଆଣଇ ଭିଡି
ଉଇଁ ଆସିଲା ବେଳେ ।
ସେହି ବୀରଙ୍କ ଦାୟାଦ ଆମେ
ଦେହେ ତାଙ୍କରି ରକ୍ତ,
ଏ ପୁଣ୍ୟଭୂମି ପୂଜ୍ୟା ଆମରି
ଆମେ ଯେ ତା'ର ଭକ୍ତ ।
କହିଲେ ତା'ର ଗୌରବ ଗାଥା
ସରିବ ନାହିଁ କେବେ,
ବିତି ଚାଲିବ ଦିନ,ମାସ ଓ
ସାରା ବରଷ ଯେବେ ।
ଏଇ ମାଟିର ମୋହରେ ପଡି
ସରଗପୁରୁ ହରି,
ଓହ୍ଲେଇ ଆସି ଲୀଳା କରନ୍ତି
ମାନବ ରୂପ ଧରି ।
ଆହୁରି ପୁଣି ଯୁଗକୁ ଯୁଗ
ମହାପୁରୁଷ କେତେ,
ଜନମି ଏଠି କରି ଚାଲନ୍ତି
ମହତ କର୍ମ ଯେତେ ।

ଆମରିପାଇଁ ଆଦର୍ଶ ସେହି ମହାପୁରୁଷଗଣ,
ତାଙ୍କରି ପଥ ଅନୁସରିକି
ଚାଲିଛୁ ଜଣ ଜଣ ।
ଭାଇଚାରା ଓ ଏକତା ଡୋରେ
ହୋଇଛୁ ବନ୍ଧା ସର୍ବେ,
ଏ ମାଟି ଆମ ଜୀବନୁ ବଳି
ଭୁଲି ନ ଯିବୁ ଲବେ ।
ଅଳପ ଅବା ବହୁତ ହେଉ
ଲାଗିବୁ ଦେଶ ହିତେ,
ସରଗ ଠାରୁ ବଡ଼ ଏ ଭୂମି
ହେଜ ରଖିଟି ଚିତ୍ତେ ।
ଆମରି କର୍ମ ସାଧନା ବଳେ
ହସିବ ମାଟି ମାଆ,
ଫେରାଇ ପୁଣି ଆଣିବୁ ତା'ର
ହୃତ ଗୌରବ ଯାହା ।

*ମାମୁରିଆ, ଛେଣ୍ଡିପଦା,ଅନୁଗୋଳ ।*

 Magazine Downloaded from www.aahwaan.com

# ସ୍ୱପ୍ନର ଘର



ଡ଼ଃ ଅମରେଶ ପଟ୍ଟନାୟକ

ସ୍ୱପ୍ନ ଅଟେ ସେତ ସୁପ୍ତରୁ ଜାଗ୍ରତ
ଅଟଇ ଭାରି ମଧୁର
ଚାନ୍ଦିନୀ ରାତିର ଛାୟାମୟ ଆକାଶେ
ଉଚ୍ଛୁଳି ପଡେ ଭାବର ।।
ନର୍କଠାରୁ ସ୍ୱର୍ଗ ସ୍ୱର୍ଗଠାରୁ ବୈକୁଣ୍ଠ
ସମସ୍ତେ ଭୋଗନ୍ତି ସ୍ୱପ୍ନର ଆସର
ପିଲା ଠାରୁ ବୁଢ଼ା ପିଲି ଠାରୁ ବୁଢ଼ୀ
ଘୁରନ୍ତି ଏ ମାୟାର ସହର ।।
କିଏ ଲଭେ ଗନ୍ଧ କିଏ ମକରନ୍ଦ
ସ୍ନେହ ପ୍ରେମ ଭରା ସଂସାର
ମିଛ ମାୟା ଏ ସଂସାର ଏଠି କିଏ ନୁହେଁ
କାହାର
ସବୁ ସ୍ୱାର୍ଥ ଏଠି ଆପଣାର ।।

ଏ ଧରାଧାମେ ଜନମିଲି ବୋଲି
ସର୍ବତ୍ର କଲି ଆଦର
ସୁନାଟିଏ ଧରି ଚୁନାକଲି ବୋଲି
ଦିନହେଲା ଦୁର୍ଦ୍ଦିନର ।।
ଇନ୍ଦ୍ରଙ୍କ ଅଟ୍ଟାଳିକା ତଳେସବୁ ଫୀକା
ଛାୟାମୟ ଏ ଆସର
ବିରାଟ ସନ୍ଧାନେ ଭୁଲିଗଲି କ୍ଷୁଦ୍ର
ଏହି ମୋ ସ୍ୱପ୍ନର ଘର.....
ଏହି ମୋ ସ୍ୱପ୍ନର ଘର....

ବିଜ୍ଞାନ ଶିକ୍ଷକ
ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ
ପୋଲସରା, ଗଞ୍ଜାମ-୭୬୧୧୦୫
ଦୂରଭାଷ-୭୮୭୩୦୨୩୦୦୫

 Magazine Downloaded from www.aahwaan.com

# ଦ୍ୱାଦଶ ଲଘୁକବିତା



ଶ୍ରୀ ରମା କାନ୍ତ ମିଶ୍ର

## ୧।। ସୃଜନ

ନିଜ ଡେଣା ନ ମେଲାଇବା ପର୍ଯ୍ୟନ୍ତ
ଜାଣିବା ନାହିଁ ଉଡିବା କେଉଁ ପର୍ଯ୍ୟନ୍ତ
ନିଜ କୁ ଖୋଜିବା ନୁହେଁ ଜୀବନ
ଜୀବନ ର ଅନ୍ୟ ନାମ ସୃଜନ
ଏକା ଥିଲେ ଖୋଜୁ ରାସ୍ତାର ଅନ୍ତ
ସାଂଗ ଥିଲେ ସବୁ ରାସ୍ତା ଅନନ୍ତ ।

## ୨।। ସମ୍ବନ୍ଧ

ସମ୍ବନ୍ଧ ଦୁଇ ଜଣଙ୍କ ମଧ୍ୟରେ
ପାଠ ଯୋଗୁଁ, ଶାଠ ଯୋଗୁଁ
ଅର୍ଥ ଯୋଗୁଁ, ବୟସ ଯୋଗୁଁ
ହୋଇ ନ ଥାଏ
ଦୁହେଁ ପରସ୍ପରକୁ ବୁଝି ପାରିବା ହିଁ
ସବୁଠାରୁ ବଡ଼ ସମ୍ବନ୍ଧ ।

## ୩।। ଆମର

ଆମକୁ ଜାଣି ରଖିବା ଦରକାର
ଆମେ ମାଲିକ ନୁହେଁ କୌଣସି ବସ୍ତୁର
ଆମକୁ ଘେରି ରହିଛନ୍ତି ଚତୁର୍ପାଶ୍ୱର
ସାମୟିକ ଲୋକ ସବୁ ମାଳ ମାଳ
ଭଲ ପାଇବାତକ ଜୀବନର
ଅଟେ କେବଳ ଆମର ନିଜର ।

## ୪।। ଶବ୍ଦ

ଶବ୍ଦ ତୀକ୍ଷ୍ଣ , ନୁହେଁ ଶର
ଶବ୍ଦର ନ ଥାଏ ଧାର
ଶବ୍ଦ କାଟେ ଯେତେବେଳେ
ଅବ୍ୟକ୍ତ କଷ୍ଟ ସେତେବେଳେ
ଶବ୍ଦର ତୀକ୍ଷ୍ଣତା ବେଳେବେଳେ
ଛାଡେ ଜୀବନ ଶେଷ ବେଳେ
ସରି ଯାଏ ଜୀବନ ବୃନ୍ତ
ଭରେ ନାହିଁ ଶବ୍ଦ ର କ୍ଷତ
ଶବ୍ଦ ଯହୁଁ ଏତେ ମହତ୍ତ୍ୱର

 Magazine Downloaded from www.aahwaan.com

ଦେଖି ଚାହିଁ ବ୍ୟବହାର କର ।

**୫।। ଭୂଷଣ**

ଉପଯୁକ୍ତ ପରିବେଶ ମିଳିଲେ ଭାଗ୍ୟବାନ
ଯେ କୌଣସି ପରିସ୍ଥିତି ସମ୍ଭାଳିଲେ ବୁଦ୍ଧିମାନ
ପୁତ୍ର ଯେଉଁ ଲୋକର କଥାର ଅଧିନ
ପତ୍ନୀ ସୁଶିଳା ପତିଙ୍କର ଆଜ୍ଞାଧୀନ
ତପର ଭୂଷଣ ହୋଇ ଥାଏ କ୍ରୋଧହୀନ
ଧର୍ମର ଭୂଷଣ ହୋଇ ଥାଏ ଛଳନାହୀନ
ଜୀବନର ସବୁଠାରୁ ଶ୍ରେଷ୍ଠ ଭୂଷଣ
ସତ୍ ସ୍ୱଭାବ ସଭିଙ୍କ କଷଣ ହରଣ ।

**୬।। ଯାତ୍ରା**

ଜୀବନର ଯାତ୍ରା ଆରଂଭ ହୁଏ
ଭାଗ୍ୟରେ ପୂର୍ଣ୍ଣ ବ୍ୟାଗ୍ ଗୋଟିଏ
ଅନୁଭୁତିରେ ଶୁନ୍ୟ ବ୍ୟାଗ୍ ଗୋଟିଏ
ଜୀବନର ଲକ୍ଷ୍ୟ ଖାଲି ବ୍ୟାଗ୍‌ଟିକୁ
ପୂର୍ଣ୍ଣ କରିଦେବା ଅନୁଭୁତିତକକୁ
ଆଉ ଖୋଲିଦେବା ଭାଗ୍ୟତକକୁ ।

**୭।। ପ୍ରେମ**

ପ୍ରେମରୁ ଉଦ୍ଗମ ହୁଏ ସମ୍ବନ୍ଧ
ବଂଚି ରହିବାର ମାଧ୍ୟମ ସଂବାଦ
ସଂବେଦନାରୁ ହୁଅନ୍ତି ଅନୁଭୁତ
ବଂଚି ରହିଥାଏ ହୃଦୟର ସହିତ
ଭାଂଗିଯାଏ ଭୁଲ ଧାରଣା ଫଳେ
ବିଛୁଡିଯାଏ ଅହଂକାର ବଳେ ।

**୮।। ବିଦ୍ୟା**

ବିଦ୍ୟା କାମଧେନୁ ସମାନ
ସବୁ ଇଛା କରିପାରେ ପୂର୍ଣ୍ଣ
ଫଳ ଫଳେ ସମୟ ଅନୁସାରେ
ବିଦ୍ୟା ଫଳେ ସବୁ ସମୟରେ
ବିଦ୍ୟା ହେଉଛି ଆମର ଗୁପ୍ତଧନ
ଜୀବନରେ ମା' ଭଳି କରେ ପାଳନ ।

**୯।। ଭୁତ କୋଠି**

ବଦଳି ଯାଇଛି ଘରର ରୂପ ରେଖା
ଆଉ ଚାଳ ଘର ଯାଉ ନାହିଁ ଦେଖା
ଚାଳ ଘର ସବୁ ହୋଇଛି ଛାତ ପକା
କିନ୍ତୁ ସେଥିରେ ଥିବା ଲୋକ ସବୁ ଏକା
ଚାଳଘରେ ଚାରିପ୍ରାଣୀ ଥିଲେ ସ୍ନେହରେ
ଏବେ ପକ୍କା ଘରେ ଚାରିକାନ୍ଥ ଭିତରେ
ବାର୍ଧକ୍ୟରେ ଜର୍ଜରିତ ଦୁଇ ପ୍ରାଣୀରେ
ଆସିବାକୁ କେହି ନାହିଁ ଆଉ ଜୀବନରେ

 Magazine Downloaded from www.aahwaan.com

ଚାଲି ଗଲେ ଘର ହେବ ଭୁତ କୋଠିରେ ।

## ୧୦।। ସାଂଗ ଓ ପ୍ରେମ

ସଂବନ୍ଧ କଣ ଏମାନଙ୍କ ଭିତରେ

ଉଭୟେ ରହିଥାନ୍ତି ମନ ମଧ୍ୟରେ

କିନ୍ତୁ ପାର୍ଥକ୍ୟ କେବଳ ଏତିକିରେ

ଦେଖା ହେଲେ ପ୍ରେମ ଅନେକ ଦିନ ପରେ

ଆଖି ଲୁଚାଇ ଦେଇ ଚାହେଁ ଚୋରାରେ

ସାଂଗ ମିଳିଲେ ଅନେକ ଦିନ ପରେ

ହୁଅନ୍ତି ଆଲିଂଗନ ବଦ୍ଧ ମନ ଖୁସିରେ ।

## ୧୧।। ଫୁଲ

ଫୁଲକୁ ପଚରା ଗଲା

ତୁମକୁ ତୋଳା ହେଲା

କେତେ କଷ୍ଟ ହୋଇଥିଲା

ଫୁଲ କହିଲା ଯେ ତୋଳିଲା

ସେ ବହୁତ ଖୁସି ହୋଇଥିଲା

ତା ଖୁସି ଦେଖି ସାରିଲା

ପରେ ଦୁଃଖ ଭୁଲି ହୋଇ ଗଲା ।

## ୧୨।। ବାଟ

ଧୋକା ଖାଆନ୍ତି ଲୋକେ ସରଳତାରେ

ଅବିଶ୍ୱାସୀ ଠାରୁ ଅତି ବିଶ୍ୱାସରେ

ବଡ କଷ୍ଟ ହୁଏ ଅବିଶ୍ୱାସୀ ଲୋକଂକୁ

ଥରେ ନେଇ ଗଲେ ନିଜ ବିଶ୍ୱାସ କୁ

ଆମେ ବାସ୍ତବରେ କେତେ ଶିଷ୍ଟ

ଆମ ଆଚରଣ କରି ଥାଏ ସ୍ପଷ୍ଟ

କାହାରି ଜୀବନ ନୁହଁଇ ଛୋଟ

ବିଳମ୍ବରେ ଆମେ ଧରି ଥାଉ ବାଟ

ଚିରନ୍ତନ ସତ୍ୟକୁ ଚିହ୍ନିବାର

ପୂର୍ବରୁ ବେଳ ଆସେ ଫେରିବାର ।

ଭି.ଆଇ.ଏମ - .୨୬୮

ଶୈଳଶ୍ରୀ ବିହାର

ଭୁବନେଶ୍ୱର  -୭୫୧୦୨୧

ଭ୍ରାମ୍ୟଭାଷ  :୯୯୩୭୨୬୮୦୧୨

 Magazine Downloaded from www.aahwaan.com

# ସନ୍ଦେଶ ଏକ ପୂର୍ଣ୍ଣତାର



ଶୁଭକାନ୍ତ ଗୌଡ଼

ପୂର୍ଣ୍ଣତା ପାଇବାରେ ଯେଉଁ ଆନନ୍ଦ
ସେ କଥା ପୂର୍ଣ୍ଣମୀର ଚାନ୍ଦକୁ ପଚାର
ଅସରନ୍ତି ଜଳପୂର୍ଣ୍ଣ ନଦୀକୁ ପଚାର
ଅବା ପଚାର
ପ୍ରେମ ବିଜୟିନୀ ପ୍ରେମିକାକୁ
ସେମାନେ ହିଁ କହିବେ ପୂର୍ଣ୍ଣତାର ସଂଜ୍ଞା ।
ଅସରନ୍ତି ଦୁଃଖ କୋହକୁ
ଉଦରସ୍ଥ କରି,
କେତେବେଳେ ଗ୍ରହଣର କାଳିମାକୁ
କୋଳାଗ୍ରତ କରି,
ତ କେବେ କେବେ ଅଭିଶପ୍ତ ନଈପରି
କୋଳଶୂନ୍ୟ ହୋଇ,
ସୁପ୍ତ ଅଥଚ ଜାଗ୍ରତସହ
ଅନାଇ ରହିଛି ରିକ୍ତ ହସ୍ତେ
ପୂର୍ଣ୍ଣତାର ସେ ଆଶୀର୍ବାଦ ଯୁକ୍ତ
ପରିପକ୍ୱ ସ୍ୱାଦକୁ ।

 Magazine Downloaded from www.aahwaan.com

# ମାଛରଙ୍କା ଚଢ଼େଇ



ରାମ ପ୍ରସାଦ ସିଂହ

ମୁଁ ଗୋଟେ ମଣିଷ ଅଟଇ ଏ ଦୁନିଆରେ
କିନ୍ତୁ ଏକ ଲୋଭି ମାଛରଙ୍କା ଚଢେଇ
ଚାହେଁନା କେଉଁ ପୋଖରୀ ସାଗରକୁ
ନଜର ପକାଏ ତମ ଭାବକୁ ନେଇ ।

ଭାବର ସମୁଦ୍ରରେ ଉଡିବାକୁ ଚାହେଁ
ଖୁସି ମନରେ ମହାପ୍ରଭୁ ନାମ ଗାଇ
ତମରି ପ୍ରେମଭରା ଭାବପୁର୍ଣ ନମୁନା
ହଜେଇ ବାକୁ ଚାହେଁ ମନ ଦେଇ ।

ତମ ଭାବରେ ହଜିଗଲେ ମନରେ
ଭୁଲିଯାଏ ମୁଁ ନିଜର ଅଙ୍କନଛବିକୁ
ମଣିଷରୁ ପାଲଟିଯାଏ ମାଛରଙ୍କା ଟିଏ
ଲକ୍ଷ ଗଢେ ତୁମ ରୂପକୁ ଖୋଦିବାକୁ ।

ତୁମ ଭାବରେ କି ମଲି ବାସନା ସଜ
ଗୁପ୍ତ ଥାଏ ମୋ ରକ୍ତକଣିକା ରେଣୁରେ
ଏଇ ରୂପ ପରିବର୍ତନର ସମାନତା ସୃଷ୍ଟି
କରାଏ ଭିନ୍ନ ରୂପର ଦୃଶ୍ୟ ମୋ ପକ୍ଷରେ ।

ମୁଁ ସେଇ ମାଛରଙ୍କା ରୂପ ନୁହଁଇ ସତେ
ଏଇ ମିଛ ମାୟା ବିସ୍ତାରିତ ସଂସାରରେ
ମୁଁ ଅଟଇ ମାଛରଙ୍କା ଚିତ୍ର ମହାପ୍ରଭୁ ହେ
ତୁମରି ଭାବ,ସ୍ନେହ, ଭକ୍ତି ମହାସାଗରେ ।

ଭ୍ରାମ୍ୟଭାଷ : ୯୫୭୪୫୬୦୫୬୪

 Magazine Downloaded from www.aahwaan.com

# ଆଉଟିକେ ପରେ



ରାହାସ କୁମାର ବେହେରା

ରେଲ ଚାଲେ ଛୁକ ଛୁକ

ଛାତି ତଳ ଦୁକ ଦୁକ

ମନ ଯେବେ ଷ୍ଟେସନ ଘର ଛାଡେରେ ,

ଏଇନା ଏଇନା କଟକ

ଆଉଟିକେ ପରେ ଥାଏ ପୁରୀରେ ।

ଜହ୍ନ ଆସେ ଲୁଚି ଲୁଚି

ସାଥୀ ହସେ ଚୁପି ଚୁପି

ମେଘ ଯେବେ ବରଷେ ରାତି ଅଧରେ ,

ଏଇନା ଏଇନା ଛାତରେ

ଆଉଟିକେ ପରେ ଲୁଚେ ସ୍ମୃତିରେ ।

ମଲ୍ଲୀ ବାସେ ମହ ମହ

ରୂପ ଦିଶେ ଟହ ଟହ

ସୁଖ ଯେବେ ଆସଇ ଶେଷ ପହରେ ,

ଏଇନା ଏଇନା ମିଠାରେ

ଆଉଟିକେ ପରେ ଲାଗେ ଖଟାରେ ।

ନଈ ପାଣି କଳ କଳ

ଜୀବନଟା ଢଳ ଢଳ

ମୃତ୍ୟୁ ଯେବେ କନ୍ଦାଏ ଲୁହ ହୋଇରେ ,

ଏଇନା ଏଇନା ସଂସାରେ

ଆଉଟିକେ ପରେ ଜଳେ ଜୁଇରେ ।

ବାଲ୍ୟମ୍ବା, ଭାପୁର

ଢେଙ୍କାନାଳ - ୭୫୯୦୧୫

ଦୂରଭାଷା : ୯୭୭୬୮୯୩୩୪୮

 Magazine Downloaded from www.aahwaan.com

# ପୋଡ଼ିଯାଇଥିବା ସ୍ୱପ୍ନ



ଲକ୍ଷ୍ମୀଧର ସୁବୁଦ୍ଧି

ପୋଡ଼ିଯାଇଥିବା ସ୍ୱପ୍ନଗୁଡିକ
ଏକାଠି ହୋଇ କଂକାଳର
ରୂପ ନେଇ କେମିତି ବିଭତ୍ସ
ରୂପେ ଅଟ୍ଟହାସ୍ୟ କରୁଥିଲେ
ନା ସେମାନଙ୍କ ପାଖରେ ଦୁଇ ପାଦ
ଭୂଇଁଥିଲା ନା ବିଜୟର ନିଶାନ
କେମିତି ଏକ ଥୁଣ୍ଟା ଶୁଖିଲା ଗଛର
ମୂଳରୁ ପ୍ରସାରିତ ଡାଳରେ
ଝୁଲି ଝୁଲି ମୋ ଆଡୁ
ମୁହଁ ଫେରାଇବାର ପ୍ରୟାସ କରୁଥିଲେ
କେତେକ ମୋତେ ଦେଖି ଲୁଚୁଥିବା
ସମୟରେ
ଆଉ କେତେକୁ ମୁଁ ଚାହିଁବାର
ସାହସ ଜୁଟାଇ ପାରୁନଥିଲି
ସାମ୍ନା ସାମନି ଚାହିଁ ଦେଖେ ତ
କିଛି ନିଜର ପୂର୍ବ ରଂଗ ଓ ରାଗକୁ
ଜାବୋଡି  ତାଚ୍ଛଲ୍ୟ କରୁ କରୁ
ନୟନର ନୀରରେ ଶରୀର ପ୍ରକ୍ଷାଳୁଥିଲେ
ଅସହାୟ କିନ୍ତୁ ଦୃଢରୂପେ ମୁଁ ଚାହୁଁ ଚାହୁଁ
ସେମାନେ ଖୁବଯୋରରେ
ଲମ୍ଫମାରି ପହଁଚୁଥିଲେ
ଅଜଣା ଓ ଅପହଁଚ ଇଲାକାରେ
ଯେଉଁଠି ଧୀର ସମୀରଣ ସହ ସିନ୍ଦୁରା
ଫାଟିବାର ଦୃଶ୍ୟ ମୋ ନିଦକୁ କ୍ରମେ
ଅପହରଣ କରୁଥିଲା । ।

ବରିଷ୍ଠ ଅଧ୍ୟାପକ, ଶିକ୍ଷା ବିଭାଗ
ବାଲୁଗାଁ ମହାବିଦ୍ୟାଳୟ, ବାଲୁଗାଁ
ଭ୍ରାମ୍ୟଭାଷ- ୯୮୬୧୪୦୯୮୫୭

 Magazine Downloaded from www.aahwaan.com

# ସଂବଲପୁରୀ ବିଭାଗ

 Magazine Downloaded from www.aahwaan.com

# ଶିରି ହନୁମାନ୍ ଚାଲିଶା



ଶ୍ରୀମାନ୍ ଆର୍ତ୍ତତ୍ରାଣ
ଖୁର୍ଡ଼ିଆ

ରାମଗୁରୁ ପାଦ୍ ପଦମ୍‌କେ ଧ୍ୟାଇ
ହନୁମାନ୍ ଚାଲିଶାକେ ଗାଉଛେଁ ମୁଇଁ ।
ଚାର୍‌ହିଆଡ଼େ ଫଲ୍‌ଦିଆ ତୁମର୍ ନାମେ ଯଶ୍
ରାମ୍ ନାମେ ଭରିଛେ କେତ୍‌ନି କେତେ ରସ୍ ।[୧]

ଗ୍ୟାନ୍ ଶୁନ୍ ତୁଛା ଆଏ ଇ ମୋର୍ ଶରୀର୍
ଗୁହାରୀ କରୁଛେଁ ତୁମ୍‌କେ ହେ ମହାବୀର ।
ଦୁଃଖ୍ ହରନ୍ କରି ଗ୍ୟାନ୍ ମତେ କର ଦାନ୍
ଇ ସଁସାରେ ଖ୍ୟାତ୍ ହେଉଛନ୍ ମହାପୁରୁ ରାମ୍ ।[୨]

ହେ ପର୍‌ଭୁ ହନୁମାନ୍ ଗ୍ୟାନ୍‌ର ଗନ୍ତାଘର୍
କପୀର୍ ଭିତରେ ତୁମେ ସବୁବେଲେ ଉଛତର୍ ।
ନି ସହ ତିନ୍‌ହିପୁରର୍ ସବୁ ଦୁଃଖ୍ ଯାତ୍‌ନା
ସେଥିର୍ ଲାଗି କେତେ କେତେ ଉଡ଼େ ତୁମର୍ ନାଁ ।[୩]

ଶିରିରାମ୍ ଦୁତ୍ ତୁମର୍ ପାଦେ ଶରନ୍
ଇ କଲିଯୁଗର୍ ଦୁଃଖ୍ ସବୁ କର ହରନ୍ ।
ସତୀ ଅଁଜନାର୍ ତୁମେ ବଡ୍ ଗେହ୍ଲେଇ ପୁଅ
ଶିରି ରାମ ସେବାର୍ ଲାଗି ବଡ଼ା ଗହଗହ ।[୪]

ତୁମର୍ ପରାକରମ୍ ଦେଖି ସବୁ ଲୁକେ ବାଇଆ

 Magazine Downloaded from www.aahwaan.com

ବଜରଂଗ୍ ବାଲିର୍ ନାମ୍ ଗୁନ୍‌ଯଶ୍ ଗାଇଯା ।

ଖରାପ୍ ଲୁକ୍ ମାନ୍‌କୁ ତାରି ଉଡ଼ାଶ ବାନା

ଭଲଲୁକ୍‌କେ ସବୁବେଲେ ଭରସା ତୁମେ ସିନା ।[୫]

ଚିକ୍ ଚିକ୍ ସୁନା ଦିହେଁ ଦିଶ କେଡ଼େ ସୁଁଦର୍

ବଲ୍‌ଶାଲୀ ପବନ୍ ପୁତା ବଡ଼ା ପର୍‌ଖର୍ ।

କୁଂଚ୍ କୁଂଚିଆ ବାଲେ ତୁମର୍ କୁଁଡ଼ଲ୍ ଦିଶେ ଅଏଁନ୍

ସୁଁଦର୍ ଦିଶୁଥିସି ଯେନ୍‌ତା ଝଲ୍‌ମଲ୍ ପାଏନ୍ ।[୬]

ଗୁଟେ ହାତେ ତୁମର୍ ସୁଁଦର୍ ଦିଶେ ଗଦା

ଆର୍ ହାତେ ଫର୍ ଫର୍ ଉଡୁଥିସି ଧ୍ୱଜା ।

ହଲ୍‌ଦୀ ନିର୍‌ମଲ୍ ପଏତା ଦିହେଁ ଲମ୍ବିଛେ

ଭକତର୍ ମନ୍‌କେସତେ ସେ ଟାନି ନେଉଛେ ।[୭]

ଏକାଦସ୍‌ଗ୍ ରୁଦ୍ର ତୁମେ ହେଇଛ ଅବ୍‌ତାର

ମାରୁତି ନାମଧରି ପାଲୁଛ ଇ ସଁସାର ।

ତେଜ୍ ଆରୁ ପର୍‌ତାପେ ତୁମେ ଅଟ ନିପୁନ୍

ସୁଖ୍ ପାଏ ଯିଏ ଗାଏସି ତୁମର୍ ଗୁନ୍ ।[୮]

ଦୁନିଆଁର ସବୁ ଜିନିଷ୍ ତୁମକୁ ଅଟେ ଜନା

ରାମ୍ ପର୍‌ଭୁ ଭଜ୍‌ଲେ ତୁମେ ପର୍‌ସନ୍ ସିନା ।

ଗୁନ୍‌ବାଲା ତୁମେ ଅଟ ଅତି ଚତୁର

ରାମ୍ କାମ୍ ଲାଗି ସବୁବେଲେ ଆତୁର୍ ।[୯]

ରାମ୍‌ଚରିତ୍ ଶୁନ୍‌ବାକେ ସଦା ତୁମର୍ ମନ୍

 Magazine Downloaded from www.aahwaan.com

ତୁମର୍ ନାମ୍ ଜପ୍‌ଲେ ବଢ଼ସି ଧନ୍ ଜନ୍ ।
ରାମ୍ ଲଖନ୍ ଆରୁ ସୀତା ତିନହି ମୁରତି
ହୃର୍‌ଦେ ତୁମର୍ ସଦା କରୁଅଛନ୍ ରାଜୁତି ।[୧୦]
ସାଧନାର୍ ବଲ୍‌ରେ ଧରି ଛୁଟିଆ ଦିହିଁକେ
ପର୍‌ବେଶ୍ ହେଲ ଯାଇ ଲଁକାପୁରକେ ।
ଗ୍ୟାନ୍ ଦାତା ତୁମେ ବିକଟ୍ ରୂପ୍ ଧରି
ଜାଲିଦେଇ ଭସମ୍ କଲ ଲଁକାପୁରୀ ।[୧୧]
ରାମ୍ କାମ୍ ଲାଗି ସଦା ତୁମର୍ ମନ୍
ତାକର୍ ଲାଗି ଭୀମ୍ ରୂପ କଲ ଧାରନ ।
ମାରି ଦେଲ ତୁମେ ଅସୁର୍ ବଉଁଶ୍ ସବୁ
ଉଡ଼ାଇଲ୍ ନାମ୍ ସେ ରାମ୍ ମହାପରଭୁ ।[୧୨]
ହିମାଲଏନୁ ଯାଇ ଆନ୍‌ଲ ସନ୍‌ଜୀବନି
ଗଲାବେଲେ ଅଧାବାଟ୍‌ରେ ମାରି କାଲ୍‌ନେମି ।
ନୂଆଁ ଜୀବନ୍ ଲଖନ୍‌କେ ଦେଇଥିଲ ତୁମେ
ବଡ଼ା ତାକତ୍ ଅଛେ ତୁମର୍ ଇ ରାମ୍ ନାମେ ।[୧୩]
ଇ କାମେ ମହାପୁରୁ ରାମ୍ ହେଇକରି ଖୁସି
ପର୍‌ସଁସା କଲେ ଆରୁ ଦେଲେ କେତେ ସାବାସୀ ।
ଧଏନ୍ ଧଏନ୍ ତୁମେ ପର୍‌ଭୁ ହନୁମାନ୍
ସମାନ୍ ହେଲ ଭରତ୍ ସାଁଗେ ବଁଚାଇ ପରାନ୍ । [୧୪]
ହେ ବୀର୍ ହନୁମାନ୍ ତୁମର୍ ମହତ୍ କାମ୍

 Magazine Downloaded from www.aahwaan.com

ରାମ୍ ନାମରେ ଅଛେ ସତେ ତିନହି ଧାମ୍ ।

କଲି ଯୁଗେ ସଦା ପାଉଛ ସନ୍‌ମାନ୍

ତୁମର୍ ଛାତିରେ ସଦା ରାମ୍ ବିରାଜ୍‌ମାନ୍ ।[୧୫]

ଆହେ ବୀର୍ ଦେଖି ତୁମର୍ ଯଶ୍ କୀର୍‌ତି

ସତ୍‌କେ ସବୁବେଲେ ତୁମେ କରିଛ ପୀରତି ।

ଦେବର୍ଶୀ ନାରଦ୍ ଆରୁ ଦେବ୍‌ତା ମିଶିକରି

ଗୁନ୍ ଗାଏସନ୍ ତୁମର୍ ସୁହୁରି ସହୁରି ।[୧୬]

ଧନ୍‌ପତି କୁବେର୍ ଆର୍ ଧରମ୍‌ରାଜ୍ ଯମ

ତୁମର୍ ବିନା ଇ ସଭେଁ ହେସନ୍ ଅକ୍ଷମ୍ ।

ଭଜନ୍ ଭାବେ ତୁମର୍ ନାମ୍ ଯିଏ ଗାଏସି

କବି ଲେଖକ୍ କାଏଁ ତାର୍ ସମାନ୍ ହେସି ।[୧୭]

ରାଜ୍‌ଗାଦି ହରାଇ କରି ବୁଲୁଥିଲେ ବନେ

ସୁଗ୍ରୀବ୍‌କେ ରାମ୍ ସଂଗେ ଭେଟାଇଲ୍ ଦିନେ ।

ମଇତର୍ ହେଇ ସୁଗ୍ରୀବ୍‌କେ କେତେ ସାହାଜ୍ କଲେ

ବାଲିକେ ମାରି ସୁଗ୍ରୀବ୍‌କେ ରାଜଗାଦୀ ଦେଲେ ।[୧୮]

ବିଭିଷନ୍ ମଂତର୍ ସମାନ୍ ତୁମର୍ କଥା

ପାଲନ୍ କରି ଲେକେ ଗାଏସନ୍ ଗାଥା ।

ସୁନାର୍ ଲଁକା ରାଜ୍‌ପଦ୍ ବିଭିକେ ମିଲିଲା

ଜଗତ୍‌ରେ ଇ କଥା ଖ୍ୟାତି ଲାଭ୍ କଲା ।[୧୯]

ଶହେ ଯୋଜନ୍‌ର ଦୁରେ ସୁରଜ୍ ଥିଲା

 Magazine Downloaded from www.aahwaan.com

ତାହାକେ ଭାବ୍ଲ ଫଲ୍ ବାଗିର୍ ପାଚ୍ଲା ।
ପିଲାଦିନେ ତାହାକେ ଭୁଖେ ଖାଏବାର୍ ଲାଗି
ସୁରଜ୍ ନିକେ ଉଡ୍ଲ ବେଗି ବଜରଂଗୀ ।[୨୦]
ହାତରେ ଧରି ମୁଦି ଆରୁ କହି ସୀତାରାମ
ଡେଗ୍ଲ ସମୁଦର୍ ନାଇଁ କରି ବିଶ୍ରାମ୍ ।
ଇ କାମ୍ କର୍ବା ଲୋକ୍ ଯେ ସଁସାରେ ନାଇଁ
ଧଏନ୍ ହେଲ ତୁମେ ହନୁମାନ୍ ଗୁସାଇଁ ।[୨୧]
ଦୁନିଆଁର୍ ଇ ଯେନ୍ ବିଶାଲ୍ ସଁସାରେ
ଅତି ବଡ୍ କଠିନ୍ ଜିନିଷ୍ ମାତ୍ରେ ।
ତୁମର୍ ଦୟାବଲେ ତାହା ଅତି ଜଲ୍ଦିରେ
ଦୂର୍ ହେସି ଦୁଃଖ୍ ସତେ ବଡ଼ା ସହଜ୍ରେ ।[୨୨]
ରାମ୍ ମାହାପୁରୁର୍ ତୁମେ ଅଟ ଦୁଆର୍ପାଲ୍
ପଶିନାଇଁ ପରେ ପାଶ୍କେ କେଭେଭି କାଲ୍ ।
ରାମ୍ ପର୍ଭୁ ନିଜେ କେହି ଯାଇ ନାଇଁ ପାରନ୍
ତୁମର୍ ଠାନେ ପହେଲା ନାଇଁ ପଶ୍ଲେ ଶରନ୍ ।[୨୩]
ତୁମର୍ ଠାନେ ଯେନ୍ ଲୁକ୍ ଶରନ୍ ନେସି
ଦୁଃଖ୍ କଟି ତାହାକେ ସୁଖ୍ ମିଲି ଯାଏସି ।
ଯାହାକେ ମହାବୀର୍ ତୁମେ ବଚାଁଶ
ତାହାକେ ଆରୁ କିଏ କରିପାରେ ବିନାଶ ।[୨୪]
ଯେତେବେଲେ ଜାନ୍ଲେ ତୁମର୍ ଭିତର୍ର ଶକ୍ତି

 Magazine Downloaded from www.aahwaan.com

ଛାଡ଼ିଦେଲ ସବୁ ଅଧରମ୍ ଆରୁ ଅନୀତି ।

ନିଜର୍ ବଲ୍‌କେ ତୁମେ ନିଜେ ଦେଇ ମନେଇ

ତିନ୍‌ହି ଭୁବନ୍‌ରେ ଇ କଥା ଦେଲ ଜନେଇ ।[୨୫]

ମହାବୀର୍, ମହାବୀର୍ ନାମ୍‌କେ ଜପ୍‌ଲେ

ସବୁ ଦୁଃଖ୍ ଦୂର୍ ହେସି ଇ ମାଏଟ୍ ତଲେ ।

ଭୁତ୍ ପ୍ରେତ୍‌ନୀ କେହି ପାଶ୍‌କେ ନେଇଁ ଆସନ୍

କେଶ୍‌ରୀ ପୁତା ନାମ୍‌କେ ସଭେଁ ଡରୁଥିସନ୍ ।[୨୬]

ହନୁମାନ୍ ନାମ୍‌କେ ମନେ ଧ୍ୟାନରେ ଧଏଲେ

ରୁଗ୍ ଦୁଃଖ୍ କଟି ଯାଏସି ଜୀବନ୍ କାଲେ ।

ଦୁନିଆର୍ ସବୁ ରୁଗ୍ ଦୁଃଖ୍ କରି ଦହନ୍

ରାମ୍ ପର୍‌ଭୁ ସାଁଗେ ଯାଇ ମାଏଲ ରାବନ ।[୨୭]

ସବୁ କଠିନ୍ କାମ୍‌କେ ତୁମେ ଧରି ନେଇ

ରାମ୍ ନାମ୍‌କେ ଇ ସଁସାରେ ଦେଲ ବଢ଼ାଇ ।

ସକଲ୍ କାମ୍‌କେ ତୁମେ କର ସାଧନ

ପର୍‌ଭୁ ମଏଧେ ବଡ୍ ରାମ୍ ରାଜନ୍ ।[୨୮]

ଭକତିରେ ଜନାଇଲେ ପାର୍‌ଥନା

ମନେ ବିଚାର୍ କରି କଲେ କାମ୍‌ନା ।

ମନ୍ ଭିତର୍ କଥାକେ ତାର୍ କର ପୁରନ୍

ଜଏ ହନୁମାନ୍ ଜଏ ପବନର୍ ନଁଦନ୍ ।[୨୯]

ଇ ସଁସାରର ସବୁ ସାଁସାରିକ୍ କାମ୍

 Magazine Downloaded from www.aahwaan.com

ରାମ୍ ମାହାପୁରୁ ନାମେ ଅଛେ ସବୁ ଧାମ୍ ।

ତୁମର୍ ବଲ୍‌ରେ ଇ ଚାର୍‌ହି ଯୁଗ୍‌କେ

ଜନେଇ ଦିଅ ଇ କଥା ଇ ସଁସାରକେ ।[୩୦]

ପାଟିରେ ଧରିକରି ପର୍‌ଭୁ ରାମ୍ ନାମ୍

ସମୁଦର୍ ଡେଗି ତୁମେ ଗଲ ଅବିରାମ୍ ।

ଅସୁର୍ ମାନକର୍ ତୁମେ ଜୀବନ୍ ନାଶକ୍

ରାମ୍ ଆରୁ ସୀତାକର୍ ଅଟ ବଡ଼ ସେବକ୍ ।[୩୧]

ମାତା ସୀତା ସବୁବେଲେ ତୁମକୁ ପରସନ୍

କୁର୍‌ପା ବାରି କୁର୍‌ପା କରୁଛ ସିନ୍‌ଚନ୍ ।

ମାରି ଅସୁର୍ ଭକତ୍ ମାନ୍‌କୁ ଦେଉଛ ସିଧି

ନାମ୍ ଧରିଅଛ ତୁମେ କରୁନାର୍ ନିଧି ।[୩୨]

ସବୁବେଲେ ତୁମର୍ ହୁର୍‌ଦେ ଅଛନ୍ ରାମ୍

ଜପ୍‌ଲେ ହନୁ ମିଲେ ବହୁତ୍ ଆରାମ୍ ।

ଗହ ଗହ ମନ୍‌ରେ ମାହାପୁରୁ କାମ୍ କରି

ସବୁ ଅସୁର୍ ମାନ୍‌କୁ ତୁମେ ପକାଲ୍ ମାରି ।[୩୩]

ତୁମର୍ ନାମ୍ ଜପ୍‌ଲେ ରାମ୍ ହେସନ୍ ଖୁସି

କୁର୍‌ପା କରି ଦୁଃଖ୍ ନେଇ ଯାଏସନ୍ ଶୁଷି ।

ଦୂର୍ ହେସି ଦୁଃଖ୍ ଜନମ୍ ଜନମ୍‌ର

ଭଜଲେ ହନୁମାନ୍ ଆରୁ ରଘୁବର୍ ।[୩୪]

ଯିଏ ଅଟେ ପର୍‌ଭୁ ତୁମର୍ ଗେହ୍ଲା ଭକ୍ତ

 Magazine Downloaded from www.aahwaan.com

ମଲାପରେ ବଏକୁଁଠ୍‌କେ ସିଧା ଟେକି ନିଅତ
ଇଠାନେ ଜନମ୍ ହେଲେ ହରି ଭକ୍ତ ହେସନ୍
ଭଲ୍ ମୁନୁଷ୍ ମିତାନ୍ ହେଇ ଦିନ୍ ବିତାସନ୍ ।[୩୫]
ଅଲ୍‌ଗା ମାହାପୁରୁକେ ନାଇଁ ଦେଇ ମନ୍
ମନ୍ ଭିତ୍‌ରେ ତୁମକୁ କର୍‌ଲେ ଭଜନ୍ ।
ହନୁମାନ୍ ହନୁମାନ୍ ନାମକେ ଗାଇକରି
ଯେତେସବୁ ରୁଗ୍ ଦୁଃଖ ଯାଏସି ସରି ।[୩୬]
ପଢୁଥିଲେ ସବୁଦିନେ "ହନୁମାନ୍ ଚାଲିଶା"
କଟି ଯାଏସି କେତେ ଦୁଃଖ ଆରୁ ଦୂର୍‌ଦଶା ।
ଜଏ ହନୁମାନ୍ ତୁମେ ମୁକ୍ତିର୍ ଦୁଆର୍
ଇ ଯୁଗେ ସଭେଁ ତୁମକୁ କରୁଛନ୍ ଜୁହାର୍ ।[୩୭]
ଜଏ ଜଏ ଜଏ ହନୁମାନ୍ ଗୁସାଇଁ
କୁର୍‌ପା କର ପର୍‌ଭୁ ଇ ସଁସାର୍ ସାଇଁ ।
ସକଲ୍ ରୁଗ୍, ଦୁଃଖ୍, ଯାତନା କର୍ ଯେ ଦୂର
ସଁସାର୍ ଭିତରେ ତୁମେ ଅଟ ବଡ୍ ସୁର୍ ।[୩୮]
ଯିଏ ଇ ଚାଲିଶାକେ ପାଠ୍ କର୍‌ସି
ସହଜେ ସବୁନେ ସେ ସଫଲ୍ ପାଏସି ।
ଇତାର୍ ଲାଗି ସାଖି ଅଛନ୍ ଗଉରି ପତି
ଦୂର୍‌ଗତିରୁ ସଁସାରକେ କର ମୁକତି ।[୩୯]
ସଂଥିକବି ତୁଲ୍‌ସୀ ଦାସ୍ ଇଟା କହେସନ୍

 Magazine Downloaded from www.aahwaan.com

ସବୁବେଲେ ହନୁମାନ୍ ନାମ୍ ନେଉଛନ୍ ।

ହୁର୍‌ଦେ ସବୁବେଲେ କର୍ ମୋର୍ ବାସ

ଅଧର୍ମ୍ ଅନିଏକେ କର୍ ବିନାଶ ।[୪୦]

ଦୋହା

ପବନ ପୁତା ଦୁଃଖ୍ ଦହନ୍ ମଂଗଲ୍ ମୂରତି ରୂପ୍

ରାମ୍ ଲଖନ୍ ସୀତା ସହିତ୍ ଅଧର୍ମ୍ କର ଲୁପ୍ ।

କେନ୍‌ଝରିଆପାଲ୍ଲି, ବିଏନ୍‌ପୁର, ସୁବର୍ଣ୍ଣପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୯୧୪୦୮୧୪

 Magazine Downloaded from www.aahwaan.com

# ହେଇଯିବା ଅତୀତ୍



କବି ପ୍ରସାଦ

ସବୁତ ଅଏନ୍ ଉପରେ ଉପରେ
ଭିତରେତ ଭରିଛେ ଗୁହୁଁ
ଦୟା ଧରମ୍ ହୁରୁଦେ ରହେକ୍ ନି
ଟୁଣେତ ଅଏନ୍ କଥା ପଦେକ୍ ନି
କାଏଁ ଲାଭ୍ ସଜେଇହେଲେ ମୁହୁଁ ।
ଦଶ୍ ବୁଡ୍ ଦେଇ ଗାଧୁଛ
ତେଲ୍ ହଲଦି ସାବୁନ୍ ମାଖି
ଫୁର୍ ଫୁରା କଫଡାଲତା ପିନ୍ଧିଛ
ସଫାସୁତୁରା ଦିଶୁଛ
ହେଲେ ମନର୍ ମଏଲା କେ
କେନ୍ତେ ଧୁଇହେବା ଯେ
କେଭେ ଭାବିଛ କାଏଁ ।
ଅଁତର୍ ମାଖି ବତର୍
ମହକେଇ ଦେଉଛ ହାଟ୍
ହେଟା ଫେନ୍ ଛନେକ୍ କି ଘଡେକ୍
ନି ରହେ ହର୍ ହମେସା
ଅଏନ୍ ଗୁନ୍ ଚଲନ୍ କେ
ଯଦରପି ଅଁତର୍ ଭାବବ
ଦିନ୍ କେଁ ବଛର୍ କେଁ
ଯୁଗ୍ ଯୁଗ୍ କହଁରିବା ।

କେତେଦିନ୍ ଚକଚକାବ
ଚମ୍ ହାଦେ ଢୁକୁଲାବାନ
ଆଏଜ୍ ଯୁଆନ୍ ଅଛ
ହାଦେ କେତେ ଯୁଆନ୍ ବୁଢା ହେଲେନ
ହେମନେ ଭିଲ ଜଣ୍ଡାଢୁରି ଲେଖେଁ ଚମକୁ ଥିଲେ
ସମିହାର୍ ଦାତ୍ରିଧାରେ ଛେକ୍ରା ହେଲେ ।
ବୁଝ ବେଲ୍ ଥିବାର୍ ପତେକେ
ଘାଏକ୍ ଉବେଲ୍ ହେଲେ
ସମିହାର୍ ଧାର୍ ବୁହିଗଲେ
ଆଏଜ୍ ଆରୁ ଆଏଜ୍ ନି ରହେ
ଦେଖୁନ୍ ଦେଖୁନ୍ ହେଇଯିବା ଅତୀତ୍ ।

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର, ଓଡିଶା,
ପିନ୍ - ୭୬୭୦୨୬
ମୋବାଇଲ୍ - ୭୬୦୬୦୫୧୩୯୫

 Magazine Downloaded from www.aahwaan.com

# ଜଏ ଜବାନ୍ ଜଏ କିଷାନ୍



କ୍ଷମାନିଧି ସାହୁ

ଯେନ୍ ଦେଶେ ସୂରୂଜ୍ ଉଁଇସି
ନୂଆରଙ୍ଗ୍ ନେଇକରି
ସକାଲ୍ ହେସି ଚଉରା ମୂଳେ
ସଏଲତା ଜାଲିକରି

ଫୁଲ୍ ଫୁଟସି କିସମ୍ କିସମ୍
କୁଇଲି ଗାଏସି ଗୀତ୍
ତିନ୍ ରଙ୍ଗିଆ ପତାକା ଉଡଲେ
ଗାଏସୁ ଜାତିର୍ ସଂଗୀତ୍

ଯେନ୍ଆଡେ ଦେଖ ସାଗୁଆ ସୁନ୍ଦର୍
ଧରତି ରାନିର୍ କୁଳେ
ଇଟାଆଏ ମୋର୍ ବୀର୍ ମାଏଟ୍
ଇନ ବଢିଛେ ମୁଇଁ ଉଲେଦୁଲେ

ହିମାଳୟନୁ ଗଙ୍ଗା ବହେସି
ବଢେ ସୁନ୍ଦର୍ ପାଏନ୍
ଚାଷୀ ଭେଇ ଖାନା ପରସେ
ଭାରତ୍ ମୋର୍ ଦେଶ୍ ଧଏନ୍

ଅମର୍ ଜ୍ୟୋତି କେଭେ ନାଇଲିଭେ
ସୁନାର୍ ଅକ୍ଷରେ ନାଆଁ
ଦେଶକେ ଆମର୍ ଟେକି ଅଛନ୍
*ଜଏ ଜବାନ୍ ଜଏ କିଷାନ*

ଜାମପାଲି, ମେଲଛାମୁଣ୍ଡା, ବରଗଡ଼
୭୦୭୭୦୫୯୩୪୯

 Magazine Downloaded from www.aahwaan.com

# ରିଜର୍ଭେସନ୍



ଏମ୍. ବିଜୟ କୁମାର

ତମେ ଜେ'ନ କଥା କହୁଛ
ତମର ତ ବୋ କୁଟା ଅଛେ
ମୁଇ ତମକେ ପଚାରୁଛେ
ସଥେଁ କୋଟା କିଏ ପାଉଛେ !

ମୁଇ ପାଉଛେ ନା କି ତମେ
ରିଜର୍ଭେସନ କି କୁଟା
ସଥିଁନେ କାହାକେ ମିଲୁଛେ
ଜାନବାକେ ପଡ଼ବା ଇଟା !

ସଭେ ଜାନୁନ୍ ସତ କଥା
ଆରକ୍ଷଣର ଇତିହାସ
କିଏ ଦେଉଛେ ଗିଲି ଆଘୋ
ନା କେଁ ମାତ୍ର କରୁଛୁ ଫାର୍ସ ।

ନାଇ ହେଲେ ରିଜର୍ଭେସନ୍
ରିଜର୍ଭେସନ୍ ବୋଲୁଥିମା
ନାଇଁ ଆମକେ ପଢ଼ବାକେଁ ନା
କେନେ କାମ ଚାକିରୀ ମିଲବା ।

ଡଗୋ ଡଗୋ ଖାଲି ଦେଖୁଥିମା
ଆଶୁଁ ଝରବା ଟାଏଟ୍ କୁନେ
ଛଡ଼େଇ କିଏ ନେଉଛେ କାଏ
ଆମର୍ ହକଁ ଅନ ଜାନେ ।

ଗୁଲା ଗୁଲା ଗିଲେ ଢୁଣିମୁଣି
ଆମର ଭିତଁରେ ମାଡ଼ ଲଗା
ଆରକ୍ଷଣ ଇତିହାସ ଜାନ
ଆଗତାକେ ଜାଗତା ଜଗା ।

ଦୂରଭାଷ : ୭୯୭୮୭୮୪୧୩୦

 Magazine Downloaded from www.aahwaan.com

# ମୁଁଇ କାଳିର୍ ଭକତ୍

ବିଷୟେ - ଭକ୍ତି



ରଞ୍ଜନ କୁମାର ସାହୁ

ମୁଁଇ ହେଁଲି କାଳିର୍ ଭକତ୍
କହ୍ଲେ ଲେଖକ୍
ଯେନ୍ତ୍ରୀ ଲିଖ୍ସି ହେନ୍ତ୍ରୀ ବୁହାଁସି
ଆଖିର୍ ଧାରେ ରକତ୍
ମୁଁଇ ହେଁଲି କାଳିର୍ ଭକତ୍
କହ୍ଲେ ଲେଖକ୍ ।।୧

ମୋର୍ କାଳି କପ୍ଡ଼ାର୍ ପିନ୍ଧନ୍
ଦେଖ୍ଲେ ପସନ୍
ଯେନ୍ତ୍ରୀ ଦିସ୍‌ସି ହେନ୍ତ୍ରୀ ଲୁଭାଁସି
ଧର୍ଲେ କାଗଜ୍ କଲମ୍
ମୋର୍ କାଳି କପ୍ଡ଼ାର୍ ପିନ୍ଧନ୍
ଦେଖ୍ଲେ ପସନ୍ ।।୨

ମୁଁଇ ପୁଜ୍‌ଏଁ ଦେଲେ ରକତ୍
କର୍ଲେ ସପତ୍
ଯେନ୍ତ୍ରୀ ଅନ୍ଧାରେ ହେନ୍ତ୍ରୀ ଜଳେଏଁ
ଲେଖ୍ଲେ ଲେଖକ୍ ଲେଖନ୍
ମୁଁଇ ପୁଜ୍‌ଏଁ ଦେଲେ ରକତ୍
କର୍ଲେ ସପତ୍ ।।୩

ମୋର୍ କରମ୍ କାଗଜ୍ କଲମ୍
ମାନ୍ଲେ ଧରମ୍
ଯେନ୍ତ୍ରୀ ବଡ଼ ହେନ୍ତ୍ରୀ ସରଳ୍
ମାଆଁର୍ ଚରନ୍ଙାଏ ସରନ୍
ମୋର୍ କରମ୍ କାଗଜ୍ କଲମ୍
ମାନ୍ଲେ ଧରମ୍ ।।୪

 Magazine Downloaded from www.aahwaan.com

ତୁଁଇ ମାଆଁ ଆଶ୍ ଭକତର୍
ପାଏଁଲେ ଭର୍ଶାର୍
ଯାଃ ଲିଖାଲୁ ତାଃ ସଏଲ୍‌ତାର୍
ଜଲ୍ଲେ ଙ୍କାନ୍ ପର୍ସାର୍
ତୁଁଇ ମାଆଁ ଆଶ୍ ଭକତର୍
ପାଏଁଲେ ଭର୍ଶାର୍ ।।୫

ତୋର୍ ଛୁଆଁ ସାରା ଦୁନିଆର୍
ମିଲ୍ଲେ କରୁନାର୍
ଯାଃ କରାଲୁ ତାଃ ଉପ୍‌କାର୍
ପୁଜାର୍ ପୁଝାରି ଲେଖ୍‌କାର୍
ତୋର୍ ଛୁଆଁ ସାରା ଦୁନିଆର୍
ମିଲ୍ଲେ କରୁନାର୍ ।୬

ତୁଁଇ ମାଆଁ ପାପର୍ ସଂହାର୍
ଜଗତ୍ତେ ଉଦ୍ଧାର୍
ଯାଃ ପଢ଼ାଲୁ ତାଃ ପ୍ରେମ୍‌ସାର୍
ଜଗତ୍ତେ ରଃସି ଭଲ୍‌ସାର୍
ତୁଁଇ ମାଆଁ ପାପର୍ ସଂହାର୍
ଜଗତ୍ତେ ଉଦ୍ଧାର୍ ।।୭

ତୋର୍ ସଂସାର୍ ମାୟା ଯଂଯାଲ୍
ଦେବୀ କାଲ୍
ଯାଃ ଲିଖନ୍‌କାରୀ ତାଃ ତୋର୍ଚାଲ୍
ବୁଜ୍ଲେ ସୁଖେଁ ପାର୍
ତୋର୍ ସଂସାର୍ ମାୟା ଯଂଯାଲ୍
ଦେବୀ କାଲ୍ ।।୮

ଗାଁ/ପଞ୍ଚେତ୍ : ଭେଉଁରିଆ, ଶାଖା : ପଦ୍ମପୁର୍
ଅଞ୍ଚଲ୍ : ବର୍ଗଡ଼ ( ରାଏଜ୍ - ଓଡ଼ିଶା )
ଦୁର୍ଭାଷ୍ ସଂ : ୭୦୭୭୧୦୫୭୦୯

 Magazine Downloaded from www.aahwaan.com

# ଦାଦନ୍



ଆକାଶ ଚୌହାନ

ଖରାମାସ ମଏଧାନ୍ ସମିଆ ମୁଇଁ ରଘୁ, ବଳରାମ ଆରୁ ଶେଷ ତାସ ଖେଳ ଥିଁ ମାତି ଛୁଁ । ମୋର ମନଟା କେନ୍ତା ଯେ କେନ୍ତାକେନ୍ତା ଲାଗଲା ଆଏଁଖ ନୁଁ ତାରତାର ପେନ୍ ଖଳଖଳାନୁଁ ବାହାରିଗଲା, କଲଜାଟା ମୋର କେତନି ତୁଣେ ଧକ୍ ଧକେଇ ବସଲା କିଛି ମୁଇଁ ଯାନି ନେଇଁପାରଲିଁ । ମତେ ଯେନ୍ତା ଲାଗଲା କି ମୋର ଘରେଁ କିଏ ଗୁଟେ ବଢ଼େ ଜୋର୍ ସେ କାନ୍ଦୁଛେ । ମୁଇଁ ଭାବଲିଁ ମୋର ଘରେଁ କିଏ ଅଛେ ଯେ କାନ୍ଦ୍ ବା । ମୋର ଆଇ ତ ବୁଢ଼ୀ ଦେଖିନାଇଁ ପାରବାର ବଫୁନେଇନ ଏଡେ ତୁଣେ କେନ୍ତା କରି କାନ୍ଦ୍ ବା, ମୋର ନନା ତ ବେଢ଼ୀ ଗୁଟେ ଆଏ ସେ ଖାଲି ଖାଇ ଯାନେ ଆରୁ କବାର କରବାରଟା ଯାନେ ସୁଖ ଦୁଃଖ କିଛି ନେଇ । ମୋର ମାଁ ବୁଆ ବୁହେନ୍ ସଭେତ ଦାଦନ୍ ଖଟି କମାନି କରି ନେଇ ଇଟା ଗଢି ଅଯୋଦ୍ଧାକେ ଯେଇଛନ୍ କାନ୍ଦ୍ ବା କିଏ ? ତଥାପି ମୋର ମନ ନେଇ ବୁଝୁ ଥେଇଁ ଆର ମୋର ମନ ତାସ ଖେଲା ଥିଁ ନେଇଁ ଥେଇଁ ଖାଲି ବସି କରିଁ ଦେଖୁ ଥେଁ । ଇ ସମିଆ ଥିଁ ଆମର ପାଖର ଘରର୍ ମୋର ବବା ରଏବାରୁ ଧସଁଧସଁ ହେଇ କରି ଦୌଡ଼ିତେଲ ଆସଲା ଗହଦ ଥିଁ ପୁରା ଗାଧି ପକେଇ ଥିଲା, ଆଏଁଖ ନୁ ପେନ ଧାରଧାର ବୁହୁ ଥିଲା ଆରୁ ମୁହେଁ କିଛି କହିନେଇଁ ପାରୁ ଥେଇଁ । ଆସଲା ଆରୁ ଲତ୍ କଲା ବସିପଡ଼ଲା । ଖାଲି ଆଁ କରି କାଣା କହେମି ବଲୁଥିଲା କାନ୍ଦୀ ର ଲାଗିଁ କହି ନେଇ ପାରଲା । ମୋର ମୁହୁଁ ଦେଖୁଥିଲା ଆରୁ କାନ୍ଦୁଥିଲା । ଘେ ଉତାରୁ କାନ୍ଦି କାନ୍ଦି କହେଲା ସବୁ ଘର ବୁଡିଗଲା ସବୁ ଘର ବୁଡିଗଲା । ମୋର କଲଜା ସୁଖିଗଲା କାଣା ହଜଲା

 Magazine Downloaded from www.aahwaan.com

ବଲି କରି ପତ୍ରାଲି । ମତେ ଡ଼ରିଡ଼ରି କରି ବାବୁ ମାଲତି୍ ପରେ ମରିଗଲା । ମୋର ଆଏଖିଁ କାନ ସବୁ ସୁଖି ଗଲା, ମୁଡ୍ ଖାଲି କିନ୍ଦୀରି ବସାଲା ସୁଖା କାଠ ଲେଖେଁ ଧଡାସ୍ କଲା ପଡ଼ଲି୍ । ଯେତେବେଲେଁ ମୋର ମୋର ଚେତା ଆସଲା୍ ମୁଇଁ ଆମର ଘରେଁ ଖଟେଁ ସୁଇଛେଁ । ମୋର ସାଙ୍ଗ ମାନେ, ଆମ୍ଭର ଗାଁର କେତେ ଲୋକ ଅଛନ୍ । ମୋର ଆଇ ନନା ଛାତିକେ ପିଟି ପିଟି ଧୁରକୁଟା ଛାନ୍ ନୁଁ କାନ୍ଦୁଛନ ମୁଇଁ ଭି ସମ୍ଲେଇ ନେଇ ପରଲିଁ ଭୋ ଭୋ ହେଇ କରି କାନ୍ଦି ପକାଲିଁ । ରଏବାରୁ ବବା କେହଲା ମାଲତି୍ କେ କେତ୍ ନି ଟେ ପରେ ଜର ଆନଲା ବୋ । ପଏସା ନେଇଁ ହେଲା ଯେ ଡାକ୍ତରଖାନା ସମିଆ ଥି ନେଇ ନେଇ ପାରଲେ ଜର ଯହ ହେଇଗଲା ଆରୁ ମରିଗଲା । ତୋର ବୁଆ ଆମର ମାହାଜନ ଘର୍ କେ ଫୋନ୍ କରିଥିଲା । ମୁଇଁ ହେ କଥା କେ ସୁନି କରି  ମୋର ବୁଆ କେ ଖାଲି ମାଁ, ବୁହେନ ଲଗେଇ କରି ଗାଲି ଦେଉଛେଁ ମୋର ସୋର ନେଇ କାଣା କାଣା କହୁଥିଲି ଯେ । ମୋର ବୁହେନ ମାଲତି୍ ଆଏଖିଁ ବନ୍ଦ କଲେ ଖାଲି ଦିସୁଥିଲା । ତା'ର ସାଟ୍, କୂର୍ତ୍ତା, ମୁଁହୁ, କଲା ମିଶମିଶ ବାଲ୍ ସବୁ ମୋର ଆଖିର ଆଗାଡେ ଦିସିବସଲା । ମାଲତି୍ ଯେନ୍ତା ମତେ ଡାକଲା୍ ଡାକଲା୍ ମେତାର ମୋର କାନ କେ ଶୁଭିବସଲା । ମାଲତି ଯେନ୍ତା ଡାକୁ ଛେ ଦଦା ଗୋ ବାସି ବାଢଲି୍ ନ ଆ, ସୁଖୁଆ ଭି ପୁଡେଇ ଛେଁ ସଲୋସଲୋ ଆ ଖାଏମା । ତାର ସେ ସବୁ କଥା ମୋର ଆଗାଡେ ଦିସିବସଲା । ଇସ୍କୁଲେ ଏକାସାରି ପଢି ଗଲାବେଲର ଟା, ଖେତକେ ବାସି ନେଇ ନେଲାର ବେଲର ଟା, ଯାତାରା ଦେଖି ଯିବାର ଲାଗି କାନ୍ଦବାର ଟା ଆରୁ ବେଶିଁ କରି ସେ ଅଯୋଦ୍ଧା ନେଇ ଯେ ବଲିଁକରି ରେନ୍ଦ୍ କରବାରଟା ମୋ'ର ସୋର ପଡୁ ଥେ । ମାଲତି୍ କଥା ଦଦା ବୁଆ କେ କହନିନ ମୁଇଁ ନେଇ ଯେଁ ତାକର ସାଗେଁ ତୋର ସାଙ୍ଗେ ଥିମି ମତେ ଇ କଥା ଟା ବହୁତ ବାଧୁଥିଲା । ମୁଁ ଇଁ  ଇ କଥା କହି ନି ପାରଲି ବଲି ମୋର ବୁହେନର ଜୀବନ ଗଲା । ଇ କଥା

 Magazine Downloaded from www.aahwaan.com

ପଦ କର ଲାଗି ମୁଇଁମୋର ବୁହେନ କେ ଆରୁ ଦେଖି ନେଇ ପାରଲି । ଯେନ କୁଟୁମ ମୋର ଦୁଃଖ୍ ସୁଖ୍ କରି ଚଲୁଥିଲା ଆଏଜ ନାରଖାର ହେଇଗଲା । ସୋର ପଡୁଥିଲା ମୋର ମାଁର ସେ କଥା ଯେନ୍ତା ମତେ ସମିଆ ସାଙ୍ଗେ ଚଲବାର ଲାଗି ବଫୁ ଦେଉଥିଲା । ବାବୁ ସମିଆ କାହାର ଲାଗି କେତେବେଲେଁ କେନ୍ତା ଇ ସମିଆ କାହାକେ କେତେବେଲେ ଭୀକାରି ନୁ ସମ୍ରାଟ ତ କେତେ ବେଲଁ ସମ୍ରାଟ କେ ଭିକାରୀ ବନେଇ ନେସି । ଯେ ନଟା କି ମୋର କୁଟୁମ୍ ସାଙ୍ଗେ ହେଇଥିଲା ।

ମୋର ବୁଆ ତାକର ଛ ଭାଇ ବହେନ ଭିତରେ ଗୁଟେ ପିଲା । ମୋର ଅଜା ଆମର ଗାଁ ଆରୁ ପାଚଁ ପାଲି ଥି ଗୁଟେ ବନେ ଧନି ମାନୀ ଲୋକ ଥିଲା । ମୋର ଅଜାର ଧନ, ସମ୍ପତ୍ତି, ଜମିବାଡ଼ି କୁଢ଼ କୁଢ଼ ଥିଲା । ସକାଲ ପେଏଲେଁ ସ ସ ଲୋକ ଆମର ଘରକେ ଧାନ, ଚଉଲ ମାଗି ଆସୁଥିଲେ । କେତେ ଲୋକ ଭୁତି କରୁ ଆସୁ ଥିଲେ । ଯେତେବେଲେଁ ଆମର ଧାନ ଗାଡି ପହେଲା କରି ଗାଁକେ ଆସୁଥିଲା ଡକରା ପଡୁ ଥିଲା ମାହାଜନ ଘରର ଧାନଗାଡି ଆସୁଛେ କେହେନି ମେହେଜି ଟୁକେଲ ବାହାର କେ ନେଇ ବାହାର । ଦିନୁଦିନକେ ଆମର ଘର କେ କାଣାହେଲା ମୋର ଅଜା ଅଧାବରସେ ବେମାର ଥି ମରିଗଲା । ମୋର ନନା ଦୁଇଟା ବସଲ୍ ଛଚେଁ ମରିଗଲେ । ଆର ଗୁଟେ ସାପଁ ଚାବି ନେଲା ମରିଗଲା । ଯେନ୍ତା ତିନ ବରସ ଭିତ୍ରେ ସବୁ ସରି ଗଲା । ଯେତେ ଧନ୍, ସମ୍ପତ୍ତି ଥିଲା ସବୁ ସରିଗଲା । ଖେବାର କେ ମୁଠେ ନେଇ କୀ ପିନ୍ଧ୍ ବାର କେ ଖଣେ । ଯାହା ଗେଏ ଗୁ ସବୁ ଚଡକ ମାରଲା ଯେ ଏକାସାରି ସଫା । ଘର ସବୁ ସନି ଦସା ଲେଖେଁଦୀନୁ ଦିନ୍ କେ ଶୁଇନ ହେଇ ଗଲା । ଯେନ ମୋର ବୁଆ ନିଲିଲଗା ଧୁତୀ ନେ ହେଲେଁ ନେଇ ପିନ୍ଧୁ ଥେଇଁ, ସେ ଫଟା ଲୁଙ୍ଗୀ ପିନ୍ଧୀକରି ଚଲୁଛେ । ମୋର ମାଁ ଯେ ଦୁଖ୍ କାଣା ଯେ ନେଇ ଯାନି ଆମର ଛୁଆମାନକର ମୁହୁଁ କେ ଦେଖି କରି

 Magazine Downloaded from www.aahwaan.com

ପଥର ଲେଖେଁ ବସି ନେଉଥିଲା । ଯେନ୍ତା କି ଆମର ଉପରେ କାହାର ଅଭିସାପ ପଡିଗଲା । ଦୁଖ୍ କେ ସହୀ ସହି ତାର ସଙ୍ଗେ ସୁଖ ଟିକେ ପେଇ କରି ଆମର କୁଟୁମ ଚଲୁଥିଲା । ମୋର ମା ଭୁତି କରୁ ଥଗଲା ଆରୁ ବୁଆ ବଜାର ବଜାର ଜେଇ କରି ଦୁଇ ପଏସା ଆନୁ ଥିଲା । ଦିନୁ ଦିନ ବଢିଚାଲ୍ଲା ମୋର ମାଁ ବୁଆର ମୁଡ଼ ଉପରେ ମୋର ନାନୀ ମାନକ୍ ର ବିହାର ଚିନ୍ତା ବଢି ବସଲା । ମୋର ପାଠ ପଢା କେ ବନ୍ଧ କରିକରି ମୁଇଁ ଭିଁ କରିଗଲି ଦୁଇ ପଏସା ହଲେଁ ନାନି ମାନକର ବିହା କରମୁ ବଲି କରି ।

ଆମର କୁଟୁମ୍ ଏନ୍ତା କରି ଭଲ ସେ ସେ ଚାଲିଛେ କିନ୍ତୁ ଦିନେ ଥି ସବୁ ବଦଲୀ ଗଲା । ଆମର ଫାଖର ଘର୍ କେ କିଏ ଗୁଟେ କୁନୁଆ ଆସିଥିଲା । ସେ କୁନୁଆଁ ଜଣକ ମୋର ବୁଆ କେ କହେଲା ଆମେ ଇଟା ଗଢି ଜଉଛୁଁ ଜିବ କେଁ । ଆଗତୁରିଆ ପଏସା ଦେବା । କବାର କରିଗଲେ ହେନ ଆମର ଇନର ଠାନୁ ଅଏତ୍ କା ଭୁତି । ରହେବାର କେ, ଖେବାର କେ ସୁବୁ ମାଗଣା ଦେବା । ଯଦି କହେବ ବଏଲେଁ ଆହକୁ ଯେ ନେବା ତାହାକୁ କହିନେମି । ମୋର ବୁଆର ଉସତ୍ କହନିନ୍ କିଛି ନେଇ ଯାନି କରି ପଏସା କମାମୁ ଆରୁ ମୋର ଝିର ମାନକର ବିହା କରମି ବଲିଁ ହ କହିନେଲା । ମୋର ବୁଆ କାଣା ଏନ୍ତା ଆମକୁ ଇ ଲୋକ ନେଇକରି ବିକିନେବା ଆରୁ ଏନ୍ତା ଫାସେ ପକାବାବଲିଁ ।

ମୋର ବୁଆ ସେ ଲୋକ ନ ଭେଟ ପଡଲା ଆଗତୁରିଆ ପଏସା ଆନଲା ଆରୁ ମୋର ମାଁ ନାନି ମାନକୁ ମୋର ବହେନ କେ ଅମକା ଦିନ କବାର କରିଯିମଖ କହେଲା । ମତେ ବାବୁ ତୁଇଁ ଘରେଁ ଘର ଯବୁ ବଏଲା । ମୋର ବୁହେନ ମୁଇଁନେଇ ଯେଁବଲି କରି ମୋର ମାଁବୁଆ କେ କହେଲା ହେଲେଁ ସେମାନେ କହଲେ ସଭେ ଯିମା ଯହ ପଏସା କମାମା ଆରୁ ଯଲଦି ଫିରି ଆଏମା । ହେଲେ ତାର କପାଲେ କାଣା ଥିଲା ସେ ଆଉ ନେଇ ଫିରଲା । ଯେନ ଦିନ

 Magazine Downloaded from www.aahwaan.com

ସଭେ କବାର କରିଯିବାର ଲାଗି ବାହାରଲେ ମାଲତି୍ ଯାନିଥିଲା କି କେନ୍ତା ମୁଇନେଇଁ ଯେଁ ନେଇଯେଁ ବଲି କାନ୍ଦୁଥିଲା । ମାଲତି୍ କେ ଦେଖଲେଁ ମତେ କେନ୍ତା ଯେ କନ୍ଦା କନ୍ଦା ଲାଗୁଥିଲା । ଯେତେ ବେଲେଁ ସମ୍ କୁ ବସ ବସବାର ତକ ନେଇ ଛାଡଲି ବାଟର ଗାଧବାର ବନ ର ଘାଟ, ସବୁ ଝାର ଚରେଚିରଗୁନ ମାନେ ଚୁପଚାପ୍ ହେଇଯେଇଥିଲେ । ସବୁ ଯେନ୍ତା ଖେଦି ଖେଦି ଆନୁଥିଲେ । ସଭେ ଯେନ୍ତା ମାଲତି କେ ଶେଷ ଥର ଲାଗି ମନଭରି ଦେଖୁଥିଲେ । ମୁଇଁ ଭି ମାଲତି ର ହାତକେ ଧରି କରି ଚାଲୁଛେଁ ମତେ ଲାଗଲା ଯେ ପବନ ଯେନ୍ତା ମାଲତି କେ ଉଡେଇ ନଉଛେ । ଯେନ୍ତ ଯେନ୍ତ ବସ ବସବା ପାଖ ପାଖ ହେଉଛୁଁ ସବୁ ଦୁରେଇ ଦୁରେଇ ଗଲାବାଗିର ଲାଗୁଥିଲା । ମାଲତିର ସେ ମୁହୁଁ ଆରୁ ମାଲତି ସେ ଗଲାବେଲର କଥା ସବୁ ମୋର କାନେ ପିଟି ହେଉଥିଲା ।

ଇ ସବୁ କଥା ସୋର କରି କରି କାନ୍ଦୁଛେଁ ମୋର ସୋର ନେଇନ । ରଏବାରୁ ବବା କେତେ ବେଲୁଁ ଡାକୁଛେ ନିଘାନେଇନ ଯତେବେଲେଁ ଆସିକରି ମତେ ହଲାଲା ଚମ୍ କି ପଡଲିଁ । କାଣା ଗୁଟେ କହେମି କହେମି ବଲୁଥିଲା ନେ ପାରୁ ଥେଇଁ କହି ମୋର ଅବସ୍ଥା ଦେଖିକରି । ଧମ କରି କରି କହେଲା ବାବୁ ମାଲତିର ମଲା ଦିହେକେ ପରେ ଆରୁ ନେଇଁ ଆନନ୍ ହେନ ମେଟ ମୁଠେ ଦେଇ ନେବେ । ତୋର ବୁଆ ଟଁକା ପଏସା ନେଇ ହେଲା ପରେ ଯେ । ଇ କଥା ସୁନି କରି ମୋର ଜିବନ ଜଲିଗଲା କେତନି ଟେ ରିସ୍ ମି ଲାଗଲା ମୋର ବୁଆର ଉପରେ । ମୋର ମନେ ଯାହା ଆସଲା ମୋ ମା ବୁଆ କେ ଗାଲି ଦେଇ ବସଲି । ମୋର ବବା ସେଟା ସୁନି କରି ଧମ ଧରି ନେଇ ପାରଲା । ମତେ କହେଲା ତୋର ବୁଆ କାଣା କାଣା କରିଛେ ଶଙଂନ ତେଥୁରୁ ଗାଲି ଦେବୁ ।

ଯେନ ଦିନ ଠାନୁ ଇ ମାନେ ସଭେ କବାର ଠାନ ଇଟା ଗଢା ନୀକେ ପୁହୁଁଚିଲେ ଖାଲି କବାର

 Magazine Downloaded from www.aahwaan.com

କବାର । ଯେନ ଲୋକ ନେଇଥିଲା ତାର ଦେଖା ନି । ରହେବାର ଲାଗି ଗ ଘର ନେଇ କି ଖେବାର ଲାଗି ଖାନା ନେଇ । ଠିକାଦାର ଖାଲି କବାର ଭୁତି ମାଗଲେ ଗାଲି ମାର । ଯଖଣା କହେଲେଁ ଦଲାଲ କେ କହ । ଦଲାଳର ଦେଖାନେଇ ପଫୋନ କଲେ ସବୁ ବେଲେଁ ଠକୁଥିଲା । କେତେବେଲେଁ ନାନି ମାନକର ଉପରେ ତାର ଖରାବ ନଜର । ଏନ୍ତା ଥି କବାର କରିକରି ନି ଖେଇ ପି କରି ମାଲତି ଦୁରବଲ ହେଇଗଲା । ଜର ଆନଲା ଆରୁ ଧିରେ ଧିରେ ବଢି ବସଲା । ଠିକାଦାର କେ ପଏସା ମାଗଲେ ମନା କଲା କହେଲା ଦଲାଲ ତ ତୁମର ସବୁ ପଏସା ନେଇଛେ ମୁଇ ନେଇ ଦିଏଁ । ବିନ ପଏସା ପତର ଥିଁ ଡାକ୍ତର ଖାନା ନେଇ ନେଇ ପାରଲେ୍ । ମାଲି ଶେଷ କେ ଶୁଇଲା ଚଛେଁ ମରି ଗଲା ।

ଠିକାଦାର ଯେତେବେଲେଁ ଯାନଲା ମାଲତି ମରିଗଲା ବଲିଁ ଯଲଦି ଯଲଦି ଇ ମୁରଦାର କେ ଇ ଅଲଗା ବଏଲା । ଇତାକେ କେନ ଜୁରେ ନଲିଆ ତଲେ ନେହେଲେଁ ନଏଦ କେ ଫିକି ନେ । ଇଟା ସୁନିକରି ତୋର ମାଁ ର ବୁଆର ଅବସ୍ଥା କହନି ନ । ତୋର ମାଁ ଘେ କେ ଛନ୍ କେ  ଅଚେତ ହେଇ ପଡୁଥିଲା କାନ୍ଦି କାନ୍ଦି । ତୋର ନାନି ମାନେ ମାଲତି ର ମୁରଦାର କେ ଦେଖିକରି ଖୁଟ ଲେଖେଁ ଠିଆ ହେଇ କରି କୁନ୍ଦି ଭଏଁରି  ଲେଖେଁ ଡଗୋ ଡଗୋ ଦେଖୁ ଥିଲେ ସଥେଁ ଯେନ୍ ତା ତାକର ଭି ଜିବନ ନେଇ ନ । ତୋର ବୁଆ ଯଖା ପାଗଲେଖେଁ ଠିକାଦାର କେ ତା କଥା କହୁ ଥିଲା । ମୋର ଝି ମୋର ଲାଗିଁ ଇଜ୍ଜତ୍ ଆଏ, ମୋର ଗରବ, ମୋର ଧନ ସମ୍ପତ୍ତି ଆଏ ମୋର ସବୁ ଆଏ । ତାର ମଲା ଦିହି କେ ମୁଇଁ ହେ କୁକୁର କୁଲିହା ହୁଣାର ମାନକୁ ନେଇ ଦିଏଁ । ମୁଇଁ ମୋର ଝି କେ ମୋର ଗାଁ କେ ନେମି, ଗାଁଆ ର ମାଏଟ ମୁଠେ ଦେମି । ମୋର ମଲା ମା ବୁଆର ପାଖେ ରଖମି୍ । ଯନମ ମାଏଟ ପରେ ସରଗ ବାଗିର ଆଏ । ମୁନୁଷ ର ଇଚ୍ଛା ଥି ସଭେଁ ନୀଜର ମା ମାଏଟ ଥି ମାଏଟ ଟିକେ ପାଏବେ ।

 Magazine Downloaded from www.aahwaan.com

ଯେତେ ଯାଣା କହେଲେଁ ଭି ଠିକାଦାର ପଏସା ଦେବାର କେ ମନା କଲା । ଯିଏ ଯେତେ ଯାଣା କହେଲେଁ ନେଇ ସୁନଲା । ଯେନ୍ତା କିଛି ନେଇ ହେଇ ନେଇ ପାରଲା ତୋର ବୁଆ ଅଧର୍ଯା ହେଇ କରି କାନ୍ଦି ବସଲା । ତୋର ବୁଆର କାନ୍ଦୀ ସବୁ ଲୋକ ମାନକର ଆଖିନୁ ପେନବଡଂହେଇ ନେଲା । ତୋର ମା ସହି ନେଇ ପାରଲା ନାକେ ପିନ୍ଧି ଥିଲା ତାର ଗୁନା କେ ଖୁଲିନେଲା । ମଲାତିର ମୁରଦାର ନୁ ମାଲତିର କାନର ଟା ମାଲତିର ନାକରଟା ଆରୁ ପାୟଲ ଖୁଲିନେଲା । ସବୁ ଲୋକ ଆବାକାବା ତୋର ବୁଆ କଣା କରୁଛୁ ବଲି ପଚରାଲା । ଯ ଇ ସୁନା ରୁପା କେ ବି କି ଆନବ ଯ । ଯେତେଟଁକା ହେବା ମାଲତି କେ ନେମା । ଯେତେଯାଣା ଥିଲା ସବୁ ବିକି ବୁକା କରି ଆନଲେ ହେଲେଁ ହେତେପଏସା ଥି କାଣାହେତା । ଇ ସମିଆ ଥି ଯଣେ କହେଲା ଯମି ଟିକେ ଘିନୁ ଆରୁ ଇତାକେ ଇନ ତୁପି ନେଉଁ ।

ତୋର ବୁଆ ଆରୁ କାଣା କରତା । ଯେତେ ପଏସା ଥିଲା ସେଥିଁ ଖାଲି ଅଢେ ହାତ ମାଟ ବଢା କଷ୍ଟେ ହେଲା । ସେଠାନେ ମାଲତି କେ ତୁପିନେଲେ ।

ଇଟା ସୁନି କରି ମତେ ବହୁତ ଟେ ଖରାପ ଲାଗଲା ଆରୁ ମୋର ମାଁ ବୁଆର ଉପରେ ଗରବ ଭି ଲାଗଲା ଯେ ମୋର ବୁହେନ ଯେ କି ମୋର ଲାଗିସବୁ କିଛି ଥିଲା ତାହାକେ ମାଏଟ ମୁଠେ ଦେଲେ ଆରୁ ଦାଦନ ର ଜିବନ ଠାନୁ ମୁକ ଲେଇ ନେଲେ ।

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

 Magazine Downloaded from www.aahwaan.com

# ୧୮୨ ମିଟର ଉଚ୍ଚ ସର୍ଦ୍ଦାରଙ୍କ ମୂର୍ତ୍ତୀ : କେତେ ଆବଶ୍ୟକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଅକ୍ଟୋବର ୩୧ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ଦାମୋଦର ଦାସ ଭାଇ ମୋଦୀ ଗୁଜୁରାତର ସର୍ଦ୍ଦାର ସରୋବର ବନ୍ଧ ଉପରେ ଏକ ଭବ୍ୟ ସୁଉଚ୍ଚ ମୂର୍ତ୍ତୀର ଉଦଘାଟନ କରିଲେ । ଏହା ଭାରତର ପ୍ରଥମ ଗୃହମନ୍ତ୍ରୀ ଶ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ହେବା ସହ ବିଶ୍ୱର ସର୍ବୋଚ୍ଚ ମୂର୍ତ୍ତୀ ହେବାର ଗୌରବ ବହନ କରୁଛି । ଏଥିପାଇଁ ପାଖାପାଖି ୩ ହଜାର କୋଟି ଟଙ୍କା ବ୍ୟୟ କରାଗଲା । ଏହି ସଂଖ୍ୟା ଭାରତ ପାଇଁ ଅନେକ ମୂଲ୍ୟ ରଖେ । ଯେତେବେଳେ ଭାରତରେ ଅର୍ଦ୍ଧାଧିକ ଲୋକ ନିଜକୁ ଗରୀବ ରେଖା ତଳେ ରଖିବା ପାଇଁ ଏକ ପ୍ରକାର ପ୍ରତିଯୋଗିତାରେ ଲିପ୍ତ ଅଛନ୍ତି ସେହି ସମୟରେ ଏହି ମୂର୍ତ୍ତୀପାଇଁ ତିନି ହଜାର କୋଟି ଟଙ୍କା ଖର୍ଚ୍ଚ କରିବା କେତେଦୂର ଯଥାର୍ଥ ବୋଲି ମୋର ଅନେକ ବନ୍ଧୁ ପ୍ରଶ୍ନ କରିଥିଲେ । ସ୍ୱାଭାବିକ ଭାବରେ ଚିନ୍ତା କରିଲେ ଲାଗେ ସତରେ ସରକାର କରଦାତାଙ୍କ ଅର୍ଥର ଦୂରୁପଯୋଗ କରୁନାହାନ୍ତି ତ ? ଜଣେ ବ୍ୟକ୍ତିର ମହିମାମଣ୍ଡନ କରିବାପାଇଁ ଏତେ ପରିମାଣର ଅର୍ଥ କାହିଁକି ଖର୍ଚ୍ଚ କରାଯିବ ?

ଅନେକ ଚିନ୍ତା କରିବା ପରେ ମୋତେ କିନ୍ତୁ ଏହା ପଛରେ ଏକ ବିଶାଳ ଯୋଜନା ଥିବା ଭଳି ମନେ ହେଲା । ତାହା ବିଷୟରେ କହିବା ପୂର୍ବରୁ କହିଦିଏ, ଭାରତରେ ମୂର୍ତ୍ତୀ ନିର୍ମାଣ କୌଣସି ନୂତନ ବିଷୟ ନୁହେଁ । ଭାରତର ଛୋଟବଡ଼ ଯେ କୌଣସି ସହର ବା ଗ୍ରାମାଞ୍ଚଳକୁ ଯାଆନ୍ତୁ, ସେଠାରେ ଅନ୍ୟୁନ ମହାତ୍ମା ଗାନ୍ଧୀ, ନେହେରୁ, ଇନ୍ଦିରା ଗାନ୍ଧୀଙ୍କ ପୂର୍ଣ୍ଣାବୟବ ନ ହେଲେ ମଧ୍ୟ ଛୋଟ ବଡ଼ ମୂର୍ତ୍ତୀ ନିଶ୍ଚୟ ଦେଖିବାକୁ ମିଳିବ । ଅବଶ୍ୟ ସେ ସବୁ ମୁର୍ତ୍ତୀରେ ଏତେ ପରିମାଣର ଖର୍ଚ୍ଚ ହୋଇନଥିବ ।

 Magazine Downloaded from www.aahwaan.com

ବିଗତ ଦଶନ୍ଧିରେ ଉତ୍ତରପ୍ରଦେଶର ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦୀ ସମାଜବାଦୀ ପାର୍ଟି ଓ ବହୁଜନ ସମାଜ ପାର୍ଟି ମଧ୍ୟ ଏଥି ଦୌଡ଼ରୁ ଦୂରରେ ନଥିଲା । ମାୟାବତୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବାବା ସାହେବ ଆମ୍ବେଦକର ଏବଂ ସ୍ୱର୍ଗତ କାଂଶୀରାମଙ୍କ ଅନେକ ମୂର୍ତ୍ତୀ ନିର୍ମାଣ କରାଯାଇଥିଲା । ଦଳୀୟ ଚିହ୍ନ ହାତୀର ମହିମାମଣ୍ଡନ କରିବାପାଇଁ କେତେ ଶହ କୋଟି ଟଙ୍କା ବିନିଯୋଗ କରାଯାଇ ବଡ଼ ପାର୍କ ମଧ୍ୟ ନିର୍ମାଣ କରାଯାଇଥିଲା । ମୁଲାୟମ ସିଂ ଯାଦବ ଏବଂ ପରେ ଅଖିଲେଶ ଯାଦବଙ୍କ ରାଜତ୍ୱରେ ଉତ୍ତର ପ୍ରଦେଶରେ ମହାନ ସମାଜବାଦୀ ନେତା ରାମ ମନୋହର ଲୋହିୟାଙ୍କ ମୂର୍ତ୍ତୀମାନ ସ୍ଥାପନ କରାଯାଇଥିଲା ।

ଦକ୍ଷିଣରେ ଦେଖିଲେ ତାମିଲନାଡୁରେ ପ୍ରାୟ ପ୍ରତ୍ୟେକ ଗ୍ରାମ କିମ୍ବା ସହରରେ ଜଣେ କିମ୍ବା ଅଧିକ ଜଣଙ୍କ ପ୍ରତିମୂର୍ତ୍ତି ରହିଥିବା ଦେଖିବାକୁ ମିଳେ । କେରଳ ତଥା ଉତ୍ତରପୂର୍ବ ରାଜ୍ୟରେ ଲେନିନଙ୍କ ପ୍ରତିମୂର୍ତ୍ତୀ ଦେଖିବାକୁ ମିଳେ । ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର ପ୍ରାୟ ଅଧିକାଂଶ ଅଞ୍ଚଳରେ ହନୁମାନ ମୂର୍ତ୍ତି ଦେଖିବାକୁ ମିଳେ । ଏହି ସବୁ ମୂର୍ତ୍ତି ନିର୍ମାଣରେ ଅର୍ଥ ବିନିଯୋଗ ହୋଇଥିବ ନିଶ୍ଚୟ, ଅବଶ୍ୟ ଏତେ ଅଧିକ ପରିମାଣର ହୋଇନଥିବ ।

ତା ହେଲେ ମୂର୍ତ୍ତୀ ନିର୍ମାଣ ପଛର ଉଦ୍ଦେଶ୍ୟକୁ ଆମେ ବୁଝିବା ଉଚିତ । ସମ୍ଭବତଃ ସହର କିମ୍ବା ଗ୍ରାମାଞ୍ଚଳର ପ୍ରମୁଖ ସ୍ଥାନମାନଙ୍କରେ ମହାପୁରୁଷଙ୍କ ମୁର୍ତ୍ତୀ ରଖିବା ଦ୍ୱାରା ଲୋକମାନେ ସେମାନଙ୍କର ମହାନୁଭବତାରେ ଅନୁପ୍ରାଣିତ ହେବେ ଏବଂ ଦେଶ ତଥା ଜାତିପାଇଁ ସ୍ୱେଚ୍ଛାକୃତ ଭାବରେ କର୍ମ କରିବେ । ହେଲେ ଏହାର ପ୍ରଭାବ କେତେ ପଡ଼େ ତାହା ଆମେ ଜାଣିନାହୁଁ । ଅବଶ୍ୟ ବର୍ଷରେ ଦିନେ କି ଅଧେ ସେହି ସବୁ ମୂର୍ତ୍ତୀ ନିକଟରେ ଲୋକମାନେ ଏକତ୍ରିତ ହୋଇ କିଛି କ୍ଷଣପାଇଁ ଗୁଣଗାନ କରନ୍ତି, ପୁଷ୍ପମାଲ୍ୟ ଅର୍ପଣ କରନ୍ତି ଆଉ ପରେ ଭୁଲିଯାଆନ୍ତି । ବର୍ଷସାରେ ସେହି ସବୁ ମୁର୍ତ୍ତୀ ଖରାକାକରରେ ପକ୍ଷୀମାନଙ୍କ ମଳତ୍ୟାଗରେ ଗାଧୋଇବା ଆମେ ଦେଖିଛୁ । ସମୟ ସମୟରେ ଅସହିଷ୍ଣୁମାନେ ଦଳୀୟ କନ୍ଦଳ ଲଗାଇବା ଉଦ୍ଦେଶ୍ୟରେ ଏହି ମୂର୍ତ୍ତୀ ମାନଙ୍କରୁ ଚଷମା, ବାଡ଼ି ଆଦି ଚୋରାଇବା ମଧ୍ୟ

 Magazine Downloaded from www.aahwaan.com

ଶୁଣାଯାଏ, ଆଉ ହିଂସା ସମୟରେ କେହି କେହି ଏହି ସବୁ ମୁର୍ତ୍ତୀକୁ ଭାଙ୍ଗିଦେବାର ଘଟଣା ମଧ୍ୟ ବିରଳ ନୁହେଁ ।

ଏବେ ଆସନ୍ତୁ ଚର୍ଚ୍ଚା କରିବା ସର୍ଦ୍ଦାରଙ୍କ ୧୮୨ ମିଟର ଉଚ୍ଚ ମୂର୍ତ୍ତୀ ବିଷୟରେ । ମୋତେ ଏହି ମୂର୍ତ୍ତୀ ନିର୍ମାଣ ପଛରେ ରାଜନୈତିକ ଉଦ୍ଦେଶ୍ୟ କମ ଜନସାଧାରଣଙ୍କ ଉନ୍ନୟନ ପାଇଁ ବ୍ୟବସାୟିକ ଉଦ୍ଦେଶ୍ୟ ଅଧିକ ଦେଖାଯାଉଛି । ମୋର ଏଭଳି କହିବା ପଛରେ ରହିଛି ଅନେକ କାରଣ ।

ପ୍ରଥମତଃ ଏହା ଏତେ ସୁଉଚ୍ଚ ମୂର୍ତ୍ତୀ ହୋଇଛି ଯେ ଏହାର ନିର୍ମାଣ ସମ୍ପୂର୍ଣ୍ଣ ହେବା ପୂର୍ବରୁ ହିଁ ଏହାକୁ ଦେଖିବା ପାଇଁ ଜନସମୁଦ୍ର ସୃଷ୍ଟି ହେଲାଣି । ଯେପରି ବିଦେଶଗଲେ ଲୋକମାନେ ଷ୍ଟେଚ୍ୟୁ ଅଫ୍ ଲିବର୍ଟି ଦେଖିବାକୁ ଯାଆନ୍ତି, ସେଭଳି ଷ୍ଟେଚ୍ୟୁ ଅଫ୍ ୟୁନିଟି ଦେଖିବାପାଇଁ ମଧ୍ୟ ପର୍ଯ୍ୟଟନ ବୃଦ୍ଧି ପାଇବ ଏଥିରେ ଦ୍ୱିମତ ନାହିଁ ।

ଏହାକୁ ଆଖି ଆଗରେ ରଖି ଏହି ଅଞ୍ଚଳରେ ଗୋଟିଏ ତ୍ରିତାରକା ହୋଟେଲ ସମେତ ଅଢ଼େଇ ଶହ ତମ୍ବୁନିର୍ମିତ ଭ୍ରାମ୍ୟମାଣ ବାସସ୍ଥଳୀ ନିର୍ମାଣ ହୋଇଛି । ସ୍ୱାଭାବିକ ଭାବରେ ଯଦି ଏହି ସ୍ଥାନକୁ ପରିଭ୍ରମଣ କରିବା ଲୋକଙ୍କ ସଂଖ୍ୟା ବଢ଼େ ଏହି ସବୁ ବ୍ୟବସ୍ଥା ଦ୍ୱାରା ସ୍ଥାନୀୟ ପର୍ଯ୍ୟଟନ ଶିଳ୍ପକୁ ଅନେକ ଲାଭ ହେବ ଏଥିରେ ସନ୍ଦେହ ନାହିଁ । କୁହାଯାଉଛି ଏହି ମୂର୍ତ୍ତୀକୁ ଦେଖିବାପାଇଁ ଦୈନିକ ଅନ୍ୟୁନ ପନ୍ଦର ହଜାର ପର୍ଯ୍ୟାଟକ ଆସିବେ । ହୁଏତ ଏହା ଅଧିକ କିମ୍ବା କମ ହୋଇପାରେ, କିନ୍ତୁ ସପ୍ତାହର ଶେଷ ଦିନମାନଙ୍କରେ ଏଠାରେ ମେଳା ଭଳି ଭିଡ଼ ହେବ ହିଁ ହେବ, ଏବଂ ଏହା ଦ୍ୱାରା ସ୍ଥାନୀୟ ଅଧିବାସୀମାନଙ୍କୁ ସ୍ଥାୟୀ ରୋଜଗାର କିଛି ନିଶ୍ଚୟ ମିଳିପାରିବ ।

ସରକାରୀ ଗଣନା ହିସାବରେ ଯଦି ସତରେ ଦୈନିକ ପନ୍ଦର ହଜାର ପର୍ଯ୍ୟଟକ ଆସନ୍ତି ତା ହେଲେ ମାସକୁ ପାଖାପାଖି ପାଞ୍ଚଲକ୍ଷ ଲୋକ ଆସିବେ, ଏବଂ ବର୍ଷକୁ ଷାଠିଏ ଲକ୍ଷ । ଯଦି ପ୍ରତ୍ୟେକ ପର୍ଯ୍ୟଟକ ଏଠାରେ ଅନ୍ୟୁନ ଶହେ ଟଙ୍କା ବି ଖର୍ଚ୍ଚ କରେ, ତା ହେଲେ ଏହି

 Magazine Downloaded from www.aahwaan.com

ଅଞ୍ଚଳରେ ବାର୍ଷିକ ଷାଠିଏ କୋଟି ଟଙ୍କା ଆୟ କରିହେବ । ମନେ ରଖନ୍ତୁ ପର୍ଯ୍ୟଟନ ବଢ଼ିଲେ, ଏଠାରେ ହୋଟେଲ ଶିଳ୍ପ ବଢ଼ିବ, ଉଠା ଦୋକାନୀ ମାନେ ବି ଲାଭାନ୍ୱିତ ହେବେ, ଟ୍ୟାକ୍ସି ଓ ଅଟୋ ଚାଳକ, ଫଟୋଗ୍ରାଫର, ଏବଂ ଅନେକ ଲୋକଙ୍କୁ ଜୀବିକା ମିଳିବ । ଏହା ନିଶ୍ଚୟ ଭାବରେ ଏକ ଲାଭଜନକ ଅର୍ଥନିଯୁକ୍ତି ବୋଲି କହିପାରିବା ।

ଯେହେତୁ ଏହା ବିଶ୍ୱର ଏକ ବିରଳ ନିଦର୍ଶନ ସମ୍ଭବତଃ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବି ହେବ, ଏବଂ ଏହା ହେବ ହିଁ । କାରଣ ଭାରତକୁ ଆସୁଥିବା ଅଧିକାଂଶ ପର୍ଯ୍ୟଟକ ରାଜସ୍ଥାନ ଏବଂ ଉତ୍ତର ଭାରତ ଭ୍ରମଣରେ ଆସନ୍ତି, ଯଦି ଏହା ସହ ସେମାନେ ଗୁଜୁରାତ୍ ପରିଦର୍ଶନରେ ଯାଆନ୍ତି ତା ହେଲେ ଦେଶର ବିଦେଶ ମୁଦ୍ରାଭଣ୍ଡାରରେ ବି ଉନ୍ନତି ହେବ । ଶୁଣାଯାଉଛି ଏହି ମୂର୍ତ୍ତୀ କାଳଜୟୀ ଏବଂ ଏକ ଆକଳନ ହିସାବରେ ଏହି ମୂର୍ତ୍ତୀ ଶତାଧିକ ବର୍ଷ ଏମିତି ହିଁ ରହିବ । ତା ହେଲେ ଏହାକୁ ନେଇ ଏକ ପୀଢ଼ି ଯେ ସମୃଦ୍ଧ ହେବେ ନାହିଁ କିଏ କହିବ !

ତେଣୁ ଏହିପରି ଏକ ମୂର୍ତ୍ତୀ ଯେ କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିବା ଅନୁଚିତ । ମୋ ମତରେ ଭାରତ ସରକାର ଏକ ଦୂରଦୃଷ୍ଟିସମ୍ପର୍ଣ୍ଣ ଚିନ୍ତାଧାରର ଏହା ଏକ ସୁଯୋଗ୍ୟ ଯୋଜନା । ପ୍ରକୃତରେ ଯେଉଁ ମହାନୁଭବ ବ୍ୟକ୍ତିତ୍ୱ ଭାରତର ସ୍ୱାଧୀନତାପରେ ଅନ୍ୟୁନ ପାଞ୍ଚଶହ ବିଭକ୍ତ ରାଜ୍ୟକୁ ଏକତ୍ରିତ କରିବାରେ ସକ୍ଷମ ଥିଲେ ତାଙ୍କୁ ଆମେ ଅନ୍ତତଃ ଏତିକି ଶ୍ରଦ୍ଧାଞ୍ଜଳୀ ତ ଦେଇ ପାରିବା, ଆଉ ଅନ୍ତତଃ ଏହା ତ ଚିନ୍ତା କରିପାରିବା ଯେ ସେ ମରିଗଲାପରେ ମଧ୍ୟ ତାଙ୍କ ମୂର୍ତ୍ତୀ ଦେଶର ଅନେକ ଗରୀବ ଓ ଖଟିଖିଆଙ୍କୁ ଜୀବିକା ଦେଇ ପାରିଲା ।

 Magazine Downloaded from www.aahwaan.com

# ପଞ୍ଚୁକ



ସନ୍ତୋଷ ପଟ୍ଟନାୟକ

କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ପରମ ପବିତ୍ର ଦିବସ । ଏହି ପଞ୍ଚୁକରେ ତେତିଶ କୋଟି ଦେବତା ମନୁଷ୍ୟମାନଙ୍କର ସନ୍ନିକଟ ହୋଇଯାନ୍ତି । ଏହି ସମୟରେ ଏକଲକ୍ଷ ତୁଳସୀପତ୍ର ଚଢାଇ ବିଷ୍ଣୁଙ୍କୁ ପୂଜାକଲେ, ସମସ୍ତ ଦେବତା ପ୍ରସନ୍ନହୋଇ ବର ପ୍ରଦାନ କରନ୍ତି । "ସର୍ବଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି ।" ଭଗବାନ୍ ବିଷ୍ଣୁ ଇପ୍ସିତ ବର ପ୍ରଦାନକରନ୍ତି । ଗୋଟିଏ ଗୋଟିଏ ତୁଳସୀ ଦଳ ଗୋଟିଏ ଗୋଟିଏ ମୋତି ହୋଇଯାଏ । ପାଞ୍ଚଦିନ ଗୋବିନ୍ଦ ନାମ ସ୍ମରଣକଲେ ଅକ୍ଷୟପୁଣ୍ୟ ପ୍ରାପ୍ତିହୁଏ । "ଗୋବିନ୍ଦ ଗୋବିନ୍ଦ ହରେ ମୁରାରେ ଗୋବିନ୍ଦ ଗୋବିନ୍ଦ ମୁକୁନ୍ଦକୃଷ୍ଣ / ଗୋବିନ୍ଦ ଗୋବିନ୍ଦ ରଥାଙ୍ଗ ପାଣେ ଗୋବିନ୍ଦ ଦାମୋଦର ମାଧବେତି ।" ଭାଗବତ ଏବଂ ଗୀତା ପାଠ କରିବା ବିଧେୟ । ଏହି ସମୟରେ ପ୍ରତ୍ୟହ ଗୀତାର ଗୋଟିଏ ଶ୍ଳୋକ ପାଠକରି ମଧ୍ୟ ମନୁଷ୍ୟ ଜୀବନ୍ମୁକ୍ତ ହୋଇଯିବ । ସ୍କନ୍ଦ ପୁରାଣ ମତେ;

"କାର୍ତ୍ତିକ ମାସି ବିପ୍ରେନ୍ଦ୍ର ଯସ୍ତୁଗୀତାଂ ପଠେନ୍ନରଃ
ତସ୍ୟ ପୁଣ୍ୟଫଳଂ ବକ୍ତୁଂ ମମଶକ୍ତି ର୍ନ ବିଦୀତେ
ଗୀତାୟାସ୍ତୁ ସମଂ ଶାସ୍ତ୍ରଂ ନ ଭୂତଂ ନ ଭବିଷ୍ୟତି
ସର୍ବ ପାପହରା ନିତ୍ୟଂ ଗୀତୈକା ମୋକ୍ଷଦାୟିନୀ
ଶ୍ରୀମଦ୍ ଭଗବତସ୍ୟାପି ଶ୍ରବଣଂ ଯଃ ସମାଚରେତ୍

 Magazine Downloaded from www.aahwaan.com

ସର୍ବପାପ ବିନିର୍ମୁକ୍ତଃ ପରଂ ନିର୍ବାଣ ମୃଚ୍ଛତି ।”

ଏହି ପାଞ୍ଚଦିନକୁ ଭୀଷ୍ମପଞ୍ଚକ କୁହାଯିବାର ପୌରାଣିକ ରହସ୍ୟ ହେଉଛି – ବାଣ ଶଯ୍ୟା ଉପରେ ଶାୟିତ ପିତାମହ ଭୀଷ୍ମ ରାଜଧର୍ମ, ମୋକ୍ଷଧର୍ମ, ଦାନଧର୍ମ ବର୍ଣ୍ଣନା କରିଥିଲେ, ଯାହାକୁ ପାଣ୍ଡବମାନଙ୍କ ସହିତ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଶୁଣିଥିଲେ । ଏଥିରେ ପ୍ରସନ୍ନ ହୋଇ ଶ୍ରୀବାସୁଦେବ କହିଲେ ଆପଣ ଧନ୍ୟ । ଧର୍ମର ଗୂଢ଼ ରହସ୍ୟ ବର୍ଣ୍ଣନା କରିଛନ୍ତି । କାର୍ତ୍ତିକ ଏକାଦଶୀ ଦିନ ତମେ ଜଳର ଯାଚନା କରିଛ । ଅର୍ଜୁନ ବାଣର ବେଗରେ ଗଙ୍ଗାଜଳ ପ୍ରସ୍ତୁତ କଲେ, ଯଦ୍ୱାରା ତମର ତନ, ମନ, ପ୍ରାଣ ସନ୍ତୁଷ୍ଟ କଲା । ଏଣୁ ଆଜିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଯେଉଁମାନେ ତୁମକୁ ଜଳ ଅର୍ଘ୍ୟଦାନ କରିବେ – ସେମାନେ ମୋତେ ତୃପ୍ତ କରିବେ । ଏହା ହେଉଛି ଭୀଷ୍ମପଞ୍ଚକ – ପ୍ରତିବର୍ଷ ପାଳିତ ହେବ । ବ୍ରତଧାରୀ ସବ୍ୟ ହୋଇ ମହାତ୍ମା ଭୀଷ୍ମଙ୍କ ପାଇଁ ତର୍ପଣ କରିବେ । ଏହି ଭୀଷ୍ମତର୍ପଣ ସମସ୍ତ ବର୍ଣ୍ଣର ଲୋକେ କରିପାରିବେ । ମନ୍ତ୍ର ହେଉଛି-

“ସତ୍ୟବ୍ରତାୟ ଶୁଚିୟେ ଗାଙ୍ଗେୟାୟ ମହାତ୍ମନେ

ଭୀଷ୍ମାୟୈତଦ୍ ଦଦାମ୍ୟର୍ଘ୍ୟ ମାଜନ୍ମ ବ୍ରହ୍ମଚାରିଣେ ।”

ଆଜନ୍ମ ବ୍ରାହ୍ମଚର୍ଯ୍ୟ ପାଳନକର୍ତ୍ତା ପରମ ପବିତ୍ର ସତ୍ୟବ୍ରତ ପରାୟଣ ଗଙ୍ଗାନନ୍ଦନ ଭୀଷ୍ମଙ୍କୁ ମୁଁ ଏହି ଅର୍ଘ୍ୟ ପ୍ରଦାନ କରୁଛି । ସନ୍ତାନପ୍ରାପ୍ତି ଉଦ୍ଦେଶ୍ୟରେ ଅନେକ ଏହି ଭୀଷ୍ମପଞ୍ଚକ ବ୍ରତ ପାଳନ କରନ୍ତି । ସନ୍ତାନହୀନ ବ୍ୟକ୍ତିଙ୍କ ପାଇଁ ଭୀଷ୍ମପଞ୍ଚକ ପାଳନୀୟ - ଏକଥା ପଞ୍ଚକରେ ଅର୍ଘ୍ୟଦାନ ମନ୍ତ୍ରରୁ ସୁସ୍ପଷ୍ଟ ହୋଇଥାଏ । ଅର୍ଘ୍ୟଦାନ ମନ୍ତ୍ର ହେଉଛି -

“ବୈୟାଘ୍ୟପଦ ରୋତ୍ରାୟ ସାଙ୍କୃତ ପ୍ରବରାୟ ଚ

ଅପୁତ୍ରାୟ ଦଦାମ୍ୟେତ ଦୁଦକଂ ଭୀଷ୍ମ ବର୍ମଣେ

 Magazine Downloaded from www.aahwaan.com

ବସୁନାମବତାରାୟ ଶନ୍ତନୋ ରାତ୍ମଜାୟ ଚ

ଅର୍ଘ୍ୟଂ ଦଦାମି ଭୀଷ୍ମାୟ ଆଜନ୍ମ ବ୍ରହ୍ମଚାରିଣେ ।"

ଯାହାଙ୍କର ବ୍ୟାଘ୍ରପଦ ଗୋତ୍ର ଏବଂ ସାଂକୃତ ପ୍ରବର, ସେହିପୁତ୍ର ରହିତ ଭୀଷ୍ମବର୍ମାଙ୍କୁ ମୁଁ ଏହିଜଳ ଦେଉଛି । ବସୁମାନଙ୍କ ଅବତାର, ଶାନ୍ତନୁଙ୍କ ପୁତ୍ର, ଆଜନ୍ମ ବ୍ରହ୍ମଚାରୀ ଭୀଷ୍ମଙ୍କୁ ମୁଁ ଅର୍ଘ୍ୟ ଦେଉଛି । ପଞ୍ଚଗବ୍ୟ, ସୁଗନ୍ଧଚନ୍ଦନ, କୁଙ୍କୁମଦ୍ୱାରା ଭକ୍ତିପୂର୍ବକ ଶ୍ରୀହରିଙ୍କ ପୂଜନ କରିବ । ଅଷ୍ଟାକ୍ଷର ମନ୍ତ୍ର "ଓଁ ନମୋ ବାସୁଦେବାୟ" ବା ଷଡାକ୍ଷର ମନ୍ତ୍ର "ଓଁ ରାମାୟନମଃ" ଶହେ ଆଠବାର ଜପ କରିବ । ବ୍ରତକାଳରେ ବ୍ରାହ୍ମଚର୍ଯ୍ୟ ପାଳନ କରିବ । କାର୍ତ୍ତିକ ପୌଷମାସୀରେ ବ୍ରାହ୍ମଣଙ୍କୁ ନ୍ୟୁନ ପକ୍ଷେ ପାଞ୍ଚଜଣ ବ୍ରାହ୍ମଣଙ୍କୁ ଭୋଜନ ଦେଇ ବ୍ରତ ଉଦ୍‌ଯାପନ କରିବ । ଏହି ପଞ୍ଚକରେ ପାଞ୍ଚଦିନ ଯାକ ତାତ୍ପର୍ଯ୍ୟପୂର୍ଣ୍ଣ । ପଞ୍ଚକର ପ୍ରଥମଦିନ ହେଉଛି ବଡ ଏକାଦଶୀ । ଆଷାଢ ଶୁକ୍ଳପକ୍ଷ, ଏକାଦଶୀ ତିଥିରେ ଭଗବାନ ବିଷ୍ଣୁ ଶଙ୍ଖାସୁରକୁ ବଧ କରିଥିଲେ । ଅତଃ ସେହିଦିନ ଠାରୁ ଚାରିମାସ କାଳ ଭଗବାନ କ୍ଷୀରସାଗରରେ ବିଶ୍ରାମ କରନ୍ତି । ଚତୁର୍ମାସ୍ୟା ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଜାଗ୍ରତ ହୁଅନ୍ତି । ଏହି କାରଣରୁ ବୈଷ୍ଣବମାନେ ;

"ଉତ୍ତିଷ୍ଠୋତ୍ତିଷ୍ଠ ଗୋବିନ୍ଦ ଉତ୍ତିଷ୍ଠ ଗରୁଡଧ୍ୱଜ

ଉତ୍ତିଷ୍ଠ କମଳାକାନ୍ତ ତ୍ରୈଲୋକ୍ୟ ମଙ୍ଗଳଂ କୁରୁ"

ମନ୍ତ୍ରୋଚାରଣ କରି ବିଷ୍ଣୁ ଭଗବାନଙ୍କୁ ଜାଗ୍ରତ କରାନ୍ତି । ହେ ଗୋବିନ୍ଦ ! ଉଠନ୍ତୁ, ଉଠନ୍ତୁ, ହେ ଗରୁଡଧ୍ୱଜ ! ଉଠନ୍ତୁ । ହେ କମଳାକାନ୍ତ ! ନିଦ୍ରା ତ୍ୟାଗକରି ତିନିଲୋକର ମଙ୍ଗଳ କରନ୍ତୁ । ପିତାମହ ବ୍ରହ୍ମା ଦେବର୍ଷି ନାରଦଙ୍କୁ କହୁଛନ୍ତି - "ଏହି ଏକାଦଶୀକୁ ପ୍ରବୋଧିନୀ ଏକାଦଶୀ କୁହାଯାଏ ।

 Magazine Downloaded from www.aahwaan.com

ଏହି ଏକାଦଶୀରେ ଉପବାସ ରହିବା ହଜାରେ ଅଶ୍ୱମେଧ ତଥା ଶହେ ରାଜସୂୟ ଯଜ୍ଞର ଫଳ ଦିଏ । ପଞ୍ଚକର ଦ୍ୱିତୀୟଦିନ ହେଉଛି ଦ୍ୱାଦଶୀ । ଏହି ଦିନ ଉତ୍ତମ, ବୁଦ୍ଧିମାନ ମନୁଷ୍ୟ ବୃଦ୍ଧ ପିତାମାତାଙ୍କୁ ବିଧିପୂର୍ବକ ଭୋଜନ କରାଇ ନିଜ ସ୍ତ୍ରୀ ସହିତ ଭଗବାନ ବିଷ୍ଣୁଙ୍କ ପ୍ରସାଦକୁ ସେବନ କରନ୍ତି । ଯେଉଁ ମନୁଷ୍ୟ ଏହି ପ୍ରକାର ବିଧିରେ ଦ୍ୱାଦଶୀ ବ୍ରତର ଭୋଜନ କରାଇ ନିଜ ସ୍ତ୍ରୀ ସହିତ ଭଗବାନ ବିଷ୍ଣୁଙ୍କ ପ୍ରସାଦକୁ ସେବନ କରନ୍ତି, ସେ ଉତ୍ତମ ସୁଖ ଉପଭୋଗ କରି ଶେଷରେ ମୋକ୍ଷପ୍ରାପ୍ତ ହୁଅନ୍ତି ।

ପଞ୍ଚକର ଶେଷ ତିନିଦିନ ତ୍ରୟୋଦଶୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା - ଅତ୍ୟନ୍ତ ପୂଣ୍ୟମୟ ତିଥି । ପୂର୍ଣ୍ଣିମା ଏବଂ ତାର ପୂର୍ବ ଚାରିଦିନକୁ ମିଶାଇ ପାଞ୍ଚ ଦିନକୁ ପଞ୍ଚୁକ କୁହାଯାଏ । ଯଥା ପଞ୍ଚକ, ମହାପଞ୍ଚକ, ବକ ପଞ୍ଚକ, ଭୀଷ୍ମ ପଞ୍ଚକ ଓ ରାସ ପୂର୍ଣ୍ଣିମା । ଏହି ପାଞ୍ଚଦିନ ପ୍ରତ୍ୟେକ ହିନ୍ଦୁ ଆମିଷ ପରିହାର କରି ଶୁଦ୍ଧ, ସାତ୍ତ୍ୱିକ ଭୋଜନ କରନ୍ତି ।

ସଂଗ୍ରାହକ : - ସନ୍ତୋଷ ପଟ୍ଟନାୟକ, ବେଗୁନିଆପଡା ବ୍ଲକ୍, ତିରିଡା/ ଗଞ୍ଜାମ

 Magazine Downloaded from www.aahwaan.com

# ନାରାୟଣଙ୍କ ନାମ ମହିମା



ପ୍ରତିଭା ପ୍ରିୟଦର୍ଶିନୀ

ଆରୁଣୀ ନାମକ ଜଣେ ମହାନ ତପସ୍ୱୀ ଦେବିକା ନଦୀ ତଟରେ ଆଶ୍ରମଟିଏ ପ୍ରତିଷ୍ଠା କରି ନିଘଞ୍ଚ ବନରେ ଉପବାସ ପୂର୍ବକ ତପସ୍ୟା କରିବାକୁ ଲାଗିଲେ । ଦିନେ ସେ ନଦୀରେ ସ୍ନାନ କରୁଥାନ୍ତି । ପାଣିରୁ ବୁଡି ଉଠିଲା ବେଳକୁ ଶିକାରୀଟିଏ ସାମ୍ନାରେ ତାଙ୍କରି ଆଡକୁ ଲକ୍ଷ୍ୟକରି ଧନୁରେ ତୀର ସଂଯୋଗକରି ନିଶାଣ ଲଗେଇ ବସିଥିବାର ଦେଖିଲେ । ସେ ଭୟଭୀତ ହେଲେ ଏବଂ ନଦୀରୁ ବାହାରକୁ ଆସିବା ବଦଳରେ ପାଣି ଭିତରେ ଠିଆହୋଇ ରହିଲେ । କ୍ଷଣିକ ପୂର୍ବରୁ ତାଙ୍କ ଆଡକୁ ପ୍ରତ୍ୟଞ୍ଚା ଭିଡିଥିବା ବ୍ୟକ୍ତିଜଣଙ୍କ ପରକ୍ଷଣରେ ହାତରୁ ଧନୁଖସାଇ ତଳେ ଆଣ୍ଠୁମାଡି ବସିଗଲା ଏବଂ ଆରୁଣୀଙ୍କୁ କିଛି ନିବେଦନ କରିବାକୁ ଲାଗିଲା । ଶିକାରୀ ଜଣଙ୍କ କହିଲା, "ହେ ବ୍ରାହ୍ମଣ ! ମୁଁ ମୋ ସାମ୍ନାକୁ ଆସୁଥିବା ପ୍ରତ୍ୟେକ ପ୍ରାଣୀ, ସେ ପଶୁ ହେଉ ବା ମଣିଷ, ତାଙ୍କୁ ମାରିଦିଏ । ଆପଣଙ୍କୁ ମଧ୍ୟ ମାରିଦେବା ବିଚାର ନେଇ ଆସିଥିଲି । ମାତ୍ର ଆପଣଙ୍କୁ ଦେଖିବା ପରେ ମୋ ମନରୁ ସେହି ହତ୍ୟା ପ୍ରବଣତା ଉଭେଇ ଗଲା । ମୋତେ ମୋ ପାପର ବୋଧ ହେଉଛି । ମୋର ଏଯାବତ ଜୀବନ ପାପାଚାରରେ ବିତିଛି । ମୁଁ ହଜାରେ ହତ୍ୟା କରିଛି, କିନ୍ତୁ ଆଜିଯାଏ କେବେ ଏମିତି ହୋଇନଥିଲା ଯେବେ ସାମ୍ନାରେ ଶିକାରକୁ ଦେଖି ମୋର ଏପରି ଅବସ୍ଥା ହୋଇଥିବ ।"

ଆରୁଣିଙ୍କ ମୁହଁରୁ କୌଣସି ଶବ୍ଦ ସ୍ଫୁରୁ ନଥିଲା । ସେ ଆଶ୍ଚର୍ଯ୍ୟ ଭାବରେ ଶିକାରୀକୁ ଦେଖୁଥିଲେ । ତାଙ୍କ ନିରବତା ଦେଖି ଶିକାରୀ ପୁଣି କହିଲା, "ଏତେ ବ୍ରାହ୍ମଣ ଓ ଅନ୍ୟ

 Magazine Downloaded from www.aahwaan.com

ପ୍ରାଣୀଙ୍କ ହତ୍ୟାକାରୀ ମୁଁ, ଜାଣେନି କେଉଁ ନର୍କରେ ପଡିବି । ଆପଣ ତପସ୍ୱୀ ଜଣା ପଡୁଛନ୍ତି, ମୋ ପାପ କେମିତି କଟିବ, କୃପାକରି କିଛି ଉପାୟ ଓ ଉପଦେଶ ଦେଇ ମୋତେ କୃତାର୍ଥ କରନ୍ତୁ । ମୁଁ ମଧ୍ୟ ଆପଣଙ୍କ ସହିତ ତପସ୍ୟା କରିବାକୁ ଚାହେଁ । ମୋତେ ଶରଣ ଦିଅନ୍ତୁ ଏବଂ ଆପଣଙ୍କ ସାଙ୍ଗରେ ରଖନ୍ତୁ ।" ସେଇଦିନୁ ଶିକାରୀ ଆରୁଣୀଙ୍କ ସାଙ୍ଗରେ ରହିଲା । ଆଶ୍ରମ ବାହାରେ ଗଛ ମୂଳରେ ସେ ରହେ ଏବଂ ଆରୁଣୀଙ୍କ ଭଳି ନଦୀରେ ସ୍ନାନକରି ଜପତପ କରେ । ଦୁହିଁଙ୍କର ଧାର୍ମିକ କାର୍ଯ୍ୟକ୍ରମ ଏହିଭଳି ଚାଲିଥାଏ । କିଛିଦିନ ବିତିଗଲା । ଦିନକର କଥା, ଆରୁଣି ସ୍ନାନ କରିବାକୁ ନଦୀକୁ ଯାଇଥାନ୍ତି, ସେତିକିବେଳେ କେଉଁଠୁ ଏକ ଭୋକିଲା ବାଘ ଆସି ପହଞ୍ଚିଗଲା । ଶାନ୍ତ ପୁରୁଷ ସେହି ତପସ୍ୱୀଙ୍କୁ ଦେଖି ତାଙ୍କ ଉପରକୁ ଝାମ୍ପଦେଲା । ସେପଟେ ଶିକାରୀ ମଧ୍ୟ ବାଘକୁ ଦେଖିନେଇଥିଲା । ସେ ସଙ୍ଗେ ସଙ୍ଗେ ତୀରଭେଦୀ ବାଘକୁ ମାରି ପକାଇଲା ।

ମୃତ୍ୟୁପରେ ସେହି ବାଘ ଦେହରୁ ଜଣେ ବଳିଷ୍ଠ ପୁରୁଷ ପ୍ରକଟ ହେଲେ ଏବଂ ହାତଯୋଡି ଠିଆହେଲେ । ପ୍ରକୃତରେ ଯେତେବେଳେ ବାଘଟି ଆରୁଣିଙ୍କ ଉପରକୁ ଝାମ୍ପଦେଲା, ସେତେବେଳେ ତାଙ୍କ ଦୃଷ୍ଟି ବାଘ ଉପରେ ପଡିଥିଲା ଏବଂ ଭୟରେ ମୁନୀଙ୍କ ମୁଖରୁ "ଓଁ ନମୋ ନାରାୟଣାୟ" ମନ୍ତ୍ର ଅନାୟାସ ବାହାରି ଆସିଲା । ବାଘର ପ୍ରାଣ ସେତେବେଳ ଯାଏଁ ତା କଣ୍ଠରେ ଅଟକିଥିଲା ଓ ସେ ମୃତ୍ୟୁ ପୂର୍ବରୁ ଏହି ମନ୍ତ୍ର ଶୁଣିପାରିଥିଲା । ପ୍ରାଣ ଯିବାବେଳେ କେବଳ ଏହି ମନ୍ତ୍ର ଶ୍ରବଣ ମାତ୍ରରେ ମୃତ୍ୟୁପରେ ସେ ଏକ ସୁଦର୍ଶନ ପୁରୁଷରେ ପରିଣତ ହୋଇଗଲା । ଯୋଡହସ୍ତରେ ଠିଆ ହୋଇଥିବା ସେହି ପୁରୁଷ ଜଣଙ୍କ ଆରୁଣୀଙ୍କୁ କହିଲା, "ହେ ବ୍ରାହ୍ମଣ, ଆପଣଙ୍କ କୃପାରୁ ମୋର ସମସ୍ତ ପାପ ଧୋଇଗଲା । ଏବେ ମୁଁ ଅଭିଶାପରୁ ମୁକ୍ତ ହୋଇଗଲି । ଏବେ ମୁଁ ଭଗବାନ ନାରାୟଣଙ୍କ ପାଖକୁ ବିଷ୍ଣୁଲୋକ

 Magazine Downloaded from www.aahwaan.com

ବା ବୈକୁଣ୍ଠକୁ ଯାଉଛି ।”

ଆରୁଣି ତାଙ୍କୁ ଅଟକାଇବାକୁ ଯାଇ କହିଲେ, “ହେ ନରଶ୍ରେଷ୍ଠ, ଦଣ୍ଡେ ରହିଯାଆନ୍ତୁ । ଆପଣ କିଏ? ଆପଣ ବାଘରୁ ମଣିଷ କିପରି ହେଲେ? ମୋର ଏହି ଜିଜ୍ଞାସା ମେଣ୍ଟାଇ ଆପଣ ଯୁଆଡେ ଯିବାକୁ ଚାହାଁନ୍ତି ଚାଲିଯିବେ ।” ସେହି ଲୋକଟି କହିଲା, “ମହାଭାଗ, ପୂର୍ବଜନ୍ମରେ ମୁଁ ଦୀର୍ଘବାହୁ ନାମକ ଜଣେ ପ୍ରସିଦ୍ଧ ରାଜା ଥିଲି । ବେଦ, ବେଦାଙ୍ଗ ଓ ଅନେକ ଶାସ୍ତ୍ର ଏବଂ ଗ୍ରନ୍ଥ ମୁଁ କଣ୍ଠସ୍ଥ କରିନେଇଥିଲି । ସେହି ଗର୍ବରେ ମୁଁ ବିଦ୍ୱାନମାନଙ୍କର ଖୁବ୍ ଅପମାନ କରୁଥିଲି । ମୋର ଏଭଳି ବ୍ୟବହାରରେ ସମସ୍ତେ ଦୁଃଖିତ ଓ ବ୍ୟଥିତ ହେଲେ । ଥରେ ସମସ୍ତ ବିଦ୍ୱାନ ମିଶି ଏକତ୍ରିତ ଭାବେ ମୋତେ ଅଭିଶାପ ଦେଲେ ଯେ, ତୁ ଏତେ ନିର୍ଦ୍ଦୟ ଭାବରେ ଆମର ଅପମାନ କରୁଛୁ, ଯା ତୁ ଏବେ ଗୋଟାଏ ନିର୍ଦ୍ଦୟୀ ବାଘ ହେବୁ । ରେ ମୂର୍ଖ, ତୁ ବହୁତ କିଛି ପଢ଼ି ପକାଇଛୁ ବୋଲି ଗର୍ବ କରୁଛୁ, ତୁ ସେସବୁ ଭୁଲିଯିବୁ । ଏବେ ଶ୍ରୀମନ୍ ନାରାୟଣଙ୍କ ନାମ କେବଳ ମୃତ୍ୟୁବେଳେ ହିଁ ତୋ କାନରେ ପଡିବ । ଅଭିଶାପ ପାଇ ମୁଁ ତାଙ୍କ ପାଦରେ ଲୋଟିଗଲି । ମୋର ଅନେକ ଅନୁନୟ କରିବାରେ ସେମାନଙ୍କ ମନ ତରଳିଲା ଓ ମୋ ଉଦ୍ଧାର ପାଇଁ ବାଟ ବତାଇଲେ । ସେମାନେ କହିଲେ, ପ୍ରତି ଷଷ୍ଠଦିବସରେ ଦ୍ୱିପ୍ରହର ବେଳେ ଯେ କେହିବି ମୋତେ ମିଳିବ ସେ ହିଁ ମୋର ଆହାର ହେବ । ଶିକାର କରିବା ବେଳେ ମୁଁ ଯେବେ କୌଣସି ଋଷିଙ୍କ ଉପରେ ଆକ୍ରମଣ କରିବି ଏବଂ ତାଙ୍କ ଉଚ୍ଚାରିତ ନାରାୟଣଙ୍କ ମହାମନ୍ତ୍ର ମୋ କାନରେ ପଡିବ, ସେତେବେଳେ ଯାଇ ମୋତେ ମୁକ୍ତି ମିଳିବ । ଆଜି ସେହି ବିଦ୍ୱାନ ମାନଙ୍କ କଥା ସତ୍ୟ ହେଲା କହି ବାଘରୁ ମଣିଷ ପାଲଟିଥିବା ସେହି ଦିବ୍ୟ ପୁରୁଷ ଜଣଙ୍କ ସ୍ୱର୍ଗାରୋହଣ କଲା ।

ଇତିମଧ୍ୟରେ ବାଘ ପଞ୍ଝାରୁ ମୁକ୍ତହୋଇ ଆରୁଣି ସାମାନ୍ୟ ହୋଇଥାନ୍ତି, କାରଣ

 Magazine Downloaded from www.aahwaan.com

ଶିକାରୀ ଜଣଙ୍କ ସଙ୍କଟ ସମୟରେ ତାଙ୍କୁ ରକ୍ଷା କରିଥିଲା । ଶିକାରୀ ଉଦ୍ଦେଶ୍ୟରେ ଆରୁଣୀ କହିଲେ, "ବତ୍ସ, ମୁଁ ତୁମ ଉପରେ ଖୁବ୍ ପ୍ରସନ୍ନ । ବର ମାଗ । ଶିକାରୀ କହିଲା - ଆପଣ ମୋ ପାଇଁ ସାକ୍ଷାତ ଚଳନ୍ତି ଦେବତା ଭଳି । ମୋ ପାଇଁ ଏତିକି ହିଁ ଖୁବ୍ ବଡ କଥା ଯେ, ଆପଣ ମୋ ସହିତ ସ୍ନେହପୂର୍ବକ କଥା ହେଉଛନ୍ତି । ଯ୍ୱା ଠାରୁ ଅଧିକ ମୋତେ କିଛି ଲୋଡାନାହିଁ ।" ଏଭଳି ସମର୍ପିତ ଶ୍ରଦ୍ଧାରେ ପ୍ରସନ୍ନ ହୋଇ ଆରୁଣି କହିଲେ - "ପୂର୍ବେ ତୁମେ ପାପି ଥିଲ । ଏବେ ତୁମ ମନ ପବିତ୍ର ପାଲଟିଛି । ଦେବିକା ନଦୀରେ ସ୍ନାନ ତଥା ଭଗବାନ ବିଷ୍ଣୁଙ୍କ ନାମ ସ୍ମରଣ ଓ ଶ୍ରବଣ କରି ତୁମର ସମସ୍ତ ପାପ ନଷ୍ଟ ହୋଇଯାଇଛି । ତୁମେ ଏଇଠି ରହି ତପସ୍ୟା କର ।" ଶିକାରୀ କହିଲା - "ମୋର ମଧ୍ୟ ଏହାହିଁ ଇଚ୍ଛାଥିଲା । ଯେଉଁ ଭଗବାନ ନାରାୟଣଙ୍କ ଚର୍ଚ୍ଚା ଆପଣ କଲେ, ତାଙ୍କୁ ମୋ ଭଳି ସାଧାରଣ ମାନବ କିପରି ପାଇ ପାରିବ ସେତିକି ବତାଇବା ଅନୁଗ୍ରହ କରନ୍ତୁ । ତାହାହିଁ ମୋ ପାଇଁ ବରଦାନ ହେବ ।" ଆରୁଣି କହିଲେ - "କଦାଚିତ ମିଛ କହିବ ନାହିଁ ଏବଂ ଆପଣା ମନ ନିରନ୍ତର ନାରାୟଣଙ୍କ ଠାରେ ଲଗାଇଥିବ । ଏହିଭଳି ତପସ୍ୱୀ ଭାବରେ 'ଓଁ ନମୋ ନାରାୟଣାୟ' ମନ୍ତ୍ର ନିରନ୍ତର ଜପକଲେ ତାଙ୍କ କରୁଣା ପ୍ରାପ୍ତହେବ ।" ଏହାକହି ବରଦାତା ଆରୁଣି ସେଠାରୁ ଚାଲିଗଲେ । ଓଁ ନମୋ ନାରାୟଣାୟ ।

ପ୍ରତିଭା ପ୍ରିୟଦର୍ଶିନୀ

ଲିଙ୍କରୋଡ, କଟକ

 Magazine Downloaded from www.aahwaan.com

# ଆମ ସହ ମହାପ୍ରଭୁ



ଶ୍ରୀ ଅଖଣ୍ଡ

ମୋ ଜଗନ୍ନାଥ ଭଗବାନ କେମିତି ଦେଖାଯା'ନ୍ତି ? ଶଙ୍ଖ, ଚକ୍ର ଶୋଭିତ ପ୍ରଭୁଙ୍କ ରୂପ ଅନୁପମ । ମହାପ୍ରଭୁଙ୍କ ପାଦପଦ୍ମ ପରମ ପବିତ୍ର । ଆମେ କଣ ପ୍ରଭୁଙ୍କୁ ସାନ୍ନିଧ୍ୟ ପାଇବାକୁ ଇଚ୍ଛୁକ କି ? ଆମେ କଣ ପ୍ରଭୁଙ୍କ ସାଥୀହେବାକୁ ଚାହୁଁଛୁ କି ? ତେବେ ଏଥିପାଇଁ ଗୋଟିଏ ବାଟ ଅଛି । ପ୍ରଭୁ କିଛି ଚାହାନ୍ତି ନାହିଁ । କାରଣ ତାଙ୍କ ପାଖରେ ସବୁ କିଛି ଅଛି । ସେ ଜଗତ କଲ୍ୟାଣ ପାଇଁ ଉଭା ହୋଇଛନ୍ତି । ଆମେ କେବଳ ଭକ୍ତି ରୂପକ ଫୁଲହାର ସମର୍ପଣ କରି ତାଙ୍କୁ ମୋହିତ କରିପାରିବା । ପ୍ରଭୁ ଜଗନ୍ନାଥଙ୍କ ନାମ ଉଚ୍ଚାରଣ ଓ ତାଙ୍କ ପ୍ରତି ପ୍ରେମଭାବ ହିଁ ଆମକୁ ଈଶ୍ୱରଙ୍କ ନିକଟବର୍ତୀ କରାଇ ପାରିବ । ଆଉ ପ୍ରଭୁଙ୍କ ସହ ଆମେ ଜଗତ କଲ୍ୟାଣରେ ସାମିଲ ହୋଇପାରିବା ।

ପ୍ରଭୁଙ୍କ କରକମଳରେ ଶଂଖ ଓ ଚକ୍ର । ତା' ସାଙ୍ଗକୁ ମହାଲକ୍ଷ୍ମୀଙ୍କ ସମ୍ପଦର ଶୋଭା ସାରା ଜଗତକୁ ପ୍ରକାଶିତ କରିଛି । ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଏହି ସାରା ବ୍ରହ୍ମାଣ୍ଡ ରୂପକ ଧାମର ସର୍ବଶ୍ରେଷ୍ଠ ଧନ । ତାଙ୍କ ଉପସ୍ଥିତି ହିଁ ଏହି ବ୍ରହ୍ମାଣ୍ଡକୁ ଏକ ପୁଣ୍ୟଧାମ କରିଛି । ଭକ୍ତମାନେ ତାଙ୍କର ଜୟ ଗାନ କରୁଛନ୍ତି । ସାରା ବ୍ରହ୍ମାଣ୍ଡରେ ଜଗନ୍ନାଥଙ୍କ ନାମ ନାଦ ଶୁଣିବାକୁ ମିଳୁଛି । ଆମ ଶରୀର ରୂପକ ଶ୍ରୀମନ୍ଦିରରେ ମଧ୍ୟ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଓ ଅନୁଭବ କରିବା ଉଚିତ । ପ୍ରଭୁଙ୍କୁ ଭକ୍ତି ସହକାରେ ଡାକିଲେ ସେ ନିଶ୍ଚୟ ଆସିବେ ଓ ଆପଣଙ୍କର ସାଥୀ ହୋଇଯିବେ ।

ଆପଣ ମହାପ୍ରଭୁଙ୍କୁ ଡାକନ୍ତୁ । ସେ ଡାକ ଶୁଣନ୍ତି ଓ ଶୁଣିବେ । ସେ ପରା ଭକ୍ତ ବତ୍ସଳ ।

 Magazine Downloaded from www.aahwaan.com

ଭକ୍ତଙ୍କୁ ଆନନ୍ଦ ଦେବା ହେଉଛି ପ୍ରଭୁଙ୍କ ମୁଖ୍ୟ କାମ । ଆମ ସମସ୍ତଙ୍କର ସେ ହେଉଛନ୍ତି ଭାଗ୍ୟଦାତା । ଜୀବନ ବନ୍ଧନରୁ ମୁକ୍ତି ଦେଉଥିବା ପ୍ରଭୁ ହେଉଛନ୍ତି ଜଗନ୍ନାଥ । ମାୟା ସଂସାରରୁ ମଧ୍ୟ ମୁକ୍ତିର ମାର୍ଗ ସେ ହିଁ ଦେଖାନ୍ତି । ଆମେ କଣ ବୈକୁଣ୍ଠରେ ପ୍ରଭୁଙ୍କ ସହ ରହିବା ପାଇଁ ଚାହୁଁଛେ କି ? ଏଥିପାଇଁ ପ୍ରଭୁଙ୍କ ପାଖରେ ପ୍ରାର୍ଥନା କରନ୍ତୁ । ନିଶ୍ଚିତ ବୈକୁଣ୍ଠ ପ୍ରାପ୍ତି ହେବ । ଆମେ କେତେ କାହାକୁ ଶକ୍ତିଶାଳୀ ବୋଲି ଆଖ୍ୟା ଦେଉଛେ । ହେଲେ ପ୍ରଭୁଙ୍କଠାରୁ ବଳି କିଏ ଅଛନ୍ତି ନା ବଳବନ୍ତ କିଏ ଅଛନ୍ତି ! ସବୁ ଶକ୍ତିଶାଳୀଙ୍କ ସୀମା ଥାଏ । କିନ୍ତୁ ପ୍ରଭୁ ତ ଅଶେଷ ଓ ଅନନ୍ତ । ପୁଣି ସବୁ ଜୀବ ଓ ସାମଗ୍ରୀ କିଛି ସମୟ ପାଇଁ ସେମାନଙ୍କର ବୈଶିଷ୍ଟ୍ୟ ଓ ଶକ୍ତି ପ୍ରଦର୍ଶନ କରିଥାନ୍ତି । କିନ୍ତୁ ପ୍ରଭୁ, ଅତୀତ, ଭବିଷ୍ୟତ ଓ ବର୍ତ୍ତମାନ, ସବୁବେଳେ ଆମ ସହ ବିଦ୍ୟମାନ ଅଛନ୍ତି । ସେ ନିଜେ ହିଁ ସବୁକିଛି ।

ଏହି ଜଗତରେ ମହାବାହୁ ଜଗନ୍ନାଥଙ୍କ କୃପା ଯୋଗୁଁ ତାଙ୍କ ପବିତ୍ର ନାମର ନିର୍ଝରଣୀ ପ୍ରବାହିତ ହେଉଛି । ନାମ ରୂପକ ଅମୃତର ସ୍ରୋତ ବୋହି ଚାଲିଛି । ଏହା ଦ୍ୱାରା ସାରା ଜଗତର ପ୍ରଭୁଙ୍କ ଅନୁଗାମୀମାନେ ପବିତ୍ର ହେଉଛନ୍ତି । ତାଙ୍କ ଶରୀରରେ ଅଶେଷ ଓ ଅପୂର୍ବ ଆନନ୍ଦ ଖେଳିଯାଉଛି । ସେମାନେ ଧୀରେ ଧୀରେ ମହାପ୍ରଭୁଙ୍କ ସତ୍ତାକୁ ଅନୁଭବ କରିପାରୁଛନ୍ତି ଓ ଦର୍ଶନ କରିପାରୁଛନ୍ତି । ସାରା ଜଗତରେ ଶ୍ରୀଜଗନ୍ନାଥଙ୍କ ଗୀତ ସତେ ଯେମିତି ଅବିରତ ଗାୟନ ହେଉଛି । ଭକ୍ତ ପୁଣି ପ୍ରାର୍ଥନା କରୁଛି, ଜଗନ୍ନାଥଙ୍କ ନାମ ଉଚ୍ଚାରଣ କରୁଛି । ପ୍ରେମର ଅଧିର ହୋଇପଡୁଛି । ଏହା ମାଧ୍ୟମରେ ସେ ଏହି ସଂସାର ଭାରକୁ ଅତି ସହଜରେ ଅତିକ୍ରମ କରିପାରୁଛି । କାରଣ ସେ ପ୍ରଭୁଙ୍କ ସହିତ ଅଛି ଏବଂ ପ୍ରଭୁ ତା ସହିତ ଅଛନ୍ତି ।

ଠିକଣା : ଦୀକ୍ଷା ମିଶନ, ପିପିଲି, ପୁରୀ,

ଭ୍ରାମ୍ୟଭାଷ : ୭୦୦୮୮୧୬୮୯୧

 Magazine Downloaded from www.aahwaan.com

# ଗୃହରେ ବିଦ୍ୟୁତସୁରକ୍ଷା



ଶ୍ରୀ ରମା କାନ୍ତ ମିଶ୍ର

ଶିଶୁ ଏବଂ ପିଲାମାନେ ସରଳ ବିଶ୍ୱାସୀ । ସେମାନେ ବିଭିନ୍ନ ବସ୍ତୁ ଏବଂ ବିଭିନ୍ନ ପରିସ୍ଥିତିରେ ଲୁକ୍କାୟିତ ବିପଦକୁ ଜାଣି ପାରିନଥାନ୍ତି । ତେଣୁକରି ସେମାନଙ୍କୁ ଉପଯୁକ୍ତ ନିରୀକ୍ଷଣ ମାଧ୍ୟମରେ ରଖିବା ଏବଂ ସହଜ ସୁନ୍ଦର ଢଙ୍ଗରେ ପ୍ରତ୍ୟେକ ଲୁକ୍କାୟିତ ବିପଦ ପ୍ରତି ସଚେତନ କରିବାକୁ ହେବ । ବର୍ଦ୍ଧିଷ୍ଣୁ ବୟସରେ ସେମାନେ ଯଦି ଅଜାଣତରେ କୌଣସି ବିପଦର ସମ୍ମୁଖୀନ ହୋଇଯାନ୍ତି, ତେବେ ତାହା ସାରା ଜୀବନ ପାଇଁ ସେମାନଙ୍କ ମନରେ ଗୋଟିଏ ଅଜଣା ଭୟ ସୃଷ୍ଟି କରିଥାଏ ଫଳରେ ସେମାନେ ଭବିଷ୍ୟତ ଜୀବନରେ ଅପୂର୍ଣ୍ଣ ହୋଇ ରହିଯାନ୍ତି । ତେଣୁ ପିଲାମାନଙ୍କୁ ଉପଯୁକ୍ତ ସୁରକ୍ଷା ଶିକ୍ଷା ଦେବାର ଆବଶ୍ୟକତା ରହିଅଛି । ଏଥିରକ ବିଦ୍ୟୁତ ସୁରକ୍ଷାରୁ କିଛି :

୧. ବିଦ୍ୟୁତ ଶକ୍ତିର ଅପବ୍ୟବହାର ବା ଦୁର୍ବ୍ୟବହାର କରନ୍ତୁ ନାହିଁ । ବିଦ୍ୟୁତ ସରଞ୍ଜାମ ଗୁଡିକୁ ଉତ୍ତମ ରୂପେ ବ୍ୟବହାର କରନ୍ତୁ, ନ ହେଲେ ବିଦ୍ୟୁତ ସକ୍ ଲାଗିପାରେ ।

୨. ପାଣି + ବିଦ୍ୟୁତ ଶକ୍ତି = ଭୟଙ୍କର ପରିସ୍ଥିତି ।

ବିଦ୍ୟୁତ ଶକ୍ତି ସବୁବେଳେ ଗ୍ରାଉଣ୍ଡକୁ ଯିବା ପାଇଁ ସହଜ ପଥର ଅନୁସନ୍ଧାନ କରିଥାଏ । ଯେପରି ଓଦା କାଠ, କପଡା ଏବଂ ଧାତୁ ଯେଉଁଗୁଡିକ ଉପଯୁକ୍ତ ବୈଦ୍ୟୁତିକ ପରିବାହୀ ଆଉ ଆମ ଶରୀର, କାରଣ ଆମ ଶରୀରରେ ୭୦% ଜଳଭାଗ ରହିଅଛି । ତେଣୁକରି ଓଦା ହାତ, ଓଦା ଦେହରେ, ଓଦା କାଠ ଉପରେ ଛିଡ଼ାହୋଇ କୌଣସି ବିଦ୍ୟୁତ ଉପକରଣକୁ ସ୍ପର୍ଶ କରନ୍ତୁ ନାହିଁ ।

୩. ଫିଉଜ୍ ଗୁଡିକରେ କୌଣସି ପ୍ରକାରର ପରିବର୍ତ୍ତନ କରନ୍ତୁ ନାହିଁ । ନିଜର ସୁରକ୍ଷା ପାଇଁ ଆର୍ଥ ଲିକେଜ ସର୍କିଟ ବ୍ରେକର (ELCB )କୁ ଲଗାନ୍ତୁ । ଏହା ମୁଖ୍ୟ ସର୍କିଟ ବ୍ରେକର (MCB ) ଥିଲେ ମଧ୍ୟ ଲଗାନ୍ତୁ ।

୪. ଏକଷ୍ଟେନ୍ସନ ତାରର ବ୍ୟବହାରକୁ ଯଥାସାଧ୍ୟ କମ କରନ୍ତୁ । ଯଦି ନିହାତି ଦରକାର

 Magazine Downloaded from www.aahwaan.com

ପଡେ ତେବେ ଯଥାସାଧ୍ୟ ସାବଧାନତା ଅବଲମ୍ବନ କରନ୍ତୁ । ତଳେ ବିଛାଯାଇଥିବା ଗାଲିଚା ତଳ ଦେଇ ବିଦ୍ୟୁତ ତାରକୁ ନିଅନ୍ତୁନାହିଁ ।

୫. ମୁଁ କରିଦେବି ଭଳି ବାହାଦୁରି ଦେଖାଇବାଠାରୁ ଦୂରରେ ରୁହନ୍ତୁ ।

୬. ବିଦ୍ୟୁତ ସକ୍ ପ୍ରତି ସାବଧାନ ରୁହନ୍ତୁ:

* ଗୋଟିଏ ସକେଟ୍‌ରେ ଗୋଟିଏ ପ୍ଲଗ୍ ବ୍ୟବହାର କରନ୍ତୁ ।

* ପ୍ରତ୍ୟେକ ଉପକରଣରେ ୩-ପିନ ପ୍ଲଗ୍ ବ୍ୟବହାର କରନ୍ତୁ ।

* ସକେଟ୍‌ରେ ପ୍ଲଗ୍ ପିନ ଠିକ ଭାବରେ ଲାଗିଥିବା ଉଚିତ ।

* ବିଦ୍ୟୁତ ଉପକରଣ ନିକଟରେ ଜଳିଲା ଭଳି କୌଣସି ଜିନିଷ ରଖନ୍ତୁ ନାହିଁ ।

* ଦୀର୍ଘ ଛୁଟିରେ ଥିବା ସମୟରେ ଘରର ମେନ୍ ସୁଇଚ୍ ବନ୍ଦ କରିଦେବା ଉଚିତ ।

୭. ଯେ କୌଣସି ଜରୁରୀ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୋଇ ରୁହନ୍ତୁ ।

୮. ପିଲାମାନେ ଜିଜ୍ଞାସାର ବଶବର୍ତ୍ତୀ ହୋଇ ତଳେ ଥିବା ସୁଇଚ ବୋର୍ଡ ମାନଙ୍କରେ ଓ ବିଦ୍ୟୁତ ଉପକରଣ ମାନଙ୍କରେ ହାତ ଦେଇଥାନ୍ତି । ତେଣୁକରି ସ୍ୱିଚ୍‌ବୋର୍ଡ ଗୁଡିକୁ ଉପରେ ସ୍ଥାନିତ କରନ୍ତୁ ଏବଂ ବୈଦ୍ୟୁତିକ ଉପକରଣ ଗୁଡିକୁ ଉପରେ ରଖନ୍ତୁ ।

୯. ବିଜୁଳି ମାରିବା ସମୟରେ ପିଲାମାନଙ୍କୁ ଘରୁ ବାହାରିବାକୁ ବା ଗୁଡ଼ି ଉଡ଼ାଇବାକୁ ଅନୁମତି ଦିଅନ୍ତୁ ନାହିଁ ।

ଭି.ଆଇ.ଏମ. – ୨୬୮,

ଶୈଳଶ୍ରୀ ବିହାର, ଭୁବନେଶ୍ୱର – ୭୫୧୦୨୧,

ଭ୍ରାମ୍ୟଭାଷ : ୯୯୩୭୨୬୮୦୧୨

e-mail: rkm47@rediffmail.com

 Magazine Downloaded from www.aahwaan.com

# ପ୍ରାପ୍ତିସ୍ୱୀକାର



## ଆଶୁତୋଷ ମେହେରଙ୍କ କବିତା ସଂକଳନ : 'ପ୍ରେମ... ପଳାଶ ଫୁଲର'




କବିଙ୍କ ୪୫ ଗୋଟିଏ କ୍ଷୁଦ୍ର କବିତାକୁ ନେଇ ସମୃଦ୍ଧ ଏହି ପୁସ୍ତିକା ଆମର ହସ୍ତଗତ ହୋଇଛି । ଉଲ୍ଲେଖନୀୟ ଯେ କବି ଶ୍ରୀ ମେହେର ବିଗତ ଅନେକ ବର୍ଷ ଧରି ଆହ୍ୱାନ ସହ ସଂଶ୍ଲିଷ୍ଟ ଅଛନ୍ତି ଏବଂ ପ୍ରତ୍ୟେକ ସଂସ୍କରଣରେ ନିଜ ଦ୍ୱାରା ରଚିତ ଓଡ଼ିଆ ଏବଂ ସମ୍ବଲପୁରୀ ଭାଷାରେ ଲିଖିତ ଗଳ୍ପ ତଥା କବିତା ଉପସ୍ଥାପନ କରି ଆସୁଛନ୍ତି ।

କବିଙ୍କ ସଦ୍ୟ ପ୍ରକାଶିତ କବିତା ସଂକଳନ 'ପ୍ରେମ... ପଳାଶ ଫୁଲର' ଏକ ସମୃଦ୍ଧ ସାହିତ୍ୟିକ କୃତୀ । ଏହା ନିଶ୍ଚୟ ଭାବରେ ପାଠକୀୟ ଆଦୃତି ଲାଭ କରିବ ଏଥିରେ ଦ୍ୱିମତ ନାହିଁ । ଖୁଣ୍ଟପାଲି, ବରଗଡ଼ ଜିଲ୍ଲାରେ ୧୯୫୭ ମସିହାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମେହେର ନିଜର ପିତାଙ୍କ ସାହିତ୍ୟିକ ସଂପତ୍ତିର ସୁଯୋଗ୍ୟ ଦାୟାଦ ବୋଲି ପ୍ରମାଣ କରିଛନ୍ତି । ୨୦୧୭ ମସିହାରେ ସେବାନିବୃତ୍ତ ହୋଇ ସେ ସାମୟିକ ଭାବରେ ସାହିତ୍ୟସେବାରେ ନିଜକୁ ନିଯୁକ୍ତ କରିଛନ୍ତି । ପଦାର୍ଥ ବିଜ୍ଞାନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣପଦକ ବିଜେତା ଶ୍ରୀ ମେହେର ସାହିତ୍ୟରେ ମଧ୍ୟ ଉତ୍କୃଷ୍ଟତା ପ୍ରତିପାଦନ କରିଛନ୍ତି । ଆହ୍ୱାନ ଇ-ପତ୍ରିକା ଏବଂ ଓଡ଼ିଆ ପରିବାର ତରଫରୁ କବିଙ୍କ ଦୀର୍ଘ ଓ ନିରୋଗ ଜୀବନ ତଥା ସାହିତ୍ୟିକ ଜୀବନର ଉତ୍ତରୋତ୍ତର ଉନ୍ନତିର କାମନା କରୁଛି ।



 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଡିସେମ୍ବର ୨୦୧୮

ଲେଖା ପଠାଇବାର ଶେଷ ତାରିଖ : ୩ ଡିସେମ୍ବର ୨୦୧୮

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : December 2018

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

 Magazine Downloaded from www.aahwaan.com

# ବିଶେଷ ଅନୁରୋଧ

ଆହ୍ୱାନ ଇ-ପତ୍ରିକା ଏକ ବ୍ୟବସାୟିକ ବା ଅର୍ଥ ଲାଭକାରୀ ପତ୍ରିକା ନୁହେଁ । ତେଣୁ ଏହାର ପ୍ରକାଶନ ହେତୁ ହେଉଥିବା ସମସ୍ତ ଖର୍ଚ୍ଚ ବ୍ୟକ୍ତିଗତ ଭାବରେ କରାଯାଏ । ଯେହେତୁ ଏକ ପତ୍ରିକା ପ୍ରକାଶନରେ ଅନେକ ସମୟ ଏବଂ ଖର୍ଚ୍ଚ ସାମିଲ ହୋଇଥାଏ, ତେଣୁ ଏହି ପତ୍ରିକା ପ୍ରକାଶନରେ ଅନେକ ସମୟରେ ଅହେତୁକ ବିଳମ୍ବ ହୁଏ ।

ତେଣୁ ପାଠକ ଏବଂ ଲେଖକ ମାନଙ୍କୁ ଅନୁରୋଧ ସେମାନେ ଲେଖା ଦେବାପରେ ଦୟାକରି ପତ୍ରିକାର ପ୍ରକାଶନ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଆପଣ ଲେଖା ପଠାଇଥିବା ଇମେଲ୍ ଦ୍ୱାରା ମୁଁ ବ୍ୟକ୍ତିଗତ ଭାବରେ ଆପଣଙ୍କୁ ଜଣାଇବି ।

ଦୟାକରି ଲେଖା କେବଳ ଇମେଲ୍ ଦ୍ୱାରା ହିଁ ପ୍ରେରଣ କରନ୍ତୁ । ହ୍ୱାଟ୍‌ସଆପ୍ ଯଦିଓ ଏକ ସରଳ ବ୍ୟବସ୍ଥା କିନ୍ତୁ ପ୍ରତ୍ୟହ ମୋତେ ଅନ୍ୟୁନ ପାଞ୍ଚଶହ ମେସେଜ୍ ମିଳୁଥିବା ହେତୁ ଆପଣଙ୍କ ଲେଖାକୁ ସମ୍ଭାଳିକରି ରଖିବା କିମ୍ବା ସେହି ଲେଖାକୁ ପୁଣିଥରେ ଇମେଲ୍ ଦ୍ୱାରା ପଠାଇବା କିମ୍ବା କମ୍ପ୍ୟୁଟରକୁ ବାହାର କରିବା ସମ୍ଭବ ହେଉନାହିଁ ।

ଯଦି ସମ୍ଭବ ହେଉଛି ଦୟାକରି ନିଜସ୍ୱ ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାଇଲେ ଆମେ ଆପଣଙ୍କ ଲେଖାକୁ ପତ୍ରିକାରେ ସ୍ଥାନ ଦେବାକୁ କୁଣ୍ଠାବୋଧ କରିବୁ ନାହିଁ । ଅଧିକାଂଶ ବନ୍ଧୁ ହାତ ଲେଖା କିମ୍ବା ଟାଇପ୍ ହୋଇଥିବା ଲେଖାକୁ ପିଡ଼ିଏଫ୍ ଦ୍ୱାରା ପଠାଉଛନ୍ତି ଯାହା ଫଳରେ ଆମକୁ ପୁଣିଥରେ ସେହି ସବୁ ଲେଖାକୁ ଟାଇପ୍ କରିବାକୁ ପଡୁଛି, ଯାହା ସମୟସାପେକ୍ଷ ଏବଂ ସେଇଥିପାଇଁ ପ୍ରକାଶନରେ ବିଳମ୍ବ ମଧ୍ୟ ହେଉଛି ।